ରାଜୀବ ସଗରିଆ

# ମୁଖାପିନ୍ଧା ମଣିଷ

Digitized by srujanika@gmail.com

# ମୁଖାପିନ୍ଧା ମଣିଷ

ରାଜୀବ ସଗରିଆ

Digitized by srujanika@gmail.com

# ମୁଖା ପିନ୍ଧା ମଣିଷ

ରାଜୀବ ସଗରିଆ

ପ୍ରକାଶକ : ଜାଗୃତି ପ୍ରକାଶନ, ଭୁବନେଶ୍ୱର

ପ୍ରଥମ ପ୍ରକାଶନ : ୨୦୦୯

ଅକ୍ଷରସଜ୍ଜା : ଜୟଦେବ, ଆର୍ଯ୍ୟ ସ୍କ୍ରିନ୍, ପ୍ରମୋଦ ସାହୁ

ପ୍ରଚ୍ଛଦ : ଡଃ ରମାକାନ୍ତ ସାମନ୍ତରାୟ

ମୁଦ୍ରଣ : ଶିକ୍ଷାପ୍ରକାଶନୀ, ଭୁବନେଶ୍ୱର

ମୂଲ୍ୟ ୧୦୦/- (ଏକଶତ ଟଙ୍କା ମାତ୍ର)

---

**MUKHA PINDHA MANISHA**

**RAJIB SAGARIA**

Publisher: Jagruti Prakashan,BBSR

1st published : 2009

Type Setting : Jaydev, Arya Screen,Pramod Sahoo

COVER : Dr. Ramakant Samantray

Printed At: Sikshaprakashani, BBSR

Rs. 100/-

*Digitized by srujanika@gmail.com*

# କାହିଁକି ଏ ଲେଖା ?

ବିଶ୍ୱ ଦରବାରରେ ଅଧିକାଂଶ ସମୟ ଏହି ଗୋଟିଏ ଭୂଖଣ୍ଡ ଯେତେବେଳେ ଚହଳ ପକାଏ, କେବଳ ଦାରିଦ୍ର୍ୟର ଉଦାହରଣ ଯୋଗୁଁ । ଏହାକୁ ନେଇ ଅନେକ ଆଲୋଚନା, କଥା, ଉପକଥା । ହଜାର ହଜାର କୋଟି ଟଙ୍କା ଏଇ ଲୋକମାନଙ୍କ ପାଇଁ ଆସେ । ସବୁତକ ବହିଯାଏ ଅଙ୍କ କେଇଟି ବର୍ଷରେ, କିନ୍ତୁ ଏମାନେ ଛୁଇଁପାରନ୍ତି ନାହିଁ । ସେହି ଅଭାବ, ସେହି ଦାରିଦ୍ର୍ୟ ରହିଯାଏ ପୂର୍ବବତ୍ ।

କିନ୍ତୁ ଆଶ୍ଚର୍ଯ୍ୟ, ଦ୍ୱିଧା ସାମ୍ନାକୁ ଆସେ । ସହର ବଢ଼େ, ତା'ର ସୁନ୍ଦରତା ବି ବଢ଼େ । ଏହି ଅନୁପାତରୁ କ୍ଷୀପ୍ରଗତିରେ ଶ୍ରୀହୀନ ହୁଏ । ମଣିଷର ଶ୍ରମ, ପ୍ରାକୃତିକ ସମ୍ପଦ, ଜମି ସମେତ ଉନ୍ନୟନମୂଳକ କାମ ପାଇଁ ଆସୁଥିବା ଟଙ୍କାର ଗୋଟିଏ ବ୍ୟବସ୍ଥିତ ବଜାର ଚାଲେ । ଚାଲାକ ଲୋକମାନେ ଏଠାକାର ଲୋକଙ୍କ ସରଳତା, ଶ୍ରମ ଓ ସମ୍ପତ୍ତିକୁ ନିଜ ଇଚ୍ଛାରେ ରଖି ଉନ୍ନତି କରନ୍ତି । ଖାସ୍,ଏଇଥିପାଇଁ ରାଜନୀତି ବି କରନ୍ତି । ମାନବତାର ମୂଲ୍ୟାଙ୍କନ ସହ ତା'ର ସମ୍ପନ୍ନତାବି କ୍ଷୀପ୍ରପତିତ (streaming down)ହୁଏ । ଏହାକୁ ଏ ଅଞ୍ଚଳର ପ୍ରତିବାଦହୀନ ମଣିଷମାନଙ୍କର ନିୟତି କରିସାରିଛନ୍ତି ସେହି ଚାଲାକ୍ ଲୋକମାନେ । କଳାହାଣ୍ଡିର ଗୁଡ଼ହାଣ୍ଡି, ନୂଆପଡ଼ାର ଯୋଗୀମଠ, ସୁବର୍ଣ୍ଣପୁରର ପୂଜାଡୁଙ୍ଗରୀରେ ପ୍ରସ୍ତରଯୁଗର ଚିତ୍ର ଖ୍ରୀ.ପୂ ଦଶହଜାର ବର୍ଷର ବୋଲି କୁହାଯାଏ । ଏହି ସମୟଠାରୁ ସଭ୍ୟତାର ଧାରା ବୌଦ୍ଧଯୁଗ, ତନ୍ତ୍ରଯୁଗକୁ ଅତିକ୍ରମ କରି ପ୍ରବହମାନ । ଛତିଶଗଡ଼ର ଶ୍ରୀପୁର, ରାଣୀପୁର ଝରିଆଲ, ମାରାଗୁଡ଼ା, ସୁବର୍ଣ୍ଣପୁର ଓ ବୌଦ୍ଧର ପ୍ରାଚୀନ ମନ୍ଦିର ଓ ଧର୍ମମତର ଚିହ୍ନ ଆଜିବି ଅଛି । ମଣିଷ ସଭ୍ୟତା ଆରମ୍ଭରୁ ଆଜିପର୍ଯ୍ୟନ୍ତ ମାନବସମାଜର ଧାରାକୁ ଉପଯୁକ୍ତ ଗବେଷଣା କରାଯାଇ ପାରିନାହିଁ ବରଂ ବିଗତ କିଛି ଦଶନ୍ଧି ହେଲା କ୍ରମାଗତ ଏ ପୃଥିବୀର ପ୍ରାଚୀନ ଜନବସତି ଥିବା ଭୂଖଣ୍ଡକୁ ଶୋଷଣ କରାଯାଇ ଆସୁଅଛି । ଏଠାକାର ଆଦିମ ଜନଜାତି ସର୍ବହରା ହୋଇ ପଳାୟନ କରୁଛି,ଭୋକରେ ମରୁଛି ଅବା ନିଜର ଜନ୍ମିତ ସନ୍ତାନର ମୂଲ୍ୟାଙ୍କନ କରିବାରେ ବି ଦ୍ୱିଧା କରୁନାହିଁ । ଏହିପରି ଏକ ଉଦାହରଣ ଖବରକାଗଜକୁ ଆସିଲେ ତଳୁ ଉପର ପର୍ଯ୍ୟନ୍ତ ଶାସନକଳ ଚଳଚଞ୍ଚଳ ହୋଇଯାଉଛି । ସ୍ୱୟଂ ପ୍ରଧାନମନ୍ତ୍ରୀ ନିଜେ ଆସୁଛନ୍ତି ଅଥବା ନିଜେ ଏ ଅଞ୍ଚଳର କୌଣସି ଘଟଣା ଉପରେ ମନ୍ତବ୍ୟ ଦେଉଛନ୍ତି । ଲୋକଙ୍କ ଜୀବନମାନର ଉନ୍ନତି ଲାଗି କୋଟି କୋଟି ଟଙ୍କାର ଅନୁଦାନ ଆସୁଛି, କିନ୍ତୁ ଦାରିଦ୍ର୍ୟର ଭାଷା କି ଚିତ୍ର ବଦଳୁନାହିଁ ।

Digitized by srujanika@gmail.com

ବାରହଜାର ବର୍ଷ ପୁରୁଣା ଗୋଟିଏ ସଭ୍ୟଜାତି କାହିଁକି ପତନର ଚରମତାକୁ ଛୁଇଁଛି, ଏ ଉତ୍ତର କାହା ନିକଟରେ ନାହିଁ । ଏ ବିଷୟରେ ଅନେକ କଥା ଲେଖାଯାଇଛି । ଅନେକ ହିସାବ କିତାବ କରାଯାଇଛି । ଅନେକ ସାହାଯ୍ୟ ସହଯୋଗ ବି ଆସିଛି ତଥାପି ସବୁ ମୂଲ୍ୟହୀନ ହୋଇଛି ପରିବାର ଧରି ଦାଦନ ଖଟି ଯାଉଥିବା ମଣିଷ ନିକଟରେ ।

ଏ ଭୂଖଣ୍ଡର ମାଟିତଳେ ୮୨ପ୍ରକାରର ରତ୍ନ ଅଛି, ବକ୍ସାଇଟ ଅଛି, ଗ୍ରାଫାଇଟ ଅଛି, ଜଙ୍ଗଲରେ ଦୁର୍ଲଭ ଦ୍ରୁମଲତା ଅଛି, ଜନ୍ତୁ ଅଛନ୍ତି । ନଦୀରେ ପାଣି ବି ଅଛି । ଅଜବ ବିରୋଧାଭାଷ ବି ଅଛି । ମାଟିତଳେ ରତ୍ନପଥର, ତା'ଉପରେ ମାଟି କୁଡ଼ିଆରେ ଭୋକରେ ଶୋଇଥିବାର ମଣିଷ । ନିଜର କୈଶୋରରେ ଜମିରୁ ହରିଣ କି କୁଟ୍ରା ପଲଙ୍କୁ ଘଉଡ଼ାଉଥିବା ବୁଢ଼ାଟିର ଆଖିର ପରିସୀମାରୁ ଜଙ୍ଗଲ ହଜିଯାଇଥିବା ଦେଖେ । ଜ୍ୟେଷ୍ଠ ଖରାରେ, ଚଳନ୍ତା ନଦୀରେ ଗାଧୋଉଥିବା ବେଳେ ଆଜି ଶୀତଆସିବା ପୂର୍ବରୁ ନଦୀ ଶୁଖିଯିବାର ଦେଖେ । 'ପୁଷ୍ପୁନୀ' ଦିନ ଗାଁ ପିଲାଙ୍କୁ ଚୂଡ଼ାଗୁଡ଼ ବାଣ୍ଟୁଥିବା ଲୋକର ପୁଅ ଆଜି ଆନ୍ଧ୍ରପ୍ରଦେଶକୁ ଇଟା ଗଢ଼ିଯାଏ କି ରାୟପୁରକୁ ରିକ୍ସା ଚଳେଇଯାଏ । କିନ୍ତୁ କାହିଁକି ଏହାର ଉତ୍ତର କେହି ଦିଅନ୍ତି ନାହିଁ ।

ନା ତ' ଏଠାକାର ମାଟିକୁ ପଢ଼ାଯାଏ, ନା ମଣିଷକୁ, ନା ଇତିହାସକୁ; କେବଳ ସ୍ୱପ୍ନଟିଏ ହାତରେ ଧରେଇ ଭୋଟ କିଣାଯାଏ । କେତୋଟି ଦଶନ୍ଧିର ତାଡ଼ନାରେ ହଜାର ହଜାର ବର୍ଷର ଗୌରବ ଲୁଣ୍ଠିତ ହୁଏ । ମଣିଷ ବଜାରରେ ପଣ୍ୟ ହୋଇଯାଏ ବିନା ପ୍ରତିବାଦରେ । ଏହି କାରଣରୁ ନିଜର ଭୋଟକୁ ବିକିଦିଏ ସାମାନ୍ୟ କେଇଟା ଟଙ୍କା ବଦଳରେ । କାରଣ ସେ ଜାଣେ ବାରହଜାର ବର୍ଷର କ୍ରମାଗତ ଉନ୍ନତି ପରେ ଆଜି ସେ ଗଣତନ୍ତ୍ରରେ ନିଜର ମତଦେଇ ଏହାଠୁ ଅଧିକ କିଛି ପାଇବ ନାହିଁ ଆଗାମୀ ପାଞ୍ଚବର୍ଷ । ସେ ମତଦାତା ନୁହେଁ, ମତବିକ୍ରେତା ହୁଏ । ସବୁଠୁ ଦୁଃଖର କଥା ମତକ୍ରେତାକୁ ବାରହଜାର ବର୍ଷ ବୟସର ଅଭିଜ୍ଞ ଲୋକଟି ନିଜର ଅନିଚ୍ଛା ସତ୍ତ୍ୱେ ନେତା ମାନିବାକୁ ବାଧହୁଏ । ସେ ସରପଞ୍ଚ ହେଉ ଅବା ବିଧାୟକ ।

ଏ ଭୂଖଣ୍ଡର ସାମାନ୍ୟ କେତେଜଣ ଚରିତ୍ରକୁ ନେଇ ମୁଁ ଏହାର ସତ୍ୟତା ଛୁଇଁବାର ପ୍ରୟାସ କରିଛି । ଏ ମାଟିର ସ୍ପନ୍ଦନକୁ ଛୁଇଁବାର ଧୃଷ୍ଟତା କରିଛି । ମୋ ପୂର୍ବରୁ ଅନେକ ଲୋକ ଅନେକ କଥା ଲେଖିଛନ୍ତି । ସେମାନଙ୍କ ନିଷ୍ଠାକୁ ଅସ୍ୱୀକାର କରାଯାଇ ନପାରେ । ତଥାପି ବି ମୋର ଲେଖିବାର କାରଣ ଏହା ଯେ ପ୍ରଥମତଃ ମୁଁ ଜଣେ ପତ୍ରକାର ଏବଂ ସବାଶେଷ କଥା ଏହା ଯେ ମୁଁ ଏ ପ୍ରାଚୀନ ସଭ୍ୟତାର ଜଣେ ଅଂଶ । ମୁଁ ଏ ମାଟିର, ଏ ଚରିତ୍ରମାନଙ୍କ ସହ ମୁଁ ବଞ୍ଚେ । ଶାସ୍ତ୍ର କହିବାର ବହୁପୂର୍ବରୁ

Digitized by srujanika@gmail.com

କଳାହାଣ୍ଡିର ପୃଥିବୀର ପ୍ରଥମ ପଶୁପତି ଚିତ୍ରରେ ବସୁଧୈବ କୁଟୁମ୍ବକମ୍‌ର ସନ୍ଦେଶ ପଢ଼ିଛି । ଆଜିର ଗ୍ଲୋବାଲାଇଜେସନରେ ଏ ମଣିଷଙ୍କ ସଙ୍ଗେ ଅଛି । ଏ ପାର୍ଥକ୍ୟ ଭିତରେ ମଣିଷର ସମଗ୍ରତାକୁ ନେଇ ବଜାର ଭିତରେ ଠିଆକରେଇ ତା'ର ମୂଲ୍ୟାଙ୍କନ କରାଯାଉଛି । ଏ ବହିଟି ମାନବିକ ମୂଲ୍ୟବୋଧକୁ ମୁଁ ମୋ ମାଟିର କେତେଜଣ ଚରିତ୍ରଙ୍କୁ ଆଧାର କରି ମୋର ସତ୍ୟପାଠ କରିଛି ମାତ୍ର ।

ଏ ସମୟରେ ପଛରେ ଛାଡ଼ିଆସିଥିବା ଲୋକମାନେ ମନେ ପଡ଼ନ୍ତି । କୋଲକାତାରୁ ପ୍ରକାଶିତ ପ୍ରତିବେଶୀ, ଆକାଶବାଣୀ ତଥା ଅନେକ ଛୋଟବଡ଼ ପତ୍ରିକାରେ ମୁଁ କ୍ଷୁଦ୍ରଗଳ୍ପ ଲେଖୁଥିଲି । ନିଜର ଗୋଟିଏ ମିନି ସାହିତ୍ୟ ପତ୍ରିକା 'ଶିଖା' ଓ ପରେ 'ଶିଖାମୃ' ପ୍ରକାଶିତ କଲି । ପ୍ରଥମେ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ 'ସମ୍ବାଦ'ରେ ସ୍ଥାନୀୟ ପ୍ରତିନିଧି ଭାବରେ ସାମ୍ବାଦିକତା ଆରମ୍ଭ କରିଥିଲି । ଏହାପରେ ରବି ଦାସଙ୍କ ପର୍ଯ୍ୟବେକ୍ଷକରେ ସାମ୍ବାଦିକ ରହିଲି । ଚନ୍ଦ୍ରଭାନୁ ପଟ୍ଟନାୟକଙ୍କ 'ଶତାବ୍ଦୀ' ପତ୍ରିକା ଜଗତରେ ଏକ ବିପ୍ଳବ ଥିଲା ନିଶ୍ଚୟ । ଏହା ଓଡ଼ିଶାର ଏକ ପରିଚୟ ହୋଇ ସାରିଥିଲା । ଏଠାରେ ଚନ୍ଦ୍ରଭାନୁ ପଟ୍ଟନାୟକ ଏବଂ ଅସିତ୍ ମହାନ୍ତିଙ୍କ ସହ କାମ କଲାବେଳେ କୌଣସି ସାମୟିକ ବିଚାର ଅବା ମତବାଦର ଅଙ୍କୁଶ ନଥିଲା । କେବଳ ସାମ୍ବାଦିକତା ହିଁ ଧର୍ମ ଥିଲା, କର୍ତ୍ତବ୍ୟ ଥିଲା । 'ଶତାବ୍ଦୀ' ପାଇଁ କାମ କରିବା ଯେକୌଣସି ସାମ୍ବାଦିକ ପାଇଁ ଗର୍ବର କଥା ନିଶ୍ଚୟ । ଏହାପରେ ମୁଁ ମୋର ଗୋଟିଏ ପାକ୍ଷିକ ଖବରକାଗଜ 'ମୋଭା'ର ସମ୍ପାଦନା କଲି ଲକ୍ଷ୍ମୀଧର ନାୟକଙ୍କ ସହ । ଲକ୍ଷ୍ମୀଧର ନାୟକଙ୍କ ସହ ପରିଚୟ ବହୁ ପୂର୍ବରୁ କିନ୍ତୁ କ୍ରମାଗତ ତାଙ୍କସହ ଓଡ଼ିଶାର ପ୍ରାୟ ସମସ୍ତ ଅଞ୍ଚଳ ବୁଲିଛି । ଲୋକଙ୍କୁ ଭେଟିଛି । ଏ ଅବସରରେ ସମସ୍ତଙ୍କ ନିକଟରେ ମୁଁ କୃତଜ୍ଞ । ଅଗ୍ରଲେଖ ଲେଖିବାକୁ ସମ୍ମତି ପ୍ରଦାନ କରିଥିବା "ସମଦୃଷ୍ଟି"ର ସମ୍ପାଦକ ସୁଧୀର ପଟ୍ଟନାୟକଙ୍କୁ ମୋର ହାର୍ଦ୍ଦିକ କୃତଜ୍ଞତା ।

'ଶତାବ୍ଦୀ'ରେ କାମ କଲାବେଳେ ବିଶ୍ୱେଶ୍ୱର ସାହୁଙ୍କ ସହ ଭେଟ । ମୁଖପୃଷ୍ଠା ମଣିଷର କଳ୍ପନା ଓ ଏହାର ରୂପାୟନର ସମସ୍ତ ଶ୍ରେୟ ତାଙ୍କର ଓ ତାଙ୍କର ପରିଶ୍ରମର ।

ମା' ଓ ବାପାଙ୍କ ନୀରବ ସମର୍ଥନ ମୋ ପାଇଁ ସବୁଠୁ ବଡ଼ ଆଶୀର୍ବାଦ ।

ମୋ ଧର୍ମପତ୍ନୀ ଆଶା, ବିରକ୍ତ ହେବା ବଦଳରେ ବରଂ ମାନସିକ ଭାବେ ସହଯୋଗ କରିଛନ୍ତି, ସାହସ ଦେଇଛନ୍ତି; ଯାହାଲାଗି ମୁଁ ଲେଖାଲେଖିରେ ଲୁଚିବାରୁ ରକ୍ଷାପାଇଛି ।

Digitized by srujanika@gmail.com

Digitized by srujanika@gmail.com

# ଅଗ୍ରଲେଖା

ବହୁଚର୍ଚ୍ଚିତ ଅବିଭକ୍ତ କଳାହାଣ୍ଡି, ବଲାଙ୍ଗିର ଓ କୋରାପୁଟ ଅଞ୍ଚଳ ଓଡ଼ିଶା ତଥା ଦେଶର ରାଜନୀତିକୁ ପ୍ରଭାବିତ କଲାଭଳି କିଛି କଥା ଓ କାହାଣୀ ଯୋଗାଇ ଆସିଛି । ତୁହାକୁତୁହା ମରୁଡ଼ି,ଭୁଖା,ଶ୍ରମିକଚାଲାଣ, ପିଲାବିକ୍ରି ଇତ୍ୟାଦି ଘଟଣା ଓ ସେସବୁର ଗଣମାଧ୍ୟମରେ ବହୁଳ ପ୍ରଚାର ପ୍ରଧାନମନ୍ତ୍ରୀମାନଙ୍କୁ ବି ଟାଣିଆଣିଛି ଏହି ଅଞ୍ଚଳକୁ । ଆଶ୍ୱାସନା ଓ ପ୍ରତିଶ୍ରୁତିର ସୂଅ ଭିତରେ ଆସିଛି ଅନେକ ଯୋଜନା କେବିକେ ନାଁରେ, ଅର୍ଥବି ଆସିଛି । ସମଗ୍ର ଅଞ୍ଚଳକୁ ଦାରିଦ୍ର୍ୟ ସୀମାରେଖା ତଳେ ରଖିଦିଆ ଯାଇଛି । ତଥାପି ଆଜି ଅନାହାର କାହାଣୀ ସରୁନାହିଁ । ତଥାପି ପିଲାବିକ୍ରି ବନ୍ଦ ହେଉନାହିଁ, ତଥାପି କାମଟିଏ ପାଇବା ଆଶାରେ ହଜାର ହଜାର ପରିବାର ଗାଁମାଟି ଛାଡ଼ି ଦୂରଦୂରାନ୍ତକୁ ଯିବାରେ ପଛାଇ ନାହାନ୍ତି । ସେମାନଙ୍କର ନିର୍ଯାତନା କାହାଣୀର ବି ଅନ୍ତ ନାହିଁ । ତଥାପି କେବିକେକୁ ନେଇ ରାଜନୀତି କମ୍ ହେଉନାହିଁ । ବୋଝ ଉପରେ ନଳିତା ବିଡ଼ା ଭଳି ଏତେ ସମସ୍ୟା ଥାଉ ଥାଉ ସମସ୍ୟାର ଆଉ ଏକ ବଡ଼ ପାହାଡ଼ ତିଆରିକରିବା କଥା ସରକାର ନିଜେ କରିଚାଲିଛନ୍ତି । ଯେତେବେଳେ ଆବଶ୍ୟକ ହେଉଛି କ୍ଷେତକୁ ପାଣି, ଅମଳ ହେଉଥିବା ଫସଲର ଉଚିତ ମୂଲ୍ୟରେ ବିକ୍ରି, ଶିକ୍ଷା, ସ୍ୱାସ୍ଥ୍ୟ ଓ ହାତକୁ କାମ ସରକାର ଦ୍ରୁତ ଶିଳ୍ପାୟନ ନାଁରେ ଲୋକଙ୍କଠୁ ଥିବା ସମ୍ପଦଗୁଡ଼ିକ ଛଡ଼ାଇ ନେଉଛନ୍ତି । ଏକ ଜଟିଳ ପରିସ୍ଥିତିରେ ପହଞ୍ଚିଛନ୍ତି କେବିକେବାସୀ । ଠିକ୍ ଏତିକିବେଳେ ଚରମ ବାସ୍ତବତା ଉପରେ ଆଧାରିତ ରାଜୀବ ସଗରିଆଙ୍କ ଏହି ପୁସ୍ତକ ଏକ ସ୍ୱାଗତଯୋଗ୍ୟ ଓ ଅଭିନନ୍ଦନୀୟ ପଦକ୍ଷେପ । କେବିକେର ଦୁଃଖଗୁଡ଼ିକ ସେ ଅଞ୍ଚଳର ଗାଁମାନଙ୍କରେ ରହୁଥିବା କିଛି ଚର୍ଚ୍ଚିତ ଓ ଆଉକିଛି ଅଣଆଲୋଚିତ ଚରିତ୍ରମାନଙ୍କର ଜୀବନକାହାଣୀ ମାଧ୍ୟମରେ ଉପସ୍ଥାପନ କରିଛନ୍ତି ଶ୍ରୀ ସଗରିଆ । ଗୋଟିଏ ପଢ଼ିଲେ ଅନ୍ୟଟି ପଢ଼ିବାପାଇଁ ଇଛାହେବ ଏବଂ ଏମିତିରେ କେତେବେଳେ ବହିଟି ସରିଯିବ, ଜଣାପଡ଼ିବ ନାହିଁ ।

ସାମ୍ବାଦିକ, ଗବେଷକ ଓ କଥାକାରର ସମନ୍ୱୟ ନିଜ ଭିତରେ ଆଣିବାପାଇଁ ଚେଷ୍ଟା କରିଛନ୍ତି ରାଜୀବ । ସମ୍ବାଦପତ୍ରରେ ଚର୍ଚ୍ଚାପାଇଁ ମସଲା ଯୋଗାଇ ଆସିଥିବା ବହୁ ଆଲୋଚିତ ଓ ଚର୍ଚ୍ଚିତ ଚରିତ୍ରଗୁଡ଼ିକ କେମିତି ଜୀବନ ସହ ସଂଗ୍ରାମ ଏବେବି ଜାରିରଖିଛନ୍ତି ଏବଂ କେତେ ବି ଅବେଳରେ ଟଳିପଡ଼ିଛନ୍ତି, ରାଜୀବଙ୍କ ଲେଖାରୁ ସେସବୁର ଝଲକ ମିଳିବ । ଯାହାପାଇଁ କେବିକେ ଯୋଜନା ତିଆରି ଚାଲିଛି ତାହାର ଅସ୍ତିତ୍ୱ ଓ ଅସ୍ମିତା ଆଜି ସଙ୍କଟଭିତରେ । ଯୋଜନାଟିଏ କରିବା, ନକରିବା, ଅଧାରୁ ବନ୍ଦକରିବା ବା କାହା ନାଁରେ ନାମିତ କରିବା ଇତ୍ୟାଦିର ରାଜନୀତି କେବିକେବାସୀଙ୍କ ଦୁଃଖଦୁର୍ଦ୍ଦଶାକୁ ବଢ଼ାଇଚାଲିଛି । ତାହାର କିଛି ପ୍ରଭାବ ପଡୁନାହିଁ ଜୀବନ ସଂଗ୍ରାମରେ କ୍ଳାନ୍ତ ହୋଇଯାଇଥିବା ଲୋକମାନଙ୍କ ଉପରେ । ରାଜୀବଙ୍କ ନିଜ ଭାଷାରେ 'କୁମାରୀ ଆଜି ବି ବୁଲୁଛି ସହଯୋଗ ପାଇବା ଆଶାରେ । ଅତୀତରେ ଝିଅବିକ୍ରି ପରି ଏକ ଅଭାବନୀୟ କାମ କରିଥିବା

Digitized by srujanika@gmail.com

ପୁଞ୍ଜିକୁ ପାଥେୟ କରି... ତା' ପଇସା ତାକୁ ନଦେଇ ସରକାରୀ ଲୋକେ ଓ ନେତାମାନେ ଖାଇ ଯାଉଛନ୍ତି । ଏବେ ସରକାର କେବିକେ ଜିଲ୍ଲାରେ ଆହୁରି ଆଠବର୍ଷ ପାଇଁ ଦୀର୍ଘମିଆଦି ଯୋଜନାର କଥା ଚିନ୍ତା କରୁଛନ୍ତି ।' ସେହିଭଳି ଅନ୍ୟ ଏକ ଜୀବନସ୍ପର୍ଶୀ ଚରିତ୍ର ନୂରା । ଯେ କହେ 'ପୁଅଝିଅ ଭୋକରେ ମରିବେ, ସତୀ ଥାଇ ଲାଭ କ'ଣ ?' ରାଜୀବଙ୍କ ଭାଷାରେ ଦୀର୍ଘ ଉତ୍ପୀଡ଼ନ ଫଳରେ ଚର୍ଚ୍ଚିତ ହୋଇ ସାମ୍ନାକୁ ଆସିଥିବା ଗୋଟିଏ ନାଆଁ ନୂରା । କେବଳ କୁମାରୀ ବା ନୂରା ନୁହେଁ; ଆହୁରି ଅନେକ ସଂଘର୍ଷରତ, ନିର୍ଯାତିତ ଏବଂ ଉତ୍ପୀଡ଼ନର ଶିକାର ଅନେକ ଚରିତ୍ର ରାଜୀବଙ୍କ ଲେଖାରେ ଯେ କେହି ଆବିଷ୍କାର କରିବ । ଯେମିତିକି ଊର୍ମିଳା, ସୁନୀତା, ବନୀତା,ହେମା, ପ୍ରେମଶୀଳା ଇତ୍ୟାଦି ଇତ୍ୟାଦି । ସେ କୁହନ୍ତି ଦାରିଦ୍ର୍ୟ ଅନେକଙ୍କୁ ଅସହାୟ କରେ । ଏହି ଅସହାୟତାର ସୁଯୋଗ ନେଇ ଅନେକ ଝିଅଙ୍କୁ ଦେହ ବ୍ୟବସାୟରେ ଲଗାଯାଏ । ଏଥିପାଇଁ କୌଣସି ବାଧବାଧକତା କିମ୍ବା ଭୟ ଦେଖାଯାଇ ନଥାଏ । ମନସ୍ତାତ୍ତ୍ୱିକ ସ୍ତରରେ ଗୋଟିଏ ଚାପ ସୃଷ୍ଟି କରାଯାଇଥାଏ । ଶ୍ୟାମଲାଲ୍ ଓ ତା' ଝିଅଟିକୁ କିଣିଥିବା ରାମପ୍ରସାଦ ଏବଂ ସେମାନଙ୍କୁ ନେଇ ଘଟିଥିବା ଚର୍ଚ୍ଚା ଓ ସେଥିରେ ପ୍ରଶାସନର ହସ୍ତକ୍ଷେପ ଏବଂ ଏହିସବୁ ସତ୍ତ୍ୱେ ପିଲାଟିର ଅନାହାରଜନିତ ମୃତ୍ୟୁ ଅନେକଙ୍କୁ ସ୍ତବ୍ଧ କରିବ । ରାଜୀବ ଏଠି ପ୍ରଶ୍ନ କରନ୍ତି 'ବନୀତା ବିକ୍ରି ଘଟଣାର ୧୫ବର୍ଷ ପରେ ପୁଣି ପିଲାବିକ୍ରି : ଏତେ ଯୋଜନା, ଅନୁଦାନସତ୍ତ୍ୱେ ଏଭଳି ଘଟଣାର ପୁନରାବୃତ୍ତି ଘଟୁଛି କାହିଁକି ?' ସେହିଭଳି ପ୍ରେମଶୀଳାର କାହାଣୀ ଭିତରେ ଅନେକ ଜଟିଳ କଥା ସରଳଭାବେ ସାମ୍ନାକୁ ଆଣିଛନ୍ତି ରାଜୀବ । ଅନାହାରରେ ମରିଥିବା ନିଜ ସ୍ୱାମୀର ମୃତ୍ୟୁଜନିତ ପ୍ରମାଣପତ୍ର ପାଇଁ ଦୌଡ଼ି ଦୌଡ଼ି ଶେଷରେ ନିଜେ ମରିଯାଇଛି ପ୍ରେମଶୀଳା । ଶେଷରେ ତା'ସ୍ୱାମୀର ମୃତ୍ୟୁଜନିତ ପ୍ରମାଣପତ୍ର ଏବଂ ତା'ମୃତ୍ୟୁର ଅନୁକମ୍ପାମୂଳକ ସାହାଯ୍ୟ ୧୦,୦୦୦ଟଙ୍କା ଧରି ପ୍ରଶାସନ ପହଞ୍ଚିଛି ସେମାନଙ୍କ ଜୀବିତପୁତ୍ର ହୃଦାନନ୍ଦଙ୍କ ପାଖରେ । ଏପଟେ ପ୍ରେମଶୀଳାର ମୃତ୍ୟୁକୁ ନେଇ ଅନୁସନ୍ଧାନ କରୁଥିବା ପ୍ରଶାସକ ଯେତେବେଳେ ପ୍ରେମଶୀଳାର ଜମିକୁ ବନ୍ଧକ ରଖିଥିବା ଶ୍ରୀକର ଭୋଇଙ୍କ ନିକଟରେ ପହଞ୍ଚିଛନ୍ତି, ସେ ବି ଅନାହାରଜନିତ ଅବସ୍ଥାରୁ ଶଯ୍ୟାଶାୟୀ । ପ୍ରଶାସକ ଅନୁସନ୍ଧାନ ସାରି ବ୍ଲକ୍ ମୁଖ୍ୟାଳୟକୁ ଫେରିବା ପରେ ପରେ ଖବର ପହଞ୍ଚେ ଶ୍ରୀକର ଭୋଇଙ୍କର ବି ମୃତ୍ୟୁ ହୋଇଗଲା ।

ପ୍ରଶାସକ ଜଣକ କାହାଣୀ ଲେଖନ୍ତି । ଅଧିକାଂଶରେ ମନଗଢ଼ା । ପ୍ରଶଂସା ପାଆନ୍ତି । କେବିକେରେ ନିଷ୍ପେସିତ ମାନଙ୍କର କରୁଣକାହାଣୀ ବଢ଼ିଚାଲେ । ସ୍ୱେଚ୍ଛାସେବୀ ସଙ୍ଗଠନମାନେ ସେହି କାହାଣୀରୁ ନିଜର ସୁନ୍ଦର ଭବିଷ୍ୟତଟିଏ ନିର୍ମାଣକରନ୍ତି । ପରିସ୍ଥିତି ଯାହା ଥିଲା ସେମିତି ରହେ ବା ଆହୁରି ଖରାପ ହୋଇଚାଲେ । ରାଜନୀତିଆ ମାନଙ୍କର ନାଟକରପର୍ବ ଗୋଟିଏ ପରେ ଗୋଟିଏ ଅନୁଷ୍ଠିତ ହୁଏ । ଅନେକ ଅବାନ୍ତର ପ୍ରସ୍ତାବ ଆସେ ଯେଉଁଥିରେ କେବିକେବାସୀଙ୍କର ଭାଗ୍ୟ ପରିବର୍ତ୍ତନର କୌଣସି ସମ୍ଭାବନା ନଥାଏ । ଯେମିତିକି ଧାନଚାଷ ବଦଳରେ ଅର୍ଥକାରୀ ଫସଲ ପିଆଜ ବା କପାଚାଷର ପ୍ରବର୍ତ୍ତନ । ଏଭଳି ଏକ ଛଳନାମୟ ଚାଷନୀତି ବାବୁରାଓଙ୍କ

Digitized by srujanika@gmail.com

ଭଳି ଚାଷୀଙ୍କ ମନରେ ମିଛ ଆଶା ସୃଷ୍ଟିକରେ ଏବଂ ଶେଷରେ ସେମାନେ ଆତ୍ମହତ୍ୟାର ରାସ୍ତା ହିଁ ବାଛିନିଅନ୍ତି । ରାଜନେତା, ମିଲ୍‌ମାଲିକ, ବ୍ୟବସାୟୀ ଏବଂ କମ୍ପାନୀମାନଙ୍କ କବଳରୁ ଚାଷୀ ନିଜକୁ ମୁକ୍ତ କରିପାରେନି । ସେ ଭିତରେ ପ୍ରସ୍ତାବ ଆସେ ନିୟମଗିରି ପାହାଡ଼ ଖୋଳି ବକ୍ସାଇଟ୍ ତାଡ଼ି ଆଲୁମିନା କାରଖାନା କରି କେବିକେର ଦୁଃଖ ଦୂର କରିବାକୁ । ପୁଣି କେବେ ପ୍ରସ୍ତାବଆସେ ଲୋୟର ସୁକତେଲ ନଦୀବନ୍ଧ ଯୋଜନା ପାଇଁ । ସବୁଥିରେ ଲୋକଙ୍କ ପ୍ରତିବାଦର ସ୍ୱର ବିରୁଦ୍ଧରେ ସରକାର ନିର୍ଦ୍ଦୟ ହୁଅନ୍ତି । ଗୋଟିଏ ପରେ ଗୋଟିଏ ଜମି,ଜଳର ଆଧାର,ଜଙ୍ଗଲ ଓ ଡଙ୍ଗର କେବିକେବାସୀଙ୍କର ହାତରୁ ଚାଲିଯାଏ । କେବିକେରେ କିନ୍ତୁ ଅଧିକ ହାତକୁ କାମ ମିଳେନି । ସେହିଭଳି ଶ୍ରମିକଚାଲାଣ ରୀତିମତ ଜାରି ରହେ । ରାୟପୁରରେ ରିକ୍ସାଟାଣିବା ବା ହାଇଦ୍ରାବାଦର ଇଟା କାରଖାନାରେ କାମକରି ନିର୍ଯାତିତ ହେବା ଏବେ କେବିକେବାସୀଙ୍କର ଏକମାତ୍ର ବିକଳ୍ପ । ନା ସରକାର, ନା ରାଜନେତା(ଶାସକ ବା ବିରୋଧୀଦଳ), ନା ପ୍ରଶାସକ, ନା ସ୍ୱେଚ୍ଛାସେବୀ ସଙ୍ଗଠନ, ନା ଗଣମାଧମ ; କେହି ବି କେବିକେବାସୀଙ୍କର ଆଗରେ ପଛରେ ନାହାନ୍ତି ।

ରାଜୀବଙ୍କ ଭାଷାରେ 'ଗଣା ଓ ନାରାୟଣ କହିବି ପାରନ୍ତି ନାହିଁ ଯେ ସରକାରଟି ଆମର । କିନ୍ତୁ ସରକାର ଗଣା ଓ ନାରାୟଣଙ୍କୁ କହେ ତୁମର ଅଭାବ, ସୁଖଦୁଃଖ ମୋର ।' ଏଭଳି ଛଳନା, ପ୍ରତାରଣା ଓ ପ୍ରବଞ୍ଚନା ଭିତରେ କେବିକେବାସୀ ଆଜି ଅଣନିଶ୍ୱାସୀ । ତେବେ ଏମାନଙ୍କୁ ମୁକ୍ତିର ରାସ୍ତା ଦେଖାଇବ କିଏ ଏବଂ ଯଦି କେଉଁଠି କେଉଁଠି ଏମାନଙ୍କର ମୁକ୍ତିର ସଂଗ୍ରାମ ଚାଲିଛି ତାକୁ ସହଯୋଗ କରିବ କିଏ ଓ କେମିତି, ସେଇଟା ସମସ୍ତଙ୍କପାଇଁ ଗୋଟିଏ ବଡ଼ ପ୍ରଶ୍ନ ଏବଂ ଆହ୍ୱାନ ମଧ୍ୟ । ରାଜୀବଙ୍କର ବହିଟି ଆରମ୍ଭରୁ ଶେଷଯାଏଁ ପଢ଼ିଲେ ଅତତଃ ଗୋଟିଏ କଥା ସହରୀ ପାଠକମାନେ ବୁଝିପାରିବେ ଯେ, ସେମାନେ ବାସ୍ତବତାଠାରୁ କେତେ ହଜାର ମାଇଲ ଦୂରରେ ଅଛନ୍ତି । ହୁଏତ ସେଇଥିପାଇଁ ସେମାନେ ଏତେ ଖୁସିରେ ଓ ନିରାପଦରେ ଅଛନ୍ତି । କିନ୍ତୁ ଏହି ଖୁସି ଓ ନିରାପତ୍ତା କେତେ ଦିନ ?

**ସୁଧୀର ପଟ୍ଟନାୟକ**
*ସମ୍ପାଦକ, ସମଦୃଷ୍ଟି,*
*ଭୁବନେଶ୍ୱର*

Digitized by srujanika@gmail.com

Digitized by srujanika@gmail.com

# ସୂଚୀ


| | | |
|---|---|---|
| ୧) | ବହିଯାଇଥିବା ନଈ ଓ ସରିନଥିବା ଶୋଷ | ୧୩ |
| ୨) | ରିସିପିଟିର ସାମ୍ରାଜ୍ୟ ଓ ବଞ୍ଚିପାରିନଥିବା ବାଳମତୀ | ୨୨ |
| ୩) | କେବଳ ବଞ୍ଚିବା ବାହାନାରେ | ୨୮ |
| ୪) | ଇଶ୍ୱରୀ ହେମା ଓ ପାଟିଗଣିତ | ୩୫ |
| ୫) | ଗୋଟିଏ ଶବ ଓ ମୁଖାପିନ୍ଧା ମଣିଷମାନଙ୍କ କଥା | ୪୧ |
| ୬) | ଫିଙ୍ଗା ହୋଇନଥିବା କଣ୍ଢେଇ | ୫୪ |
| ୭) | ସୁଖବାସୀରୁ ପ୍ରଜା : ଏକ ଅପହଞ୍ଚ ଯାତ୍ରା | ୬୩ |
| ୮) | ମୁଁ ବି ବଞ୍ଚିଜାଣେ ତୁମ ପୃଥିବୀରେ | ୭୧ |
| ୯) | ବାଦନ ଶ୍ରମିକଙ୍କୁ ରାଷ୍ଟ୍ରର ମାନ୍ୟତା ମିଳୁ | ୮୨ |
| ୧୦) | ପରାଜିତ ଇଶ୍ୱର | ୯୦ |
| ୧୧) | କାରୁଣ୍ୟର ଫସଲ | ୯୬ |
| ୧୨) | ମୃତ୍ୟୁର ଅଭିସାର | ୧୦୪ |
| ୧୩) | ଚମ୍ପକୁରୁ ଓ ଶୁଆର ଚଉଦ ପୁରୁଷ ଉପାଖ୍ୟାନ | ୧୧୧ |
| ୧୪) | ମୁଁ ଏବେ ବି ହାରି ନାହିଁ | ୧୨୩ |
| ୧୫) | ଛୋଟ ଗାଁର ବଡ଼ ଲୋକ | ୧୩୦ |
| ୧୬) | ଅହଲ୍ୟା ଉପାଖ୍ୟାନ ଓ ମହୁଲ ବଣର ଗୀତ | ୧୩୫ |
| ୧୭) | ବଜାର | ୧୪୩ |
| ୧୮) | ପୃଥିବୀର ଶେଷ ବରତନିଆ | ୧୫୨ |


*Digitized by srujanika@gmail.com*

Digitized by srujanika@gmail.com

# ୧

# ବହିଯାଇଥିବା ନଈ
# ଓ
# ସରିନଥିବା ଶୋଷ

କାଠମିସ୍ତ୍ରୀ ଛୁଟା ଭୋଏ । ନିକଟସ୍ଥ ବିରିପାଲି ଗାଁରୁ ଆସି ଭାଲୁମୁଣ୍ଡାରେ ରହିଲା । ପୋଲିଓ ରୋଗୀ । ଲାଠିଧରି ଚାଲେ । କନ୍ଧଜାତିର ଭୋଏ ବର୍ଗ, ତେଣୁ ଲୋକମୁଖରେ ସେ ଛୁଟା ଭୋଏ । କାଠମିସ୍ତ୍ରୀ ରୋଜଗାର ଆଖିଦୃଶିଆ । ପୁଅଟିଏ ପାଇଁ ଦ୍ୱିତୀୟ ବାହାହେଲା ଜାମଖୁଣ୍ଟା ଗାଁର କୁମାରୀକୁ । ଦୁଇଗୁଣ ବୟସର ସ୍ୱାମୀ । ଛୁଟା ହେଲେବି ରୋଜଗାର ଭଲ । କିଛି ଅନୁଶୋଚନା ନ ଥିଲା । ଏ ବିବାହ ପରମ୍ପରା ସ୍ୱୀକୃତ ବି ।

ଡୋକ୍ରା ଯୋଜନା । ମୁଖ୍ୟତଃ ମହିଳାମାନଙ୍କୁ ରୋଜଗାର ଦେବାପାଇଁ ଧନ୍ଦାମୂଳକ ଶିକ୍ଷା ଦେଇ ଥଇଥାନ କରିବା କାମ । ଛୁଟାର ପ୍ରଥମ ସ୍ତ୍ରୀ ଋଣପାଇ ଚଳଚିଏ କଲା । ସଉତୁଣୀ ସଙ୍ଗେ ରହି ପାରିଲା ନାହିଁ । ନିଜ ମା' ଘର ପଳେଇଲା । ଛୁଟାକୁ ଯକ୍ଷ୍ମା ହୋଇଗଲା । ରୋଜଗାର ଠପ୍ ହୋଇଗଲା । କଷ୍ଟେମଷ୍ଟେ ଚଳିଲା ବର୍ଷଟିଏ । କୁମାରୀ ମୁଣ୍ଡେଇଲା ପରିବାରର ବୋଝ । ଭିକ ମାଗିଲା ଛୁଟା ।

ଅନନ୍ୟୋପାୟ କୁମାରୀ ନିଜ ଗାଁ ଗଲା । ପଡ଼ୋଶୀ ବ୍ରାହ୍ମଣ ଲିଙ୍ଗରାଜ ହୋତାଙ୍କ ହାତରେ ଟେକିଦେଲା ଛଅବର୍ଷର ଝିଅ ଭୂମିସୁତାକୁ । ନିଜର ଟେପ୍‌ରେକର୍ଡ଼କୁ ବନ୍ଧା ପକେଇ ହୋତା ପାଞ୍ଚଶହ ଟଙ୍କା ଦେଲା କୁମାରୀକୁ । କୁମାରୀ ସାକ୍ଷ୍ୟପ୍ରମାଣ ସହ ଲେଖିଦେଲା ଝିଅକୁ ବିକି ଦେଲି ବୋଲି ।

କନ୍ଧଝିଅକୁ ବ୍ରାହ୍ମଣ କିଣିବ କାହିଁକି ?

ମୁଖ୍ୟତଃ ଜଙ୍ଗଲ ଓ କୃଷିଭିତ୍ତିକ ସାମାଜିକ ପରମ୍ପରା, ଧର୍ମ ଓ ସଂସ୍କୃତି ଏ ଅଞ୍ଚଳରେ । ପଶ୍ଚିମ ଓଡ଼ିଶା ସମେତ ଛତିଶଗଡ଼ ଓ କୋରାପୁଟକୁ ଏହି ଆଧାରରେ ନିଆଯିବ । କିଣାବିକାର ପ୍ରାଚୀନ

Digitized by srujanika@gmail.com

ପରମ୍ପରାରେ 'ଡ଼ମଘିନା' ବୋଧହୁଏ ସର୍ବପୁରାତନ । ନୂଆକରି କୌଣସି ଗାଁ ବସେଇଲେ ଗାଁକୁ ଗୋଟିଏ ହରିଜନ ପରିବାରର ଆବଶ୍ୟକତା ପଡୁଥିଲା । ଯିଏ ଜନ୍ମଠାରୁ ମୃତକ କ୍ରିୟା ପର୍ଯ୍ୟନ୍ତ ଦାୟିତ୍ୱ ତୁଲେଇବ । ଖବର ଦିଆନିଆ କିମ୍ୱା ଅନ୍ୟ ଗାଁର ଝିଅକୁ ବୋହୂକରି ଆଣିବା ପୂର୍ବରୁ ହରିଜନ ଲୋକଟି ସେ ଗାଁକୁ ଯିବ । ଗାଧୁଆ ତୁଠରେ ଗନ୍ଧା ବସେଇବ । ଲକ୍ଷ୍ୟ କରିବ ଝିଅଟିର ହାବଭାବ । ନିଜ ଗାଁକୁ ଆସି ଝିଅଟିକୁ ବୋହୂ କରାଯାଇପାରିବ କି ନା, ତାର ନିଜ ମନ୍ତବ୍ୟ ଦେବ ସଂପୃକ୍ତ ପୁଅଘରେ । ତା'ର ନିର୍ଣ୍ଣୟ ହିଁ ସବାଶେଷ ନିର୍ଣ୍ଣୟ । ଏହି ବିଶ୍ୱାସ ଗାଁବାଲାଙ୍କ ତା'ର ଉପରେ । ଏହାର ଆଧାରରେ ତା'ର ସମ୍ମାନ ବି ।

ସମୟ ସହ ସାମନ୍ତୀୟ ପ୍ରଭାବରେ ସବୁଠାରୁ ବେଶି ନିଷ୍ପେଷିତ ହେଲେ ହରିଜନ ଗୋଷ୍ଠୀ । ଏମାନଙ୍କ ଜୌବିକ ବୃତ୍ତି 'ବୟନ' ଅପହୃତ ହେଲା । କେବଳ ରହିଗଲା ବାଦନ । ଏକଦା ଗଣାକପଟା ନାମରେ ଖ୍ୟାତ ଏମାନଙ୍କ ଦ୍ୱାରା ପ୍ରସ୍ତୁତ ଲୁଗା ଆୟର ମୁଖ୍ୟ ସ୍ରୋତ ଥିଲା । ଏହା ଅପହୃତ ହେବା ପରେ ହଠାତ୍ ଗୋଟିଏ ବିରାଟଗୋଷ୍ଠୀ କର୍ମଶୂନ୍ୟ ହୋଇଗଲା । ଗୋଟିଏ ବିରାଟ ଗୋଷ୍ଠୀ କର୍ମଶୂନ୍ୟ ହୋଇଗଲେ ଅପରାଧପ୍ରବଣତା ବଢ଼ିବ, ଏହା ସ୍ୱାଭାବିକ କଥା । ଯଦି ସେହି ଗୋଷ୍ଠୀ ଉପଯୁକ୍ତ କର୍ମସଂସ୍ଥାନ ନ ପାଇଲା । କୋରାପୁଟରେ ଇଂରେଜ ସରକାର ଏହି ଗୋଷ୍ଠୀଙ୍କୁ ଅପରାଧିଗୋଷ୍ଠୀ ଭାବରେ ସରକାରୀ ଘୋଷଣା କରିସାରିଥିଲା । କୌଣସି ଅପରାଧ ପାଇଁ ବିନା ବିଚାରରେ ଏହି ଗୋଷ୍ଠୀ ଦଣ୍ଡିତ ହେଉଥିଲା ।

ଏମାନଙ୍କୁ କିଛି ହୁସିଆର ଜମି ମାଲିକ ଓ ସାମନ୍ତ ସାମାନ୍ୟ ଅର୍ଥଦେଇ 'ବାହାବନ୍ଧା' ରଖୁଥିଲେ । ବାହୁ ବନ୍ଧକ ଅର୍ଥାତ୍ ସମସ୍ତ ଶ୍ରମ ସାହୁକାରର । କ୍ରମାଗତ ମଗୁଡ଼ି ଅନେକ ଗରିବ ସୃଷ୍ଟିକଲା । ଜମି, ଜଙ୍ଗଲ ଆଇନ, ପରମ୍ପରା ପ୍ରତ୍ୟକ୍ଷ ଅବା ପରୋକ୍ଷରେ ସାମନ୍ତମାନଙ୍କ ହାତକୁ ଚାଲିଗଲା । ଅନ୍ୟଜାତିର ଲୋକେ ବି ହଳିଆ ରହିଲେ ।

ଭୂମିସୁତା

Digitized by srujanika@gmail.com

ଏମାନଙ୍କ ପଛକୁ ରହିଲେ ଗଉଡ଼ ସମ୍ପ୍ରଦାୟ, ଯେଉଁମାନଙ୍କୁ ସ୍ଥାନୀୟ ସାମନ୍ତ ଭାଷାରେ ଗଉଡ଼ ନ କହି 'ନରିହା' କୁହାଗଲା । ଏ ସମ୍ବୋଧନ ଆଜିବି ରହିଛି । ଏହାକୁ ଏତେ ପ୍ରଚାରିତ କରାଗଲା ଯେ 'ନୌକରାଣୀ'କୁ ସେ ଯେକୌଣସି ବର୍ଗ କି ଜାତିର ହେଉ ତାକୁ 'ନରିହେନ୍' ବୋଲି କୁହାଯାଏ ।

ଶ୍ରମ ଶୋଷଣର ଏହି ନିକୃଷ୍ଟ ପରମ୍ପରା କାଳକ୍ରମେ ଶିଶୁମାନଙ୍କୁ ବି ଗ୍ରାସ କଲା । ମା' ବାପା ନିଜର ସନ୍ତାନକୁ ନିକଟ ପରିଚିତ ଘରେ ଛାଡ଼ିଦିଅନ୍ତି ସାମାନ୍ୟ ଅର୍ଥ ପ୍ରତିବଦଳରେ । ଏହାର ପଛରେ କେବଳ ଗୋଟିଏ ମାତ୍ର ଉଦ୍ଦେଶ୍ୟ ଥାଏ, ଶିଶୁଟିର ଖାଦ୍ୟ ସୁରକ୍ଷା । ଦେଖାଯାଉଛି ସତୁରୀ ପ୍ରତିଶତ ପର୍ଯ୍ୟନ୍ତ ଶିଶୁ ଶ୍ରମିକ ହୋଟେଲ୍‌ରେ କାମ କରନ୍ତି । ଏହି ଶିଶୁଶ୍ରମିକମାନେ ନିର୍ଦ୍ଦିଷ୍ଟ ସମୟ ପାଇଁ ପ୍ରାୟତଃ ଏକବର୍ଷ ରହନ୍ତି, ଏହାପରେ ଦରଧାର୍ଯ୍ୟ ହେବ ଅଥବା ନୂଆ ମହାଜନ ଖୋଜିବେ ।

କିନ୍ତୁ ଭୂମିସୁତା ନିକଟରେ ଏକଥା ଭିନ୍ନ । ସେ ନିଜ ମା'ବାପାଙ୍କ ନିକଟକୁ ଯା'ଆସ କରିପାରିବ । ଖାଉନ୍ଦ ଘରେ କାମ କରିପାରିବ । ଖାଉନ୍ଦଙ୍କ ପରିବାରକୁ ନିଜର ପରିବାର ବୋଲି ଆଇନତଃ ନ ହେଲେ ବି, ସାମାଜିକ ପରିଚୟ ଦେଇପାରିବ ।

ଏହି ପ୍ରଥାପାଇଁ ପରମ୍ପରା କୌଣସି ଶବ୍ଦ କି ସମ୍ବୋଧନ ବାହାର କରିନାହିଁ । ତେଣୁ ଏହାକୁ ବିକ୍ରି ବୋଲି କୁହାଯାଏ । ଗଣମାଧ୍ୟମ ଏହାର ସରଳ ବ୍ୟାଖ୍ୟା 'ବିକ୍ରି' ବୋଲି ହିଁ ଉଲ୍ଲେଖ କରିଥାଏ । କିନ୍ତୁ ଏହି ଶବ୍ଦ ସମ୍ବିଧାନକୁ ଆକ୍ରମଣ କରିଥାଏ । ତେଣୁ ପ୍ରଶାସନ ଅବାଞ୍ଛିତ ଭାବରେ ସଚେତ ଓ ସତର୍କ ହୋଇଯାଏ ।

ଏହାହିଁ ହୋଇଥିଲା ଭୂମିସୁତା କ୍ଷେତ୍ରରେ । ସର୍ବପ୍ରଥମେ ଓଡ଼ିଆ ଦୈନିକ 'ସମ୍ବାଦ' ଭୂମିସୁତା ବିଷୟରେ ଲେଖିଲା । ଏଥିରେ ଅନ୍ୟଏକ ଘଟଣା ଉଲ୍ଲେଖ ଥିଲା । ଘଟଣାଟି ହେଲା ସିନ୍ଧେକେଲା ଉଦେର ନଦୀ ଆରପଟେ ଭବାନୀପାଟଣା ରାୟପୁର ମୁଖ୍ୟରାସ୍ତା ଡେଇଁଲେ କୁର୍ଲୁଭଟା ଗାଁ । ହରିଜନ ସମ୍ପ୍ରଦାୟର ବିଧବା ନଥିଲା ସୁନା ନିଜର ଦୁଇ ସନ୍ତାନ ମଧ୍ୟରୁ ଆଠ ବର୍ଷର ବଡ଼ପୁଅ ରୋହିତକୁ ଦେଇଦେଲା ଟିଟିଲାଗଡ଼ର ଜଣେ ସମାଜସେବୀ ହେମନ୍ତ ସିପ୍‌କାଙ୍କୁ । ସିପ୍‌କାଙ୍କ ଯୋଜନା ଥିଲା ଗୋଟିଏ ଅନାଥାଶ୍ରମ କରିବା । ଅନ୍ୟ ଚାରି ପାଞ୍ଚଜଣ ଶିଶୁ ବି ତାଙ୍କ ଘରେ ଥିଲେ ।

ଘଟଣା ଦୁଇଟି ବେଶ୍ ଚର୍ଚ୍ଚିତ ଓ ଆଲୋଡ଼କ ଥିଲା । ରାଜ୍ୟର ଜନତା ଦଳ ଓ କେନ୍ଦ୍ରରେ କଂଗ୍ରେସ ସରକାରଙ୍କ ନିକଟରେ ବଲାଙ୍ଗିର ଜିଲ୍ଲା ବିଷୟରେ ତର୍ଜମା ହେଲା ଗଣମାଧ୍ୟମମାନଙ୍କରେ । ବଲାଙ୍ଗିରର ଦାରିଦ୍ର୍ୟ ସାମ୍ନାକୁ ଆସିଲା ।

ଏହି ଘଟଣାକୁ ଆଧାରକରି ପଶ୍ଚିମ ଓଡ଼ିଶାର ମରୁଡ଼ି ପ୍ରତି କେନ୍ଦ୍ରର ବୈମାତୃକ ମନୋଭାବର ଅଭିଯୋଗ କରି ତା' ବିରୁଦ୍ଧରେ ୧୯୯୩ ମାର୍ଚ୍ଚ ମାସରେ ସି.ପି.ଆଇ ସାଂସଦ ଲୋକନାଥ ଚୌଧୁରୀ ସଂସଦ ସମ୍ମୁଖରେ ଆମରଣ ଅନଶନର ଧମକ ଦେଲେ । ପ୍ରଧାନମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଏ ଅଞ୍ଚଳର ଶିଶୁମାନଙ୍କ ବିକାଶ ଲାଗି ଏକକୋଟି ଟଙ୍କାର ସହାୟତା ଦେଇ ଶ୍ରୀଯୁକ୍ତ ଚୌଧୁରୀଙ୍କୁ ଶାନ୍ତ କରାଗଲା । କୁମାରୀ ଭୋଇକୁ ୨୫ କେଜି ଚାଉଳ ଓ ୧୦୦ ଟଙ୍କା ସରକାରୀ ସହଯୋଗ ଦିଆଗଲା । ଗୋଟିଏ ଇନ୍ଦିରା ଆବାସ ଗୃହ ପାଇଁ ଆଦେଶ ଦିଆଗଲା । ଯାହାକୁ ଜଣୈକ ଠିକାଦାର ଛଅମାସରେ ପୂରାକଲା ।

ଏହି ସମୟରେ ଭାଲୁମୁଣ୍ଡା ସରପଞ୍ଚ ଉପେନ୍ଦ୍ର ମେହେର ଏବଂ ଏହି ପଞ୍ଚାୟତ ସମିତି ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ବେହେରା ଅଞ୍ଚଳର ଦାରିଦ୍ର୍ୟକୁ ଖୋଲାଖୋଲି ସ୍ୱୀକାର କଲେ । ସରକାର ବିରୋଧରେ

Digitized by srujanika@gmail.com

ବିରୋଧୀ ମନ୍ତବ୍ୟ ବିରଳ ନହେଲେ ବି ନିଜ ଅଞ୍ଚଳର ଜନତାଦଳ ବିଧାୟକ ଓ ରାଜ୍ୟର ଜନତାଦଳ ସରକାର ବିପକ୍ଷରେ ଏହି ଦୁଇଜଣଙ୍କ ସ୍ୱୀକାରୋକ୍ତି ଦୁଃସାହସ ଥିଲା ନିଶ୍ଚୟ । ଏହା ହିଁ ରାଜନୈତିକ ଆଧାର ଥିଲା ଘଟଣାର ସତ୍ୟତା ଉପରେ । ପ୍ରକାଶଯୋଗ୍ୟ ବିଷୟ ଏହା ଯେ ଉଭୟ ଅଧକ୍ଷ ଓ ସରପଞ୍ଚ କଂଗ୍ରେସ ସମର୍ଥକ ଥିଲେ । କଂଗ୍ରେସ ଦଳର ଦୁଇଜଣ ଯୁବକ ଦେବେନ୍ଦ୍ର ବହିଦାର ଓ ସୁଧାଂଶୁ କୁମାର ଦାଶ ବି.ଡ଼ି.ଓଙ୍କୁ ଆକ୍ରମଣ କରିବାର ଅଭିଯୋଗ ହେଲା । ଯୁବକ ଦୁଇଜଣଙ୍କ ଅନୁସାରେ ପିଲାବିକ୍ରି ପରି ଦୁଃଖଦ ପରିସ୍ଥିତି ପାଇଁ ସେମାନେ ବି.ଡ଼ି.ଓଙ୍କୁ ଦାୟୀ କରି ନିଜର ପ୍ରତିକ୍ରିୟା ପ୍ରଦର୍ଶନ କରୁଥିଲେ । ବି.ଡ଼ି.ଓ କହିଲେ ଏହା ମିଛ, କଥାର କାରଣ ଅନ୍ୟକିଛି । ଯୁବକ ଦୁଇଜଣ ଜାତୀୟ ସୁରକ୍ଷା ଆଇନବଳରେ ଗିରଫ ହେଲେ । ବି.ଡ଼ି.ଓ ନିଜର ଲାଇସେନ୍ସପ୍ରାପ୍ତ ରାଇଫଲକୁ ନିଜ ପିଅନ କାନ୍ଧରେ ବୁହାଇ ବଙ୍ଗୋମୁଣ୍ଡା ବ୍ଲକ୍ ଅଞ୍ଚଳରେ ଅବାଞ୍ଛିତ ଗସ୍ତମାନ କଲେ ।

ପ୍ରଶାସନ ଓ ଗଣମାଧ୍ୟମ ବାରମ୍ବାର ଗସ୍ତକଲେ ଭାଲୁମୁଣ୍ଡା, ଜାମଖୁଣ୍ଟା ଓ କୁର୍ଲୁଭଟାକୁ । ଛୁଟା ଭୋଏକୁ ଔଷଧ ଦିଆଗଲା । ସରକାରୀ ପଦବାଚ୍ୟ ହେଉନଥିବା କିଛିଲୋକ କୁମାରୀକୁ ଆର୍ଥିକ ସହଯୋଗ କଲେ । କୁମାରୀକୁ ଯିଏ ଦେଖିଲା, ଆସିଲା; ପଚାଶ /ଶହେ ଟଙ୍କା ସହଯୋଗ ହେଲା । ଭୟରେ ନଥିଲା ସୁନା କୁଆଡ଼େ ପଳେଇଲା ଗାଁ ଛାଡ଼ି । ଛୁଟାକୁ ତିନିଚକିଆ ସାଇକେଲଟିଏ ମିଳିଲା । ଯେଉଁଥିରେ ଚଢ଼ି ସେ ଦୂରକୁ ଯାଇ ଭିକମାଗି ପାରିଲା ।

ମାର୍ଚ୍ଚ ୧୯୯୩ ପ୍ରଧାନମନ୍ତ୍ରୀ ପି.ଭି.ନରସିଂହ ରାଓ ବଲାଙ୍ଗିର ଜିଲ୍ଲାର ଟଙ୍କପାଣି ଗାଁକୁ ଆସିଲେ । ଭାଲୁମୁଣ୍ଡାରୁ ୩୫ କିଲୋମିଟର ଦୂର । କୁମାରୀ ଭୋଇ ଜାଣିଲା ତା' ପାଇଁ ପ୍ରଧାନମନ୍ତ୍ରୀ ଆସୁଛନ୍ତି । ଏଥିରେ ଆଶ୍ଚର୍ଯ୍ୟ ହେଲାନି । ସେ ଜାଣିଥିଲା ଏହା ଅବଧାରିତ । ତା'ର ପଡ଼ୋଶୀ ଗାଁ କଳାହାଣ୍ଡି ଜିଲ୍ଲାର ଅମ୍ଲାପାଲିର ଫାନସ୍ ପୁଞ୍ଜି ନିଜର ନଣନ୍ଦ ବନୀତାକୁ ବିକିବା ଅଭିଯୋଗ ପରେ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ସପରିବାର ଛୁଟି ଆସିଥିଲେ ତା'ପାଖକୁ । କୁମାରୀ ପ୍ରଧାନମନ୍ତ୍ରୀଙ୍କ ଅପେକ୍ଷାରେ ରହିଲା । ନା' ପ୍ରଧାନମନ୍ତ୍ରୀ ତା'ପାଖକୁ ଆସିଲେ, ନା' ସେ ଭେଟିବାକୁ ଗଲା ।

ଏ ଭିତରେ ୧୯୯୨ ଡିସେମ୍ବର ୨୦ ତାରିଖରେ ରାଜ୍ୟ ସରକାର କଳାହାଣ୍ଡି, ବଲାଙ୍ଗିର ଓ କୋରାପୁଟ ଜିଲ୍ଲାରେ ଦେଖାଦେଇଥିବା ମରୁଡ଼ିର୍ ମୁକାବିଲା ପାଇଁ ୧୦୦ କୋଟି ଟଙ୍କାର ଏକ ଯୋଜନା କେନ୍ଦ୍ରକୁ ଦେଲେ । କେନ୍ଦ୍ର ପରିବର୍ଦ୍ଧିତ ଯୋଜନା ଲୋଡ଼ାକଲା । ୧୯୯୩ ମାର୍ଚ୍ଚ ୨୦ ତାରିଖରେ ୩୯୭ କୋଟି ୪୯ ଲକ୍ଷ ଟଙ୍କାର ଏକ ପ୍ରସ୍ତାବ ଦେଇସାରିଥିଲା ।

କୁମାରୀ ଭୋଇ ବେଶ୍ ଖ୍ୟାତ ହୋଇ ସାରିଥିଲା । ସରକାରଙ୍କ କୃପାଦୃଷ୍ଟି ତା'ଉପରେ ପଡ଼ିଛି । ସେ ସମ୍ପନ୍ନ ହୋଇଯିବ । ଏହି ବିଶ୍ୱାସକୁ ଆଧାରକରି ସେ ବୁଲିଲା ବ୍ଲକ୍, ତହସିଲ୍ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ । ଏ ଭିତରେ ଗଣମାଧ୍ୟମ, ପ୍ରଶାସନ କି ଅନ୍ୟକିଏ ତାକୁ ଭେଟି ଆସିଲାନି । ତେଣୁ ଯେ ତାକୁ ଭେଟିବାକୁ ଗଲା, ସେ ତା'ଦୃଷ୍ଟିରେ ବଡ଼ ଦିଶିଲା ।

୧୯୯୫ ମସିହା ଅଗଷ୍ଟ ୨୮ ତାରିଖ ଦିନ ପ୍ରଧାନମନ୍ତ୍ରୀ ପି.ଭି.ନରସିଂହ ରାଓ କୋରାପୁଟ ଆସିଲେ । ୧୯୯୫-୯୬ ମସିହାରୁ ପରବର୍ତ୍ତୀ ସାତବର୍ଷ ପାଇଁ ୪୫୫୭.୦୩ କୋଟି ଟଙ୍କାର ଏକ ଯୋଜନା କଳାହାଣ୍ଡି, ବଲାଙ୍ଗିର ଓ କୋରାପୁଟ ଜିଲ୍ଲାର ଉନ୍ନତି ପାଇଁ ଘୋଷଣା କଲେ । ଓଡ଼ିଶାର ୧୩ଟି ଜିଲ୍ଲାକୁ ୩୦ଟି ଜିଲ୍ଲା କରାଯାଇ ସାରିଥିଲା । ଏହି ଯୋଜନାକୁ କୁହାଗଲା

Digitized by srujanika@gmail.com

'କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର ଓ ସୋନପୁର ଜିଲ୍ଲା ନିମନ୍ତେ ଦୀର୍ଘମିଆଦି କ୍ରିୟାନୁଷ୍ଠାନ ଯୋଜନା' (ଏଲ.ଟି.ଏ.ପି- *Long Term Action Plan*) । ଏହି ଜିଲ୍ଲାମାନେ ଅବିଭାଜ୍ୟ କଳାହାଣ୍ଡି, ବଲାଙ୍ଗିର ଓ କୋରାପୁଟ ଜିଲ୍ଲା - ତେଣୁ ଏହାକୁ 'କେବିକେ ଯୋଜନା' ନାମରେ ଖ୍ୟାତ କରାଗଲା । ଏହି ଯୋଜନା ପାଇଁ ପ୍ରଧାନମନ୍ତ୍ରୀ ପି.ଭି.ନରସିଂହ ରାଓ ଦେଇଥିଲେ ୯୭ ଲକ୍ଷଟଙ୍କା ।

ଛୁଟା ଭୋଏ ମରିଗଲା । ଲୋକେ ଭୁଲିଯାଉଥିଲେ କୁମାରୀକୁ । କୁମାରୀ ନିଜକୁ ଜାହିର କରିବା ଛାଡୁନଥାଏ । କ'ଣ ମିଳୁଥାଏ କି ନା, କେ ଜାଣେ; କେବେ କେବେ ପୂର୍ଣ୍ଣଚନ୍ଦ୍ର ବେହେରା ପାଖକୁ କି ମୋ ପାଖକୁ ଆସେ । କାନ୍ଦେ ଓ ଏଇଥିପାଇଁ କାନ୍ଦେ ଯେ ସରକାର ତା'ର ଦୁଃଖ ବୁଝିଲାନି । ଆଉ ଏଇଥିପାଇଁ କାନ୍ଦେ ଯେ ତାକୁ ପରିବାର ଚଳେଇବା କଷ୍ଟ ହେଉଛି । ତା'ର ଦୁଇପୁଅ ମଣ୍ଟୁ ଓ ସଣ୍ଟୁକୁ ଅନାଥାଶ୍ରମରେ ରଖି ପାଠ ପଢ଼େଇବା ପାଇଁ କହେ । ତାକୁ ବୁଝେଇବା ପାଇଁ ବହୁତ ଚେଷ୍ଟା କରେ ଯେ, ମୁଁ ଏମିତି କୌଣସି ଲୋକ ନୁହେଁ, ଯିଏ ଟଙ୍କା ଦେବ । ସେ ବୁଝିବାକୁ ନାରାଜ । 'ତୁଇ ଚିଠି ଲେଖିଲେ ପ୍ରଧାନମନ୍ତ୍ରୀ ବି ସତ ବଲିକରି ଆସୁଛେ । ଇ ଛୋଟ ଅଫିସରମାନେ କାଣା ଆଏ । ତୁଇ ମତେ ସାହାଯ୍ୟ କରବାର ଲାଗି ନେଇ ଚାହେଁବାର ।' ଫେରେ କିଛି ଡାଲି ଚାଉଳ ନେଇ ଯାଏ, ଯାହାକୁ ମା ବାନ୍ଧି ଦେଇଥାନ୍ତି । ଦ୍ୱାରକୁ ଯିଏ ବି ଦୁଃଖ ଜଣେଇ ଆସିବ, ତାକୁ ଯଥାଶକ୍ତି ସହଯୋଗ କରିବା ହେଉଛି ପରମ୍ପରା । ଅନୁରୂପ ବ୍ୟବହାର ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ଘରୁ ପାଏ ।

କେବିକେ ଫୋରମ୍ ତିଆରି ହେଲା । ପୂର୍ବତନ ବଲାଙ୍ଗିର ସାଂସଦ ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ କେବିକେ ଜିଲ୍ଲାରେ ର୍‍ୟାଲି, ସଭାମାନ ଆୟୋଜିତ ହେଲା । ଲୋକେ ଏତିକି ଜାଣିଲେ ଯେ ନେତାମାନେ ତାଙ୍କ କାମ କରୁଛନ୍ତି । କେବିକେକୁ ନେଇ ଚର୍ଚ୍ଚା ହେଲା । ଏହାର ମାଟି କ'ଣ, ଜଙ୍ଗଲ କ'ଣ, ପାଣି କ'ଣ, ଲୋକେ କ'ଣ, ନାଚ କ'ଣ, ଗୀତ କ'ଣ ଇତ୍ୟାଦି ନାନା କଥା ରାଜନୀତିରେ, ଏନ.ଜି.ଓମାନଙ୍କରେ, ଗଣମାଧ୍ୟମରେ କେବିକେର ପ୍ରୟୋଗ ହେଲା । ଚାଷ ହେଲା, ଫଳ ଫଳିଲା ।

ଏଚ୍.ଡ଼ି.ଦେବେଗୌଡ଼ା ପ୍ରଧାନମନ୍ତ୍ରୀ ହେଲେ । ଶୁଣାଗଲା କେବିକେ ଯୋଜନାକୁ ବାତିଲ କରାଯିବ । ଆଲୋଚନା ହେଲା, ଆନ୍ଦୋଳନ ବି । ୧୯୯୬ ମସିହାରେ ମରୁଡ଼ି ହେଲା । ଜଣେ ବିଧବା ବାଳମତୀ ଶବରର ଅନାହାର ମୃତ୍ୟୁ ହେଲା । ଏଚ୍.ଡ଼ି.ଦେବେଗୌଡ଼ା କେବିକେ ଜିଲ୍ଲା ଗସ୍ତ ସମୟରେ ଭାଲୁମୁଣ୍ଡାରେ ଓହ୍ଲାଇ ପ୍ରତିଶ୍ରୁତି ଦେଲେ କେବିକେ ଯୋଜନା ବାତିଲ ହେବନାହିଁ । ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଶୀଘ୍ର କାର୍ଯ୍ୟକାରୀ ହେବ । ଓଡ଼ିଶାକୁ ପଚାଶକୋଟି ଟଙ୍କାର ସ୍ୱତନ୍ତ୍ର ସହଯୋଗ ବି ଦେଲେ ।

କୁମାରୀ ଜଣେ ଭୁଲିଆ ମହାଜନଠାରୁ ପରିବାର ଚଳେଇବା ପାଇଁ ସମୟାନ୍ତରରେ କିଛି କିଛି କରଜ କରିଥିଲା । ସମ୍ବଳ ଥିଲା ଠିକାରେ ତିଆରି ଇନ୍ଦିରା ଆବାସ ଓ ତା'ର ନିଜ ମାଟିଘର । ଭୁଲିଆ ମହାଜନ ଏହାକୁ ଦାବୀ କଲା । ପାଞ୍ଚହଜାର ଟଙ୍କା କରଜ ବଦଳରେ କୁମାରୀ ଯାଇ ରହିଲା ମା ଘର ଗାଁ ଜାମଖୁଣ୍ଟାରେ । ତା'ର ବି.ପି.ଏଲ୍ କାର୍ଡ଼ରୁ ଯି ମାସ ଚାଉଳ ଉଠେ । ଯାହାର କାଣିଚାଏ ସୁଦ୍ଧା

Digitized by srujanika@gmail.com

କୁମାରୀ ପାଏ ନାହିଁ । ମାସକୁ ଥରେ ଭାଲୁମୁଣ୍ଡା ଆସେ ମା ଘରୁ, ୩୫ କିଲୋମିଟର, ବିଧବା ଭତ୍ତା ୧୦୦ ଟଙ୍କା ନେବାପାଇଁ ।

୧୯୯୭-୯୮ ମସିହାରେ କେନ୍ଦ୍ରରୁ ମିଳିଲା ୨୦.୪୬ କୋଟି ଟଙ୍କା । ଛୋଟ ଛୋଟ ଗାଁକୁ ଧଳା ଛାତଥିବା ସବୁଜରଙ୍ଗର ଗାଡ଼ି ବୁଲିଲା । ଯେଉଁଥିରେ ଲୋକେ କିଛି ସ୍ୱାସ୍ଥ୍ୟକର୍ମୀ ବସିଥିବା ଦେଖନ୍ତି । ଏହା ବି ଦେଖନ୍ତି ଯେ ସେଥିରେ କେବିକେ ଯୋଜନା ଲେଖାଯାଇଛି । ଶିକ୍ଷିତ ଲୋକ ଆଶ୍ୱସ୍ତ ହୁଅନ୍ତି କେବିକେ ଯୋଜନା ଚାଲିଛି ।

୧୯୯୮-୯୯ ମସିହାରେ ଅଟଳବିହାରୀ ବାଜପେୟୀ ସରକାର କେବିକେ ଯୋଜନା ସାତବର୍ଷରୁ ନଅବର୍ଷକୁ ଏକ ପରିବର୍ଦ୍ଧିତ ଯୋଜନା କରିବାକୁ କହିଲେ ରାଜ୍ୟ ସରକାରକୁ । ୫,୫୨୭.୪୧କୋଟି ଟଙ୍କାର ଏକ ସଂଶୋଧିତ ଯୋଜନା କେନ୍ଦ୍ରକୁ ଗଲା । ୧୯୯୮-୯୯ରେ ମିଳିଲା ୫୫.୮୦ କୋଟି ଟଙ୍କା । ୧୯୯୯-୨୦୦୦ରେ ମିଳିଲା ୫୭.୬୦ କୋଟି ଟଙ୍କା ।

ଭୁଲିଆ ମହାଜନ ରଣୀ କୁମାରୀର ଅନୁପସ୍ଥିତିରେ ତା'ଘରକୁ ଅକ୍ତିଆର କରିସାରିଥାଏ । କୁମାରୀ ତାକୁ ଆହୁରି ଟଙ୍କା ମାଗିଲା । ଟଙ୍କା ଦେ, ନଚେତ୍ ଘର ଦେ । କୁମାରୀର ଏହି ଦାବୀ ଯେତେ ଯଥାର୍ଥ ହେଉଥାଉ ନା କାହିଁକି, ଭୁଲିଆ ମହାଜନର ଜୋର ନିକଟରେ କୁମାରୀ ହିଁ ଦୁର୍ବଳ ଥିଲା । ସେ ବି.ଡ଼ି.ଓ, ଥାନାବାବୁ, ତହସିଲଦାର ଓ ଉପଜିଲ୍ଲାପାଳଙ୍କ ନିକଟକୁ ତିନିମାସ ଦୌଡ଼ାଦୌଡ଼ି କଲା । ଶେଷରେ ଉପଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରୁ ଆଦେଶନାମାଟିଏ ଧରି କଣ୍ଟାବାଞ୍ଜି ତହସିଲଦାରଙ୍କ ନିକଟକୁ ଗଲା । ଯେଉଁଥିରେ ୧୫ଦିନ ମଧ୍ୟରେ ତାର ସମସ୍ୟା ବୁଝିବାପାଇଁ ଆଦେଶ ଥିଲା । ତହସିଲଦାର ବଙ୍ଗୋମୁଣ୍ଡା ଥାନାକୁ କାଗଜ ପଠେଇଲେ । ଭୁଲିଆ ମହାଜନକୁ ତିନିଦିନ ଥାନାରେ ଚକ୍କର କାଟିବାକୁ ପଡ଼ିଲା । ଶେଷରେ ଭୁଲିଆ ସମ୍ପ୍ରଦାୟର ଜଣେ ପୂର୍ବତନ ସରପଞ୍ଚଙ୍କ ମଧ୍ୟସ୍ଥତାରେ କେଶ୍ ପଟିଲା । କୁମାରୀ ଦୁଇହଜାର ଟଙ୍କା ପାଇଲା । ସେ ଦିନୁ ସେ ଘରର ନା' ଧରିଲାନି ଅଥବା ଧରିବାକୁ ଭୟ କଲା ।

କେବିକେ ଯୋଜନା ଚାଲୁଥାଏ । ସଇନ୍ତଲା ଥାନା ଅନ୍ତର୍ଗତ ଡେଙ୍ଗ ଗ୍ରାମରେ ପବନ ରଣା ନାମକ ଜଣେ ଲୋକ ଅନାହାରରେ ଅଛି ବୋଲି ଅଭିଯୋଗ ହେଲା । ସଇନ୍ତଲା ସରକାରୀ ଡାକ୍ତରଖାନାରେ ତା'କୁ ଭର୍ତ୍ତି କରାଗଲା । ଡାକ୍ତର ଭୟ ପାଇଗଲେ । ରୋଗୀକୁ ବଲାଙ୍ଗିର ସଦର ହାସପାତାଳକୁ ନେବାକୁ କହିଲେ । ଲୋକେ ଡାକ୍ତରଙ୍କୁ ଗାଡ଼ି ପାଇଁ କହିଲେ । ଡାକ୍ତର ପରାମର୍ଶ ଦେଲେ ଭଡ଼ା କରି ଗାଡ଼ି ନିଅ । ଲୋକେ ଦାବୀକଲେ କେବିକେ ଗାଡ଼ି ଦିଅ । ସେତେବେଳେ ଗାଡ଼ିଦେବାକୁ ଡ଼ାକ୍ତର ଅସମର୍ଥ ଥିଲେ । ଗାଡ଼ିଟି ଗୋଟିଏ ବାହାଘରକୁ ଭଡ଼ାରେ ଯାଇଥିଲା । ପବନ ରଣା ମରିଗଲା ।

କେବିକେ ଯୋଜନା ଚାଲିଥାଏ । ଏହାର କାର୍ଯ୍ୟାଳୟ ପ୍ରଥମେ ଭବାନୀପାଟଣା, ତା'ପରେ କୋରାପୁଟର ସୁନାବେଡ଼ା ଓ ପରେ ଭୁବନେଶ୍ୱରକୁ ପଳେଇଲା । ତତ୍କାଳୀନ କେବିକେ କମିଶନର ଡ଼ଃ ହୃଷୀକେଶ ପଣ୍ଡା କେବିକେ ଅଞ୍ଚଳ ଗସ୍ତକରି ଏହାର ମୂଳ ସମସ୍ୟା ଉପରେ ଆଲୋକପାତ କରି କେବିକେ ଯୋଜନା କାଗଜପତ୍ରରେ ଚାଲୁଥିବା ଅଭିଯୋଗ କଲେ ।

ମୁଁ ଶୋଇଥାଏ, କୁମାରୀ ଆସିଲା । ଉଠି ବାହାରକୁ ବାହାରିଲା ବେଳେ ମୋ ହାତକୁ କାଗଜଖଣ୍ଡେ ବଢ଼େଇ ଦେଲା । ଲେଖାଥିଲା, "ମାନନୀୟ ଲେଖକଣାଇବାର କାରଣ ଏମନ୍ତ କି ଯେ ମୁଁ ଲିଙ୍ଗରାଜ

Digitized by srujanika@gmail.com

କେ.ବି.କେ.ର ଜନନୀ
କୁମାରୀଭୋଇ

ହୋତା ଢାମଖୁଣ୍ଡା, କୁମାରୀ ଭୋଇ ଭାଲୁମୁଣ୍ଡା ତାଙ୍କର ଝିଅ ଭୂମିସୁତାକୁ କିଣିଲି, ୫୦୦ ଟଙ୍କାରେ । ତାର ବୟସ ୧୮ ହେଲା । ତାକୁ ମୁଁ ବିଭା କରିବି । ତୁମ୍ଭେମାନେ ସାହାଯ୍ୟ କର । ମୁଁ ବିଭା କରିବି । ଆପଣଙ୍କ ବିଶ୍ୱସ୍ତ ଲିଙ୍ଗରାଜ ହୋତା, ଢାମଖୁଣ୍ଡା ।"

- ଏ ଚିଠି କାହାକେ ଦେବୁ ?

- ସମକେ ଦେମି । ଯିଏ ସାହାଯ୍ୟ ହେବା ।

- ପିଲା ଦେଖିଲୁ ?

- ହଁ ।

- ଠିକ୍ଅଛି ବିହା କର । ଯାହା ହେବା ସହଯୋଗ କରମି ।

- ନେଇ ତୁଇ ହଜାରେ କି ଦୁଇ ହଜାର ଦେବୁ ।

-ହେ ପଏସା କାଣା ହେବା ।

-ତୁଇ ମୋର କୁଏଁ (କ୍ୱାଇଁ) କେ ଚାକରୀ ଗୁଟେ କରେଇ ଦେ ।

ମୁଁ ବହୁତ ବୁଝେଇଲି ମୋ ଦ୍ୱାରା ଚାକିରୀ କରେଇବା ସମ୍ଭବ ନୁହେଁ । ଚାକିରୀ ପାଇଁ ପାଠ ପଢ଼ିଥିବା ଦରକାର । ସରକାର ଆବଶ୍ୟକ ଚାକିରି ପାଇଁ ଯେଉଁ ପ୍ରକ୍ରିୟା ଦେଇ ଚୟନ କରନ୍ତି ସେ ସବୁ ଦେଇ ଯିବାକୁ ହୁଏ । କୁମାରୀ ମାନିଲା ନାହିଁ । ରାଗରେ ଗର୍ଜି ଉଠିଲା ଫାନସ୍ୱର ନଣନ୍ଦକୁ ସରକାର ବାହା କରେଇପାରିଲା, ମୋ ଝିଅକୁ କାହିଁକି ନୁହେଁ ? ତା'ର ବିଶ୍ୱାସ ଯେ ମୁଁ ଚିଠିଟିଏ

Digitized by srujanika@gmail.com

ଲେଖିଦେଲେ ଚାକିରୀ ପାଇବ । ଯେଉଁ କାମ କେବେ ବି ସମ୍ଭବ ନୁହେଁ । ଏକଥା କୁମାରୀ ବୁଝିଲାନି । ଏବେବି ବୁଝିନି ।

ଏହାର ଦୁଇମାସ ପରେ ସିନ୍ଧେକେଲାରେ କୁମାରୀ ମତେ ଭେଟିଲା । ବାହାଘର ପ୍ରସ୍ତାବ ଭାଙ୍ଗିଗଲା ବୋଲି କହିଲା । ସେ ଗାଁ ଗାଁ ବୁଲି କପଡ଼ା ବିକି ଗୁଜୁରାଣ ମେଣ୍ଟାଉଥିବା କଥାକହିଲା । କପଡ଼ା ବିକ୍ରି ନହେଲେ ବନତୁଳସୀ ମଞ୍ଜି ସଂଗ୍ରହ କରି ଖାଉଥିବା କଥା ବି କହିଲା । ଏହା ବି କହିଲା ଯେ ସେ କୌଣସି ଋଣ ପାଇବା ଆଶାରେ ସିନ୍ଧେକେଲାସ୍ଥିତ ବଲାଙ୍ଗିର ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ୍‌କୁ ଆସିଛି । ତାର ଦୁଇପୁଅକୁ ପାଠ ପଢ଼େଇବା ପାଇଁ ଖଇରା ସତ୍ୟମହିମା ଆଶ୍ରମରେ ଛାଡ଼ିଛି ।

ଏବେ କଣ କରିବୁ ?

ତେର/ଚଉଦ ବରଷ ବୁଲିଲି, କେହି ବି ମତେ ସାହାଯ୍ୟ ନେଇ ହେଲେ । ମାଗିଯାଚି କରି ମୋର ଦୁଇ ପୁଓକେ ପଢ଼ାମି । ଝି କେ ବିହାଦେମି । ଖାଲି ମୋର ଜୀବ ଥାଉ ।

୨୦୦୬ମସିହାରେ କେବିକେ ଯୋଜନାରେ ହଜାରେ କୋଟିଟଙ୍କା ଖର୍ଚ୍ଚ ହୋଇଥିବା କୁହାଯାଏ । ଶେଷ ସମୟରେ ଓଡ଼ିଶା ସରକାର ୬୦୦କୋଟି ଟଙ୍କାର ବିଜୁ କେବିକେ ଯୋଜନା ଘୋଷଣା କଲେ । ୨୭ ଅଗଷ୍ଟ ୨୦୦୬ମସିହାରେ ପ୍ରଧାନମନ୍ତ୍ରୀ ଡ଼ଃ ମନମୋହନ ସିଂ କେବିକେ ଅଞ୍ଚଳ ପାଇଁ ବାର୍ଷିକ ୨୫୦କୋଟି ଟଙ୍କା ଦେବାର ଘୋଷଣା କଲେ ।

କେନ୍ଦ୍ର ସରକାରଙ୍କ କମ୍ପ୍‌ଟ୍ରୋଲର ଓ ଅଡ଼ିଟର ଜେନେରାଲ (ସି.ଏ.ଜି)ଙ୍କ ରିପୋର୍ଟ ଅନୁସାରେ କେବିକେର ଆଠଟି ଜିଲ୍ଲାରେ ୧୯୯୮ରୁ ୨୦୦୭ ପର୍ଯ୍ୟନ୍ତ କେବିକେ ଯୋଜନାର କାର୍ଯ୍ୟକାରୀ ହୋଇଥିଲା । ମୋଟ ୭୮୫୦ କୋଟି ଟଙ୍କାରୁ ୭୨୪୪ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ରାଜ୍ୟ ସରକାରଙ୍କ ୨୨ଟି ବିଭାଗ ଏହି ଟଙ୍କାରେ ୫୨ ପ୍ରକାରର କାମ କରିଛନ୍ତି । ସେଥିମଧ୍ୟରୁ ୯ଟି ଯୋଜନାକୁ ତର୍ଜମା କରି ସି.ଏ.ଜି ତାର ରିପୋର୍ଟ ପ୍ରସ୍ତୁତ କରିଛି । ସେଗୁଡ଼ିକ ହେଲା ଜଳଛାୟା, ବିଜୁ କୃଷକବିକାଶ ଯୋଜନା, ବନୀକରଣ, ଗ୍ରାମ୍ୟନିଯୁକ୍ତି, ଇନ୍ଦିରା ଆବାସ, ଗ୍ରାମ୍ୟ ଜଳ ଯୋଗାଣ, ଏମ.ଏଚ.ୟୁ ଓ ଜରୁରୀକାଳୀନ ଖାଦ୍ୟ ଯୋଜନା ।

ଏ ଯୋଜନାରେ କୃଷି, ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣକୁ ଉପେକ୍ଷା କରାଯାଇଛି । ଏଥିପାଇଁ ୧୦୩୭ କୋଟି ଟଙ୍କାର ଯୋଜନା ଥିବାବେଳେ ମିଳିଥିଲା ମାତ୍ର ୪୧୬ କୋଟି ଟଙ୍କା । ଏଥିରୁ ଖର୍ଚ୍ଚ ହୋଇଛି ୩୨୬ କୋଟି ଟଙ୍କା ।

ଗ୍ରାମ୍ୟ ଯୋଗାଯୋଗ ଓ ରାସ୍ତା ନିର୍ମାଣକ୍ଷେତ୍ରରେ ଲକ୍ଷ୍ୟରୁ ଅଧିକ ଖର୍ଚ୍ଚ ହୋଇଛି । ଆଠଟି ଜିଲ୍ଲା ମଧ୍ୟରୁ ବିପିଏଲ୍ ସଂଖ୍ୟା କମ୍ ଥିବା ଜିଲ୍ଲାରେ ଅଧିକ ଟଙ୍କା ଖର୍ଚ୍ଚ ହୋଇଛି ଯେପରି ବି.ପି.ଏଲ୍ ସଂଖ୍ୟା ଦୃଷ୍ଟିରୁ ବଲାଙ୍ଗିର ଜିଲ୍ଲାର ସ୍ଥାନ ଦ୍ୱିତୀୟ ଥିବାବେଳେ ଟଙ୍କା ଖର୍ଚ୍ଚ ହୋଇଥିବା ସଂଖ୍ୟା ଅନୁସାରେ ଏହାର ସ୍ଥାନ ଅଷ୍ଟମ ।

୧୦୯ଟି ପ୍ରକଳ୍ପକୁ ବାଦ୍ ଦିଆଯାଇ ୨୭୫ଟି ଜଳଛାୟା ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି । ଯାହାକୁ ଭୌଗଳିକ ପରିସ୍ଥିତି କିମ୍ବା ଓଡ଼ିଶା ରିମୋଟ୍ ସେନସିଂ ତଥ୍ୟ ଅନୁଯାୟୀ କରାଯାଇ ନାହିଁ । ରାଜ୍ୟ ସରକାର ତାଙ୍କ ଅଂଶ ନଦେବାରୁ ୫୧.୪୬ କୋଟି ଟଙ୍କା ଖର୍ଚ୍ଚକାଟ କରାଯାଇଛି । ୮୪ଟି ଜଳଛାୟା ପ୍ରକଳ୍ପ ଆରମ୍ଭ କରାଯାଇ ବନ୍ଦ କରାଗଲା । ଏଥିପାଇଁ ୪କୋଟି ୪୨ଲକ୍ଷଟଙ୍କା ଖର୍ଚ୍ଚ ହେଲା ।

Digitized by srujanika@gmail.com

୧୧କୋଟି ୯ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇଛି । ଲକ୍ଷ୍ୟ ଥିଲା ୨୦କୋଟି ୩୨ଲକ୍ଷ ଶ୍ରମଦିବସ । କେବିକେ ଯୋଜନାର ଲକ୍ଷ୍ୟ ଥିଲା ଦାରିଦ୍ର୍ୟ ଦୂରୀକରଣ ଓ ଲୋକଙ୍କୁ କର୍ମସଂସ୍ଥାନ ଯୋଗାଇ ଲୋକଙ୍କ ଆର୍ଥିକ ମାନଦଣ୍ଡର ବିକାଶ । ୨କୋଟି ୭୫ଲକ୍ଷ ଟଙ୍କା ହିତାଧିକାରୀ ବଦଳରେ ଠିକାଦାରଙ୍କ ଦ୍ୱାରା କାମ କରାଯାଇଛି ।

୧୪ ପ୍ରତିଶତ ସ୍ୱୟଂ ସହାୟକ ଦଳ ଅର୍ଥ ଉପାର୍ଜନ କାମ କରିଛନ୍ତି । ୩୦ପ୍ରତିଶତ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କୁ କାମ ଯୋଗାଇବାର ଲକ୍ଷ୍ୟ ଥିଲା, କିନ୍ତୁ ପାଇଛନ୍ତି ମାତ୍ର ୬ ପ୍ରତିଶତ ।

୫୦ପ୍ରତିଶତ ଗଛ ବନୀକରଣ ଯୋଜନାରେ ନଷ୍ଟ ହୋଇଛି । ୩୧୬୦ଟି ବନ ସଂରକ୍ଷଣ ସମିତି ମଧ୍ୟରୁ ମାତ୍ର ଗୋଟିଏ ପଞ୍ଜିକୃତ ହୋଇଛି । ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟରେ ଆବଶ୍ୟକୀୟ ମେଡ଼ିକାଲ, ପାରା ମେଡ଼ିକାଲ ଷ୍ଟାଫ୍ ଓ ଯନ୍ତ୍ରପାତି ନଥିବାରୁ ଏହା ସେତେ ସଫଳ ହୋଇନାହିଁ ।

୬କୋଟି ୧୨ଲକ୍ଷ ଟଙ୍କାରେ ନିର୍ମିତ ୩୯ଟି ଜଳଯୋଗାଣ ପ୍ରକଳ୍ପ ବିଦ୍ୟୁତ ସଂଯୋଗ ନଥିବାରୁ ଅକାମୀ ହୋଇପଡ଼ିଛି । ୧୬୧୦ଟି ନଳକୂପ ଉପଯୁକ୍ତ ସର୍ଭେବିନା ଖୋଳାଯାଇଥିବାରୁ ଅକାମୀ ହୋଇପଡ଼ିଛି ।

ଇନ୍ଦିରା ଆବାସ ଯୋଜନାରେ ମାତ୍ର ୮ପ୍ରତିଶତ ହିତାଧିକାରୀ ଘର ପାଇଛନ୍ତି । ଯେଉଁଥିରୁ ୬୦ପ୍ରତିଶତ ଘରେ ଧୂମହୀନ ଚୁଲା ନାହିଁ ।

ରାଜ୍ୟ, ଜିଲ୍ଲା ଓ ବ୍ଲକ୍ ସ୍ତରରେ ଏହି ଯୋଜନା ଉପଯୁକ୍ତ ପରିଚାଳନା ବିନା ପ୍ରଭାବଶୂନ୍ୟ ଥିଲା । ବିଭିନ୍ନ ବିଭାଗ ମଧ୍ୟରେ ଉପଯୁକ୍ତ ତାଳମେଳରେ ଅଭାବ ଯୋଗୁଁ ଏତେବଡ଼ ଯୋଜନା କେବିକେ ଜିଲ୍ଲାରେ ଦାରିଦ୍ର୍ୟ ଦୂରୀକରଣ ଓ ଲୋକଙ୍କ ଜୀବନଧାରା ମାନର ବିକାଶ କରିବାରେ ଅସମର୍ଥ ହୋଇଛି ବୋଲି ସି.ଏ.ଜି ରିପୋର୍ଟରେ ଦର୍ଶାଯାଇଛି ।

କୁମାରୀ ଆଜିବି ବୁଲୁଛି ସହଯୋଗ ପାଇବା ଆଶାରେ । ଅତୀତରେ ଝିଅବିକ୍ରୀ ପରି ଏକ ଅଭାବନୀୟ କାମ କରିଥିବା ପୁଞ୍ଜିକୁ ପାଥେୟ କରି । କେବେ କେବେ ଭେଟିଲେ କହେ ସେ କଷ୍ଟରେ ଅଛି । କେହି ତାକୁ ସାହାଯ୍ୟ କରୁନାହାନ୍ତି । ତା'ର ଭାଷାରେ ସେ ସରକାରୀ ସହଯୋଗ ପାଇବାକୁ ହକ୍‌ଦାର । କିନ୍ତୁ ତା' ପଇସା ତାକୁ ନ ଦେଇ ସରକାରୀ ଲୋକ ଓ ନେତାମାନେ ଖାଇ ଯାଉଛନ୍ତି ।

ଏବେ ସରକାର କେବିକେ ଜିଲ୍ଲାରେ ଆହୁରି ଆଠ ବର୍ଷପାଇଁ ଦୀର୍ଘମିଆଦି ଯୋଜନାର କଥା ଚିନ୍ତା କରୁଛନ୍ତି ।

□□□

Digitized by srujanika@gmail.com

# ୨

# ରିସିପିଟିର ସାମ୍ରାଜ୍ୟ ଓ ବଞ୍ଚିପାରିନଥିବା ବାଲମତୀ

ବାଲମତୀ ଶବର ଦଶବର୍ଷ ପୂଅର ସାବତ ମାର ମାନ୍ୟତା ନେଇ ବର୍‌ଲାବେହେଲି ଗାଁକୁ ବୋହୂ ହୋଇଆସିଲା । ଭାବ ଅଭାବର ପ୍ରାଚୀନତାଠାରୁ ଟିକିଏ ଅଧିକ ବୟସ ଗାଁଟିର । ତା'ଠାରୁ ଅଧିକ ରିସିପିଟି । ଆଉ ତା'ଠାରୁ ଅଧିକ ଯୋଗୀମଠ ।

ବାଲମତୀ ଦୁଇ ବଖରା ମାଟିକୁଡ଼ିଆର ପରିଧି ଭିତରେ ସାବତ ପୁଅ ସୁଶୀଳର ମା ଡାକ ଶୁଣେ / ସକାଳୁ ଉଠି କୁଡ଼ିଆ ସଫାକରେ / ରାତିରେ ସଞ୍ଚିଥିବା ବାସିକୁ ସ୍ୱାମୀ ଓ ସୁଶୀଳକୁ ଦିଏ / ବଳିଲେ ନିଜେ ଖାଏ / ସୁଶୀଳ ଲୋକଙ୍କ ଗାଈ ଚରେଇ ଯାଏ / ସେ ସ୍ୱାମୀ ସହ କାମ କରି ଯାଏ / ଝାଟିକୁଟି ସଂଗ୍ରହ କରେ / ଛେନା(ଘସି) ଗୋଟାଏ / ସଂସାର ଚଳାଏ ।

ସଂସାର ସର୍ଜିଲା ପରେ ରିସିପିଟିକୁ କିଛି ଦାୟିତ୍ୱ ଦିଆଗଲା । ଉଦ୍ଦେର ଆଉ ଉଦନ୍ତୀ ବାହୁଘେରରେ ଥିବା ସାମ୍ରାଜ୍ୟର ସୁଖଦୁଃଖ ରିସିପିଟି ବୁଝିଲା । ଏଇ ସାମ୍ରାଜ୍ୟରେ ବାଲମତୀର ଘର । ତାର ସୁଖ-ଦୁଃଖ କି ଭାବ-ଅଭାବର କଥା ବାଳମତୀ ରିସିପିଟି ପାହାଡ଼କୁ କହିଲା । ରିସିପିଟି ବାଲମତୀର ଗୁହାରୀ ଶୁଣିଲା । ସୂର୍ଯ୍ୟ ଉଇଁଲେ ତାର ଦୁଃଖ ଦୂର କଲା । ଏପରିକି ବାଳମତୀ ଗାଁ ଯିବାର ଥିଲେ ଗହଣା ଥୋଇଦେଲା । ରିସିପିଟି ତା'ର ନିଜର ପାଦତଳେ । ଦିନେ କେଉଁଜଣେ ବାଳମତୀ ଆଉ ଗହଣା ଫେରେଇଲା ନାହିଁ । ରିସିପିଟି ମାନକଲା । ଉଦନ୍ତୀ ଆଉ ଉଦ୍ଦେରକୁ ଭାଗ କରିଦେଲା । ଉଦନ୍ତୀ ଖଡ଼ିଆଳ ରାଜ୍ୟ ହୋଇଗଲା । ଉଦ୍ଦେର ପାଟଣା ରାଜ୍ୟ । ରିସିପିଟି ତା'ଜାଗାରେ ରହିଲା । ମାନ କଲା । ବାଳମତୀର ଅପ୍ରାଧକୁ ଲୋକ ନିଜ ମୁଣ୍ଡକୁ ନେଲେ । ରିସିପିଟିକୁ କିଛି କହିଲେନି । ସମ୍ମାନ ଦେବାକୁ ବି ଭୁଲିଲେନି । ଗୋଟିଏ ସାମ୍ରାଜ୍ୟ ଦୁଇଭାଗ ହେଲା ପରେ ବି ରିସିପିଟି ପାଖକୁ ଗଲେ ଛୋଟ ପଥର ଗୋଟିଏ ଥୋଇଦେଲେ । ଗାଁ ମୁଣ୍ଡ ଠାକୁରାଣୀ ପଥର ପରି ନିଜ ଭିତରେ ଥିବା

Digitized by srujanika@gmail.com

ଗିସିପିଟି ପ୍ରତି ସନ୍ତ୍ରମତାକୁ ପଥର କରି ଥୋଇଲେ ଲୋକେ । ତଥାପି ଗିସିପିଟିର ମାନ ଭାଙ୍ଗିଲା ନାହିଁ ।

ସଂସାରର ପ୍ରଥମ ମଣିଷକୁ ବିଧାତା ସର୍ଜିଲେ । ଚରାଚରର ସୁଖଦୁଃଖ ବୁଝୁଥିବା ଗିସିପିଟି ଦାୟିତ୍ୱରେ ଛାଡ଼ିଦେଲେ ଲୋକଟିକୁ । ଉନ୍ଦେର ଆଉ ଉଦନ୍ତୀ ମଝିରେ ଖେଳିଲା ଲୋକଟି । ନଦୀମାନେ ପାଣି ଦେଲେ । ଗଛବୃକ୍ଷ ଖାଦ୍ୟ / ଲୋକଟି ଖେଳିଲା, ବୁଲିଲା ଆଉ ରହିଲା ଯୋଗୀମଠରେ । ଗିସିପିଟିକୁ ପିତୃପ୍ରତିମ କଲା ଆଉ ଗଛବୃକ୍ଷ ଜୀବଜନ୍ତୁଙ୍କୁ ସହଚର । ସମସ୍ତଙ୍କ ସଙ୍ଗେ ହସିଲା , କାନ୍ଦିଲା । ଯୋଗୀମଠରେ ସମସ୍ତଙ୍କ କଥା ଲେଖିଲା । ଘରକଲା / ସମ୍ଭୋଗ କଲା ଆଉ ସଂସାର କଲା । ପୃଥିବୀର ଦୁର୍ଲଭ ଜନ୍ତୁକୁ ବିଧାତା ଗିସିପିଟିକୁ ଦେଇଛି । ତାକୁ ସମସ୍ତେ ଗେଲକଲେ / ଆଦର କଲେ / ଉନ୍ଦେର ଓ ଉଦନ୍ତୀ ପାଣି ଦେଲେ / ଜଙ୍ଗଲ ଗଛ ଦେଲା / ଧରା ଭୂମି ଦେଲା । ମଣିଷ ଏଠାରେ ପ୍ରଥମ ଧାନଚାଷ କଲା / ଘରକଲା / ସମ୍ଭୋଗ କଲା / ଗାଁ କଲା / ସହର କଲା/ ସାମ୍ରାଜ୍ୟକୁ ମୋର କହିଲା / ଗିସିପିଟିର ଗହଣାକୁ ବି । ଗିସିପିଟି ମାନ କଲା । ଯୋଗୀମଠ ଖାଲି ହୋଇଗଲା । ଗିସିପିଟି ମାନ କରିବସିଲା । ବିଧାତା ଗିସିପିଟିକୁ ସଁପିଥିବା ପ୍ରଥମ ମଣିଷର ଲେଖା ଯୋଗୀମଠରେ ଲୁଚିଲା ।

ଜିତାମିତ୍ର ପ୍ରସାଦ ସିଂଦେଓ ଏ ପ୍ରଥମ ମଣିଷର ଲେଖା ପଢ଼ିଲା । ବିଧାତା ସର୍ଜିଥିବା ପ୍ରଥମ ମଣିଷ ପ୍ରକୃତି ଓ ପୁରୁଷକୁ ସମ୍ମାନ କରୁଥିଲା । ପରମ ପୁରୁଷକୁ ତିନି ଠାକୁର କରିଥିଲା । ଗିସିପିଟି ମାନ କଲାପରେ ତିନି ଠାକୁର ଯୋଗୀମଠରୁ ବାହାରି ମହାନଦୀ କୂଳେ କୂଳେ ତେନ୍ତୁଲିଖୁଣ୍ଟି ଦେଇ ପୁରୀକୁ ପଳେଇଲେ । ଷାଠିଏ ପଉଟି ଖାଇଲେ । ସମୁଦ୍ରର ଏକୂଳ ସେକୂଳକୁ ବିସ୍ତରି ଗଲେ । ଜଗତର ନାଥ ଜଗନ୍ନାଥ ହୋଇଗଲେ ।

ଗିସିପିଟି ତଳେ ରହିଗଲେ ସେ ମଣିଷମାନେ, ଯେଉଁଠାକୁ ବାଳମତୀ ବୋହୂହୋଇ ଆସିଲା । ସଂସାର କଲା । କଷ୍ଟ ହେଲା । ଏଇଥିଲାଗି ଛୋଟ ପଥରଟିକୁ ଗିସିପିଟି ପାଦତଳେ ଥୋଇଲା । ତିନି ଠାକୁର ଯୋଗୀମଠ ଛାଡ଼ିଗଲେ । ପୁରୀରେ ଷାଠିଏ ପଉଟି ଖାଇଲେ । ଗିସିପିଟିର ମାନ ଭାଙ୍ଗିଲାନି । ସଂସାରର ପ୍ରଥମ ସମ୍ରାଟ ଗିସିପିଟି ରୋଗୀ ବୁଢ଼ାଟି ପରି ବସି ରହିଲା ।

ବାଳମତୀ ବି ନିଜେ ମା ହୋଇଗଲା । ଗିସିପିଟିର ସାମ୍ରାଜ୍ୟକୁ ମଣିଷ ବିଦାରି ସାରିଥିଲା । ଜଗନ୍ନାଥ ଯୋଗୀମଠ ଛାଡ଼ି ସାରିଥିଲେ । ଏଠାରେ ଦିନକୁ ଦୁଇବେଳା ବାଳମତୀ ପାଇଁ ଅଭାବ

ଗିସିପିଟି ପାହାଡ଼

Digitized by srujanika@gmail.com

ସୁଶୀଳ

ହେଲା । ତଥାପି ବି ବାଳମତୀର ଅଭିଯୋଗ କିଛି ନଥିଲା । ସଂସାର ଚଳେଇଲା । ରିସିପିଟି ପାଖେ ପଥର ଥୋଇଲା । ସୁଶୀଳକୁ ବାହା କରେଇଲା । ତା'ପରି କେଉଁ ବାଳମତୀକୁ ଘରକୁ ବୋହୂକରି ଆଣିଲା । ଜଗନ୍ନାଥ ପୃଥିବୀର ବଡ଼ ଧନୀ, ରତ୍ନାକରର ଝିଅକୁ ବାହାହେଲା । ବୋହୂପାଇଁ ଅଳଙ୍କାର ମାଗିବାକୁ ସାହସ କଲାନି ବାଳମତୀ । ସେ ଜାଣିଥିଲା କେଉଁ ବାଳମତୀ ଜଣେ ରିସିପିଟିକୁ ଅଳଙ୍କାର ଫେରେଇ ନଥିଲା । ଖାଲି କହିଦେଲା ରିସିପିଟି ତୋ ସାମ୍ରାଜ୍ୟକୁ ତୁ ଦୁଇଭାଗ କରିଦେଲୁ । ମୁଁ କଲିନି । ସାମ୍ରାଜ୍ୟର ସେ ଭାଗ ଚରାପୁରରୁ ବୋହୂ ଆଣିଛି ଏ ଭାଗ ବଗ୍‌ଲାବେହେଲିକୁ । ବୋହୂ ଆଣିବା ପରେ ସେ ଅପସରି ଗଲା ଜଗନ୍ନାଥଙ୍କ ପରି । ବଳଭଦ୍ର ସୁଭଦ୍ରାଙ୍କୁ ନେଇ ମହାନଦୀ କୂଳେ କୂଳେ ପୁରୀକୁ । ସ୍ୱାମୀ ଓ ପୁଅ ଗୁଣଧରକୁ ନେଇ ଉନ୍ଦେର କୂଳେ କୂଳେ ଯାଇ ପାରିଲାନି । ଡେଙ୍ଗିଲା ତା'କୁଡ଼ିଆରୁ ବଗ୍‌ଲାବେହେଲିର ଅନ୍ୟ କୁଡ଼ିଆକୁ । ପୁରୀରେ ଷାଠିଏ ପଉଟି ରନ୍ଧା ହେଲା । ବାଳମତୀର କୁଡ଼ିଆରେ ଛଅମୁଠା ପାଇଁ ଦିନଯାକର ଖଟଣି ଓ ରାତିଯାକର ଚିନ୍ତା ଦରକାର ହେଲା ।

ରିସିପିଟି ମାନ ଭାଙ୍ଗି ନଥାଏ । ବସିଥାଏ ଗାଁ ବସେଇଥିବା ଗୋଗିଣା ବୁଡ଼ାଟି ଘରେ ବସିଥିଲା ପରି ।

ସ୍ୱାମୀକୁ ରୋଗ ହେଲା । ଘରେ ବସିଲା । ରିସିପିଟି ପାଦତଳର ଔଷଧି ଆଉ ବୈଦ୍ୟକୁ ବି ଜଗନ୍ନାଥ ନେଇ ଯାଉଥିଲେ । ସେଠାରେ ଷାଠିଏ ପଉଟି ପାଇଁ ଆନନ୍ଦ ବଜାର; ଏଠାରେ ଛଅମୁଠା ଅତିକଷ୍ଟ । ବାଳମତୀକୁ ଅଭାବ ସହଚର କଲା । ଜଗନ୍ନାଥ ଭାବବିନୋଦିଆ ହେଲା । ପୁଅ ଗୁଣଧରକୁ ସାତବର୍ଷ ହେଲା ।

ରିସିପିଟି ମାନ କରିଥାଏ । ବାଳମତୀ ସଂସାର ଚଳଉଥାଏ । ଜଗନ୍ନାଥଧାମରେ ପରମପୁରୁଷ ଷାଠିଏ ପଉଟି ଖାଇ ବିଶ୍ରାମ କରୁଥାଏ । ଯୋଗୀମଠ ଖାଲିଥାଏ । ବାଳମତୀର କୁଡ଼ିଆ ଖାଲିଥାଏ । ପୃଥିବୀର ପ୍ରଥମ ବାଳମତୀ ଅଳଙ୍କାର ଫେରାଇ ନଥିବାର କାହାଣୀ ନେଇ ।

ଜଗନ୍ନାଥଙ୍କୁ ଜମି ଲେଖିଦେଲେ ସଂସାରର ରାଜା ମହାରାଜା । ତହସିଲଦାର ଅଧଏକର ଜମି ପାଇଁ ଯୋଗ୍ୟ ଭାବିଲେନି ବାଳମତୀକୁ । ଲୋକେ ଜଗନ୍ନାଥଙ୍କ ହୁଣ୍ଡିରେ ଦିନକୁ ଲକ୍ଷ ଲକ୍ଷ ଟଙ୍କା ଯାଚିଲେ । ବିଡ଼ିଓ ମାସକୁ ଶହେ ଟଙ୍କାର ଯୋଗ୍ୟ ଭାବିଲେନି ବାଳମତୀକୁ ।

ରିସିପିଟିର ସାମ୍ରାଜ୍ୟ ଦୁଇଭାଗ ହୋଇଯାଇଥିଲା, ଆଜ ବାଳମତୀର ସଂସାର । ବାଳମତୀ

Digitized by srujanika@gmail.com

ସାମ୍ରାଜ୍ୟର ସେ ଭାଗରୁ ବୋହୂଆଣିଲା । ତଥାପିବି ରିସିପିଟିର ସାମ୍ରାଜ୍ୟ ଏକ ହେଲାନି । ବର୍‌ଲାବେହେଲି ସାମ୍ରାଜ୍ୟର ସେ ଭାଗ ଖଡ଼ିଆଳକୁ ସଉଦା କିଣିଗଲା / କାମ କରିଗଲା / ଡାକ୍ତରଖାନା ଗଲା / ରିସିପିଟିର ମାନ ଭାଙ୍ଗିଲାନି । ବର୍‌ଲାବେହେଲିରୁ ରାୟପୁର ଗଲା, ରିକ୍‌ସା ଟାଣିଲା । ହାଇଦ୍ରାବାଦ ଗଲା, ଇଟା ଗଢ଼ିଲା । ପୁରୀରେ ଷାଠିଏ ପଉଟି ରନ୍ଧାହେଲା । ଯେଉଁଠି ପ୍ରଥମ ମଣିଷ ଧାନଚାଷ ଆରମ୍ଭ କରିଥିଲା, ସେଠାରେ ବାଳମତୀ ବିପିଏଲ୍ ଚାଉଳ କିଣିବାକୁ ବାସନ ବନ୍ଧାକଲା । ବାସନ ସରିଗଲା । ବଣତୁଳସୀ ମଞ୍ଜି ଖାଇଲା । ବଣତୁଳସୀ ମଞ୍ଜି ସରିଗଲା । ଭୋକରେ ରହିଲା / ଭିକ ମାଗିଲା / ରୋଗ ହେଲା / ମରିଗଲା । ଗୁଣଧରକୁ ଆଠ ବର୍ଷ ହେଲା ସମୟକୁ ସେପ୍ଟେମ୍ବର ୨୭, ୧୯୯୬ । ତଥାପି ବି ରିସିପିଟିର ମାନ ଭାଙ୍ଗିଲାନି ।

ବାଳମତୀ ମଲା ପର୍ଯ୍ୟନ୍ତ ରିସିପିଟିର ସାମ୍ରାଜ୍ୟ ଏକ ହୋଇନଥିଲା । ଗଉନ୍ତିଆ, ଜମିଦାର, ରଜା ସମସ୍ତେ ରାଜ୍ୟଭୋଗ କରି ସାରିଥିଲେ । ଜଗନ୍ନାଥ ଷାଠିଏ ପଉଟି ଖାଉଥିଲା । ରିସିପିଟିର ମାନ ଭାଙ୍ଗିନଥିଲା । କିଛିଲୋକ ଆସି ବର୍‌ଲାବେହେଲିକୁ ବୁଝେଇଲେ ମତେ ଭୋଟ ଦେ, ରଜା କର । ବର୍‌ଲାବେହେଲି ସଙ୍ଗେ ବାଳମତୀ ବି ଭୋଟ ଦେଲା । କିଛି ହେଲାନି ଦୁଇବର୍ଷ କି ପାଞ୍ଚ ବର୍ଷରେ ଜଣେ ଆସିଲା, ଭୋଟ ମାଗିଲା ରଜା ହେଲା । ବାଳମତୀ ଭାବୁଥିଲା ଗୁଣଧର ଠାରୁ ବି ଘନିଷ୍ଠ ନାଁ ରିସିପିଟି । ମାନକରିଛି କରିଥାଉ । କେହି ତା'ପରି ରଜା ହୋଇ ପାରିବେନି । ସେ ଭୋଟ ମାଗୁଥିବା ରଜାମାନଙ୍କ ନା ବି ଜାଣିପାରେନି । ମରିଯାଏ । ଗୁଣଧର ଏକଲା ହୋଇଯାଏ ।

ଲୋକେ ମରୁଡ଼ି ଦେଖିଲେ । ନିଜକୁ ପ୍ରସ୍ତୁତ କଲେ ଗାଁରେ, ରାୟପୁରରେ କି ହାଇଦ୍ରାବାଦରେ ଆଉ ଟିକିଏ ଅଧିକ ଖଟିବୁ । ବଣତୁଳସୀ ମଞ୍ଜି ଖାଇବୁ, ବଞ୍ଚିବାକୁ ଚେଷ୍ଟା କରିବୁ ।

ଜଣେ ଲୋକ ଆସିଲା । କହିଲା ବାଳମତୀ ନଖାଇ, ନ ପିଇ ମଲା । ଲୋକେ ବି ଏ କଥା ଜାଣିଥିଲେ । ସେ ଲୋକ କହିଲା ଏଇଟା ଅନ୍ୟାୟ ହେଲା । ଲୋକେ ଏ କଥା ଜାଣି ନଥିଲେ । ସେ ଲୋକର କଥାରୁ ଜାଣିଲେ ଅଧା ଖାଇ ବଞ୍ଚିଯିବାଟା ନ୍ୟାୟ । ନ ଖାଇ ମରିଯିବାଟା ଅନ୍ୟାୟ । ଅନ୍ୟାୟ ହେଲେ ଫେରାଦ୍ କରିବାକୁ ହୁଏ । ଫେରାଦ୍ କଲେ ସରକାରଙ୍କୁ ଅପମାନପାତକ ଲାଗେ । ଏମିତି ଯଦି କେବେ ସରକାରଙ୍କୁ ଅପମାନପାତକ ଲାଗେ, ତା'ହେଲେ ସରକାର କେବିକେ ଘୋଷଣା କରେ, ମହାବନ୍ଧ ଖୋଳି ବୁଡ଼ପକାଏ । ବାଳମତୀ ଚାଉଳ କିଣିବାକୁ ବାସନ ବନ୍ଧା ପକାଏ । ସରକାର ସୁନା ବନ୍ଧା ପକାଏ । ଲୋକେ କୁହା କୁହି ହୁଅନ୍ତି ଏକଦା ସରକାରଙ୍କୁ ପାତକ ମୁକ୍ତ କରିଥିବା କେବିକେକୁ ବନ୍ଦ କରାଯିବ । ଏତିକିବେଳେ ବାଳମତୀ ମରିଯିବ । ସରକାରଙ୍କୁ ଅପମାନପାତକ ଲାଗିବ ।

ବାଳମତୀର କଥା ସରକାର ଜାଣିବେ । ତାକୁ କିପରି ଅନାହାରରେ ମଲା ଦେଖିବା ପାଇଁ ଆକାଶମାର୍ଗରେ ତିନିଟି ବିମାନ ଧରି ପ୍ରଧାନମନ୍ତ୍ରୀ ଏଚ.ଡ଼ି.ଦେବେଗୌଡ଼ା କେବିକେ ଅଞ୍ଚଳ ବୁଲିଲା ବେଳେ ୧୪ ନଭେମ୍ବର, ୧୯୯୬ ଦିନ ଭାଲୁମୁଣ୍ଡାରେ ଓହ୍ଲେଇବେ । କ୍ଷେତ ଦେଖିବେ, ଲୋକ ଦେଖିବେ । ଲୋକ ନିଜର ଦୁଃଖ ଦେଖେଇବେ, ମରୁଡ଼ିରେ ଜଳିଥିବା ଧାନଗଛ ଦେଖେଇବେ ।

ପ୍ରଧାନମନ୍ତ୍ରୀ ଦୁଃଖ ଦେଖିଲେ । ଗୁଣଧରକୁ ଦେଖିଯିବାକୁ ଚାହିଁବେ । ଅନୁଚର ମନାକରିବେ । ପ୍ରଧାନମନ୍ତ୍ରୀ ବର୍‌ଲାବେହେଲି ଯାଇପାରିବେ ନାହିଁ । ଉନ୍ଦେର ଏ କୂଳରେ ରହିଯିବେ । କହିବେ

Digitized by srujanika@gmail.com

କେବିକେ ବନ୍ଦ କରିବା ନାହିଁ । ଇନ୍ଦ୍ର ଜଳସେଚନ ପ୍ରକଳ୍ପକୁ ଶୀଘ୍ର କାର୍ଯ୍ୟକାରୀ କରିବା । ତୁମେ ୫୦ କୋଟି ଟଙ୍କା ନିଅ । ନିଜର ଦୁଃଖ ଦୂର କର ।

ଗିସିପିଟିର ମାନ ଭାଙ୍ଗିଲା ନାହିଁ । ଭାରତବର୍ଷର ସମ୍ରାଟ ତା'ମାଟିରେ ବାଳମତୀର ଅନାହାର ମୃତ୍ୟୁଦଣ୍ଡ ଉପରେ ନିଜର ମନ୍ତବ୍ୟ ଦେଲେନି । ବାଳମତୀ ଗହଣା ଲୋଭ କଲାପରି ମହାପାତକ କରିଛି । ତା'ର କ୍ଷମା ନାହିଁ । ରାଜ୍ୟର ସେ ଭାଗରୁ ବୋହୂ ଆଣିଲେ କି ଏ ଭାଗରେ ବଣତୁଳସୀ ଖାଇଲେ ତାର ମୃତ୍ୟୁଦଣ୍ଡ ଧର୍ମସମ୍ମତ, ନ୍ୟାୟସମ୍ମତ ।

ଭୋଟ ମାଗୁଥିବା ଲୋକ ବର୍‌ଲାବେହେଲିକୁ କହିଲା ଆମ ଲୋକ ରଜା ହେଲାବେଳେ ଯେଉଁ କେବିକେ ଗାଈକୁ ଲୋକାର୍ପିତ କରିଥିଲୁ, ସେ ଗାଈର ଲାଞ୍ଜକୁ ଦ୍ୱିତୀୟଥର ଧରାଇ ପାତକମୁକ୍ତ ହେଲା ଏ ରଜା । ଯେଉଁ ଇନ୍ଦ୍ରଜଳରେ ଆମେ କେଳି କରିବା କଥା, ସେ ଜଳରେ ସେ ବୁଡ଼ ପକେଇଲା । ତୁମକୁ ଠକିଲା । ବର୍‌ଲାବେହେଲି କିଛି ବୁଝିଲାନି । ଅନ୍ୟଜଣେ ଆସି କହିଲା ତୁମେ କେବିକେ ସ୍ୱର୍ଗରେ ରହିବ, ଇନ୍ଦ୍ରଜଳରେ କେଳି କରିବ । ବର୍‌ଲାବେହେଲି କିଛି ବୁଝିଲା ନାହିଁ । ଦେଖିଲା, ଶୁଣିଲା, ଆଉ କିଛି କହିଲା ନାହିଁ । କହିବ କାହାକୁ ? ଗିସିପିଟି ମାନ କରିଛି ।

ବର୍‌ଲାବେହେଲି ରାୟପୁରରୁ ଫେରି ଦେଖିଲା ତାର ଏଗାରଟି ଘର ଭାଙ୍ଗିଯାଇଛି । ଭାଙ୍ଗିଥିଲେ ଚଳନ୍ତା, ଛାତସୁଦ୍ଧା ତଳେ ପଡ଼ିଯାଇଛି । ବିଡ଼ିଓକୁ କହିଲା । ବିଡ଼ିଓ କହିଲା ଏତେବଡ଼ ବ୍ଲକ୍‌କୁ ତ' ଏଗାରଟି ଘର ଆସୁନି, ତତେ ଦେବି କୁଆଡୁ ? ବର୍‌ଲାବେହେଲି ନିଜର ଦୁଃଖ କହିଲା । ବିଡ଼ିଓ ରାଗିଗଲା- ଗୋଟିଏ ବି ଘର ଦେଇାନି ବରଲାବେହେଲିକୁ । ବରଲାବେହେଲିର କିଛି ହେଲାନି । ଏଗାରଟି ଘର ହରେଇ ଟିକିଏ ସଙ୍କୁଚିତ ହୋଇଗଲା କେବଳ ।

ସୁଶୀଲ ଗିସିପିଟିର ଅନ୍ୟରାଜ୍ୟକୁ ଶାଶୁଘର ଗଲା । ସାଙ୍ଗରେ ଗୁଣଧରକୁ ନେଲା । ସେ ମଜୁରୀ କଲା ସ୍ତ୍ରୀ ସହ । ଗୁଣଧର ଗାଈ ଚରେଇଲା । ବର୍‌ଲାବେହେଲି ପ୍ରାଥମିକ ବିଦ୍ୟାଳୟରେ ଗୁଣଧରର ହାଜିରା ପଡ଼ିଲା / ଗୁଣଧର ଏମ୍‌ଡ଼ିଏମ୍ ଖାଇଲା । ଶିକ୍ଷକଙ୍କୁ ପଚରାଗଲା ଆପଣ କେଉଁବିଦ୍ୟା ଗୁଣଧରକୁ ଶିଖାନ୍ତି ଯେ ସେ ଚରାପୁରରେ ଗାଈ ଜଗେ ଓ ବର୍‌ଲାବେହେଲି ସ୍କୁଲରେ ପଢ଼ି ଏମ୍‌ଡ଼ିଏମ୍ ଖାଇପାରେ । ଏହି ଜଟିଳ ବିଦ୍ୟାର ସରଳ ବ୍ୟାଖ୍ୟା କରନ୍ତି ଶିକ୍ଷକ; ଏ କଥା ଏସ୍.ଆଇ, ବିଡ଼ିଓ, ଏସ୍‌ଇଓ ଜାଣନ୍ତି ।

ଯୋଗୀମଠ

Digitized by srujanika@gmail.com

ସୁଶୀଳ ଦେଖିଲା ତରାପୁରରେ ଶାଶୁଘରେ ବୋଝହେବା ଅପେକ୍ଷା ବରଲାବେହେଲିରେ ଅଧାପେଟରେ ଇଜ୍ଜତ ଅଛି । ଗୁଣଧର ଓ ପରିବାରକୁ ନେଇ ଫେରିଲା ବରଲାବେହେଲି । ଏଠାରେ ବି ଗୁଣଧର ଲୋକଙ୍କ ଗାଈ ଚରେଇଲା, ବିଦ୍ୟାଳୟରେ ଉପସ୍ଥାନ ପଡ଼ିଲା, ଏମ୍‌ଡ଼ିଏମ୍ ଖାଇଲା । ଶିକ୍ଷକଙ୍କ ଜଟିଳ ବିଦ୍ୟା ଆହୁରି ସରଳ ହେଲା ।

ବରଲାବେହେଲିର ଗ୍ରାମପଞ୍ଚାୟତ ବଲଧା । ଏଠାକାର ସରପଞ୍ଚର ବାପାକୁ ବିଡ଼ିଓ ବାର୍ଦ୍ଧକ୍ୟ ଭତ୍ତା ଦେଲେ । ଏକଦା ଯିଏ ବାଳମତୀଙ୍କୁ ବିଧବାଭତ୍ତା ପାଇଁ ଯୋଗ୍ୟ ଭାବିନଥିଲେ, ସେ ସରପଞ୍ଚଙ୍କ ବାପାକୁ ଯୋଗ୍ୟ ଭାବିଲେ । ଏକଥା ତୁଣ୍ଡବାଇଦ ହୋଇଗଲା ପରେ ବିଡ଼ିଓଙ୍କୁ ଛୋଟ ପାତକଟିଏ ଲାଗିଲା । ସେ ଭତ୍ତା ତାଲିକାରୁ ସରପଞ୍ଚର ବାପାକୁ ବାଦ୍ ଦେଲା ।

ବରଲାବେହେଲି ପାଇଁ ରାସ୍ତା ନଥିଲା । ରାସ୍ତା କରାଯିବାକୁ ଉଚିତ ମଣାଗଲା ନାହିଁ । ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ ଅନୁଚରମାନେ ଏଥିଯୋଗୁଁ ଛାଡ଼ିଲେ ନାହିଁ । ଏଗାରଟି ଭଙ୍ଗା ଘର ବଦଳରେ ଗୋଟିଏ ବି ଇନ୍ଦିରା ଆବାସ ଦିଆଗଲା ନାହିଁ । ବିଡ଼ିଓ କହିଲା- ସେମାନେ ରାୟପୁରରେ ରହନ୍ତି , ଏଠାରେ ଘର କଣ କରିବେ ? ସରପଞ୍ଚଙ୍କ ବାପା ଭତ୍ତା ତାଲିକାରୁ କଟିଯିବା ପରେ ବରଲାବେହେଲି ସେହି ସାତଟି ଭତ୍ତା ପାଇଲା, ଯାହା ଆଗରୁ ପାଉଥିଲା । ଗୁଣଧର ଗାଈ ଚରେଇଲା, ଏମ୍‌ଡ଼ିଏମ୍ ଖାଇଲା । ରିସିପିଟିର ମାନ ଭାଙ୍ଗିଲାନି । ଜଗନ୍ନାଥ ଷାଠିଏ ପଉଟିରୁ କାଣିଚାଏ ଊଣା କଲାନି ।

କେବିକେ କାମଧେନୁ ରିସିପିଟିର ଅଖଣ୍ଡ ସାମ୍ରାଜ୍ୟରେ ଚରିଲା । ୭,୨୪୪ କୋଟି ଟଙ୍କାର ଘାସ ଖାଇଲା । ଜ୍ଞାନୀଏ କହିଲେ ଘାସ ଅନୁପାତରେ କ୍ଷୀର ହେଲାନାହିଁ । ଲୋକେ କହିଲେ ଜଗନ୍ନାଥ ପଛ କରିଥିବା ଭୂମିରେ ଯାହା କଲେ କଣ ହେବ ?

ରିସିପିଟିର ମାନ ଭାଙ୍ଗିଲାନି । ଜଗନ୍ନାଥର ରଥ ମହୋଦଧିର ଦୁଇକୂଳରେ ଚାଲିଲା । ସେ ଶ୍ରୀପତି ନାମରେ ଖ୍ୟାତ ହେଲା, ଆଉ ଗୁଣଧର ଅନାହାର ନାମରେ । ଗୁଣଧର ଜୁଆନ ହେଲାଣି । ଲୋକେ କହୁଛନ୍ତି ତୁ ମୁମ୍ବାଇ ଯା । ସେଠାରୁ ଫେରିଲେ ବାହା ହେବୁ । ରିସିପିଟି ପାଖରେ ପଥର ଥୋଇବୁ । ସଂସାର କରିବୁ, ବଣତୁଳସୀ ଖାଇବୁ । ଜଗନ୍ନାଥ ଷାଠିଏ ପଉଟି ଖାଉଥାଉ, ତୋର ଏମ୍‌ଡ଼ିଏମ୍ ଖାଇବା କାଳ ଗଲା ।

ଲୋକେ ସେ ପ୍ରଥମ ପୁରୁଷ, ପରମପୁରୁଷ ଓ ପ୍ରଧାନମନ୍ତ୍ରୀଙ୍କୁ ଇତିହାସ କରିଦେଲେଣି । ଏବେ ରିସିପିଟିର ନାମ ଆଉ ଅନାହାର ନାମ ଗୋଟିଏ ରାଜ୍ୟରେ ଚାଲୁଛନ୍ତି ସମତାଳରେ । ରିସିପିଟି ତା' ଥାନରେ ଅଛି ଯେପରି ଆଗରୁ ଥିଲା । ଗୁଣଧର ପାଖରେ ରିସିପିଟିର ଧୈର୍ଯ୍ୟ କାହିଁ ? ସେ ଯାଇଛି ରାୟପୁର, ଦାଦନ ଖଟି ।

□□□

Digitized by srujanika@gmail.com

୩

# କେବଳ ଜୀଇଁବା ବାହାନାରେ

୧୪ନଭେମ୍ବର, ୧୯୯୬ ଦିନ ପ୍ରଧାନମନ୍ତ୍ରୀ ଏଚ୍.ଡ଼ି.ଦେବେଗୌଡ଼ା କେବିକେ ଜିଲ୍ଲା ଗସ୍ତକରି ଫେରିଲେ । ଏହାର ଦୁଇଦିନ ପରେ ନୂରା ଗହିର ବିଧବା ହୋଇଗଲା ।

ପକ୍ଷାଘାତ ରୋଗଗ୍ରସ୍ତ ସ୍ୱାମୀକୁ ବର୍ଷଟିଏ ପାଳିଲା । ଇ.ଆର୍.ଆର୍.ପି ଯୋଜନାରେ ପାଇଥିବା ଅଧଏକର ଜମି ବନ୍ଧାକଲା । ବଳଦକୁ ବିକି ଦେଲା । ଛଅବର୍ଷର ଝିଅ ସଞ୍ଜୁକୁ ଦୁଇବସ୍ତା କୋଦୋ ଓ ୨୦୦ ଟଙ୍କାରେ ମହାଜନକୁ ଦେଇଦେଲା । ପୁଅ ଗୋପାଳକୁ ତା'ର ନଣନ୍ଦ ନେଲା ପୋଷ୍ୟ ସନ୍ତାନ କରି । ରହିଲା ଛୋଟ ପୁଅଟିଏ ।

କାହାଣୀରେ କିଛି ନୂତନତା ନ ଥିଲା । ଲୋକେ ଦେଖିଲେ ଆହା କଲେ । ନୂରା ସେତେବେଳେ ଚର୍ଚ୍ଚିତ ହୋଇଗଲା ଯେତେବେଳେ କହିଲା ଯେ ସେ ତାର ଝିଆକୁ ବିକ୍ରି କରିଛି । ମରୁଡ଼ି ପରିସ୍ଥିତି ଅନୁଧ୍ୟାନ କରି ଆସିଥିବା ଗୃହକମିଟି ସାମ୍ନାରେ ବି କହିଲା ସେ ଝିଆକୁ ବିକିଛି ।

ସରକାରୀ ଗାଡ଼ିମାନ ତା'ଘର ସାମ୍ନାରେ ଠିଆହେଲା । ଗଣମାଧ୍ୟମର ଲୋକ ଦୌଡ଼ିଲେ । ଗାଁର ଦୁଇଜଣ ଲୋକ ଟିକିନିଖି ତଥ୍ୟ ସମସ୍ତଙ୍କୁ ଦିଅନ୍ତି । କେଉଁ ଜାତିର, କେତେଲୋକ, କେତେ ବୟସର ଆଉ କେତେ ତାରିଖ, ରୋଜଗାର ଆଶାରେ ଗାଁ ଛାଡ଼ିଲେ । କିଏ ରାୟପୁର ଯାଇଛି, ଆଉ କିଏ ହାଇଦ୍ରାବାଦ ଯାଇଛି ।

ନୂରାକୁ ପରିବାର ମଙ୍ଗଳ ଯୋଜନାରୁ ଦଶହଜାର ଟଙ୍କା ଦିଆଗଲା । ବିଧବାଭତ୍ତା ବି । ରାଷ୍ଟ୍ରୀୟ ସ୍ତରରେ ଗଣମାଧ୍ୟମର ପ୍ରତିନିଧିମାନେ ଆସିଲେ । ନୂରାର କଥା ଲେଖିଲେ । ଅନୁକମ୍ପାମୂଳକ ସହଯୋଗ ଆସିଲା । କଣ୍ଟାବାଞ୍ଜି ଷ୍ଟେଟ୍‌ବ୍ୟାଙ୍କ୍‌ରେ ତା'ପାଇଁ ଖାତାଟିଏ ଖୋଲାଗଲା । ଖାତାରେ ତିରିଶ ହଜାର ଟଙ୍କା ବିଭିନ୍ନ ଆଡୁ ଆସି ଜମାହେଲା । ନୂରା ସମ୍ପନ୍ନ ହୋଇଗଲା ତା' ଗାଁରେ । ବିନା ପରିଶ୍ରମରେ ନୂରାର ସମ୍ପନ୍ନତା ଅନ୍ୟ ଅନେକଙ୍କ ପାଇଁ ଚକ୍ଷୁଶୂଳ ପରି ଥିଲା । ବର୍ଷଟିଏ ନୂରା ଆରାମରେ ଚଳିଲା । ତା'ପରେ ଦୌଡ଼ିଲା ବ୍ଲକ୍‌କୁ, କିଛି ସାହାଯ୍ୟ ପାଇବ ।

ମୁଁ ଗାଁରେ ଥିଲେ କେବେ କେମିତି ଆସି ନୂରା ଭେଟେ । କହେ ଖାଇବା ଯୋଗାଡ଼ କରିବା

Digitized by srujanika@gmail.com

କଷ୍ଟ ହୋଇପଡୁଛି । ଏ କଥା ଶୁଣି ମୁଁ ପଚାରିଲି ଏତେ ଟଙ୍କା ସବୁ କଣ କଲୁ ? ତୁ ତୋ' ଗାଁରେ କିଛି ରୋଜଗାର କରି ଚଳିପାରିଥାନ୍ତୁ । ଗୋଟିଏ ତାଲିକା ଥୋଇଲା ମୋ ସାମ୍ନାରେ । କାହାକୁ କେତେ ଟଙ୍କା ଦେଇଛି । ଜମି ମୁକୁଳେଇଲା । ଗାଁର ଦୁଇଜଣ ଲୋକ ଯେଉଁମାନେ ତାକୁ କହିଲେ ଝିଅାକୁ ବିକ୍ରି କରିଛି ବୋଲି କହ, ପ୍ରଧାନମନ୍ତ୍ରୀ ତୋ ଘରକୁ ଆସିବେ, ତୋର ଦୁଃଖ ଯିବ । ସେ ଦୁଇଜଣ ଏଗାର ହଜାର ଏବଂ ନଅ ହଜାର ଟଙ୍କା କରି ନେଲେ । କାରଣ ଥିଲା ଯେ ସେମାନଙ୍କ ପାଇଁ ନୂରା ଏତେଟଙ୍କା ପାଇଲା । ଚାଉଳ ବେପାର କଲା । ଚାଉଳ ଉଧାର ନେଇ ଲୋକେ ଟଙ୍କା ଦେଲେନି । ବେପାର ବୁଡ଼ିଗଲା । ଝିଅକୁ ଚାକରାଣୀ ରଖିବା ପାଇଁ ଲୋକେ ନାରାଜ ହେଲେ । ନୂରା ସର୍ବସ୍ୱାନ୍ତ ହୋଇଗଲା । ମାଗିଯାଚି ବର୍ଷଟିଏ ଚଳିଲା । ଆଉ ରହିପାରିଲାନି ଗାଁରେ । ଗାଁର ଅନ୍ୟ କେତେକ ପରିବାର ପରି ସେ ବି ରାୟପୁର ଗଲା । ସଞ୍ଜୁକୁ ପାଖ ଗାଁ ମହାଜନ ଘରେ ଢୁହାର ମୁଣ୍ଡିଆ ହୋଇ ଚାକରାଣୀ ରଖେଇ ଦେଲା ।

୨୦୦୧ ମସିହା ମାର୍ଚ୍ଚ ମାସ । ନୂରା ଫେରିଲା ରାୟପୁରରୁ । ତାର ହାବଭାବରୁ ଲୋକେ ଫୁସ୍‌ଫାସ୍ ହେଲେ । ତାର ଦେଢ଼ଶୂର ଟାଙ୍ଗିଆ ଧରି ହାଣିବାକୁ ବାହାରିଲା । ରାତିରେ ଗାଁ ଲୋକ ଠେଙ୍ଗାବାଡ଼ି ଧରି ତାକୁ ଗାଁ ଛାଡ଼ି ଚାଲିଯିବା ପାଇଁ କହିଲେ । ନୂରା ବଙ୍ଗୋମୁଣ୍ଡା ଥାନାକୁ ଆସିଲା । ଗାଁ ଲୋକ କହିଲେ ତାର ପାପଗର୍ଭ ଅଛି । ଏହାକୁ ଦେଖି ଗାଁର ଅନ୍ୟ ଝିଅ, ବୋହୂମାନେ ବିପଥକୁ ଯିବେ । ଥାନାବାବୁ ଗାଁ ଲୋକଙ୍କୁ ବୁଝେଇଲେ । ଗାଁଲୋକ ମାନିଲେନି । ଧମକଦେଲେ ।

ପରେ ଗାଁ ଲୋକ ମାନିଲେ । ନୂରା ଘରେ ରହିଲା । ଜାତିଭାଇମାନେ ତାକୁ ଜାତିରୁ ବାସନ୍ଦ କଲେ । ଏସ୍.ଏଚ୍.ଜି ସଭ୍ୟାଥିଲା ନୂରା । ଏସ୍.ଏଚ୍.ଜି କରି ଗୋଟିଏ ବିପ୍ଳବ ଆଣିଥିବା ଏନ୍.ଜି.ଓ ପାଇଁ ନୂରାର କାମ ଥିଲା ତାର ସମସ୍ତ କାର୍ଯ୍ୟରେ କଳଙ୍କ ପରି । ସହଜ ଉପାୟ ଥିଲା ଜାତିଭାଇଙ୍କୁ ରାଜି କରେଇବା । ଏନ୍.ଜି.ଓ ଦୁଇବସ୍ତା ଚାଉଳ ଓ ଛେଳିଟିଏ ଦେଲା ନୂରାର ଜାତିଭାଇଙ୍କୁ । ଜାତିଭାଇ ତାକୁ ଜାତିରେ ମିଶେଇଲେ । ନୂରାର ପୁଅଟିଏ ହେଲା ୧୪ ଅଗଷ୍ଟ ୨୦୦୧ ମସିହାରେ । ଏତେବେଳେ ନୂରାର ବୟାନ ଥିଲା, "ପୁଅଝିଅ ଭୋକରେ ମରିବେ, ସତୀ ଥାଇ ଲାଭ କଣ ?"

ନୂରା ଗୋହିର

Digitized by srujanika@gmail.com

କଳାହାଣ୍ଡି ଜିଲ୍ଲାର କୁହୁରା ଗାଁ । ଦେଗାଁ ଥାନା ଅନ୍ତର୍ଗତ ଏହି ଗାଁ ହେଉଛି ନୂରାର ମା ଘର- ଯେଉଁ ଗାଁରେ ନୂରାର ପୁଅ ଗୋପାଳ ରହେ, ନିଜର ମାମୁଁ ଘରେ । ପାଖଆଖ ଅନ୍ୟ ଅନେକ ଗାଁ ପରି ଏ ଗାଁରେ ବି ସଟ୍ଟା ଖେଳର ପ୍ରାଦୁର୍ଭାବ ବେଶି । ଏତେବେଶି ଯେ ଗୋପାଳ ପରି କିଶୋରମାନେ ମଧ୍ୟ ସଟ୍ଟା ଖେଳନ୍ତି । ଟଙ୍କାଟିଏ ନିର୍ଦ୍ଦିଷ୍ଟ ଦୁଇଟି ନମ୍ବରରେ ସଟ୍ଟା ଖେଳିଲେ ମିଳେ ୮୦ ଟଙ୍କା, ଯଦି ନମ୍ବର ଆସିଲା ।

କୁହାଯାଏ ଏହି ଖେଳ ବାହାର ରାଜ୍ୟରୁ ଖେଳାହୁଏ । ଦିନକୁ ଦୁଇଟି ଖେଳ । ଚାରିଥର ଫଳ ବାହାରେ । ଶୂନ '୦' ରୁ '୯' ସଂଖ୍ୟା ମଧ୍ୟରେ ଗୋଟିଏ ସଂଖ୍ୟାରେ ଟଙ୍କା ପକାଯାଏ । ପ୍ରଥମ ଫଳକୁ 'ଓପନ୍' ଓ ଦ୍ୱିତୀୟ ଫଳକୁ 'କ୍ଲୋଜ୍' କୁହାଯାଏ । ଓପନ୍ କିମ୍ବା କ୍ଲୋଜ୍ ବାହାରିଲେ ଖେଳିଥିବା ଟଙ୍କାର ୯ ଗୁଣ ଟଙ୍କା ମିଳେ । ଓପନ୍‌ର ସଂଖ୍ୟା ଓ କ୍ଲୋଜ୍‌ର ସଂଖ୍ୟା ମିଶି ଯେଉଁ ଦୁଇଟି ସଂଖ୍ୟା ବାହାରେ ତାକୁ 'ଯୋଡ଼ି' କୁହାଯାଏ । ଯୋଡ଼ି ବାହାରିଲେ ମିଳେ ୮୦ ଗୁଣ । ଏହି ଖେଳରେ ମୁଖ୍ୟ ହେଲା ପତି ସଂଖ୍ୟା । ପତି ସଂଖ୍ୟା ତିନୋଟି । ଧରାଯାଉ ୮, ୬ ଓ ୩ ଏହାର ମିଶ୍ରଫଳ ୧୭ । ଏହି ପତି ସଂଖ୍ୟାରେ '୭' ହେବ ପ୍ରଥମ ଖେଳରେ ଓପନ ଏବଂ ଦ୍ୱିତୀୟ ଖେଳରେ କ୍ଲୋଜ୍ । ଯଦି ଜଣେ ପତି ସଂଖ୍ୟା ଖେଳିଲା ତା'ହେଲେ ମିଳିବ ୧୦୦ ଗୁଣ । ଓପନ ଓ କ୍ଲୋଜରେ ପତି ସଂଖ୍ୟା ଲାଗିଲେ ଏହାକୁ କୁହାଯାଏ 'ଜେକ୍‌ପଟ' ଏଥିରେ ମିଳିବ ୧୦୦୦ ଗୁଣ । ଏହି ଖେଳ ଖେଳେଇବା ପାଇଁ କିଛି ପତ୍ରିକା ବି ବାହାରେ । କିନ୍ତୁ ଏହା ଆଇନସମ୍ମତ ଖେଳ ନୁହେଁ । ଚୋରାରେ ଚାଲେ । ବହୁଳ ପ୍ରସାରିତ ଏହି ଖେଳ ଗୁପ୍ତ ରହିପାରେ ନାହିଁ ତେଣୁ ଏହାକୁ ପୋଲିସର ସମର୍ଥନ ବିନା ଖେଳେଇବା ଅସମ୍ଭବ । ଗୋଟିଏ ଅଞ୍ଚଳରେ ଗୋଟିଏ କେନ୍ଦ୍ର ଜରିଆରେ ଏହି ଖେଳ ଖେଳାହୁଏ । ଯେଉଁଠାରେ ଦେଖାଯାଇଛି ଦୈନିକ ୫୦ହଜାରରୁ ଏକଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖେଳ ଖେଳାଯାଇଥାଏ । ସଂଖ୍ୟାର ଏହି ଖେଳରେ ମାତ୍ରାଧିକ ଲାଭ ଲୋକଙ୍କୁ ଆକୃଷ୍ଟ କରିଥାଏ । ବାରମ୍ବାର ହାରିଲେ ଗୋପାଳମାନଙ୍କୁ ଚୋରି ପରି ଅପରାଧ କରିବାକୁ ମଧ୍ୟ ପଡ଼ିଥିବା ଉଦାହରଣ ଅନେକ । କିନ୍ତୁ ଏଠାରେ ସମସ୍ତ ଉଦାହରଣକୁ ବଳିଗଲା କଥାଟିଏ ।

୨ ଡିସେମ୍ବର ,୨୦୦୫ । ଏହିଦିନ ରାତିରେ କୁହୁରା ଗାଁର ମାୟାଧର ନିଆଲ ନିଜର ଖଳାକୁ ଶୋଇଗଲା । ସକାଳେ ଖଳାରେ ତାର ଶବ ପଡ଼ିଥିଲା । କିଏ କହିଲା ହତ୍ୟା, କିଏ କହିଲା ହେଟାବାଘ କି ଚିତା ଆକ୍ରମଣରେ ମରିଛି ।

ମାସେ ଗଲା । ଆସ୍ତେ ଆସ୍ତେ କଥା ପ୍ରଘଟ ହେଲା । ନୂରାର ପୁଅ ଗୋପାଳ ଏବଂ ଅନ୍ୟ ଦୁଇଜଣ ଖଲାନିଧି ବାଗ ଓ ଦ୍ରୋଣ ଶବରକୁ ଦେଗାଁ ପୋଲିସ ଗିରଫ କଲା । ମାୟାଧରର ହଳିଆ ମୁମ୍ବାଇ ପଳେଇଲା ଗିରଫ ହେବା ଭୟରେ, ଯେଉଁଠାକୁ ତାର ପରିଜନମାନେ କାମ କରି ଯାଇଥିଲେ ଅନ୍ୟ ଅନେକଙ୍କ ପରି । ଗିରଫ ତିନିଜଣଙ୍କ ବୟାନ ଥିଲା ଚମକପ୍ରଦ । ମାୟାଧରର ହଳିଆ ଆଉ ଏହି ତିନିଜଣ ଧାନବସ୍ତାଏ ଚୋରିକଲେ ଖଳାରୁ । ଚୋର ଧରା ପଡ଼ିଲାନି । ମାୟାଧର କହିଲା ଚୋର ଧରିବା ପାଇଁ ଖଟ ଚଳେଇବ । ଖଟ ଚଳେଇବା ଏକ ଗୁଣିଗାରେଡ଼ି ପ୍ରୟୋଗ । ଚାରିଜଣ ଲୋକ ଖଟ ଧରି ଛିଡ଼ାହେବେ । ଗୁଣିଆ ପୂଜା କରିବ । ଖଟ କୁଆଡ଼େ ବାଧ୍ୟ କରିବ ତାର ଧାରକ ଚାରିଜଣଙ୍କୁ ତା' ନିର୍ଦ୍ଦେଶରେ ଚାଲିବା ପାଇଁ । ଖଟ ଯା' ଦ୍ୱାରରେ ଠିଆହେବ ସେ ହେବ ଅପରାଧୀ । ଲୋକଲଜ୍ଜା ଯୋଗୁଁ ଖଟଚଳା ପ୍ରତି ଭୟ ସମସ୍ତଙ୍କର । ବିଶ୍ୱାସ ଆଉ ମାନ୍ୟତା ବି ସେତିକି । ଏ

Digitized by srujanika@gmail.com

ଖଟଚଲାରେ କଳାହାଣ୍ଡି କର୍ଲାପଡ଼ା ନିକଟସ୍ଥ ଏକ ଗାଁରେ ଖଟ ଜଣୈକ ବ୍ୟକ୍ତି ଘରେ ରହିଲା । ଲୋକ ତାକୁ ଚୋର ଠାବକରି କବାଟ ବାଡ଼େଇଲେ । ସେ ବାହାରିଲା ନାହିଁ । ଉତ୍ତ୍ୟକ୍ତ ଲୋକେ ତାର କବାଟ ଭାଙ୍ଗିଦେଲେ । ସମସ୍ତେ ଦେଖିଲେ ଘର ଭିତରେ ଲୋକଟିର ଶବ ଝୁଲୁଥାଏ । ଗୁଣିଆ ସହ ଅନ୍ୟ ସମସ୍ତେ ଫେରାର ମାରିଲେ । ପୋଲିସ ଗିରଫ କଲା ଗୁଣିଆ ସହ ଅନେକଙ୍କୁ । ଏପରି ଅନେକ ଘଟଣା ପାଖଆଖରେ ।

ଗୋପାଳ ଏବଂ ଅନ୍ୟମାନେ ବି ଭୟ ପାଇଗଲେ । ଯୋଜନା କଲେ ମାୟାଧରଙ୍କୁ ମାରିଦେବେ । ଗୋପାଳ ଏବେ ଜେଲ୍‌ରେ ।

ନୂରା ସମ୍ପର୍କୀୟମାନଙ୍କୁ କହିଲା ତା' ପୁଅକୁ ଜେଲ୍‌ରୁ ମୁକୁଳେଇବା ପାଇଁ । ସମସ୍ତେ ଅମଙ୍ଗ ହେଲେ । ଏତେ ଖର୍ଚ୍ଚ କିଏ କରିବ । ଆକ୍ଷେପ କଲେ, ତୋର ଚରିତ୍ର ଯୋଗୁଁ ତୋ ପୁଅ ଉପରେ ବିପଦ ପଡ଼ିଲା ।

ନୂରା ବଞ୍ଚିଛି । ତାର ବଞ୍ଚିବାରେ କିଛି ନୂତନତା ନାହିଁ । କିଛି ପାପ, କିଛି ଅପରାଧକୁ ଦାୟିତ୍ୱ ଭାବିଛି ନା କର୍ମଫଳ ସେ ହିଁ ଜାଣିବ । ଦୀର୍ଘ ଉତ୍ପୀଡ଼ନ ଫଳରେ ଚର୍ଚ୍ଚିତ ହୋଇ ସାମ୍ନାକୁ ଆସିଥିବା ଗୋଟିଏ ନାଁ ନୂରା । ନୂରାର ଆଗକୁ ବହୁତ କାହାଣୀ, ପଛକୁ ବି ।

ସିନ୍ଧେକେଲା ଥାନା ଅନ୍ତର୍ଗତ ଫଟାମୁଣ୍ଡା ଗାଁ । ୧୯୯୮ ମସିହାରେ ଜଣେ ଝିଅ ବାହାହୁଏ । ବାସର ରାତି ଶାଶୁଘରେ ଗର୍ଭକଷ୍ଟ ହୁଏ । ପୁଅଟିଏ ଜନ୍ମହୁଏ । ମାଟ୍ରିକ ପାସ କରିଥିବା ଝିଅ ଉର୍ମିଳା । ସ୍ୱାମୀ ରାଗିଯାଇ ନବଜନ୍ମିତ ଶିଶୁସହ ଉର୍ମିଳାକୁ ସିନ୍ଧେକେଲା ଥାନାକୁ ଆଣେ । ସମାଜର ଲୋକେ ସ୍ୱାମୀସହ ତାର ଭଉଣୀକୁ ବାହା କରେଇଦିଅନ୍ତି ।

କଥା ସରିଯାଏ । ଖୋଜାହୁଏ କାହାଣୀ । ନିଜ ଘରେ ଭଡ଼ାରେ ରହୁଥିବା ଜଣେ କଳାକାର କାର୍ତ୍ତିକ ସହ ଉର୍ମିଳାର ପ୍ରେମ ସମ୍ପର୍କ ଗଢ଼ିଉଠେ । ବିବାହର ପ୍ରତିଶ୍ରୁତି ପାଇ ସେ ସବୁକଥାରେ ସମ୍ମତ ହୁଏ । ଆଜି,କାଲି କହି କାର୍ତ୍ତିକ ଠକିଚାଲେ । ମା' ଛେଉଣ୍ଡ ଝିଅ ନିଜର ଗର୍ଭକୁ ଲୁଚେଇବାର ଚେଷ୍ଟାରେ ସଫଳ ହୁଏ ଅବା ସମସ୍ତେ ଜାଣି ଚୁପ୍ ରହନ୍ତି । ବାହାଘର ଦିନ ଧାର୍ଯ୍ୟହୁଏ । କାର୍ତ୍ତିକ ଦିନ ଗଡ଼େଇଚାଲେ । ବାହାଘର ବି ସରିଯାଏ । ଛୁଆଜନ୍ମ ପରେ ତଡ଼ାଖାଏ । କାର୍ତ୍ତିକ ନିଜର ଦୋଷ ସ୍ୱୀକାର କରେ । ଟିଟିଲାଗଡ଼ କୋର୍ଟରେ ସତ୍ୟପାଠ କରି ଉର୍ମିଳାକୁ ବାହା ହୁଏ । ସୁଯୋଗ ଉଣ୍ଡି ଫେରାରମାରେ ତା' ପୂର୍ବର ସ୍ତ୍ରୀପାଖକୁ । ତାକୁ ଆଣିବାର କି ଉର୍ମିଳାକୁ ତା' ପାଖକୁ ନେଇ ନେବାକୁ ସାହସ ପାଆନ୍ତି ନାହିଁ । ଗାଁ ଲୋକେ କି କେହି ଦାୟିତ୍ୱ ନିଅନ୍ତି ନାହିଁ । ଏପରିକି ଶିକ୍ଷିତ ତା'ର କାକା, ଦାଦାମାନେ ମଧ୍ୟ । ଶିଶୁଟିକୁ ଜଣେ ସ୍ୱାସ୍ଥ୍ୟକର୍ମଚାରୀ ପୋଷ୍ୟସନ୍ତାନ ଭାବେ ଗ୍ରହଣ କରନ୍ତି । ଉର୍ମିଳାକୁ ଅନ୍ୟଜଣେ ଦଶହଜାର ଟଙ୍କା ବଦଳରେ ନିଏ । କୁଆଡ଼େ ନିଏ କେହିବି ଜାଣନ୍ତି ନାହିଁ । ଉର୍ମିଳାର ବାପା ଲୋକଙ୍କୁ କାଗଜ ଖଣ୍ଡେ ଦେଖାଏ ଲୋକଙ୍କୁ ଯେଉଁଥିରେ ଲେଖାଥାଏ ମୁଁ ଉର୍ମିଳାକୁ ପୋଷ୍ୟସନ୍ତାନ ଭାବେ ନେଲି । ଏହି ସମ୍ବନ୍ଧରେ ସିନ୍ଧେକେଲା ଥାନାରୁ ମଧ୍ୟ ସମସ୍ତ ରେକର୍ଡ଼ପତ୍ର ଗାୟବ ହୋଇଯାଏ ।

ବଙ୍ଗୋମୁଣ୍ଡା ଥାନା ଅନ୍ତର୍ଗତ ତେନ୍ତୁଳିଖୁଣ୍ଟି ଗାଁ । ଏ ଗାଁର ଜଣେ ହରିଜନ ମହିଳାକୁ ଜଣେ ସବର୍ଣ୍ଣ ଯୁବକ ଉତ୍ତରପ୍ରଦେଶ ନେଇଯାଏ । କଷ୍ଟେମଷ୍ଟେ ମହିଳାଟି ଗାଁକୁ ଫେରି ଥାନାରେ ଫେରାଦ ହୁଏ ଯେ ଯୁବକଜଣକ ତାକୁ ବିକ୍ରୀ କରିବାକୁ ନେଇଥିଲା । ଯୁବକକୁ ଗିରଫ କରାହୁଏ ।

Digitized by srujanika@gmail.com

ବଙ୍ଗୋମୁଣ୍ଡାର ଜଣେ ହରିଜନ ଯୁବକ ସହ ଗୋଟିଏ ସବର୍ଣ୍ଣ ଝିଅ ଫେରାର ହୁଏ । ଦୁଇବର୍ଷ ପରେ ନାଗପୁରରେ ଯୁବକଟି ମରିଯାଏ । ଝିଅଟି ନିଜର ନବଜନ୍ମିତ ଶିଶୁପୁଅକୁ ଧରି ଗାଁକୁ ଫେରେ । ବାପଘରକୁ ଯିବା ଅସମ୍ଭବ । ଶାଶୁଘରେ ରହିପାରେ ନାହିଁ । ଦିନେ ଝିଅଟି କୁଆଡ଼େ ପଳେଇଯାଏ ।

ଅନେକ ସାମାଜିକ ଓ ପ୍ରାକୃତିକ କାରଣରୁ ଅଞ୍ଚଳର ଲୋକେ ପଳାୟନକୁ ସମାଧାନ କରିନେଲେ । ସେମାନେ ରାୟପୁର, ଦୁର୍ଗ, ଭିଲାଇ, ମୁମ୍ବାଇ, ଉତ୍ତରପ୍ରଦେଶ ଆଦି ଅଞ୍ଚଳକୁ ଯାଇଥାନ୍ତି । ସେଠାକାର କର୍ମସୁଯୋଗ ଲୋକଙ୍କୁ ଯିବାପାଇଁ ଆକୃଷ୍ଟ କରିଥାଏ । କିନ୍ତୁ ଏହି ପଳାୟନ ଆଢୁଆଳରେ ଗୋଟିଏ ନିକୃଷ୍ଟ ବ୍ୟବସାୟ ଚାଲିଲା ।

ରାୟପୁରରେ ଏଠାକାର ଅନେକ ମହିଳା ଚାକରାଣୀ କାମକରନ୍ତି । ଏମାନଙ୍କୁ 'ବାଇ' କୁହାଯାଏ । ଯାହା ଘରେ କାମ କରନ୍ତି ସେ ଘରର ମାଲିକାଣୀକୁ ଏମାନେ 'ବାଇ' ଡାକନ୍ତି । ଏ 'ବାଇ' ସମ୍ବୋଧନ ଉଭୟେ ଉଭୟଙ୍କ ପ୍ରତି କରିଥାନ୍ତି । ଏହି ସମ୍ବୋଧନ ସୂଚିତ କରେ ଯେ କାମ କରୁଥିବା ମହିଳାଟି ବହୁକ୍ଷେତ୍ରରେ ସୁରକ୍ଷିତ ରହେ, ସମ୍ମାନ ବି ପାଏ । 'ବାଇ' ଘରେ କାମ କରିବା ଏକ ଆକର୍ଷଣ ବି ରଖେ ଏହି ସର୍ବହରା ମହିଳାମାନଙ୍କ ପାଇଁ ।

ଦାରିଦ୍ର୍ୟ ଅନେକଙ୍କୁ ଅସହାୟ କରେ । ଏ ଅସହାୟତାର ସୁଯୋଗ ନେଇ ଅନେକ ଝିଅଙ୍କୁ ଦେହ ବ୍ୟବସାୟରେ ଲଗାଯାଏ । ଏଥିପାଇଁ କୌଣସି ବାଧ୍ୟବାଧକତା କିମ୍ବା ଭୟ ଦେଖାଯାଇ ନ ଥାଏ । ମନସ୍ତାତ୍ତ୍ୱିକ ସ୍ତରରେ ଗୋଟିଏ ଚାପ ସୃଷ୍ଟି କରାଯାଏ । ସେପରି ପରିବେଶ ତିଆରି କରାଯାଏ ।

'ବାଇ' ଘରେ କାମ କରୁ ଅଥବା ଦେହ ବ୍ୟବସାୟ; ଏ କ୍ଷେତ୍ରରେ ଅନେକ ଯୁବତୀ ସେଠାକାର ଯୁବକମାନଙ୍କୁ ବାହା ହୁଅନ୍ତି । ତାଙ୍କ ଉପରେ ଅତୀତର କୌଣସି ପ୍ରଭାବ ରହେନାହିଁ ।

ସୁନୀତା ଏହି ଅଞ୍ଚଳର ଜଣେ ପନ୍ଦର ବର୍ଷର ଝିଅ । ତାର ଜଣେ ନିକଟ ସମ୍ପର୍କୀୟା ପିଉସୀ ତା ଘରକୁ ଆସିଲା । ବେଶ୍ ସମ୍ପନ୍ନ ଦିଶୁଥାଏ । ଏ ସମ୍ପନ୍ନତା ତା'ପ୍ରତି ଅନ୍ୟମାନଙ୍କ ଆକର୍ଷଣର ଗୋଟିଏ କାରଣ । ସେ ବାରମ୍ବାର ସୁନୀତା ଘରକୁ ଆସିବା; ଫଳ, ପୋଷାକ ଉପହାର ଆଣିବା ତା' ପ୍ରତି ଗୋଟିଏ ସ୍ୱତନ୍ତ୍ର ସମ୍ମାନ ଓ ସମ୍ଭ୍ରମତା ତିଆରି କରିଥାଏ ।

ଦିନେ ପ୍ରସ୍ତାବ ଦେଲା ସୁନୀତାକୁ ମୋ ସଙ୍ଗେ ଛାଡ଼ିଦିଅ । ଆଉ ପାଠପଢ଼ି କଣ କରିବ ? ମୋର କାମରେ ସହାୟତା କରିବ । ଭଲ ଖାଇବ, ଭଲ ପିନ୍ଧିବ । ଏକଦା ଯିଏ ଖାଇବାକୁ ପାଉ ନ ଥିଲା, ଆଜି ସେ ସମ୍ପନ୍ନ । ସୁନୀତାର ବାପା ମା' ନିଜେ ଦେଖୁଛନ୍ତି । ସୁନୀତାକୁ ନ ଛାଡ଼ିବାର କାରଣ ନ ଥିଲା ।

ସୁନୀତା ଦିନେ ଘରକୁ ଆସିଲା । ସାଙ୍ଗରେ ପିଉସୀ । ଭଲ ପିନ୍ଧିଥାଏ, ଭଲ ଦିଶୁଥାଏ । ଘରେ ଦୁଇଦିନ ରହିଲା । ପିଉସୀ ବି ରହିଲା । ଗଲାବେଳେ ବାପ ହାତକୁ ପିଉସୀ ବଢ଼େଇଦେଲା ତିନି ହଜାର ଟଙ୍କା । ହାବଭାବରେ ସୁନୀତାର ମା'ଙ୍କର ଟିକିଏ ସନ୍ଦେହ ହେଲା । ପଚାରିଲେ ଠିକ୍ ଅଛୁତ ମା । ସୁନୀତା ହଁ କଲା କେବଳ । ଘରର ଅଭାବ ବି କମ୍ ନ ଥିଲା । ରୋଗୀ ବାପ, ଚାରି ଭାଇଭଉଣୀ ।

ସୁନୀତାର ବାପା ମରିଗଲା । ସୁନୀତା ଘରକୁ ଆସିଲା । କ୍ରିୟାକର୍ମର ସମସ୍ତ ଭାର ପିଉସୀ ଉଠେଇଲେ । ପାଞ୍ଚହଜାର ଟଙ୍କା ବି ଦେଲେ । ଦଶ୍‌ବାର ଦିନ ପିଉସୀ ରହି ପାରିଲେନି ସୁନୀତା ସଙ୍ଗେ । ସୁନୀତା କହିଲା ମୁଁ ଆଉ ରାୟପୁର ଯିବି ନାହିଁ । ମାଙ୍କୁ କହିଲା ସବୁକଥା । ରାୟପୁରରେ

Digitized by srujanika@gmail.com

ପିଉସୀ ତା'ପରି ଆଉ ଦୁଇଟି ଝିଅଙ୍କୁ ରଖିଛି । ସୁନୀତାକୁ ପ୍ରଥମ ଦିନ ରାତିରେ ଜଣେ ଯୁବକ ସହ ଶୋଇବାକୁ କହିଲା । ସୁନୀତା ମନାକଲା । ପିଉସୀ କିଛି କହିଲାନି । ବାଧ ବି କଲାନି ।

ସୁନୀତାକୁ କୌଣସି ପ୍ରକାର କଷ୍ଟ ବି ଦିଆଗଲାନି । ସୁନୀତା ରାତିରେ ଶୋଇଲା । ପାଖ ଖଟରେ ଅନ୍ୟ ଝିଅଟି । ଗରାଖ ଆସିଲା । ସୁନୀତା ଡିବିରି ଆଲୁଅରେ ସବୁ ଦେଖିଲା । ଘୃଣା ଲାଗିଲା, ଭୟ ବି । ସକାଳୁ ଖାଇଲାନି । ପିଉସୀ ବହୁତ ବୁଝେଇଲା । ତୁ ଖାଇଦେ, ମୁଁ ତତେ ଏପରି କାମ କରିବାକୁ କେବେବି କହିବିନି । ସୁନୀତା ତା' ପରଦିନ ରାତିରେ ବି ସେ ଦୃଶ୍ୟ ଦେଖିଲା । ଗୋଟିଏ ସପ୍ତାହ ବାରମ୍ବାର, ଯି' ଦିନ ଚାରି ପାଞ୍ଚଟି ଗରାଖ ଆସନ୍ତି ଝିଅଟି ପାଖକୁ । ବିବେକ ବାଧା ଦେବାସତ୍ତ୍ୱେ ସେ ଟାଣିନେଲା ନିଜ ଖଟକୁ ଜଣେ ଆଗନ୍ତୁକ ଯୁବକକୁ । ଯାହାକୁ ଗରାଖ ସମ୍ବୋଧନ କରାଯାଏ । ପାଖ ଝିଅଟି ତାକୁ ଅଭିନନ୍ଦନ କଲାପରି ଉତ୍ସାହିତ କରୁଥାଏ । ସେଦିନ ରାତିରେ ଶୋଇପାରିନଥିଲା ସୁନୀତା । କାନ୍ଦିଥିଲା ରାତିସାରା ।

ଦୁଇବର୍ଷ ପରେ ବାପା ମରିଗଲା । ସୁନୀତା ଫେରିଲା, ଆଉ ଗଲାନି । ଘରେ କହିଲା । ନିକଟ ସମ୍ପର୍କୀୟ ସବୁ ଜାଣିଲେ । ଲୋକଲଜ୍ଜା ଭୟରେ ଚୁପ୍ ରହିଲେ । ବର୍ଷଟିଏ ପରେ ସୁନୀତା ବାହାହେଲା । ଜଣେ ଶିକ୍ଷିତ ଯୁବକକୁ, ଏବେ ସେ ଠିକ୍‌ରେ ଅଛି ।

ସୁନୀତାର ପରିସ୍ଥିତି ଅନେକେ ଭୋଗନ୍ତି । ଗାଁକୁ ଆସି ଯଦି ବା ଝିଅଟି ମା ବାପାଙ୍କ ପାଖରେ ଫେରାଦ ହେବ, ନା' ତ ମା-ବାପା ଅପରାଧୀ ବିପକ୍ଷରେ କିଛି କରିପାରିବେ, ନା କାହାକୁ କହି ପାରିବେ ? ଉଭୟ କ୍ଷେତ୍ରରେ ଝିଅଟିର ହିଁ କ୍ଷତି ହେବ ।

ଅନ୍ୟସ୍ଥାନରେ ଝିଅକୁ ନେଇ ବିକ୍ରି କରିବାର ବି ଉଦାହରଣ ଅଛି । ଅନାଥ, ଯୁବା ବିଧବା କି ସ୍ୱାମୀ ପରିତ୍ୟକ୍ତା ଝିଅମାନଙ୍କୁ ଦଲାଲମାନେ ଅତି ଚତୁରତାର ସହ କାମରେ ଲଗେଇ ଦେବାର ବାହାନାରେ ନିଅନ୍ତି । ବାସ୍, ତା' ପରେ ଝିଅଟିର ଭାଗ୍ୟ ବି ତାର ସାଙ୍ଗ ଛାଡ଼ିଦିଏ ।

ଅନ୍ୟ ଅନେକଙ୍କ ପରି ସେଠାରେ ଝିଅଟି କାହାକୁ ବାହାହେଲା ତ ଠିକ୍, ନହେଲେ ତାର ବୟସ ଢଳିଗଲେ ସେ ବି ପିଉସୀ ପରି କାମ କରିବ ଅଥବା ଦଲାଲ ହେବ ।

ହଜାର ସଂଖ୍ୟାରେ ଏଠାକାର ଝିଅମାନେ ରାୟପୁର, ନାଗପୁର, ଭୋପାଳ, ଦିଲ୍ଲୀ, ଚଣ୍ଡିଗଡ଼ ପରି ଅଞ୍ଚଳରେ ଅଛନ୍ତି । ପୋଲିସ୍ ନିକଟରେ ଏ ସୂଚନା ନାହିଁ । ଏହା କହିବା ମିଛ, କିନ୍ତୁ ପୋଲିସ୍ କିଛି କରି ନଥାଏ ଯେ ପର୍ଯ୍ୟନ୍ତ ଘଟଣାକୁ ଆବୁଆଳରେ ରଖାଯାଇପାରେ ।

ଏ କ୍ଷେତ୍ରରେ କୌଣସି ସମାଜସେବୀ ବି କାମ କରନ୍ତିନି । ଯାହା କରନ୍ତି ତାହା ଧର୍ମକୁ ଆଖିଠାର ପରି ।

ମୁଁ ନିଜେ ଏପରି ଅଶୀରୁ ଊର୍ଦ୍ଧ୍ୱ ମହିଳାଙ୍କ ଉପରେ ଅନୁଧ୍ୟାନ କରିଛି । ମୋର ଅନୁଧ୍ୟାନରେ ୧୯ଜଣ ବାହା ହୋଇଛନ୍ତି । ସେମାନେ ପାଖାପାଖି ଗୋଟିଏ ଉତ୍ତର ଦିଅନ୍ତି - ତାଙ୍କର ଅତୀତ ଅତୀତରେ ହିଁ ରହିଯାଏ । ତେଣୁ ସେମାନେ ସୁଖରେ ଅଛନ୍ତି । ଆଠଜଣ ଶିକ୍ଷିତା ଝିଅ ମଧ୍ୟରୁ ପାଞ୍ଚଜଣ ବାହା ହୋଇଛନ୍ତି ନିଜ ଗାଁ ପାଖରେ । ଫଟାମୁଡ଼ାର ଝିଅ ବିଷୟରେ କୌଣସି ଖବର ନାହିଁ । ଆଉ ଦୁଇଜଣ ବାହାହେବାରେ କୌଣସି ପ୍ରତିବନ୍ଧକ ନାହିଁ । ସୁନୀତାର ପିଉସୀ ସହ ସାତଜଣ

Digitized by srujanika@gmail.com

ଦଲାଲ କାମ କରନ୍ତି । ଦୁଇଜଣଙ୍କ ମୃତ୍ୟୁ ହୋଇଗଲା । ବାକିମାନେ ଭାଗ୍ୟକୁ ଆଦରି ରହନ୍ତି । କେବଳ ନୂରା ପାଖରେ ଦୁର୍ଘଟଣା ଘଟିଲା । ସେ ମା ହୋଇଗଲା । ତଥାପି ତା' ପାଇଁ ଗୋଟିଏ ଭଲ ଖବର ଯେ ସେ ଗାଁରେ ରହିପାରିଲା ।

*(ଗୋଟିଏ ମିଡ଼ିଆ ଫେଲୋସିପ ପାଇ ବିଜୟ କୁମାର ସହିସ କେବିକେ ଅଞ୍ଚଳରେ ଦେହ ବ୍ୟବସାୟ ଉପରେ ଗବେଷଣା କରିଥିଲେ । ତାଙ୍କ ମତରେ ଆର୍ଥିକ ଓ ସାମାଜିକ ଦୃଷ୍ଟିକୋଣରୁ ବ୍ୟବସ୍ଥିତ କେତେକ ଗୋଷ୍ଠୀ କ୍ରମାନ୍ୱୟରେ ବିଭିନ୍ନକାରଣରୁ ନିଃସ୍ୱ ହୋଇଯାଇ ଦେହ ବ୍ୟବସାୟରେ ନିଜକୁ ନିୟୋଜିତ କଲେ । ଏମାନେ ପାରମ୍ପରିକ ଶିଳ୍ପରୁ ବିଚ୍ୟୁତ କରାଯାଇ ଲୁଣ ବ୍ୟବସାୟରୁ ଆୟୋଡ଼ିନଯୁକ୍ତ ଲୁଣର ପ୍ରଚଳନ ଏମାନଙ୍କୁ କର୍ମଶୂନ୍ୟ କରିବା ସହ ଗହଣାକ୍ଷେତ୍ରରେ ରୁପାର ପ୍ରଚଳନ, ହଳଗାଡ଼ି ବଦଳରେ ଟ୍ରାକ୍ଟରର ପ୍ରଚଳନ, ତେଲ ପ୍ରସ୍ତୁତିରେ ଶିଳ୍ପର ଅନୁପ୍ରବେଶ, ହାଡ଼ ବ୍ୟବସାୟ ଆଦି କାମରୁ ବିଚ୍ୟୁତ ହୋଇ ଏମାନେ ଦେହ ବ୍ୟବସାୟ ପରି ନିକୃଷ୍ଟ ପରମ୍ପରାକୁ ଆଦରି ନେଲେ । ଏଡ଼ସ୍ ପ୍ରଥମେ ଏହି ମହିଳାମାନଙ୍କୁ ହୋଇଥିଲା । ଏବଂ ଏଡ଼ସ୍ ସଚେତନତା ଉପରଠାଉରିଆ ହୋଇ ପ୍ରକୃତ ସମସ୍ୟା ଉପରେ ଧ୍ୟାନ ନରହିବା ଯୋଗୁଁ ଏହା ଗ୍ରାମାଞ୍ଚଳରେ ବିସ୍ତାର ହୋଇଚାଲିଛି । ଏଡ଼ସ ନିୟନ୍ତ୍ରଣର ଧ୍ୱଜାଧାରୀ ସମସ୍ତେ ଚକୁଆ ହୋଇ ଦେଖୁଛନ୍ତି କେବଳ ।)*

❑❑❑

**ବୁଣାକାର ପରିବାର ମଉଳିଗଲେଣି ।**
**କାଁ ଭାଁ ପଶ୍ଚିମ ଓଡ଼ିଶାରେ ଏହି ହାତବୁଣା**
**ତନ୍ତର ବ୍ୟବହାର ରହିଛି ।**

Digitized by srujanika@gmail.com

# ୪

# ଈଶ୍ୱରୀ ହେମା ଓ ପାଟିଗଣିତ

ଶ୍ୟାମଲାଲ ତାଣ୍ଡି, ସ୍ତ୍ରୀ ଲଳିତା; ପୁଅ ଦୁଇଟି ହରେନ୍ଦ୍ର ଓ ଦେବେନ୍ଦ୍ର, ଝିଅ ହେମା ସହ ରହେ ଅନ୍ୟ ଚାରୋଟି ପରିବାର ପରି କୁଣ୍ଡାବୁଟ୍‌ଲା ଗାଁର ଗୋଚର ଜମିରେ ମାଟିଘର କରି । ଇ.ଆର୍.ଆର୍.ପି ଯୋଜନାରୁ ପାଇଥିବା ଅଧଏକର ଜମି ଚାଷକରି ଏବଂ ମଜୁରୀ କରି ଚଳେ ।

ଶ୍ୟାମଲାଲ ରୋଗରେ ପଡ଼ିଲା । ଘରର ନାମମାତ୍ର ସୁନା ଓ ବାସନ ବିକାହେଲା । ଜମି ବନ୍ଧକ ଦେଲା । ଆଉ କରିବ କଣ । ଲଳିତାର ମା ଘର ନିକଟସ୍ଥ ଗାଁ ମମିଆଁ । ଲଳିତାର ନିଜ ପରିବାରର ସମ୍ପର୍କୀୟ ରାମପ୍ରସାଦ ମଙ୍ଗରାଜ । ହରିଜନ ସମ୍ପ୍ରଦାୟର ଗାଁ ମହାଜନ ବି । ଏ ମଙ୍ଗରାଜ ଚାରିଭାଇଙ୍କ ମଧ୍ୟରୁ ଜଣେ ଟେଲିକମ୍ ଇଞ୍ଜିନିୟର, ପୁନାରେ ରହେ; ଜଣେ ଜି.ପି.ଇ.ଓ ଏବଂ ଅନ୍ୟଜଣେ କୃଷିବିଜ୍ଞାନୀ । ଲଳିତା ରାମପ୍ରସାଦଙ୍କ ଠାରୁ ଋଣସୂତ୍ରରେ ତିନିହଜାର ଟଙ୍କା ଆଣି ସାରିଥିଲା । ଏତକ ବି ନିଅଣ୍ଟ ହେଲା । ଆହୁରି ଟଙ୍କା ମାଗିଲା । ରାମପ୍ରସାଦ ଦାବୀ କଲା ତୋ ଝିଅକୁ ମତେ ଦେଇଦେ । ଶ୍ୟାମଲାଲ ସହ ଯାଇ ଲଳିତା ଟେକିଦେଲା ତା' ତିନିବର୍ଷର ଝିଅ ହେମାକୁ । ରାମପ୍ରସାଦ କହିବା ଅନୁସାରେ ତାଙ୍କ ପରିବାରରେ

ହେମା ତାଣ୍ଡି

Digitized by srujanika@gmail.com

ତିନିପୁରୁଷ ହେବ ଝିଅ ନାହିଁ । କନ୍ୟାଦାନ ପୁଣ୍ୟରୁ ବଞ୍ଚିତ ତାର ପରିବାରକୁ ହେମା ଉଦ୍ଧାର କରିବ ।

'ଶ୍ୟାମଲାଲ ଦାରିଦ୍ର୍ୟର ତାଡ଼ନାରେ ଛୁଆବିକ୍ରୀ କଲା'- କଥାଟା ଗଣମାଧ୍ୟମ ଦେଇ ପ୍ରଶାସନ ନିକଟକୁ ଗଲା । ଫେବୃୟାରୀ ୬ ତାରିଖ ୨୦୦୨ ମସିହାର ଘଟଣା । ପ୍ରେସ୍ ପର୍ଯ୍ୟନ୍ତ କଥାଟିକୁ ଯିବା ପାଇଁ ୩/୪ ଦିନ ସମୟ ଲାଗିଗଲା । ଜିଲ୍ଲା ପ୍ରଶାସନ ଚଞ୍ଚଳ ହେବା ସ୍ୱାଭାବିକ । ଶ୍ୟାମଲାଲକୁ ଶହେଟଙ୍କା ଓ ଚାଉଳ ଦଶକେଜି ସହଯୋଗ କରାଗଲା । ଶ୍ୟାମଲାଲ ଉପରେ ବିଭିନ୍ନ ପ୍ରକାର ଚାପ ପକାଗଲା । କୁହାଗଲା ଯେ ଛୁଆ ବିକିନି ବୋଲି କହ । ତଥାପି ଶ୍ୟାମଲାଲ କହିଲା ମୁଁ ଝିଅ ବିକିଛି । ଅନୁରୂପ ରାମପ୍ରସାଦ କହିଲା ମୁଁ ଝିଅ କିଣିଛି । ମରୁଡ଼ି ଅନୁଧାନରେ ଆସିଥିବା ଗୃହକମିଟି ସାମ୍ନାରେ ବି ଶ୍ୟାମଲାଲ ଝିଅ ବିକିଥିବା କଥା କହିଲା । ଗାଁର କିଛି ଲୋକ ମହାବନ୍ଧ ଯୋଜନାରେ ଖୋଳିଥିବା ପୋଖରୀରେ ମାଟିକାମ କରି ମଜୁରୀ ପାଇ ନଥିବା କଥା ବି କହିଲେ ।

ଶ୍ୟାମଲାଲ ପ୍ରଶାସନର ଦୃଷ୍ଟିରେ ଦାରିଦ୍ର୍ୟ ସୀମାରେଖା ତଳେ ନଥିଲା । ସେ ଏପିଏଲ୍ ତାଲିକାଭୁକ୍ତ ଥିଲା । ତା'ର ଦାରିଦ୍ର୍ୟର କାରଣ ଖୋଜାଗଲାନି । ତାକୁ ବାରମ୍ବାର ଭେଟି ଆସିଲେ ଅମଲାମାନେ । ରାଜ୍ୟ ଓ ରାଷ୍ଟ୍ରୀୟ ଗଣମାଧ୍ୟମମାନେ । ତା'ର ଅଭାବ, ତା'ର କଥା ଗଣମାଧ୍ୟମର ଶିରୋନାମା ମଣ୍ଡନ କଲା ।

ଏତିକିବେଳେ ଶ୍ୟାମଲାଲ ବୟାନ ଦେଲା ଯେ ମା' ତାର ଝିଅକୁ ଖୋଜୁଛି । ଝିଅକୁ ଫେରି ପାଇବାର ସ୍ୱାଭାବିକ ଇଚ୍ଛା, ନା ଏ ସମୟରେ ଏ କଥା କହିଲେ ମହାଜନର ଋଣ ଶୁଝିବାର ଗୁରୁଦାୟିତ୍ୱରୁ ମୁକ୍ତି ମିଳିବ ! ଏହା ସହିତ ଝିଅକୁ ବି ଫେରିପାଇବ । ହୋଇଥାଇପାରେ !

ଶ୍ୟାମଲାଲ କହିବା ଅନୁସାରେ ସେ ଥରେ ତା' ଝିଅକୁ ଭେଟିଗଲା । ରାମପ୍ରସାଦ ଝିଅକୁ ଦେଖେଇ ଦେଲାନି । ଅଭଦ୍ର ଭାଷାରେ ଗାଲିଗୁଲଜ କରି ଶ୍ୟାମଲାଲକୁ ତଡ଼ିଦେଲା । ବଲାଙ୍ଗିର

ରାମପ୍ରସାଦ ମଙ୍ଗରାଜ ଶ୍ୟାମଲାଲ୍‌ର ଝିଅ ହେମା ତାଣ୍ଡିକୁ କ୍ରୟ କରିଥିବା କବଲା

Digitized by srujanika@gmail.com

ନିଜଘରେ ଶ୍ୟାମଲାଲ, ଲଳିତା ନିଜ ସାନପୁଅ ସହିତ

ଜିଲ୍ଲାପାଳ ସୁଶ୍ରୀ ସି.ଟି.ଏମ୍.ସୁଗୁଣା ରାମପ୍ରସାଦର ଘରକୁ ଗଲେ ହେମାକୁ ଫେରେଇ ଆଣିବା ଲାଗି । ରାମପ୍ରସାଦ କହିଲା ମୁଁ ମରିଯିବି ପଛେ ଝିଅକୁ ଦେବିନି । ଏହାକୁ ପାଠ ପଢ଼େଇବି । ତୁମ ପରି କଲେକ୍ଟର କରିବି । ଏହାପରେ ଜିଲ୍ଲାପାଳ ଅନେକଥର ରାମପ୍ରସାଦର ଘରକୁ ଯାଇଥିଲେ । ଉଦ୍ଦେଶ୍ୟ ଥିଲା ଗୋଟିଏ । ତୁ ହେମାକୁ ଦେଇଦେ । ଏକଦା ଭୋକ ହେଲା, ଜିଲ୍ଲାପାଳ ରାମପ୍ରସାଦ ଘରର ବରକୋଳି ଖାଇଥିଲେ । ଏହାଥିଲା ରାମପ୍ରସାଦ ପାଇଁ ଗର୍ବର କଥା । ତା'ଭାଇମାନେ ଏତେ ବଡ଼ ବଡ଼ ଚାକିରୀ କରନ୍ତି କିନ୍ତୁ ତାଙ୍କ ଘରକୁ କଲେକ୍ଟର ଆସେନି । ଏହା ସମ୍ଭବ ହୋଇଛି ହେମା ପାଇଁ । ତେଣୁ ହେମା ତା'ଘର ପାଇଁ ଦେବୀ ଲକ୍ଷ୍ମୀ ହୋଇଗଲା ।

ଶ୍ୟାମଲାଲକୁ ଯିଏ ବି ଭେଟିଯିବ ତା'ର ରୋଗକଥା କହିବ, ତା'ର ଅଭାବ କଥା କହିବ ଆଉ ଝିଅକୁ ଫେରେଇ ଦିଅ ବୋଲି କହିବ ।

ଜୁନ ୨୫ତାରିଖ ଦିନ ଶ୍ୟାମଲାଲ କଣ୍ଟାବାଞ୍ଜି ତହସିଲଦାରଙ୍କୁ ଫେରାଦ ହେଲା ଯେ ରାମପ୍ରସାଦ ତା'ଝିଅକୁ ନେଇଯାଇଛି । ଜୁନ ୨୭ତାରିଖ ରାତିରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ସହ ରାମପ୍ରସାଦ ଘରୁ ହେମାକୁ ଅଣାଗଲା । ହେମାକୁ ନେଲାବେଳେ ରାମପ୍ରସାଦର ପ୍ରାୟ ସମସ୍ତ ପରିଜନ ଓ ଚାରିଜଣ ପୋଲିସ କର୍ମୀ ଖଣ୍ଡଯୁଦ୍ଧରେ ଆହତ ହୋଇଥିଲେ । ରାମପ୍ରସାଦର ସ୍ତ୍ରୀ ଓ ଅନ୍ୟ ଏଗାର ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଇଥିଲା । ରାମପ୍ରସାଦ ଫେରାର ହୋଇ ତିନିଦିନ ପରେ ଗିରଫ ହେଲା । ରାମପ୍ରସାଦର ପରିବାର ଲୋକଙ୍କୁ ଗୋଟିଏ ଆତଙ୍କର ବାତାବରଣ ତିଆରି କରି ଗିରଫ କରାଗଲା ଏବଂ ଏହାକୁ ବହୁଳ ପ୍ରଚାର କରାଗଲା ।

ହେମାକୁ ଶ୍ୟାମଲାଲ ଫେରି ପାଇଲା । ରାମପ୍ରସାଦ ମାସାଧିକ କାଳ ଜେଲ୍‌ରେ ରହିଲା ।

Digitized by srujanika@gmail.com

ହେମା ଉଦ୍ଧାରର ପାଖାପାଖି ବର୍ଷେପରେ ଗୋଟିଏ ଟି.ଭି.ରିପୋର୍ଟରେ ହେମାକୁ ଛେଳି ଚରାଉଥିବାର ଦେଖିଲି । କିଛିଦିନ ପରେ ଗାଁକୁ ଫେରି ଶ୍ୟାମଲାଲ ପାଖକୁ ଗଲି । ଶ୍ୟାମଲାଲ ଅଭାବରେ ଚଳୁଥିବା କଥା କହିଲା । ହେମାର ସ୍କୁଲ୍ ଯିବା ବୟସ ହୋଇନଥିଲା । ତେଣୁ କେବେ କେବେ ଘର ପାଖରେ ଛେଳି ଜଗିବା କାମ କରେ । କାରଣ ତା'ଘର ତ ଗୋଚର ଉପରେ । ଶ୍ୟାମଲାଲ ଏହାବି କହିଲା ଯେ ଗୋଚର ସେପଟେ ଥିବା ରାସ୍ତା ଉପରୁ ରାମପ୍ରସାଦ ହେମାକୁ ଦେଖୁଥାଏ । ସେ ଗୁଣିଆ ଲୋକ, ତେଣୁ ଭୟ ବି ଲାଗୁଛି ।

ରାମପ୍ରସାଦ କାହିଁକି ଦେଖୁଛି । ରାମପ୍ରସାଦ ପାଖକୁ ଗଲି, ସେ କହିଲା, "ମନ ନେଇ ମାନେଗା ଦଦା । ବଙ୍ଗୋମୁଣ୍ଡା ଗଲାବେଳେ ଟୁକେଲ କେ ଟିକେ ଦେଖିମି ବଲି ଠିଆ ହେସିଁ । ଯିଏ ଯାହାବଲୁ ଛନେ ଦେଖଲେ ପେଟ୍ ପୁରି ଯାଏସି । ଦେଖନୁ ଗା ଦଦା ! ପାଠ ପଢ଼ାବାର ଛାଡ଼ି ଟୁକେଲ କେ ଛେଲ ଚରେଇ ମଗଉଛେ ଯେ !"

ପୂର୍ବତନ ବିଧାୟକ କପିଳ ନାରାୟଣ ତିୱାରୀ

Digitized by srujanika@gmail.com

ହେମା ଘରକୁ ଫେରିବା ପରେ ଶ୍ୟାମଲାଲ ଅଦରକାରୀ ହୋଇଗଲା ସମସ୍ତଙ୍କ ପାଇଁ । ଋଣଟଙ୍କା ଉପରେ ରାମପ୍ରସାଦ ବି କିଛି କହିବାକୁ ସାହସ କଲାନି ।

୨୦୦୪ ମଇ ମାସ ୨୬ ତାରିଖ । ହେମା ମରିଯିବାର ଖବର କୁଣ୍ଡାବୁଟ୍‌ଲାର ଜଣେ ଯୁବକ ଫୋନ୍ କରି ମତେ ଜଣେଇଲେ । ମୁଁ ଗଲି ତା' ଘରକୁ । ଜଣେ ବନ୍ଧୁ ସଞ୍ଜୟ ମିଶ୍ର ତିନିଶହ ଟଙ୍କା ପଠେଇଥିଲେ ତା' ପାଖକୁ । ଶ୍ୟାମଲାଲ ଓ ଲଳିତା ମତେ ଦେଖିଲା ପରେ ତଳେ ଗଡ଼ି କାନ୍ଦିଲେ । ଟଙ୍କାତକ ଥୋଇଦେଲି ତଳେ । "ଇ ଟଙ୍କାକେ କାଣା କରମି ବୁଆ ମୋର ଟୁକେଲ କେ ତୋ ଖାଇଦେଲି ।"

ଶ୍ୟାମଲାଲ କହିଲା ହେମା ଛଅମାସ ହେବ ରୋଗରେ ପଡ଼ିଥିଲା । ତାକୁ ସିନ୍ଧେକେଲା ଓ ଟୁକ୍‌ଲାର ସରକାରୀ ଡାକ୍ତରଖାନାରେ ଦେଖଉଥିଲା । ଜନୈକ ବୈଦ୍ୟ ନିକଟରୁ ମଧ୍ୟ ଔଷଧ ଖୁଆଉଥିଲା । ଫଳ କିଛି ହେଲାନି । କାନ୍ଦିଲା ଶ୍ୟାମଲାଲ । "ରାମପ୍ରସାଦ ଗୁନିଆ ଲୋକ ବୁଆ ! ହେ କାଣା କରି ଦେଇଥିବା ମୋର ଟୁକେଲ କେ... ।'' ଶ୍ୟାମଲାଲ ବାହୁନି ବାହୁନି କାନ୍ଦୁଥାଏ ।

ଘଟଣାର ଦୁଇଦିନ ପରେ ରାମପ୍ରସାଦ ସଙ୍ଗେ ଭେଟ ହେଲା । ରାମପ୍ରସାଦ ବାହୁନିଲା ହେମାର ଗୁଣ । ସେ ଲକ୍ଷ୍ମୀ ଝିଅ ଥିଲା । ଯେଉଁ କିଛିଦିନ ତା' ଘରେ ରହିଲା, ତା'ଘରକୁ ବଡ଼ ବଡ଼ ଲୋକ ଆସିଲେ । ତା' ଘର ପୁରିଲା ପୁରିଲା ଲାଗୁଥିଲା । ଶ୍ୟାମଲାଲ ଜିଦି କରି ଝିଅକୁ ନେଲା । ରୋଗର ଚିକିତ୍ସା ବି କରିପାରିଲା ନାହିଁ । ସେ ଜେଲ୍ ଗଲା । ଏତେଲୋକ ଏତେକଥା କହିଲେ । କେହି ତାକୁ ରଖିପାରିଲେ ନାହିଁ ।

ଆଖି ଛଳଛଳ ହେଇଗଲା ରାମପ୍ରସାଦର । କହିଲା, "ତୁଇ ସାକ୍ଷି ଥା ଦଦା ! ଧରମ ବଲି ଦେଖୁଛେ ।" ଥୁଃ କରି ଥୁକିଦେଲା ତଳେ ରାମପ୍ରସାଦ ।

କପିଳ ନାରାୟଣ ତିୱାରୀ ଖଡ଼ିଆଳରେ ରହୁଥିବା ଅଞ୍ଚଳର ଜଣେ ବିଶିଷ୍ଟ ଚିନ୍ତାନାୟକ । ଅଞ୍ଚଳକୁ ନିଜର ଦୃଷ୍ଟିଭଙ୍ଗିରେ ଚିନ୍ତା କରି ଯେଉଁ ସତ୍ୟ ଉପସ୍ଥାପିତ କରନ୍ତି, ତା'ଉପରେ ସମସ୍ତେ ଚିନ୍ତା କରିବା ଅତ୍ୟନ୍ତ ଆବଶ୍ୟକ । ମାଗାସେସେ ପୁରସ୍କାରପ୍ରାପ୍ତ ସାମ୍ବାଦିକ ପି.ସାଇନାଥ ତାଙ୍କ ଉପରେ ମନ୍ତବ୍ୟ ଦେବାକୁ ଯାଇ ନିଜର ବିଖ୍ୟାତ ପୁସ୍ତକ 'ଏଭ୍ରି ବଡ଼ି ଲଭସ୍ ଏ ଗୁଡ଼ ଡ୍ରାଉଟ' ପୁସ୍ତକରେ ଲେଖନ୍ତି, "ଏ ଭିତରେ ବହୁତ କିଛି ବଦଳି ଯାଇଛି । କିନ୍ତୁ କପିଳ ନାରାୟଣ ତିୱାରୀ ବଦଳି ନାହାନ୍ତି ସେ ବଦଳିଥିଲେ ଦୁଃଖ ଥିଲା ।" ତାଙ୍କ ସହ ଦୀର୍ଘ ସାକ୍ଷାତକାରରୁ କିଛି...

***ପ୍ର:. ବନୀତା ବିକ୍ରୀଘଟଣାର ୧୫ ବର୍ଷ ପରେ ପୁଣି ପିଲା ବିକ୍ରି; ଏତେ ଯୋଜନା ଅନୁଦାନ ସତ୍ତ୍ୱେ ଏଭଳି ଘଟଣାର ପୁନରାବୃତ୍ତି ଘଟୁଛି କାହିଁକି ?***

ଉ:. ଦେଖନ୍ତୁ ପ୍ରଶ୍ନଟି ସଂକ୍ଷିପ୍ତ ହେଲେମଧ୍ୟ ଏ ଅଞ୍ଚଳର ସାମଗ୍ରିକ ବିଶ୍ଲେଷଣକୁ ଅପେକ୍ଷା ରଖେ । ଗୋଟିଏ କଥାରୁ ଆରମ୍ଭ କରାଯାଇ ପାରେ; କେବିକେ ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମରେ ଚାଷକାମ ନ ଥିଲା ସମୟରେ ୬.୪୦ ଲକ୍ଷ ଲୋକଙ୍କୁ ସର୍ବନିମ୍ନ ମଜୁରୀ ଦେଇ ଅନ୍ୟୂନ ୧୦୦ ଦିନର କାମ ଯୋଗାଇବାର ଯୋଜନା ଥିଲା । ଏଥିରୁ ୩.୫୫ ଲକ୍ଷ ଲୋକଙ୍କୁ କାମ ଦିଆଯିବା କଥା ମୌସୁମୀ ବେଳେ । ଦେଇଛନ୍ତି କେତେ ?

Digitized by srujanika@gmail.com

ଏ ପରିସ୍ଥିତିରେ ଦାରିଦ୍ର୍ୟ, ଛୁଆବିକ୍ରି ରହିବନି ତ, ରହିବ କଉଠି ? ବନୀତା ଦାରିଦ୍ର୍ୟର ଗୋଟିଏ ପ୍ରତୀକ ମାତ୍ର, ତାକୁ ଅଙ୍ଗନୱାଡ଼ିରେ କାମ ଦେଇଦେଲେ, ପ୍ରେସ୍ (ଗଣମାଧ୍ୟମ)ରେ ଖ୍ୟାତ କରିଦେଲେ ବା ଜାତିରେ ମିଶେଇ ଦେଲେ ସମସ୍ୟାର ସମାଧାନ ହେବ ନାହିଁ ।

*ତେବେ ସମାଧାନ କେଉଁଠି ?*

ସଂକ୍ଷେପରେ ଗାନ୍ଧୀବାଦୀ ଅର୍ଥନୀତି ଉପରେ ପୁନର୍ବିଚାର କରିବାର ବେଳ ଆସିଛି ।

*ବନୀତା ବିକ୍ରିଠାରୁ ଆଜି ପର୍ଯ୍ୟନ୍ତ ଆପଣ କି ପ୍ରକାର ପରିବର୍ତ୍ତନ ସମାଜରେ ଦେଖୁଛନ୍ତି ?*

ପରିବର୍ତ୍ତନ ! ! ସ୍ୱାଧୀନତା ପରେ ଆମର ଯେଉଁ ଅର୍ଥବ୍ୟବସ୍ଥା ଅଛି, ତାହା ପୁଞ୍ଜିବାଦ ଓ ସାମାଜିକ ବ୍ୟବସ୍ଥା ସାମନ୍ତବାଦ । ଏଥିରୁ ପରିସ୍ଥିତି ଅନୁମାନ କରାଯାଇପାରେ ।

*ଦାରିଦ୍ର୍ୟ ପାଇଁ ତ ଅନେକ କାରଣ ଦାୟୀ । କିନ୍ତୁ ଲୋକେ କେତେ ଦାୟୀ ?*

ଲୋକେ କେତେବେଳେ ବି ଦାୟୀ ନୁହନ୍ତି । ଯଦି ସେମାନେ ଅଳସୁଆ, ହାଇଦ୍ରାବାଦ ମୁମ୍ବାଇକୁ ଯାଇ କାମ କରୁଛନ୍ତି କିପରି ? ଆମର ଦୃଷ୍ଟିଭଙ୍ଗି ଖରାପ । ସର୍ବଭାରତୀୟ ସ୍ତରରେ ମୁଣ୍ଡପିଛା ବାର୍ଷିକ ଆୟ ୨୪୭୩ ଥିବାବେଳେ ଓଡ଼ିଶାରେ ୧୫୬୦ ଟଙ୍କା; ଏହାଠାରୁ କମ୍ ନୂଆପଡ଼ା ଜିଲ୍ଲାରେ । ଏଠି ଦୈନିକ ଆୟ ୨ରୁ ୩ ଟଙ୍କା । ଏଥିରେ ସରକାର ଦେଉଥିବା ସବ୍‌ସିଡ଼ି ଚାଉଳ କିଣିବାରେ ବି ଲୋକେ ଅସମର୍ଥ; ବାକି କଥା ଛାଡ଼ ।

ଅଞ୍ଚଳର ଅର୍ଥନୀତି ଚାଷ ଉପରେ ନିର୍ଭର କରେ । ପଞ୍ଜାବ ସଙ୍ଗେ ଓଡ଼ିଶାର ତୁଳନା କଲେ ହେକ୍ଟର ପିଛା ୩ ଟନ୍‌ରୁ ବେଶି ଉତ୍ପାଦନ ସେଠାରେ, ଏଠାରେ ବେଶିରେ ୮ କ୍ୱିଣ୍ଟାଲ । ସେମାନଙ୍କ ଜଳସେଚନ ୯୩% ରୁ ଉର୍ଦ୍ଧ୍ୱ ହେଲେ ଆମର ୩୦%, ନୂଆପଡ଼ାରେ ୩ %ରୁ ବି କମ । ଏଠାରେ ବର୍ଷା ୧୩୫୦ମି.ମି ରେକର୍ଡ଼ କରାଗଲେ ପଞ୍ଜାବରେ ୬୯୪ ମି.ମି । କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ଼ର ଅଧ୍ୟକ୍ଷ ଶ୍ରୀ ଚଢ଼୍‌ଢ଼ା କହନ୍ତି ଓଡ଼ିଶା ଭୂତଳ ଜଳର ଯେଉଁ ଭଣ୍ଡାର ଅଛି ସେଥିରେ ୪.୨ ମିଲିୟନ ହେକ୍ଟର ଜମି ଜଳସେଚିତ ହୋଇପାରିବ । କିନ୍ତୁ ହେଉଛି ୦.୩ ମିଲିୟନ ହେକ୍ଟର ।

ଏ କ୍ଷେତ୍ରରେ ଜଣେ ଶ୍ରମଜୀବୀ ୩ ହଜାର କ୍ୟାଲୋରୀ ଖାଦ୍ୟ ଦରକାର କରୁଥିବା ବେଳେ ପାଉଛି ୫୦୦କ୍ୟାଲୋରୀରୁ କମ୍, ତେଣୁ ଲୋକଙ୍କୁ ଦାୟୀ କରିବା ଉଚିତ ନୁହେଁ । ସମସ୍ତେ ଅନାହାର ମୃତ୍ୟୁକୁ ଲେଖୁଛନ୍ତି ଏ ସ୍ଥିତିକୁ ଇସ୍ୟୁ କାହିଁକି କରାଯାଉନି ?

*ଏହାର ସମାଧାନ କେଉଁ ରାସ୍ତାରେ ଖୋଜିବା ?*

ସମସ୍ୟା ଲୋକଙ୍କର, ସେମାନେ ଚିନ୍ତା କରିବେ । ଦେଶ ସ୍ୱାଧୀନ କଲେ, ଭୋଟ ଦେଇ ସରକାର ପରିବର୍ତ୍ତନ କଲେ... ଏ ସମସ୍ୟା କଣ ?

❑❑❑

Digitized by srujanika@gmail.com

୪

# ଗୋଟିଏ ଶବ ଓ ମୁଖାପିନ୍ଧା ମଣିଷମାନଙ୍କ କଥା

୨୦୦୦ ମସିହା ନଭେମ୍ବର ୨୨ ତାରିଖ । ମୁଁ ଏବଂ ଦେବେନ୍ଦ୍ର ବହିଦାର ପହଁଞ୍ଚିଲୁ ବେଲପଡ଼ା ଗ୍ରାମ ପଞ୍ଚାୟତର ବଡ଼ଗମଡ଼ା ଗାଁରେ । ଖୋଜିଲୁ ମୃତ ଗଜିନଭୋଇର ଘର । ଛୋଟ ଗାଁ । ୱାର୍ଡ଼ମେମ୍ବର ସଖିରାମ ଭୋଇ ନେଇଗଲା ଆମକୁ ଗଜିନର ଘରକୁ । ଦୁର୍ବଳ ଶରୀରର ଜଣେ ମହିଳା ବାହାରି ଠିଆହେଲା, ତା'ପାଖେ ପାଞ୍ଚବର୍ଷର ଜଣେ ଲଙ୍ଗଳା ପିଲା । ମହିଳାଜଣକ ଗଜିନର ବିଧବା ଏବଂ ବାଳକଟି ତାର ପୁଅ ମୀନକେତନ । ପରିବାରର ଆଉଜଣେ ଝିଅ ଉଜନା । ତାକୁ ମାଉସୀ ନେଇଯାଇଥିଲା ଝିଅ କରି । ବିଧବା ପ୍ରେମଶିଳା ନିକଟରେ ତାର ଭାଗ୍ୟ ବ୍ୟତୀତ କିଛି ନ ଥିଲା । ଦୁଃଖଭୁତି କରି ପିଲାକୁ ଆଉ ଦୁଇବର୍ଷ ବଞ୍ଚେଇ ପାରିଲେ ଦୁହେଁ ଅନ୍ତତଃ ବଞ୍ଚିଯିବେ ।

ଚଳିବ କେମିତି ?

ଟକ୍ ଟକ୍ ଦେଖିଲା ପ୍ରେମଶିଳା । ଯୋଜନାହୀନ ଜୀବନରେ ଏତେ ବଡ଼ ପ୍ରଶ୍ନର ଉତ୍ତର ଦେବାକୁ ନା ତା'ର ବୁଦ୍ଧି ଥିଲା, ନା ସାହସ । ପଡ଼ୋଶୀ ମହିଳା କେତେଜଣ କହିଲେ, "ଚଳବା କେନ୍ତା କରି ଆଜ୍ଞା ! ପିଲା ଟିକେ ବୁଦ୍ଧି ପାଏଲେ କାର ଛେଲ୍ ମେଣ୍ଢି ଚରାବା, ବୁପରୀ ଦୁଃଖଭୁତି କରିଯିବା । କେଁ କରବା ଆଗୁ ନୂରିଖିଆ କୁକରାର ତୁଣେ ଘା'ହେଇଗଲା ।"

ଗଜିନ ଭୋଇ କେଉଁ ବାପଅଜା କାଳରେ ଜମି ଥିଲା ବୋଲି ଶୁଣିଥିଲା । କନ୍ଧ ପିଲା ଜମିନ୍ ଆଉ ଜଙ୍ଗଲର ରଜା । କାଠ ହାଣୁକି ମାଟି, ଦେହକୁ ଖଣ୍ଡେ ଆଉ ପେଟକୁ ମୁଠାଏ ଅଭାବ ନ ଥାଏ । ବାସ୍ ! କାହା ନିକଟରେ କିଛି ଆପତ୍ତି ନାହିଁ କି ଅଭିଯୋଗ । ନୂଆଖାଇ ପରେ ପରେ ଲୋକେ ହାଇଦ୍ରାବାଦ ଯାଆନ୍ତି ଇଟାଗଢ଼ି । ଧାନ ଗୁଆଗଡ଼ା ସରିଗଲେ ମୁମ୍ବାଇ କି ରାୟପୁର ଯାଇଥାନ୍ତି । ଗଜିନ ବି ମୁମ୍ବାଇ ଗଲା ୧୯୯୮ ମସିହାରେ । ତା' ପରବର୍ଷ ପରିବାର ଧରି ଗଲା । ୨୦୦୦

Digitized by srujanika@gmail.com

ମସିହାରେ ବି ଗଲା । ଦୁଇମାସ ପରେ ଫେରି ଆସିଲା । ତା'ର ବାମ ହାତ ଭାଙ୍ଗିଯାଇ ପ୍ଲାଷ୍ଟର ହୋଇଛି ଏବଂ ଗୋଡ଼ରେ ଆଘାତ ଲାଗିଛି ।

କଷ୍ଟେମଷ୍ଟେ ଗୋଡ଼ ଠିକ କଲା । ସ୍ତ୍ରୀ ପ୍ରେମଶିଳା ମାଟିକାମ କରି ଯାହା ଆଣିଲା ପରିବାରକୁ ନିଅଣ୍ଟ ହେଲା । ଏପଟେ ଔଷଧର ବୋଝ । ଭଙ୍ଗାହାତରେ ବି ସେ ଯାଇ ଜୋର ଜବରଦସ୍ତ କରି ମାଟିକାମ କଲା । ସପ୍ତାହେ ଖଟିଲା ଭଙ୍ଗାହାତ ଦରଦ ହେଲା । ଦରଦ ସହିହେବା ପର୍ଯ୍ୟନ୍ତ କାମ କଲା । ଭଙ୍ଗାହାତ ଏତେ କଷ୍ଟ ହେଲା ଯେ ରାତିରେ ଶୋଇପାରିଲାନି । ନିକଟସ୍ଥ ବେଲପଡ଼ା ଡାକ୍ତରଙ୍କ ନିକଟକୁ ଗଲା । ଡାକ୍ତର କହିଲେ ଏ ହାତରେ କାମକଲେ ମରିଯିବୁ । ହାତର ଏକ୍ସରେ କରା । ଔଷଧ ଖା । ଏତେ ଖର୍ଚ୍ଚକୁ ତାର ସାମର୍ଥ୍ୟ କାହିଁ ? ପ୍ରେମଶିଳା ତାକୁ ବୁଝେଇଲା ଦୁଃଖ କଷ୍ଟ କରି ତତେ ଚିକିତ୍ସା କରିବି । ସେ ବି ଜାଣିଥିଲା ସ୍ତ୍ରୀର ସୀମିତତା । ମନ ବୁଝିଲାନି । ପ୍ରେମଶିଳା ରୋଜଗାର କରି ଯାହା ଆଣେ ଛୁଆ ଦୁହିଁଙ୍କୁ ଦେଇ ଅଧାପେଟରେ ବି ଚଳନ୍ତି ଦୁଇଜଣ । କେବେ କେବେ ଓପାସରେ ରହିଯାନ୍ତି ।

ସହି ପାରିଲାନି ଏ ଦୁଃଖ । କାମ କରିପାରିଲା ନାହିଁ କି ଖାଇ ପାରିଲା ନାହିଁ । ଘରେ ବସିଲା । କେବେ କେବେ ଚିତ୍କାର ବି କଲା ବିଧାତା ଉଦ୍ଦେଶ୍ୟରେ । ଅକ୍ଟୋବର ୧୬ ତାରିଖ । ଶୁଣିଲା ଡ଼ି.ପି.ଇ.ପି (ଜିଲ୍ଲା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ)ର ଗୋଟିଏ ସଭାକୁ ଯୋଗ ଦେବା ପାଇଁ ବଙ୍ଗୋମୁଣ୍ଡା ବି.ଡ଼ି.ଓ ଆସିଛନ୍ତି । ଲୋକଙ୍କ ମୁହଁରୁ ଯାହା ଶୁଣିଥିଲା, ତାର ଧାରଣାରେ ବି.ଡ଼ି.ଓ ହେଉଛନ୍ତି ସର୍ବସମର୍ଥ ବାବୁ । ତାଙ୍କୁ ଯାଇ କହିଲା, "ହଜୁର ! ମୋର ଖାଏବାର ବ୍ୟବସ୍ଥା କର ନେଇହେଲେ ମୁଇଁ ମରିଯିମି ।" ବିଦ୍ୟାଳୟ ଶିକ୍ଷକ ତାକୁ ବୁଝାସୁଝା କରି ଘରକୁ ପଠେଇ ଦେଲେ । ଗଜିନ ଆଉ ପାରିଲାନି । ଚିନ୍ତା କଷ୍ଟ ଓ ଭୋକରେ ଖଟ ଧରିଲା । ୧୭ ନଭେମ୍ବର ରାତି ପ୍ରେମଶିଳା ତା' ମୁହଁରେ ତୋରାଣି ଟିକିଏ ଦେଲା, ତାହାବି ପେଟକୁ ଗଲାନି । ସକାଳୁ ଗଜିନ ମରିଗଲା ।

ସଖିରାମ ଭୋଇ ନେଇଗଲା ଆମକୁ ଗଜିନ ଘର ରାସ୍ତାର ଆରପଟ ଗୋଟିଏ କୁଡ଼ିଆକୁ । ଦୁଇଜଣ ଶିଶୁ ଖଟରେ ନିଜର ପିନ୍ଧା ଶାଢ଼ୀକୁ ଘୋଡ଼ିହୋଇ ପଡ଼ିଥିବା ଜଣେ କଙ୍କାଳସାର ସ୍ତ୍ରୀ ଲୋକର ମୁଣ୍ଡପଟେ ବସିଥାନ୍ତି । କୁଡ଼ିଆ ଘର ଦୁଇ ବଖରା । ଖଟତଳେ ଛୋଟ ଗିନାରେ ପଡ଼ିଥାଏ କିଛି ଭାତ । ଯାହାକୁ ପାଖଘରେ ରହୁଥିବା ସ୍ତ୍ରୀ ଲୋକଟିର ଯା' ଗଙ୍ଗବାଳି ଆଣି ଦେଇଥାଏ ଛୁଆଙ୍କ ପାଇଁ । ମୁମୂର୍ଷୁ ମହିଳା ଜଣକର ପାଟିରେ କିଛି ଭାତ ଦେବାର ଚେଷ୍ଟାରେ ଗଙ୍ଗବାଳି ବିଫଳ ହେବାପରେ ଛୁଆ ଦୁହିଁଙ୍କୁ ଦେଲା । ନିଜର ହାତରେ ଖୁଏଇ ଦେଉଥିବା ମାର ଅବସ୍ଥା ଦେଖି ଛୁଆ ଦୁଇଟି ବି ଖାଇ ପାରିନଥିଲେ । ଯାଇ ବସିଥିଲେ ମା' ନିକଟରେ ।

ଖଟରେ ପଡ଼ିଥିବା ମହିଳା ଜଣକର ନାଁ ବି ଥିଲା ପ୍ରେମଶିଳା । ଭୋକରେ ପଡ଼ି ପଡ଼ି କଥା କହିବାର କ୍ଷମତା ହରେଇ ସାରିଥିଲା ମହିଳାଜଣକ । ତାକୁ କିଛି ପଚାରି ହେଲାନି । ଗାଁର ମହିଳାମାନଙ୍କ ସହ ଗଙ୍ଗବାଳି କହିଲା ତାର କଥା ।

ସ୍ୱାମୀ ପୂର୍ଣ୍ଣ, ଲୋକମୁଖରେ ପୁରୁନ ଭୋଇ, ବଡ଼ପୁଅ ହୃଦାନନ୍ଦ ଆଠବର୍ଷର, ମଝିଆ ପୁଅ ପରି ଚାରିବର୍ଷର ଓ ଝିଅ ଜେମତୀ ଦେଢ଼ବର୍ଷର । ଏମାନଙ୍କୁ ନେଇ ତାର ସଂସାର । ଅଧ ଏକର ଇ.ଆର୍.ଆର୍.ପି ଜମି ଓ ନିକଟସ୍ଥ ମହଖଣ୍ଡ ଜଙ୍ଗଲ ତା'ର ଆୟର ସ୍ରୋତ ।

ଦିନେ କିଏ ଜଣେ ଶ୍ରମିକ ଦଲାଲ ଆସିଲା ତା' ଘରକୁ । ଆନ୍ଧ୍ରା ଇଟା ତିଆରି ଗଲେ ପ୍ରଚୁର

Digitized by srujanika@gmail.com

ଆୟ କରିବାର ଲୋଭ ଦେଖାଇଲା । ପୁରୁନ ପରିବାର ନେଇ ଚାଲିଗଲା ହାଇଦ୍ରାବାଦର କେଉଁ ଅନାମ ଇଟାଭାଟିକୁ । ଦିନତମାମ ଖରା । ରାତିସାରା ଖଟଣି । ଇଟାଭାଟିର କଞ୍ଚା ଇଟା ପରି ରଙ୍ଗ ହୋଇଗଲା ପୁରୁନ ଓ ପ୍ରେମଶିଳାର । ଫେରିଲେ ସ୍ୱପ୍ନ ଆଉ ଆଶାଠୁ କମ୍ ଟଙ୍କା ଧରି । ହାଇଦ୍ରାବାଦର ଇଟାଭାଟି ଅପେକ୍ଷା ମହଖଣ୍ଡ ଜଙ୍ଗଲର ଆୟ ବେଶି । ଲକ୍ଷାଧିକ ଶ୍ରମିକମାନଙ୍କ ଭିତରେ ପୁରୁନ ବି ଜଣେ, ଯେଉଁଠାରୁ ଅନେକେ ଋଣୀ ହେଇ ବି ଫେରନ୍ତି କୌଣସି କାରଣରୁ ଗଧପରି ଖଟି ନ ପାରିଲେ ।

ପୁରୁନ ଓ ପ୍ରେମଶିଳା ବଡ଼ପୁଅ ହୃଦାନନ୍ଦକୁ ବେଲପଡ଼ା ଗାଁରେ ଛୋଟ ହୋଟେଲ କରିଥିବା ତାର ମିତ ନିକଟରେ କାମରେ ଲଗେଇ ଦେଲେ । ସକାଳୁ ଉଠି ଦୁହେଁ ଜଙ୍ଗଲ ଯା'ନ୍ତି । ଫେରନ୍ତି ସନ୍ଧ୍ୟାରେ । ତା'ପରଦିନ ନିକଟସ୍ଥ ଭାଲୁମୁଣ୍ଡା କି ଛଅ କିଲୋମିଟରେ ବଙ୍ଗୋମୁଣ୍ଡା ଆସି ବିକ୍ରି କରନ୍ତି । ତା'ପରଦିନ ପୁଣି ଜଙ୍ଗଲ ଯା'ନ୍ତି । ଦୁଇ ଦିନର ପରିଶ୍ରମରେ ସର୍ବାଧିକ ରୋଜଗାର ସତୁରି ଟଙ୍କା । ହାଇଦ୍ରାବାଦର ଇଟାଭାଟିରେ ପୁରୁନ ତାର ବପୁ ହଜେଇ ଦେଇଥିଲା କେଉଁଠି । କାଠ ହାଣୁ ହାଣୁ ଥକ୍କା ମାରି ବସେ । ଦିନେ ଚେତାଶୂନ୍ୟ ହୋଇଗଲା । ତା' ପରଦିନ ଆଉ ଯାଇ ପରିଲାନି କାଠ ବିକି । ଇ.ଆର୍.ଆର୍.ପି ଯୋଜନାରେ ପାଇଥିବା ଅଧ ଏକର ଜମିକୁ ଉଦ୍ଦେନ ବନ୍ଧା ଦେଲା ପ୍ରେମଶିଳା ଗାଁର ଶ୍ରୀକର ଭୋଇକୁ । ପୁରୁନର ଚିକିତ୍ସା କଲା । ଦୁଇ ସପ୍ତାହ ପରେ ପୁରୁନ ମରିଗଲା ।

ପରିବାରର ବୋଝ ପଡ଼ିଲା ପ୍ରେମଶିଳା ଉପରେ । ସେ ଜଙ୍ଗଲକୁ ଗଲା । ସେତିକି ପରିଶ୍ରମ । ଦୁଇଦିନର ପରିଶ୍ରମରେ ଆୟକଲା କୋଡ଼ିଏ ଟଙ୍କା ।

ଶୁଣିଲା ପରିବାରର ମୁଖ୍ୟ ମରିଗଲେ ବ୍ଲକ୍‌ରୁ ଦଶହଜାର ଟଙ୍କା ମିଳେ (ପରିବାର ମଙ୍ଗଳ ଯୋଜନା) । ମଧ୍ୟସ୍ଥି ଧରି କାଗଜପତ୍ର କଲା । ପୁରୁନର ମୃତ୍ୟୁ ପ୍ରମାଣପତ୍ର ଦରକାର ପଡ଼ିଲା । ଜାଣିଲା ଏହା ମିଳେ ସିନ୍ଧେକେଲା ଡାକ୍ତରଖାନାରେ । ସିନ୍ଧେକେଲା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଯାହା ବଙ୍ଗୋମୁଣ୍ଡାରୁ ୧୪ କିଲୋମିଟର । ପ୍ରେମଶିଳା ଚାଲି ଚାଲି ଆସେ ବଙ୍ଗୋମୁଣ୍ଡା । ଏଠାରୁ ବସ୍‌ରେ ଯାଏ ସିନ୍ଧେକେଲା । ସେଠାରେ ଦାବୀ କରନ୍ତି କିଛି କାଗଜପତ୍ର । ଯାହାକୁ ଏ.ଏନ୍.ଏମ୍‌ଙ୍କ ନିକଟରୁ ନେଇଥାଏ । ସେଠାରେ ତାକୁ କୁହାଯାଏ ଟଙ୍କା ଦରକାର । ପ୍ରେମଶିଳା ହଁ କରେ, କିନ୍ତୁ ପାଞ୍ଚଶହ ଟଙ୍କା ପାଇଁ ତା' ନିକଟରେ ସମ୍ବଳ ନଥାଏ । ଫେରେ ଗାଁକୁ । ନିକଟସ୍ଥ ଗାଁ ବେଲପଡ଼ାର କିଛି ମହାଜନଙ୍କ ନିକଟକୁ ଯାଏ । ମୃତ୍ୟୁ ପ୍ରମାଣପତ୍ର ଯଦି ବା ପ୍ରେମଶିଳା ପାଏ, ତା'ହେଲେ ବି ତାକୁ ଦଶହଜାର ଟଙ୍କା ମିଳିବାର ଗ୍ୟାରେଣ୍ଟି ନାହିଁ ତେଣୁ ମହାଜନମାନେ ତାକୁ ଟଙ୍କା ଦେବାକୁ ମନା କରନ୍ତି । ହୃଦା କାମ କରୁଥିବା ମହାଜନ ବି ମନା କରନ୍ତି । ଆଗରୁ ବହୁତ ଟଙ୍କା ନେଇ ସାରିଛି ପୁରୁନର ଚିକିତ୍ସା ବେଳେ । ଦୁଇଦିନ ପରିଶ୍ରମ କଲେ ପାଏ କୋଡ଼ିଏ ଟଙ୍କା । ଝୁଆ ଦୁହିଁଙ୍କ ମୁହଁରୁ ଦାନା ଛଡ଼େଇ ସଂଗ୍ରହକରେ ଦଶ କି ପନ୍ଦର ଟଙ୍କା । ଯାହାକୁ ନେଇ ସିନ୍ଧେକେଲା ଯାଏ ଡାକ୍ତରଙ୍କ ପାଖକୁ । ଫେରେ ନିରାଶ ହୋଇ । ଦିନକର ଆୟ ବି ଯାଏ । ସରକାର ଦଶହଜାର ଟଙ୍କା ଦେବେ । ଏହି ଆଶ୍ୱାସନା ପ୍ରତିବଦଳରେ ଏତକ କର୍ମ ସମର୍ପଣ ତୁଚ୍ଛ ଲାଗେ ତାକୁ । ଜଙ୍ଗଲ ଯିବାକୁ କି ଡାକ୍ତରଖାନା ଯିବାକୁ ଥକେନି । ଦିନେ ଅନୁଭବ କରେ ଜଙ୍ଗଲରେ ସେ ଆଉ କାଠ କାଟିବା ପାଇଁ ପୂର୍ବପରି ସମର୍ଥ ନୁହେଁ । ଚିନ୍ତା ବଢ଼ିଚାଲେ । ଭୋକରେ ରହେ । କିଛି ନ ଥିଲେ ନିଜର ଯା'ଗଙ୍ଗବାଇକୁ କହେ । ଗଙ୍ଗବାଲି ପରା ଓ କେମତାକୁ ଭାତମୁଠେ ଦିଏ । ପ୍ରେମଶିଳା ସିନ୍ଧେକେଲା ଡାକ୍ତରଖାନା

Digitized by srujanika@gmail.com

ଗଲା । ବହୁତ ବୁଝେଇଲା । ପାଞ୍ଚଶହ ଟଙ୍କା ପାଇଁ ସେ ଅସମର୍ଥ । ସରକାରର ପଇସା ପାଇଲେ ସେଥିରୁ ଦେବ । ଡାକ୍ତର ବି ମହାଜନ ପରି ଚିନ୍ତା କରନ୍ତି ବୋଧହୁଏ । ତାକୁ ଯେମିତି ହେଲେ ଟଙ୍କା ଯୋଗାଡ଼ କରିବାକୁ କହନ୍ତି । ସେ ଡାକ୍ତରଖାନାରେ ଏପଟ ସେପଟ ହେଉଥିବା ଡାକ୍ତରଙ୍କୁ ବୁଝେଇବା ପାଇଁ ବହୁତ ଚେଷ୍ଟା କରେ । ପାରେନି । ଡାକ୍ତରଖାନା ବାରଣ୍ଡାରେ ବସି କାନ୍ଦେ । ଘରକୁ ଫେରିଲା ବେଳେ ରାତି ହୋଇ ଯାଇଥାଏ । ବର୍ଷଟିଏ ଡାକ୍ତରଖାନା ଦୌଡ଼ି ଦୌଡ଼ି କିଛି ପାଏନି । ନ ଖାଇ ଶୋଇପଡ଼େ । ତା'ପରଦିନ ସକାଳୁ ଉଠିପାରେନି । ବାସ୍ ପଡ଼ିଥାଏ । ତିନି ଚାରିଦିନ ହେବ କଦବା କେମିତି ଯା' ଗଙ୍ଗବାଲି ଓ ଦିଅର ଡମ୍ବରୁ ତାକୁ ଖାଇବାକୁ ଦିଅନ୍ତି ।

ଖଟରେ ପଡ଼ିଥିବା ପ୍ରେମଶିଳା ଓ ତାର ବସିଥିବା ଦୁଇ ଝୁଅଙ୍କ ଫଟୋ ନେଲି ମୋ ପତ୍ରିକା 'ଶତାବ୍ଦୀ' ପାଇଁ । ଆମେ ଗାଁରୁ ଫେରିଲୁ । ବହିଦାର ବାବୁ ଫେରିଲାବେଳେ ଗଜିନର ବିଧବାକୁ ୫୦ ଟଙ୍କା ଓ ଗଙ୍ଗବାଲିକୁ ୫୦ ଟଙ୍କା ଦେଲେ ଔଷଧ କିଣିବାକୁ ।

ଆମେ ଦୁହେଁ ବଙ୍ଗୋମୁଣ୍ଡା ବ୍ଲକ୍‌କୁ ଆସିଲୁ । ଇନଚାର୍ଜ ବି.ଡ଼ି.ଓ ବଲାଙ୍ଗିର ଯାଇଥାନ୍ତି । ପ୍ରେମଶିଳା ବାବଦରେ ଜଣେ ସମ୍ପ୍ରସାରଣ ଅଧିକାରୀଙ୍କୁ କହିଲୁ । ସେ କହିଲେ ବି.ଡ଼ି.ଓ ଆସନ୍ତୁ ମୁଁ ତାଙ୍କୁ ଏକଥା କାଲି କହିଦେବି ।

ଇନ୍‌ଚାର୍ଜ ବି.ଡ଼ି.ଓ ଫେରିଲେ ତା'ପରଦିନ । ତାଙ୍କୁ ସମ୍ପ୍ରସାରଣ ଅଧିକାରୀ କିଛି କହିନଥାନ୍ତି । ଆମେ ଯାଇ କହିଲୁ ମୁମୂର୍ଷୁ ପ୍ରେମଶିଳାର କଥା । ସେ କହିଲେ, "ଆମେ ଚାକିରି କରିଛୁ । ଏମାନଙ୍କ ଠିକା ନେଇନୁ । ଦେଖନ୍ତୁ ଆପଣ କଣ କରିପାରୁଛନ୍ତି । ଏ ଲୋକମାନେ ମାଗଣା ଖାଇବାକୁ ଡ୍ରାମା କରନ୍ତି ।"

ମୁଁ ବଙ୍ଗୋମୁଣ୍ଡା ଥାନାକୁ ଆସିଲି । ଥାନାବାବୁଙ୍କୁ କହିଲି ସମସ୍ତ ଘଟଣା ଏବଂ ଡାଇରୀ ଏଡଲାଟିଏ ଏହି ଦିନ ୨୩ ନଭେମ୍ବର ୨୦୦୦, ସମୟ ୩ଟା । ସନ୍ଧ୍ୟା ୫ଟାରେ ପ୍ରେମଶିଳା ଘରକୁ କଣ୍ଟାବାଞ୍ଜି ତହସିଲଦାର, ବଙ୍ଗୋମୁଣ୍ଡା ଇନଚାର୍ଜ ବି.ଡ଼ି.ଓ ସମେତ ଅନ୍ୟାନ୍ୟ ଅମଲାମାନେ ପହଞ୍ଚିଲେ । ଡାକ୍ତର ତା'ଘରକୁ ଗଲେ । ଇନ୍‌ଚାର୍ଜ ବି.ଡ଼ି.ଓ. ୧୦୦ଟଙ୍କା ଦେଲେ ପରେ ପ୍ରେସ୍‌କୁ କହିଲେ ମାନବିକତା ଦୃଷ୍ଟିକୋଣରୁ ସେ ୧୦୦ଟଙ୍କା ଦେଇଥିଲେ ।

ଏହି ସାମୂହିକ ଗସ୍ତ ବୋଧହୁଏ ବ୍ୟକ୍ତିଗତ ଥିଲା କାରଣ ଏ ବିଷୟରେ କୌଣସି ସରକାରୀ କାଗଜରେ କିଛି ଉଲ୍ଲେଖ ନଥିଲା । ତହସିଲ୍‌ଦାର ଫୋନରେ ଉପରମହଲାକୁ ଜଣେଇଲେ ଯେ ଏ ଘଟଣା ଅପପ୍ରଚାର । କିଛି ବ୍ୟକ୍ତିଗତ ପ୍ରଚାରପାଇଁ ଏ ନାଟକ କିଆଯାଇଛି ।

୨୪ ନଭେମ୍ବର ୨୦୦୦ରେ ପ୍ରାୟ ସମସ୍ତ ପ୍ରମୁଖ ସମ୍ବାଦପତ୍ର ଏ ଘଟଣା ବିଷୟରେ ଲେଖି ସାରିଥିଲେ ।

ତହସିଲଦାର ତାଙ୍କ ରିପୋର୍ଟରେ ନିମ୍ନ ପ୍ରକାର ଲେଖିଲେ-

୧. ଗତ ନଭେମ୍ବର ୨୬, ୨୦୦୦ ଦିନ ବି.ଡ଼ି.ଓ (ଇନଚାର୍ଜ), ସି.ଡ଼ି.ପି.ଓ, ଏସ୍.ଇ.ଓ, ଜେ.ଇ, ଭି.ଏଲ୍.ଡ଼ବ୍ଲ୍ୟୁ ଏବଂ ପୋଲିସ ଓ.ଆଇ.ସି ତଦନ୍ତ ପାଇଁ ବଡ଼ଗମଡ଼ା ଯାଇଥିଲେ ।

ଗଜିନ କାମ କରିବାକୁ ଦିଲ୍ଲୀ ଯାଇଥିଲା ଏବଂ ବିଦ୍ୟୁତ ଆଘାତ ଦ୍ୱାରା ତା'ହାତ କଟି ଯାଇଥିଲା । ସେ ଜଣେ ନିୟମିତ ଶ୍ରମିକ ।

୨. ୧୮ ନଭେମ୍ବର ଦିନ ତାର ମୃତ୍ୟୁର କାରଣ Internal injury effect to brain

Digitized by srujanika@gmail.com

## ମୃତ୍ୟୁପୂର୍ବରୁ ପ୍ରେମଶୀଳା, ପରୀ ଓ ଜେମଟୀ

and clied in chock ବୋଲି ଲେଖାଯାଇଛି ।

୩. ଗଜିନ ମରିବା ପୂର୍ବରୁ ଦୁଇଓଳି ଖାଇଛି । ତା'ର ଘରେ ରୋଷେଇ ହୋଇଛି । ମୃତକର ସ୍ତ୍ରୀକୁ ୪ କେଜି ଚାଉଳ ଓ ୧୦୦ଟଙ୍କା ବ୍ଲକ୍ ତରଫରୁ ଦିଆଗଲା ।

୪. ପ୍ରେମଶିଳା ବାବଦରେ ଲେଖାହେଲା, ୮.୧୧.୨୦୦୦ ଦିନ ସେ ୧୬କେଜି ଚାଉଳ ନେଇଛି । ୨୨.୧୧ରେ ତାକୁ ୨କେଜି ଏସ୍.ଏମ୍.ପି ଚାଉଳ ଯୋଗାଯାଇଛି ।

୫. ୨୭.୧୧ରେ ବେଲପଡ଼ା ଡାକ୍ତର ତା'ର ଚିକିତ୍ସା ଆରମ୍ଭ କରିଥିଲେ । ଜଣାପଡ଼ିଲା ସେ ଏନିମିଆ ରୋଗରେ ପୀଡ଼ିତ ଅଛି । ତାକୁ ତୁରନ୍ତ ଟିଟିଲାଗଡ଼ ଡାକ୍ତରଖାନା ନେବାକୁ ପରାମର୍ଶ ଦେଇଥିଲେ । ବି.ଡ଼ି.ଓ ଏବଂ ସି.ଡ଼ି.ପି.ଓ ତାଙ୍କର ଗାଡ଼ି ଦେବାକୁ କହିଥିଲେ ।

ପ୍ରେମଶିଳା ସହ ଟିଟିଲାଗଡ଼ ଡାକ୍ତରଖାନା ଯିବ କିଏ? ଏତେ ଟଙ୍କା ଖର୍ଚ୍ଚ କରିବ କିଏ? ସମସ୍ତେ ତ କାମକଲେ ଖାଇବାଲୋକ । ତା'ସହ ରହିବ କିଏ?

ଡିସେମ୍ବର ୧,୨୦୦୦ ଦିନ ୧୧ଟାରେ ପ୍ରେମଶିଳା ମରିଗଲା ।

ଏହିଦିନ ବଲାଙ୍ଗିର ଜିଲ୍ଲାପାଳ ବଙ୍ଗୋମୁଣ୍ଡା ବସ୍‌ଷ୍ଟାଣ୍ଡରେ ରେଡ଼କ୍ରସ ଚାନ୍ଦା ଆଦାୟ କରୁଥିଲେ । ପ୍ରେମଶିଳାର ମୃତ୍ୟୁ ଖବର ତାଙ୍କୁ ଦିଆଗଲା ନାହିଁ । ଅଥବା ସେ ଜାଣିଲେ ନାହିଁ ।

କନ୍ଧ ଜାତିରେ ମାଟିରେ ପୋତିବା ପରମ୍ପରା ରହିଛି । ପ୍ରେମଶିଳାର ଶବଦାହ କରାଗଲା ।

ହୁଏତ ତା'ର ଶବଦାହ ପାଇଁ ବ୍ୟବହାର କରାଯାଇଥିବା କାଠ ତାକୁ ଠିକ୍ ସମୟରେ ମିଳିଥିଲେ ତାର ମୃତ୍ୟୁ କିଛି ବିଳମ୍ବ ହୋଇଥାନ୍ତା । ଅଥବା ଏ ଭିତରେ ତା'ର ଚିକିତ୍ସା ହୋଇପାରିଥାନ୍ତା । ଅଥବା ତାର ଭାଗ୍ୟ ବଦଳି ଯାଇଥାନ୍ତା । ଅଥବା...

॥ ୨ ॥

ପ୍ରେମଶିଳାର ମୃତ୍ୟୁ ଖବର ସମ୍ବାଦପତ୍ରମାନଙ୍କରେ ମୁଖ୍ୟ ଖବର ହୋଇ ବାହାରିଲା । ବିରୋଧୀ ଦଳ ସରକାରଙ୍କୁ ପ୍ରତିବାଦ କଲେ । ବିଧାନସଭାରେ ବିରୋଧୀ ଦଳ ହଟଗୋଳ କଲେ । କଣ୍ଟାବାଞ୍ଜି

Digitized by srujanika@gmail.com

ବିଧାୟକ ସନ୍ତୋଷ ସିଂ ସାଲୁଜା ନାଟକୀୟ ଢଙ୍ଗରେ ସରକାରଙ୍କୁ ପ୍ରତିବାଦ କଲେ । ଗୃହରେ ଧାରଣା ଦେଲେ । ବିଚାର ବିଭାଗୀୟ ତଦନ୍ତ ଦାବୀ କରାଗଲା । ଗୃହର ସ୍ୱାଭାବିକ କାର୍ଯ୍ୟ ୧୧୭ ମିନିଟ୍ ଧରି ବ୍ୟାହତ ହୋଇଥିଲା । ୧୫ ମିନିଟ୍ ପାଇଁ ଗୃହ ମୁଲତବୀ ହେଲା ।

ଶାସକଦଳ ନେତା ବାଳଗୋପାଳ ମିଶ୍ର ପ୍ରେମଶିଳା ମୃତ୍ୟୁ ଘଟଣାକୁ ନେଇ ପ୍ରତିବାଦ କଲେ । ଶେଷରେ ରାଜସ୍ୱମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନ କହିଲେ ପ୍ରେମଶିଳାର ମୃତ୍ୟୁ ଘଟଣାର ତଦନ୍ତ ସ୍ୱତନ୍ତ୍ର ରିଲିଫ କମିଶନର କରିବେ ଏବଂ ବିଧାନସଭାର ଆଗାମୀ ଅଧିବେଶନରେ ତାହା ଉପସ୍ଥାପନ କରାଯିବ ।

ସ୍ୱତନ୍ତ୍ର ରିଲିଫ କମିଶନର ଡଃ ହୃଷୀକେଶ ପଣ୍ଡା ବଡ଼ଗମଡ଼ା ଆସିଲେ । ତାଙ୍କ ଆସିବାର କିଛିଦିନ ପୂର୍ବରୁ ସ୍ଥାନୀୟ ପ୍ରଶାସନ ଚଳଚଞ୍ଚଳ ହୋଇଗଲା । ଶାସକଦଳ ଓ ବିରୋଧୀ ଦଳ ଲୋକେ ଗାଁକୁ ଗଲେ । ଲୋକଙ୍କୁ ନିଜ ନିଜର ତରିକାରେ ବୁଝେଇଲେ । ଯାହାକୁ ସମ୍ପତ୍ତି କୁହାଯିବ, ତାକୁ ଯଥାସମ୍ଭବ ଲୁଚାଗଲା । ସୁତରାଂ ସମସ୍ତେ ନିଜ ନିଜର କ୍ଷେତ୍ର ପସ୍ତୁତ କଲେ ଡଃ ପଣ୍ଡାଙ୍କୁ ଦେଖେଇବା ପାଇଁ ।

ପ୍ରେମଶିଳା ଯେଉଁ ମୃତ୍ୟୁ ପ୍ରମାଣପତ୍ର ପାଇଁ ଦୌଡ଼ି ଦୌଡ଼ି ବର୍ଷଟିଏ ହଇରାଣ ହୋଇଥିଲା, ମରିଗଲା ପଛେ ପାଇଲା ନାହିଁ । ସେହି ମୃତ୍ୟୁ ପ୍ରମାଣପତ୍ର ସହିତ ପରିବାର ମଙ୍ଗଳ ଯୋଜନାର ଦଶହଜାର ଟଙ୍କାର ଚେକ୍ ହୃଦାନନ୍ଦକୁ ଦିଆଯାଇଥିଲା । ପ୍ରେମଶିଳା ଭୋଇ ସ୍ୱା. ପୂର୍ଣ୍ଣ ଭୋଇ କାଗଜପତ୍ରରେ । ଏ ପରିବାର କନ୍ଧ ସମାଜରେ କିଛି ଦେବୀ ସେବାର ଅଧିକାର ପାଇଛନ୍ତି ତେଣୁ

ଫରିଦାବାଦ୍‌ର ଏକ ଏସ୍.ଓ.ଏସ୍ ଭିଲେଜ୍‌ରେ ପରୀ ଓ ଜେମତୀ

Digitized by srujanika@gmail.com

ତାଙ୍କୁ ମାଝୀ ବା ମୁଖିଆ ବୋଲି ବି କୁହାଯାଏ । ହୃଦାନନ୍ଦକୁ ଦିଆ ଯାଇଥିବା ଚେକ୍‌ରେ ହୃଦାନନ୍ଦ ମାଝୀ ବୋଲି ଲେଖାଯାଇଥିଲା । ଏହାର ତଦନ୍ତ ବ୍ଲକ୍ କାର୍ଯ୍ୟାଳୟରେ କରିବାର ଥିଲା ।

ପ୍ରେମଶିଳାର ଜମି ବନ୍ଧକ ରଖିଥିବା ଶ୍ରୀକର ଭୋଇ ନିକଟକୁ ଡଃ ପଣ୍ଡା ଗଲେ । ଶ୍ରୀକର ଚାଦର ଘୋଡ଼ି ହୋଇ ଜ୍ୱରରେ ଶୋଇଥିଲା । ଲୋକେ କହିଲେ ସପ୍ତାହେ ହେଲା ସେ ଅନାହାରରେ ଅଛି । ହୁଏତ ଯାହା ବିଶ୍ୱାସଯୋଗ୍ୟ କଥା ନଥିଲା । ଶ୍ରୀକର ସହ ଜମି ବନ୍ଧକ ରଖିଥିବା କଥା ହୋଇ ଡଃ ପଣ୍ଡା ଫେରିଲେ ବଙ୍ଗୋମୁଣ୍ଡା ବ୍ଲକ୍ ଅଫିସକୁ ।

ଏହାର କିଛି ସମୟ ପରେ ଶ୍ରୀକର ମରିଗଲା ।

କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ବି.ଡ଼ି.ଓଙ୍କ ଗିରଫ ଦାବୀରେ ସ୍ଲୋଗାନ ଦେଲେ । ଲୋକେ ଶ୍ରୀକରର ମୃତ ଶରୀରକୁ ନେଇ ବ୍ଲକ୍ ଅଫିସ ଆସିବା ପାଇଁ ଉଦ୍ୟତ ହେଉଥିବା ବେଳେ ତାର ଶବକୁ ବ୍ୟବଚ୍ଛେଦ ପାଇଁ ଟିଟିଲାଗଡ଼ ପଠାଗଲା । ଡଃ ପଣ୍ଡା ବ୍ଲକ୍ କାର୍ଯ୍ୟାଳୟରେ ଆଉ ରହିଲେ ନାହିଁ । ବଲାଙ୍ଗିର ପଳେଇଲେ ।

ତା'ପରଦିନ ଘଟଣାଟିକୁ ଖବରକାଗଜମାନେ ବେଶ୍ ପ୍ରାଞ୍ଜଳ ଭାବରେ ଉପସ୍ଥାପନ କରିଥିଲେ । କେତେକ ସ୍ଥାନରେ ଉଲ୍ଲେଖ ଥିଲା ଯେ ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରେମଶିଳାର ଅନାହାର ମୃତ୍ୟୁ ତଦନ୍ତ କରୁଥିବା ସମୟରେ ଅନ୍ୟଜଣକର ଅନାହାରରେ ମୃତ୍ୟୁ ହୋଇଛି । ଯେଉଁମାନେ ଖବରକାଗଜ ପଢ଼ନ୍ତି, ସେମାନେ ଜାଣିଲେ ଯେ ଡଃ ପଣ୍ଡା ବଲାଙ୍ଗିରରେ ଅଛନ୍ତି ଏବଂ ପ୍ରେମଶିଳା ମୃତ୍ୟୁ ଘଟଣା ଉପରେ ଲୋକଙ୍କ ସତ୍ୟପାଠ ନେବେ । କେହିଜଣେ ମଧ୍ୟ ଗଲେ ନାହିଁ ବଲାଙ୍ଗିର ୧୦୫ କିଲୋମିଟରେ ସତ୍ୟପାଠ କରିବାକୁ । ପରେ ଜଣାପଡ଼ିଲା ଯେ ଜଣେ ବି ଲୋକ ସତ୍ୟପାଠ କରିବାକୁ ଗଲେନାହିଁ । ଏହାର କାରଣ ଲୋକେ ଏ ଘଟଣା ପ୍ରତି ଉଦାସୀନ ଥିଲେ । କିନ୍ତୁ ଏତେଦୂର ଯିବାକୁ ଲୋକଙ୍କ ପାଖରେ ଟଙ୍କା ସହିତ ସାମର୍ଥ୍ୟର ଅଭାବ ଥିଲା । ଅଥବା ଏହି ତଦନ୍ତ, ସ୍ଲୋଗାନ ସବୁ ପ୍ରହସନ ବୋଲି ଧରିନେଇଥିଲେ । ଏ ସତ୍ୟପାଠ ନିଆଯିବା କଥା ସେମାନେ ଜାଣିନଥିଲେ, ଯେଉଁମାନେ ଜାଣିବା କଥା ।

ତଦନ୍ତ ସରିଲା । ଶ୍ରୀକରର ବ୍ୟବଚ୍ଛେଦ ରିପୋର୍ଟ ଆସିଲା । ତାର ପାକସ୍ଥଳୀରେ ଖାଦ୍ୟଥିଲା ଓ ସେ କାମଳରୋଗୀ ଥିଲା । ଏହି ଘଟଣା ପରେ ସରକାର ଲୋକଙ୍କ ଜୀବନମାନର ଉନ୍ନତି ତଥା କର୍ମଯୋଗାଣ ପାଇଁ ମହାବନ୍ଧ କାର୍ଯ୍ୟକ୍ରମ ପ୍ରଣୟନ କଲେ । ଏଥିରେ ପଞ୍ଚାୟତ ସ୍ତରରେ ପୋଖରୀ ଖୋଳାଯାଇ ତାର ଜଳକୁ ଲୋକ ଓ ଗାଈଗୋରୁଙ୍କ ବ୍ୟବହାର ତଥା ଆବଶ୍ୟକ ହେଲେ ଚାଷରେ ବ୍ୟବହାର କରିହେବ ବୋଲି କୁହାଯାଇଥିଲା ।

ଲୋୟର ସୁକଟେଲ ବୁଢ଼ି ଅଞ୍ଚଳ ବିକାଶ ପରିଷଦର ଏକ ସଭାକୁ ମେଧା ପାଟକର ଆସିଥାନ୍ତି । ବନ୍ଧକୁ ବିରୋଧକରି ଲୋକେ କୌଣସି ବାହ୍ୟ ସମର୍ଥନ ବିନା ନିଜେ ନିଜେ ସଂଗ୍ରାମ ଜାରି ରଖିଥାନ୍ତି । ଏହି ସଭାକୁ ମୁଁ ଏବଂ ଯୁବ ଓକିଲ ବିଷ୍ଣୁପ୍ରସାଦ ଶର୍ମା ଯାଇଥାଉ । ଶର୍ମାବାବୁ ଅଞ୍ଚଳର ବିଭିନ୍ନ ଜନସମସ୍ୟାମାନଙ୍କୁ ନିକଟରୁ ଅନୁଧ୍ୟାନ କରି ଆଇନ ପରାମର୍ଶ ବି ଦିଅନ୍ତି ।

ଜଣେ ଯୁବକ ଆସି ମତେ କହିଲେ ଆପଣଙ୍କ ବାବଦରେ ଡଃ.ହୃଷୀକେଶ ପଣ୍ଡା ଲେଖିଛନ୍ତି । ଝଙ୍କାରରେ ବାହାରିଛି । ମେଧା ପାଟକରଙ୍କ ସଭା ସରିଲା ପରେ ଆମେ ବଲାଙ୍ଗିର ଗଲୁ । ବଲାଙ୍ଗିରରେ ମଧ୍ୟ ମେଧା ପାଟକରଙ୍କ ସଭା ଥାଏ । ସଭା ସରିଲାପରେ ଝଙ୍କାର କିଣାହେଲା । ଶର୍ମାବାବୁ ପଢ଼ିଲେ । ମୁଁ ମୋ କାମରେ ଲାଗିପଡ଼ିଲି ।

Digitized by srujanika@gmail.com

ସକାଳୁ ଘରୁ ଫୋନ୍ ଆସିଲା, ମା କହିଲେ, "ତୋ ଏଡ଼ିଟର ଫୋନ କରିଥିଲେ କଥା ହ ।" ଚନ୍ଦ୍ରଭାନୁ ପଟ୍ଟନାୟକ ଯିଏ 'ଶତାବ୍ଦୀ', ଏକ ଖ୍ୟାତ ପତ୍ରିକାର ସମ୍ପାଦକ । ମୁଁ କାମ କରୁଥାଏ ଶତାବ୍ଦୀରେ । ମୋ ଏଡ଼ିଟର ମତେ ତିନି ଚାରି ଦିନର କାମ ଦେଲେ । କାମସାରି ଘରକୁ ଫେରିଲି । ଶର୍ମାବାବୁଙ୍କ ନିକଟକୁ ଯାଇ ଝଙ୍କାର ଆଣିଲି ।

'ଅନାହାର କମିଶନରଙ୍କ ଏକ ରିପୋର୍ଟ' ପଢ଼ିଲି, ଗପଟି ସଂକ୍ଷେପରେ ଏହିପରି...

ଏକ ଗାଁ ପାଖଆଖରେ ଖ୍ୟାତ ହୋଇଥାଏ । ଏତେ ଖ୍ୟାତ ଯେ ତା' ନାଁରେ ନିକଟସ୍ଥ ରେଲୱେ ଷ୍ଟେସନର ନାମ କରାଯାଇଥାଏ ଗମଡ଼ାରୋଡ଼ । ଏଠାକୁ ପ୍ରଥମେ ଜଣେ ଲୋକ ଆସି ଚା' ଦୋକାନଟିଏ କଲା । ଆଉ ଜଣେ ଆସି ପାଖ ଜଙ୍ଗଲରେ କାଠ ତସ୍କରୀ କଲା । ଅନ୍ୟଜଣେ ଆସି ରେଲୱେର ଲୁହା ଚୋରୀକରି ବିକିଲା । କାଠ ବିକି ଓ ଲୁହା ଚୋରି କରି ଦୁଇଜଣ ଧନୀ ହେଲେ । ଅଞ୍ଚଳର ଅର୍ଥନୀତିକୁ ନିଜ ଅକ୍ତିଆରରେ ରଖିଲେ । ଜେଲ୍ ଗଲେ । ଜେଲ୍‌ରୁ ଜଣେ ଫେରି ଚା' ଦୋକାନୀକୁ ବିତାଡ଼ିତ କରି ତା'ଘରକୁ ଅକ୍ତିଆର କଲା । ସେମାନେ ପୂର୍ବ ଢ଼ଙ୍ଗରେ ନିଜର ପ୍ରତିପତ୍ତି ବଢ଼େଇଲେ । ଦାଦନ ଶ୍ରମିକ ପଠେଇଲେ । ଦୁଇଟି ରାଜନୈତିକ ଦଳର ଆଞ୍ଚଳିକ ପୃଷ୍ଠପୋଷକ ହୋଇ ରାଜନୀତି କଲେ ।

ଏପଟେ ଗମଡ଼ା ଗାଁରେ ରହୁଥିବା ମୁଖିଆର ଝିଅ ପ୍ରେମଶିଳା ପୂର୍ଣ୍ଣକୁ ବାହାହେଲା । ଘଟଣାଚକ୍ରରେ ମୁଖିଆ ମରିଯିବା ପରେ ପୂର୍ଣ୍ଣ ଗରିବ ହୋଇଗଲା । ପ୍ରେମଶିଳାକୁ ଧରି ହାଇଦ୍ରାବାଦ ଗଲା ଦାଦନ ଖଟି । ସେଠାରେ ଆଖପାଖ ଲୋକଙ୍କ ପରି କୁଡ଼ିଆରେ ରହିଲା । ସଫାସୁତୁରା କୁଡ଼ିଆ ଆଖପାଖ କୁଡ଼ିଆଠୁ ଆକର୍ଷଣୀୟ ଥିଲା । ଏଠାକୁ ଶ୍ରମିକ ଦଲାଲମାନେ ଆସି ମଦ ପିଇଲେ । ପୂର୍ଣ୍ଣ ମଦ କିଣିଯାଏ । ମଦପିଇ ଶୋଇଯାଏ ଅଥବା ଜାଣି ଜାଣି ଶୋଇବାର ଅଭିନୟ କରେ ।

ପ୍ରେମଶିଳାର ପ୍ରଚୁର ରକ୍ତସ୍ରାବ ହେଲା । ପୂର୍ଣ୍ଣସହ ଗାଁକୁ ଫେରି ଆସିଲା । ଦିନେ ପୂର୍ଣ୍ଣ ମରିଗଲା । ପ୍ରେମଶିଳା କାଠ ବିକି ପରିବାର ପାଳିଲା । ପ୍ରେମଶିଳା ବି ରକ୍ତସ୍ରାବ କାରଣରୁ ମରିଗଲା ।

ଏହାକୁ ଜଣେ ସାମ୍ବାଦିକ ରାଜୀବ କୁମାର ସଗରିଆ ଅନାହାର ମୃତ୍ୟୁ ବୋଲି ଚତୁରତାର ସହ ଫଟୋ ନେଇ ଦିଲ୍ଲୀ ଓ ଭୁବନେଶ୍ୱରର ଖବରକାଗଜରେ ବାହାର କଲା । ପ୍ରଶାସନ ଉଠାପକା ହେଲା ।

ଏହାର ତଦନ୍ତ ଭାର ଲେଖକଙ୍କୁ ଦିଆଗଲା । ଯିଏ ସରକାରଙ୍କ ଅନାହାର କମିଶନର । ତଦନ୍ତ କଲାବେଳେ ସାମ୍ବାଦିକ ରାଜୀବ ସଗରିଆ ତାଙ୍କୁ ବହୁତ ତଥ୍ୟ ଦେଲା । ଲେଖକ ତାକୁ ପଚାରିଲେ ଏସବୁ ଖବରକାଗଜରେ ବାହାର କଲନି କାହିଁକି ? ଏକଦା ସାମ୍ବାଦିକର ବାପା ସେହି ଗମଡ଼ାରୋଡ଼ର ଚା' ଦୋକାନୀ ଶ୍ରମିକ ଚାଲାଣ କରୁଥିଲା । ସେ ପୂର୍ଣ୍ଣକୁ ହାଇଦ୍ରାବାଦ ପଠେଇଥିଲା । ଏସବୁ ଖବର ଶୁଣି ସେ ସାମ୍ବାଦିକକୁ ମାରି ଗୋଡ଼େଇଲା । ତେଣୁ ସେହି ସାମ୍ବାଦିକ ଏସବୁ ଖବରକାଗଜରେ ଲେଖିଲା ନାହିଁ ।

ଶେଷରେ ଅନାହାର କମିଶନର ମାନେ ଲେଖକ କହନ୍ତି ପ୍ରେମଶିଳାର ମୃତ୍ୟୁକୁ ଅନାହାର କହିବା କି ନ କହିବା ବିବାଦର କାରଣ ହେବ । ସେ ଦୂତ । ଏତେ ସତକଥା କହିଥିବାରୁ ତାଙ୍କ ଉପରେ ବିପଦ ପଡ଼ିବ । ଦୂତ ହୋଇଥିବା କାରଣରୁ ସେ ବିଧ୍ୟଯୋଗ୍ୟ ନୁହନ୍ତି ।

ବାସ୍ କାହାଣୀଟି ଏତିକି । ମୁଁ ଏହାର ପ୍ରତିବାଦ କଲି । ମୋର ମା, ବାପା ଦୁହେଁ ପ୍ରାଥମିକ

Digitized by srujanika@gmail.com

ଶିକ୍ଷକ । ଡଃ ହୃଷିକେଶ ପଣ୍ଡା କହିଲେ ଏହା ଏକ କାହାଣୀମାତ୍ର । କୌଣସି ଚରିତ୍ର କି ଘଟଣା ସହ ଏହାର ସମ୍ପର୍କ ନାହିଁ । ସେ ଏହାବି ସ୍ୱୀକାର କଲେ ଯେ ସେ ବିଧାତା ନୁହନ୍ତି ।

ଅନେକ ଆଲୋଚକ କହନ୍ତି ଗପଟି ବେଶ୍ ଉଚ୍ଚକୋଟୀର । ଏହା ବିଭିନ୍ନ ଭାଷାରେ ଅନୂଦିତ ବି ହେଲା । ବହୁତ ଦିନ ପରେ ଡଃ ପଣ୍ଡାଙ୍କର ଗଳ୍ପ ସଂକଳନଟିଏ ପ୍ରକାଶ ପାଇଲା 'ମିଛ ଖୁସି ସଚ ଦୁଃଖ' । ସେ ସଂକଳନରେ ଥିଲା ଉପର ଚର୍ଚ୍ଚିତ ଗପଟି । ଏଥିରେ ସେ ସାମ୍ବାଦିକର ଚରିତ୍ର ରାଜୀବ କୁମାର ସଗରିଆ ବଦଳରେ ସଞ୍ଜୟ ସଗରିଆ ରହିଲା ।

କିନ୍ତୁ ଗପରେ ଗୋଟିଏ କଥାର ଉଲ୍ଲେଖ କରାଗଲା ନାହିଁ ବୋଲି ଅନେକ ମତ ଦିଅନ୍ତି । ତସ୍କର ଚୋର ଓ ଚାଲବାଜ୍ ପରିଚାଳିତ କରୁଥିବା ଗୋଟିଏ ଅଞ୍ଚଳରେ ଅମଲାର ଚରିତ୍ର କେତେ ନିର୍ମଳ ଥିଲା ।

॥ ୩ ॥

ପ୍ରେମଶିଳା ମଲା ପରେ ହୃଦାନନ୍ଦ, ପରୀ ଓ ଜେମତୀ ଛେଉଣ୍ଡ ହୋଇଗଲେ । ନଅ ବର୍ଷର ହୃଦାନନ୍ଦ ରୋଜଗାର କରି ଖାଇ ଜାଣିଲାଣି । ସେ ଆଗରୁ ବି ଟା ମିତବାପାର ହୋଟେଲରେ କାମ କରି ନିଜପାଇଁ ଖାଦ୍ୟସୁରକ୍ଷା କରି ପାରିଥିଲା । ରହିଲେ ପରୀ ଓ ଜେମତୀ, ଏମାନଙ୍କ ଦାୟିତ୍ୱ ନେଲା ପୂର୍ଣ୍ଣର ଭାଇ ତଥା ପ୍ରେମଶିଳାର ଦିଅର ଡ଼ମ୍ବରୁ ।

ଷ୍ଟାର୍ ଟି.ଭି ପ୍ରେମଶିଳାର ଖବର ସଂଗ୍ରହ କରିଥିଲା । ଏହାର ରଏଲଟି ବାବଦ ଅଧିକ ୧୨

ଡମ୍ବରୁ

Digitized by srujanika@gmail.com

ହଜାର ଟଙ୍କା ମିଳିଲା । ଗୋଟିଏ ଫଣ୍ଡିଂ ଏଜେନ୍ସି ଦେଇ ସ୍ଥାନୀୟ ଗୋଟିଏ ଏନ୍‌ଜିଓ ମାଧ୍ୟମରେ ଟଙ୍କା ଦିଆଗଲା । ଏନ୍‌ଜିଓ ଏହି ଟଙ୍କାକୁ ମୃତ ପ୍ରେମଶିଳାର ବନ୍ଧକ ଥିବା ଜମି ମୁକୁଳେଇଲା । ଯାହାକୁ ଡଃ ପଣ୍ଡା ତଦନ୍ତ କରୁଥିବା ସମୟରେ ମରିଥିବା ଶ୍ରୀକର ରଖିଥିଲା । ତିନୋଟି ଛେଳି କିଣିଦେଲା । ଛେଳିମାନଙ୍କର ବୀମା କରେଇଲା ଓ ମହାଜନର ଋଣ ପରିଶୋଧ କଲା । ଏନ୍‌ଜିଓ ବଡ଼ଗମଡ଼ାକୁ ନିଜର ପୋଷ୍ୟଗ୍ରାମ ବୋଲି କହୁଥିଲା ।

ମହାବନ୍ଧ କାମ ଚାଲୁଥାଏ । ପ୍ରେମଶିଳାର ଖବର ଅପାଂକ୍ତେୟ ହୋଇ ପଡ଼ିଥିଲା । ଅନେକ ଥର ଖବର କାଗଜମାନ ଲେଖୁଥିଲେ ମହାବନ୍ଧରେ ହେଉଥିବା ଦୁର୍ନୀତିର କଥା ।

ବେଦାନ୍ତ ବକ୍ସାଇଟ ଖୋଳିବାପାଇଁ କଳାହାଣ୍ଡି ଲାଞ୍ଜିଗଡ଼ର ନିୟମଗିରି ପାହାଡ଼ ନେବା ବିରୁଦ୍ଧରେ ହେଉଥିବା ଆନ୍ଦୋଳନ ଅଞ୍ଚଳରେ ମୁଖ୍ୟ ଘଟଣା ଥିଲା ।

ସେପ୍ଟେମ୍ବର ୧୧, ୨୦୦୧ଦିନ ଆମେରିକାର ବିଶ୍ୱ ବାଣିଜ୍ୟ କେନ୍ଦ୍ରର ଶତତଳ ପ୍ରାସାଦ ଉପରେ ବିମାନ ଆକ୍ରମଣ ଘଟଣା ବିଶ୍ୱକୁ ସ୍ତମ୍ଭିତ କରିଦେଇଥାଏ । ହତଚକିତ ଲୋକେ ଏ ଆକ୍ରମଣର ଆଶ୍ଚର୍ଯ୍ୟତମ ଦିଗମାନଙ୍କ ଉପରେ ଆଲୋଚନା କରୁଥିଲେ ।

ସେପ୍ଟେମ୍ବର ୨୩, ୨୦୦୧ ଦିନ ଦିଲ୍ଲୀରୁ ପ୍ରକାଶିତ ଗୋଟିଏ ସମ୍ବାଦପତ୍ର 'ହିନ୍ଦୁସ୍ତାନ ଟାଇମ୍ସ'ରେ ଖବରଟିଏ ବାହାରିଲା "Nation's shame! starving Orissa family sells children" । ଖବର ଅନ୍ତରାଳେ ଥିବା ଘଟଣାମାନଙ୍କୁ ଦେଖିଲେ ଏହା ଜଣା ପଡ଼ିଲା ଯେ ଏହାର ଚର୍ଚ୍ଚାପାଇଁ ହିଁ ଜାଣି ଜାଣି ବିଳମ୍ବରେ ପ୍ରକାଶ କରାଯାଇଥିଲା । କାରଣ ୨୩ ତାରିଖ ପୂର୍ବରୁ ଖବରଟି ସେତେ ଚର୍ଚ୍ଚିତ ଓ ପ୍ରଭାବୀ ନଥାନ୍ତା ।

ଏହାର ସତ୍ୟତା ଉପରେ ପ୍ରଶ୍ନ କରିବାର ଅବକାଶ ନ ଥିଲା କାରଣ ଘଟଣା ଓ ଏହାର ଭିତ୍ତି ଥିଲା ବେଶ୍ ଦୃଢ଼ । ଖବରଟି ଯାହା ବି ହେଉ ଏହା ପଛର ସତ୍ୟତା ଉପରେ ଯିଏବି ସନ୍ଦିହାନ ରହିବ ।

ସେପ୍ଟେମ୍ବର ୮ ତାରିଖ ଜଣେ ଯୁବକ ଆସିଲେ ବଡ଼ଗମଡ଼ା । ତାଙ୍କ ସହ ଥିଲେ ସ୍ଥାନୀୟ କେତେଜଣ ସାମ୍ବାଦିକ । ସେ ଖୋଜିଲେ ପ୍ରେମଶିଳାର ଛୁଆମାନଙ୍କୁ । ଡମ୍ବରୁ ଘରକୁ ଗଲେ । ଡମ୍ବରୁକୁ ପଚରାଗଲା ପ୍ରେମଶିଳାର ଛୁଆମାନଙ୍କ କଥା । ଡମ୍ବରୁ କହିଲା ହୃଦାନନ୍ଦ ପୂର୍ବରୁ ଯେଉଁ ହୋଟେଲରେ କାମ କରୁଥିଲା ସେଠାରେ କାମ କରୁଛି । ପରୀ ଗାଁ ସ୍କୁଲରେ ପାଠ ପଢୁଛି, କେମିତୀ ଘରେ ରହୁଛି । ଡମ୍ବରୁକୁ ମନେ ପକେଇ ଦିଆଗଲା ତା'ର ଦାରିଦ୍ର୍ୟର କଥା । ଏତେବଡ଼ ଦାୟିତ୍ୱକୁ ପୂରା କରିବାରେ ବିଭିନ୍ନ ସମସ୍ୟାର କଥା । ପ୍ରକୃତରେ ଏହାହିଁ ନିରାଟ ସତକଥା ଡମ୍ବରୁ ପାଇଁ । ଦାୟିତ୍ୱ ନାମରେ ଡମ୍ବରୁ ଆଗତ ସମୟମାନଙ୍କରେ ଯେଉଁ ସମସ୍ୟାମାନଙ୍କର ସାମ୍ନା କରିବ, ସେ ପ୍ରତି ତାର ସାମର୍ଥ୍ୟ କେତେଦୂର ସହାୟକ ହେବ । ଭବିଷ୍ୟତ ବିପଦକୁ କିଏ ଜାଣେ ! ଦୋଷତ ଡମ୍ବରୁ ଉପରକୁ ଯିବ ।

ସତକଥା ଡମ୍ବରୁ ଚିନ୍ତା କଲା । ତଥାପି ତ ସାହସ କରିଛି; ଦେଖାଯାଉ ।

ଯୁବକଜଣକ ମୃତ ପ୍ରେମଶିଳାର ଫଟୋ ଦେଖେଇଲେ । କହିଲେ ଆମେ ତୁମ ବିଷୟରେ ସବୁ ଜାଣୁ । ଆମର ଅନାଥାଶ୍ରମଟିଏ ରାୟପୁରରେ ଅଛି । ସେଠାରେ ତୁମ ଛୁଆଦୁହିଁଙ୍କୁ ପାଠ ପଢ଼େଇବୁ । ତୁମେ ଛୁଆଦୁହିଁଙ୍କୁ ଛାଡ଼ିଦିଅ । ଡମ୍ବରୁ ଓ ଗଙ୍ଗବାଲି ମନାକଲେ ।

ତା' ପରଦିନ ଡମ୍ବରୁର ସମ୍ପର୍କିୟ ରହୁଥିବା ଗଁରେଇ ଗାଁର ଯୁବକ ସହ ଆସିଲେ ସେହି ଯୁବ

Digitized by srujanika@gmail.com

ପ୍ରେମଶୀଳା, ପରୀ-
**ଜେମତୀର ଗାଁ
ବଡ଼ଗମଡ଼ା**

ଆଗନ୍ତୁକ । ଗାଁରେଇର ଯୁବକ ହରପାଲ ଦ୍ବାରା ଡମ୍ବରୁ ସଙ୍ଗେ ସମ୍ପର୍କ ଯୋଡ଼ିଲା । ହୃଦାନନ୍ଦକୁ ଡକାହେଲା । ଗାଁ ଲୋକଙ୍କୁ ଡକାହେଲା । ପ୍ରସ୍ତାବ ଦିଆଗଲା ପରୀ ଓ ଜେମତୀକୁ ନେଇ ରାୟପୁରର ଅନାଥାଶ୍ରମରେ ରଖି ପାଠ ପଢ଼େଇବେ । ଏହି ଗାଁ ସମେତ ଅଞ୍ଚଳର ଅନେକ ଲୋକ ରାୟପୁରରେ ରହି କାମ କରନ୍ତି । ଏଇଥିପାଇଁ ଝିଅ ଦୁହିଁଙ୍କ ଭଲମନ୍ଦ ଜାଣିବାରେ ଡମ୍ବରୁକୁ ଅସୁବିଧା ହେବନାହିଁ । ଇଚ୍ଛାହେଲେ ଝିଅମାନଙ୍କୁ ଡମ୍ବରୁ ଯାଇ ଦେଖି ଆସିପାରିବ । କଥା ପାଖାପାଖି ହଁ ହେଲା ।

ସେପ୍ଟେମ୍ବର ୧୦ତାରିଖ ସକାଳ । ଯୁବକ ଜଣକ ଆସିଲେ । ପରୀ ପାଇଁ ନୂଆ ଜାମା ଆଣିଥିଲେ । ଅନ୍ୟ ଜଣେ ଯୁବକ କ୍ୟାମେରା ଧରିଥାଏ । ଗାଁ ଝାଙ୍କର ସାତଟି ନଡ଼ିଆ ମାଗିଲା । ନଡ଼ିଆ କିଣାଗଲା । ଝିଅଟିର ଭଲମନ୍ଦ ପାଇଁ ଗାଁ ଦେବୀଙ୍କୁ ମନାସିବା ଏକ ପୁରୁଣା ପ୍ରଥା । ଲୋକେ ଗାଁ ଛାଡ଼ି ବାହାରକୁ ଗଲେ ଏପରି କରିଥାନ୍ତି । କ୍ୟାମେରା ଧରିଥିବା ଲୋକଟି କୌଣସି ମୁହୂର୍ତ୍ତକୁ ଉପେକ୍ଷା ନକରି ଫଟୋ ନେଉଥାଏ । ପୂଜା ସରିଲା । ଡମ୍ବରୁ ହାତ ଧରେଇଦେଲା ପରୀର । ପରିକୁ ନେଇ ଯୁବକ ଯିବା ସମୟରେ ଡମ୍ବରୁ ହାତରେ ଗୁଞ୍ଜିଦେଲେ କିଛିଟଙ୍କା ।

ସେପ୍ଟେମ୍ବର ୧୩ତାରିଖ । ଯୁବକ ଜଣକ ଆସିଥିଲେ ଜଣେ ବୟସ୍କା ମହିଳାଙ୍କ ସହ । କୁଆଡ଼େ ମହିଳା ଜଣକ ତାଙ୍କ ମା । ଡମ୍ବରୁ ହାତରେ ଏଥର ବି ଟଙ୍କା ଗୁଞ୍ଜାହେଲା ।

ସେପ୍ଟେମ୍ବର ୨୩ ତାରିଖ ଖବର ବାହାରିଲା । ସାମ୍ବାଦିକ ଜଣକ ଆସିଥିଲେ ଖବର ସଂଗ୍ରହ ପାଇଁ । ଏଠାରେ ଲୋକଙ୍କ ଅବସ୍ଥା ଏତେ ଦୟନୀୟ ଯେ ଲୋକେ ନିଜର ସନ୍ତାନ ବିକିବାକୁ ବି ପଛଉନାହାନ୍ତି । ସେ ନିଜେ ମଧ୍ୟ ଦୁଇଟି ଝିଅ କିଣି ଆଣିଛନ୍ତି । ଏହି ଯୁବକ ଜଣକ ଆନନ୍ଦ ଏସ୍.ଟି.ଦାସ ଜଣେ ସାମ୍ବାଦିକ ଥିଲେ ହିନ୍ଦୁସ୍ତାନ ଟାଇମ୍ସର ।

ପ୍ରଶାସନ ପାଇଁ ଅବାଞ୍ଛିତ ଓ ଆତଙ୍କିତ ଥିଲା କଥାଟା । ମଥୁରାର ଗୋଟିଏ ସାଧାରଣ ସଭାକୁ

Digitized by srujanika@gmail.com

ସମ୍ବୋଧିତ କଲାବେଳେ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ମଧ୍ୟ ଘଟଣା ଉପରେ ମନ୍ତବ୍ୟ ଦେଇଥିଲେ ।

ହିନ୍ଦୁସ୍ତାନ ଟାଇମ୍ସ ପ୍ରତିଦିନ ଘଟଣାକୁ ପ୍ରକାଶ କରୁଥାଏ ଫଟୋସହ । ସରକାର ପ୍ରତିବାଦ କରୁଥାନ୍ତି । ପରୀ ଓ ଜେମତୀ ରାୟପୁର, ହିନ୍ଦୁସ୍ତାନ ଟାଇମ୍ସ ମୁଖ୍ୟାଳୟ ଓ ପରେ ଏସ୍.ଓ.ଏସ୍ ଭିଲେଜ ଫରିଦାବାଦ ଯିବା ପର୍ଯ୍ୟନ୍ତ ଧାରାବାହିକ ବିବରଣୀ ବାହାରୁଥାଏ ପ୍ରୋକ୍ତ ସମ୍ବାଦପତ୍ରରେ , ଫଟୋସହ । କମ୍ପ୍ୟୁଟର, ଖେଳଣା, ଟଙ୍କା ଇତ୍ୟାଦିର ଅନୁଦାନ ଛୁଟୁଥାଏ ଦେଶ ବିଦେଶରୁ ପରୀ ଓ ଜେମତୀ ପାଇଁ ।

ଏପଟେ ବ୍ଲକ୍ କାର୍ଯ୍ୟାଳୟର ଦୃଶ୍ୟ ଥିଲା ଭିନ୍ନ । ଉପ ଜିଲ୍ଲାପାଳ ମନୀଷ ମୁଦ୍‌ଗଲ ବଙ୍ଗୋମୁଣ୍ଡାକୁ ୨୩ ତାରିଖ ସକାଳୁ ଆସିଲେ । ଡମ୍ବରୁ ନିକଟକୁ ଗଲେ ବଡ଼ଗମଡ଼ା । ଡମ୍ବରୁ ଘରେ ନ ଥିଲା । କୁଆଡ଼େ ପଳେଇଥିଲା ।

ବଡ଼ଗମଡ଼ାକୁ ଅନେକ ଗାଡ଼ିମଟର ଗଲା । ଗାଁକୁ ପୋଷ୍ୟଗ୍ରାମ କରିଥିବା ଏନ୍‌ଜିଓ ସମସ୍ତଙ୍କୁ ଗୋଟିଏ ଗୋଟିଏ ଫାଇଲ ବାଣ୍ଟୁଥିଲା । ଯେଉଁଥିରେ ପ୍ରେମଶିଳା ଜମି ବନ୍ଧକ ରଖିଥିବା କାଗଜ, ବନ୍ଧକ ଜମି ଶ୍ରୀକରଠାରୁ ମୁକୁଳେଇ ଥିବା କାଗଜ, ତିନୋଟି ଛେଳି କିଣିଥିବା ପ୍ରମାଣର କାଗଜ, ତାହାର ବୀମା କାଗଜ ଏପରି ପାଖାପାଖି କୋଡ଼ିଏ ପୃଷ୍ଠାର ପ୍ରାମାଣିକ ଫଟୋକପି । ଉଦ୍ଦେଶ୍ୟ ଥିଲା ତାକୁ ପ୍ରେମଶିଳା ପରିବାର ପାଇଁ ଯେଉଁ ୧୨ହଜାର ଟଙ୍କା ଦିଆଯାଇଥିଲା, ତାର ଖର୍ଚ୍ଚ କିପରି କରାଯାଇଛି, ତାହା ଦେଖେଇବା । ଶହ ଶହ ସଂଖ୍ୟାରେ ଏହି ଫାଇଲ ବଣ୍ଟା ହେଲା ।

ତନ୍ନ ତନ୍ନ ଖୋଜାଗଲା ପରେ ଡମ୍ବରୁ ନିଜେ ଆସିଲା ବଙ୍ଗୋମୁଣ୍ଡା ବ୍ଲକ୍ ଅଫିସକୁ ରାତି ଆଠଟାରେ । ଯେଉଁଠାରେ ଉପଜିଲ୍ଲାପାଳ ସକାଳୁ ବସିଥିଲେ । ସେ କହିଲା ଯେ ଝିଅଙ୍କୁ ବିକିନି ।

କିଛିଦିନ ପରେ ରାଜ୍ୟ ସରକାର ତାଙ୍କ ତଦନ୍ତ ରିପୋର୍ଟରେ ପିଲାବିକ୍ରି ଅଭିଯୋଗକୁ ମିଥ୍ୟା ଓ ଭିତ୍ତିହୀନ ବୋଲି ଦର୍ଶାଇଥିଲେ । ରାଜସ୍ୱମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଅଭିଯୋଗ କଲେ ଯେ ଏହା ସରକାରଙ୍କୁ ବଦ୍‌ନାମ କରିବା ପାଇଁ ସୁପରିକଳ୍ପିତ ଷଡ଼ଯନ୍ତ୍ର । ବଲାଙ୍ଗିର ଜିଲ୍ଲାପାଳ ଦେଇଥିବା ରିପୋର୍ଟ ଆଧାରରେ ଶ୍ରୀଯୁକ୍ତ ହରିଚନ୍ଦନ କହିଲେ ଯେ ସରକାରଙ୍କ ତରଫରୁ କାକା ଡମ୍ବରୁ ଏବଂ ତାଙ୍କ ବଡ଼ଭାଇ ହୃଦା ସହ ଆଲୋଚନା କରାଯାଇଛି । ତାଙ୍କ ମତରେ ଯଦି ପେଟ ବିକଳରେ ପିଲାମାନଙ୍କୁ ବିକ୍ରି କରିଛି ବୋଲି କୁହାଯାଏ, ତା'ହେଲେ ଏଭଳି ପରିସ୍ଥିତିରେ ସେ ଛେଳିମାନଙ୍କୁ ବିକ୍ରି କରିଥାନ୍ତା ।

ଆଇନତଃ ଏଭଳି କ୍ଷେତ୍ରରେ ଶିଶୁମାନଙ୍କୁ ପଣ୍ୟ ଭାବରେ ବ୍ୟବହାର କରାଯାଇ ପାରିବନି । ଏମାନଙ୍କୁ ଗୋଟିଏ ଗରିମାମୟ ପରିବେଶ ଦେବା ରାଜ୍ୟ ସରକାରଙ୍କ ଦାୟିତ୍ୱ । ଅକ୍ଟୋବର ୧୬ ତାରିଖ ଡମ୍ବରୁ ଗୋଟିଏ ଏତଲା ବଙ୍ଗୋମୁଣ୍ଡା ଥାନାରେ ଦେଲା ଯେ ଖବରକାଗଜରୁ ପିଲାବିକ୍ରି କରିଥିବା କଥା ଜାଣିଲା । ଯାହା ସମ୍ପୂର୍ଣ୍ଣ ମିଥ୍ୟା । ବରଂ ତାକୁ କୁହାଯାଇଥିଲା ଝିଅଙ୍କୁ ଅନାଥାଶ୍ରମରେ ରଖାଯିବ ।

ବଙ୍ଗୋମୁଣ୍ଡା ସର୍କଲ ଇନ୍‌ସପେକ୍ଟର ଝିଅଙ୍କ ନିକଟକୁ ଫରିଦାବାଦ ଏସ୍.ଓ.ଏସ୍ ଭିଲେଜକୁ ଗଲେ । ସେଠାରେ ପରୀ ଓ ଜେମତୀ ଯେଉଁ ସ୍ତରରେ ରହୁଛନ୍ତି ଓଡ଼ିଶାରେ ବଡ଼ଲୋକ ଜଣେ ନିଜ ଝିଅକୁ ସେ ପରିବେଶ ଦେଇପାରିବ ନାହିଁ । ସେ ଫେରି ଆସିଲେ ।

Digitized by srujanika@gmail.com

ନିୟମଗିରି ଆନ୍ଦୋଳନ ହେଲା । କାରଖାନା ବସିଲା । ସମୟ ପୂର୍ବରୁ ଉତ୍ପାଦନ ଆରମ୍ଭ ହେଲା । ଚାରିହଜାର ପାଞ୍ଚଶହ କୋଟି ଟଙ୍କାର ପ୍ରକଳ୍ପ ।

ଏବେ ପରୀ ଓ ଜେମତୀ; ଆହ୍ଳାନ ଓ ହାଏନା ନାମରେ ପରିଚିତ । ତାଙ୍କର ମାତୃଭାଷାରେ କଥା ହୋଇପାରନ୍ତିନି । ସେମାନେ ଜାଣନ୍ତି ନି ଯେ ହୃଦା କିଏ ? ବଡ଼ଗମଡ଼ା କେଉଁଠି ? ତାଙ୍କର ମା',ବାପା କିଏ ? ସେମାନଙ୍କର ପରିଚୟ ବଦଳି ଯାଇଛି । ପରୀ ଓ ଜେମତୀକୁ ସରକାର ଉଦ୍ଧାର କରି ହେମା ପରି ଯଦି ଡମ୍ବରୁକୁ ଫେରେଇ ବି ଦେଇଥାନ୍ତେ, ତାହେଲେ ହୁଏତ ସେମାନଙ୍କ ପ୍ରତି ସରକାର ଅପରାଧ ହିଁ କରିଥାନ୍ତେ । ରାମପ୍ରସାଦ ମଙ୍ଗରାଜ ପ୍ରତି ଯେଉଁ ଅନ୍ୟାୟ କରାଗଲା ତାହା ଯଦି ଉଚିତ ଥିଲା, ସରକାର ହିନ୍ଦୁସ୍ଥାନ ଟାଇମ୍ସ ପ୍ରତି କ'ଣ ବ୍ୟବହାର କଲେ ତାହା କେହି ଜାଣିଲେ ନାହିଁ ।

ହୃଦାନନ୍ଦକୁ ପରୀ ଓ ଜେମତୀର କଥା କହିଲି । ସେ ଖୁସି ହେଲା । କହିଲା, "ଦିଲ୍ଲୀଗଲେ ମତେ ନେବ ଆଜ୍ଞା ! ପରୀ ଆଉ ଜେମତୀ କେ ଛନେ ଦେଖମି, ନୁରା ଲାଗୁଛେ ।" ତା' ଆଖିରେ ଥିଲା ଆଶା ଓ ମମତ୍ୱର ଏକ ଲହର ।

ସେମାନେ ହୃଦାକୁ ଚିହ୍ନିବେ ?

କଥାଟି ତିନି ଚାରିବର୍ଷର ପୁରୁଣା । ଏ କଥା ଲେଖିଲାବେଳେ ମୁଁ ହୃଦାକୁ ଭେଟିବା ପାଇଁ ତା'ର ଗାଁ ବଡ଼ଗମଡ଼ା ଗଲି । ଗାଁ ଲୋକ କହିଲେ ସେ ତିନି ବର୍ଷ ହେବ ମୁମ୍ବାଇ ଯାଉଛି ଦାଦନ ଖଟି । ତା' କଥା ଲେଖିବାକୁ କେଉଁ ଦାଦନ କମିଶନରଙ୍କୁ ସରକାର ପଠେଇ ନାହାନ୍ତି ଦୂତ କରି ।

□□□

ପାରା ଭାଡି

Digitized by srujanika@gmail.com

## ୬

# ଫିଙ୍ଗା ହୋଇନଥିବା କଣ୍ଢେଇ

ଅମ୍ଲାପାଲି ନୂଆପଡ଼ା ଜିଲ୍ଲାର ଏକ ଉପାନ୍ତ ଗାଁ । ଏଠରେ ରହନ୍ତି ଛବି ପୁଞ୍ଜିର ପରିବାର । ଛବିର ମା ଅନ୍ୟତ୍ର ବାହା ହେବା ପରେ ଛବି ପାଖରେ ରହିଗଲା ବନୀତା । ନଣନ୍ଦ ବନୀତାକୁ ଫାନସ୍ ଝିଅର ସମ୍ମାନ ଦେଇ ପାରିଲାନି । ସ୍ୱାଭାବିକ କଥା ବନୀତାର ପଖାଳ ଖୁରୀରେ ପରିବାରର ଶ୍ରମଝାଳ ପୁରିଥାଏ । ଚାଷ ସରିଲେ ଛବି ରାଉରକେଲାରେ ମଜୁରୀ କରି ଘରକୁ ଟଙ୍କା ପଠାଏ । ଫାନସ୍ ମଜୁରୀ କରେ, ଘରମାଡ଼ି ରହେ । ଗାଁର ଅନେକ ଲୋକ ଆସାମ ଆଉ ରାୟପୁରକୁ ଯା'ନ୍ତି ମଜୁରୀ କରି ।

ନଣନ୍ଦ ବନୀତାକୁ ବିକି ସାରାଦେଶରେ ଚର୍ଚ୍ଚିତ ହୋଇଥିବା ଫାନସ୍ ପୁଞ୍ଜି
(ଇନ୍‌ସେଟ୍ ଫଟୋ-ଫାନସ୍ -୧୯୮୫ ମସିହା)

Digitized by srujanika@gmail.com

ବନୀତା

ଛୋଟ ଗାଁ ଅମ୍ଲାପାଲି । ସମସ୍ତେ ସମସ୍ତଙ୍କ କଥା ଜାଣନ୍ତି । ବନୀତା ଖାଇଲେ ବି ଅନେକ ଅଭାବ ପାଇଁ ଲୁହଗଡ଼ାଏ । ନିକଟ ସମ୍ପର୍କୀୟ କେତେଜଣ ତାକୁ ନେଇ ରାୟପୁର ଯା'ନ୍ତି ।

ଦିନେ ଦିନେ ଫାନସ୍ କାନ୍ଥକୁ ବାଡ଼କୁ ଲକ୍ଷ୍ୟକରି ଗାଳିଦିଏ; ମୋ ନଣନ୍ଦର ଜମାନି ଖାଉଛୁ , ତତେ ଦଇବ ସହିବ ନାହିଁ । ଲୋକେ ବୁଝିଲେ, କିଛି କହଲେନି ।

ମକର୍ଦ୍ଦମ ବନୀତାର ମାମୁଁ । ଦିନେ ଭାବିଲେ ବଧର୍ବା ଛୁଆଟି । ବିଦେଶରେ କେମିତ ରହିବ । ଝିଅ ବଢ଼ିଲେ ନାନା ଅପବାଦ । ନାନା ବିପଦ । ଯାଇ ଧରି ଆଣିଲେ ମୁଠାଏ ଖାଇ ପଡ଼ିଥିବ । କେଉଁ ଭଲ ପିଲା ଦେଖି ହାତକୁ ଦି'ହାତ କରିଦେବି ।

ରାୟପୁରରେ ଥିବା ନିଜ ସମ୍ପର୍କୀୟଙ୍କ ନିକଟରୁ ଠିକଣା ନେଇ ଜଣେ ପଞ୍ଜାବୀ ଘରକୁ ଗଲେ । ସେଠାରେ ସେ ବନୀତାକୁ ନେବାପାଇଁ ଆସିଥିବା କଥା କହିଲେ । ଘରମାଲିକ କହିଲେ ଆମଘରେ ଏମିତି କଉ ଝିଅ ନାହିଁ । ମକର୍ଦ୍ଦମ ଫେରିଲାବେଳେ ଘରମାଲିକ ବନୀତାକୁ ଉପର ମହଲାର ଝରକାରୁ ଦେଖେଇଲେ ସେ ଯାଉଥିବା ଲୋକକୁ ଜାଣୁକି ? ବନୀତା ଚିହ୍ନିଲା ତାର ମାମୁଁକୁ । ଘରମାଲିକ ଡ଼ାକିଲେ ଫେରୁଥିବା ମକର୍ଦ୍ଦମଙ୍କୁ । ତାଙ୍କ ସହ ବନୀତା ଗାଁକୁ ଫେରିଲା । ଏତେବେଳେ ବନୀତାକୁ ତେର ବର୍ଷ ।

ପଞ୍ଜାବୀ ଘରେ ବନୀତା ଭଲ ଖାଉଥିଲା, ଭଲ ପିନ୍ଧୁଥିଲା । ଫେରିଲାବେଳେ ଆଣିଥିଲା କିଛି ପୋଷାକ । ଏଇ ପୋଷାକ ଆଉ ବନୀତାର ବ୍ୟବହାର ଅନ୍ୟଙ୍କ ନିକଟରୁ ଭିନ୍ନ ଓ ଆକର୍ଷଣୀୟ କରି

Digitized by srujanika@gmail.com

**ବଡ଼ଗମଡ଼ା ଗାଁରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ, ସୋନିଆ ଗାନ୍ଧୀ ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ**

ରଖିଥିଲା ଗାଁରେ । ଫାନସ୍ ଭାବିଲା ବନୀତା ରାୟପୁରରୁ ଆଣିଥିବା ସମ୍ପତ୍ତି ଲୋଭରେ ତାକୁ ତା' ମାମୁଁମାନେ ରଖିଛନ୍ତି । ନିଜ ଘରକୁ ନେଇ ଆସିଲା ବନୀତାକୁ ।

ବଲାଙ୍ଗିର ଜିଲ୍ଲାର ଖାତିମୁଣ୍ଡା ଗାଁ । ପତି ପୋଡ଼ ନିଜର ପାଞ୍ଚଜାତି ଭାଇଙ୍କୁ ନେଇ ଫାନସ୍ ଘରକୁ ଗଲେ । ନିଜର ଅନ୍ଧପ୍ରାୟ ପୁଅ ବିଦ୍ୟା ପାଇଁ ବନୀତାକୁ ମାଗିଲେ । ଫାନସ୍ ହଁ କଲା । ଛବି ଏତେବେଳକୁ ରାଉରକେଲାରେ ଥିଲା । ବିବାହ ଦିନ ଧାର୍ଯ୍ୟହେଲା । ଖବର ଶୁଣି ଛବି ଗାଁକୁ ଫେରିଲା । ଘଟଣାଟି ଏତେ ଦୂର ଯାଇ ସାରିଥିଲା ଯେ ଛବିର ହଁ ନା ର ମହତ୍ୱ ନ ଥିଲା । ନା କହିବାର କାରଣ ବି ଛବି ପାଖରେ ନ ଥିଲା ।

'ହରଜା' ଏକ ପାରମ୍ପରିକ ପ୍ରଥା । ବିବାହ ବେଳେ ବରପକ୍ଷରୁ କନ୍ୟା ପକ୍ଷକୁ ଟଙ୍କା ଦିଆଯାଏ । ଯାହାର ପରିମାଣ ଦୁଇଟଙ୍କାରୁ ସାତଟଙ୍କା ମଧ୍ୟରେ ସୀମିତ ରହେ ସମ୍ପ୍ରଦାୟ ହିସାବରେ । ସମୟାନୁକ୍ରମେ ଅଭାବ ଓ ଦାରିଦ୍ର୍ୟ ଅନେକ ପ୍ରଥାର ରୂପ ବଦଳେଇ ସାରିଛି । ଯେପରି ବନୀତାର ବାହାଘର । ପାଞ୍ଚଜାତିଭାଇ ସାମ୍ନାରେ ବନୀତା ଓ ବିଦ୍ୟାକୁ ପତିପତ୍ନୀ ଘୋଷଣା କରାଗଲା । ଏଥିରେ ଗନସନ, ମଡ଼ୋଗଡ଼ା, ଦେ'ଗନସା, ପାଏନପଲଟା, ଚୁଟକି, କଉଡ଼ିଖେଳ କିଛି ନ ଥିଲା । ନା ବାଜା, ନା ବରନୀ । ପାଞ୍ଚ ଜାତିଭାଇ ଓ ଗାଁ ଲୋକଙ୍କ ଆଶୀର୍ବାଦ ଯଥେଷ୍ଟ । କିନ୍ତୁ ହରଜା ସ୍ଥାନରେ ଫାନସ୍ ଦାବୀକଲା ଶାଢ଼ୀ ଓ ଟଙ୍କା । ଝିଅକୁ ଲାଳନ ପାଳନ କରି, ପେଟରୁ କାଟି ଖୁଏଇକି, ମତେ କାଣା ମିଳଲା । ଏହି ଦାବି ପାରମ୍ପରିକ । ଫାନସ୍ ବଦଳରେ ବନୀତାର ମା' ଏ କଥା କହିଥାନ୍ତା । ବନୀତାର ମା' ଥିଲେ ବି ଅନ୍ୟତ୍ର ବିବାହ ଯୋଗୁଁ ସେ ଏ ଅଧିକାର ହରେଇ ସାରିଥିଲା । କଥା କଟାକଟି ପରେ ଫାନସ୍ ମାନିଲା ଚାଳିଶ ଟଙ୍କା ଓ ଗୋଟିଏ ଶାଢ଼ୀ ବଦଳରେ ।

ଏକଦା ଗାଁର ଅନନ୍ୟ ଆକର୍ଷଣ ବନୀତାର ବାହାଘରକୁ ନେଇ ଲୋକ ଚର୍ଚ୍ଚା କଲେ । ଆହା କଲେ । ଗାଁ ପାଖଆଖ ଲୋକ ବି ଏ କଥା ଚର୍ଚ୍ଚା କଲେ ।

ସମ୍ବଲପୁରରୁ ପ୍ରକାଶିତ ଗୋଟିଏ ଖବର କାଗଜ 'ହୀରାଖଣ୍ଡ'ରେ ଉକ୍ତ ଘଟଣା ସମ୍ପର୍କରେ ଖବର ପ୍ରକାଶ ପାଇଲା । ଦାରିଦ୍ର୍ୟ ଯୋଗୁଁ ଫାନସ୍ ପୁଝି ନିଜର ନଣନ୍ଦକୁ ବିକ୍ରି କରିଦେଲା । ବଡ଼ ବଡ଼

Digitized by srujanika@gmail.com

ଲୋକଙ୍କ ସୁଅ ଛୁଟିଲା ଫାନସ୍ ପାଖକୁ । ଅନୁକମ୍ପା ଅଜାଡ଼ି ହୋଇପଡ଼ିଲା ତା' ଉପରେ । କେବେ ଶୁଣି ନଥିବା କଥା ଶୁଣିଲେ ସମସ୍ତେ । ଲୋକେ ଏତିକି ମାତ୍ର ବୁଝିଲେ ନେତାମାନେ ଲାଗିଛନ୍ତି ତେଣୁ ଏ କଥା ଏତେ ଦୂର ଗଲା । ଫାନସ୍ ସମସ୍ତଙ୍କୁ କହିଲା, ହଁ ମୁଁ ଅଭାବରେ ପଡ଼ି ମୋ ନଣନ୍ଦକୁ ବିକ୍ରି କରିଛି ।

ଏ ସମୟରେ ଆଉ ଗୋଟିଏ ଘଟଣା ଘଟିଲା ତତ୍କାଳୀନ କଳାହାଣ୍ଡି ଓ ବର୍ତ୍ତମାନ ନୂଆପଡ଼ା ଜିଲ୍ଲାର ଧୋବେଲ ଗାଁରେ । ଜଣେ ବିଧବା ରମା ଗହିର ନିଜର ନବଜାତ ଶିଶୁପୁତ୍ରକୁ ଖଡ଼ିଆଳ ମିଶନ ହାସପାତାଳର ଅନାଥାଶ୍ରମକୁ ଛାଡ଼ି ଆସୁଥିଲା । ଏହି ଆଶ୍ରମରେ ଆଖପାଖର ଅନେକ ଅନାଥ ରହନ୍ତି । ଲୋକେ ବି ଏଠାରେ ଗାଁର କେଉଁ ଅନାଥକୁ ଛାଡ଼ି ଯା'ନ୍ତି । ଏଠାରେ ପଢୁଥିବା ଅନେକ ଛାତ୍ରଛାତ୍ରୀ ଏବେ ବିଦେଶରେ ଚାକିରୀ କରନ୍ତି । ଧର୍ମାନ୍ତରଣ ଅଭିଯୋଗ ହେବା ଫଳରେ ଏବେ ଏହି ଆଶ୍ରମ ବହୁ ସାବଧାନତା ଅବଲମ୍ବନ କରୁଛି । ରମା ବି ଆସୁଥିଲା । ଜଣେ ନିଃସନ୍ତାନ ବିଦ୍ୟୁତ କର୍ମଚାରୀ ରମାର ନବଜାତ ଶିଶୁକୁ ପୋଷ୍ୟ କଲେ ।

ଏ ଦୁଇଟି ଘଟଣାକୁ ବିକ୍ରି କୁହାଗଲା । ଏହା ସହିତ ଯୋଡ଼ି ହୋଇଗଲା କଳାହାଣ୍ଡିର ଅନେକ ଅସୁବିଧା ।

ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ଓଡ଼ିଶାରେ କଂଗ୍ରେସ ଦଳର ଶାସନ ଥାଏ । ମୁଖ୍ୟମନ୍ତ୍ରୀ ଥା'ନ୍ତି ଜାନକୀବଲ୍ଲଭ ପଟ୍ଟନାୟକ । ବହୁ ପ୍ରୟାସ କରାଗଲା ଯେ ଏ ଦୁଇଟି ଘଟଣାକୁ ଅନ୍ତତଃ ବିକ୍ରି ବୋଲି କୁହାନଯାଉ ।

ଏହି ଦୁଇଟି ଘଟଣାକୁ ଉପସ୍ଥାପିତ କରୁଥାନ୍ତି କପିଳ ନାରାୟଣ ତିୱାରୀ । ଏକଦା ଖଡ଼ିଆଳ ବିଧାନସଭା ଆସନ ପାଇଁ ସେ ଅଣ କଂଗ୍ରେସ ବିଧାୟକ ଥିଲେ । ଆଲୋଚନାବେଳେ ଥରେ ସେ ମତେ କହିଥିଲେ- 'ମୁଁ ଏ ଦୁଇଟି ଘଟଣାକୁ କେବେ ବି ବିକ୍ରି ବୋଲି ଉପସ୍ଥାପିତ କରିବାର

ବନୀତା

Digitized by srujanika@gmail.com

ଫାନସ୍, ବନୀତା ଏବଂ ବିଦ୍ୟା ପୋଡ଼ ସହ କପିଲ ନାରାୟଣ ତିୱାରୀ (ଫାଇଲ ଫଟୋ)

ସପକ୍ଷରେ ନ ଥିଲି । ମୋର ଉଦ୍ଦେଶ୍ୟ ଥିଲା ଅଲଗା । କଥାଟି ହୁଏତ ଆଇନର ଧାରାରେ ଭିନ୍ନ ହୋଇପାରେ, କିନ୍ତୁ ମାନବିକ ଦୃଷ୍ଟିକୋଣରୁ ବିଚାର କରାଯିବା କଥା ।' କଣ୍ଟାବାଞ୍ଜି – ରାୟପୁର ରାସ୍ତାରେ ପଡ଼େ ଅମ୍ଲାପାଲି ଗାଁ । ଗମନାଗମନରହିତ ଅଞ୍ଚଳରେ ଧୋବେଇ ଗାଁ । ଯେଉଁ ରାସ୍ତା ଦେଇ ପ୍ରତିଦିନ ଶହ ଶହ ଟ୍ରକ୍ ବନଜାତ ଦ୍ରବ୍ୟ ଓ ବାସମତୀ ଚାଉଳ ରାୟପୁରକୁ ଯାଏ, ସେଠାରେ ବି ଦାରିଦ୍ର୍ୟ ଅଛି ଏବଂ ଧୋବେଇରେ ମଧ୍ୟ । କଳାହାଣ୍ଡିର ଅସୁବିଧାକୁ ଉପସ୍ଥାପିତ କରିବା ପାଇଁ ଏ ଦୁଇଟି ଘଟଣାକୁ ଉଦାହରଣ ନିଆଯାଇଥିଲା ମାତ୍ର । କିନ୍ତୁ ପ୍ରଶାସନ ଏହାକୁ ବିରୋଧ କଲା ଭିନ୍ନପ୍ରକାରେ ।

ରାଜୀବ ଗାନ୍ଧୀ ଜୁନ୍ ୧୯୮୫ କଳାହାଣ୍ଡି ଗସ୍ତବେଳେ ଅମଲାପାଲିରୁ ଦୁଇ କିଲୋମିଟର ବଲାଙ୍ଗିର ଜିଲ୍ଲା ଭାଲୁମୁଣ୍ଡାରେ ଓହ୍ଲେଇଲେ । ଦୁଇଦିନ ପୂର୍ବରୁ ବର୍ଷା ହୋଇଥିଲା । ନୂଆପଡ଼ା ଜିଲ୍ଲାର ଜଡ଼ାମୁଡ଼ା ଜଳସେଚନ ପ୍ରକଳ୍ପର ସମସ୍ତ ଗେଟ ଖୋଲା ଯାଇଥିଲା । ଧୋବେଇ ଜୋରରେ ପାଣି ଯାଉଥିବା ହେତୁ ସେ ଯାଇ ପାରିଲେନି । ପ୍ରଧାନମନ୍ତ୍ରୀ ଜିଦ୍ କଲେ ଧୋବେଇ ଯିବାକୁ । କାହାର କାନ୍ଧରେ ବସି ବି ସେ ଜୋର ପାରି ହେବେ । ଜଣେ ଲୋକ ପ୍ରଧାନମନ୍ତ୍ରୀଙ୍କୁ କାନ୍ଧରେ ବସେଇବା ପାଇଁ ରାଜି ବି ହେଲା । ନଦୀ ଓ ଜୋରର ଜଳସ୍ରୋତରେ ଜୋରର ସ୍ରୋତ ତୀବ୍ର ଓ ବିପଦପୂର୍ଣ୍ଣ । ତେଣୁ ଏ କଥା ସୁରକ୍ଷା ଦୃଷ୍ଟିକୋଣରୁ ବାତିଲ ହେଲା ।

କିଛିଦୂର ନିଜେ ସାଇକେଲ ଚଳେଇ ପ୍ରଧାନମନ୍ତ୍ରୀ ଫେରିଲେ ସୋନିଆ ଗାନ୍ଧୀଙ୍କ ସହ ଅମ୍ଲାପାଲିକୁ । ଫାନସ୍ ପୁଞ୍ଜିର ଘରକୁ ଗଲେ । ଫାନସ୍ ରାନ୍ଧିଥିବା ଶାଗ ଖାଇଲେ ଗୋଟିଏ ପତ୍ରରେ ।

କଳାହାଣ୍ଡିର ଦାରିଦ୍ର୍ୟ ଚିତ୍ରକଳ୍ପ ହୋଇଗଲା । ସ୍ୱୟଂ ପ୍ରଧାନମନ୍ତ୍ରୀ ଅନେକ ସଭାରେ କହିଲେ ଦାରିଦ୍ର୍ୟ ଦେଖିବାର ଅଛିତ କଳାହାଣ୍ଡି ଯାଅ । କଳାହାଣ୍ଡି ଗସ୍ତରୁ ଫେରି ସେ କ୍ଷୋଭର ସହ କହିଥିଲେ କେନ୍ଦ୍ରରୁ ଟଙ୍କାଟିଏ ପଠେଇଲେ ଲୋକଙ୍କୁ ମିଳୁଛି ଦଶ ପଇସା ।

ପ୍ରଧାନମନ୍ତ୍ରୀ ଯିବାପରେ ତତ୍କାଳୀନ କଳାହାଣ୍ଡି ଜିଲ୍ଲାର ଖଡ଼ିଆଳ ବିଡ଼ିଓ ଫାନସ୍‌କୁ ଏବଂ ବଲାଙ୍ଗିର ଜିଲ୍ଲାର ବଙ୍ଗୋମୁଣ୍ଡା ବିଡ଼ିଓ ବନୀତାର ଶ୍ୱଶୁରଙ୍କୁ ବହୁତ ହଇରାଣ କଲେ । ଧୋବେଇର ରମା ରହିର ଗାଁ ଛାଡ଼ି କୁଆଡ଼େ ପଳେଇଲା ଯେ ଲୋକେ ଜାଣିଲେ ନାହିଁ । ଫାନସ୍ ଓ ବନୀତାକୁ

Digitized by srujanika@gmail.com

**ପ୍ରଧାନମନ୍ତ୍ରୀ ପି.ଭି.ନରସିଂହ ରାଓ ବଡ଼ଗମଡ଼ା ଗାଁରେ**

ଚାକିରୀ ଦିଆଗଲା ଅଙ୍ଗନୱାଡ଼ି ହେଲପର୍ ଭାବରେ । ଫାନସ୍‌କୁ ନିଜ ଗାଁ ଅମଲାପାଲିରେ ଓ ବନୀତାକୁ ମୋହରାରେ । ଉଭୟ ଗାଁ କଳାହାଣ୍ଡି ଜିଲ୍ଲାର । ଏବେ ନୂଆପଡ଼ା ଜିଲ୍ଲାର । ବନୀତା ରହେ ବଲାଙ୍ଗିର ଜିଲ୍ଲା ଖାଡିମୁଡ଼ା ଗାଁରେ । ଅଙ୍ଗନୱାଡ଼ି କେନ୍ଦ୍ର ମୋହରା ଯିବାକୁ ସେ ପ୍ରତ୍ୟହ ଦୁଇ କିଲୋମିଟର ଚାଲେ ଉନ୍ଦେର ନଦୀ ଡେଇଁ ।

କଳାହାଣ୍ଡି ଜିଲ୍ଲାର ଦାରିଦ୍ର୍ୟର ଉଦାହରଣ ଖୋଜିବାକୁ କାଁ ଭାଁ କେତେଜଣ ସମାଜକର୍ମୀ କି ସାମ୍ବାଦିକ ଖୋଜନ୍ତି ବନୀତା ଓ ଫାନସ୍‌କୁ ।

ତିନୋଟି ହେଲିକେପ୍ଟର ନେଇ ସ୍ୱୟଂ ରାଜୀବ ଗାନ୍ଧୀ ତା'ପାଖକୁ ଆସିଲେ । ଏତେ ଲୋକ ଏତେ କଥା କହିଲେ । କିନ୍ତୁ ମିଳିଲା କଣ ? ସେହି ଅଭାବ, ସେହି ଅନଟନ । ଜୀବନକୁ ଉପଭୋଗ କରିବାର ବାହାନାରେ ବନୀତାକୁ ପାଞ୍ଚଟି ସନ୍ତାନର ଜନନୀ କରି ସାରିଲାଣି । ଏତେ ଖ୍ୟାତି ପଛରେ ରହିଥିଲେ ବି ସେହି ଦାରିଦ୍ର୍ୟ ତା'ର ସହଚର । ଫାନସ୍ ଓ ବିଦ୍ୟାର ପରିବାର ନିଜକୁ ଗାନ୍ଧୀ ପରିବାର ସହ ଯୋଡ଼ନ୍ତି । ଖ୍ୟାତିରେ ତାଙ୍କର ପ୍ରଶ୍ନ ନଥାଏ । କିନ୍ତୁ ସମ୍ପନ୍ନତାରେ ସେମାନଙ୍କୁ ଅନ୍ୟାୟ କରାଯାଇଛି । ଲୋକେ ଇନ୍ଦିରା ଗାନ୍ଧୀର ଝିଅ କହୁଥିଲେବି ସେମାନେ କିଛି ପାଇଲେ ନାହିଁ । ଏହା ହିଁ ତାଙ୍କର ଅଭିମାନ, ଏହାହିଁ ତାଙ୍କର କ୍ରୋଧ । ଏଥିପାଇଁ ଯିଏ ତା'ପାଖକୁ ଗଲା, ସେ ପ୍ରତିବଦଳରେ ଟଙ୍କା ଦାବୀକରେ । କିଛି କହିବାକୁ ମନାକରେ । ବିଦ୍ୟା କିଛି କାମ କରେନି । ସେ ଅନ୍ଧ, ଏ କଥା ସମସ୍ତଙ୍କୁ କହେ । ତା'ପାଖକୁ ଯାଇଥିବା ଲୋକଙ୍କୁ ଚିହ୍ନେ , କଥାହୁଏ । ଟଙ୍କା ଦେଲେ ଚିହ୍ନେ, ନଦେଲେ ରାଗେ । କିନ୍ତୁ କାମ କରେନି । କାମ କରିବାକୁ କହିଲେ ରାଗେ । ମୁଁ କାମ କରିବି କି ? ଫାନସ୍ କିଛି କହେନି । 'ମତେ ସରକାର କାଣା ଦେଲା' । ବାସ୍ ଏମାନେ ଯାହା ସ୍ୱପ୍ନ ଦେଖିଥିଲେ କି ତାଙ୍କୁ ଦେଖାଯାଇଥିଲା, ସେହି ହିସାବରେ ସେମାନେ କିଛି ପାଇଲେନି । ସେମାନଙ୍କୁ ସ୍ୱପ୍ନ ଦେଖେଇଥିବା ଲୋକ ବଡ଼ ଆଉ ବାକି ସମସ୍ତେ ତାର ଅପରାଧୀ । ତାର ଅଧିକାରକୁ ସମସ୍ତେ ଲୁଟେଇ ଦେଇଛନ୍ତି । ସେଥିଲାଗି ସେମାନଙ୍କ ନିକଟକୁ ଯାଉଥିବା ଲୋକଙ୍କଠାରୁ ଟଙ୍କା ଦାବୀ କରନ୍ତି । ଫାନସ୍ ପରି କଅଁଳେଇ କଥା କହି କି ବିଦ୍ୟାପରି ରାଗି କରି । ଯାହାମିଳୁ ତାହା ତାଙ୍କର ଦାବୀ, ତାଙ୍କର ଅଧିକାର । କିନ୍ତୁ ଏ ମିଛ ଭିତରେ ତାଙ୍କୁ ରଖିଥିବା ଲୋକେ ତାଙ୍କ କଥା ଭାବନ୍ତି ନାହିଁ କି ତାଙ୍କୁ ସତ କହିପାରନ୍ତି ନାହିଁ ।

Digitized by srujanika@gmail.com

ଥରେ ଖବର ବାହାରିଲା ବନୀତା ପ୍ରଥା ଅନୁସାରେ ବାହା ହୋଇନଥିବାରୁ ତାକୁ ଗଉଡ଼ ସମାଜ ବାସନ୍ଦ କରିଛି ।

ଏହି ବହୁଚର୍ଚ୍ଚିତ ମହିଳାର ଉପେକ୍ଷା କଥା ଅନେକଙ୍କ ଦୃଷ୍ଟି ଆକର୍ଷଣ କରିଛି । ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସ ଗଣମାଧ୍ୟମ ସମ୍ମୁଖରେ ବନୀତାକୁ ଝିଅ ବୋଲି କହିଲେ । ତାର ବିବାହର ସମସ୍ତ ଦାୟିତ୍ୱ ନିଜେ ନେଲେ । ଅକ୍ଟୋବର ୨୧ ତାରିଖ ଦିନ ତିରିଶ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ଏହି ବିବାହରେ ଅତିଥି ଥିଲେ ଗଣମାଧ୍ୟମ ଓ ରାଜନୈତିକ କର୍ମୀ ସମେତ ଅନେକ ମାନ୍ୟଗଣ୍ୟ ଲୋକ । ବନୀତାର ବାହାଘର ୨୦୦୦ ମସିହାର ବିଶ୍ୱର ଅନ୍ୟ ଚର୍ଚ୍ଚିତ ଘଟଣାମାନଙ୍କରୁ ଅନ୍ୟତମ ଥିଲା । ବି.ବି.ସି ଏହାକୁ ଗୁରୁତ୍ୱର ସହ ଉପସ୍ଥାପିତ କରିଥିଲା ।

ବନୀତାର ବାହାଘର ଅଞ୍ଚଳ ପାଇଁ ଥିଲା ଅନନ୍ୟ ବଡ଼ ଘଟଣା ମଧ୍ୟରୁ ଅନ୍ୟତମ । ଲୋକେ କହିଲେ ଇନ୍ଦିରା ଗାନ୍ଧୀଙ୍କ ଝିଅ ବାହାହେଉଛି । ଫାନସ୍‌ର ପରିବାର ସମେତ ବନୀତାର ମା ମଧ୍ୟ ବାହାଘରକୁ ଆସିଥିଲା । ଫାନସ ଉପହାରରେ ଶାଢ଼ୀ ଖଣ୍ଡିଏ ପାଇ ମନଦୁଃଖରେ ବସିଥାଏ । ତାର ମନ୍ତବ୍ୟ ଥିଲା ଘିନବାର ଲୋକ ଯେ ଗରିବ ହେଲା, ଆଉ ବିକ୍‌ବାର ଲୋକ ଧନୀ ।

୨୦୦୪ ମସିହା । ଗଣମାଧ୍ୟମରେ ପ୍ରଚାର ହେଲା କୋଡ଼ିଏ ବର୍ଷ ତଳେ ବିକ୍ରି ହୋଇଥିବା ମା ପେଟ ବିକଳରେ ନିଜର ଝିଅକୁ ପୁଣି ବିକ୍ରି କଲା ।

ଏ ସମୟରେ ବନୀତା ନିଜର ଅନ୍ଧପ୍ରାୟ ସ୍ୱାମୀ ବିଦ୍ୟା ଓ ପାଞ୍ଚଟି ସନ୍ତାନ ସହ ଗାଁର ତୀର୍ଥ ଗଣ୍ଡାର

ବନୀତା ଓ ବିଦ୍ୟାଧର ପୋଡ଼ଙ୍କ ନିଜ ପୁଅ-ଝିଅଙ୍କ ସମ୍ମୁଖରେ ପୁନର୍ବିବାହ ଫଟୋ

Digitized by srujanika@gmail.com

ଫଟୋ ସୌଜନ୍ୟ- ସଞ୍ଜୟ ମିଶ୍ର

## ଆଜିର ଦିନରେ ବିଦ୍ୟାପୋଢ଼ ଓ ବନୀତା

ଜାଗାରେ ଘର କରି ରହୁଛି । ତାର୍ଥର ବାରମ୍ବାର ତାଗିଦ- ଟଙ୍କା ଦିଅ, ନ ହେଲେ ଘର ଭାଙ୍ଗି ଚାଲିଯାଅ । ଡୁକ୍‌ଲାର ଜନୈକ ଭୁଲିଆ ମହାଜନଠାରୁ ତିନିହଜାର ଟଙ୍କାର ଋଣ କରିଛି । ତାର୍ଥ ଓ ମହାଜନର ବାରମ୍ବାର ତାଗିଦ । ବଳିଷ୍ଠ ବିଦ୍ୟା ସହ ପାଞ୍ଚଟି ସନ୍ତାନକୁ ପ୍ରତିପାଳିତ କରିବା ତା' ପାଇଁ ଦଣ୍ଡପ୍ରାୟ ଦାୟିତ୍ୱ, ଯାହାକୁ ଭାଗ୍ୟ ବୋଲି ସ୍ୱୀକାର କରିନେବା ପାଇଁ ବନୀତାକୁ ବାଧ କରାଯାଇଛି । ଏତେ ବଡ଼ ବଡ଼ ଲୋକ ଆସିଲେ, ଏତେ ଗାଡ଼ିମଟର ଆସିଲା ତା' ଘରକୁ । କିନ୍ତୁ ନିଜପାଇଁ ଗୋଟିଏ ସମ୍ପନ୍ନତାର ସମୟକୁ ଅପେକ୍ଷା ସରିଲାନି । ବେଳେ ବେଳେ ବିଦ୍ୟା ଏଇ କ୍ରୋଧକୁ ବନୀତା ଉପରେ ଅଜାଡ଼ି ଦିଏ । ବନୀତା ସହିବା ଛଡ଼ା ଅନ୍ୟ ପ୍ରତିକ୍ରିୟା ସବୁବେଳେ ନିଷ୍ଫଳ ଜାଣି ସାରିଥାଏ ।

ଫାନସ୍‌ର ପୁଅ ଜଗବନ୍ଧୁ । ବାହା ହେଲା, କାମ କରି ପାରିଲାନି । ଯିଏ ତା'ଦ୍ୱାରକୁ ଆସିଲେ ଜଗବନ୍ଧୁ ପାଇଁ ଚାକିରୀ ଦିଅ ବୋଲି କହିଲା । ଜଗବନ୍ଧୁ ଚାକିରୀକୁ ଅପେକ୍ଷା କଲା । ଆଉ ପାରିଲାନି, ପରିବାର ସହ ପଳେଇଲା ରାୟପୁରକୁ ବାପା ଛବି ପୁଞ୍ଜିର ମୃତ୍ୟୁ ପରେ । ଫାନସ୍ ଏକଲା । ରାଜୀବ ଗାନ୍ଧୀ ଓ ସୋନିଆ ଗାନ୍ଧୀ ଯେଉଁ ଘରେ ଶାଗଭଜା ଖାଇଥିଲେ, ସେ ଘର ଭାଙ୍ଗି ଗଲାଣି । ଗୋଟିଏ କୁଡ଼ିଆରେ ରହେ । କାଠ ସଂଗ୍ରହ କରେ, ସାମାନ୍ୟ ଚାଷ କରେ,ମଜୁରୀ କରେ, ଅଙ୍ଗନୱାଡ଼ିର କାମ କରେ, ଚଳିଯାଏ ।

ବହୁବର୍ଷ ପରେ ବଙ୍ଗୋମୁଣ୍ଡା ବି.ଡ଼ି.ଓ ସଦୟ ହେଲେ ବନୀତାକୁ ଯେତେବେଳେ ସେ ଝିଅ ବିକିବା କଥା ପ୍ରଚାର ହେଲା । ଇନ୍ଦିରା ଆବାସ ଖଣ୍ଡିଏ ଦେଲେ । ଜନୈକ ଲୋକ ଜଣେ ଘର ବନେଇବାର ଦାୟିତ୍ୱ ନେଲେ । ଚାରିବର୍ଷ ହେଲା ଘର ହୋଇପାରିନି । ଏହି ଖବର ଶୁଣି ବିଦ୍ୟା ଘରର ଆକାର କଥା ପଚାରେ । ଇନ୍ଦିରା ଆବାସର ଆକାର ଶୁଣି କହେ ମୁଁ ଏପରି ଘରେ ରହିବି ?

ନୂଆପଡ଼ା ଜିଲ୍ଲାପାଳ ଏବଂ ସମସ୍ତ ମୁର୍ଦ୍ଧଣ୍ୟ କର୍ମଚାରୀ ଖାଡିମୁଣ୍ଡା ଆସିଲେ । ବନୀତା ନିଜର ଝିଅ ବିକିଛି ଅଭିଯୋଗର ତଦନ୍ତ ପାଇଁ । ପୋଲିସ୍, ତହସିଲଦାର ଓ ବଡ଼ ଗାଡ଼ି ବାରଟି । ଛୋଟଗାଡ଼ି

Digitized by srujanika@gmail.com

ଅନେକ । ଦେଖଣାହାରୀଙ୍କ ସଂଖ୍ୟା ଏହାଠୁ ବଳି । ସମସ୍ତଙ୍କ ସମ୍ମୁଖରେ ବନୀତା କହିଲା ଯେ ଝିଅ ତାର ବଡ଼ ବାପାର ପୁଅ ଭାଇ ଭାଉଜ ସହ ଯାଇଛି ରାୟପୁର । ସେଠାରେ ସେ ବଗିଚାରେ କାମ କରେ । ଦଶହରାରେ ଫେରିବ । ତାକୁ ପଚରାଗଲା- କେଉଁ ମାଲିକ ପାଖରେ କାମକରେ । ମାଲିକର ନାମ ଜାଣିବା ବନୀତା ପାଖେ ସମ୍ଭବ ନୁହେଁ । କାରଣ ରାୟପୁର କିମ୍ବା ଛତିଶଗଡ଼ର ବିଭିନ୍ନ ପରିବା ବଗିଚାରେ ଅନେକ ଲୋକ କାମ କରନ୍ତି ଅଞ୍ଚଳର । କିଏ କେଉଁଠାରେ କାମକରେ, ତାର ଠିକଣା କେହି ଜାଣନ୍ତିନି । ଏହା ଜାଣିବା ବନୀତା ପାଇଁ ଅସମ୍ଭବ ପ୍ରାୟ । ଆବଶ୍ୟକ ବି ନୁହେଁ ।

ଜିଲ୍ଲାପାଳ ଫେରିଲେ ସମସ୍ତଙ୍କ ସହ । ଖଡ଼ିଆଳର ଗୋଟିଏ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଲେ ଯେ ଖାତିମୁଣ୍ଡା ଗାଁ ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ହୋଇଥିବାରୁ ବନୀତାର ସମସ୍ୟା ସେହି ଜିଲ୍ଲା ପ୍ରଶାସନର । ଜିଲ୍ଲାପାଳ ଗାଁଟିଏ ଆବିଷ୍କାର କରି ଫେରିଗଲେ ନିଜର ଅନୁଚରମାନଙ୍କ ସହ ।

ଦିନେ ବସିଥିଲି କପିଳ ନାରାୟଣ ତିୱାରୀଙ୍କ ପାଖେ । ସେ ସୂଚନା ଦେଲେ ରମା ଗହିରର ପୁଅ ଏବେ ସେହି ବିଦ୍ୟୁତ କର୍ମଚାରୀଙ୍କ ଘରେ ହିଁ ଅଛି । ସେ ଏବେ ଜଣେ ସଫ୍ଟୱେୟାର ଇଞ୍ଜିନିୟର ।

ବନୀତା ଓ ବିଦ୍ୟାର ପୁଅ ଓ ଝିଅ : ସେହି ଝାଟିମାଟି ଘରେ ହିଁ ରହୁଛନ୍ତି ।
ଇନ୍ଦିରା ଆବାସ ମିଳିଥିଲେ ବି ଘର ସମ୍ପୂର୍ଣ୍ଣ ହୋଇପାରିନାହିଁ ।

□□□

Digitized by srujanika@gmail.com

# ୭

# ସୁଖବାସୀରୁ ପ୍ରଜା: ଏକ ଅପହଞ୍ଚ ଯାତ୍ରା

ଡମ୍ବରୁ କୋଡ଼ିଏ ବର୍ଷ ଖଟିଥିଲା ମହାଜନ ଘରେ । ଗାଁମାନଙ୍କରେ ଜମିଥିଲାଲୋକ କି ସାମନ୍ତ ମାନେ ବିଭିନ୍ନ ନାମରେ ହଳିଆ ରଖିଥାନ୍ତି । ବାହାବନ୍ଧା, କୁତିଆ, ହଳିଆ, ଭୁତି ଇତ୍ୟାଦି ନାମରେ । 'ବାହାବନ୍ଧା'ରେ ମାଲିକ ପାଇଁ ସମସ୍ତ ଶ୍ରମ ସମର୍ପିତ ହେବ । 'କୁତିଆ'ରେ ବିଭିନ୍ନ ସାମନ୍ତୀୟ ଆଇନରେ ନେଇଥିବା ଋଣ ପରିଶୋଧ କରିବ । 'ହଳିଆ' ପ୍ରଥାରେ ବାର୍ଷିକ ଶସ୍ୟ ବଦଳରେ ଖଟିବ । 'ଭୁତି'ରେ ସୂର୍ଯ୍ୟ ଥିବା ପର୍ଯ୍ୟନ୍ତ ଖଟି ମାଲିକର କାମ କରିବ ସାମାନ୍ୟ ଶସ୍ୟ ବଦଳରେ ।

ଡମ୍ବରୁର ପରିବାର ହୋଇସାରିଥିଲା । ଡମ୍ବରୁ କ୍ଷେତ୍ରରେ ପ୍ରାୟ ତାର ସ୍ୱାଧୀନତା ସରିଯାଇଥାଏ । ମାଲିକର ବାପାକୁ ବାପା ଡାକିବ, ମା'କୁ ମା । ମାଲିକର ସମ୍ବୋଧନ ହିଁ ତାର ସମ୍ବୋଧନ । ତାର ଛୁଆ ବଡ଼ ହୋଇ ସାରିଥାଏ । ରଥଯାତ୍ରା ଲାଗି ଇଚ୍ଛା କଲା ନୂଆ ଜାମା । ଡମ୍ବରୁ ମାଲିକକୁ କହିଲା ଛୁଆର ଇଚ୍ଛା କଥା । ନିରାଶ ହେଲା । ଛୁଆ କାନ୍ଦିଲା । ଡମ୍ବରୁ ତାକୁ ବୁଝେଇ ପାରିଲାନି । ସେଦିନ ରାତିରେ ଡମ୍ବରୁ ଚିନ୍ତା କଲା । କୋଡ଼ିଏ ବର୍ଷର ଖଟଣୀ । ତଥାପି ଛୁଆକୁ ନୂଆ ଜାମା ଖଣ୍ଡେ ଦେବାକୁ ଅସମର୍ଥ । ଛୁଆକୁ ପିଟିଲା । ଚୁପ୍ ବସିଲା । ନିଷ୍ପତ୍ତି ନେଲା କାମକୁ ଯିବନି ।

ଦୁଇଦିନ ପରେ ମାଲିକ ଘରୁ ଡାକରା ଆସିଲା । ଡମ୍ବରୁ ମନା କରିଦେଲା କାମ କରିବନି । ଆଶ୍ଚର୍ଯ୍ୟର କଥା ଏହି 'ନା'ରେ ଏତେ ଶକ୍ତି, ଏତେ ଆନନ୍ଦ ଲୁଚିଛି । ଡମ୍ବରୁର ସାହସ ବଢ଼ିଗଲା । କିନ୍ତୁ କରିବ କଣ ? ପାଖ ଗାଁରେ ମୃତ୍ତିକା ସଂରକ୍ଷଣ ବିଭାଗର କାମ ଚାଲୁଥାଏ । ସେଠାରେ କାମ କଲା । ସପ୍ତାହେ ପରେ ପାଇଲା ଦେଢ଼ଶହ ଟଙ୍କା । ସେହି ଟଙ୍କାକୁ ହାତରେ ଧରିଲା ପରେ ପୁଲକ ଖେଳିଗଲା ଦେହରେ । ରାତିରେ ଶୋଇଲା । ଅନୁଭବ କଲା । ଏ ନିଦ ତା'ର ନିଜର ଅତି ଆପଣାର ଯାହା ପ୍ରଥମ ଥର ଆସିଛି ତା' ନିକଟକୁ ।

Digitized by srujanika@gmail.com

ତା' ପରଦିନ ପୁଣିଗଲା କାମକୁ । ଅଫିସର୍ ମନାକଲେ । ଜାଣିଲା ମାଲିକର ଚାପ ଫଳରେ ଏହା ହୋଇଛି । ବିନା ପ୍ରତିବାଦରେ ଘରକୁ ଫେରିଲା । ଚୁପଚାପ୍ ବସିଲା । କାହାକୁ କିଛି କହିଲାନି । ସନ୍ଧ୍ୟାରେ ଉଠି ଚାଲି ଚାଲି ଗଲା ଦଶ କିଲୋମିଟର ମୁରିବାହାଲ ମୃତ୍ତିକା ସଂରକ୍ଷଣ ଅଫିସକୁ । ବିଭାଗୀୟ ଯନ୍ତ୍ରୀଙ୍କୁ ହାତଯୋଡ଼ି ସମସ୍ତ ଘଟଣା କହିଲା । ଆଉ ପ୍ରସ୍ତାବ ଦେଲା ତୁମକୁ କାମ ଦରକାର, ଆଉ ମତେ କାମ କରିବା ଦରକାର । ଦିନ ହେଉ କି ରାତି, ଏଥିରେ କଣ ଅଛି ? ମୁଁ ରାତିରେ କାମ କରିବି ।

ଏହି ସାହସ ପରକୁ ଆଉ କିଛି ନାହିଁ ଯେମିତି । ଯନ୍ତ୍ରୀ ହଁ କଲେ । ରାତିରେ କାମକରି ଡମ୍ବରୁ ରୋଜଗାର କଲା । ଖାଇ ପିଇ ବାରଶହ ଟଙ୍କା ବଳିଲା । ଏହି ଟଙ୍କାରେ ଗୋଟିଏ ପୁରୁଣା ସାଇକେଲ ଓ ଗୋଟିଏ ମଇଁଷି କିଣିଲା । ଦୁଧ ବିକିଲା କଣ୍ଟାବାଞ୍ଜିକୁ ଯାଇ । ସ୍ୱତନ୍ତ୍ର ହୋଇଗଲା ସେ । ସବୁଥିରୁ...

ଗୋଟିଏ ସୁଖବାସୀ ସଭାରେ ମୁଁ ପଚାରିଲି ଆଚ୍ଛା ଡମ୍ବରୁ ! ତୁମେ ସେ କଷ୍ଟ ଦିନମାନଙ୍କରେ ରାୟପୁର କି ହାଇଦ୍ରାବାଦ କାହିଁକି ଗଲନି ? 'ଜମିଖଣ୍ଡେ ପାଇଛେଁ,ଇତାକେ ଛାଡ଼ିକରି ଯାଇ ନେଇ ହେଲା' ।

ଡମ୍ବରୁ ସୁଖବାସୀ । ସେ ଇ.ଆର୍.ଆର୍.ପି ଯୋଜନାରେ ଜମି ପାଇଛି । ଏହି ଜମି ସୃଷ୍ଟିରୁ ଆଜିଯାଏ ତା' ବଂଶଧାରାରେ ପ୍ରଥମ ଅଧିକାର । ମୋର ବୋଲି କହିବାକୁ ଛୋଟ ପୃଥିବୀ ଖଣ୍ଡେ । ତା' ପାଇଁ ତା'ପରି ହଜାର ହଜାର ସୁଖବାସୀ ପାଇଁ । ଶୁଣିଲା ଗଉନ୍ତିଆ କୋର୍ଟରୁ ଆଦେଶ ଆଣିଛି ତାର ଜମି ନେଇଯିବ । ସେ ଏକଲା ନୁହେଁ । ତା'ପରି ଶହ ଶହ ସୁଖବାସୀ ଭୟ ପାଇଗଲେ । ୦୫.୧୨.୨୦୦୪ ତାରିଖ ଦିନ ଏକ ସଭାକଲେ ମୁରିବାହାଲ ବ୍ଲକ୍‌ର ଦନ୍ଦରା ଗାଁରେ । ଏ ସଭାକୁ ସାତଶହ ସୁଖବାସୀ ଆସିଲେ ।

ଡଙ୍ଗରପଡ଼ା ଗାଁର ଜ୍ୟେଷ୍ଠୁ ଭୋଇ କହିଲା, "ସେ ପାଇଥିବା ଜମି ଉପରେ ଘର କରିଛି, ଚାଷ ବି କରେ । ଗଉନ୍ତିଆର ଲୋକ ଆସି ତାର ଘର ଜଳେଇ ଦେଲେ, ଫସଲ କାଟି ନେଇଗଲେ ଓ ତାକୁ ମାଡ଼ମାରି ହାତ ଭାଙ୍ଗିଦେଲେ ।"

ସୁଖବାସୀ
ଡମ୍ବରୁ

Digitized by srujanika@gmail.com

ବାନ୍ଦନପାଲିର ମାଲାରାମ ତାଣ୍ଡି ସୁଖବାସୀ ସମସ୍ୟା ଉପରେ ବାହାରିଥିବା ଖବରମାନ ଶୁଣେଇ ଥିଲେ ।

ସର୍ଗୁଲି ଗାଁର ସୂର୍ଯ୍ୟ ଭୋଇ ସ୍ୱାମୀ ମରିଯିବା ପରେ ଅଧଏକର ଜମି ପାଇଥିବା କଥା କହିଲା । ଗଉନ୍ତିଆମାନଙ୍କ ଧମକ ଆଉ ବିଭିନ୍ନ ସମୟରେ କୋର୍ଟର ଆଦେଶ ଫଳରେ ସେମାନେ ସନ୍ତିହାନ ଅଛନ୍ତି । ଗୋଟିଏ ସରକାର ଜମି ଦେଉଛି, ଆଉ ତାର କୋର୍ଟ ସେ ଜମିରେ ଆମର ଅଧିକାର ନାହିଁ ବୋଲି କହୁଛି । ତେଣୁ କାହାରି ଉପରେ ଭରସା ନକରି ନିଜର ଲଢ଼େଇ ନିଜେ ଲଢ଼ିବା କଥା ।

ଡମ୍ବରୁ ସମସ୍ତଙ୍କ କଥା ଶୁଣିଲା ଏହି ଲଢ଼େଇରେ ସେ ଏକେଲା ନୁହେଁ । ତା'ପରି ଅନେକ ସୁଖବାସୀ ପୀଡ଼ିତ । ତା'ପରି ଶହ ଶହ ସୁଖବାସୀ ଗଉନ୍ତିଆମାନଙ୍କ ଧମକ ଆଉ କୋର୍ଟର ବିଭିନ୍ନ ସମୟରେ ଆଦେଶ ଫଳରେ ସନ୍ଦିହାନ ଅଛନ୍ତି । ସରକାର କିମ୍ବା ଅଦାଲତ ତାଙ୍କୁ ନ୍ୟାୟ ଦେଇ ପାରୁନାହାନ୍ତି । ଯା ହେଉ ସେ ଏକେଲା ନୁହେଁ ଏହି ଲଢ଼େଇରେ । ଏହା ହିଁ ଆଶ୍ୱାସନା ତା' ପାଇଁ ।

ଏହାର ଅନ୍ୟଚିତ୍ର ଏହିପରି...

ତହସିଲଦାର କହନ୍ତି, ସରକାରୀ ଅନୁକମ୍ପା ତାଙ୍କ ପ୍ରତି ଅଛି ସେଥିଲାଗି ସେମାନେ ଚାଷ କରି ପାରୁଛନ୍ତି । ନଚେତ୍ ଜମିଉପରେ ସୁଖବାସୀଙ୍କ ଅଧିକାର ନ ହେବା କଥା ।

ପୋଲିସ୍ କହେ, ଆମର ସହଯୋଗ ତାଙ୍କ ଉପରେ ଅଛି ବୋଲି; ନହେଲେ ଗଉନ୍ତିଆମାନେ ତାଙ୍କୁ ଗାଁରୁ ତଡ଼ି ସାରନ୍ତେଣି ।

ଅଦାଲତ କହେ, ଭୂବରା ଜମିଉପରେ ସୁଖବାସୀଙ୍କ ଅଧିକାରକୁ କେହି ପ୍ରତିହତ କରି ପାରିବେ ନାହିଁ ।

ଏହି ପରସ୍ପର ଅସମଞ୍ଜସ ମନ୍ତବ୍ୟର କାରଣ କଣ ହୋଇପାରେ ?

ଇତିହାସକୁ ଦେଖିଲେ ।

ପୂର୍ବର ପାଟଣାଷ୍ଟେଟ୍ ୦୧.୦୧.୧୯୪୮ ଦିନ ଗଡ଼ଜାତ ମିଶ୍ରଣପରେ ବଲାଙ୍ଗିର ଜିଲ୍ଲା ହେଲା । ପାଟଣାଷ୍ଟେଟରେ ଜମି ସଂକ୍ରାନ୍ତୀୟ ଶାସନପାଇଁ ମୁଖ୍ୟତଃ ଦୁଇଟି ଆଇନ ଥିଲା ।

୧. ପାଟଣା ଷ୍ଟେଟ ପ୍ରଜାସ୍ୱତ୍ୱ ଆଇନ (Patna State tenancy Act-1944)

୨. ପାଟଣା ଭୂ-ରାଜସ୍ୱ ଆଇନ (Patna Land Revenue Act-1940)

ଓ୍ୱାଜିବ-ଉଲ-ଅର୍ଜ ନାମକ ଏକ ଦସ୍ତାବେଜ ଦ୍ୱାରା ଠିକାଦାର, ଗୌନ୍ତିଆ ତଥା ପ୍ରଜାମାନଙ୍କର ଜମି ସମ୍ବନ୍ଧୀୟ ଅଧିକାର ଦର୍ଶାଯାଇଥିଲା । ପାଟଣା ପ୍ରଜାସ୍ୱତ୍ୱ ଆଇନ ଅନୁଯାୟୀ ୬ ପ୍ରକାର ରୟତର ଉଲ୍ଲେଖ କରାଯାଇଛି ।

୧. ଦଖଲକାରୀ ପ୍ରଜା,

୨. ଅଧିନସ୍ଥ ପ୍ରଜା

୩. ଗାଁ ଚାକର ପ୍ରଜା

୪. ଅନ୍ୟାନ୍ୟ ଚାକର ପ୍ରଜା

୫. ମାଫି ପ୍ରଜା

୬. ସାଧାରଣ ପ୍ରଜା

ଏହି ଆଇନର କ୍ରମ ୨୭ ଅନୁଯାୟୀ ସୁଖବାସୀ ସେହି ବ୍ୟକ୍ତିମାନଙ୍କୁ କୁହାଯାଉଥିଲା ଯାହାଙ୍କି

Digitized by srujanika@gmail.com

ଘର, ବାରି ବା ଘରବାରି ଜମିଥିବ, ଅଥବା ତତ୍କାଳୀନ ଠିକାଦାର ବା ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ପଟ୍ଟା ପାଇଥିବ । ପାଟଣାଷ୍ଟେଟରେ କୌଣସି ସୁଖବାସୀକୁ ତା' ଘରବାରିରୁ ଉଚ୍ଛେଦ କରାଯାଇ ପାରୁନଥିଲା । ସରକାରଙ୍କ ନିର୍ଦ୍ଦେଶ ନେଇ ଜଣେ ସୁଖବାସୀ ତା'ଘରବାରିକୁ ହସ୍ତାନ୍ତର କରି ପାରୁଥିଲା । ସୁଖବାସୀମାନେ କୌଣସି କର ବା ଖଜଣା ଦେଉନଥିଲେ । ଏମାନଙ୍କୁ ପ୍ରଜାମାନଙ୍କ ପରି ଜଙ୍ଗଲଜାତ ଦ୍ରବ୍ୟ ଉପଭୋଗ କରିବାର ଅଧିକାର ନଥିଲା । ଯେଉଁମାନେ ଭୋଗରା ଜମି ବା ଖମାର ଜମିକୁ କର ନେଇ ଜମିଚାଷ କରୁଥିଲେ, ସେମାନଙ୍କ ଦ୍ୱାରା ସୁଖବାସୀମାନେ ରାସ୍ତା ନିର୍ମାଣ କାମରେ ବେଠି ଖଟୁଥିଲେ । ଯେଉଁମାନେ ରାଜକର୍ମଚାରୀ ସେବା ପାଇଁ ବା ଦେବସେବା ପାଇଁ ଭୋଗରା ଜମି ବା ଦେବୋତ୍ତର ଜମି ଚାଷ କରୁଥିଲେ, ସେମାନଙ୍କୁ ଚାକରଣ ପ୍ରଜା କୁହାଯାଉଥିଲା । ଏହି ପ୍ରଜାମାନେ ତାଙ୍କ ଚାକରଣ ପ୍ରଜାକାମ କରୁଥିବା ପର୍ଯ୍ୟନ୍ତ ସେହି ଜମିର ହକ୍‌ଦାର ଥିଲେ ।

୧ ଅପ୍ରେଲ ୧୯୩୬ମସିହା ଦିନ ଓଡ଼ିଶା ଏକ ସ୍ୱତନ୍ତ୍ରପ୍ରଦେଶ ହେଲା । ୧୫ ଅଗଷ୍ଟ ୧୯୪୭ ଦିନ ଭାରତ ସ୍ୱାଧୀନ ହେଲା । ପାଟଣା ରାଜ୍ୟ ମଧ୍ୟ ଏକ ସ୍ୱତନ୍ତ୍ର ଦେଶରାଜ୍ୟ ରୂପେ ମାନ୍ୟତା ପାଇଲା । ତା ୦୧.୦୧.୧୯୪୮ଦିନ ଏହା ଓଡ଼ିଶା ରାଜ୍ୟ ସଙ୍ଗେ ମିଶିଲା । ୦୩.୦୩.୧୯୫୦ମସିହା ଦିନୁ ଓଡ଼ିଶା ଦେଶଜ ମିଶ୍ରଣ ଆଇନ ଗୃହୀତ ହେଲା । ଅପ୍ରେଇ ୧୯୫୦ରୁ ୧୦.୦୩.୧୯୫୩ ପର୍ଯ୍ୟନ୍ତ ଭୋଗରା ଜମି ବନ୍ଦୋବସ୍ତ ଜାରି ରହିଲା ।

ବଙ୍ଗୋମୁଣ୍ଡା ଜମିଦାରୀ ପାଟଣା ଷ୍ଟେଟ୍‌ର ଏକ ପ୍ରମୁଖ ଜମିଦାରୀ । ଏହାର ଅଧିନରେ ୧୫୧ଖଣ୍ଡ ଗ୍ରାମ ଓ ୯୫,୦୭,୯୦୦ ଏକର ବା ୧୪୯ ଘନମାଇଲ ଜମିଥିଲା । ତା. ୦୩.୦୯.୧୯୦୩ ମସିହାରେ ପାଟଣା ମହାରାଜ ସଦାନନ୍ଦ ସିଂ ଭୋଇଙ୍କୁ ବଙ୍ଗୋମୁଣ୍ଡା ଜମିଦାର ଭାବେ ନିଯୁକ୍ତି ଦେଇଥିଲେ । ବଙ୍ଗୋମୁଣ୍ଡା ଜମିଦାରୀର ସମ୍ପୂର୍ଣ୍ଣ ଆୟର ୪୦ ପ୍ରତିଶତ ଅର୍ଥାତ୍ ୧୭,୮୭୫ ଟଙ୍କା ପ୍ରତିବର୍ଷ ବଙ୍ଗୋମୁଣ୍ଡା ଜମିଦାରଙ୍କ ଦ୍ୱାରା ପାଟଣା ମହାରାଜଙ୍କୁ ଦିଆଯାଉଥିଲା ।

୧୨.୦୨.୧୯୪୪ ଦିନ ବଙ୍ଗୋମୁଣ୍ଡାର ଶେଷ ଜମିଦାର ପୂର୍ଣ୍ଣଚନ୍ଦ୍ର ସିଂ ଭୋଇଙ୍କ ମୃତ୍ୟୁ ହୋଇଥିଲା । ୧୯୪୫ ମସିହାରୁ ୦୧.୦୧.୧୯୪୮ ମସିହା ପର୍ଯ୍ୟନ୍ତ ବଙ୍ଗୋମୁଣ୍ଡା ଜମିଦାର ସଭ୍ୟମାନଙ୍କୁ ଭରଣପୋଷଣର ବ୍ୟବସ୍ଥା କରାଯାଇଥିଲା ।

୦୧.୧୨.୧୯୪୮ ମସିହାରୁ ଜମିଦାରଙ୍କ ବିଧବା ମାତା ଶ୍ରୀମତୀ କୃଷ୍ଣକୁମାରୀ ଦେବୀଙ୍କୁ ଭରଣପୋଷଣ ପାଇଁ ଡଙ୍ଗରପଡ଼ାର ୧୩୩ ଏକର ୯୭ ଡ଼ିସିମିଲ ଭୋଗରା ଜମି ଓ ୩୦ଏକର ଗୌନ୍ତି ଜମି ଦେବାକୁ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା ସୁପାରିଶ କରାଯାଇଥିଲା । ତା. ୨୧.୦୭.୧୯୪୯ ଦିନ ବଙ୍ଗୋମୁଣ୍ଡା, ଗନ୍ଧରାବନ୍ଧ, ସାନଗମଡ଼ା, ଗୁହୁରିଆପଦର, ବରୋମୁଣ୍ଡା, ନୂଆପଡ଼ା ଓ ଗୁରୁଣ୍ଡାର କିଛି ଜମି ଜମିଦାରଙ୍କ ବିଧବା ଶ୍ରୀମତୀ ଚନ୍ଦ୍ରକୁମାରୀ ଦେବୀଙ୍କୁ ଦେବାପାଇଁ ଓଡ଼ିଶା ସରକାର ସୁପାରିଶ କରିଥିଲେ ।

୧୯୬୧ମସିହାରେ ଶ୍ରୀମତୀ କୃଷ୍ଣକୁମାରୀ ଦେବୀଙ୍କ ମୃତ୍ୟୁପରେ ୦୭.୦୩.୧୯୫୨ ଭୁବରା ଜମି ସୁରକ୍ଷା ଆଇନ ଅନୁସାରେ ଶ୍ରୀମତୀ କୃଷ୍ଣକୁମାରୀ ଦେବୀଙ୍କ ସମସ୍ତ ଜମି ସରକାରଙ୍କ ହାତକୁ ଚାଲିଯିବା କଥା । କିନ୍ତୁ ଶ୍ରୀମତୀ ଚନ୍ଦ୍ରକୁମାରୀ ଦେବୀ ଜମି ଉପରେ ନିଜର ଅଧିକାର ଦାବୀ କରି ବସିଲେ ।

୧୬.୧୦.୧୯୫୪ ଦିନ ବୋର୍ଡ ଅଫ ରେଭିନ୍ୟୁଙ୍କ ଆଦେଶ ସଂଖ୍ୟା ୬୦୦୭ ଅନୁଯାୟୀ

Digitized by srujanika@gmail.com

ସମସ୍ତ ଭୋଗରା ଜମି, ଗୌନ୍ତି ଜମିର ଦଖଲ ସରକାର ନିଜ ହାତକୁ ନେଲେ । ଏହି ତାଲିକାରେ ବଙ୍ଗୋମୁଣ୍ଡାର ନାମ ନ ଥିଲା । ୦୭.୦୫.୧୯୬୨ ଦିନ ବଙ୍ଗୋମୁଣ୍ଡା, ଗନ୍ଧରାବନ୍ଧ, ସାନଗମଡ଼ାଜ ୬୦.୨୬ ଏକର ଜମି ଶ୍ରୀମତୀ ଚନ୍ଦ୍ରକୁମାରୀ ଦେବୀଙ୍କୁ ରୟତି ସୂତ୍ରେ ରେକର୍ଡ଼ କରାଯିବାକୁ, ତାଙ୍କୁ ମାସିକ ୧୦୦ଟଙ୍କା ଭରଣପୋଷଣ ପାଇବାକୁ ରାଜ୍ୟ ସରକାର ଓ ଶ୍ରୀମତୀ ଚନ୍ଦ୍ରକୁମାରୀ ଦେବୀଙ୍କ ମଧ୍ୟରେ ରାଜିନାମା ହେଲା ।

୨୩.୦୭.୧୯୮୭ରେ ସବଜଜ୍ ବଲାଙ୍ଗିରଙ୍କ ଦ୍ୱାରା ଶ୍ରୀମତୀ ଚନ୍ଦ୍ରକୁମାରୀ ଦେବୀଙ୍କୁ ତାଙ୍କର ଆଜୀବନ ଭରଣପୋଷଣ ପାଇଁ ସମସ୍ତ ଜମି ଫେରାଇ ଦେବାକୁ ସରକାର ଆଦେଶ ଦେଲେ ।

୨୭.୦୪.୧୯୭୬ ଦିନ ଉକ୍ତ ଆଦେଶର ମନ୍ତବ୍ୟ କଲମରେ ଲେଖାଗଲା ଯେ ଶ୍ରୀମତୀ ଚନ୍ଦ୍ରକୁମାରୀ ଦେବୀଙ୍କୁ ମିଳିଥିବା ସମସ୍ତ ଜମିକୁ ଏକ ସ୍ୱତନ୍ତ୍ର ଖାତାରେ ଉଲ୍ଲେଖ କରି ଶ୍ରୀମତୀ ଚନ୍ଦ୍ରକୁମାରୀ ଦେବୀଙ୍କ ଜୀବଦ୍ଦଶା ପର୍ଯ୍ୟନ୍ତ ଭରଣପୋଷଣ ପାଇଁ ଉପଭୋଗ କରିବେ ।

ଘଟଣାର ପୂର୍ବ ପାର୍ଶ୍ୱଚିତ୍ର ଏହିପରି । ଗଡ଼ଜାତ ମିଶ୍ରଣବେଳେ ପାଟଣାଷ୍ଟେଟ୍ ଓ ଭାରତ ସରକାରଙ୍କ ମଧ୍ୟରେ ହୋଇଥିବା ଚୁକ୍ତି ମଧ୍ୟରୁ ମିଶ୍ରଣ ପରେ ପାଟଣାଷ୍ଟେଟ୍‌ର ଭୂ-ସ୍ୱତ୍ୱ ଆଇନ ଅପରିବର୍ତ୍ତିତ ରହିବ । ଯାହାକୁ ଓଡ଼ିଶା ମର୍ଜର ଷ୍ଟେଟ ଏକ୍ଟ ୧୯୫୦ଦ୍ୱାରା ପାଟଣା ଭୂ-ସମ୍ବନ୍ଧୀୟ ଆଇନର ବୈଧାନିକ ସ୍ୱୀକୃତି ମିଳିଲା ।

ଓଡ଼ିଶା ସରକାରଙ୍କ ରାଜସ୍ୱ ସଚିବଙ୍କ ପତ୍ର ସଂଖ୍ୟା ୧୫୪୮ ତା. ୦୫.୦୨.୧୯୪୯ରେ ପାଟଣା ଷ୍ଟେଟ ଅଧିନରେ ଥିବା ସମସ୍ତ ଭୋଗରା ଜମିକୁ ରୟତି ଜମିରେ ପରିଣତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟଏକ ପତ୍ର ମାଧ୍ୟମରେ ପତ୍ରସଂଖ୍ୟା ୧୪୩୪୦/ଆର.ଏସ.ଟି.ଇ.ଏନ୍ ୧୧୪୪୯ ତା. ୧୯.୧୨.୧୯୪୯ଦ୍ୱାରା ରାଜସ୍ୱ ସଚିବ ୦୫.୧୨.୧୯୪୯ପତ୍ରରେ କେତେକ ପରିବର୍ତ୍ତନର ନିର୍ଦ୍ଦେଶନାମା ଦେଲେ ।

କ. ବଲାଙ୍ଗିର ପାଟଣାର ଠିକାଦାରୀ ବ୍ୟବସ୍ଥା ୦୧.୦୪.୧୯୫୦ ରେ ସମାପ୍ତ ହେବ ଓ ଏହି ବ୍ୟବସ୍ଥା ଉଚ୍ଛେଦ କରାହେବ ।

ଖ. ୧୯୩୬ ବନ୍ଦୋବସ୍ତରେ ରେକର୍ଡ଼ ହୋଇଥିବା ଭୋଗରା ଜମି ଠିକାଦାର ନାମରେ ରେକର୍ଡ଼ କରାଯିବା ପାଇଁ ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ବିଚାର କରାଯିବ ।

ଗ. ଭବିଷ୍ୟତ ବିବାଦର ପରିସମାପ୍ତି କରିବା ପାଇଁ ସମସ୍ତ ଠିକାଦାର ତାଙ୍କ ଠିକାଦାର ସମର୍ପଣ କଲେ ବୋଲି ଧରାଯିବ ଏବଂ ଠିକାଦାର ଓ ସରକାରଙ୍କ ମଧ୍ୟରେ ଏକ ଚୁକ୍ତିନାମା ସମ୍ପାଦନ କରିବାକୁ ବ୍ୟବସ୍ଥା କରାଯିବ ।

୦୪.୦୪.୧୯୫୦ମସିହାରେ ଭୋଗରା କନଭରସନ୍ ଆରମ୍ଭ ହେଲା ଓ ତା. ୦୭.୦୫.୧୯୫୧ ଦିନ ଓଡ଼ିଶା ରାଜ୍ୟପାଳ ଓ ଠିକାଦାରଙ୍କ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହେଲା ।

ଠିକାଦାରଙ୍କ ଦ୍ୱାରା ଖାସ୍ ଦଖଲ କରାଯାଉଥିବା ଜମି ତାଙ୍କ ନାମରେ ରେକର୍ଡ଼ କରିବା ପାଇଁ ନିର୍ଦ୍ଦେଶ ଦିଆଗଲା ଓ ପ୍ରତ୍ୟେକ ଠିକାଦାରୀ ଗ୍ରାମର ୫ଏକର ଲେଖାଏଁ ଜମି ସରକାର ନିଜ ହାତକୁ ନେଲେ ଓ ୧୯୫୩ ମସିହାରେ ଓଡ଼ିଶାର ରାଜ୍ୟପାଳ ବଲାଙ୍ଗିର ପାଟଣାଷ୍ଟେଟ୍‌ର ଭୋଗରା ଜମି ସମ୍ବନ୍ଧୀୟ ନିମ୍ନ ଆଦେଶ ଦେଲେ ।

Digitized by srujanika@gmail.com

ବଲାଙ୍ଗିର ଜିଲ୍ଲାର ପୂର୍ବତନ ପାଟଣାଷ୍ଟେଟ୍ ଠିକାଦାରୀ ପ୍ରଥା ଉଚ୍ଛେଦ ପରେ ଭୋଗରା ଜମିରୁ ୫ ଏକର ବା ୨୫ପ୍ରତିଶତ ଗ୍ରାମ ପଞ୍ଚାୟତ ପାଇଁ ସଂରକ୍ଷିତ କରାଯିବ, ଇତିମଧ୍ୟରେ ଗ୍ରାମ ପଞ୍ଚାୟତ କାର୍ଯ୍ୟ କରିବା ଆରମ୍ଭ କରୁଛି । ତେଣୁ ଉକ୍ତ ଜମି ସରକାରଙ୍କ ପରିଚାଳନାରେ ରହିବ ଓ ବାର୍ଷିକ ନିଲାମ ଦ୍ୱାରା ସର୍ବାଧିକ ନିଲାମ ନେଇଥିବା ବ୍ୟକ୍ତିଙ୍କୁ ଦିଆଯିବ । ସରକାର ନିଷ୍ପତ୍ତି ନେଇଛନ୍ତି ଯେ ଭୋଗରା ଜମି ଗ୍ରାମ ପଞ୍ଚାୟତକୁ ହସ୍ତାନ୍ତରିତ କରାଯିବ ଓ ସେହି ନୀତି ଅନୁଯାୟୀ ପାଟଣାଷ୍ଟେଟ୍ର ସଂରକ୍ଷିତ ଭୋଗରା ଜମି ଗ୍ରାମ ପଞ୍ଚାୟତର ନିୟନ୍ତ୍ରଣ ଓ ପରିଚାଳନାରେ ରହିବ, କିନ୍ତୁ ଏହି ଜମି ଭୂମିହୀନମାନଙ୍କୁ ବଣ୍ଟନ କରିବାକୁ ରାଜସ୍ୱ ବିଭାଗକୁ ଫେରାଇ ଦିଆଯିବ ।

୭.୦୩.୧୯୭୩ ଦିନ ଏକ ପତ୍ର ଅନୁଯାୟୀ ରାଜସ୍ୱ ସଚିବ ପି.ଆର.ଚନ୍ଦ୍ରା ବଲାଙ୍ଗିର ଜିଲ୍ଲାର ଭୋଗରା ଜମି ଗ୍ରାମ ପଞ୍ଚାୟତରୁ ରାଜସ୍ୱ ବିଭାଗର ନିୟନ୍ତ୍ରଣକୁ ଫେରାଇ ଆଣି ସୁଖବାସୀ ମାନଙ୍କ ମଧ୍ୟରେ ବଣ୍ଟନ କରିବାକୁ ନିର୍ଦ୍ଦେଶ ଦେଲେ । ଏହି ନିର୍ଦ୍ଦେଶ ବିରୁଦ୍ଧରେ ଅନେକ ଠିକାଦାର ମାନ୍ୟବର ହାଇକୋର୍ଟରେ ମୋକଦ୍ଦମା ଦାୟର କରିଥିଲେ ଓ ମାନ୍ୟବର ଅଦାଲତ ୧୯୭୫ରେ ଏକ ଐତିହାସିକ ରାୟ ଦେଇ ଭୋଗରା ଜମି ବଲାଙ୍ଗିର ଜିଲ୍ଲା ସମ୍ବନ୍ଧରେ ନିମ୍ନ ନିଷ୍ପତ୍ତି ଦେଲେ--

କ. ବଲାଙ୍ଗିର ଜିଲ୍ଲା ଠିକାଦାରମାନଙ୍କର ଭୋଗରା ଜମି ଉପରେ ବନ୍ଦୋବସ୍ତ ପର୍ଯ୍ୟନ୍ତ ହିଁ କେବଳ ଭୋଗ କରିବାର ଅଧିକାର ଅଛି । କିନ୍ତୁ ଉକ୍ତ ଜମିରେ ତାଙ୍କର କୌଣସି ସ୍ୱତ୍ୱ ଅଧିକାର ନାହିଁ ଓ ତାଙ୍କୁ କେତେକ ପରିସ୍ଥିତିରେ ଉଚ୍ଛେଦ କରାଯାଇ ପାରିବ । ଠିକାଦାରୀ କାର୍ଯ୍ୟକାଳ ସମାପ୍ତି ପରେ ଏହି ଜମିରେ ତାଙ୍କର କୌଣସି ଅଧିକାର ନାହିଁ ।

ଖ. ଓଡ଼ିଶା ସରକାର ଦେଇଥିବା ଆଦେଶମତେ ଠିକାଦାରମାନେ ସ୍ୱେଚ୍ଛାରେ ଜମି ସମର୍ପଣ କରି ସାରିଛନ୍ତି । ଜବରଦଖଲ ଆଇନ ବଳରେ ମଧ୍ୟ ଠିକାଦାରମାନଙ୍କ ଜମି ଉପରେ ଅଧିକାର ଲୋପ ପାଇଅଛି ।

ଆଇନ ଏବଂ ବଙ୍ଗୋମୁଣ୍ଡା ଜମିଦାର ପରିବାର ନିଜ ନିଜ ବାଟରେ ଚାଲୁଥିଲେ । ୧୯୮୨ ମସିହାରେ ଶ୍ରୀମତୀ ଚନ୍ଦ୍ରକୁମାରୀ ଦେବୀଙ୍କ ମୃତ୍ୟୁ ହେଲା ।

ଓଡ଼ିଶା ସରକାରଙ୍କ ମୁଖ୍ୟସଚିବଙ୍କ ପତ୍ର ସଂଖ୍ୟା ୩୩୦୯୭/ତା. ୨୧.୦୮.୧୯୮୦/ ଏସି ଅନୁସାରେ ଭୂମିହୀନଙ୍କୁ ଭୂମି ବଣ୍ଟନ ପାଇଁ ଆଦେଶ ହେଲା ।

ଶ୍ରୀମତୀ ଚନ୍ଦ୍ରକୁମାରୀ ଦେବୀଙ୍କ ମୃତ୍ୟୁପରେ ୧୮.୦୩.୧୯୮୨ ଦିନ ବଙ୍ଗୋମୁଣ୍ଡା ଆର୍.ଆଇଙ୍କ ଦ୍ୱାରା ଜମିପାଇବା ପାଇଁ ହକ୍‌ଦାର ଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଗଲା । ୨୬.୦୬.୧୯୮୩ରେ ଚିହ୍ନଟ ବ୍ୟକ୍ତିମାନଙ୍କୁ ଯେଉଁମାନେ ପୂର୍ବ ପ୍ରଚଳିତ ଆଇନ ଅନୁସାରେ ସୁଖବାସୀ ଥିଲେ ତାଙ୍କୁ ଜମି ବଣ୍ଟନ କରାଗଲା । ଏହା ଇ.ଆର୍.ଆର୍.ପି ଯୋଜନା ଅଧିନରେ ବଙ୍ଗୋମୁଣ୍ଡା ଓ ମୁରିବାହାଲ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦ୍ୱାରା ବଣ୍ଟାଗଲା । ଡମ୍ବରୁ ବି ଜମି ଖଣ୍ଡେ ପାଇଲା ।

୧୯୮୪ମସିହାରେ ଲୋଚନ ଭୋଇ ନାମକ ଜଣେ ବ୍ୟକ୍ତି ନିଜକୁ ଗଉନ୍ତିଆ ଦାବୀକରି ସୁଖବାସୀଙ୍କ ବିପକ୍ଷରେ ମକଦ୍ଦମା ଦାୟର କଲା । ଟିଟିଲାଗଡ଼ କୋର୍ଟରେ ସୁଖବାସୀଙ୍କ ନାମରେ ୩୦ଟି ମକଦ୍ଦମା ଦାୟର ହେଲା ।

ସାଧାରଣତଃ ଏହି ମୋକଦ୍ଦମାମାନଙ୍କରେ ଜମିର ବର୍ତ୍ତମାନ ସ୍ଥିତି ଓ ନ୍ୟାୟାଳୟ ମଧ୍ୟରେ ପୋଲିସ

Digitized by srujanika@gmail.com

ସୂଚନା ଦେଉଥାଏ । ଏ ସମୟରେ ପୋଲିସ ଯାହାବି ସୂଚନା ଦେଉଥାଉ ସୁଖବାସୀମାନଙ୍କ ଫସଲ କାଟି ଅଣାଗଲା ଓ ତାଙ୍କୁ କୋର୍ଟଦ୍ୱାରା ଗାଁ ଭିତରକୁ ପ୍ରବେଶ ନିଷେଧ କରାଗଲା ।

ସାମୂହିକ ଭାବେ ଗଉନ୍ତିଆମାନଙ୍କ ଦ୍ୱାରା ଅତ୍ୟାଚାରିତ ସୁଖବାସୀମାନେ ଡଙ୍ଗରପଡ଼ାର ସୁଖବାସୀମାନଙ୍କୁ ସହଯୋଗ ଦେଲେ । ସୁଖବାସୀମାନେ ସଙ୍ଗଠିତ ହେଲେ । ଡଙ୍ଗରପଡ଼ାର ସୁଖବାସୀମାନେ ମୁଖ୍ୟତଃ ଆଦିବାସୀ । ସେମାନେ ନିଜର ପାରମ୍ପରିକ ଅସ୍ତ୍ରଶସ୍ତ୍ର ନେଇ ଏକ ଶୋଭାଯାତ୍ରା କରି ଗାଁକୁ ପଶିଲେ । ଏହି ଖବର ସେ ସମୟରେ 'ଦି ଏସିଏନ୍ ଏଜ୍' ପତ୍ରିକାରେ ବାହାରିଲା ଫଟୋସହ । ଏହି ଇଂରାଜୀ ପତ୍ରିକା ସହ ହାଇଦ୍ରାବାଦର 'ଇନ୍ନାଡୁ' ସମାଚାର ଏଜେନ୍ସି ସହ ସମ୍ପର୍କ ଥିଲା । ଯେଉଁ ଫଟୋ 'ଇନ୍ନାଡୁ' ତେଲୁଗୁ ପତ୍ରିକାରେ ମଧ୍ୟ ବାହାରିଥିଲା । ଆନ୍ଧ୍ର ପ୍ରଦେଶ ସରକାର ଦ୍ୱାରା ଓଡ଼ିଶା ସରକାର ଖବର ପାଇଲେ । ସଶସ୍ତ୍ର ଆନ୍ଦୋଳନ କାଳେ ନକ୍ସଲମାନଙ୍କୁ ଆକୃଷ୍ଟ କରିବ, ସେଥିଲାଗି ସରକାର ସଚେତ ହୋଇଗଲେ । ତା' ପରଦିନ ଭୋରରୁ ଟିଟିଲାଗଡ଼ ସବ୍‌କଲେକ୍ଟର ଆସି ଏହି ସୁଖବାସୀମାନଙ୍କୁ ଜମି ଚାଷ କରିବା ପାଇଁ କହିଥିଲେ ।

ଏହାପରେ ଗଠିତହେଲା ସୁଖବାସୀ ସଂଘ । ଲୋଚନ ଭୋଇ ଏକ ତରଫା ଡ଼ିକ୍ରି ପାଇଲେ । କାରଣ ଆଇନ ଅଦାଲତର ଚକ୍ରବ୍ୟୂହ ଭିତରେ ପଶିବା ସୁଖବାସୀମାନେ ପୃଥିବୀର ପ୍ରଥମ ଶାସକ ଜନ୍ମହେବା ଦିନୁ ଜାଣି ନଥିଲେ ।

ଏପଟେ ଲୋଚନ ଭୋଇର ବିଜୟ ଅନ୍ୟ ଗଉନ୍ତିଆମାନଙ୍କୁ ଉତ୍ସାହିତ କରୁଥାଏ । ସେମାନେ ମଧ୍ୟ ସଙ୍ଗଠିତ ହେଉଥାନ୍ତି । ଯେଉଁଜମି ସେମାନେ ସ୍ୱଇଚ୍ଛାରେ ସମର୍ପି ସାରିଥିଲେ ଏବଂ ଯେଉଁଜମି ଉପରେ ସୁଖବାସୀମାନେ ଭୋଗ ଦଖଲ କରି ଆସୁଥିଲେ, ସେହି ସୁଖବାସୀମାନଙ୍କୁ ବିଭିନ୍ନ ସମୟରେ ମାଡ଼ ଝଗଡ଼ା କରି ତଡୁଥିଲେ ।

ଗଉନ୍ତିଆମାନେ କଣ୍ଟାବାଞ୍ଜି କୋର୍ଟରେ ୬୦ଟି ମୋକଦ୍ଦମା ସୁଖବାସୀଙ୍କ ବିପକ୍ଷରେ କଲେ । କଣ୍ଟାବାଞ୍ଜି ତତ୍କାଳୀନ ଅତିରିକ୍ତ ଦେଓ୍ୱାନୀ ଜଜ୍ ମାନ୍ୟବର ବିଧାନ କୁମାର ଚାନ୍ଦ ନିଜର ରାୟ ଦେଲେ ଯେ ଭୋଗରା ଜମିରେ ଗୌନ୍ତିଆମାନଙ୍କର କୌଣସି ଅଧିକାର ନାହିଁ ତଥା ସରକାରଙ୍କ ଦ୍ୱାରା ପାଇଥିବା ଭୋଗରା ଜମି ଚାଷ କରିବାରେ ସୁଖବାସୀମାନଙ୍କୁ କେହି ଅଟକାଇ ପାରିବେ ନାହିଁ ।

ଅଦାଲତର ଏହି ଆଦେଶକୁ ସୁଖବାସୀମାନେ ଗ୍ରହଣ କରିପାରିଲେ ନାହିଁ । ସେମାନେ କହିଲେ ପେପରରେ ନ ବାହାରିବା ପର୍ଯ୍ୟନ୍ତ ଆମେ ବିଶ୍ୱାସ କରିବୁ ନାହିଁ । ତାଙ୍କୁ ବୁଝାଗଲା, ତଥାପି ବୁଝିଲେ ନାହିଁ । ଏ ସମୟରେ ପୁରୁଷୋତ୍ତମ ସିଂ ଠାକୁର ନିଜର 'ଜନମାଧମ' ବାହାର କରୁଥିଲେ । ସେ ସୁଖବାସୀମାନଙ୍କୁ ବିଶ୍ୱାସ ଦେବାପାଇଁ ତାଙ୍କର ପାକ୍ଷିକର ଗୋଟିଏ ସଂସ୍କରଣ ସୁଖବାସୀ ସମସ୍ୟା ଓ ସଂଗ୍ରାମ ଉପରେ ବାହାର କରିଥିଲେ ।

ଏଠାରେ ସୁଖବାସୀମାନଙ୍କୁ ଗୋଷ୍ଠି ଉନ୍ନୟନ ଅଧିକାରୀ ଜମି ବାଣ୍ଟିଥିଲେ । ଯାହାକୁ ତହସିଲଦାରଙ୍କ ଦ୍ୱାରା ବୈଧ କରାଯିବା କଥା । କିନ୍ତୁ ତହସିଲ ରେକର୍ଡ଼ ଭିନ୍ନ, ଏ ଜମି ଉପରେ ସୁଖବାସୀଙ୍କ ଅଧିକାର ରହିବା କଥା । ଗୋଟିଏ ସରକାରଙ୍କ ଦୁଇଟି ବିଭାଗ ଭିତରେ ଥିବା ଅନ୍ତର ଯୋଗୁଁ ସୁଖବାସୀମାନେ ପେଷି ହେଉଛନ୍ତି । କାରଣ ତହସିଲ କାର୍ଯ୍ୟାଳୟ ଅନୁସାରେ ଜମି ମାଲିକ ଗଉନ୍ତିଆ ଅଥବା ଠିକାଦାର କି ଜମିଦାର ।

Digitized by srujanika@gmail.com

ଗଉନ୍ତିଆମାନେ ଉପର ଅଦାଲତରେ ଅପିଲ କରିଛନ୍ତି, ସୁଖବାସୀମାନେ ମଧ୍ୟ । କିନ୍ତୁ ସମାଧାନ କାହିଁକି ନାହିଁ ? ଡମ୍ବରୁ ତା'ର ଜମିର ପଟ୍ଟା ପାଇବ ତ ?

ଏହିପରି ଅନ୍ୟ ଏକ ଉଦାହରଣ, ପାଟଣାଗଡ଼ ତହସିଲ ଅନ୍ତର୍ଗତ ବେଲପଡ଼ା ବ୍ଲକ୍‌ର ଭରୁଆମୁଣ୍ଡା ଗ୍ରାମ । ଏହି ଗାଁର ୧୭ଜଣ ସୁଖବାସୀ ଇ.ଆର୍.ଆର୍.ପି ଯୋଜନା ମାଧ୍ୟମରେ ୧୯୭୯ ମସିହାରେ ଜମି ପାଇଲେ । ସରକାର ସେମାନଙ୍କୁ ହଳ ଲଙ୍ଗଳ ସହ ବିହନ ଦେଲେ । ଜଳସେଚନ ପାଇଁ ପୋଖରୀ ଖୋଳେଇଦେଲେ । ଦୀର୍ଘ କୋଡ଼ିଏ ବର୍ଷର କ୍ରମାଗତ ପରିଶ୍ରମରେ ଜମିର କିସମ ବଦଳି ସାରିଥିଲା । ମାଲଜମି ବାହାଲ ଜମି ହୋଇ ସାରିଥିଲା ।

୨୦୦୦ ମସିହା ଜଳଛାୟା ପ୍ରକଳ୍ପ ସରକାର କଲାବେଳେ ଭରୁଆମୁଣ୍ଡା ଗାଁର ଉପରୋକ୍ତ ଜମି ପ୍ରକଳ୍ପ ପାଇଁ ଚିହ୍ନଟ ହେଲା । ଏହି ୧୭ଜଣ ଚାଷୀ ତହସିଲରୁ ନୋଟିସ ପାଇଲେ ଯେ ସେମାନେ ଜବରଦଖଲ କରି ଜମି ଚାଷ କରୁଛନ୍ତି । ତାଙ୍କୁ ଉଚ୍ଛେଦ କରାଯାଇ ଜଳଛାୟା ପ୍ରକଳ୍ପର ବୃକ୍ଷରୋପଣ କରାଗଲା ସେ ଜମିରେ । ଏତେଲୋକ ହଠାତ୍ ଭୂମିହୀନ ହୋଇଗଲେ ।

ଏଠାରେ ଅନ୍ୟ ଏକ ସମସ୍ୟା ଏହିପରି । ୧୯୭୫ରେ ସେଟେଲମେଣ୍ଟ ହେଲା । ଯାହା ପୁଣି ୧୯୮୭ରେ ହେବାକଥା । କିନ୍ତୁ ସରକାର ୧୯୯୭ରେ ସେଟେଲମେଣ୍ଟର ଆଦେଶ ଦେଲେ । ସେଟେଲମେଣ୍ଟ ଆଦେଶ ହେଲେ ତହସିଲଦାରଙ୍କ ଜମି ରେକର୍ଡ଼ କରିପାରିବେ ନାହିଁ । ୧୯୯୭ ସେଟେଲମେଣ୍ଟ ଆଦେଶକୁ ୨୦୦୫ରେ ବନ୍ଦ କରାଗଲା । ଏହାପରେ ତହସିଲଦାରଙ୍କୁ ଜମି ରେକର୍ଡ଼ କରିବା ପାଇଁ କୁହାଗଲା । ଯାହା କରାଯାଇ ପାରିଲା ନାହିଁ । ୨୦୦୮ ଜୁଲାଇ ମାସରେ ପୁଣି ଆଦେଶ ହେଲା ଯେ ସେଟେଲମେଣ୍ଟ ହେବ । ଏହି ସେଟେଲମେଣ୍ଟ ଆଦେଶ ହେବା ପରେ ତହସିଲଦାରଙ୍କ ଜମି ରେକର୍ଡ଼ କରିବା କ୍ଷମତା ରଦ୍ଦ ହେଲା ।

ଏଠାରେ ପ୍ରଶ୍ନ ଉଠେ ଯେ ସୁଖବାସୀମାନେ କରିବେ କଣ ? ଅନ୍ୟ ଏକ ସମସ୍ୟା ଏହିପରି । ସରକାରଙ୍କ ନିର୍ଦ୍ଦେଶ ଯେ ବିବାଦୀୟ ଜମିମାନଙ୍କୁ ସରକାରୀ ଖାତାରେ ଲେଖାହେବ । ଯଦି ସୁଖବାସୀମାନଙ୍କ ସମସ୍ତ ଜମି ସରକାରୀ ଖାତାକୁ ଚାଲିଯାଏ, ତା'ହେଲେ ଇ.ଆର୍.ଆର୍.ପି ଯୋଜନାରେ ପାଇଥିବା ସମସ୍ତ ଜମି ବିବାଦୀୟ ନିଶ୍ଚୟ । ବଙ୍ଗୋମୁଣ୍ଡା ଜମିଦାରଙ୍କ ୧୪୯ଘନମାଇଲ ଜମି ବି ନିଶ୍ଚୟ ବିବାଦକୁ ଆସିବ । କେତେକ ଗଉନ୍ତିଆ ଏବଂ ସେବାକାରୀଙ୍କ ଜମିକୁ ଛାଡ଼ି । ବିଶ୍ୱ ବଜାରରେ ଦୌଡୁଥିବା ସରକାର ପାଇଁ ଏହା ଏକ ଏସ୍.ଇ.ଜେଡ୍‌ର ମାନ୍ୟତା ପାଇବାକୁ ବିଳମ୍ବ ହେବ କି ? ସୁଖବାସୀ କରିବେ କ'ଣ ?

ଡମ୍ବରୁ ବିସ୍ଥାପିତ ହେବ ?

କେବଳ ତା'ର ଘରବାରିର ଟଙ୍କା ପାଇଁ ?

ନା ଦାଦନ ଖଟିଯିବ ?

❑❑❑

Digitized by srujanika@gmail.com

୮

# ମୁଁ ବି ବଞ୍ଚିଜାଣେ ତୁମ ପୃଥିବୀରେ

ବଡ଼ମକାର ବେଳେ 'ଚରିତ୍ର'କୁ ପାଞ୍ଚ କି ଛଅବର୍ଷ ହେଉଥିଲା । ବାପା ଚାଷ କରୁଥିଲା । ମା ସୁନା ଗହଣା ପିନ୍ଧୁଥିଲା । ଗାଁର କେତେଜଣ ସ୍ତ୍ରୀଲୋକ ଗାଁଗଣ୍ଡା ଗଲେ ତାର ମା'ର ସୁନା ଗହଣା ମାଗିନେଇ ପିନ୍ଧୁଥିଲେ । ତିନି ଏକର ଜମିରେ ବାପା ଖଟୁଥିଲା । ଘରେ ଧାନ, ମୁଗ, ବିରି, ଚଣା, ରାଶି, ମାଣ୍ଡିଆ, କୋଦୋ, ଗୁରଜି, ଗୁଡ଼, ଚୁଡ଼ା ଇତ୍ୟାଦି ସବୁବେଳେ ରହୁଥିଲା । ଜମି ପାଖ ଲେରରେ ବାପା ପରିବା କରୁଥିଲା ସବୁବେଳେ । ଦୁଇଟି ମହୁଲ ଗଛ ଆଉ ତିନୋଟି ଆମ୍ବଗଛ ଲେରକୁ ଅନ୍ୟଏକ ଘରର ମାନ୍ୟତା ଦେଇଥିଲା । ବାପାର ମା ମରି ସାରିଥିଲା । ଲେରର କୁଡ଼ିଆ ଘରେ ଦାଦିବୁଢ଼ା ରହୁଥିଲା; ଦୁଇଟି ବଳଦ, ଗୋଟିଏ ଗାଈ, ଛେଳି, କୁକୁଡ଼ା ରଖିଥିଲା । ଦାଦିବୁଢ଼ା ଲେରରେ ହିଁ ରହୁଥିଲା । କାଳିଆ କୁକୁରଟିଏ ଥିଲା, ଯାହାକୁ ଦାଦିବୁଢ଼ା ଏ ଶଳା ! ବୋଲି ଡାକୁଥିଲା ! ଏ ଶଳା ! ଯା ବଳଦ ଅଡ଼େଇ ଆନ୍‌ବୁ କହିଲେ କୁକୁରଟି ବଳଦ ଦୁହିଁଙ୍କୁ ଲେରର ଗୁହାଳକୁ ଆଣୁଥିଲା ।

ଥରେ ବଉଳ ଝଡ଼ିଗଲା । ମହୁଲ କୁଁଚି ଶୁଖିଗଲା । ଗୁରଜି ଠିକ୍ ହେଲା । ଆଉ ଧାନ, ମୁଗ, ବିରି କିଛି ହେଲାନି । କେଉଁ ଗୁନିଆଁ ବାନ୍‌ମାରି ପୁରଥିକୁ ଜାଳିଦେଲା ଯେମିତି । ଅନ୍ଧାର ଭେଦି ଗାଁ ଭିତରକୁ ଶୁଭୁଥିବା ଦାଦିବୁଢ଼ାର ଗୀତ ଆଉ ଶୁଭିଲାନି । ଲୋକେ ଚିନ୍ତାରେ ଶୁଖିଗଲେ । 'ଚରିତ୍ର' ଦିନେ ସକାଳୁ ମା ପଛେ ପଛେ ଲେରକୁ ଗଲା । ଗାଈ-ବାଛୁରୀ ଅଲଗା ବନ୍ଧା ହୋଇଛନ୍ତି । ବଳଦ, ଛେଳି ଡିଲା ହୋଇ ନାହାନ୍ତି । କୁକୁର କୁଡ଼ିଆ ସାମ୍ନାରେ ବସିଛି । ମା'କୁ ଦେଖି କୁକୁର କୁଁ କୁଁ ହେଲା ଲାଞ୍ଜ ହଲେଇ । ଲେରର ଗଛ, ବଳଦ, ଘର, ଗାଈ, କୁକୁଡ଼ା, କୁକୁର ଭିତରେ ତାଳମେଳ ରହୁ ନ ଥିଲା ଯେପରି । ଲେରର ଗୀତ ହଜି ଯାଇଥିଲା । ମା' କୁଡ଼ିଆ ଭିତରକୁ ପଶିଲା । ଦାଦିବୁଢ଼ା ଶୋଇଛି ଆଁ କରି । ମାଁ ରଡ଼ି ଛାଡ଼ିଲା, ଏ ବୁଆ ! ଧଁ ଗୋ.. ମୁଇଁ ମୋର ଶଶୁରକେ ଖାଇଦେଲି ।

ଦାଦିବୁଢ଼ା ପଛେ ପଛେ ଶଳା କୁକୁର ମରିଗଲା । କୁକୁଡ଼ା ଆଉ ଛେଳି ଖାଦ୍ୟ ହେଲେ । ଘରର

Digitized by srujanika@gmail.com

ଚାଉଳ ସରିଗଲା । ଗୁଆ ଧାନ ଘରକୁ ଆସିଲାନି । ଚଗିତ୍ରର ବାପା ଚିନ୍ତାରେ ବୁଡ଼ିଗଲା । ଘରର ଖାଇବା ଜିନିଷ ସରିଗଲା । ମା' ବାପା ପାଖ ଗାଁ ମହାଜନ ଘରକୁ ଯାଆନ୍ତି ଗୋଟିଏ ସୁନା ନେଇ । ଫେରନ୍ତି ଭୁଗାରେ ଚାଉଳ ଧରି । ଚଗିତ୍ର ବସିଥିବ ପିଣ୍ଡାରେ । କେବେ କେବେ ଦେଖିବ ବାରିକ ବୁଢ଼ା ଲୋକଙ୍କୁ ଖିଅର ସାରିଲା ପରେ ଘର ଘର ବୁଲିବ, ଅଛେ ବଏଲେ ଦିଅ ବୁଆ ନେଇନା ବଏଲେ ନିଅ । କେବେ କେବେ ବାରିକ ଖାଲି ହାତରେ ଫେରିବ ।

ପାଖ ଫଟାମୁଣ୍ଡା ଗାଁ ର ଲୋକକବି ଆନନ୍ଦ ବାଗ ଏ ମକାରକୁ ନେଇ ଗୀତ ବାନ୍ଧିଥିଲେ...

*ଚାଷ ବେଉସା ଗଲା ବୁଡ଼ି / ପରଜା ଉପରେ ପରଲା ରଡ଼ି*
*କନକୀ ଖୁଦେ ବାଏଲ ମିଶାଲା*
*ମାଗବାଡ଼ି*
*ଅଗନ ନେଇ ମିଲବାର ଯୋଗୁଁ*
*ଏତକି ଦଶା ଘଟଲା ।*
*ଦେଖତରେ ଭାଇ,*
*ଶୁନତରେ ...*
*ଉନେଇଶ'ଶ ପଏଁଷଠି*
*ସାଲେ ଚେର ମକାର*
*ପଗଲା ।।*
*ଆସିନ ମାସର*
*ମଡ଼ିଆ ପେଜ / ପି'ଲେ*
*ମୁହେଁ ନାଇନ ତେଜ*

ଆନନ୍ଦ ବାଗ

Digitized by srujanika@gmail.com

ଶୁଖିଲା ଖଟେ ପାଁଚଲେ ବୁଦ୍ଧି / ଟେଣା ଗାଡ଼ମା ଖେତର ମଝି
କୁକୁରାଡ଼ାଖୁ ଉଠ୍‌ଲା ବେଲେ / ଜ୍ଞାନ ଗୁଟର ହଜ୍‌ଲା
ଦେଖତରେ ଭାଇ, ଶୁନତରେ...
ଅଡ଼େକ ଜନକୀ ଆଠ ଅନା / ବଟି ପରଲା ଦୁଇ ଅନା
ବଟି ପଏସା ନେଇ ପାଏଲେ / ଭୁକେ ଶୁଖେ ରହେଲା
ଯା'ର ଘରେ ପାଁଚ ମାଇପିଲା / ଅଡ଼େକ ଜନକି ରାନ୍ଧିଥିଲା
ଖାଏଲା ବେଲେ ରୁଷାଫୁଲା / ଦେ'ରେ ମେହେଜୀ ଆର ବେଲେ'
ଜୀବନ ଜଉଛେ ଭୁକର ବେଗେ / ଭୁକର ଲାଗି ଲାଗଲେ କଲି
ବେଲା ଢ଼େଁଟି ଧରି ଚୁପଲା / ଦେଖତରେ ଭାଇ...
ପଏଁଷଠି ନୁ ଛଷଠି / କେତେ ଗଲେନ ସରକଟି
ଅରନ ନେଇ ମିଲ୍‌ବାର ଯୋଗୁଁ / ଭାଇ ଏତକି ଦଶା ଘଟ୍‌ଲା
ଦେଖତରେ ଭାଇ, ଶୁନତରେ...
ଗାଇ ମଇଁଷି ଛେଲି ମେଣ୍ଢି / ଟିଟଲାଗଡ଼କେ ନେଲେ ଘଉଡ଼ି
ଶହେ ଟଁକାର ମାଲ୍ ପଚାସ ଟଁକା / ନେଇ ବିକ୍‌ଲେ ମରଲା ଭୁକା

ଜନକି ଖୁଦର ଲାଗି ଭାଇରେ / ଦେଶର ଗୁହାଲ ସରଲା
ଦେଖତରେ ଭାଇ, ଶୁନତରେ...
ପରଜା ହଲ୍ ଥିଲେ ଛାଟି / ଭୁକେ ଜୀବନ ହେଲା ଘାଟି
ଜୀବନ କଲା ଜଲବଇ / ବିକି ନେଲେ ପନ୍ଦା ହରି
ଧୁଆ ଗାଇ ଧୁଆ ମଇଁଷି / ଗୁହାଲ ଯାକ ସର୍‌ଲା
ଦେଖତରେ ଭାଇ, ଶୁନତରେ...
ଶ୍ରୀରାମ ସିଙ୍ଘେକେଲା / କଟାବାଞ୍ଜି, ବଙ୍ଗୋମୁଡ଼ା,
ଖପ୍ରାଖୋଲ ତୁରେକେଲା
ଉନ୍‌ଚାଲିଶ ଗଡ଼ ପାଟନା ଭିତରୁ / ଛ'ଗଡ଼ ବୁଡ଼ିଗଲା
ଚକ୍ରାବତୀର ତେର ଜିଲା / ପୁଡ଼ିଗଲା ଖରିଆର ଜିଲା
ଉନେଇଶ'ଶ ପଏଁଷଠି ସାଲେ ଟେଇ ମକାର ପରଲା
ଦେଖତରେ ଭାଇ, ଶୁନତରେ...
ଗିନି ଗଜବନ୍ଧନ ତୁଆମାଲି /
ନିକ୍ତି ଉପରେ ଦେଲେ ତୁଲି
ଆଁଠ କୁରିର ଭା' ଶହେ ଟଁକା /
ପରଜାର କପାଲ
ଛାଡ଼ଲା ଏକା
ଅରନ ନେଇ ମିଲ୍‌ବାର ଯୋଗୁଁ /

Digitized by srujanika@gmail.com

*ଏତକି ଦଶା ଘଟ୍‌ଲା*

*ଦେଖତରେ ଭାଇ, ଶୁନତରେ...*

*ଜତରିଆ ବନ୍ଦରିଆ ବଲା ବାହାଁପଟ / ତାକୁ ବିକିଦେଲେ ଝଟପଟ*

*ଘୁନସି ପଏଁରି ଚାଁରରା ମୁଡ଼ି / ତାକୁ ବିକିଦେଲେ ଜଲଦି କରି*

*ଗଡୁ ଗିନା ଗରିଆ ଖୁରି / କନକି ଖୁଦେ ଗଲା ସରି*

*ଦେଖତରେ ଭାଇ, ଶୁନତରେ...*

ଯାହାକୁ 'ଚରିତ୍ର' ଜୁଆନ ହେବା ପର୍ଯ୍ୟନ୍ତ ଲୋକେ ଗାଉଥିବା ଶୁଣୁଥିଲା ।

ଖରାମାସ ଆସୁଥାଏ । କୂଅ ପୋଖରୀ ସବୁ ଠା' ଶୁଖା । କାଦୁଅ ଚଟକି ଲୋକେ କସୁର କନ୍ଦା ଆଉ କଙ୍ଗ କନ୍ଦା ଖାଇ ସାରିଥିଲେ । ମା' ଚରିତ୍ରକୁ ନେଇ ଲେରକୁ ଯିବ । ମାଟି ଖୋଳିବ । ଆମ୍ବ ଗଛର କଅଁଳ ନାଡ଼କୁ ଚରିତ୍ରକୁ ଚୋବାଇ ଖାଇବାକୁ କହିବ । ନିଜେ ବି ଖାଇବ । ବହୁତ ରାତିରେ ଚାଉଳ ମୁଠେ ଲଗେଇବ । ଭାତ ଖାଇବେ ସମସ୍ତେ । ଅଧା ନିଦରେ ଥିବା ଚରିତ୍ର ଚୁପଚାପ ଖାଇବ । ମା ବାପାର ତାଗିଦ, କାହାକୁ କହିବୁନି ଭାତ ଖାଇଲି ବୋଲି ।

ଖରାମାସ ଅଧା ଗଲା ବେଳକୁ ବୁଢ଼ାବୁଢ଼ୀମାନେ ଦିଶିଲେନି । ଲୋକମାନେ ଭୋକଶୋଷରେ କଣ୍ଟାବାଞ୍ଜି ପଳେଇଲେ । ଦୁର୍ଗ୍ ଯିବାକୁ । ଚରିତ୍ରର ବାପା ଟିକେ ହୁସିଆର ଥିଲା, ଅଧା ପେଟରେ ମଗୁଡ଼ିକୁ ପାର କରିଦେଲା । ଏହାଥିଲା ବଡ଼ମକାର ବା ୧୯୬୫ ମଗୁଡ଼ି ଚରିତ୍ର ପାଇଁ, ପାଖାପାଖି ସମସ୍ତଙ୍କ ପାଇଁ । ଚରିତ୍ରର ପରିବାର ରହିଗଲା । ଅଧିକାଂଶ ଲୋକେ ଅସ୍ତବ୍ୟସ୍ତ ହୋଇଗଲେ ।

ବର୍ଷା ହେଲା । ଦୁଇଟି ଆମ୍ବଗଛ ପାଖ ଗାଁ ଗଉନ୍ତିଆକୁ ଦେଇ ବିହନ ଆଣିଲା । ମାରବାଡ଼ି ମହାଜନ ପାଖରୁ ଚାରିଟଙ୍କା କଇତର ଆଣି ଅରଜି ଲେଖେଇଲା । ଚାଷ କଲା ଭଡ଼ାରେ ବଳଦ ଆଣି । ଫସଲ ଭଲ ହେଲା । ଲେରର ଶିରି ଦାଦିବୁଢ଼ା ନେଇଗଲା । ଘରେ ଯାହା ମାଗିଲା ମିଳିଲାନି । ମା' ଆଉ ସୁନା ପିନ୍ଧିଲାନି । ବାପା ବହୁତ ଖଟିଲା ଛୋଟ ଛୋଟ କାମ ପଡ଼ିଲେ, ଚିହ୍ନା ପରିଚୟର ବାହାଘର, କୁଣାବରା କି ଏକଶିଆ ହେଲେ କି ନୂଆଖାଇ ହେଲେ ମାରବାଡ଼ି ମହାଜନ ଘରକୁ ଗଲା ଟଙ୍କା ପାଇଁ ।

ଚରିତ୍ର ଜୁଆନ ହେଲା । ମା' ମରିଗଲା । ବାପା ତାର ଜମିକୁ ଉଡ଼େନ ଦେଇ ଚରିତ୍ରକୁ ବାହା କରେଇଲା । ଲେରରେ ଗୋଟିଏ କେବଳ ମହୁଲ ଗଛ ବଞ୍ଚିଥାଏ । ବାପା ଆସି ଲେରରେ ରହିଲା । କିଛି ପରିବା କରିଲା । ଏ ଭିତରେ ତାର ନିଜ ବଳଦ କରିସାରିଥାଏ । ଜମିକୁ ଉଡ଼େନ ଦେଲାପରେ ବଳଦ ଦୁଇଟି ବେକାର ହୋଇ ରହନ୍ତି । ଚରିତ୍ରକୁ ହଲଗାଡ଼ିଟିଏ କରିଦେଲା ତାର ବାପା । ହଲଗାଡ଼ିରେ ଚରିତ୍ର ଲୋକଙ୍କ ଖତ ବୋହିଲା, ଫସଲ ଆଣିଲା, କାଠ ଆଣିଲା ଜଙ୍ଗଲରୁ, କରତ ମିଲ୍‌କୁ ଗଛ କଟେଇ ନେଲା, ମାରବାଡ଼ି ମହାଜନର ମାଲ ଆଣିଗଲା କଣ୍ଟାବାଞ୍ଜି । ବେଶ୍ ଠିକ୍ ଚଳିଲା । ଝିଅଟିଏ ହେଲା ବାହା ହେବାର ଦୁଇବର୍ଷ ପରେ । ନିଜ ରୋଜଗାରରୁ ଝିଅପାଇଁ ସୁନା ଚନ୍ଦରଟିଏ କଲା । ସ୍ତ୍ରୀ ଲାଗି ନାକପୁଟ୍‌କି ଟିଏ । ବାପା ଖୁସି ହେଲା, ସ୍ତ୍ରୀ ବି ।

ଝିଅ ଚାଲି ଜାଣିଲାବେଳକୁ ବାପା ମରିଗଲା । ଲେରରେ ଶଗଡ଼ ଆଉ ବଳଦ ରହିଲା । ସ୍ତ୍ରୀ ଲେର ସମ୍ଭାଳିଲା, ଚରିତ୍ର ହଲଗାଡ଼ି । ଠିକ୍ ଠିକ୍ ଚଳିଲେ । ହେଲେ ତା' ବାପା ପରି ଶିରି ତାର ଆସିଲାନି ।

Digitized by srujanika@gmail.com

ଝିଅକୁ ସ୍କୁଲରେ ନାଁ ଲେଖେଇଲା । ନୂଆଜାମା କିଣି ଦେଲା । ଦଶହରା ମାସରେ ଝିଅ ଭାଇ ଜିଉନ୍ତିଆ କଲା । ଦଶହରା ଦଶମୀ ଦିନ ରାତିରେ ଗାଁର ଦେବୀ ମାଏଲୀ ବୋଏଇ ବୁଲି ସାରିଲା ପରେ ଲୋକେ କଥା ହେଲେ, ମାରବାଡ଼ି ଘରେ ଗାଡ଼ି ଗୁଟେ ଘିନ୍‌ଲେ । ଗାଡ଼ି କଣ ଚରିତ୍ର ଜାଣିଥିଲା । ରାତିରେ ନିଦ ହେଲାନି । ତଥାପି ସାହସ କଲା । ଦେଖାଯିବ ଯାହା ହେବ । ସତକୁ ସତ ତାର ଶଗଡ଼ିଆ କାମ ଅଧା ମାନ୍ଦା ହୋଇଗଲା । ସପ୍ତାହକୁ ଥରେ କଣ୍ଟାବାଞ୍ଜି ଯାଉଥିଲା ମାଲ ଆଣି ସେ କାମ ଆଉ ମିଳିଲାନି । ଲେରରେ ଖଟିଲା ଆଉ ଜଙ୍ଗଲକୁ କାଠ ଆଣିଗଲା । ବାହାଘର ବରାତିବି କେତେ ଲୋକ ଶଗଡ଼ରେ ଯିବା ବନ୍ଦ କରିନଥିଲେ । ଖରାମାସ ସରିଆସିଲା ବେଳକୁ ମାରବାଡ଼ି ଘରେ ଟ୍ରାକ୍ଟରଟିଏ ବି ଆଣିଲେ । ଚରିତ୍ରର ହଳଗାଡ଼ି ବନ୍ଦ ହୋଇଗଲା । ଚରିତ୍ର ଲେରରେ ହିଁ ଖଟିଲା, ଭୁତିଗଲା । କାଁ ଭାଁ କେବେ କାହାର ହଳଗାଡ଼ି କାମ ପଡ଼ିଲେ ଚରିତ୍ର ମନାକଲା ।

ଉଡ଼େନ ଦେଇଥିବା ଜମିକୁ ଦଶବର୍ଷ ପୁରିଲା । ଚରିତ୍ର ଜମି ଫେରେଇବା ପାଇଁ ଗଲା । ମାରବାଡ଼ି ମହାଜନ କହିଲା ତୋର ବୁଆ ଜମି ଉଡ଼େନ ଦେଲା, ମାସେ ପନ୍ଦରଦିନେ ଆସିକରି ଟଙ୍କା ନେଇଛେ । ମୂଳ କଇଁତର ମିଶି ବାରହଜାର ହଉଛେ । ଟଙ୍କା ଦେ, ତୋର ଜମି ତୁଇ ନେଇ ଯା ।

- କମାଲେ ସିନା ଦେମି ମାହାଜନ ! ମତେତ ଦୁଇ ଟଙ୍କାର କଥା କେବେ କେବେ କହେବାର ।

- ଖାତା ମିଛ କହେବା କେଁ ? ଦୁଇ ଟଙ୍କାର ବ୍ୟବସ୍ଥା କର୍, ଆରୁ ଜମି ନେବୁ ।

ମାରବାଡ଼ି ମହାଜନ କିଛି ଶୁଣିଲାନି । କୌଣସି ପ୍ରସ୍ତାବରେ ରାଜି ହେଲା ନାହିଁ । ସବୁ କଥା ବୁଝି ହେଉଥିଲେ ବି କିଛି କରିପାରିଲାନି ଚରିତ୍ର । ଗୁମ୍ ହୋଇ ବସିଲା । ଏପଟେ ଘର ଚଲେଇବା କଷ୍ଟ ହେଇ ପଡୁଛି । ଏବେ ଗୋଟିଏ ସାହାରା ଲେର । ସ୍ତ୍ରୀ ଝିଅ ଆଉ ସେ ଖଟିଲେ । ପିଆଜ ଚାଷ କଲେ । ଫସଲ ଭଲ ହେଲା । ଦୁଇଦିନ ପରିଶ୍ରମ କରି ଶଗଡ଼ ଠିକ୍ କଲା । ଅଠର ବସ୍ତା ପିଆଜ ନେଇ କଣ୍ଟାବାଞ୍ଜି ଆର.ଏମ୍.ସି ଗଲା । ସତରଶହ ଟଙ୍କା ବିକିଲା । ପିଆଜ କିଲୋ ୪୦ ପଇସାରୁ କମ୍ । ଆଉ ଥରେ ନେଲା କୋଡ଼ିଏ ବସ୍ତା, ଆଣିଲା ଏଗାରଶହ ଟଙ୍କା ।

ଏବେ ଝିଅ ପଞ୍ଚମ ପଢୁଛି । ପୁଅଟିଏ ହେଲା । ଝିଅ ଆଉ ପଢ଼ିଲାନି । ଭାଇକୁ ଧରିଲା, ଚରିତ୍ର ଆଉ ତା'ସ୍ତ୍ରୀ କାମ କରିଗଲେ । ସବୁଦିନ କାମ ମିଳିବାର ବି ଅସୁବିଧା ହେଲା । ସ୍ତ୍ରୀ ସଙ୍ଗେ କଥାହେଲା । ବହୁତ ବିଚାର ଆଚାର ପରେ ରାୟପୁର ଗଲା । ସେଠାରେ ରହିଲା ଗାଁ ଲୋକଙ୍କ ସହ । ଓ୍ବାଲଟିଅର ଗେଟ ପାଖରେ ରିକ୍ସା ଚଲେଇଲା । ମାସେ ଦେଢ଼ମାସରେ ଥରେ ଆସିଲା ଘରକୁ । ସ୍ତ୍ରୀ ତାର ଗାଁରେ କାମ କଲା, ଲେରରେ ଖଟିଲା, ଚରିତ୍ର ଆଣୁଥିବା ଟଙ୍କାରେ ଚଳିଲା ।

ତଥାପି ଅଭାବ ଗୋଡ଼େଇଲା ତାକୁ । ବିଧିସମ୍ମତ ବୋଲି ସବୁକଥାକୁ ସହିଲା । ରାୟପୁରରୁ ଫେରିଥାଏ, ଦ୍ୱିପ୍ରହରରେ ବସି ଗପୁଥାଏ ଗାଁ ଲୋକଙ୍କ ସହ । ପାଖ ଗାଁର ଜଣେ ପିଲା ଆସି କହିଲା ହାଇଦ୍ରାବାଦ ଯିବାକଥା । ଆଗରୁ ହାଇଦ୍ରାବାଦ (ସ୍ଥାନୀୟ ଭାଷାରେ 'ହନ୍ଦ୍ରା') ଯାଉଥିବା ଲୋକ ରାୟପୁରଠୁ ହାଇଦ୍ରାବାଦର ଭଲକଥା ଆଉ ବଡ଼କଥାମାନଙ୍କର ଗୋଟିଏ ତୁଳନାତ୍ମକ ଚିତ୍ର ଦେଲେ । ଚରିତ୍ରର ସ୍ତ୍ରୀ ହାଇଦ୍ରାବାଦ ଯିବାକଥାକୁ ନାପସନ୍ଦ କଲା । ତଥାପି ଜୋର କରି ବାରଣ କରି ପାରିଲା ନାହିଁ । ପାଖ ଗାଁର ସରଦାର ପିଲା ତା'ହାତରେ ଧରେଇଦେଲା ତିନିଶହ ଟଙ୍କା । ନୂଆ ଖାଇଲା ।

ଦଶହରା ସରିଲା । ସର୍‌ଦାର ପିଲା ଆସିଲା । ତା' ସହ ଗାଁର ଅନ୍ୟ ଦୁଇଜଣ ଲୋକଙ୍କୁ ଡ଼ାକି

Digitized by srujanika@gmail.com

କହିଲା ତମେ ତିନିଜଣ ଗୋଟେ ପଥରିଆ ହେଲ । ଅଗ୍ରୀମ ଦେଲା ନଅ ହଜାର ଟଙ୍କା । ଏକାସଙ୍ଗେ ତିନି ହଜାର ଟଙ୍କା ଦେଲା ସ୍ତ୍ରୀକୁ । ଦିନେ ରାତିରେ ବାହାରିଲେ ସମସ୍ତେ । ଚରିତ୍ର କିଛି ଚାଉଳ, ଲୁଗା ଆଉ ବାସନ ଭରିଲା ବସ୍ତାରେ । ସ୍ତ୍ରୀ ଭୋ କରି କାନ୍ଦିଲା । ଝିଅ କିଛି କିଛି ବୁଝିପାରୁଥିଲା । ସେ ବି କାନ୍ଦିଲା । ଚରିତ୍ର ତାକୁ ବୁଝେଇଲା । କହିଲା ତୋରଲାଗି କାଣା ଆନମି କହ । ଝିଅ କହିଲା କାର୍ତ୍ତିକ ଗାଧମି, ନୂଆଁ କପଟା ଆନିଦେବୁ ! କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଛୋଟ ସମୟ । ସେ ତ ଯାଉଛି ଅନିଶ୍ଚିତ ଆଡ଼କୁ । ଚରିତ୍ରର ଆଖି ଓଦା ହୋଇଗଲା । ସରଦାର ପିଲା ଆସି ଧମକେଇଲା କାନ୍ଦନି । ଚୁପ୍ ହେଲ । ଚରିତ୍ର ଘରୁ ଏମିତି ବାହାରିଲା ଯେ ସେ କାମ କରି ଯାଉନି ଚୋରୀ କରିବାକୁ ଯାଉଛି ।

କଣ୍ଟାବାଞ୍ଜି ଷ୍ଟେସନରେ ଦୁଇଦିନ ରହିବା ପରେ ଟ୍ରେନ ଚଢ଼ିଲା ଚରିତ୍ର । ରେଲଗାଡ଼ି ଚାଲୁଥାଏ । ଚିହ୍ନା-ଅଚିହ୍ନା ଅନେକ ଲୋକ ରେଲଡ଼ବାରେ । ତା'ଝିଅ ବୟସର ଝିଅ ଅନେକ । ବୋହୂ ଭୁଆଶୁଣି ଅନେକ । ଛୁଆପିଲା ଧରି ବି ଯାଉଥାନ୍ତି । କ୍ଷୀର ପିଉଥିବା ଛୁଆମାନଙ୍କୁ ଦେଖି ଚରିତ୍ର ମନେ ମନେ ବିଧାତାକୁ ହାତଯୋଡ଼ିଲା, 'ହେ ମହାପୁରୁ ! ଇ ଦିନ କାହାକେ ନେଇ ଦେଖା ହୋ !'

ରାତି ହେଲା । ଟ୍ରେନଟି ଚାଲୁଥାଏ । ଯିଏ ଯାହା ଧରିଥିଲା ଖାଇଲା । ପ୍ରାୟ ସମସ୍ତେ ଶୋଉଥାନ୍ତି । ଚରିତ୍ରକୁ ନିଦ ହେଉ ନ ଥାଏ । ଯୁବକ ଜଣେ ଆସି ଶୋଇଥିବା ଜଣେ ଯୁବତୀ ଝିଅକୁ ଉଠେଇଲା, କହିଲା 'ଚାଲ ସେଆଡ଼େ ବସ୍‌ବୁ ।' ବୋଧହୁଏ ସେ ଯୁବକଟି କେଉଁ ସରଦାର ହେଇଥିବ । ତା' ବାପା ଶୋଇଥାଏ ପାଖରେ । ଝିଅଟି ଉଠିଲାନି । ପାଖ ଆଖରେ ଶୋଇଥିବା ତିନିଚାରିଜଣଙ୍କ ନିଦ ଭାଙ୍ଗିଗଲା । ସେମାନେ କିଛି କହିଲେନି, ଯେମିତି ଶୋଇଥିଲେ ସେମିତି ଶୋଇଗଲେ । ବାପଟି କିନ୍ତୁ ଉଠିଲାନି । 'ଚାଲ ଚାଲ ନାଟ ନେଇକର !' ବୋଲି ଏକପ୍ରକାର ଭିଡ଼ିନେଲା ସେ ସରଦାର ପରି ଦିଶୁଥିବା ପିଲାଟି । ଚରିତ୍ର ପ୍ରତିବାଦ କରିବାକୁ ଉଠୁଥିଲା । ପାଖର ଲୋକ ତା' ହାତ ଧରିଦେଲା । ଆଶ୍ଚର୍ଯ୍ୟ ହେଲା ଚରିତ୍ର । ନିଦ ହେଲାନି । ଅସ୍ତବ୍ୟସ୍ତ ହୋଇପଡ଼ିଲା । ବହୁତ ରାତିରେ ଆସିଲା ଝିଅଟି । ତା' ବାପ ଶୋଇଥାଏ ପୂର୍ବପରି । ଆଉ ଏମିତି ଶୋଇଥାଏ ଯେ କିଛି ହୋଇନି । ସକାଳ ହେଲା । ଲୋକେ ନିଜ ନିଜର କାମରେ ବ୍ୟସ୍ତରହିଲେ । ରେଳଗାଡ଼ି ଚାଲିଥାଏ । ଆଶ୍ଚର୍ଯ୍ୟ ହୋଇଗଲା ଚରିତ୍ର ରାତିର ଘଟଣାକୁ ସମସ୍ତେ ଅସ୍ୱୀକାର କରୁଛନ୍ତି ନିଜ ନିଜର ବ୍ୟସ୍ତତା ଆଳରେ । ଚିରାଚରିତ ଘଟଣାଟିଏ ଘଟିଗଲା ଯେମିତି ରାତିରେ ।

ଥରେ ଟ୍ରେନ ବଦଳି ପହଞ୍ଚିଲେ ହାଇଦ୍ରାବାଦ । ସେଠାରୁ ଟ୍ରକ୍‌ରେ ବହୁତ ଦୂରକୁ । ଗୋଟାଏ ଖୋଲା ପଡ଼ିଆ । ଗଛବୃକ୍ଷର ନାଁ ନାହିଁ । ତା'ପରି ତା' ଅଞ୍ଚଳର ହଜାର ହଜାର ପରିବାର । ତାର ପରିବାର ତା' ଠାରୁ ବହୁତ ଦୂରେ । ଲୋକରେ ଦାଦିବୁଢ଼ୀ ଶୁଣଉଥିବା କାହାଣୀର ରାଇଜ । ଘୋଡ଼ାରେ ଗଲେ ସାତଦିନ, ସାତରାତି ।

ଚରିତ୍ର ଆଉ ତା' ଗାଁର ସାଙ୍ଗ ଦୁଇଜଣ ଗୋଟିଏ ଗୁଡ଼ସି ତିଆରି କଲେ । ପଡ଼ିଆ ସଫାକଲେ । ମାଟି ଖୋଳିଲେ । ଇଟା ତିଆରି କଲେ । ସକାଳୁ ଇଟା ଭାଟି ମାଲିକ ଆସିବ । ହାଜିରା ପକେଇବ, ଇଟାର ହିସାବ ଲେଖିନେବ । ଖଟିଖିଆ ମଣିଷ ଚରିତ୍ର । ବୁଧବାର ହେଲା । ସକାଳୁ କାମକଲେ । ସନ୍ଧ୍ୟାରେ ଟଙ୍କା ମିଳିଲା । ମୁନ୍‌ସୀ ବୁଝେଇ ଦେଲା ଚରିତ୍ର ଦଳର ପଥରିଆଙ୍କୁ । ତୁମେ ଦଶ ହଜାର ଇଟା ତିଆରି କରିଛ । ହଜାର ୬୦ ଟଙ୍କା ହିସାବରେ ୬୦୦ ଟଙ୍କା । ଏଡ଼ଭାନ୍ସ ଟଙ୍କା ତିନିଶହ

Digitized by srujanika@gmail.com

କଟିଲା । ତିନିଶହ ତୁମର, ଆଉ ଜଣକୁ ବଜାର କରିବ ୨୦ ଟଙ୍କା । ମୋଟ ତିନିଶହ ଷାଠିଏ ଟଙ୍କା ଦେଲା । ଭାଗହେଲା ଜଣକୁ ଶହେକୋଡ଼ିଏ ଟଙ୍କା । ଚରିତ୍ର କହିଲା, 'କଥା ତ ହଜାର ଛଟାକେ ଛକୁଏର(୧୨୦)ଟଙ୍କା ଛିଡ଼ିଥିଲା ।' ପାଖ ଲୋକ କହିଲା 'ଚୁପ ରହ ଏତ୍‌ଭାନ୍ ଟଙ୍କା ଆଉ ବାକି ହିସାବ କିତାବ ଥି ନେଇ କଟ୍‌ବା ନା କେଁ !' ଚୁପ୍ ହେଲା ଚରିତ୍ର । ପ୍ରତିବାଦ କରିବ ତ କାହାକୁ । ଏତେ ଟଙ୍କାତ ସପ୍ତାହକୁ ସପ୍ତାହ ସବୁବେଳେ ଆସିବ । ସେ ଖଟିବ, ଖୁବ୍ ଖଟିବ । ରୋଜଗାର କରିବ ଖୁବ୍...

ଚା' ପରଦିନ ଅନ୍ୟମାନଙ୍କ ପରି ପାଖବଜାରକୁ ଗଲା ଚରିତ୍ର । ଏଠାରେ ସେ ଜାଣିଲା ଯେ ସେ କାମକରୁଥିବା ଅଞ୍ଚଳ ହେଉଛି ରଙ୍ଗାରେଡ଼ି ପାଖରେ । ବଜାରରେ ଦେଖିଲା ଅତି କମ୍ ଚାଉଳ ଯାହାକୁ କେବଳ ସର୍ଦ୍ଦାରମାନଙ୍କ ଲୋକ କିଣୁଥିଲେ । ଖୁଦ ଯାହାକୁ ତା'ପରି ଅନ୍ୟମାନେ କିଣୁଥିଲେ । ସେ ବି କିଣିଲା କିଲୋ ୬ ଟଙ୍କାରେ ଚାରି କେଜି, ତେଲ ଆଠ ଟଙ୍କା, ମିରଚା ୨ ଟଙ୍କାର, ଲୁଣ ୨ ଟଙ୍କା, ଡ଼ାଲି ୫ଟଙ୍କା, ମାଚିସ ୨ଟି, ବିଡ଼ି ଆଠ ଟଙ୍କାର । ବଜାରରେ ପକୋଡ଼ି ଖାଇଲା ୨ ଟଙ୍କାର, ଆଉ ଚା' ପିଇଲା ଟଙ୍କାଏ ।

ଦିନବେଳେ ସରିଗଲା ଘରୁ ଆଣିଥିବା ଚାଉଳ । ରାତିରେ ରନ୍ଧାହେଲା । ଚରିତ୍ର ପାଟିରେ ପକେଇଲା ଖୁଦ ପଖାଳ । ହଠାତ୍ ମନ ଧାଇଁଗଲା ଘରକୁ । ଚା' ସ୍ତ୍ରୀ ଝିଅ କାନ୍ଦିଲେ ଗୀତ ଗାଇ ଖୁଏଇବ, 'ମୋର ରାନୀ ଖାଏବା ରେଲେଇ ଚାଉଳର ଭାତ... ।' ଆଖିରୁ ଧାରା ବହିଗଲା । ତାର ସାଙ୍ଗ କହିଲା, 'ଏ ବବା ! କାଏଁ ହଉଛୁ ?' ମାଇପ ପରି କାନ୍ଦି ପକେଇଲା ଚରିତ୍ର । 'ଘର ଶୋର ଆସଛେ ଗା ବବା ! ପିଲାଛୁଆ...' କାନ୍ଦିଲା । 'ଏଁ... ହେଁ... । ତୁମ ପଡ଼, ହେ ପିଲାଛୁଆର ଲାଗି ତୋ ପରଦେଶ ଆସିଛୁଁ ।' 'ଖୋବ୍ ଅଭାବ ଦେଖୁଛେଁ ଗା ବବା ! ହେଲେ ଏନ୍ତା ଗୁଲଗୁଲା...'

ଚରିତ୍ର ଦୁଇଜଣ ସାଥିସହ କାମକରେ । ଗୁରୁବାର ବଜାର ଯାଏ । ରାତିରେ ଗୁଡ଼ସିରେ ଶୁଏ । କେବେ କେବେ ବଏଲର କୁକୁଡ଼ାଟିଏ ଆଣନ୍ତି । ଲୁକା ଚୋରାରେ ମଦ ଟିକେ ପିଇ ଘର କଥା ହେଇ ହେଇ ଶୋଇ ପଡ଼ନ୍ତି । ଖରା ବଢ଼ିଲା । ଦିନବେଳେ କାମ କରି ହେଲାନି । ସକାଳୁ ସକାଳୁ ମାଟି ମାଡ଼ିଦେଇ ଶୋଇପଡ଼ନ୍ତି । ଖରା ତେଜ କମିଗଲେ ଖଟନ୍ତି, ଆଉ ଖଟନ୍ତି ଶରୀର ଜବାବ ଦେବା ପର୍ଯ୍ୟନ୍ତ ।

ଫେରିବା ସମୟ ହେଲା । ମୁନ୍‌ସୀ ଆସି ବସିଲା ତାଙ୍କ ଗୁଡ଼ସିରେ । ବୁଝେଇଲା ତମାମ କାମର ହିସାବ । ପୁରା ଇମାନ୍ଦାର । ଟଙ୍କାଟିଏ ଏପଟ ସେପଟ ହେଲାନି । ସର୍ଦ୍ଦାର ପିଲା ଥିଲା ମୁନସୀ ସାଙ୍ଗରେ । ସେ କହିଲା, 'ଗଲା ବେଲକେ ମୁଇଁ ଟିକଟ କରିଦେମି । ଚିନ୍ତା ନେଇ କର, ଯେନ୍ତା ଆନିଥିଲି ସେନ୍ତା ତମର ଘରେ ଛାଡ଼ିଦେମି ।'

ଫେରିଲା । ଡବାକୁ ଚଢ଼ିଲା । ଆସିଲା ବେଳେ ସରଦାର ପିଲା ଡାକିଥିବା ସେ ଝିଅକୁ ଦେଖିଲା । ଝିଅଟିର ଗଠନ ତାକୁ ଠିକ୍ ଲାଗିଲାନି । ପେଟ ଟିକେ ବଢ଼ିଛି ଯେପରି । ଚରିତ୍ରର ମନ ବିଚଳିତ ହେଲା । ଓହ୍ଲେଇ ଯାଇ ଅନ୍ୟ ଡ଼ବାକୁ ଗଲା ।

ସନ୍ଧ୍ୟାରେ ଘରକୁ ଫେରିଲା ଚରିତ୍ର । ସ୍ତ୍ରୀ ତାର ଧୂସର ଶରୀରକୁ ଦେଖି କାନ୍ଦି ପକେଇଲା । ଝିଅ ଖୁସି ହେଲା ନୂଆ ଜାମା ଦେଖି । ପୁଅ ଚିହ୍ନିଲାନି । ସ୍ତ୍ରୀକୁ ବଢ଼େଇ ଦେଲା ଦୁଇ ହଜାର ଟଙ୍କା ଆଉ କିଛି ରେଜା । ପୁଅକୁ କିଛି ପ୍ଲାଷ୍ଟିକ୍ ଖେଳଣା ।

Digitized by srujanika@gmail.com

## ଚରିତ୍ର

ଗାଧୋଇ ଗଲା । ଫେରି ଖାଇଲା । ଶୋଇଲାବେଳେ ସ୍ତ୍ରୀ ତାକୁ ତେଲ ଲଗେଇ ଦେଲା, ଦୁହେଁ ସୁଖ ଦୁଃଖ ହେଲେ । ରାତି ଜଲ୍‌ଦି ଜଲ୍‌ଦି ସରିଯାଉଥାଏ ।

ଏହାପରେ ଦୁଇ ବର୍ଷ ଚରିତ୍ର ଗଲା ଇଟାଗଡ଼ି ହାଇଦ୍ରାବାଦ ।

ତା'ପରେ ମନାକଲା ସ୍ତ୍ରୀ । ଉଇଲ ଦାମ ବି ବଢ଼ୁଇ ନା । ଲେଉ ଥି ଖର୍ଚ୍ଚୁ ଗୋ । ଝି ଜୁଆନ ହେଲା । ତମେ ପରଦେଶ୍ ଗଲେ ମୁଇଁ କାହାକେ ଜଗମି । ଚରିତ୍ରର ମନକୁ ଘାଣ୍ଟିଲା ସେ ପ୍ରଥମ ଯାତ୍ରାର ପ୍ରଥମ ରାତି । ବହୁତ ଚିନ୍ତା କଲା । ସ୍ତ୍ରୀକୁ କହିଲା ଦୁଇଟା ବଡ଼ ମକାର (୧୯୯୬ ଏବଂ ୨୦୦୦) ରାଏପୁର ଆଉ ହାଦ୍ରା ପାର କରାଲା । ଉଇଲର କେଁ ଭରସା ? ଇ ଥର ସଭେ ଯିମା । ସରଦାର ପିଲା ପନ୍ଦର ହଜାର ଟଙ୍କା ଅଗ୍ରୀମ ଦେଲା । ପୁଅ ସ୍କୁଲ ଯାଉଥାଏ, ପ୍ରଥମ ଶ୍ରେଣୀ । ଚରିତ୍ର ଡାକିଗଲା । ପୁଅ ବସ୍ତାନି ଧରି ଘରକୁ ଆସିଲା । ଘରମୁହଁରେ କଣ୍ଟା ଝାପ ଦିଆ ହୋଇଥାଏ । କାଖରେ ବସ୍ତାନି ଧରି ଗାଡ଼ିରେ ଚଢ଼ିଲା । ଟ୍ରେନରେ ବି ବହିବସ୍ତାନି ଛାଡ଼ି ନଥାଏ । ପାଖ ଲୋକ ଥଟ୍ଟାରେ କହିଲେ, ଆମର ବାବୁ ପାଠ ପଢ଼ି ଯାଉଛେ ହାଦ୍ରାକେ । ସମସ୍ତେ ହସିଦେଲେ ।

ଚରିତ୍ରର ପରିବାର ପହଞ୍ଚିଲା ହାଇଦ୍ରାବାଦ । ଏଥର ସେହି ରଙ୍ଗାରେଡ଼୍ଡୀ ଭାଟିରେ କାମ କଲେ । ଫେରିଲାବେଳେ ଆଣିଲା ସାତହଜାର ଟଙ୍କା । କିଛି ଅଘଟଣ ଘଟିଲାନି । ଆଖି ଆଖି ଦେଖୁଥିଲେ ଝିଅକୁ ।

ତା' ପରବର୍ଷ ପୁଣି ଗଲା । ଏଥର କାମକଲା ଗୁଣ୍ଟୁରରେ । ଗାଁ ଲୋକ କେହି ନଥିଲେ । ସମସ୍ତେ ଅଚିହ୍ନା । ଚରିତ୍ର ଅନୁଭବ କଲା ଝିଅର ବୟସକୁ ଆକଟ କରିବାକୁ ଅସମର୍ଥ ହେଇ ପଡୁଛି । ସେଠାରେ ପଡ଼ୋଶୀ ଝିଅଙ୍କ ସହ ମିଶି ନିତ୍ୟକର୍ମ ସାରିବାକୁ ଗଲେ କି ଗାଧୋଇ ଗଲେ ଅହେତୁକ ବିଳମ୍ବ କରୁଛି । ଷୋହଳ ବର୍ଷର ଝିଅ । ଚରିତ୍ର ଆଉ ତା' ସ୍ତ୍ରୀ ସେତେ ଖଟି ପାରିଲେନି । ଦିନେ ଝିଅ ରାନ୍ଧିସାରି କୁଆଡ଼େ ଗଲା । ଚରିତ୍ର ଗୁଡ଼୍‌ସିକୁ ଫେରି ଜାଣିଲା ମୁନସୀ ମାଲିକ ଘରକୁ

Digitized by srujanika@gmail.com

ଡାକି ନେଇଛି କାମ କରିବାକୁ । ପହରେ ରାତିରେ ଝିଅ ଫେରିଲା ତା'ର ପାଖ ସାଙ୍ଗସହ । ଚରିତ୍ର ତାକୁ ଧମକେଇଲା । ଝିଅ ଜବାବ ଦେଲା । ଚରିତ୍ର ତରିଗଲା । ଖାଇଲାନି ରାତିରେ ।

ପରଦିନ ମୁନସୀ ବୁଝେଇଲା ତୋର ଝିଅ ମୋର ଝିଅ । କିଛି ଅସୁବିଧା ହେବନି । ଅନ୍ୟ ଝିଅମାନେ ବି ତ' କାମ କରି ଯାଉଛନ୍ତି, ତାଙ୍କୁ ପଚାର । ଚରିତ୍ର ଚୁପ ପଡ଼ିଲେ ବି ଶାନ୍ତ ହୋଇ ପାରିଲାନି । ନାନା ପାପ ଛୁଇଁଲା ମନକୁ । ଖଟି ପାରିଲାନି । କାମ ବି କରି ପାରିଲାନି । ଅଗ୍ରୀମ ଟଙ୍କା ବି ସୁଝିହେଲାନି । ଫେରିଲା ଗାଁକୁ ।

ସ୍ତ୍ରୀ ଦିନେ କହିଲା ଝିଅର କଥା । ଚରିତ୍ର ମୁଣ୍ଡରେ ଚଡ଼କ ପଡ଼ିଗଲା । ମାଡ଼ପିଟ କଲା ଝିଅକୁ । କରିବ କଣ ? ଦୁଇଜଣ ପିଲାର ନାଁ କହିଲା ଝିଅ । ଜଣେ ନିଜ ଜାତିର ସର୍ଦ୍ଦାର ପିଲା, ଅନ୍ୟଜଣେ ତାର ସହଯୋଗୀ । ମାଲିକର ପୁଅ ବି ତା' ଘରେ ତାକୁ ଜବରଦସ୍ତି କରିଥିବାର କଥା କହିଲା ।

ଚରିତ୍ର ସରଦାର ପିଲା ନିକଟକୁ ଗଲା । ସରଦାର ପିଲା କିଛି ଶୁଣିଲାନି, ଓଲଟା ମାଡ଼ପିଟ କଲା । ଅଚିହ୍ନା ଗାଁ, ସବୁବେଳେ ଯିବା ଆସିବା ଆନ୍ଧ୍ରାକୁ । ଇଏବି ସରଦାର, କେତେବେଳେ କଉକଥା । ଜାତିର ପିଲାତ କିଛି ବି କରିପାରିବ । ଫେରିଲା ଘରକୁ । ତା'ପରେ ଗଲା ଗୋଟିଏ ଛୋଟ ଏନ.ଜି.ଓ କରିଥିବା ସମାଜର ସଭାପତି ନିକଟକୁ । ସଭାପତି ବଡ଼ ବଡ଼ କଥା କହିଲା । ଆଇନ କାନୁନର କଥା କହିଲା । ସରକାରକୁ ଗାଳିଦେଲା । ଦାଦନ କଥା ବୁଝେଇଲା । ହେଲେ କିଛି କଲାନି । ବରଂ ସମାଜର କିଛି ଲୋକ ଏ କଥା ଜାଣି ଛି ଛା କଲେ ।

ଅସହ୍ୟ ହେଲା ଚରିତ୍ରକୁ । ତାକୁ ଆନ୍ଧ୍ରା ନେଇଥିବା ସରଦାର ପିଲାକୁ କହିଲା । ସରଦାର ପିଲା ସବୁ ଜାଣି ଦୁଃଖ କଲା । ତାର ପରାମର୍ଶ ଅନୁସାରେ ସକାଳୁ ଝିଅକୁ ଧରି ଥାନାକୁ ଗଲା । ଥାନାବାବୁ ନଥିଲେ । ଝିଅ ଆଉ ସ୍ତ୍ରୀକୁ ବସେଇ ଖାଇବା ଆଣିଗଲା । ସରଦାର ପିଲା ନାଁରେ ଅଭିଯୋଗ କଲା । ଥାନାରେ ସମସ୍ତେ ଜାଣନ୍ତି ସରଦାର ପିଲାକୁ । ଥାନାର ସମସ୍ତେ ଏହାକୁ ନାନା କଥା ପଚାରୁଥାନ୍ତି । ଝିଅକୁ ବି । ମୁଣ୍ଡଝାଡ଼ି ଝିଅଟି ତାଙ୍କୁ ଉତ୍ତର ଦେଉଥାଏ । ସନ୍ଧ୍ୟା ହେଇ ଆସୁଥାଏ । କନେଷ୍ଟବଲ ଜଣେ ତାକୁ ଚା ଓ ସିଗାରେଟ କିଣି ଯିବାକୁ କହିଲା । ଚରିତ୍ର ହଁ କଲା । ଫେରିଲା, ସ୍ତ୍ରୀ ପାଖରେ ଝିଅ ନ ଥିଲା । ସ୍ତ୍ରୀ ତାକୁ ଇସାରା କଲା । ଭିତରକୁ ଯାଇ ଦେଖିଲା ତାର ରକ୍ତ ଗରମ ହୋଇଗଲା । ଦୌଡ଼ିଯାଇ କନେଷ୍ଟବଲକୁ ଗୋଟିଏ ଚଟକଣା ଦେଲା । ଏତେବେଳେ ଥାନାବାବୁ ପହଞ୍ଚି ସାରିଥିଲେ । କିଛି ନବୁଝି ବାଡ଼େଇଲେ ଚରିତ୍ରକୁ । ଚରିତ୍ର ଚିତ୍କାର କରୁଥାଏ । ଝିଅ ଓ ତା ସ୍ତ୍ରୀ ଥାନାବାବୁର ଗୋଡ଼ ଧରିଲେ । ଥାନାବାବୁ ବୁଟ୍‌ରେ ଗୋଟିଏ ଲାତ ମାରିଲେ । ବାଜିଲା ଝିଅର ପେଟରେ । ଏ ବୁଆ । ବୋଲି ଝିଅଟି ସଂଜ୍ଞାହୀନ ହୋଇପଡ଼ିଲା । ଗ୍ରାମରକ୍ଷୀ ଦୁଇଜଣ ଝିଅର ମୁହଁରେ ପାଣି ଛାଟିଲେ । ଝିଅ ପିନ୍ଧିଥିବା ଶାଢ଼ୀଟି ଅଣ୍ଟା ତଳକୁ ଭିଜି ଯାଉଥିଲା ରକ୍ତରେ । ଥାନା ଗାଡ଼ିରେ ଝିଅ, ଚରିତ୍ର ଓ ସ୍ତ୍ରୀକୁ ଲଦି ନେଇଗଲେ ଗୋଟିଏ ଶୁନଶାନ୍ ଜାଗାକୁ । ଘଣ୍ଟାଏ ପରେ କ୍ୱାକ ଜଣକୁ ଧରି କନେଷ୍ଟବଲଟିଏ ପହଞ୍ଚିଲା ମୋଟରସାଇକେଲରେ । କ୍ୱାକ ଝିଅର ପିନ୍ଧା ଶାଢ଼ୀକୁ ତଳେ ପକେଇ ତା'ଉପରେ ସଂଜ୍ଞାହୀନ ଝିଅକୁ ଶୁଆଇ ଚିକିତ୍ସା କଲା । ଇଂଜେକ୍ସନ ଦେଲା । ଚରିତ୍ର ଓ ତା' ସ୍ତ୍ରୀର ସାମାନ୍ୟ ପ୍ରତିକ୍ରିୟାକୁ ପୋଲିସମାନେ ଧମକେଇ ଚୁପ୍ କରଉଥାନ୍ତି । ଅଧାରାତିରେ ଝିଅର ସଂଜ୍ଞା ଫେରିଲା । ପୋଲିସ ଗାଡ଼ିରେ ସମସ୍ତଙ୍କୁ ଆଣି ଗାଁ ବାଟରେ ଛାଡ଼ି ପୋଲିସମାନେ ପଳେଇଲେ । ଫେରିଲାବେଳେ ଧମକ ଦେଇଗଲେ ଯେ କାହାକୁ କହିଲେ ମାରିଦେବୁ ।

Digitized by srujanika@gmail.com

ଝିଅଟି ଘରୁ ବାହାରିଲାନି । ଅନେକ ଦିନ ପରେ ଲୋକ ଜାଣିଲେ ଝିଅକୁ ଅକାରଣେ ବଦନାମ କରୁଥିଲେ । ଚରିତ୍ର ପୁଅ ଖୋଜିଲା । ଝିଅର ବାହାଘର ପାଇଁ । ତାକୁ ନେଉଥିବା ସରଦାର ପିଲା ବହୁତ ସହଯୋଗ କଲା । ନିଜର ପୁଅ ପରି । ଜୋଇଁ ମିଳିଲା, ଛଅ ଏକର ଜମି-ଦୁଇଭାଇ ଧାନ ଗୁରଜି ଚାଷ କରନ୍ତି, ପିଆଜ ବି । ଦାଦନ ଯାଆନ୍ତି ନାହିଁ । ଲେରକୁ ଗାଁ ମାଷ୍ଟରକୁ କୋଡ଼ିଏ ହଜାର ଟଙ୍କାରେ ବିକି ଝିଅର ବାହାକଲା । ଏନ.ଜି.ଓ କରିଥିବା ସମାଜର ସଭାପତି ଆସି ତାକୁ ପାଞ୍ଚହଜାର ଟଙ୍କା ମାଗିଲା । ଝିଅର ଭବିଷ୍ୟତକୁ ଦେଖି ଚରିତ୍ର ମାରବାଡ଼ି ମହାଜନ ଠାରୁ ପାଞ୍ଚହଜାର ଟଙ୍କା କଳନ୍ତର ଆଣି ସମାଜ ସଭାପତିକୁ ଦେଲା । ତାକୁ ନେଉଥିବା ସରଦାର ପିଲା ଦଶହରା ପରେ ଚରିତ୍ରକୁ ଟଙ୍କା ଧାର ଦେଲା ଋଣ ପରିଶୋଧ କରିବାକୁ । ଏ ବର୍ଷ ଚରିତ୍ର ରାୟପୁରକୁ ଗଲା ।

ତା' ପରବର୍ଷ ଗୋଟିଏ ବଡ଼ ଏନ୍.ଜି.ଓରେ କାମ କରୁଥିବା ପିଲାମାନେ ଆସିଲେ । ସେମାନେ ଆଗରୁ ବି ଆସୁଥିଲେ । ଆନ୍ଧ୍ରକୁ ନଯିବା ପାଇଁ କହୁଥିଲେ । ତାଙ୍କୁ ନାନା କଥା କହି ବୁଝଉଥିଲେ । ସବୁ କଥା ସତ, ହେଲେ ଚରିତ୍ରମାନଙ୍କ ପାଇଁ ଅର୍ଦ୍ଧସତ୍ୟ ହିଁ ଥିଲା । ଏତେକାମ ଏ ଛୋଟପିଲାମାନେ ଦେବେ ଆଉ ଦେଲେବି କେତେଦିନକୁ । ଶୁଣୁଥିଲେ ସମସ୍ତେ, ବାସ୍ ଏତିକି ହିଁ ସହଯୋଗ ଥିଲା ଏନ୍.ଜି.ଓ ପିଲାମାନଙ୍କ ପ୍ରତି । ଆଜିବି ଚରିତ୍ର ଗଲା ସେମାନଙ୍କ କଥା ଶୁଣିବାକୁ । କହିଲେ ତୁମେ କାମ କରିଯାଅ । କାମ କରିଯିବା ତୁମର ଅଧିକାର । ସାରାଦେଶରେ ତୁମେ ଯେଉଁଠି ହେଲେ କାମ କରିପାରିବ । ତମେ ଭଲରେ ଯାଅ, ଭଲ କାମ କର, ଆଉ ଭଲରେ ଆସ । ହେଲେ ତୁମର ସ୍କୁଲ ଯାଉଥିବା ପୁଅ ଝିଅଙ୍କୁ ଆମ ପାଖରେ ଛାଡ଼ିଯାଅ । ଆମେ ତାଙ୍କୁ ଖୁଏଇ ପିଏଇ ପାଠ ପଢ଼େଇବୁ । ଗାଁ ଛାଡ଼ି ଯାଉଥିବା ଲୋକ ପାଠ ପଢ଼େଇବା ପାଇଁ ପୁଅଝିଅଙ୍କ ନାଁ ଲେଖିଲେ । ଏମାନଙ୍କୁ ଏଠାରେ ଖାଦ୍ୟ ସୁରକ୍ଷା ମିଳିଲେ ସେଠାରେ ଅଚିନ୍ତାରେ କାମ କରିହେବ ।

ଚରିତ୍ର ପ୍ରତିବାଦ କଲା, 'ତୁମେମାନେ ତ ଆଙ୍କା ଆଗରୁ ଆସିକରି ଇଟା ବନେଇଯିବାର ଲାଗି ମନା କରୁଥିଲ । ଏଭେ କେନ୍ତା ଯ ବଲିକରି କହୁଛ ! ଆରୁ ଆମର ପିଲାଛୁଆକେ ପାଠ ପଢ଼େଇ ପୁଷମୁଁ ବଲି କହୁଛ ।'

ଥ ଥ ମ ମ ହେଇଗଲେ ଏନ୍.ଜି.ଓ ପିଲାମାନେ । ଗାଁ ଲୋକ ଚରିତ୍ରକୁ ଚୁପ୍ କରେଇଲେ ଏନ୍.ଜି.ଓ ପିଲାମାନଙ୍କ ସପକ୍ଷ ନେଇ । ସାହସ ପାଇ ଜଣେ ପିଲା ଗାଁ ଲୋକଙ୍କୁ ବୁଝେଇଲା ପରି କହିଲା- 'ଆମେରିକା ସରକାର ତୁମର ପିଲାଛୁଆ ଜଣକର ପିଛା ଆଠ ହଜାର ଟଙ୍କା ଖର୍ଚ୍ଚା କରି ଗାଁ ଥି ପାଠ ପଢ଼ାବା, ଖାଏବାର୍ ଲାଗି ଦେବା । ତମେମାନେ ଯଦି ଝଗଡ଼ା କରବ, ଗାଁ ନୁ ସ୍କୁଲ ଉଠିଯିବା ।' ଲୋକେ ଶଙ୍କିଗଲେ- ହଁ ହଁ କଲେ ।

'ହେ ଆଠ ହଜାର ଲେଖା ତମର ଆମେରିକା ସରକାର ଦେଲେ ଆମେ ବିଦେଶକେ ଖଟିଖାଇ କେଁ କରି ଯାଏତୁଁ ? ଚରିତ୍ରର ଏହି ଟିପ୍‌ପଣୀକୁ ଗାଁ ଲୋକ ରଡ଼ିକରି ପ୍ରତ୍ୟାଖ୍ୟାନ କଲେ ଯେପରି ।'

ସ୍କୁଲ୍ ଚାଲିଲା । ଲୋକେ ଗାଁ ଛାଡ଼ିଲେ । ଚରିତ୍ର ବି ସ୍ତ୍ରୀ ଆଉ ପୁଅକୁ ଧରି ଆନ୍ଧ୍ରା ଗଲା । ପୁଅ ସେଠାରେ ଏନ୍.ଜି.ଓ ସ୍କୁଲରେ ପାଠ ପଢ଼ିବ ।

ବର୍ଷେପରେ ଚରିତ୍ରକୁ ଭେଟିଲି । ଝିଅ ତାର ଭଲରେ ଅଛି । ସେ ନିଜେ ଏବେ ଗୋଟିଏ ଟିକିନି ସରଦାର । ଦଶ ପନ୍ଦର ପରିବାର ଧରି ହାଇଦ୍ରାବାଦ ଯାଏ । ଭଲ ରୋଜଗାର କରେ । ମୋବାଇଲଟିଏ ବି ଧରେ ।

Digitized by srujanika@gmail.com

କେବେ କେବେ ଲେବଡ଼ା କି ଠେମେରା ପଟକୁ ଲେବର ପାଇଁ କି କେଉଁ କାମ ପାଇଁ ଗଲେ ଫଟାମୁଡ଼ା ଯିବାକୁ ଭୁଲେନି । ବସେ ଇ.ଆର୍.ଆର୍.ପି ଜମି ଆଉ ଭରାରେ ଗୁମ୍ଫାପରି ଛୋଟଘରେ ସ୍ତ୍ରୀ ସହିତ ଜୀବନ ବିତଉଥିବା ନିପୁତ୍ରୀ ଲୋକକବି ଆନନ୍ଦ ବାଗ୍‌ଙ୍କ ପାଖେ । କହେ, ''ବବା ସେ ଗୀତ ଟିକେ ଗା ।''

ଖଟରେ ବସେ ଚରିତ୍ର, ଆନନ୍ଦ ବାଗ ଗୀତ ଗା'ନ୍ତି- "ଦେଖତରେ ଭାଇ ଶୁନତରେ..." ଚରିତ୍ରର ଆଖି ଲମ୍ବିଯାଏ ଖେତଖଲା ଡେଇଁ ଗଁରେଇ ବରକାନୀ ରାସ୍ତା ସେପାଖ ଦିଗ୍‌ବଳୟ ଭେଦି ହାଇଦ୍ରାବାଦର ଦୂରତା ମାପିବାକୁ ।

*(ଏହାର ସମସ୍ତ ଘଟଣା ସତ୍ୟ ଅଟେ । କେବଳ ସାମାଜିକ ପ୍ରତିବନ୍ଧକ ଯୋଗୁଁ ଚରିତ୍ରର ନାମ ଓ ଠିକଣା ପ୍ରକାଶ ନ କରିବାକୁ ମୁଁ ବଚନବଦ୍ଧ)*

❑❑❑

ଉଦନ୍ତୀ ନଈରେ ଖରାଦିନେ ପାଣିର ଦେଖାମିଳେନା ।
ଚୁଆ ଖୋଳି ପାଣି ସଂଗ୍ରହ କରିବା ବାଧ୍ୟତାମୂଳକ ।

Digitized by srujanika@gmail.com

୯

# ଦାଦନ ଶ୍ରମିକଙ୍କୁ ରାଷ୍ଟ୍ରର ମାନ୍ୟତା ମିଳୁ

ବିଷ୍ଣୁ ପ୍ରସାଦ ଶର୍ମା ।

ବଲାଙ୍ଗିର ଜିଲ୍ଲାର ଗୋଟିଏ ଅଖ୍ୟାତପଲ୍ଲୀ ବିରିପାଲିରୁ ଆସି କଣ୍ଟାବାଞ୍ଜିରେ ଜଣେ ବିଶିଷ୍ଟ ଆଇନଜୀବୀ ଭାବେ ପରିଚିତ । ଅଞ୍ଚଳର ବିଭିନ୍ନ ସାମାଜିକ ସମସ୍ୟା ଉପରେ ଗଭୀର ଅଧ୍ୟୟନ କରନ୍ତି, ଏହା ହେଉଛି ତାଙ୍କର ବିଶେଷତା । ଅଞ୍ଚଳର ବିଶେଷତା ହେଲା ଏହାର ପ୍ରାଚୀନ କୀର୍ତ୍ତିରାଜି ପାଇଁ ଦେଶବିଦେଶର ଗବେଷକ ଓ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ । ଦେଶ ବିଦେଶର ଗଣମାଧ୍ୟମକୁ କେବଳ ଏହାର ସମସ୍ୟା ପାଇଁ ।

ସମସ୍ୟାମାନଙ୍କ ପଛରେ ଥିବା କାରଣ ଏବଂ ଏହାର ଆଇନଗତ ତର୍ଜମା ପାଇଁ ପ୍ରାୟ ସମସ୍ତ ଗଣମାଧ୍ୟମର ପତ୍ରକାର ଶ୍ରୀ ଶର୍ମାଙ୍କ ନିକଟକୁ ଆସିଥାନ୍ତି । ବିଭିନ୍ନ ଅଞ୍ଚଳକୁ ବୁଲନ୍ତି, ଏହାର ତର୍ଜମା କରନ୍ତି ।

ନିମ୍ନରେ ଦିଆଯାଇଥିବା ସାକ୍ଷାତକାର ଔପଚାରିକ ସାକ୍ଷାତକାର ନୁହେଁ । ଦାଦନ ଶ୍ରମିକ ସମସ୍ୟା ଉପରେ ତାଙ୍କ ସହ ଆଲୋଚନା କରିଥିବା ଦୀର୍ଘ ବର୍ଷର ସଂକଳିତ କଥାକୁ ହିଁ କ୍ରମ ଅନୁସାରେ ଉପସ୍ଥାପିତ କରୁଛି- - - -

***ପ୍ରତ୍ୟେକ ସମସ୍ୟାର କାରଣ ଥାଏ । ଦାଦନ ସମସ୍ୟାର କାରଣ କଣ ?***

ପଳାୟନର କାରଣ ପୂର୍ବସ୍ଥିତିରେ ସମସ୍ୟା । ସମୂହ ପଳାୟନ ନିଶ୍ଚିତ ଭାବେ ଐତିହାସିକ, ସାମାଜିକ ଓ ଆର୍ଥିକ ସମସ୍ୟାକୁ ଦାୟୀ କରାଯାଇପାରେ । ଏହାର ବିଧିବଦ୍ଧ ଅଧ୍ୟୟନ ଆଜି ପର୍ଯ୍ୟନ୍ତ ହୋଇନାହିଁ ।

***ଆପଣଙ୍କ ପ୍ରତ୍ୟକ୍ଷ ଅଧ୍ୟୟନ ଯଥେଷ୍ଟ ନୁହେଁ କି ?***

ନା ! କିନ୍ତୁ କିଛି କାରଣ ଯାହା ଆମେ ଦେଖୁଛୁ ସେସବୁ ଉପରେ ଆଲୋଚନା କରାଯାଇପାରେ । ନିରାକରଣ ଦିଗରେ ପ୍ରୟାସ କରାଯାଇପାରେ ।

Digitized by srujanika@gmail.com

***ଇତିହାସକୁ କେଉଁ ପ୍ରକାରେ ଦାୟୀ କରିବା ?***

ଇତିହାସକୁ ନୁହେଁ, କିଛି ଐତିହାସିକ କାରଣକୁ । ପ୍ରଗତୀ ପଥରେ ଇତିହାସର ହିଁ ସହଯୋଗ ରହିଛି କିନ୍ତୁ କିଛି କାରଣ, ଦାଦନ ଶ୍ରମିକ ସମସ୍ୟା ଉପରେ ବିଚାର କଲେ ଏ ଅଞ୍ଚଳ ହଠାତ୍ ରାଜତନ୍ତ୍ରରୁ ଗଣତନ୍ତ୍ରକୁ ଆସିଛି । ଗଣତନ୍ତ୍ର ଶାସନର ଛଅ ଦଶନ୍ଧି ପରେ ବି ଜଣେ ସରକାରୀ କର୍ମଚାରୀ 'ହଜୁର' ବୋଲି ସମ୍ବୋଧିତ ହୋଇଥାଏ । ସାଧାରଣ ଲୋକ ଥାନା, ତହସିଲ କିମ୍ବା ବ୍ଲକ୍‌କୁ ଦେଉଥିବା ଦରଖାସ୍ତରେ 'ଶ୍ରୀ ଛାମୁରେ' ବୋଲି ଉଲ୍ଲେଖ କରନ୍ତି । ଏହା ହେଉଛି ସାମନ୍ତୀୟ ସମ୍ବୋଧନ । କୃଷି ଓ ଜଙ୍ଗଲ ଉପରେ ଅଞ୍ଚଳର ଅର୍ଥନୀତି ନିର୍ଭର କରେ । ରାଜତନ୍ତ୍ରରେ ଆୟର ମୁଖ୍ୟ ସ୍ରୋତ ଥିଲା କୃଷି । କୃଷିରୁ ଆୟବୃଦ୍ଧି ପାଇଁ ଅଭିଜ୍ଞ କୃଷକ ପରିବାରମାନଙ୍କୁ ରାଜାମାନେ ଆଣି ଭଲ ଜମି ଦେଇ ଥଇଥାନ କରେଇଲେ । ପୂର୍ବ ଜମିମାଲିକମାନେ ଉଦ୍‌ବାସ୍ତୁ ହେଲେ । ସେମାନେ ଜଙ୍ଗଲକୁ ପଳେଇଲେ । ରାଜାମାନଙ୍କ ବିରୋଧରେ ସଂଗ୍ରାମ ଜାରି ରଖିଲେ, ଏଇଟା ଭିନ୍ନ କଥା । ଉଦ୍‌ବାସ୍ତୁମାନେ ଥିଲେ ମୂଳ ଆଦିବାସୀ ।

ଅଞ୍ଚଳରେ ଜାତିପ୍ରଥା ସେତେ ଉତ୍କଟ ନଥିଲା । ଆଜିବି ଗାଁର ସାଂସ୍କୃତିକ କାର୍ଯ୍ୟରେ ସମସ୍ତ ଜାତି ଲୋକଙ୍କ ସହଭାଗିତା ଦେଖାଯାଏ । କିନ୍ତୁ ଗଣ୍ଡା ସମ୍ପ୍ରଦାୟକୁ ସାମାଜିକ ଅନ୍ୟାୟର ଶିକାର ହୋଇ ନିଃସ୍ୱ ଓ ନିକୃଷ୍ଟ ହେବାକୁ ପଡ଼ିଲା । ବୟନ ଓ ବାଦନ ଏ ସମ୍ପ୍ରଦାୟର ମୁଖ୍ୟ କାମ ଥିଲା । ଆର୍ଥିକ ବିକାଶ ଲାଗି ବୟନ ଓ ସାଂସ୍କୃତିକ ଦାୟିତ୍ୱ ଲାଗି ବାଦନ । ବୟନ ଶିଳ୍ପ ତାଙ୍କଠାରୁ ଲୁଣ୍ଠିତ ହେବାପରେ ହଠାତ୍ ଗୋଟିଏ ବଡ଼ ଗୋଷ୍ଠୀ ନିଃସ୍ୱ ହୋଇଗଲେ । ଏମାନଙ୍କୁ ନିକୃଷ୍ଟ କାମରେ ନିୟୋଜିତ କରାଗଲା, କେତେ ଅଞ୍ଚଳରେ ଅପରାଧୀ ଗୋଷ୍ଠୀ ଭାବରେ ପରିଚିତ ହେଲେ । ହଠାତ୍ ଗୋଟିଏ

ଆଇନଜୀବୀ ବିଷ୍ଣୁପ୍ରସାଦ ଶର୍ମା

Digitized by srujanika@gmail.com

ଗୋଷ୍ଠୀ କର୍ମଶୂନ୍ୟ ହୋଇଗଲେ ଏହା ସ୍ୱାଭାବିକ କଥା । ଏହାପରେ ଜାତିପ୍ରଥା ଉତ୍କଟ ହୋଇଗଲା ।

*ଯେମିତି ?*

'ନୂଆଖାଇ' ଆମ ଅଞ୍ଚଳର ଗଣପର୍ବ । ଗ୍ରାମ୍ୟ ସୁଷମ ବଣ୍ଟନ ବ୍ୟବସ୍ଥା ଦ୍ୱାରା କୁମ୍ଭାର, ତେଲି, ଧୋବା, ବାରିକ ସମସ୍ତେ ଶସ୍ୟ ବା ଫସଲ ଆକାରରେ ନିଜର ବର୍ଷକର ପାଉଣା ପାଇବେ । ଫସଲ ହେଲେ ସମସ୍ତେ ଖୁସି ହେବେ । ନିଜ ନିଜର କୂଳଦେବୀ ଗ୍ରାମ୍ୟଦେବୀଙ୍କୁ ଅର୍ପଣକରି ଉତ୍ସବ ମାନିବେ । କିନ୍ତୁ ଆଜି ଫସଲ ସମସ୍ତଙ୍କ ଘରକୁ ଯାଉଛିକି ? ନୂଆଖାଇ ପର୍ବପାଇଁ ଆମକୁ ଧାନ କିଣିବାକୁ ବି ପଡୁଛି । ଯାହା ଏ ଅଞ୍ଚଳର ମୂଳ ବ୍ୟବସ୍ଥାରେ ଚିନ୍ତା ବି କରା ଯାଇନଥିବ ।

*ଗଣତନ୍ତ୍ର ପରେ କଣ ହେଲା ?*

ଗଣତନ୍ତ୍ର ପରେ କଣ ହେଲା, ଏହା ପଛର କଥା । କିନ୍ତୁ ସାମାଜିକ ଧାରାର ପ୍ରବାହକୁ ଆଦିବାସୀଙ୍କୁ ଉଦ୍‌ବାସ୍ତୁ କରିବା ଓ ଜାତିପ୍ରଥା ପରି କ୍ରୁର ପ୍ରକ୍ରିୟା ଦୋହଲାଇ ଦେଲା । ତଥାପି ଜମି ଓ ଜଙ୍ଗଲ ପର୍ଯ୍ୟବସିତ ଶିଳ୍ପ ବିକାଶରେ ଲୋକେ ନିଜକୁ ବ୍ୟବସ୍ଥିତ କଲେ । କିନ୍ତୁ ମରୁଡ଼ିର କ୍ରମାଗତ ଆଘାତ ସମ୍ପୂର୍ଣ୍ଣ ଗ୍ରାମ୍ୟ ପରମ୍ପରା ଓ ଅର୍ଥନୀତିକୁ ନଷ୍ଟ କରିଦେଲା । ଏ ଭିତରେ ଗଣତନ୍ତ୍ରର ପ୍ରବେଶ କାଳ । ଯାହା ପୋଲିସ, ତହସିଲ୍, ବ୍ଲକ୍ ଓ ଜଙ୍ଗଲ କର୍ମଚାରୀଙ୍କ ସାମର୍ଥ୍ୟ ଭାବରେ ହିଁ ଲୋକଙ୍କ ସାମ୍ନାକୁ ଆସିଲା । ଲୋକେ ଭୋଟଦେବା ଜାଣିଲେ । ଗୋଟିଏ ପ୍ରକାରେ କହିଲେ ଗଣତନ୍ତ୍ର ପାଇଁ ସେମିତି ପୂର୍ବ ପ୍ରସ୍ତୁତି ନଥିଲା ଲୋକଙ୍କ । ସମୟ ଆସିଲା, ପରିବର୍ତ୍ତନ ହେଲା । ବହୁ ପରିବର୍ତ୍ତନକୁ ଦେଖିଥିବା ଗୋଟିଏ ଅଞ୍ଚଳ ପାଇଁ ଗଣତନ୍ତ୍ର ସେମିତି କିଛି ଆଶ୍ୱାସନା ଆଣି ନଥିଲା ।

*ମରୁଡ଼ିର ପ୍ରଭାବ କିପରି ରହିଲା ?*

ଇତିହାସରୁ ଯାହା ଜାଣୁ ୧୮୬୫ ମସିହାରେ ଓଡ଼ିଶାରେ ବର୍ଷାଭାବ ଦେଖାଗଲା । ନ'ଅଙ୍କ ଦୁର୍ଭିକ୍ଷରେ ଲକ୍ଷାଧିକ ଲୋକ ମଲେ । ତା'ପରେ କ୍ରମାଗତ ମରୁଡ଼ି । ପ୍ରତି ତିନିବର୍ଷରେ ଥରେ ମରୁଡ଼ି ପଡ଼ିଲା, ଆଠ/ନଅ ବର୍ଷରେ ଥରେ ବଡ଼ ମରୁଡ଼ି ପଡ଼ିଲା । ମରୁଡ଼ି କେବଳ ଜମିରେ ନୁହେଁ , ଜଙ୍ଗଲରେ ବି ପଡ଼େ । ଫଳରେ ଲୋକଙ୍କ ଖାଦ୍ୟ ସୁରକ୍ଷାପାଇଁ ଆଉ ଉପାୟ ରହିଲା ନାହିଁ । ବର୍ଷାଭାବ ଭୂତଳ ଜଳ ଉପରେ ବି ପ୍ରଭାବ ପକାଏ । ଫଳରେ ରବି ଫସଲର ଅମଳ ଉପରେ ବି ପ୍ରଭାବ ପଡ଼ିଲା ।

ଏ ସମୟମାନଙ୍କରେ ଅର୍ଥନୀତିରେ ସାମନ୍ତୀୟ ପ୍ରଭାବ ବିସ୍ତାର ଲାଭକଲା ଓ ବଳବତ୍ତର ରହିଲା । ଛୋଟ ଚାଷୀମାନେ ଜମିରୁ ବିମୁଖ ହେଲେ । ବଡ଼ଚାଷୀଙ୍କୁ ଗାଁ ମହାଜନଙ୍କୁ ନିଜର ଜମିମାନ ବିକ୍ରିକଲେ ଅଥବା ସ୍ଥାନୀୟ ନିୟମରେ ଦେଲେ ଯେପରି ଉଢ଼େନ, ବୁଢ଼େନ, କର, ବନ୍ଧା ପରି ସ୍ଥାନୀୟ ସାମନ୍ତୀୟ ନିୟମରେ । ବିକ୍ରିଜମି ବ୍ୟତୀତ ଅନ୍ୟ ଜମିର ରକ୍ଷଣାବେକ୍ଷଣ ଠିକ୍ ହୋଇପାରିଲାନି । କଦବା କେମିତି ନିଜ ଜମି ଫେରିପାଇଲେ, ତା'ଉପରେ ଅମଳ ଭଲ ହେଲାନି । ଗୋଟିଏ କଥାରୁ ଅନୁମାନ କରାଯାଇପାରେ ଗାଁର ସମସ୍ତ ଚାଷ ଉପକରଣ ଲୁହୁରା ତିଆରି ଓ ମରାମତି କରେ । ବର୍ଷତମାମ ଲୁହୁରାକୁ କାମର ଅଭାବ ରହେନି । ଦେଖା ଯାଇଛି ଏହି ଲୁହୁରା ମଧ୍ୟ ଦାଦନ ଯାଉଛି । କାରଣ ତାକୁ କାମ ମିଳୁନି । ତାର ଗୋଟିଏ କାରଣ ଅନେକ ଲୋକ ଚାଷ ଛାଡ଼ିଦେଲେ । ଏ କଥାକୁ 'ବୈଦ୍ୟନାଥ ମିଶ୍ର କମିଶନ' ସ୍ପଷ୍ଟ କରେ- ୧୯୭୦ ମସିହା ପର୍ଯ୍ୟନ୍ତ ଯେଉଁ ଜମି

Digitized by srujanika@gmail.com

୪୦ଭାଗ ଲୋକଙ୍କ ନିକଟରେ ଥିଲା, ୨୦ବର୍ଷ ପରେ ତାହା ୨୦ଭାଗରୁ କମ୍ ଲୋକଙ୍କ ନିକଟରେ ରହିଅଛି ।

ସାମନ୍ତୀୟ ଅର୍ଥନୀତିର ପ୍ରଭାବ ମହାଜନୀ କାରବାରକୁ ପୁଷ୍ଟ କଲା । ଜମିହରା ହୋଇ ଲୋକେ କର୍ମଶୂନ୍ୟ ହେଲେ । ପୂର୍ବରୁ ଗଣ୍ଡା ସମ୍ପ୍ରଦାୟର ଲୋକଙ୍କୁ ଶ୍ରମ ଶୋଷଣ କରାଯାଉଥିଲା ପରେ, ଅନ୍ୟ ସମ୍ପ୍ରଦାୟକୁ । ୧୯୬୫ମସିହା ଥିଲା ଓଡ଼ିଶା ମରୁଡ଼ିର ଶହେ ବର୍ଷ । ଏକ ଶତକ ଧରି ଆଘାତ ଲୋକଙ୍କ ମେରୁଦଣ୍ଡ ଭାଙ୍ଗି ସାରିଥିଲା । ଏତେବେଳେ ଲୋକେ ପ୍ରଥମକରି ରାୟପୁର, ଦୁର୍ଗ ଅଞ୍ଚଳକୁ ପଳାୟନ କଲେ, ମୁଖ୍ୟତଃ ହରିଜନ ସମ୍ପ୍ରଦାୟର । ପରେ ଅନ୍ୟ ସମ୍ପ୍ରଦାୟର ଲୋକ ଗଲେ । କୌଣସି ବ୍ୟକ୍ତିସମୂହ ନୁହେଁ, ପ୍ରଥମେ ସମ୍ପ୍ରଦାୟ ହିସାବରେ ପଳାୟନ କଲେ । ଏ ଅଞ୍ଚଳର ସମାଜ ଓ ଅର୍ଥନୀତି ସମ୍ପ୍ରଦାୟ ଆଧାରିତ ଥିଲା ।

୧୯୬୬ ମସିହାରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ମରୁଡ଼ି ପ୍ରଭାବିତ ଅଞ୍ଚଳ ବୁଲି ଲୋକଙ୍କ ଅବସ୍ଥା ଦେଖି ଶୀଘ୍ର ଉପଶମ ପାଇଁ ଜଙ୍ଗଲକୁ ରିଲିଫ୍ ଆକାରରେ ଦେଲେ । ପ୍ରକୃତିକୁ ପୂଜା କରୁଥିବା ଲୋକେ ଜଙ୍ଗଲର ବ୍ୟବସାୟ କରି ଜାଣିନଥିଲେ । ଏହାର ସୁଯୋଗ ନେଲେ କେତେକ ହାତଗଣତି ଚାଲାକ୍ ଲୋକ । ଖାଦ୍ୟ ବଦଳରେ ଲୋକଙ୍କୁ ଜଙ୍ଗଲ କାଟି ମଗେଇଲେ ଓ ବାହାର ରାଜ୍ୟକୁ ନେଇ କାଠ ବିକିଲେ । ଏହାପରେ ଜଙ୍ଗଲ ତସ୍କରୀ ଆରମ୍ଭ ହେଲା ।

ପାଟଣା ଷ୍ଟେଟରେ ୧୯୩୬ ମସିହା ବେଳକୁ ୩୬% ଜମି ଜଳସେଚିତ ଥିଲା । ପରେ ଏହା ନଷ୍ଟ ହୋଇଗଲା । 'ପାରମ୍ପରିକ ଜଳସେଚନକୁ ଉପେକ୍ଷା' ଅପେକ୍ଷା ଉପରୋକ୍ତ କାରଣମାନ ଏଥିଲାଗି ଦାୟୀ ଥିଲା ।

*୧୯୬୫ ପରେ ମଧ ମରୁଡ଼ି ପଡ଼ିଛି ?*

ପଳାୟନର ମାତ୍ରା ବି ବଢ଼ିଛି । ପଳାୟନ ଲୋକଙ୍କପାଇଁ ସମସ୍ୟା ନୁହେଁ ଏହାକୁ ସମାଧାନ ଆକାରରେ କୁର ନିଷ୍ପତ୍ତି ନେଇଛନ୍ତି ଏ ଅଞ୍ଚଳର ପ୍ରତିବାଦବିହୀନ ମଣିଷମାନେ ।

*ଯାଆନ୍ତି କୁଆଡ଼େ ?*

ଦେଶର ବିଭିନ୍ନ ପ୍ରାନ୍ତକୁ । ମୁଖ୍ୟତଃ ଆନ୍ଧ୍ରପ୍ରଦେଶର ଇଟାଭାଟି, ମଧ୍ୟପ୍ରଦେଶର ପଥର ଖାଦାନ, ଛତିଶଗଡ଼ର ପରିବା ବଗିଚା, କଳକାରଖାନା, ହୋଟେଲ, ମୁମ୍ବାଇର ନିର୍ମାଣ ଶିଳ୍ପ ଇତ୍ୟାଦି ଅଞ୍ଚଳକୁ ଯାଇଥାନ୍ତି ।

ବର୍ତ୍ତମାନ ଦେଖାଯାଉଛି ଦେଶର ବିଭିନ୍ନ ଅଞ୍ଚଳରେ ବିକାଶ ତଥା କର୍ମନିଯୁକ୍ତି ସୁଯୋଗର ଅସମାନତା ଉଦ୍‌ବେଗଜନକ ହୋଇଛି । ବିଭିନ୍ନ କାର୍ଯ୍ୟକ୍ଷେତ୍ର ଓ ଗୋଷ୍ଠି ମଧ୍ୟରେ ଆୟର ବ୍ୟବଧାନ ବ୍ୟାପକ ସ୍ତରର ହେଉଛି । ପରିଣାମ ଏହା ହେଉଛି କମ୍ ବିକଶିତ ଓ କମ ଆୟଗୋଷ୍ଠି ବିକଶିତ ଓ ଆୟର ସୁଯୋଗ ଥିବା ଅଞ୍ଚଳକୁ ସାମୂହିକ ପଳାୟନ କରୁଛନ୍ତି । ବିକାଶର ଅସମାନତା ପରି ରୋଗର ଶ୍ରମିକ ସାମୂହିକ ପଳାୟନ ଏକ ଲକ୍ଷଣ ।

*ସାମୂହିକ ପଳାୟନ ନିଶ୍ଚିତ ଗୋଟିଏ ବ୍ୟବସ୍ଥିତ ଢଙ୍ଗରେ ଚାଲୁଥିବ ?*

ହଁ । ଏହି ବିକଟ ପରିସ୍ଥିତିର ଆଇନଗତ ଉପଶମ ପାଇଁ, ଏକମାତ୍ର ରାଜ୍ୟ ଓଡ଼ିଶା ଦାଦନ ଶ୍ରମିକ ଆଇନ-୧୯୭୫ ପ୍ରସ୍ତୁତ କରିଥିଲେ । ଏଥିରେ ରାଜ୍ୟ ତରଫରୁ ଦଲାଲମାନଙ୍କୁ ଲାଇସେନ୍ସ ପ୍ରଦାନ କରିବା ବ୍ୟବସ୍ଥା ରଖାଯାଇଥିଲା । ଶ୍ରମିକମାନଙ୍କ ଉପରେ ପୋଲିସ୍‌ର ଅଙ୍କୁଶ ରହିଲା ।

Digitized by srujanika@gmail.com

ପୂର୍ବରୁ ବାହାର ରାଜ୍ୟରୁ ଆସି ଶ୍ରମିକମାନଙ୍କୁ ନେଉଥିଲେ । ଯେଉଁମାନଙ୍କୁ ଠିକାଦାର କୁହାଯାଉଥିଲା । ପୋଲିସ୍‌ର ହସ୍ତକ୍ଷେପ ଫଳରେ ସେମାନେ ସ୍ଥାନୀୟ ଲୋକର ସହଯୋଗ ଲୋଡ଼ିଲେ । ପରେ ସ୍ଥାନୀୟ ଲୋକର ପ୍ରଭାବ ରହିଲା । ସେମାନେ ଦଲାଲ ବା ସରଦାର ହେଲେ ।

ଓଡ଼ିଶା ଦାଦନ ଶ୍ରମିକ ଆଇନ-୧୯୭୫ ଦ୍ୱାରା ଦାଦନ ଶ୍ରମିକର ଜୀବନମାନରେ କୌଣସି ଉନ୍ନତି ନହୋଇ ଶ୍ରମିକ ଶୋଷଣ ବ୍ୟବସ୍ଥା ବଳବତ୍ତର ଥିବାରୁ ଭାରତର ପାର୍ଲ୍ୟାମେଣ୍ଟ ଦାଦନ ଶ୍ରମିକଙ୍କୁ ଶୋଷଣରୁ ରକ୍ଷା କରିବାପାଇଁ ଏକ ନୂଆ ଆଇନ 'the inter-state migrant workman(regulation of employment & condition of service)Act-1979 ତିଆରି କରାଗଲା । ଏ ଆଇନର ଉଦ୍ଦେଶ୍ୟ କହେ ଓଡ଼ିଶାର ଦାଦନ ଶ୍ରମିକମାନଙ୍କ ଉପରେ ହେଉଥିବା ଶୋଷଣକୁ ନେଇ ସାଂସଦମାନେ ନିଜର ଚିନ୍ତା ପ୍ରକଟ କରିଛନ୍ତି ।

***ଫଳ କଣ ହେଲା ?***

୧୯୮୦ ପର୍ଯ୍ୟନ୍ତ ଜିଲ୍ଲାରୁ ଦୁଇଲକ୍ଷ ଶ୍ରମିକ ଯାଉଥିବାର ଅନୁମାନ କରାଯାଏ । ଏହା କ୍ରମାଗତ ବଢ଼ିଛି । ୧୯୮୭ ମସିହାରେ ଜିଲ୍ଲା ପ୍ରଶାସନ ଜିଲ୍ଲାରୁ ଜଣେ ବି ଶ୍ରମିକ ଯାଇ ନଥିବାର ରିପୋର୍ଟ ବିଧାନସଭାକୁ ଦେଇଥିଲେ, ଯାହା ମିଛ ହିଁ ଥିଲା ।

ପ୍ରଶାସନର ଏତାଦୃଶ ବ୍ୟବହାର ଗୋଟିଏ ଅନ୍ଧାର ପଟକୁ ଇଙ୍ଗିତ କରିଥାଏ । ଲକ୍ଷାଧିକ ଶ୍ରମିକଙ୍କୁ ଗୋଟିଏ ସମୟ ଭିତରେ ନେବାପାଇଁ ଗ୍ରାମସ୍ତରରେ ଚିକିନି ସରଦାର, ତା' ଉପରେ ସରଦାର ରହିଥାନ୍ତି । ଏମାନେ ଶ୍ରମିକମାନଙ୍କୁ ଅଗ୍ରୀମଦେଇ କଣ୍ଟାବାଞ୍ଜି ରେଳଷ୍ଟେସନ ପହଞ୍ଚେଇଥାନ୍ତି । ତା'ପରେ ଆନ୍ଧ୍ରପ୍ରଦେଶ ଇଟାଭାଟି ମାଲିକଙ୍କ ବରାଦ ଅନୁସାରେ ଶ୍ରମିକ ଯୋଗାଯାଇଥାଏ ।

ଏହି ପ୍ରକ୍ରିୟା ସ୍ଥାନୀୟ ପ୍ରଶାସନସଙ୍ଗେ ଉତ୍ତମ ବୁଝାମଣା ନ ରଖିଲେ ଏହାର ସୂଚାରୁ ପରିଚାଳନା ଅସମ୍ଭବ । ଯେଉଁମାନେ ସରଦାର ବା ଦଲାଲ୍, ସେମାନେ ନିମ୍ନ ଆୟବର୍ଗର ସ୍ୱଳ୍ପ ଶିକ୍ଷିତ, ଭୂତପୂର୍ବ ଦାଦନମାନେ ହିଁ ଥାନ୍ତି । ଏମାନେ ଏତେ ପ୍ରକ୍ରିୟାକୁ ଯିବା ଅପେକ୍ଷା ସ୍ଥାନୀୟ ପୋଲିସ୍‌କୁ ତୁଷ୍ଟ କଲେ କାମ ସରିଲା । ଅର୍ଥାତ୍ ଆଇନ ତିଆରିର ତିନି ଦଶନ୍ଧି ପରେ ଆମେ ନିଷ୍ଫଳ ହେଇଛୁ ।

***କାରଣ ?***

ଶ୍ରମିକଶୋଷଣ ବଳବତ୍ତର ରହିଛି । ଶ୍ରମିକ ସ୍ଥାନାନ୍ତରଣ ପ୍ରକ୍ରିୟାରେ ଶ୍ରମିକ ଅପହରଣ, ଶାରୀରିକ ନିର୍ଯାତନା, ଅପମୃତ୍ୟୁ, ଶ୍ରମିକ ଅଟକ, ଶ୍ରମିକ ବନ୍ଧକ, ଟ୍ରେନ୍‌ରେ ଗଲାବେଳେ ଅଣନିଶ୍ୱାସୀ ହୋଇ ମୃତ୍ୟୁବରଣ କରିବା, ନିଖୋଜ ହେବା, ମଜୁରୀ ପ୍ରାପ୍ତିରେ ଅବହେଳା, ମହିଳାମାନଙ୍କ ପ୍ରତି ଯୌନ ନିର୍ଯାତନା, ବେଆଇନ ଅସୁଲି ପରି ଅନେକ ଅମାନବୀୟ ଘଟଣାର ଶିକାର ହେଉଛନ୍ତି ଶ୍ରମିକମାନେ । ଶୋଷଣର ଏହି ପ୍ରକ୍ରିୟାକୁ ପୋଲିସ୍, ଦଲାଲ, ଗୁଣ୍ଡା ଓ କେତେକ ଭ୍ରଷ୍ଟ ପ୍ରଶାସନିକ ଅଧିକାରୀଙ୍କ ସକ୍ରିୟ ସହଯୋଗ ଥିବା ଅଭିଯୋଗ ମିଛ ନୁହେଁ । ଅଞ୍ଚଳରୁ ପଳାୟନ କରୁଥିବା ବହୁ ଯୁବତୀ ବର୍ତ୍ତମାନ ସୁଦ୍ଧା ନିଖୋଜ ଅଛନ୍ତି । ନିଜ ପରିଜନମାନଙ୍କୁ ବେଆଇନ ଅଟକବନ୍ଦୀରୁ ପ୍ରଶାସନର ଅସହଯୋଗ ଯୋଗୁଁ ମୁକୁଳେଇ ନପାରି ନିରାଶ ହୋଇ ସାତବର୍ଷର ଶିଶୁ ଅଦାଲତରେ ଗୁହାରି କରିବାର ଦୃଷ୍ଟାନ୍ତ ଅଛି । ଅନେକ ହତଭାଗା ଶ୍ରମିକ ବିକଳାଙ୍ଗ ହୋଇ ବିନା କ୍ଷତିପୂରଣ ଓ ଯତ୍ନରେ ଦୁର୍ବିସହ ଜୀବନ ଅତିବାହିତ କରୁଛନ୍ତି ଓ ଅନେକେ ମୃତ୍ୟୁମୁଖରେ ମଧ ପଡୁଛନ୍ତି । ତା'ସତ୍ତ୍ୱେ ମଧ ପ୍ରତିବର୍ଷ ଏ ଅଞ୍ଚଳରୁ ଲୋକେ ପଳାୟନ କରିବାକୁ ବିବଶ ହେଉଛନ୍ତି ।

Digitized by srujanika@gmail.com

*ଆଇନର ଭୁଲ୍ ଯୋଗୁଁ ?*

ଶ୍ରମିକ ଆଇନ ଓ ସମ୍ବିଧାନ ପରସ୍ପର ବିରୁଦ୍ଧ । ଭାରତର ସମସ୍ତ ନାଗରିକଙ୍କୁ ଗାରିମାମୟ ଜୀବନ ଦେବାର ସାମ୍ବିଧାନିକ ଶପଥ ଆମେ ନେଇଛୁ । ଏହି ସମ୍ବିଧାନର ୧୯ଧାରା ଅନୁସାରେ ଜୀବନଜୀବିକା ପାଇଁ ଯେକୌଣସି ନାଗରିକ ଦେଶର ଯେକୌଣସି ଅଞ୍ଚଳକୁ ଯାଇ ପାରିବା ଏକ ମୌଳିକ ଅଧିକାର । ବରଂ ରାଜ୍ୟ ବାହାରକୁ ଯାଉଥିବା ଦାଦନ ଶ୍ରମିକମାନଙ୍କୁ ଓଡ଼ିଶା ଫ୍ୟାମିଲି ଚ୍ୟାରିଟେବୁଲ ରିଲିଫ୍ ଫଣ୍ଡର ଧାରା ୩ର (୪) ଓ (୮) ରେ ଥିବା ବ୍ୟବସ୍ଥା ଅନୁଯାୟୀ ଆର୍ଥିକ ସାହାଯ୍ୟ ଦେବା ଉଚିତ । ୧୯୭୯ ଆଇନ ଦଲାଲର ଭୂମିକାକୁ ସ୍ୱୀକାର କରେ, ଫଳତଃ ଶ୍ରମିକ ଚାଲାଣ କରି ମଣିଷ ଦୂର୍ବ୍ୟାପାର ପରି ଏକ ଅସାମ୍ବିଧାନିକ ବ୍ୟବସ୍ଥାକୁ ସ୍ୱୀକୃତି ଦେଇଛି । ଏ ଆଇନକୁ ଭଲକରି ଅନୁମାନ କଲେ ଏହା ପ୍ରବାସୀ ଶ୍ରମିକମାନଙ୍କୁ ନିୟନ୍ତ୍ରଣ ଓ ସର୍ତ୍ତ ନିର୍ଦ୍ଧାରଣର ଉଦ୍ଦେଶ୍ୟ ରଖାଯାଇଛି । ଶ୍ରମିକ କଲ୍ୟାଣ ପାଇଁ ସର୍ଦ୍ଦାରମାନଙ୍କୁ କେତେକ ଦାୟିତ୍ୱ ଦିଆଯାଇଛି । ଯଥା- କାର୍ଯ୍ୟସ୍ଥଳରେ କାର୍ଯ୍ୟ କଲାବେଳେ ବାସସ୍ଥାନର ବ୍ୟବସ୍ଥା କରିବା, ଔଷଧର ବ୍ୟବସ୍ଥା କରିବା, ଯାତାୟତର ଖର୍ଚ୍ଚବହନ କରିବା, ନିୟମିତ ମଜୁରୀଦେବା, ସ୍ତ୍ରୀ-ପୁରୁଷ ନିର୍ବିଶେଷରେ ସମାନ କାମରେ ସମାନ ମଜୁରୀଦେବା । କିନ୍ତୁ ପ୍ରତିବର୍ଷ ଶହ ଶହ ଘଟଣା ଓ ଇଟାଭାଟିର କାର୍ଯ୍ୟସ୍ଥଳୀ ଏହାକୁ ଭୁଲ ପ୍ରମାଣ କରେ ।

ବିଭିନ୍ନ ବୀମାକମ୍ପାନୀ ଦାଦନ ଶ୍ରମିକମାନଙ୍କ ନାମରେ ଟଙ୍କା ନେଉଥିଲେ ମଧ୍ୟ ଜଣକୁ ବି ଟଙ୍କା ଦିଆ ଯାଇଥିବାର ଉଦାହରଣ ନାହିଁ ।

ଏହି ଆଇନ ସମାନ କାମ ପାଇଁ ସମାନ ମଜୁରୀ ଦେବାକଥା କହେ । ଯାହା ପାଇଁ କେନ୍ଦ୍ର ଆଇନର ଆଠ/ନଅଟି ଆଇନ ରହିଅଛି, ଯାହା ଦାଦନ ଶ୍ରମିକମାନଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ ।

୧୯୭୯ ଆଇନ ମାତ୍ରାଧିକ ରୂପେ ଦଲାଲମାନଙ୍କ ଉପରେ ନିର୍ଭରଶୀଳ । ଯେଉଁମାନଙ୍କୁ ଲାଇସେନ୍ସ ଦିଆଯାଏ, ସେମାନଙ୍କୁ ଏହି ଆଇନର ସ୍ଥାନ ଦେଖାଯାଏ ନାହିଁ । କେବଳ ବଲାଙ୍ଗିର ଜିଲ୍ଲାରେ ହଜାର ସଂଖ୍ୟାରେ ଦଲାଲ୍ ଅଛନ୍ତି । ଦଲାଲମାନଙ୍କ ହାତରେ ଲକ୍ଷାଧିକ ଶ୍ରମିକମାନଙ୍କ ଭାଗ୍ୟ ଓ ଦାୟିତ୍ୱ ଦେଇ ଭାରତ ଭଳି ଏକ ଗଣତାନ୍ତ୍ରିକ ଜନମଙ୍ଗଳ ରାଷ୍ଟ୍ରର ସରକାର ନିଜକୁ ସାମ୍ବିଧାନିକ ଦାୟିତ୍ୱରୁ ଓହରେଇ ନେଇ ନିଶ୍ଚିତ ହୋଇଯିବା ଏକ ଉଦ୍‌ବେଗଜନକ ବିଷୟ ।

ଏହିପରି ଦଲାଲମାନଙ୍କଠାରୁ କ୍ଷତିଗ୍ରସ୍ତ ଶ୍ରମିକମାନେ ଯେ ଉପଯୁକ୍ତ କ୍ଷତିପୂରଣ ବା ନ୍ୟାୟସଙ୍ଗତ ଶ୍ରମ ବ୍ୟବସ୍ଥା ପାଇବେ, ତାହା ଆଶା କରିବ ବୃଥା ।

*ଶ୍ରମ ବିଭାଗର ଦାୟିତ୍ୱ ଏଠାରେ ସରିଯାଏ କି ?*

ଓଡ଼ିଶାରେ ପ୍ରଚଳିତ ନିୟମାବଳୀରେ ଶ୍ରମିକମାନଙ୍କୁ ଚାଲାଣ କରିବାର ଲାଇସେନ୍ସ ଦେଲାବେଳେ ବୀମାକୁ ଆଇନଗତ ବାଧ୍ୟ କରାଯାଇନାହିଁ । ତଥା ଦଲାଲମାନଙ୍କୁ ୧୭ରୁ ଉର୍ଦ୍ଧ୍ୱ ରେଜିଷ୍ଟର ଓ ସହସ୍ରାଧିକ ତଥ୍ୟ ଇଂରାଜୀରେ ଲେଖିବାକୁ କୁହାଯାଇଛି । ଶ୍ରମ ବିଭାଗ ଦାଦନ ଶ୍ରମିକମାନଙ୍କ ତାଲିକା ପ୍ରସ୍ତୁତ କରିବାରେ ସକ୍ଷମ ହେଉନଥିବାବେଳେ ଦଲାଲଙ୍କଠାରୁ ତାହା ଆଶା କରିବା ବୃଥା । ମୁଁ ଜାଣିବାରେ ବଲାଙ୍ଗିର ଜିଲ୍ଲାରେ ଏପରି କୌଣସି ରେଜିଷ୍ଟର କେହିମଧ୍ୟ ପ୍ରସ୍ତୁତ କରନ୍ତି ନାହିଁ । କୌଣସି ଶ୍ରମିକ ଚାଲାଣ କରିବାକୁ ହେଲେ ସେହି ରାଜ୍ୟର ପଞ୍ଜିକୃତ ଅନୁଷ୍ଠାନରେ ହିଁ ପ୍ରବାସୀ ଶ୍ରମିକମାନେ କାମ କରିବାର ଆଇନଗତ ବ୍ୟବସ୍ଥା ଅଛି । ଏହା କର୍ମନିଯୁକ୍ତି ସୁଯୋଗକୁ ସଙ୍କୁଚିତ

Digitized by srujanika@gmail.com

କରିଥାଏ । ସେହିପରି ପଞ୍ଜିକୃତ ଅନୁଷ୍ଠାନମାନଙ୍କର ତାଲିକା କୌଣସି ଶ୍ରମ ବିଭାଗ, ବିଶେଷକରି ଦାଦନ ପ୍ରବଣ ଅଞ୍ଚଳର ଶ୍ରମ ବିଭାଗ ପାଖରେ ନାହିଁ ।

ଶ୍ରମିକ କାମ ଅନ୍ୱେଷଣରେ ଭିଟାମାଟି ଛାଡ଼ିଲାପରେ ଶୋଷଣ, ଠକାମୀ ଉତ୍ପୀଡ଼ନର ସମ୍ଭାବନା ବହୁଗୁଣରେ ବଢ଼ିଯାଏ । ସେ ଆନ୍ଧ୍ରପ୍ରଦେଶର ଇଟାଭାଟି ହେଉ ବା ନିଜ ରାଜ୍ୟର ପାରାଦ୍ୱୀପ, ଢେଙ୍କାନାଳ, କେନ୍ଦ୍ରାପଡ଼ା ହେଉ ସବୁଠି ସେ ନିର୍ଯାତିତ ହୁଏ । ତା'ପାଇଁ ରାଜ୍ୟସୀମା ଗୁରୁତ୍ୱ ନୁହେଁ । କିନ୍ତୁ ଏହି ଆଇନ ରାଜ୍ୟ ଭିତରେ ହେଉଥିବା ସ୍ଥାନାନ୍ତରିତ ଶ୍ରମିକ ନିର୍ଯାତନା ପାଇଁ ଲାଗୁ ହୁଏ ନାହିଁ, କେବଳ ରାଜ୍ୟସୀମା ଅତିକ୍ରମ କଲେ ହିଁ ଏହି ଆଇନ ଲାଗୁ ହୁଏ ।

***ଅର୍ଥାତ ଆଇନ ଓ ଶ୍ରମ ବିଭାଗ ନିଜ ବାଟରେ ଓ ଶ୍ରମିକ ଚାଲାଣ ନିଜ ବାଟରେ ?***

ହଁ ।

***ଆଶଙ୍କା ନିଶ୍ଚୟ ଥିବ ?***

ନିଶ୍ଚୟ ଅଛି, ଯାହା ଆମେ ପ୍ରତିବର୍ଷ ଦେଖୁଛୁ । ଶ୍ରମିକମାନେ ଗଲାବେଳେ ରେଲୱେ କର୍ମଚାରୀ, ସ୍ଥାନୀୟ ଭ୍ରଷ୍ଟ ପ୍ରଶାସନ ଓ ପୋଲିସ୍‌ର ଉତ୍ପୀଡ଼ନର ଶିକାର ହୁଅନ୍ତି । ଏଥିପାଇଁ ଶ୍ରମିକମାନେ ଦଲାଲର ଆବଶ୍ୟକ କରନ୍ତି । ବହିର୍ଗମନ ପରେ ସର୍ଦାର ପରବର୍ତ୍ତୀ ବର୍ଷପାଇଁ ଲୋକଙ୍କ ସଙ୍ଗେ ଠିକ୍ ସମ୍ପର୍କ ରଖେ ଆଉ ଏଇଥିପାଇଁ ଯେ ଶ୍ରମିକ ଆୟର ଦଶ ପ୍ରତିଶତ ସେ ପାଇଥାଏ । ଅନ୍ୟଥା ଭିଟାମାଟି ଓ ପ୍ରଶାସନ ସହ ତାର କୌଣସି ସମ୍ପର୍କ ରହେନାହିଁ ।

ସେଠାରେ ରୋଗରେ ପଡ଼ିଲେ ଶୀଘ୍ର ବ୍ୟଥା ନିବାରକ ଦିଆଯାଏ । ଖାଦ୍ୟର ମାତ୍ରା ଯାହା ଜଣେ ଶ୍ରମଜୀବୀ ଆବଶ୍ୟକ କରୁଥିବ, ଖାଦ୍ୟସାରର ଅଧାବି ଏମାନଙ୍କୁ ମିଳେନାହିଁ । ତା'ବାହାରେ ନିରନ୍ତର ପରିଶ୍ରମ । ଶ୍ରମିକମାନଙ୍କୁ ଅକାଳ ବାର୍ଦ୍ଧକ୍ୟ ଆଡ଼କୁ ଟାଣି ନେଉଛି । ଦଶନ୍ଧି ଦଶନ୍ଧି ଧରି ଗୋଟିଏ ଅଞ୍ଚଳର ଲୋକ ଅକାଳ ବାର୍ଦ୍ଧକ୍ୟ ଓ ଅସୁରକ୍ଷିତ ଶୈଶବ ଭୋଗ କରନ୍ତି, ତା'ହେଲେ ସେ ଅଞ୍ଚଳର ସମସ୍ତ ବିକାଶ ପ୍ରକ୍ରିୟା ନିଷ୍ଫଳ ହିଁ ହେବ ।

ଭାରତର କେତେକ ବିକଶିତ ଅଞ୍ଚଳରୁ ଦରିଦ୍ର ଓ ଭୋକିଲା ଲୋକଙ୍କୁ ବିଭିନ୍ନ ଆଳରେ ବହିଷ୍କାର ବା ଉତ୍ପୀଡ଼ନ କରିବାର ପ୍ରୟାସ ହେଉଛି । ମୁମ୍ବାଇ ପରି ଅଞ୍ଚଳରେ ବାହାରର ଶ୍ରମିକମାନଙ୍କୁ ବାହାର କରିଦେବା ପାଇଁ ରାଜନୈତିକ ଭାଷଣମାନ ଦିଆଯାଉଛି । ମୋର ଭୟ ବିକଶିତ ଅଞ୍ଚଳର

କଣ୍ଟାବାଞ୍ଜି ରେଳଷ୍ଟେସନ୍‌ରୁ ଦାଦନଙ୍କ ହାଇଦ୍ରାବାଦ୍ ଓ ରାୟପୁର ଯାତ୍ରା

Digitized by srujanika@gmail.com

ସରକାର ଏହି ଶ୍ରମିକ ଆଇନର ଦ୍ୱାହି ଦେଇ ପ୍ରବାସୀ ଶ୍ରମିକମାନଙ୍କ ମୌଳିକ ଅଧିକାରକୁ କ୍ଷୁଣ୍ଣ କରିଯାଉଛନ୍ତି ।

*ରାଜନୈତିକ ପ୍ରୟାସ ତ ରହିଥିବ ଏହାର ଉପଶମ ପାଇଁ ?*

ଦାଦନ ଶ୍ରମିକଙ୍କ ପାଇଁ ପଳାୟନ ସମସ୍ୟା ନୁହେଁ, ସମାଧାନ । କିନ୍ତୁ ଯେଉଁ କ୍ଷେତ୍ରମାନଙ୍କ ପାଇଁ ଏହା ସମସ୍ୟା, ସେ ସମସ୍ୟାକୁ ନେଇ ରାଜନୈତିକ ନେତୃତ୍ୱ ବର୍ତ୍ତମାନ ପର୍ଯ୍ୟନ୍ତ ନାହିଁ । ଭୋଟ ସମୟରେ ଏହିମାନଙ୍କୁ ଫେରେଇ ଆଣିଥାନ୍ତି । କିନ୍ତୁ ହାଇଦ୍ରାବାଦ ଯାଉଥିବା ଶ୍ରମିକମାନେ ତିନିଦଶନ୍ଧି ହେବ ଭୋଟ ଦେଇନାହାନ୍ତି ।

ବଲାଙ୍ଗିରର ଦାଦନ ଶ୍ରମିକମାନେ ଆଞ୍ଚଳିକ ବୈଷମ୍ୟତାର ଶିକାର ହେଉଛନ୍ତି । ବିଧାନସଭାରେ ଗଠିତ ଉଚ୍ଚସ୍ତରୀୟ କମିଟିମାନ ଉପକୂଳ ଅଞ୍ଚଳରୁ ଯାଇଥିବା ଶ୍ରମିକମାନଙ୍କ ଅଞ୍ଚଳ ଯଥା ସୁରଟ, ଅହମଦାବାଦ, କୋଲକାତାକୁ ହିଁ ଯାଇଥାନ୍ତି ।

*ସମାଧାନ ତ ଥିବ ?*

ନିଶ୍ଚୟ ଅଛି । କିନ୍ତୁ ବର୍ତ୍ତମାନର ସମାଧାନ ଏହା ଯେ, ହାଇଦ୍ରାବାଦ ଯାଉଥିବା ଶ୍ରମିକମାନଙ୍କ ଯାତ୍ରାର ସୁଗମତା ପାଇଁ ଯିବା ଓ ଫେରିବା ସମୟରେ ସ୍ୱତନ୍ତ୍ର ରେଳଗାଡ଼ିର ବ୍ୟବସ୍ଥା କରିବା ଉଚିତ । ଯେପରି ବ୍ରହ୍ମପୁର, ଆସିକା, ବାଲେଶ୍ୱର ପରି ଅଞ୍ଚଳର ପ୍ରବାସୀ ଶ୍ରମିକର ଗନ୍ତବ୍ୟକୁ ସୁଗମ କରିବା ପାଇଁ ସାଧାରଣ ବଗିଥାଇ ଦ୍ରୁତଗାମୀ ରେଳଗାଡ଼ିର ବ୍ୟବସ୍ଥା ହୋଇଛି ।

ବି.ପି.ଏଲ୍ ଚାଉଳ ଓ ଅନ୍ୟାନ୍ୟ ଖାଉଟି ସାମଗ୍ରୀ କର୍ମସ୍ଥଳରେ ମଧ୍ୟ ଲୋକଙ୍କୁ ଉପଲବ୍ଧ କରାଯାଉ । କାରଣ ଏହା ରାଷ୍ଟ୍ରୀୟ କାର୍ଯ୍ୟକ୍ରମ ।

ଅତିକମ୍‌ରେ ମାସକୁ ଥରେ ଯାଇ ସେଠାରେ ଶ୍ରମିକମାନଙ୍କ ପ୍ରାପ୍ୟ, ସ୍ୱାସ୍ଥ୍ୟ ଓ କାମ ଉପରେ ଅନୁଧ୍ୟାନ କରାଯାଉ ।

*ତା' ହେଲେ ସମାଧାନ କେଉଁଠି ?*

ଆଇନର ଅପବ୍ୟବହାର କରାଯାଇପାରେ । ବିକାଶ ସଙ୍ଗେ ତାଳ ଦେଇ ଅପରାଧ ବି ନିଜ ନିଜର ସୁରକ୍ଷିତ କ୍ଷେତ୍ର ତିଆରି କରିବାରେ ବିଳମ୍ବ ହେଉନାହିଁ । ୧୯୭୯ ଆଇନର ଅପବ୍ୟବହାର ଆଗକୁ ସଙ୍କଟ ସୃଷ୍ଟି ନକରିବ, ଏକଥା କିଏ କହିବ ? ସମସ୍ତ ଭାରତୀୟଙ୍କ ଅଧିକାର ଅଛି ସ୍ୱାଧୀନ ବିଚରଣର । ଏହି ଅଧିକାର କ୍ଷୁଣ୍ଣ ଯେପରି ନ ହୁଏ ଏବଂ ଦାଦନମାନେ ମଧ୍ୟ ଭାରତୀୟ ନାଗରିକ ହୋଇଥିବାରୁ ତାଙ୍କର ମୌଳିକ ଅଧିକାର ସେମାନେ ସବୁସ୍ଥାନରେ ପାଇପାରିବା ପରି ବ୍ୟବସ୍ଥା ରହିବା ଉଚିତ । ଦେଖାଯାଉଛି ଯେ କୌଣସି ଦାଦନ ପୀଡ଼ିତ ହେଲେ ତାଙ୍କୁ ଓଡ଼ିଶା ପୋଲିସ ନିକଟରେ ଅଭିଯୋଗ କରିବାକୁ ପଡୁଛି । ଆନ୍ଧ୍ର ପୋଲିସ କହୁଛି ତୁମ ପୋଲିସକୁ କହ । ଓଡ଼ିଶାର ପୋଲିସ କହୁଛି ଏ ସମସ୍ୟା ଆମ ରାଜ୍ୟରେ ହୋଇନାହିଁ । ତେଣୁ ଜଣେ ଦାଦନ ନିଜର ଅଧିକାର ଆନ୍ଧ୍ରପ୍ରଦେଶରେ ବି କରିପାରିବାର ବ୍ୟବସ୍ଥା ହେଉ । ଭାଷା ସଙ୍କଟରୁ ତାଙ୍କୁ ରକ୍ଷା କରିବାର ବ୍ୟବସ୍ଥା କରାଯାଉ । ସେଠାରେ ସେ ଜଣେ ଭାରତୀୟର ମୌଳିକ ଅଧିକାର ଉପଭୋଗ କରୁ । ଅର୍ଥାତ୍ ୧୯୭୯ ଆଇନର ପୁନଃବିଚାର କରି ଏହାର ଭୁଲ ଆଇନଗତ ଦିଗମାନଙ୍କରେ ସୁଧାର ଅଣାଯାଉ । ଦାଦନ ଶ୍ରମିକଙ୍କୁ ରାଜ୍ୟର ନୁହେଁ, ରାଷ୍ଟ୍ରର ନାଗରିକ ମାନ୍ୟତା ଦିଆଯାଉ ।

□□□

Digitized by srujanika@gmail.com

୧୦

# ପରାଜିତ ଈଶ୍ୱର

ରାଧେଶ୍ୟାମ ଧରୁଆ ଜଣେ ପ୍ରାଥମିକ ଶିକ୍ଷକ ଥିଲେ । ଅବସର ନେଲେ । ରୋଗରେ ପଡ଼ିଲେ । ମରିଗଲେ । ବାସ୍ ଏତିକି ଇତିହାସ, ଏତିକି ହିଁ କାହାଣୀ ।

ଏ କାହାଣୀ ସରିଗଲା ପଛକୁ ଆଉ ଯାହାକିଛି ରହିଲା ସେ ସବୁ ସୂଚିତ କଲା ଯେ ରାଧେଶ୍ୟାମ ଧରୁଆର କାହାଣୀ ସରିନାହିଁ । ରାଧେଶ୍ୟାମ ଧରୁଆ ପ୍ରବାହର ଅଗଣିତ ଅଂଶ ଭିତରୁ ଗୋଟିଏ । ଯେଉଁ ଅଂଶର ବ୍ୟବହାରଯୋଗ୍ୟ ଗୁଣ ଅଛି । ବ୍ୟବହାରଯୋଗ୍ୟ ଗୁଣ ଥିବା ପ୍ରତ୍ୟେକ ବସ୍ତୁ ହିଁ ରାଧେଶ୍ୟାମ ଧରୁଆ । ତେଣୁ ରାଧେଶ୍ୟାମ ଧରୁଆ ତାର ପରିଚୟ ହଜେଇ ଦେଲା । ସେ ସାମିଲ ହୋଇଗଲା ସେ ଭିଡ଼ ଭିତରେ, ଯେଉଁଠି ତାର ମୂଲ୍ୟ ନିର୍ଦ୍ଧାରିତ ହୋଇ ସାରିଥିଲା ।

ରାଧେଶ୍ୟାମ ଧରୁଆ ଜଣେ ପ୍ରାଥମିକ ଶିକ୍ଷକ । ମଣିଷଗଢ଼ା କାରଖାନାର ପ୍ରଥମ ବିନ୍ଧାଣୀ । ସିଲଟରେ ହାତଧରି ଅ, ଆ ଲେଖିଦେଲେ ସେ ଗୁରୁ ହୋଇଯାଏ । ସେ ହୋଇଯାଏ ପୃଥିବୀର ସବାଶେଷ ଈଶ୍ୱରଠୁ ବଡ଼ । ଆଉ ଏଥିରେ ପ୍ରଶ୍ନ କରିବାର ଅବକାଶ ନ ଥାଏ । ରାଧେଶ୍ୟାମ ଧରୁଆ କେବେ ନିଜର ଶିଷ୍ୟଙ୍କୁ ଆଙ୍ଗୁଠି ମାଗିନି / କୋଳରେ ମୁଣ୍ଡରଖି ଶୋଇନି / ପିଠିରେ ଜମିର ପାଣିକୁ ଅଟକେଇବା ପାଇଁ କହିନି କି ନିଜର ପୁଅ ପାଇଁ କହିନି ।

ସ୍ତ୍ରୀଙ୍କ କୋଳ ଶୂନ୍ୟ / ଘର ଶୂନ୍ୟ / ଅଗଣା ଶୂନ୍ୟ / ବାଟ ଶୂନ୍ୟ / ଘାଟ ଶୂନ୍ୟ,  ଏ ଶୂନ୍ୟତା ଚରିଯାଏ ଚରାଚର । ମନ୍ଦିରକୁ କହେ / ଦିହାରୀକୁ କହେ / ପୂଜାରୀକୁ କହେ, ବାସ୍ କହୁଥାଏ । ଆସ୍ତେ ଆସ୍ତେ ଏ କହିବା' କାମଭିତରେ ସୀମିତ ହୋଇଯାଏ ତାର ପୁତ୍ରଲାଳସା ।

ଛାତି ଭିତରେ ଭରିଥିବା ପୁତ୍ର ଲାଳସାର ଚିରନ୍ତନ ରୋଗ ପାଇଁ ଔଷଧ ଖୋଜେ ପରିବାରରେ / ବଂଶରେ / ପରିଜନରେ ଆଉ କହିବ ମଧୁର ବଚନ ପଢୁଥିବା ସ୍କୁଲ ପିଲାଠାରେ । ଭାବେ ତାର କେହି ନାହାନ୍ତି, କିନ୍ତୁ ଦେଖେ ତାର କେହି ନଥିବା ଭିତରେ ସମସ୍ତେ ଅଛନ୍ତି । ସେ ପ୍ରସରି ଯାଏ । ଆଉ ମିଶି ଯାଏ ଲୋକମାନଙ୍କ ଭିତରେ / ଭିଡ଼ ଭିତରେ, ଆଉ ନାଟକ ମଣ୍ଡଳୀରେ । ଅଖା ବସ୍ତା ପାରି ଘେରିଥିବା ଛୋଟ ଝିଅ ଆଉ ମାଇପମାନଙ୍କ ଭିଡ଼, ଏହାପରେ ପୁରୁଷମାନଙ୍କ ବୃତ୍ତ ଭିତରେ

Digitized by srujanika@gmail.com

ରାଧେଶ୍ୟାମ ଧରୁଆ ନାଚେ । ମଞ୍ଚରେ ପେଟ୍ରୋମାକ୍ସର ଆଲୁଅ ଆଉ ବୃତ୍ତ ବାହାରେ ପାନ ଦୋକାନରେ ଡିବିରି ଆଲୁଅ । ଏ ଦୁଇ ଆଲୁଅ ଭିତରେ ବୃତ୍ତ ଦେଖୁଥାଏ ରାଧେଶ୍ୟାମ ଧରୁଆର ନାଚ । ରାତି ଗଭୀର ହେଉଥାଏ । ଅଖାରେ ଶୋଇପଡ଼ନ୍ତି ଛୁଆମାନେ । ପେଟ୍ରୋମାକ୍ସ ଓ ଡିବିରିର ଆଲୁଅ ସୁଦ୍ଧା ଧିମେଇ ଯାଉଥାଏ । କିନ୍ତୁ ରାଧେଶ୍ୟାମ ଧରୁଆ ବେଶ୍ ସଚ୍ଚୋଟ ଥାଏ ନିଜର କଳାରେ । ସେ ନାଟକର ବିଦୂଷକ / ସୂତ୍ରଧର । ଦ୍ୱାରାବତୀ ହରଣ ହେଉକି ସୁଭଦ୍ରା ପରିଣୟ, ବିଦୂଷକ ବୃତ୍ତକୁ ହସାଏ, ବୃତ୍ତକୁ କନ୍ଦାଏ । ନାଟକରେ ରାଜାକୁ ଖବର ଦିଏ, ଅର୍ଜୁନକୁ ବୁଝାଏ; ନାଟକର ମୋଡ଼ ଦିଏ । ତା'ର ନାଟକର ନାୟକ/ନାୟିକାଙ୍କୁ ଏକ ସୁଖଦ ମିଳନରେ ଛାଡ଼ିଦିଏ । ନାଟକ ସରିଆସେ ଆଉ ଗୋଟିଏ ବୃତ୍ତକୁ ଓ ରାତିକୁ ଅପେକ୍ଷା କରି ।

ତ୍ରୁଟି କରେନି ରାଧେଶ୍ୟାମ ଧରୁଆ, ନାଟକରେ ବେଶ୍ ସଚ୍ଚୋଟ ଆଉ ବିଦ୍ୟାଳୟରେ ବି । ରାଧେଶ୍ୟାମ ଧରୁଆ ନାଟକରେ ନାଚେ । ନିଜର ଭିତରକୁ ଡାକିଆଣେ ବିଦୂଷକକୁ । ତାକୁ ସେ ବିଦୂଷକ ନଚାଏ । ସେ ଜାଣେ ତାକୁ ସେ ନଚଉଛି । ଖୁସି ହୁଏ । ନିଜକୁ ହତାଦର କରି ତାକୁ ଦେଖୁଥିବା ବୃତ୍ତକୁ ସମ୍ମାନ ଦେଇ । ବୃତ୍ତ ବାହାରେ ଦିନବେଳା କିଏ ଜଣେ ତାକୁ ନଚଉଥାଏ ସେ ଜାଣିପାରେନି । ସେ ବ୍ଲକ୍‌ରେ ଦେଖେ ବିଦ୍ୟାଳୟ ନିରୀକ୍ଷକ ତାକୁ ନଚଉଛି । ସେ ଦେଖେ ପ୍ରତିମାସ ଦରମା ପାଏନି । ଏଥିଲାଗି ମହାଜନ ପାଖକୁ ଯାଏ । ସଉଦା ଉଧାର ଆଣେ । ପରିଜନଙ୍କ ସୁଖଦୁଃଖରେ ସାମିଲ ହେବାକୁ ମହାଜନଠୁ ଋଣ ଆଣେ । ଦରମା ପାଇବା ପୂର୍ବଦିନ ମହାଜନ ଖବର ଦିଏ ଧରୁଆ ବାବୁ କାଲକେ ତମର ଦରମା ମିଳିବ । ଦରମା ଧରେ, ଏସ୍.ଆଇ କହେ ଅମୁକ ଦିନ ସ୍କୁଲ ଡେରିରେ ପହଞ୍ଚିଲ । ରାଧେଶ୍ୟାମ ଧରୁଆ ମନେ ପକେଇ ପାରେନି କଉଦିନ ତା'ର ଡେରି ହେଲା । ବୁଝିଯାଏ ଏସ୍.ଆଇର ଇଙ୍ଗିତ । ଆସନ୍ତା ମାସ ପରିଦର୍ଶକ ଖାତାରେ ଲେଖିବ କେମିତି ପଢ଼ାହେଉଛି । ଦିଏ ପଚାଶ ଟଙ୍କା । ବାହାରକୁ ଯେତେବେଳେ ବାହାରେ ଋଣ ଦେଇଥିବା ମହାଜନ, ଦୋକାନୀ, କପଡ଼ାବାଲା ଠିଆ ହୋଇଥାନ୍ତି । ଏମାନଙ୍କ ପାଖେ ହିସାବ ଦେଉ ଦେଉ ଲାଗେ ଦୁଇ ଘଣ୍ଟା । ଅଧାରୁ ଅଧିକ ଦରମା ଟଙ୍କା ବ୍ଲକ୍ ପରିସରରେ ହିଁ ସରିଯାଏ । ଗାଁକୁ ଫେରିବାର ଅଛି । ତେଲବାଲିକୁ ଦେବ, କେଉଟ ଘରକୁ ଦେବ । ଆଉ ବଳକା ଟଙ୍କାକୁ ସ୍ତ୍ରୀଙ୍କ ହାତରେ ଧରେଇବ ।

ସ୍ୱର୍ଗତ ରାଧେଶ୍ୟାମ ଧରୁଆ

Digitized by srujanika@gmail.com

ଏହି ଟଙ୍କାରେ ଅନିଶ୍ଚିତ ପର୍ଯ୍ୟନ୍ତ ସୀମିତ କରିବ ତାର ଇଛା ଆଉ ସ୍ୱପ୍ନମାନଙ୍କୁ । ଅନୁଭବ କରିବ ତାର ଡଙ୍ଗା ପାଣିରେ ଚାଲିବାର ସୁଗମତା ଧରୁନି । ବାଲିରେ ଚାଲୁଛି ଯେପରି । ରାଗିବ ଏସ୍.ଆଇଙ୍କୁ / ମହାଜନଙ୍କୁ / ସଉଦା ଦୋକାନୀକୁ / କପଡ଼ା ଦୋକାନୀକୁ । ଛଟପଟ ହେବ । ପନ୍ଦର ଦିନପରେ ଏମାନଙ୍କ ପାଖକୁ ଯିବ । ମଧୁର ବଚନ କହିବ ।

ଏ ମଧୁର ବଚନ କହିବା ଆବଶ୍ୟକ ଥିବ । ଏ ଆବଶ୍ୟକ କେବଳ ରାଧେଶ୍ୟାମ ଧରୁଆର ନୁହେଁ । ଅନେକ ରାଧେଶ୍ୟାମ ଧରୁଆ ଏହା କହିବାକୁ ବାଧ ହୁଅନ୍ତି । ରାଧେଶ୍ୟାମ ଧରୁଆ ଜଣେ ଶିକ୍ଷକ, ତାଙ୍କର ଆୟ ଅଛି । ଜଣେ ଚାଷୀ- ତାର ଆୟ ସହ ଜମି ଅଛି । ଜଣେ ସୁଖବାସୀ ତାର ସୁନା ଅଛି, କାମ କରିବାର କ୍ଷମତା ଅଛି । ଜଙ୍ଗଲ ଅଛି । ଜଙ୍ଗଲ ଭିତରୁ ଚାଁର, ଟୋଳ, ମହୁଲ, ଝୁଣା ସଂଗ୍ରହ କରିବାର କ୍ଷମତା ଅଛି । ଘର ଅଛି । ଖାସ୍ ଏଇଥିଲାଗି ରାଧେଶ୍ୟାମ ଧରୁଆମାନେ ପଣ୍ୟ ହୋଇଯାନ୍ତି । ପ୍ରସରି ଯାନ୍ତି ବିଦ୍ୟାଳୟରୁ କ୍ଷେତଖଳା, ସୁନାରୁପା ଦେଇ ଜଙ୍ଗଲକୁ । ରାଧେଶ୍ୟାମ ଧରୁଆମାନେ ଆୟ କରିପାରନ୍ତି, ଏଥିଲାଗି ବ୍ୟବସାୟ ଚାଲେ । ଏମାନେ ମଧୁର ବଚନ କହନ୍ତି, ଏଥିଲାଗି ସଂସାର ଚାଲେ । ବୃତ୍ତଭିତରେ ପେଟ୍ରୋମାକ୍ସ ଧିମେଇ ଗଲେବି ରାଧେଶ୍ୟାମ ଧରୁଆମାନଙ୍କୁ ନାଚିବାରେ ଅସୁବିଧା ହୁଏନି । ସ୍ତ୍ରୀଙ୍କ କୋଳଶୂନ୍ୟ ଥିଲେ ବି ନାଚିବାରେ ଅସୁବିଧା ହୁଏନି । ବୃତ୍ତ ବାହାରେ ବି ନାଚିବାରେ ଅସୁବିଧା ହୁଏନି । କାରଣ ଏମାନେ ମଧୁର ବଚନ କହନ୍ତି । ମଧୁର ବଚନ ଶୁଣିପାରନ୍ତି । ଗଣିତ କହେ ମାସକୁ ଏମାନେ ନିଜ ଅଜାଣତରେ ଜଣେ ମହାଜନକୁ ପରିବାର ପିଛା ଦେଢ଼ହଜାର ଟଙ୍କା ପର୍ଯ୍ୟନ୍ତ ଦିଅନ୍ତି । ଏହି ଗଣିତ ପାଇଁ ସମୟ ନ ଥାଏ ରାଧେଶ୍ୟାମ ଧରୁଆମାନଙ୍କ । ସେଥିଲାଗି ତିନି/ଚାରି ଗାଁର ଜଣେ ମହାଜନ କୋଟି ଟଙ୍କାର କଥା ହୁଏ । ରାଧେଶ୍ୟାମ ଧରୁଆମାନଙ୍କ ପାଇଁ ତାର ମହିମା ଗାନ କରିବାର ସୁଯୋଗଟିଏ ଛାଡ଼ିଦିଏ ମାତ୍ର ।

ରାଧେଶ୍ୟାମ ଧରୁଆ ସମୂହ ଭିତରେ ଜଣେ । ଶୋଷିତ ଭିତରୁ ଜଣେ । ରାତିସାରେ ପେଟ୍ରୋମାକ୍ସ ଆଲୁଅରେ ନାଚିଲେ ବି ସକାଳୁ ସ୍କୁଲ ଯିବାକୁ ପଡ଼େ । ବାସ୍, ଏ ଉତ୍ତରଦାୟିତ୍ୱକୁ ସମ୍ମାନ ଦେଇ ଜାଣେ ବୋଲି ରାସ୍ତା ପାଖ ଗାଁରେ ଶିକ୍ଷକ ହେବାକୁ ପଡ଼େ । ରାଧେଶ୍ୟାମ ଧରୁଆ ପାଖରେ ଅବକାଶ ଅଛି ସେ ଅନ୍ୟ ବ୍ୟବସାୟ କରିପାରିବ । ମହୁଲ କିଣି ପାରିବ / ଜମି କର ନେଇ ପାରିବ / ଛେଳି ରଖିପାରିବ କି ହାଇଦ୍ରାବାଦକୁ ଲେବର ପଠେଇ ପାରିବ । ଏସବୁ କଲେ ଏସ୍.ଆଇଙ୍କୁ ଦରମାରୁ କୋଡ଼ିଏ ପ୍ରତିଶତ ଦେବାକୁ ପଡ଼ିବ । ଭିତର କଉ ସ୍କୁଲରେ ତାକୁ ରଖାଯିବ । ସେ ଏମ୍.ଡ଼ି.ଏମ୍ ବିକୁ କି ସ୍କୁଲ ନ ଯାଉ, ପ୍ରଳୟ ହେବନି । ରୋଗ ବଇରାଗରେ କେବେ ଦିନେ ସ୍କୁଲ୍ ବନ୍ଦ କରିଦେଲେ ଠିକାକାମ ଦେଖି ଯାଇଥିବା ସବକଲେକ୍ଟର ତାର ଦିନକର ଦରମା କାଟିବ । ରାଧେଶ୍ୟାମ ଧରୁଆ ସ୍କୁଲକୁ ନ ଆସି ଠକୁଛି । ଏସ୍.ଆଇ ଦୁଇଶହ ଟଙ୍କା ନେଇ ଏହି କଳଙ୍କକୁ ପୋଛିଦେବ ତାର ଚରିତ୍ର ପଞ୍ଜିକାରୁ ।

ଏସବୁ କରିବାପାଇଁ ରାଧେଶ୍ୟାମ ଧରୁଆର ବିବେକ ମନା କରିବ । ତାର ସ୍କୁଲ ଆଉ ବୃତ୍ତ ସବୁବେଳେ ତାକୁ ତାଗିଦ କରିବ ମଧୁର ବଚନ କହିବାକୁ । ସେ ରାସ୍ତାପାଖ ସ୍କୁଲରେ ରହିବ / ନିୟମିତ ସ୍କୁଲ ଯିବ / ଏସ୍.ଆଇଙ୍କୁ ପଚାଶ ଟଙ୍କା ଦେବ / ମହାଜନକୁ ଦଶ ପ୍ରତିଶତ ସୁଧ ଦେବ । ଟଙ୍କାଦେବ ଦୋକାନୀକୁ / କପଡ଼ା ଦୋକାନୀକୁ / ତେଲବାଲୀକୁ / କେଉଟକୁ / ବାହାଘରକୁ ଯିବ / ସନ୍ତାନ କାମନା ପାଇଁ ବାଙ୍କ ଭୋଗ ଦେବ / ନିଜର ସମ୍ପର୍କିୟଙ୍କ ସୁଖଦୁଃଖରେ ଠିଆ ହେବ ଆଉ

Digitized by srujanika@gmail.com

ମଧୁର ବଚନ କହିବ । ପେଟ୍ରୋମାକ୍ସର ଆଲୁଅ ନିଦେଇ ଯିବ ପଛେ ରାଧେଶ୍ୟାମ ଧରୁଆକୁ ନିଦ ଆସିବନି । ସେ ବିଦୂଷକ, ତାକୁ ମାନଭଞ୍ଜନ କରିବାର ଅଛି ବୃତ୍ତ ଭିତର ଆଉ ବାହାରର ।

ମହାଜନର ପୁଅକୁ ବି ଶିଖେଇବ ରାଧେଶ୍ୟାମ ଧରୁଆ । କହିବ ମଧୁର ବଚନ । ମହାଜନ ରାଧେଶ୍ୟାମ ଧରୁଆକୁ ଗାଳି କରିବ । ମାଷ୍ଟର ପଏସା ଦେଲାବେଳେ ଏତକି ନଖରାମି କରସ୍ତୁ କେଁ କରି । ପୁରା ପଏସା ଦେଇଦେ ଆଗୁ ବାକି ଦେମି ନହେଲେ ନେଇ । ପିଲାଟି ଦେଖେ ତା'ବାପା ମଧୁର ବଚନ କହୁନି, ହେଲେ ଆଜ୍ଞା କହୁଛନ୍ତି । ରାଧେଶ୍ୟାମ ଧରୁଆ ପୁଅକୁ ଦେଖେ, ଲାଜ କରେ । ମହାଜନର ପୁଅ ରାଧେଶ୍ୟାମ ଧରୁଆକୁ ଦେଖେ ଭୁଲ ଗଣିତର ବାଡ଼ିମାଡ଼ ପାଇଁ ବାପା ଜବାବ ଦେଉଛି ଯେପରି ।

ବାସ୍ ପୃଥିବୀ ଚାଲିଥାଏ । ଦିନେ ଜଣେ ଆଇ.ଏ.ଏସ୍ ଗାଡ଼ି ଅଟକେଇ ତଳକୁ ଓହ୍ଲେଇ ଜଣେ ଶିକ୍ଷକ ପ୍ରଭାକର ରାଉତଙ୍କୁ ନମସ୍କାର କରନ୍ତି । ଏ ଖବର ରାଧେଶ୍ୟାମ ଧରୁଆ ଶୁଣେ । ଏ ଦିନ ସବୁ ରାଧେଶ୍ୟାମ ଧରୁଆ ବନ୍ଦ କରି ଦିଅନ୍ତି ଦରମା, ଇନ୍କ୍ରିମେଣ୍ଟର କଥା । ଏ ଦିନ ବନ୍ଦ କରି ଦିଅନ୍ତି ଏସ୍.ଆଇର ରାଜନୀତି କଥା । ଏଦିନ ସମସ୍ତେ ଅନୁଭବ କରନ୍ତି ଶିଷ୍ୟ ଆଇ.ଏ.ଏସ ହେଲେବି ମଧୁର ବଚନ ପଢ଼ଉଥିବା ରାଧେଶ୍ୟାମ ଧରୁଆମାନଙ୍କୁ ନମସ୍କାର କରିପାରେ । ରାଧେଶ୍ୟାମ ଧରୁଆ ଖୁସି ହୁଏ । ତାର ମୂଲ୍ୟ ଅଛି । ମହାଜନ, ତେଲବାଲି, ଏସ୍.ଆଇର ପରିଧି ସେ ପାରିରେ । ବୃତ୍ତଭିତରେ ଥିବା ସମ୍ମାନ ପରି । ବାସ୍ ଏଠାରେ ଅର୍ଜୁନକୁ ବୁଝାଯାଇପାରେ । ଆଙ୍ଗୁଠି ବି ମଗାଯାଇ ପାରେ ।

ଏସ୍.ଆଇମାନଙ୍କୁ କୋଡ଼ିଏ ପ୍ରତିଶତ ଦେଇ ମହୁଲ କିଣୁଥିବା ରାଧେଶ୍ୟାମ ଧରୁଆମାନେ ଚିନ୍ତା ବି କରନ୍ତିନି ଯେ ଏପରି ହେଉଥିବ । କିନ୍ତୁ ସମୟ ବଦଳି ଯାଉଥିବ । ମଧୁର ବଚନ କହୁଥିବା ପିଲାଟି ତା' ବାପାର ଗଦିରେ ବସି ରାଧେଶ୍ୟାମ ଧରୁଆଙ୍କ ମଧୁର ବଚନ ଶୁଣୁଥିବ । ବୃତ୍ତ ଭିତରେ ଜଳୁଥିବା ପେଟ୍ରୋମାକ୍ସଟି ନିଦେଇବା ପୂର୍ବରୁ ରାଧେଶ୍ୟାମ ଧରୁଆ ନିଦେଇ ଯାଉଥିବ । ଡିବିରିର ତେଲ ସରୁଥିବ, ବୟସ ସରୁଥିବ ଓ ପୁତ୍ରମୋହ ବି ।

ଦିନେ ଶେଷଥର ପାଇଁ ସ୍କୁଲରେ ମଧୁର ବଚନ କହିବ । ମଧୁର ବଚନ ଶୁଣିବ । ଛତା ଆଉ କରିଆ ଖଣ୍ଡେ ଦେଇ ବିଦାୟ ଦେବେ ରାଧେଶ୍ୟାମ ଧରୁଆକୁ । ଘରକୁ ଆସିବ । ବସିବ ଆଉ ସ୍ତ୍ରୀଙ୍କ ସଙ୍ଗେ ମାପିବ କେତେଦୂର ଚାଲିଲିଣି । ବହୁତ ଦୂର । ଏତେ ଦୂର ଯେ ଚିନ୍ତା କରିବ ଏତେ ବନ୍ଧୁର ପଥ ସବୁ କେମିତି କେମିତି ସରିଗଲା । ଦେଖିବ ସ୍ତ୍ରୀଙ୍କ ପଣତକାନୀ ଖରାରେ ତାକୁ ଛାଇ ଦେଇଛି / ରାସ୍ତାରେ କୋମଳତା / ପେଟ୍ରୋମାକ୍ସ ଆଲୁଅରେ ବୃତ୍ତର ଆଗଧାଡ଼ିରେ ବସିଛି / ବିଦ୍ୟାଳୟର ଛାତ ହୋଇବସିଛି । ରାଧେଶ୍ୟାମ ଧରୁଆ ଚିନ୍ତା କରି ପାରିବନି । ଏତେ ନିବିଡ଼ ହୋଇ ମଧ ଏତେ ବର୍ଷ ହେଲା ମୁଁ କାହିଁକି ଚିହ୍ନି ପାରିଲିନି । ଯିଏ ପ୍ରସରି ଯାଇଛି ତାର ସମଗ୍ରତାକୁ, ତାର ଚରାଚରକୁ । କ୍ଷମାମାଗିବ ଆଉ ଜୀବନତମାମ ସଞ୍ଚୁଥିବା ସମସ୍ତ ପୁଣ୍ୟକୁ ଅଜାଡ଼ିଦେବ ତାଙ୍କ ପାଦତଳେ । ପୁତ୍ର ଲାଜସାରେ ରାଧେଶ୍ୟାମ ଧରୁଆ ହିଁ ତାଙ୍କର ପୁଅ ହୋଇଯାଇଛି କେଉଁକାଳୁ । ଏ କଥା ଆଜି ଜାଣିବ ପ୍ରଥମ କରି । ଏ ନୈସର୍ଗିକ ବନ୍ଧନର ଅ, ଆ ପାଠକୁ ଶ୍ରୀଗଣେଶ କରିବ ।

ସପ୍ତାହେ ପରେ ଯିବ ଏସ୍.ଆଇଙ୍କ ନିକଟକୁ । କହିବ କାଗଜପତ୍ର କେବେ ହେବ । ସମୟର ସୀମା ଦେଇ ପାରିବନି ଏସ୍.ଆଇ । ତଥାପି ବି ପାଞ୍ଚଶହ ଟଙ୍କା ଧରେଇ ଦେବ । ଛଅମାସ ପରେବି

Digitized by srujanika@gmail.com

ଏସ୍.ଆଇଙ୍କ ସେହି ଏକା ଉତ୍ତର । ଦେଖିବ। ରାଧେଶ୍ୟାମ ଧରୁଆ କହିବ ଛଅମାସ ହେଲାଣି ମହାଜନ କେତେ ଟାକିବ । ଉଧାରରେ ମୋର ପରିବାର କେମିତି ଚଳିବ । ହାତ ଯୋଡ଼ିବ, କରୁଣା ଭିକ୍ଷା କରିବ । ଏସ୍.ଆଇ ସାମାନ୍ୟ ପ୍ରସନ୍ନ ଦିଶିବେ ।

ଚିନ୍ତାଗ୍ରସ୍ତ ହେଇ ଫେରିବ ଘରକୁ । ତାର ସମଗ୍ର ସତ୍ତାକୁ ଧରିଥିବା ସ୍ତ୍ରୀକୁ ଜୀବନତମାମ ଦେଇଥିବା ଦୁଃଖର ପ୍ରତିବଦଳରେ କ୍ଷମା ମାଗିବ । ଆଖିରୁ ପାଣି ବହିଯିବ । ଦୁଲ୍‌କରି ପଡ଼ିଯିବ ଚଟ୍ଟେ, ଆଉ ଉଠି ପାରିବନି । ସ୍ତ୍ରୀ ରାତିସାରା ତାର ସେବା କରିବେ । ସକାଳୁ ନିଜେ ଯିବେ ଏସ୍.ଆଇଙ୍କ ନିକଟକୁ । ଗୁହାରୀ ହେବେ ଏସ୍.ଆଇଙ୍କ ଦରବାରରେ । ଏସ୍.ଆଇ ଖୁସି ହେବେ ।

ପନ୍ଦରଦିନ ପରେ ଏସ୍.ଆଇ ରାଧେଶ୍ୟାମ ଧରୁଆଙ୍କ ଘରକୁ ଯିବେ । କହିବେ ତୁମର ଚାଳିଶ ହଜାର ଟଙ୍କା ମିଳିଲା । କୋଡ଼ିଏ ହଜାର ଟଙ୍କା ମହାଜନ ନେଲା, ଆଉ କୋଡ଼ିଏ ହଜାର ଟଙ୍କା ମୋର । ରାଧେଶ୍ୟାମ ଧରୁଆ କହିବ ଆପଣ ମତେ ଦଶହଜାର ଦେଇଥାନ୍ତୁ ମୁଁ ପରେ ଦେଇ ଦେବି । ଏସ୍.ଆଇ ତାଙ୍କର ବାଇକ୍ କିଣାଠାରୁ ଝିଅ ବାହାଘର ପର୍ଯ୍ୟନ୍ତ ଗୋଟିଏ ଲମ୍ବା ତାଲିକା ଦେବେ । ଏ ତାଲିକାକୁ ପୁରା କରୁ କରୁ ଦରମାର କୋଡ଼ିଏ ପ୍ରତିଶତ / ରାଧେଶ୍ୟାମ ଧରୁଆର ପଚାଶ ଟଙ୍କା ଓ ଏମ୍.ଡ଼ି.ଏମ୍‌ର ଗୋଟିଏ ଅଂଶ କେତେ ଅସମର୍ଥ, ସେ କଥା କହିବେ ।

ରାଧେଶ୍ୟାମ ଧରୁଆ ଖଟରେ ପଡ଼ି ସୁଦ୍ଧା ଏସ୍.ଆଇଙ୍କ ଦୁଃଖରେ ଦୁଃଖ କରିବାକୁ ବାଧ୍ୟ ହେବ । ତାର ଦଶହଜାରକୁ କମେଇ କମେଇ ଏକହଜାର ମଧ୍ୟରେ ଦାବୀକୁ ସୀମିତ ରଖିବ । ଏଥିପାଇଁ ବି ଦୁଃଖୀ ଏସ୍.ଆଇ ସମର୍ଥ ହୋଇପାରିବେନି । ଖଟରେ ପଡ଼ିଥିବା ରାଧେଶ୍ୟାମ ଧରୁଆ ନିଜକୁ ପ୍ରବୋଧିବ ମହାଜନ ତ ଏବେ ମନା କରିବନି ସଉଦା କି ଟଙ୍କାଦେବାକୁ । ବାସ୍, ଏସ୍.ଆଇ ଫେରିବ ।

ଆଉ ଦେଖା ଦେବନି ଏସ୍.ଆଇ, ମହାଜନ ଟଙ୍କା ଦେବାକୁ ମନା କରିବ । ବଜାର କି ସଉଦା ପାଇଁ ରାଧେଶ୍ୟାମ ଧରୁଆଙ୍କ ଅର୍ଜୁନ କି ରାଜା କି ସୁଭଦ୍ରା କେବେ ମନା କରୁନଥିବେ । ଆସି ତା ସହ ମିଶୁଥିବେ । ସାଥି ଥିବା ପରିଜନେ ସହଯୋଗ କରିବେ । ଦୁଃଖ କରିବେ ଏଇଟା ବୃତ୍ତ ଭିତରର ଦୃଶ୍ୟ ହୋଇଥାନ୍ତା କି ? ଆଦେଶ ଦେଇ କି ତୀରମାରି ହରଣ କରିପାରନ୍ତେ ରାଧେଶ୍ୟାମ ଧରୁଆର ଦୁଃଖ ।

ଖଟରେ ପଡ଼ିଥିବା ରାଧେଶ୍ୟାମ ଧରୁଆର ପିଠି ପୋଛୁ ପୋଛୁ ଦିନେ ସ୍ତ୍ରୀ ଦେଖିବେ ତାର ଚମଡ଼ା ଉତୁରି ଯାଉଛି । ଭୋ କରି କାନ୍ଦି ପକେଇବେ । ଅର୍ଜୁନ, ରାଜା, ସୁଭଦ୍ରା, ଦ୍ୱାରାବତୀ, ରାକ୍ଷସ, ମନ୍ତ୍ରୀ ପାରିଷଦ ସହିତ ବାଜାବାଲା ସମସ୍ତେ ଆସିବେ । ଅର୍ଜୁନ ସାଇକେଲ ନେଇ ଖବର ଦେବ ରେଲୱେରେ କାମ କରୁଥିବା ରାଧେଶ୍ୟାମ ଧରୁଆର ଭାଇକୁ । ଶିକ୍ଷକତା ଜୀବନକାଳରେ ଯେଉଁ ପରିଜନଙ୍କୁ ନିଜର କୋଣ ଅନୁକୋଣରେ ଥାପନା କରିଥିଲା, ସେମାନେ ହଜି ସାରିଥିଲେ ତାଙ୍କର ପରିସୀମାରୁ । ଭାଇ ଆସିବେ ।

କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନାରେ ରଖିବେ । ରାଧେଶ୍ୟାମ ଧରୁଆ ସେ ପାରିକୁ ଯିବାକୁ ସାତଦିନ ସମୟ ଲାଗିବ । ଏସ୍.ଆଇ ଶୁଣିବେ,ନିଜକୁ ସଙ୍କୋଚିବ । ରାଧେଶ୍ୟାମ ଧରୁଆର ଶବାଧାରରେ ଅର୍ଜୁନ, ରାଜା, ସୁଭଦ୍ରା, ଦ୍ୱାରାବତୀ, ରାକ୍ଷସ, ମନ୍ତ୍ରୀ ପାରିଷଦ ସହିତ ବାଜାବାଲା ସମସ୍ତେ ଥିବେ । କେତେଜଣ ଶିକ୍ଷକ ବି ଥିବେ । ହେଲେ ଏସ୍.ଆଇ ନ ଥିବେ / ମହାଜନ ନଥିବ / କପଡ଼ାବାଲା ନଥିବ ।

Digitized by srujanika@gmail.com

ଏ ଖବର ରବି ଦାସ ରାଜଧାନୀରେ ବସି ଜାଣିବ । ସେ ଲେଖିବ ନିଜର 'ପର୍ଯ୍ୟବେକ୍ଷକ'ରେ ରାଧେଶ୍ୟାମ ଧରୁଆଙ୍କ ପଛରେ ଥିବା ନାଟକର ରାକ୍ଷସମାନଙ୍କ କଥା ତାର ସମ୍ପାଦକୀୟରେ । କହିବ ତିରିଶବର୍ଷ ଚାକିରି କରି ତା'ର ଏ ଅବସ୍ଥା ପାଇଁ ଦାୟୀ କିଏ ?

ଏ ଖବର ବାହାରିବାର ପନ୍ଦରଦିନ ପରେ ଏସ୍.ଆଇ ମତେ ଭେଟିବ । କହିବ ସାର୍ ରାଧେଶ୍ୟାମ ଧରୁଆଙ୍କ କାଗଜପତ୍ର ସବୁ ଠିକ୍ କରିଦେଲି । ତାଙ୍କ ସ୍ତ୍ରୀ ପେନସନ ପାଇବାରେ ଅସୁବିଧା ଆଉ ନାହିଁ ।

ବୃତ୍ତ ଭିତରେ ପେଟ୍ରୋମାକ୍ସ ଆଲୁଅରେ ରାଧେଶ୍ୟାମ ଧରୁଆ ନାଚୁଥିବ । ଆଲୁଅ ନିଭେଇ ଗଲେବି ରାଧେଶ୍ୟାମ ଧରୁଆ ଥକୁନଥିବ । ମହାଜନ ରାଧେଶ୍ୟାମ ଧରୁଆର ମଧୁର ବଚନ ଶୁଣୁଥିବ । ଗୋଟିଏ ଅଭିନୟ ସରିବ କେବଳ, କିନ୍ତୁ ରାଧେଶ୍ୟାମ ଧରୁଆ ମରି ନଥିବ । ପରାଜିତ ହେଉ ନଥିବ । ସେ ଚାଲିଯାଉଥିବ ବୃତ୍ତରୁ ବାହାରି ଘରଦ୍ୱାର ସୁନା,ରୁପା ଦେଇ ଜଙ୍ଗଲକୁ । ଗୋଟିଏ ବସ୍ତ୍ର ହୋଇ ।

❑❑❑

**ଅସମୟରେ ଦରକାରରେ ଆସୁଥିବା ମହୁଲ ଟୋଳ ସଂଗ୍ରହ**

Digitized by srujanika@gmail.com

# ୧୧

# କାରୁଣ୍ୟର ଫସଲ

ସୀତାରାମ ଭୋଇ ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ୍ ଗୋଇମୁଣ୍ଡ ଗ୍ରାମ ପଞ୍ଚାୟତର ବୁଢ଼ାପଦର ଗାଁରେ ରହେ । କେବେ ଦାଦନ ଯାଉଥିଲା । ୨୦୦୩ ମସିହା ଦାଦନ ଶ୍ରମିକ ଗାଁ ଛାଡ଼ିବାବେଳେ ଗାଁଲୋକଙ୍କୁ ଗୁହାରି ହେଲା । ମୋର ଜମିବାଡ଼ି କିଛି ନାହିଁ ତୁମେ ଜାଣିଛ । ମୋର ପରିବାର ପାଳିବା ପାଇଁ ମୁଁ ମନସ୍ଥ କରିଛି ଚାଷ କରିବି । ତୁମେମାନେ ସଦୟହେଲେ ଗୋଚର ଜମି କିଛିରେ ପିଆଜ ଚାଷ କରନ୍ତି । ଗାଁ ଲୋକ ହଁ କଲେ । ସେ ୧୫ ଡିସିମିଲ ପାଖାପାଖି ଗୋଚର ଜମିକୁ ମାଟିବାଡ଼ ଦେଲା । କୂଅ ଖୋଳିଲା । ନିଜ ପରିବାର ସଙ୍ଗେ ପରିଶ୍ରମ କରି ପିଆଜ ଚାଷ କଲା । ସେହିବର୍ଷ ପାଇଲା ୧୫୦୦ ଟଙ୍କା । ତା' ପରବର୍ଷ ବର୍ଷା ଓ କରକାପାତ ଯୋଗୁଁ ପିଆଜ ଚାଷୀ ସମସ୍ତେ କ୍ଷତିରେ ପଡ଼ିଲେ । ତଥାପି ସେ ପାଇଥିଲା ୧୨୦୦ ଟଙ୍କା ।

ସମୂହ ଭିତରେ ଜଣେ ସୀତାରାମ । ତାର ଅଜାଣତରେ ତାକୁ କିଏ ଖଟଉଥାଏ । ତା'ର ଶ୍ରମଫଳ ଖାଉଥାଏ । ସେ ଜାଣେନି । ଜାଣିଲେ ବି ଭାବେ ନେଣଦେଣ, ଆଉ ଅଧିକ ଜାଣିଲେ ଧରିନିଏ ଭାଗ୍ୟ ।

ସାହୁକାରର ଋଣ ଆଉ ପରିବାରର ବୋଝରୁ ନିସ୍ତାର ପାଇବା ପାଇଁ ସୀତାରାମ ପିଆଜ ଚାଷ କରେ । ନିଜ ସଂସାରର ସୁଖଦୁଃଖ ସୀତାରାମ ନିଜେ ଜାଣେ । ପିଆଜ ଚାଷରୁ କଣ ପାଇଲା ସବୁଠାରୁ ବେଶି ସେ ବୁଝିଛି, ତେଣୁ ଆଜିଯାକେ ଛାଡ଼ିନି ପିଆଜ ଚାଷ । ହେଉପଛେ ସେଟା ଗୋଚର ଜମି ।

ପଶ୍ଚିମ ଓଡ଼ିଶା ମାଳଭୂମି ମୁଖ୍ୟତଃ ଗୋଟିଏ ପଟେ ଢାଲୁ । ଭୂମିର ଏହି ଚରିତ୍ର ଅନେକ ପ୍ରାକୃତିକ ଜଳାଶୟର ଧାରକ ଏବଂ ନଦୀମାନେ ଖରସ୍ରୋତା । ପାହାଡ଼ ଜଙ୍ଗଲ ଓ ମାଳଭୂମିର ଚରିତ୍ର ପାଣିକୁ ପ୍ରାୟତଃ ପ୍ରାକୃତିକ ଉପାୟରେ ସାମାନ୍ୟରୁ କିଛି ଅଧିକ ସମୟ ପାଇଁ ନଦୀ ପର୍ଯ୍ୟନ୍ତ ଯିବାକୁ ଦିଏନି । ଫଳତଃ ଭୂମିର ସ୍ଥିତି ଅନୁସାରେ ଭୂଗର୍ଭର ଜଳସ୍ତର ରହିଥାଏ । ବେହେଲି ଓ

Digitized by srujanika@gmail.com

ବାହାଲ ଏପରି ଜମି ଯେଉଁଠି ପାଞ୍ଚଫୁଟରୁ ବି କମ୍ ତଳେ ପାଣି ମିଳେ । ମାଲ, ବେର୍ଣ୍ଣାରେ ଏହା ସର୍ବାଧିକ ୨୫ଫୁଟ ତଳକୁ ଯାଇଥାଏ । ଟିଟିଲାଗଡ଼ ଉପଖଣ୍ଡର ଭୂଗର୍ଭ ଜଳ ଏତେ ପରିମାଣରେ ଅଛି ଯେ ପରିସଂଖ୍ୟାନ କହେ ଏହା ସମଗ୍ର ଜିଲ୍ଲାକୁ ବର୍ଷତମାମ ଜଳସଙ୍କଟରୁ ମୁକୁଳେଇ ପାରିବ । ଅନ୍ୟତ୍ର ଟିଟିଲାଗଡ଼ ସହରର ଜଳସଙ୍କଟ ସର୍ବବିଦିତ । ଖାସ୍ ପାଣି ସମସ୍ୟାର ସମାଧାନ ପାଇଁ ବିଜ୍ଞାପିତ ଅଞ୍ଚଳ ପରିଷଦର ଭୋଟକୁ ଦୁଇଥର ଲୋକେ ବର୍ଜନ କରିଥିଲେ । କିନ୍ତୁ ଖଡ଼ିଆଳ, ବଙ୍ଗୋମୁଣ୍ଡା ଓ ମୁରିବାହାଲ ଅଞ୍ଚଳରେ ଅନେକ ଉସକୂପର ସନ୍ଧାନ ମିଳିଛି । ଯା'ର ପାଣିକୁ ବଙ୍ଗୋମୁଣ୍ଡା ଓ ଖଡ଼ିଆଳରେ ବ୍ୟବସ୍ଥିତ କରାଯାଇଥିବା ବେଳେ ମୁରିବାହାଲର ସାମାନ୍ୟ କେତେକ ଜମିରେ ଚାଷ ହେଉଅଛି ।

୧୯୫୭-୫୮ ରେ ମୁରିବାହାଲ ବ୍ଲକ୍‌ର କୁର୍‌ରାଖାଇ ଜୋରକୁ ବାନ୍ଧି ଡଙ୍ଗରପଡ଼ାରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ତିଆରି ହେଲା । ଏଥିରେ ଅନେକ ଲୋକଙ୍କ ଚାଷଜମି ଗଲା । ଯୁବାମାଲ, ବନ୍ଧବାହାଲ ଓ ଡଙ୍ଗରପଡ଼ାର ୧୩ ଜଣ ପରିବାରଙ୍କୁ ତିଖାଗୀ ଗିର୍ଜର୍ଭ ଫରେଷ୍ଟରେ ଜମି ଦେବାର ପ୍ରତିଶ୍ରୁତି ଦିଆଗଲା । ଜମି ଚିହ୍ନଟ ହେଲା କିନ୍ତୁ ବନବିଭାଗ ସେମାନଙ୍କୁ ଚାଷ କରେଇ ଦେଲାନି । ଅନ୍ୟମାନଙ୍କୁ ତେତେଲଖୁଣ୍ଟି-କେଗମେଲା ସୀମାରେ ଜମି ଦିଆଗଲା । କିନ୍ତୁ ଏଠାରେ ଗୋଟିଏ ଆଶ୍ଚର୍ଯ୍ୟକର ଘଟଣା ଘଟିଚାଲିଛି । ଯେଉଁ ଜମିରେ ପାଣିମାଡ଼ିବ ବୋଲି ସୀମା ଧାର୍ଯ୍ୟ ହେଲା, ସେ ଜମି ମାନଙ୍କରେ ଆଜି ପର୍ଯ୍ୟନ୍ତ ପାଣିମାଡ଼ିନି କିନ୍ତୁ ସେମାନେ କ୍ରମାଗତ ଜଳକର ଦେଇ ଆସୁଛନ୍ତି ।

ଆଲୋକ ତୋମର ନିଜର 'ହରା ଭରା ଅକାଲ୍'ରେ ଲେଖିଲା ଯେ ଏ ଅଞ୍ଚଳର ମାଟିର ଦଶଫୁଟ ଭିତରେ ପାଣି, କିନ୍ତୁ ଏଠାରେ ମରୁଡ଼ି ପଡ଼େ । ବଲାଙ୍ଗିରରେ ଶହେରୁ ଅଧିକ ଡିପ୍ ବୋର ବେକାର ହେଲା । କୁହାଗଲା ବଲାଙ୍ଗିର ଜିଲ୍ଲାରେ ଭୂତଳ ଜଳ ଆତଙ୍କିତ ସ୍ତରରୁ ବି ଅଧିକ ଖସି ଗଲାଣି । ପି. ସାଇନାଥ ନିଜର 'ଏଭ୍ରିବଡ଼ି ଲଭସ୍ ଏ ଗୁଡ୍ ଡ୍ରାଉଟ'ରେ କହିଲା ଏଠାରେ ସବୁଠୁ ବେଶି ପାଣି ଦରକାର କରୁଥିବା ଆଖୁ ଚାଷ ପ୍ରଚୁର ହୁଏ ।

ସୁତରାଂ ଆମେ କେଉଁଠି ନା କେଉଁଠି ଭୁଲ୍ କରୁଛୁ । ଗୋଟିଏ କାର୍ଯ୍ୟକ୍ରମକୁ ରୂପାୟନ କରିବାକୁ ଯାଇ ଆମେ ଭୂମିର ଚରିତ୍ର ଓ ପ୍ରକୃତିକୁ ଉପେକ୍ଷା କରୁଛୁ ।

ପିଆଜ ଚାଷ ଓ ସୀତାରାମ ଭୋଇ

Digitized by srujanika@gmail.com

ଲକ୍ଷ୍ମୀଧର ନାୟକ ବଲାଙ୍ଗିରର ପାରମ୍ପରିକ ଜଳସେଚନ ଉପରେ ଚର୍ଚ୍ଚା କରିବାକୁ ଯାଇ କହେ ଆମେ ପଛକୁ ଫେରିଲେ ଉତ୍ତରଣ ଏବଂ ଆଗକୁ ଗଲେ ଅବକ୍ଷୟ ।

ଏ ବିରୋଧାଭାଷ ଓ ସୀତାରାମ ଭିତରେ ଅନ୍ତର କେତେ ? ଏ 'ଯକ୍ଷପ୍ରଶ୍ନ'ର ଉତ୍ତର ସମ୍ଭବତଃ କାହା ନିକଟରେ ନାହିଁ । କିନ୍ତୁ ସୀତାରାମର ପିଆଜ ଚାଷ କୌଣସି ବୈଜ୍ଞାନିକତାର ଧାର ଧାରେ ନାହିଁ । ଦଶନ୍ଧି ଦଶନ୍ଧି ଧରି ସୀତାରାମ ଉପରେ ପଡ଼ିଥିବା ଅନୈତିକ ଚାପ ଭିତରୁ ନିଜକୁ ମଣିଷଟିଏ ବୋଲି ମୁକୁଳେଇବା ପାଇଁ ଗାଁ ଲୋକଙ୍କୁ ହାରି ଗୁହାରୀ ହୋଇ ଗୋଚର ଜମିରେ ପିଆଜ ଫଳାଏ ।

ସୀତାରାମ କାହିଁକି ପିଆଜ ଚାଷକରେ (?) ଏହାର ଇତିହାସ ସୁଦୀର୍ଘ । ୧୯୬୫ ମରୁଡ଼ି ପଛକୁ ମରୁଡ଼ିର ଏକ ଶତାବ୍ଦୀର ଇତିହାସ । ତା'ପରକୁ ପର ମରୁଡ଼ି । ଏତେଦିନ ସୀତାରାମର ମେରୁଦଣ୍ଡକୁ ସୁରି ମାରି ସାରିଥାଏ । ନାନା ଉପାୟ କରେ ସୀତାରାମ । ୧୯୬୫ ମରୁଡ଼ିରେ ତା'ର ଧୈର୍ଯ୍ୟ ଭାଙ୍ଗିଯାଏ । ଗୋଟିଏ ବିରାଟ କ୍ଷେତ୍ର ଇତଃସ୍ତତଃ ହୋଇଯାଏ ।

୧୯୭୫ ପର୍ଯ୍ୟନ୍ତ ୬୫'ମରୁଡ଼ିର ପ୍ରଭାବ ଜଳଜଳ ଦିଶୁଥାଏ । ବଙ୍ଗୋମୁଣ୍ଡା ଅଞ୍ଚଳର ଅଣ୍ଡର୍ଲା, ମାଲପଡ଼ା ଓ କପିଲାଭଟା ଅଞ୍ଚଳରେ ପ୍ରଥମେ ପିଆଜ ଚାଷ କଲେ ମାଳି ସମ୍ପ୍ରଦାୟ । ଯେଉଁମାନଙ୍କ ମୁଖ୍ୟ ଜୀବିକା ହେଲା ପନିପରିବା ଚାଷ । ପିଆଜ ସ୍ଥାନୀୟ ଭାଷାରେ ଉଳଲ । ନଭେମ୍ବର ଶେଷ ପର୍ଯ୍ୟନ୍ତ ଉଲଲ ଶାଗ ଅମଳ ହେବା ଆରମ୍ଭ ହୁଏ । ଜାନୁଯାରୀ ଶେଷବେଳକୁ ମଘା ଅମଳ ହୋଇଥାଏ । ଉଲଲ ଶାଗ ଓ ଉଲଲ ମଘା ଅଞ୍ଚଳରେ ବେଶ ପ୍ରିୟ ପରିବା । ଏହାର ବିକ୍ରିରେ ବେଶ୍ ଦୁଇ ପଇସା ମାଳି ପାଇଥାଏ । ଯାହା ଏ ଯାବତ ଚାଲୁଅଛି । ଫେବୃୟାରୀ ଶେଷବେଳକୁ ପିଆଜ ଛୋଟ ଛୋଟ ଥିବା ଅବସ୍ଥାରେ ମୂଳରୁ ଉପାଡ଼ି ବିଡ଼ା ବାନ୍ଧି ବିକ୍ରି କରୁଥିଲେ । ଏଥିପାଇଁ ନିଜର ବିହନ ବ୍ୟବହାର ହେଉଥିଲା । ଯାହାକୁ ପାରମ୍ପରିକ ଉପାୟରେ ସଂଗ୍ରହ କରାଯାଉଥିଲା । ଯାହା ଏବେ ବି ଚାଲିଛି । ଏହି ଚାଷର ଉଦ୍ଦେଶ୍ୟ କେବଳ ଏତିକି ଥିଲା ଯେ ଲୋକଙ୍କ ସାମାନ୍ୟ ଆବଶ୍ୟକତାକୁ ପୂରା କରିବା । ଏଥିରେ ସେତେ ବଡ଼ ବ୍ୟାପାର ନଥିଲା । ସୀତାରାମ ବଜାରରୁ କିଣି ଉଲଲ ଶାଗ କି ଉଲଲ ମଘା ଖାଉଥିଲା ।

୨/୨ ଫୁଟର ପଟାଳି ବା ଦୂହୁରୀ କରି ଆଗରୁ ଯେପରି ଉଲଲ ଶାଗ ଓ ଉଲଲ ମଘା ଅମଳ କରାଯାଉଥିଲା, ଆଜିବି ଠିକ୍ ସେପରି ପଟାଳୀ ପ୍ରସ୍ତୁତ ହୁଏ । କୂଅରୁ ଟେଣ୍ଡା ସାହାଯ୍ୟରେ ପାଣି ମଡ଼ା ଯାଉଥିଲା, ଆଜିବି ଅସ୍ଥାୟୀ କୂଅ ଖୋଳି ସେପରି ପାଣି ମଡ଼ାହୁଏ । ମୋଟର ପାଇପ୍‌ର ବ୍ୟବହାର କେହି କରନ୍ତି ନାହିଁ । ଅନ୍ୟାନ୍ୟ ଚାଷରେ ମୋଟର ପାଇପ୍‌ର ବ୍ୟବହାର ବେଶି ନ ହେଲେବି ହେଉଛି । କିନ୍ତୁ ପିଆଜ କ୍ଷେତ୍ରରେ ନାହିଁ କାରଣ ପାରମ୍ପରିକ ଚାଷ ପଦ୍ଧତିରେ ବି ଏହାର ଚାଷ ପ୍ରକ୍ରିୟାରେ ଉନ୍ନତି କରାଯାଇ ନାହିଁ । କିନ୍ତୁ ପିଆଜ କେଉଁ କେଉଁ ଜମିରେ ଅମଳ ହୁଏ, ୧୯୮୦ ପରେ ଲୋକେ ଜାଣିଗଲେ ।

ଆଁଟ, ବେର୍ଣ୍ଣା ଓ ବାହାଲ ନାମରେ ତିନି କିସମର ଜମି ଏ ଅଞ୍ଚଳରେ ଅଛି । ଚରିତ୍ରଗତ ଦୃଷ୍ଟିରୁ ଏହାର ଏପରି ନାମକରଣ । ଉଚ୍ଚଜମି ଆଁଟ, ସାମାନ୍ୟ ସମତଳ ଜମି ବେର୍ଣ୍ଣା ଓ ଖାଲୁଆ ଜମି ବାହାଲ । ଆଁଟ ଜମିରେ କୋଦୋ, ଆଁଟଧାନ, ଗୁରଜୀ, ଚିନାବାଦାମ ଇତ୍ୟାଦି ପାରମ୍ପରିକ ଚାଷ କରିଥାନ୍ତି । ଯାହା ନୂଆଖାଇ ପରେ ପରେ ଅମଳ ହେବା ଆରମ୍ଭ ହୁଏ । କାର୍ତ୍ତିକ ମାର୍ଗଶିରବେଳକୁ ଏଥିରେ ପିଆଜ ଚାଷ କଲେ ଏହା ଫେବୃୟାରୀ-ମାର୍ଚ୍ଚ ବେଳକୁ ଅମଳ ହୁଏ । ବେରନା ଜମିରେ

Digitized by srujanika@gmail.com

କୋଳଥ, ମୁଗ, ବିରି, କୋଦୋ, ରାଶି ଇତ୍ୟାଦି ଚାଷ ହୁଏ । ଯାହା ମାର୍ଗଶିର ଶେଷବେଳକୁ ଅମଳ ହେବା ଆରମ୍ଭ ହୁଏ । ଏଥିରେ ପିଆଜ ଚାଷ କଲେ ଏପ୍ରିଲ-ମଇ ବେଳକୁ ଅମଳ ହୁଏ । ବାହାଲ ଜମିରେ ମୁଖ୍ୟତଃ ଧାନଚାଷ ହୁଏ । ଯାହା ଅମଳ ହେବାକୁ ପୌଷ ପର୍ଯ୍ୟନ୍ତ ସମୟ ନେଇଥାଏ କିସମ ଅନୁପାତରେ । ଏ ଜମିରେ ପିଆଜ ଚାଷକଲେ ଏହା ଜୁନ୍ ମଧ୍ୟ ବେଳକୁ ଅମଳ ହୁଏ । ଅର୍ଥାତ ନିଜର ପାରମ୍ପରିକ ଚାଷ କରିସାରିଲା ପରେ ହିଁ ଲୋକେ ପିଆଜ ଚାଷ ଆରମ୍ଭ କରିଥାନ୍ତି ।

ପିଆଜ ତଳି ଧରିବାକୁ ୨୦ ଦିନ ପର୍ଯ୍ୟନ୍ତ ସମୟ ନିଏ । ତାପରେ ସର୍ବାଧିକ ୧୦୦ ଦିନରେ ଏହା ଅମଳ ହୋଇଥାଏ । ଅର୍ଥାତ ପାରମ୍ପରିକ ଚାଷ ପରେ ଚାଷୀକୁ ଚାରିମାସର କାମ ମିଳିଯାଏ । ୨/୨ ଫୁଟର ପଟାଳାରେ ୫୦ ରୁ ୯୦ଟି ତଳି ରୋପାଯାଏ । ଅମଳ ବେଳକୁ ୨ରୁ ୫କେଜି ପର୍ଯ୍ୟନ୍ତ ଗୋଟିଏ ପଟାଳୀରୁ ମିଳିଥାଏ । ଅର୍ଥାତ ଏକରକୁ ୩୦ରୁ ୧୦୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଅମଳ ହୁଏ । ସୀତାରାମ ୧୫ ଡ଼ିସିମିଲି ଜମିରେ ଭଲ ଫସଲ ହେଲେ ୧୫ କ୍ୱିଣ୍ଟାଲ ପିଆଜ ପାଏ । ଯାହାକୁ କିଲୋ ଟଙ୍କାଏ ଦରରେ ବିକିବାକୁ ବାଧ୍ୟହୁଏ ।

ତଳି ରୋଇଲାବେଳେ ସୀତାରାମ ଛେଳି ଓ ପାରାର ମଳ ସହ ଗୋବର ଦେଇଥାଏ । ଫଳରେ ତଳିର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ଲାଲ ବକି, ଧଳାବକି ଓ ଡ଼ିଆଁ ହେଉଛି ପିଆଜର ପ୍ରଧାନ ଶତ୍ରୁ । ଅଦିନିଆ ବର୍ଷା ଅଥବା ଆକାଶ ମେଘାଚ୍ଛନ୍ନ ରହିଲେ ବକି ଲାଗେ । ଏଥିରୁ ଅଧିକ ସୀତାରାମ ଜାଣେନି । ଫସଲ ଭଲ ହେବାପାଇଁ ୟୁରିଆ ଦେଇଥାଏ କିନ୍ତୁ ଜାଣିବା ଲୋକ କହନ୍ତି ଏ ମାଟିରେ ୟୁରିଆ ଗୁଣ ଥିବାରୁ ଏହାର ପ୍ରୟୋଗ ଅନାବଶ୍ୟକ । ଏଥିଯୋଗୁଁ ୩/୪ ଦିନ ବସ୍ତାରେ ରହିଲେ ପ୍ରାୟ ଦଶ ପ୍ରତିଶତ ପିଆଜ ନଷ୍ଟ ହୋଇଯାଏ । ଏକଥା ସୀତାରାମ ବୁଝେନି ।

ଧଳା, ଲାଲ୍ ଓ ବଗରୀ(ଶଙ୍କର) ପରି ତିନି ଜାତିର ପିଆଜ ଚାଷ ହୁଏ । ସ୍ଥାନୀୟ ଧଳା ପିଆଜ ଏବେ ପ୍ରାୟ ଚାଷ ହେଉନଥିବାବେଳେ ଲାଲ୍ ଓ ବଗରୀ ପିଆଜ ଚାଷ ହୁଏ । କୁହାଯାଏ ୯୦ ଦଶକ ଆରମ୍ଭ ବେଳକୁ ଅଧକିଲୋ ପର୍ଯ୍ୟନ୍ତ ପିଆଜ ବଢୁଥିଲା । ସୀତାରାମ କିନ୍ତୁଏତେବଡ଼ ପିଆଜ ଅମଳ କରି ପାରେନି ।

ସୀତାରାମ ୪୦ଟଙ୍କାରେ ପାଏ ମଞ୍ଜି କିଣିଲେ ତଳି ପକାଏ । ୧୫ ଡ଼ିସିମିଲି ଗୋଟର ଜମିକୁ ବାଡ଼ଦିଏ ହଳକରେ । ତା'ଛୁଆମାନେ ସ୍କୁଲ ଯା'ନ୍ତି ମଧ୍ୟାହ୍ନ ଭୋଜନ ମିଳେବୋଲି । ସ୍ୱାମୀ-ସ୍ତ୍ରୀ ଖଟନ୍ତି । ଖାଇସାରିଲା ପରେ କେବେ କେବେ ଛୁଆମାନେ ସ୍କୁଲରୁ ପଳେଇ ଆସନ୍ତି କାମ କରିବାକୁ ଅବା ବାଡ଼ି ଜଗିବାକୁ । ଚାରିମାସ ସ୍ୱାମୀ-ସ୍ତ୍ରୀ ଖଟନ୍ତି । ତଳି ପକେଇବାର ୧୫ଦିନ ପରେ ସୀତାରାମ ଉଇଳ ଶାଗ କାଟେ । ଯାହାକୁ ନିଜେ ଖାଏ ସ୍ତ୍ରୀ ବଜାରରେ ବିକେ । ତଳିରୋଇବା ପୂର୍ବରୁ ଆଉଥରେ କାଟି ଶାଗ ବାହାର କରେ । ତଳି ରୋଇବାର ଦୁଇମାସ ପରେ ମଘା ସଂଗ୍ରହ କରେ । ଯାହାକୁ ସ୍ତ୍ରୀ ବଜାରକୁ ନିଏ । ମଘାରେ ଛୋଟ ଫୁଲ ଆସିଲେ ସୀତାରାମ ଖୁସି ହୁଏ । ଫସଲ ଭଲ ହେବ । ବଡ଼ ଫୁଲ ଆସିଲେ ସୀତାରାମ ଜାଣେ ଫସଲ ସେତେ ଭଲ ହେବନି । ସେ ଅନୁପାତରେ ନିଜର ଆବଶ୍ୟକତାକୁ ସଂକୁଚିତ କରେ । ଅମଳ ପରେ ସୀତାରାମ ହଳଗାଡ଼ିରେ ମୁରିବାହାଲ ନିଏ । ନିଜର ୧୫କ୍ୱିଣ୍ଟାଲ ପିଆଜକୁ ତିନି ଚାରିଥର କରି । ବିକେ ୧୫୦୦ ଟଙ୍କାରେ । ସ୍ୱାମୀ ସ୍ତ୍ରୀ ଏତେ ଖଟଣୀ ପରେ ଦିନକୁ ପାଆନ୍ତି ୧୨ ଟଙ୍କା ୫୦ ପଇସା । ଏବେ ବ୍ରହ୍ମପୁର, ରାୟପୁର ଓ ଭୁବନେଶ୍ୱରକୁ ପିଆଜ ନେବାପାଇଁ ବେପାରୀ ଟ୍ରକ୍ ଲଗାଏ ତା'ଗୋଟର ବାଡ଼ିକୁ । କେବେ କେବେ ଦଲାଲ

Digitized by srujanika@gmail.com

ଆସେ । ଦୁଇଟଙ୍କା କିଲୋ ଦିଏ । ସ୍ୱାମୀ ସ୍ତ୍ରୀ ଦିନକୁପାଆନ୍ତି ୨୫ଟଙ୍କା । ସୀତାରାମ ଶୁଣେ ଦୋକାନରେ ପିଆଜ କିଲୋ ଚାରି /ପାଞ୍ଚଟଙ୍କା । ସେ ଜିଦ୍ କରି ପାରେନି । ଘରେ ସପ୍ତାହେ ପିଆଜ ରଖିଦେଲେ ପଚିଯିବ । ଅମଳ ପରେ ଦଲାଲ କି ବେପାରୀକୁ ଦେବା ବୁଦ୍ଧିମାନୀ ଛଡ଼ା କିଛି ନୁହେଁ ।

ସୀତାରାମ ବୁଝିପାରେନି ତାର ପିଆଜ ଅମଳବେଳକୁ ଦୋକାନରେ ପିଆଜ କିଲୋ ଚାରି ପାଞ୍ଚଟଙ୍କା ହୁଏ । ଅମଳ ସରିଗଲେ ଏହା ଦଶଟଙ୍କାରୁ ବି ବଢ଼ିଯାଏ । ସେ ଯଦି ଏପରି କରି ପାରନ୍ତା, ତା'ହେଲେ ତାର ଶ୍ରମ ସାର୍ଥକ ହୁଅନ୍ତା । ବଜାରରୁ ପିଆଜ ଦୁଇଟଙ୍କାର କିଣିଆଣେ । ସେ ଅମଳ କରିଥିବା ଲାଲ ପିଆଜ ସହ ମିଶାଏ । ତାର ପିଆଜର ରଙ୍ଗଟିକିଏ ଫିକା ଦିଶେ । ଦୋକାନର ପିଆଜ ଏତେ ଲାଲ ଓ ଟାଣ କାହିଁକି ବୁଝିପାରେନି ।

ସୀତାରାମ ଏତେ ବିଦ୍ୟା ଜାଣେନି । ନାସିକର ପିଆଜ ସାରା ଦେଶକୁ ଯୋଗାଏ । ସେଠାରେ ପିଆଜ ଚାଷ ଉପରେ ଉପଯୁକ୍ତ ଗବେଷଣା ହୁଏ । ମାଟିର ଗୁଣଧର୍ମ ରକ୍ଷାକରି ପିଆଜ ଚାଷ ହୁଏ ।

କିଛିଚାଷୀଙ୍କୁ ଧରି ଜଣେ ନାସିକ ଯାଏ । ସୀତାରାମର ଇଚ୍ଛା ଥିଲେବି ଯାଏନି । କହିପାରେନି ସେ ପିଆଜ ଚାଷୀ । ସେ ନିଜ ବାପର ନୁହେଁ, ଗୋଚର ଚଷୁଛି । ସମସ୍ତେ ଫେରନ୍ତି । ପିଆଜ ଚାଷ ଉପରେ ବହୁତ କଥା କହନ୍ତି ଚାଷୀମାନଙ୍କ ସହ ସୀତାରାମ ବସେ । ଅନ୍ୟଚାଷୀଙ୍କ ପରି ସୀତାରାମ ଛାତି ଡେରି ପଚାରି ପାରେନି । ସେମାନେ ନିଜ ଜମି ଚାଷକଲେ ସୀତାରାମ ଗୋଚର ଚଷେ । ସେ ଲୋକ ପିଆଜ ଉପରେ ଯେଉଁ କଥା କହେ, ସୀତାରାମ ଡରେ । ନାସିକର ବଡ଼ ବଡ଼ ଲୋକ ସେମାନେ ଯାହା କରିବେ ସେ ନିଜେ ପାରିବନି । ଯଦି କଲା, ଫସଲ ନ ହେଲେ ? ସୀତାରାମ ଚାଷକରେ ପୂର୍ବପରି । ସେ ଲୋକକୁ ତା' ଗାଁର କେତେ ଚାଷୀ ଗାଳି କରନ୍ତି । ସେ ଲୋକକୁ ଆଉ ସୀତାରାମ ଗାଁରେ ଦେଖେନି ।

ସେ ଲୋକକୁ ମୁଁ ପଚାରେ । ସେ କହେ ଚାଷୀମାନେ ପିଆଜ ଚାଷ କରି ଜାଣନ୍ତିନି । କିନ୍ତୁ ଚାଷୀମାନେ ପିଆଜ ଚାଷ କରନ୍ତି । ଏକଥା ସେ ଲୋକ ଜାଣିପାରେନି ।

ଦିନେ ପୁଣିଥରେ ସେ ଲୋକ ଆସିଲା । କହିଲା ପିଆଜ ଅମଳ ସରିଲେ ପନ୍ଦରଦିନ ପରେ ତାର ଦାମ୍ ବଢ଼ିଯାଉଛି । ତେଣୁ ସମସ୍ତ ଚାଷୀ ପିଆଜକୁ ଦୁଇମାସ ସାଇତିଦେଲେ ଛଅସାତ ଗୁଣ ଲାଭ ପାଇବ । ଚାଷୀମାନେ ହଁ କଲେ । ସୀତାରାମ ବି ଖୁସିହେଲା । ସେ ଲୋକ ପିଆଜ ରଖିବା ଘର ତିଆରି କଲା । ପିଆଜ ପଚିଗଲା । ସେ ଲୋକ ସେଦିନୁ ନା ପିଆଜର ନାଁ ଧରିଲା, ନା ଗାଁକୁ ବର୍ଷଟିଏ ଆସିଲା ।

ସେ ଲୋକକୁ ମୁଁ ପୁଣିଥରେ ପଚାରିଲି । ସେ କହିଲା ନାସିକରେ ଏପରି ହୁଏ । ଏଠାରେ କାହିଁକି ହେଲାନି ନା ସୀତାରାମ ଜାଣିଲା, ନା ସେ ଲୋକ । ବାସ୍, ପିଆଜ ଚାଷରେ ବିପ୍ଳବର କାହାଣୀ ସରିଗଲା । ସୀତାରାମ ଗୋଚରକୁ ଚାଷ କରିଗଲା । ସେ ଲୋକ ଜଙ୍ଗଲକୁ ଗଲା ଅନ୍ୟ ଚାଷ ପାଇଁ ପାଠ ପଢ଼େଇବାକୁ । ଅଞ୍ଚଳରେ ୧୮ରୁ ୨୦ହଜାର ହେକ୍ଟର ପିଆଜ ଚାଷ ହୁଏ । ଅଞ୍ଚଳର ଚାଷୀ ପାଆନ୍ତି ମାତ୍ର ୫୦କୋଟି ଟଙ୍କା । ଏ ଭିତରେ ମିଶିଥାଏ ବିହନ ସହ ସମସ୍ତ ଶ୍ରମ ଓ ଖର୍ଚ୍ଚ । ଏମାନଙ୍କୁ ନିଜ ବୁଦ୍ଧିରେ ଖଟେଇ ମଧ୍ୟସ୍ଥି ମାରିନିଅନ୍ତି ଦେଢ଼ଶହ କୋଟି ଟଙ୍କା ।

ଚାଷ କରିବା ପୂର୍ବରୁ ମହାଜନ ସୀତାରାମ ପାଖକୁ ଆସେ । ବିହନ ଦିଏ । ଚାଷଖର୍ଚ୍ଚ ବି । ଅମଳ ହେଲେ ମହାଜନ ଖର୍ଚ୍ଚ କରିଥିବା ଟଙ୍କାଉପରେ ଚାରିମାସର ସୁଧ ଯୋଡ଼େ । ନିଜ ହିସାବରେ ମୂଲ୍ୟ

Digitized by srujanika@gmail.com

ନିର୍ଦ୍ଧାରଣ କରେ । ଟଙ୍କାର ମୂଳ ସୁଧ କାଟି ଦୁଇମାସ ପରେ ବାକି ଟଙ୍କା ଦିଏ । ସୀତାରାମ ଭାବେ ଏଇଟା ନିୟମ, ଏଇଟା ନେଣଦେଣ, ସେ ହଁ କରେ । ତା'ଘରକୁ ବିହନ ଓ ଟଙ୍କା ପହଞ୍ଚେ । ଗୋଟରେଗୁ ହିଁ ପିଆଜ ବିକ୍ରି ହୋଇଯାଏ । ମୁରିବାହାଲ ଯିବାକୁ ପଡ଼େନି ।

ସରକାର ବି ଭାବନ୍ତି ପିଆଜକୁ କିଛିଦିନ ସାଇତି ରଖିଲେ ଚାଷୀ ପାଞ୍ଚଗୁଣ ଲାଭପାଇବ । ସାତ ହଜାର ଟଙ୍କା ସହଯୋଗରେ ଚାଷୀକୁ ନିଜସ୍ୱ ପିଆଜ ଗୋଦାମ ତିଆରି ପାଇଁ କହନ୍ତି । ଚାଷୀମାନେ ସ୍ୱକୀୟ ଗୋଦାମ ତିଆରନ୍ତି । ସୀତାରାମ କରିପାରେନି । ଗୋଚରର ପଟ୍ଟା ତା' ନାଁରେ ନଥାଏ । ଏହା ସର୍ବସାଧାରଣଙ୍କ ଜମି । ଗାଈମାନଙ୍କ ଜମି । ସରକାରଙ୍କ ଜମି । ଚାଷୀ ଲାଭପାଇଲା ନ ପାଇଲା, ସୀତାରାମ ଜାଣେନି । କିନ୍ତୁ ବର୍ଷାବେଳେ ଗୋଦାମର ପିଆଜ ନଷ୍ଟ ହୋଇଯିବାର ସେ ଦେଖେ । ସରକାରବି ତିଆରି କରେଇ ପାରନ୍ତିନି କୋଡ଼ିଏ ହଜାର ହେକ୍ଟରର ଗୋଟିଏ ଜମି ପାଇଁ ଗୋଦାମ । ଅନୁପାତ କହେ ମୋଟ ଗୋଦାମରେ ଅମଳର ଦଶ ପ୍ରତିଶତ ଫସଲ ରହିବା ମୁସ୍କିଲ । ମଧ୍ୟସ୍ଥି ଓ ସୀତାରାମମାନେ ଦେଖିପାରନ୍ତି ନାହିଁ କାଗଜ କଲମରେ ପିଆଜ ଚାଷର ବିପ୍ଳବ ।

ସୀତାରାମ ଶୁଣେ ଏକଦା ଏହି ପିଆଜ ତିନୋଟି ରାଜ୍ୟ ସରକାରଙ୍କୁ ତଡ଼ିଦେଲା । ସୀତାରାମ ନିଜେ ଅମଳ କରିଥିବା ପିଆଜକୁ ଖୋଲେ ପରସ୍ତ ପରସ୍ତ ଅନ୍ତଃହୀନ ପରସ୍ତ । ଦ୍ରୌପଦୀର ମାନ ରହିଯାଏ ।

ଏକ ଲୋକ ଅନୁଷ୍ଠାନ 'ଜନମୁକ୍ତି ଅନୁଷ୍ଠାନ' କହେ ମୁଁ ପିଆଜ ଚାଷକୁ ସୁରକ୍ଷା ଓ ପ୍ରଚାର କରି ଗଁରେଇ ଗ୍ରାମ ପଞ୍ଚାୟତକୁ ଦାଦନମୁକ୍ତ ଗ୍ରାମପଞ୍ଚାୟତ କରିଦେଇଛି । କଥାଟି ଚିତ୍ତାକର୍ଷକ ନିଶ୍ଚୟ । କଥାଟି ଅନୁଷ୍ଠାନମାନଙ୍କ କର୍ମକୁଶଳତାର ମାପକାଠି କୁଆଡ଼େ । ମୁଁ ଗଁରେଇ ଗ୍ରାମ ପଞ୍ଚାୟତ ବୁଲେ, ତଥ୍ୟ ପଢ଼େ । ଲୋକେ କ୍ରମ ଅନୁସାରେ ପିଆଜ ଚାଷ କରିଛନ୍ତି । ସେହି କ୍ରମରେ ଦାଦନ ଯିବା ବନ୍ଦ କରିଛନ୍ତି । କାଁ ଭାଁ କିଛି ଲୋକଙ୍କୁ ଛାଡ଼ି ।

ସୀତାରାମ ଦଲାଲଠାରୁ ଅଗ୍ରୀମ ଟଙ୍କା ନେଇ ଦାଦନ ଖଟିଗଲା ବେଳେ ଦେଖୁଥିଲା ପିଆଜ ଚାଷ ପାଇଁ ଲୋକେ ପ୍ରସ୍ତୁତ ହେଉଛନ୍ତି । ଫେରିଲାବେଳେ ଦେଖେ ପିଆଜର ବଜାର ସରିଯାଇଛି । ଏବେ ସେ ଦେଖୁଛି ସେ ପିଆଜଚାଷ ପାଇଁ ପ୍ରସ୍ତୁତ ହେଲେ ଲୋକେ ଯାଉଛନ୍ତି ଓ ତାର ଫସଲ ବିକ୍ରି ସରିଲେ ଲୋକେ ଫେରୁଛନ୍ତି । ଗୋଟିଏ ଦୃଶ୍ୟ, କିନ୍ତୁ ଦେଖିବାର ପାର୍ଶ୍ୱ କେବଳ ବଦଳେ ।

ସୀତାରାମ କାହିଁକି ଦାଦନ ଯାଏ ? ସୀତାରାମ କାହିଁକି ପିଆଜ ଚାଷ କରେ ? ପ୍ରଶ୍ନ ଗୋଟିଏ , କିନ୍ତୁ ପଚରାଯାଏ ଦୁଇଥର ।

ଗୁଆଗଡ଼ା ସରିଲା ପରେ ସୀତାରାମ ପାଖରେ କାମ ନଥାଏ । ଏତେବେଳେ ଲୋକେ ସାମୟିକ ଭାବରେ ରାୟପୁର ଯାଇଥାନ୍ତି । ଫସଲ ଅମଳ ହେବାବେଳକୁ ସୀତାରାମକୁ କାମ ମିଳେ । ଏହାପରେ ତା' ହାତରେ ନା ଟ' କାମ ଥାଏ, ନା ବଞ୍ଚିବାର ଅନ୍ୟ ସାଧନ । ସରକାରୀ କାମ ଯାହା ମିଳେ ଧର୍ମକୁ ଆଖିଠାର ପରି । ଏହି କାମ ଉପରେ ସୀତାରାମମାନେ ବିଶ୍ୱାସ କରିପାରନ୍ତି ନାହିଁ । ଏତେବେଳକୁ ଦଶହରା ଓ ନୂଆଖାଇ ପରି ବଡ଼ ବଡ଼ ପର୍ବ ସରି ଯାଇଥାଏ । ଏ ପର୍ବମାନ ତାର ସଞ୍ଚୟ ଓ ଆୟ ଉପରେ ବେଶ୍ ପ୍ରଭାବ ପକାନ୍ତି । ଏଥିପାଇଁ ବି ଋଣ ନକଲେ ନ ଚଳେ । ପାଖ ଆଖରେ ଜଙ୍ଗଲ ଥିଲେ ବି ଜଙ୍ଗଲ ଉପରେ ସେତିକି ଭରସା କରାଯାଇ ପାରେନାହିଁ । କାରଣ ଏତେବେଳକୁ ବାଲୁନ୍ (ଝାଡୁ) ବ୍ୟତୀତ କିଛି ମିଳେନାହିଁ । ଯାହା ସମସ୍ତ ସୀତାରାମଙ୍କ ବଞ୍ଚିବାର ମାଧ୍ୟମ ହୋଇପାରେ

Digitized by srujanika@gmail.com

ନାହିଁ । କର୍ମସଂସ୍ଥାନର ସଙ୍କୋଚନ ଫଳରେ ଲକ୍ଷ ଲକ୍ଷ ସୀତାରାମର ପରିବାର ବଞ୍ଚିବା ପାଇଁ ଚିନ୍ତା କରନ୍ତି । ଏ ଚିନ୍ତାରୁ ମୁକୁଳେଇବା ପାଇଁ ଦେବଦୂତ ପରି ଦାଦନ ଦଲାଲ ଆସେ ତା' ନିକଟକୁ ।

ଦାଦନ ଯିବା ସବୁଠାରୁ କଷ୍ଟ । କେବଳ ବଞ୍ଚିବା ବାହାନାରେ ଯିବାକଥା । ଏ ବାହାନା ଯଦି ଏଇ ମାଟିରେ ମିଳନ୍ତା ଦାଦନ ଯାଆନ୍ତେ କାହିଁକି ? ସୀତାରାମମାନଙ୍କୁ ବାହାନା ମିଳିଯାଏ; ପିଆଜ ! ଏଇଥି ପାଇଁ ନିଜ ଜମି ନ ହେଲେ ବି ଗୋଚର ଜମିରେ ପିଆଜ ଚାଷ କରିବାକୁ ଏମାନେ ଅଧିକ ପସନ୍ଦ କରନ୍ତି । ଏହା ହିଁ ଗୋଟିଏ କାରଣ ଯେ ଆଜି ପିଆଜଚାଷ ଦାଦନ ପ୍ରବଣ ଅଞ୍ଚଳମାନଙ୍କରେ ପ୍ରସରି ଯାଉଛି । ଦାଦନ ପ୍ରବଣ ଅଞ୍ଚଳର ବ୍ୟାପ୍ତି ଯେତେ ବଢ଼ିବ, ବିଳମ୍ବ ହେଲେ ବି ପିଆଜ ଜମି ସେତେ ବିସ୍ତାରିତ ହେବ ।

ପିଆଜ ଚାଷରେ ବୈଜ୍ଞାନିକତାର ପ୍ରୟୋଗ କରିନି ସୀତାରାମ । ସେ ଗୋଚର ଜମିରେ କୂଅ ଖୋଳେ । ଅନ୍ୟ ସୀତାରାମମାନେ ସମସ୍ତେ ଅସ୍ଥାୟୀ କୂଅ ଖୋଳନ୍ତି । ମାଇ, ବେର୍ଣ୍ଣା ଅବା ବାହାଲରେ । ଏ କୂଅମାନ କେବଳ ପିଆଜଚାଷ ପାଇଁ ଉଦ୍ଦିଷ୍ଟ । ଚାଷପାଇଁ ସର୍ବାଦୌ ଶୁଖାମାଟି ଦରକାର ଅନ୍ତତଃ ଏକ ଫୁଟ । ଯାହା ସହଜଲଭ୍ୟ । କେବଳ ସାହସ ଓ ପରିଶ୍ରମ ଉପରେ ବିଶ୍ୱାସ ରଖି ଏ ଚାଷ କରାଯାଏ । ଯେପରି ହାଇଦ୍ରାବାଦରେ ଇଟା ଗଢ଼ାଯାଏ ।

ଏହି ଚାଷ ପାଇଁ ସରକାରୀ ପ୍ରୋତ୍ସାହନ ନାହିଁ । ବଜାରରେ ଦଲାଲଙ୍କ ନିୟନ୍ତ୍ରଣରେ ରହେ ପିଆଜ ଦର । ଏତେ ନିୟନ୍ତ୍ରଣ ଯେ ସୀତାରାମ ପିଆଜ ବିକିସାରିଲେ ଦୋକାନ ପିଆଜର ମୂଲ୍ୟ ବଢ଼ିଯାଏ । ଏ କଥା ନା ସେଲୋକ ବୁଝେ, ନା ସରକାର । ଗୋଟିଏ ସୁସ୍ଥ ବଜାର ଦେବା ବ୍ୟତୀତ ଏମାନେ ନାସିକ ଥିଓରୀ ଓ ଷ୍ଟୋର୍ କଥା ଚିନ୍ତା କରନ୍ତି । ଏମାନେ ଚିନ୍ତା କରନ୍ତିନି ପିଆଜ ଚାଷ କରିବା ଦ୍ୱାରା ମାଟିର କି କ୍ଷତି ହେଉଛି । ମାଟିର କେଉଁଗୁଣ ଯୋଗୁଁ ପିଆଜ ଅଧକେଜିରୁ ସର୍ବାଧିକ ଅଢ଼େଇ ଆଉନ୍ସକୁ ଖସିଆସେ ।

ପିଆଜର ଭବିଷ୍ୟତ କଣ ? ସୀତାରାମର ଭବିଷ୍ୟତ କଣ ? ସରକାର ଉପରେ ଭରସା କରି ବିହନ ନିଜେ ନ ସାଇତି ବ୍ଲକ୍ ଉପରେ ଭରସା କରୁଛି ଧାନଚାଷୀ । ପାଣିର ତାଳମେଳ ଅଭାବ ରହିଲେ ନାନା ରୋଗ ଧରୁଛି । ଏଥିଲାଗି ରାସାୟନିକ ସାର ଦରକାର ପଡୁଛି । ମଣିଷକୃତ ମରୁଡ଼ିର ସାମ୍ନା କରୁଛି ଚାଷୀ । ଠିକ୍ ଯେପରି ସୀତାରାମର ପିଆଜ ଦର ସେମାନେ ନିର୍ଦ୍ଧାରିତ କରନ୍ତି ଯେଉଁମାନେ ସୀତାରାମର ଖାଉନ୍ଦ ନୁହନ୍ତି । ବିହନ ସେମାନେ ଦିଅନ୍ତି ଯେଉଁମାନେ ବିହନ ଉପରେ ଗ୍ୟାରେଣ୍ଟି ଦେଇପାରନ୍ତିନି । ବିହନ ବିକିବାର ଅଛି ଆଉ ସୀତାରାମକୁ ବିହନ କିଣିବାର ଅଛି । ବାସ୍ ଏହା ହିଁ ବ୍ୟବସାୟ । ଦଲାଲ ହାଇଦ୍ରାବାଦ ନିଏ ସୀତାରାମକୁ । ନିଜ ଅକ୍ତିଆରରେ ରଖେ । ସୀତାରାମ ପିଆଜ ଚାଷ କରେ ସେପରି ଜଣକ ଅକ୍ତିଆରରେ ରହେ । ସୀତାରାମ ଗୋଟିଏ କଥାକୁ ଦୁଇପଟୁ ଦେଖେ । ସେ ସେଠାରେ ବି ଦାଦନ, ଆଉ ଏଠାରେ ବି ଦାଦନ;ଏକଥା ବୁଝି ପାରେନି ।

ପିଆଜର ପ୍ରସାର କରି ଦାଦନ ଶ୍ରମିକ ସମସ୍ୟାକୁ ରୋକାଯାଇ ପାରିବନାହିଁ । କାରଣ ସମସ୍ତେ ସୀତାରାମ ନୁହନ୍ତି । ପିଆଜ ପାରମ୍ପରିକ ଚାଷ ନୁହେଁ । ଏହାକୁ ନିଶ୍ଚୁର ଭାବେ ସମାଧାନ ବୋଲି ଧରି ନେଇଛନ୍ତି ସୀତାରାମମାନେ । ଯେଉଁ ସୀତାରାମମାନେ ପିଆଜ ଚାଷ ନକଲେ, ଦାଦନକୁ ପ୍ରାଥମିକ ସମାଧାନ ବୋଲି ଧରି ନିଅନ୍ତେ ।

ପିଆଜ ଚାଷ ଉପରେ ଉପଯୁକ୍ତ ଗବେଷଣା କରାଯାଉ । କାରଣ ଯେପରି ଗୋଚର ଜମି

Digitized by srujanika@gmail.com

ସୀତାରାମର ନୁହେଁ, ସେପରି କୌଣସି ଜମି କୌଣସି ଲୋକର ନିଜସ୍ୱ ସମ୍ପତ୍ତି ନୁହେଁ । ଏହାର ଉପଜ କ୍ଷମତାର ସ୍ତର ଓ ମାନ ରକ୍ଷା କରିବାର ଅତ୍ୟନ୍ତ ଆବଶ୍ୟକ । ଯାହାକୁ ଆମକୁ ଉତ୍ତର ପୁରୁଷ ପାଇଁ ସାଇତି ରଖିବାର ଅଛି । ଏହା କହିବାର ତାତ୍ପର୍ଯ୍ୟ ଏହା ଯେ ପିଆଜ କପା ପରି ସୁନ୍ଦର ଓ ବିଷାକ୍ତ ନ ହେଉ ।

କପାଚାଷର ବହୁଳତାରେ ସୀତାରାମ ଦେଖୁଛି ପାରା ଆଉ ବାହାରକୁ ଚରିଯାଉନି । ଆମେ ପାରାର ପକ୍ଷକୁ ବାନ୍ଧିଦେଲା ପରି ପ୍ରକୃତି ଆଉ ସମାଜର କେଉଁ ପକ୍ଷକୁ ବାନ୍ଧି ଦେଇ ଅର୍ଥସର୍ବସ୍ୱ କରି ଦେଉଛୁ ମାଟି, ପାଣି ଓ ପବନକୁ ।

ତଥାପି ବର୍ତ୍ତମାନ ପର୍ଯ୍ୟନ୍ତ ସୀତାରାମ ପାଖେ ଦୁଇଟି ରାସ୍ତା । ଦାଦନ ଯିବ, ନ ହେଲେ ପିଆଜ ଚାଷ କରିବ । ଦାଦନ ତା'ପାଇଁ ନିଷ୍ଠୁର ସତ୍ୟ ହେଲେ ବି କାରୁଣ୍ୟର ସମାଧାନ, ସେପରି ପିଆଜ ତା'ପାଇଁ କାରୁଣ୍ୟର ଫସଲ ।

❑❑❑

ପିଆଜ ଚାଷରେ ସପରିବାର ।

Digitized by srujanika@gmail.com

# ୧୨

# ମୃତ୍ୟୁର ଅଭିସାର

ହୀରାକୁଦ ବନ୍ଧ ଅବିଭାଜ୍ୟ ସମ୍ବଲପୁର ଓ ବର୍ତ୍ତମାନର ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗୁରିପାଲି ବ୍ଲକ୍‌କୁ ଜଳସେଚିତ କରିଥାଏ । ଏ ବନ୍ଧ ତିଆରିବେଳେ ଆନ୍ଧ୍ରପ୍ରଦେଶରୁ ଆସିଥିବା କର୍ମଚାରୀଙ୍କ ସମ୍ପର୍କୀୟ ଓ ଶ୍ରମିକମାନେ ବିଭିନ୍ନ ଅଞ୍ଚଳରେ ରହିଗଲେ । କେତେଜଣ ଜମି କିଣି ସ୍ଥାନୀୟ ବାସିନ୍ଦା ହୋଇଗଲେ । ସ୍ଥାନୀୟ ଲୋକଙ୍କଠାରୁ ଆନ୍ଧ୍ରଚାଷୀମାନେ ଚାଷରେ ଉନ୍ନତ ଥିଲେ । ସମୟକ୍ରମେ ଏ ଆନ୍ଧ୍ରଚାଷୀଙ୍କ ସମ୍ପର୍କ ଅନେକ ଚାଷୀଙ୍କୁ ଆକୃଷ୍ଟ କରିଥିଲା । ଭାଗଚାଷ କରିବା ପାଇଁ ବି ଆନ୍ଧ୍ରପ୍ରଦେଶରୁ ଲୋକ ଆସିଲେ ।

ଯେପରି କେ. ବାବୁରାଓ । ଆନ୍ଧ୍ରପ୍ରଦେଶର ପୂର୍ବ ଗୋଦାବରୀ ଜିଲ୍ଲାର ମାରାଲ ଗାଁରୁ ଆସିଥିଲା ୧୯୮୦ ମସିହାରେ । ନିଜର ବଡ଼ଭାଇ କେ. ଆୟାର ରାଜୁର ଘରପାଖେ ରହିଲା । ବରଗଡ଼ ଜିଲ୍ଲା ଗୋଡ଼ଭେଗା ଥାନାର ବ୍ରାହ୍ମଣଟିକ୍ରା ଗାଁ ପାଖ ବିଛଣାଟାଙ୍ଗରରେ । ଲୋକମୁଖରେ ଯାହା ଆନ୍ଧ୍ରଟିକ୍ରା । ଏପରି ଅନେକ ଆନ୍ଧ୍ରାଟିକ୍ରା ହୀରାକୁଦ ଜଳସେଚିତ ଅଞ୍ଚଳରେ ।

କେ. ବାବୁରାଓ ଯେଉଁଠାରୁ ଆସିପାରେ । ଏଇଟା ଖବର ନୁହେଁ । ତାକୁ କେଉଁ ରାଜା ଆଣିପାରେ । ସେ ରାଜାପାଖକୁ ଆସିପାରେ । ସେ ବରଗଡ଼କୁ ଆସିପାରେ, ନୂଆପଡ଼ାକୁ ବି । ଆଉ ସେ କେଉଁଠୁ ବି ଆସିପାରେ । ସେ ଜମି ମାଲିକକୁ ପ୍ରତି ଚାଷରେ ଆଠବସ୍ତା ଧାନଦିଏ । ବାସ୍, ଏ କଥାହିଁ ତାକୁ ଅଲଗା କରି ରଖେ ସେ ଚଷୁଥିବା ଜମିର ମାଲିକାନାରୁ । ନହେଲେ ବାବୁରାଓ ସେ ସମୂହ ଭିତରେ ଜଣେ ବରଗଡ଼ରେ ଧାନଚାଷ କରିବ । ବେଲପଡ଼ାରେ କପାଚାଷ କରିବ କି ଟିଟିଲାଗଡ଼ରେ ପିଆଜ । ଏ କଥା ସର୍ବାଦୌ ଗୌଣ ହୋଇଯାଏ । ସେ ଚାଷକରେ ଆଉ ପତ୍ନୀ କେ.ମଣି, ଦୁଇଝିଅ ଲକ୍ଷ୍ମୀ ଓ କେ.ବେଦୀଙ୍କୁ ନେଇ ସଂସାର କରେ ।

ବାବୁରାଓ ସମୂହ ଭିତରେ ହଜିଯାଏ । ଏଇଥିପାଇଁ ସମୂହ ଭିତରେ ହଜିଯାଏ ଯେ ସେ ଧାନର ଜିନ୍ ଚୋରୀ କରେନି କି ଧାନରେ ଭାଇରସ୍ ଛାଡ଼େନି । ସେ ଚାଷକରେ । ବାସ୍, କେବଳ ତାର

Digitized by srujanika@gmail.com

ନାଁ ଟି ବଦଳିଥାଏ ବରଗଡ଼ରେ, ନୂଆପଡ଼ାରେ, ବଲାଙ୍ଗିରରେ କି କଳାହାଣ୍ଡିରେ । ସେ ଆନ୍ଧ୍ରାର କି ଓଡ଼ିଶାର, ଏହାର ଅର୍ଥ ବି ସରି ଯାଇଥାଏ ।

ବାବୁରାଓ ଧାନ ଚାଷକରେ । ଏତିକି ତା'ର ଆୟତ୍ତରେ ଥାଏ । ମହାଜନ ତା'ପାଖକୁ ଆସେ, ବିହନ ଦିଏ, ସାର ଦିଏ ଓ ଔଷଧ ଦିଏ । ଚାଷ ଖର୍ଚ୍ଚ ବି ଦିଏ । ବାବୁରାଓ ଅନୁବନ୍ଧିତ ହୋଇଯାଏ ତା'ସହ । ଫସଲକୁ ମାପେ ମହାଜନ ପାଇଁ ଆଉ ସେ ପର୍ଯ୍ୟନ୍ତ ମାପେ ଯେ ପର୍ଯ୍ୟନ୍ତ ମହାଜନ ତାକୁ ଦେଇଥିବା ଟଙ୍କାର ମୂଳ ଓ ସୁଧ ସହ ସମାନ ହୁଏ । ଧାନର ଦରବି ଧାର୍ଯ୍ୟକରେ ମହାଜନ । ସରକାରୀ ଦରଧାର୍ଯ୍ୟ ମହାଜନ ଓ ବାବୁରାଓର ସମ୍ପର୍କ ସୀମାକୁ ଛୁଇଁପାରେନି । ବଳକା ଧାନ ବାବୁରାଓର । ବାବୁରାଓ ସେ ଧାନକୁ ବି ମହାଜନକୁ ଟେକିଦିଏ ସେ ଦରରେ, ଯେଉଁ ଦରରେ ଋଣ ପରିଶୋଧ କରିଥିଲା ବାବୁରାଓ ।

ବାବୁରାଓ ଜଣକର ଜମି ଚାଷ କରେ । ଯଦି ବାବୁରାଓର ନିଜର ଜମିଥାଏ, ତା'ହେଲେ ଲକ୍ଷ୍ମୀ କି କେ.ବେଦୀର ବାହାପାଇଁ ମହାଜନଠୁ ଏକର ପ୍ରତି ଦଶହଜାର ଟଙ୍କା ଋଣ କରିବ । ମୂଳ ପରିଶୋଧ ନ କରିବା ପର୍ଯ୍ୟନ୍ତ ପ୍ରତି ଫସଲ ଆଠବସ୍ତା ଧାନ ଦେବ ମହାଜନକୁ ।

ଓଡ଼ିଶାର ଭାତହାଣ୍ଡିରେ ବାବୁରାଓ ଜଣେ ଧାନ ଚାଷୀ । ତାର ଉତ୍ପାଦନ ସମଗ୍ର ଭିତରେ ହିସାବ ହୁଏ । ଏତିକି ଲକ୍ଷ କ୍ୱିଣ୍ଟାଲଧାନ ଅମଳ ହେଲା । କିନ୍ତୁ ବାବୁରାଓକୁ ସାରା ଓଡ଼ିଶାର ଧାନଗଦା ଭିତରେ ନିଜ ଅମଳର ୯୭ବସ୍ତା ଦେବାକୁ କେତେ ବ୍ୟୂହ ଭେଦ କରିବାକୁ ପଡ଼ିଛି ସେ କଥା ବାବୁରାଓ ହିଁ ଜାଣେ । ପରିବାରରେ ତା' ଭରସାରେ ତିନିଜଣ । ଏମାନେ ଚାରି ପାଞ୍ଚ ବି ହୋଇ ପାରନ୍ତି । ବାବୁରାଓ ଚାହେଁନି ଆଗଧାଡ଼ିରେ ରହି ଦୌଡ଼ିବାକୁ । ସେ ଚାହେଁ ଚାଷ କରିବାକୁ, ବାସ ଏତିକି ତାର ସ୍ୱପ୍ନ, ଏତିକି ତାର ଅବଶେଷ ।

ଧାନ ଚାଷ ପାଇଁ ବାବୁରାଓ ଜମିକୁ ତୟାର କରେ, ତଳି ପକାଏ, ପଦ୍ମ ରୋଏ । ଏ ଭିତରେ ଦଶନ୍ଧି ଦଶନ୍ଧି ଅତିକ୍ରମ କରିଯାଏ ତାର ପୃଥିବୀ । ଶହ ଶହ କିସମର ଧାନ ହଜିଯାଏ ତାର ଜମିରୁ । ବାବୁରାଓକୁ କୁହାଯାଏ ତୁମେ ଚାଷ ଚିନ୍ତା କର, ମୁଁ ବିହନ ଚିନ୍ତା କରିବି । ବାବୁରାଓ ହଁ କରେ । ବ୍ଲକ୍‌କୁ ବିହନ ଆସେ । ବ୍ଲକ୍ ଅଫିସ ପାଖରେ ବାବୁରାଓ ରାତିଶୋଇ, ରନ୍ଧା ବସେଇ ବିହନ ନିଏ । ଏ ବିହନକୁ ବାବୁରାଓର ବାପଅଜା ଚିହ୍ନି ପାରନ୍ତିନି । ସ୍ୱର୍ଣ୍ଣା ବିହନର ଚେହେରା ଦେଖନ୍ତି । କହନ୍ତି ଝୁଲି ପରି ଦିଶୁଛି । ଝୁଲି, ବୈଦିହୁଣାର, ଲୁଚେ ପରି ବ୍ୟବହାର କରନ୍ତି ସେ ବିହନକୁ । ବ୍ଲକ୍‌ରୁ ଆଣିଥିବା ବିହନ ମାନକରେ । ସେ ଅପେକ୍ଷା କରେନି ଆକାଶର ମେଘ ଓ ମିଜାଜକୁ । ସେ ଚାହୁଁଥିବା ସାର, ବର୍ଷା ଓ ଔଷଧ ବାବୁରାଓ ଦେଇ ନ ପାରିଲେ ଦାଉସାଧେ ବାବୁରାଓକୁ । ଓଡ଼ିଶାର ଧାନଗଦାରେ ସେତେଟା ଫରକ ଆସେନି, କିନ୍ତୁ ବାବୁରାଓକୁ ଫରକ ପଡ଼େ । ମହାଜନ ଆହୁରି ଆବଶ୍ୟକ ହୋଇପଡ଼େ । କେନ୍ଦ୍ରମଣି, ଲକ୍ଷ୍ମୀ ଓ କେ.ବେଦୀ ଟିକିଏ ଭାରି ହୋଇଯାନ୍ତି । ପୃଥିବୀର ଆୟତନ ଭିତରେ ନିଜକୁ ଆହୁରି ଟିକିଏ ସଙ୍କୁଚିତ କରିବାକୁ ପଡ଼େ । କାଚକାନ୍ଥ ଭିତରେ ବୈଜ୍ଞାନିକ ନିଜର ସବୁଜ୍ଞାନକୁ ଭରି ନାନା ପରୀକ୍ଷାନିରୀକ୍ଷା କରିଥିବା ବ୍ଲକ୍‌ର ବିହନ ପାଇଁ ବାବୁରାଓ ଗୀତ ଖୋଜେ ସାରଦୋକାନରେ, କେନାଲରେ, ଡ଼ିପ୍‌ବୋରରେ, ମୋଟରପମ୍ପରେ । ବାବୁରାଓକୁ ଏହା ହିଁ କରିବାକୁ ପଡ଼େ । ବାବୁରାଓକୁ ସୁଯୋଗ ଦିଆଯାଏ ନିଜ ବାପ-ଅଜାର ଜ୍ଞାନରେ ଆକାଶ ସଙ୍ଗେ ଆଉ ମାଟିସଙ୍ଗେ କଥାହୋଇ କୁସନା, ଗେଲେଇ, ଯୁବରାଜ, ତୁଳସୀ କି କଳକତି ବିହନକୁ

Digitized by srujanika@gmail.com

**ଆତ୍ମହତ୍ୟା କରିଥିବା**
**ଋଣଗ୍ରସ୍ତ ଚାଷୀ**
**କେ.ବାବୁରାଓ**

ପଚାରି ନିଜ ଜମିକୁ କୁଣିଆ କରିବାକୁ । ବାବୁରାଓ ତାହା କରେ, ଯାହା ତାକୁ କୁହାଯାଏ । ବାବୁରାଓକୁ ଦୌଡ଼ିବାକୁ ପଡ଼ିବ ଭିଡ଼ ଭିତରେ । ରାଜ୍ୟକୁ ଧାନଗଦା ବଢ଼େଇବାକୁ ପଡ଼ିବ । ବଡ଼ ବଡ଼ ଲୋକଙ୍କୁ ଦେଖେଇବାକୁ ପଡ଼ିବ, ଗତ ବର୍ଷଠୁ ଏ ବର୍ଷ ଧାନଗଦା ବଢ଼ିଛି । ବାସ୍, ସବୁ ଅନାହାର ଦୂରେଇ ଯିବ ।

ବାବୁରାଓ ଧାନ କାଟିବ । ସରକାର ମିଲ୍‌ମାଲିକଙ୍କୁ କହିବ ମୁଁ ଅନ୍ନପୂର୍ଣ୍ଣା ଚାଉଳ ଦେବି, ବିପିଏଲ୍ ଦେବି, ଏପିଏଲ୍ ଦେବି, ଅନ୍ନଛତ୍ର କରିବି, ରିଲିଫ୍ ଦେବି । ଏ ଅନୁପାତରେ ମିଲ୍ ରିସାଇକ୍ଲିଂ ହିସାବ କରି ବାବୁରାଓଠୁ ଧାନ କିଣିବ । ବାବୁରାଓ ଧାନ ଅମଳ କରିବ ସେଇ ଜମି , ସେଇ ପାଣି ଦେଇ । ମିଲ୍ ବାବୁରାଓର ଧାନକୁ ଦୁଇଟି ଜାତି କରିଦେବ । ଫେୟାର ଏଭେରେଜ କ୍ୱାଲିଟି ଓ ନନ୍ ଫେୟାର ଏଭେରେଜ କ୍ୱାଲିଟି । ପ୍ରଥମ ଧାନରେ ଗୁଣମାନ ନିର୍ଦ୍ଧାରିତ ଥିବ କେତେ ପାଣି ରହିବ, କେତେ ପୋଲ, କେତେ ଧାନ, କେତେ ଗୋଡ଼ି, କେତେ ମାଟି । ଏହାକୁ ଦରଧାର୍ଯ୍ୟ ହେବ ପ୍ରତିବର୍ଷ । ୨୦୦୨ ମସିହାରେ ବାବୁରାଓକୁ କୁହାଯିବ ୩୯୭ ଟଙ୍କା ୫୦ ପଇସା । ଏହି ଟଙ୍କାକୁ କେତେ ଦୂର ପହଞ୍ଚେଇ ପାରିବ, ବାବୁରାଓ ସନ୍ଦିହାନ ଥିବ । ସେ ମଣ୍ଡିକୁ ଧାନ ନେବ । ଦଲାଲ ଧାନକୁ ଛୁଇଁବ କହିବ ନନ୍ ଏଫଏକ୍ୟୁ ଧାନ । ବାବୁରାଓ ଦଲାଲର ପାପୁଲିକୁ ଦେଖିବ । ବାବୁରାଓ ନିଜ ପାପୁଲିକୁ ଦେଖିବ । ଚାରିମାସ ଏ ଧାନର ଶିରା ପ୍ରଶିରାକୁ ଛୁଇଁଛି ବାବୁରାଓ । ସେ ଜାଣିପାରିନି ଧାନରେ କେତେ ପାଣି, କେତେ ଧାନ, କେତେ ପୋଲ ଆଉ କେତେ ଗୋଡ଼ି । ଯେ କେମିତି ଜାଣିଲା ? ସରକାରର କେଉଁ ମନ୍ଦିରରେ ଅଧିଆ ପଡ଼ି ଯେ ଗୋଟିଏ ଛୁଆଁରେ ଧାନର ଜାତି କହିଦେଲା ।

ସାର ଔଷଧ ପାଇଁ ଜମିରେ ଯେତେ ନିୟମ, ଧାନର ଜାତିପାଇଁ ସେ ବ୍ୟବସ୍ଥା ନାହିଁ କାଦୋବାହାଲ ମାର୍କେଟ ୟାର୍ଡ଼ରେ । ଏଠାରେ ଧାନ ରହିବ ସେ ପର୍ଯ୍ୟନ୍ତ, ଯେ ପର୍ଯ୍ୟନ୍ତ ମିଲରର କୃପାଦୃଷ୍ଟି ଧାନ ଉପରେ ନ ପଡ଼ିଛି । ଏ ସମୟ ଦୁଇମାସ ବି ହୋଇଯିବ । ବାବୁରାଓ ଆରମ୍ଭ କରି ସାରିଥିବ ଆଉ ଗୋଟିଏ ଫସଲ ପାଇଁ ପ୍ରସ୍ତୁତି ।

ଖଦିପିନ୍ଧା ଜଣେ ଲୋକ ବାବୁରାଓର କଥା ବୁଝିବ । ଜମି ବୁଡ଼ାକୁ ଯିବ । ପୃଥିବୀର ଦୁଃଖ କହିବ ବାବୁରାଓକୁ । ବାବୁରାଓର ଦୁଃଖ କହିବ ବାବୁରାଓକୁ । ବାବୁରାଓ ଶୁଣିବ । ଭାବିବ ଯେ ଲୋକ ଠିକ୍

Digitized by srujanika@gmail.com

କହୁଛି । ବାବୁରାଓ ଜମିରେ ଖଟିବ । ତଳି ପଡ଼ିଲେ ସବୁ ତଳି ଲକ୍ଷ୍ମୀ ଆଉ କେ.ବେଦୀ ହୋଇଯିବେ । ତାଙ୍କ ସୁଖଦୁଃଖ ବୁଝିବ, ତାଙ୍କୁ ବଡ଼ କରିବ । ତାଙ୍କୁ ହସେଇବ । ଶୋଷହେଲେ ରାତିସାରା କେନାଲରୁ ପାଣି ଆଣିବ ହିଡ଼ମୁଣ୍ଡେ ଅନିଦ୍ରା ବସି । ଖାଲି ଏତିକି ଜାଣିବ ଖଦିପିନ୍ଧା ଲୋକ ଠିକ୍ କହୁଛି । ନିୟମ ଠିକ୍, ଆଇନ ଠିକ୍, ସବୁ ଠିକ୍, ହେଲେ ଖଦିପିନ୍ଧା ଲୋକର କଥାକୁ ସେ ଦେଖିବ ହାତପାହାନ୍ତାରୁ ଖୁବ୍ ଦୂର ସପନ ରାଇଜରେ । ସେଠାକୁ ଲକ୍ଷ୍ମୀ ଆଉ କେ. ବେଦୀମାନେ ପହଞ୍ଚିଲେ ଭଲହେବ । ହେଲେ କାଦୋଦାହାଲ ମଣ୍ଡିରେ ଦୁଇମାସ ବନ୍ଦିନୀ ରହିବେ ସେମାନେ ବସ୍ତା ଭିତରେ ।

## ଲିଙ୍ଗରାଜ: ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନର ସମ୍ପାଦକ

*ଧାନର ଅଣ୍ଡରରେଟ୍ କାହିଁକି ?*

- ଧାନ ଅଣ୍ଡରରେଟ୍ ଯଦିଓ ଆମ ଅଞ୍ଚଳରେ ଦୀର୍ଘଦିନ ହେଲା ରହିଆସିଛି, ଗତ ଦୁଇବର୍ଷ ହେବ ଏହା ଉତ୍କଟ ହୋଇଛି । କୃଷି-ସବ୍‌ସିଡ଼ି ହ୍ରାସ କରିବା ଦ୍ୱାରା କୃଷି ସାମଗ୍ରୀ ଦର ବଢୁଛି । ଖାଦ୍ୟ ଉପରେ ହ୍ରାସ କରାଯାଇଥିବା ସବ୍‌ସିଡ଼ି ଫଳରେ ସାଧାରଣ ବଣ୍ଟନବ୍ୟବସ୍ଥା ସଙ୍କୁଚିତ ହେଉଛି । ଏସବୁ ଫଳରେ ସମସ୍ୟା ଉତ୍କଟ ହୋଇଛି ।

ଲିଙ୍ଗରାଜ

*ଏଥିରେ କେଉଁମାନେ ଲାଭବାନ ହେଉଛନ୍ତି ?*

- ସିଧାକଥା ମିଲ୍‌ମାଲିକ ଓ ମଧ୍ୟସ୍ଥି । ଏଠି (ବରଗଡ଼ ଜିଲ୍ଲାରେ) ବର୍ଷକୁ ୨୦୦ ରୁ ୨୫୦ କୋଟି ଟଙ୍କାର ଧାନ କାରବାର ହୁଏ । କିନ୍ତୁ ମିଲ୍‌ମାଲିକମାନେ ଗତବର୍ଷ ବ୍ୟାଙ୍କ୍‌ରୁ ମାତ୍ର ଆଠକୋଟି ଟଙ୍କାର ଋଣ କରିଥିଲେ । ଏଥିରୁ ସ୍ପଷ୍ଟ ଯେ, ସେମାନେ ଚାଷୀର ଟଙ୍କାରେ ହିଁ ବ୍ୟବସାୟ କରୁଛନ୍ତି ।

*ଏ ସମସ୍ୟାର ସମାଧାନ କେଉଁଠି ?*

- ଓଡ଼ିଶା ସରକାର ହାଇକୋର୍ଟର ରାୟ ବିରୁଦ୍ଧରେ ଅପିଲ ନ କରନ୍ତୁ ଏବଂ ଏଫ୍.ସି.ଆଇ ସିଧାସଳଖ ଚାଷୀଙ୍କଠାରୁ ଧାନ କିଣୁ । କେବଳ ମିଲ୍‌ମାଲିକଙ୍କ ଦୟା ଉପରେ ଚାଷୀଙ୍କୁ ନ ଛାଡ଼ି ଓଡ଼ିଶା ସରକାର ନିଜେ ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ପରି ନିଜସ୍ୱ ବିଭାଗ ଗଠନ କରି ଏହାକୁ ତଦାରଖ କରନ୍ତୁ ।

ଧାନ ବ୍ୟତୀତ ଅନ୍ୟ ବିକଳ୍ପ ଫସଲ କଥା ଯାହା କୁହାଯାଉଛି, ସେ ଦିଗରେ ମଧ୍ୟ ଧ୍ୟାନ ଦିଆଯାଉ ।

Digitized by srujanika@gmail.com

ଦୁଇମାସ ପରେ ସେମାନେ ଯିବେ ପଚିଶ କିଲୋମିଟର ଦୂର କାଠଡ଼େରା ମିଲ୍‌କୁ । ଏହିଦିନ ଧରାଯାଉ ଜୁଲାଇ ୨୨ ତାରିଖ । ବାବୁରାଓ ଜମିରେ ଜମିରେ ତା'ର ସମୟ ସାରିଥିବ । ନିଜକୁ ଜାହିର କରି ନଥିବ ସମାଜରେ କି ସଭାରେ । କାହାଲାଗି ଭୋଟମାଗି ନଥିବ କି ଛକରେ ପୂଜା କରି ନଥିବ । ତାର ଭାଇ ଏମ୍.ଏଲ୍.ଏର ଗାଡ଼ିରେ ବସିନଥିବ କି ବି.ଡ଼ି.ଓ ଅଫିସ୍‌ରେ ଚା ପିଇନ ଥିବ । ଏତକ ନଥିବ ବୋଲି ତାର ଧାନ ୨୫ କିଲୋମିଟର ଦୌଡ଼ିବ । ନହେଲେ ଗୋଟିଏ କି ପାଞ୍ଚ କିଲୋମିଟର ରାସ୍ତା ଦୌଡ଼େଇ ପାରିଥାନ୍ତା ତାର ଦୁଇ ମାସର ବନ୍ଦିନୀ ଝିଅମାନଙ୍କୁ ।

ଖଦି ପିନ୍ଧିଥିବା ଲୋକ କହିବ ବାବୁରାଓକୁ ଠିକ୍ ମୂଲ୍ୟ ଦିଅ । ଦଲାଲ କହିବ ବାବୁରାଓ ତୋର ଧାନ ଦ୍ୱିତୀୟ ଜାତିର । ଜାତିଭେଦର ଦ୍ୱନ୍ଦ୍ୱରେ ପଡ଼ିଯିବ ବାବୁରାଓ । ଜାତିଭେଦର ଦ୍ୱନ୍ଦ୍ୱରେ ପଡ଼ିଯିବ ଜିଲ୍ଲାପାଳ । କହିବ ବାବୁରାଓ ୩୬୦ ଟଙ୍କାରୁ କମ୍ ପାଇବା ଅନୁଚିତ । ମିଲ୍ ଭାବିବ ଜିଲ୍ଲାପାଳ ବାବୁରାଓକୁ ବେଶିରେ ୩୬୦ଟଙ୍କା ଦେବାକୁ କହୁଛି । କମ୍ ଦେଲେ ଚଳିବ ଯଦି ବାବୁରାଓ ମାନିଯିବ ।

ବାବୁରାଓ କୃଷି ପ୍ରମାଣପତ୍ର ସଂଗ୍ରହ କରିବ ତା'ଜମି ମାଲିକର ନାଁରେ । ଆର୍.ଆଇ ତାକୁ ପ୍ରମାଣପତ୍ର ଦେବ । ଧାନ ଉଠିଲାପରେ କୋଡ଼ିଏ ଭାଗ ଟଙ୍କା ବାବୁରାଓ ପାଇବା କଥା । ବାକି ୧୫ଦିନ ମଧ୍ୟରେ । କିନ୍ତୁ କିଛି ପାଇନଥିବା ବାବୁରାଓ ଶୁଣିବ ଅନ୍ୟ ଦିନେ ଆସ ବୋଲି । ଜମିରେ ଲକ୍ଷ୍ମୀ ଓ କେ.ବେଦୀମାନଙ୍କ ମୁହଁ ଦିଶି ଆସୁଥିବ । ଜମିରେ ହଳ କରିବାର ଅଛି, ତଳି ରୋଇବାର ଅଛି । ବ୍ୟସ୍ତ ହେବ ବାବୁରାଓ । ସମସ୍ୟା କହିବ । ମିଲ୍ କହିବ ୩୪୦ ଟଙ୍କା ଦେବି । ବାବୁରାଓ ମାପିବ ତାର ଅବସ୍ଥାକୁ, ଜମିର ତଳିକୁ, ପରିବାରକୁ, ଭାଗ୍ୟକୁ ହଁ କରିବ । ମିଲ୍ କହିବ ପରିବହନ ଖର୍ଚ୍ଚ କାଟିବି । ବାବୁରାଓ ପୁଣି ମାପିବ, ହଁ କରିବ । ଦସ୍ତଖତ ଦେବ । ମିଲ୍ କହିବ ଅନ୍ୟଦିନେ ଆସିବୁ ।

ବାବୁରାଓ ଘରକୁ ଫେରିବ । ରାତିରେ ଖାଇବନି । କଣ କରିବ ବୁଝି ପାରିବନି । ଭାବି ଭାବି ସକାଳ ହେଲାବେଳକୁ ଜମିରେ ଗଜୁରାଥିବା ଲକ୍ଷ୍ମୀ ଆଉ କେ.ବେଦୀମାନେ ତାକୁ ଔଷଧ ମାଗିବେ । ସକାଳୁ ଉଠି ବରଗଡ଼ ଯିବ । ଔଷଧ କିଣିବ । ଜିଲ୍ଲାପାଳଙ୍କ ନିକଟକୁ ଯିବ । ଆଜି ଦିନରେ ଜିଲ୍ଲାପାଳ ନଗ୍ରଲୋକଙ୍କ ଗୁହାରୀ ଶୁଣନ୍ତି । ସେ ବି କହିବ ତାର ଦୁଃଖ । ମିଲ୍ ଯାହା ଦେଉ, ହେଲେ ଦେଉ । କିନ୍ତୁ ଜିଲ୍ଲାପାଳ ନଥିବେ । ନଗ୍ରବୁଲି ଯାଇଥିବେ । ସେ ଅପେକ୍ଷା କରିବ ।

ଜିଲ୍ଲାପାଳ ଏଇଠି ଅଛନ୍ତି । ଜମି ଅଛି, ମଣ୍ଡି ଅଛି, ମିଲ୍ ଅଛି, ଆଉ ଟଙ୍କା ବି । ସମସ୍ତେ ଗୋଟିଏ ସୂତାରେ ବନ୍ଧା ହେଲେ କେହି କାହାକୁ ଜାଣନ୍ତିନି ଯେପରି । ବାବୁରାଓ ତାର ଠିକା ଜମିର ଧାନକୁ କହିବ ତୁ ଏଇଠି ବସ୍, ତଳି ଉଠା । ତଳି ଗଜୁରିବ ତାର ଲକ୍ଷ୍ମୀ ପରି, ତାର କେ.ବେଦୀ ପରି । କେନାଲକୁ କହିବ ଏଠିକୁ ପାଣି ଦେ । କେନାଲ ପାଣି ପରସି ଦେବ ତାର କେ. ମଣି ପରି । କେ.ମଣି ଘର ଲିପିବ, ମୁରୁଜ ଦେବ, ଗୀତ ଗାଇବ, ପାକ କରିବ । ସେ କାମ ବାବୁରାଓ ଜମିରେ କରିବ । ତାର ଘର ଆଉ ଜମିର ଆୟତନ ବଳିଯିବ ଧରାକୁ, ହେଲେ ମଣ୍ଡିରେ ସମସ୍ତେ ଅପରିଚିତ ହୋଇଯିବେ । କେହି କାହାକୁ ଚିହ୍ନିବେନି, ଜିଲ୍ଲାପାଳ, ମିଲ୍, ମଣ୍ଡି, ଧାନ ଓ ୩୯୭ ଟଙ୍କା ୫୦ପଇସା । ଖଦିପିନ୍ଧା ଲୋକର କଥା ପରି ସୁନ୍ଦର ଆଉ ଅପହଞ୍ଚ ହୋଇଯିବ ତା'ପାଇଁ ଶେଷ ନିଷ୍କର୍ଷି ନେଇଥିବା ୩୪୦ ଟଙ୍କା ଆଉ ବରଗଡ଼ରେ ଜିଲ୍ଲାପାଳ ।

Digitized by srujanika@gmail.com

ଜମିରେ ନିୟନ୍ତା ଥିବା ବାବୁରାଓ କାକୁସ୍ଥ ଏଠି । ଜିଲ୍ଲାପାଳଙ୍କ ଆଜ୍ଞାକାରୀଙ୍କୁ ପଚାରିବ ।

- କେବେ ଆସିବେ ଜିଲ୍ଲାପାଳ ?

- କାହିଁକି ?

-ମିଲ୍‌କୁ ମୋ ଟଙ୍କା ମାଗିଦେବେ ।

- କାହିଁକି ?

ପ୍ରଶ୍ନମାନଙ୍କର ଉତ୍ତର ଦେଉଥିବ ବାବୁରାଓ । ବିଳମ୍ବ ହେଇଯାଉଛି । ଜମିରେ ହଳ କରିବାର ଅଛି । କାଦୁଅ କରିବାର ଅଛି । ତଳି ରୋଇବାର ଅଛି । ମଣ୍ଡିରେ ଧାନକୁ ଦୁଇମାସ ରହିଲେ ଚଳିବ ହେଲେ ଦୁଇଦିନର ବିଳମ୍ବରେ ପ୍ରଳୟ ଆସିଯିବ ଜମିରେ । ବାବୁରାଓ ଆଖିରେ ଜମି ଦିଶିବ । ଜମିର ହୁଡ଼ା, ହଳ ହୋଇନଥିବା ଜମି ଆଉ କାଦୁଅ କଲେ ଜମିକୁ ଛାଇଯିବାକୁ ଅପେକ୍ଷା କରିଥିବା ତଳି । ଏ ଭିତରେ ଜିଲ୍ଲାପାଳଙ୍କ ଆଜ୍ଞାକାରୀ ଅପସରି ଯାଇଥିବ ତା'ସାମ୍ନାରୁ । ଜଣେ କିଏ ଦେଖିବ ବାବୁରାଓକୁ । ଯେ କଣ ? ଲୋକଟା କାନ୍ଥ ସଙ୍ଗେ କଥା ହେଉଛି । ପାଗଳଟା । ଫୋନ୍ କରିବ ପୋଲିସକୁ । ପୋଲିସ୍ ଆସିବ । ଧୈର୍ଯ୍ୟ ସରିଯାଇଥିବ ବାବୁରାଓର । ପୋଲିସ ପଛପଟୁ ତାକୁ କାବୁ କରିବା ବେଳେ ଦୁଲ୍ କରି ତଳେ ପଡ଼ିଯିବ ବାବୁରାଓ ।

ପୋଲିସ ଉଠେଇବ । ପଚାରିବ କଣ ହେଲା ?

- ବିଷ ପିଇ ଦେଇଛି ।

ଚମକି ପଡ଼ିବେ ସମସ୍ତେ । ପୋଲିସ୍, ଜିଲ୍ଲାପାଳଙ୍କ ଆଜ୍ଞାକାରୀ, ଆଉ ଜିଲ୍ଲାପାଳଙ୍କୁ ଗୁହାରୀ କରି ଆସିଥିବା ନଗ୍ରଜନ ।

ନବରତ୍ନ ଟିଭି କହିବ ଡାକ୍ତଖାନାରେ ବାବୁରାଓ ମରିଗଲା ।

ଚମକି ପଡ଼ିବେ ସେମାନେ, ଯିଏ ବାବୁରାଓକୁ ବିଷ ପିଇବା ପାଇଁ କହିଥିଲେ । ନିଜ ନିଜ କବଚ ବାହାର କରି ପିନ୍ଧିନେବେ ।

ସମସ୍ତେ ଏକା ସଙ୍ଗେ କହିବେ ଆମେ 'ବାବୁରାଓକୁ ବିଷ ପିଇବାକୁ କହିନୁ । ଖଦିପିନ୍ଧା ଲୋକ କହିବ, "ହେ ଧ୍ୱଜାଧାରୀ ! ତୁମକୁ ମୁଁ କେତେ ପ୍ରକାରେ ବୁଝେଇଲି ବାବୁରାଓକୁ ତାର ଅଧିକାର ଦିଅ । ସେ ବଞ୍ଚିଲେ ମଥୁରା ବଞ୍ଚିବ । ସେ ବଞ୍ଚିଲେ ଗୋପ ଆଉ ମଗଧ ବଞ୍ଚିବ । ରାସ୍ତା ବନ୍ଦ କରି କହିଲି । ଧାନ ପୁଡ଼େଇ କରି କହିଲି । ତୁମେ ଶୁଣିଲନି । ଭୋଗ ତୁମର କର୍ମଫଳ ! କିଏ ଦେବ ଆଉ ତୁମକୁ ୯୭ବସ୍ତା ଧାନ ? ଯାହାକୁ ମାପିବ ଜଗତର ମାପକାଠିରେ ।"

ମଥୁରା ନଗରୀର ଲୋକେ ହାଁ କରି ଦେଖିବେ ବାବୁରାଓର ଶବକୁ । କଂସଙ୍କ ଦରବାର ଶୂନ୍ୟ ଥିବ । ଶ୍ରୀକୃଷ୍ଣ ହୋମୱାର୍କ କରୁଥିବେ । ବାବୁରାଓର ପରିଜନ କାନ୍ଦୁଥିବେ ।

ଶଙ୍କା ରହିଲା ଖଦିପିନ୍ଧା ଲୋକ, ରାଜା, ଶ୍ରୀକୃଷ୍ଣ, ଯୁବରାଜ ସମସ୍ତେ ହର୍ତ୍ତ କରିବେ । ଭଙ୍ଗାରୁଜା କରିବେ । ଅରାଜକ ହୋଇଯିବ ମଥୁରା ।

ଶବକୁ ବୁର୍ଲା ନିଆଗଲା । କୁହାଯାଉ ଏହିଦିନ ଜୁଲାଇ ୨୭ ତାରିଖ ୨୦୦୨ ମସିହା । ତା' ପରଦିନ ଶବ ଫେରିବ ବୁର୍ଲାରୁ ବ୍ୟବଚ୍ଛେଦ ହୋଇ । ଆଉ ଗୋଟିଏ ଶବର ନାଁ ଯୋଡ଼ି ହୋଇଯିବ ସ୍ମୃତିସ୍ତମ୍ଭରେ । ଏହା ପଛକୁ ଅପେକ୍ଷା କରିବେ ବେଲପଡ଼ା ଆଉ ନୂଆପଡ଼ାର ବାବୁରାଓମାନେ ନିଜ ନିଜର ନାଁ ଯୋଡ଼ିବାକୁ । ନଗ୍ରଲୋକେ ରାସ୍ତା ଅଟକେଇବେ । ବାବୁରାଓକୁ ନ୍ୟାୟ ଦିଅ, ତା'ପରେ

Digitized by srujanika@gmail.com

ଆମେ ତୁମ ରାଜ୍ୟକୁ ଆମଦ୍ୱାରା ହେବାକୁ ଥିବା କ୍ଷତିରୁ ରକ୍ଷା କରିବୁ ।

ଜିଲ୍ଲାପାଳ ପ୍ରବୋଧିବେ ନଗ୍ରଜନଙ୍କୁ । ବାବୁରାଓର ଶବାଧାରରେ ସାମିଲ ହେବେ । ଦାହ କରିବେ । କେ.ମଣି ସଙ୍ଗେ କାନ୍ଦିବେ । ଫେରିବେ ମଥୁରାନଗରୀକୁ ।

ଲୋକେ ବାବୁରାଓର ଭାଗ୍ୟକୁ ଧନ୍ୟ କରିବେ । ଏତେ ବଡ଼ ବଡ଼ ଲୋକ ତା' ଶବାଧାରରେ ସାମିଲ ହେବାର ଥିଲା ।

କେ.ମଣିକୁ ବିଧବା କରିଥିବା ବାବୁରାଓର ବଳିଦାନ ନିଷ୍ଫଳ ହେବନି । କେ.ମଣି ନିଜର ଶଙ୍ଖା ସିନ୍ଦୁର ବଦଳରେ ପାଇବ ୪ ଡ଼ିସିମିଲି ଘରଡ଼ିହ ଆଉ ଏକରେ ଚାଷଜମି । ଶେଷରେ ୯୭ ବସ୍ତା ଧାନର ମୂଲ୍ୟ ୩୯୭ ଟଙ୍କା ୫୦ ପଇସା ଦରରେ । ମଲାପରେ ବାବୁରାଓ ପ୍ରକୃତ ଚାଷୀ ହୋଇଯିବ । ହେଲେ ଚାଷ କରିବାକୁ ସେ ଯାହା ନଥିବ ।

ଖଦିପିନ୍ଧା ଲୋକ ବାବୁରାଓର ପ୍ରତିକୃତି ଥାପନ କରିବାକୁ କହିବ । ସେ ବାବୁରାଓର ଘରୁ ମାଟି ମୁଠେ ଆଣି ବରଗଛ ରୋଇବ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ । କହିବ ଜିଲ୍ଲାପାଳ ଏ ଗଛକୁ ଦେଖିଲେ ବାବୁରାଓକୁ ମନେ ପକେଇବେ । ବାବୁରାଓମାନଙ୍କ ଦୁଃଖ ବୁଝିବେ । ଗଛଟି ବଢୁଥିବ । ବାବୁରାଓ ମାନେବି ବଢୁଥିବେ ଗଛପରି ଶାଖା ପ୍ରଶାଖା ମେଳି ।

ବହୁଦିନପରେ ସରକାର ବଲାଙ୍ଗିର ଜିଲ୍ଲାରୁ ପ୍ରଥମେ ଏଫ୍.ସି.ଆଇ ଦ୍ୱାରା ଧାନ କିଣିଲେ । ପୁଣି ଏହି ଧାନକିଣା ବ୍ୟବସାୟ ମିଲ୍‌ମାଲିକଙ୍କ ହାତକୁ ଚାଲିଗଲା ।

❑❑❑

ଉପାର୍ଜନର ଆଉ ଏକ ମାଧ୍ୟମ : ଶାଳପତ୍ର

Digitized by srujanika@gmail.com

# ୧୩

# ତପ୍ତକୁରୁ ଓ
# ଶୁଆର ଚଉଦ ପୁରୁଷ ଉପାଖ୍ୟାନ

ପୃଥିବୀରେ ଜଳ ଓ ଜଙ୍ଗଲ ରହିଲା, ଜୀବମାନେ ରହିଲେ । ଗୋଟିଏ ଜୀବ ଜଙ୍ଗଲରୁ ପଳେଇ ଆସିଲା । ଜଙ୍ଗଲ କାଟିଲା । ଖାଲି ଜାଗାର ନାଁ ଦେଲା ଜମି । ଗାଁ ତିଆରି କଲା । ଦେଶ ତିଆରି କଲା । ବଞ୍ଚିଲା ଆଉ ନିଜକୁ ବଡ଼ ବୋଲି କହିଲା । ଏ କଥା ଅନ୍ୟ ଜୀବମାନେ ଜାଣିଲେ ନାହିଁ । ଖାଲି ଦେଖିଲେ ଯେ କିଛି ବଦଳୁଛି । କିଛି ଲୋକ ଜଙ୍ଗଲ ଛାଡ଼ିପାରିଲେ ନାହିଁ । ଅଥବା ଗାଁ ଛାଡ଼ି ଚାଲିଗଲେ ଜଙ୍ଗଲକୁ । ଅବା ସେମାନଙ୍କୁ ଜଙ୍ଗଲକୁ ତଡ଼ି ଦିଆଗଲା । ଏମାନଙ୍କ ନାଁ ସୁମନୀ ଝୋଡ଼ିଆ, ସିକ୍‌କା ଲାଡ଼ି, ମଲିଆ ଧରୁଆ କି ଶକୁନ୍ତଳା ପହରିଆ ହୋଇପାରେ । ସମସ୍ତେ ସମାନ । ଆଉ ଏଇଥିପାଇଁ ସମାନ ଯେ କାଶିପୁରର ମାଣ୍ଡିବିଶି, କଲ୍ୟାଣସିଂପୁରର ପାରଶାଲୀ, ମୁରିବାହାଲର ସୁକୁନିପଦର, ତୁରେକେଲାର କଦଲିପାଲି, ସିନାପାଲିର ନଙ୍ଗଲଘାଟ ହେଉକି ନୂଆପଡ଼ାର ସୁନାବେଡ଼ା; ଏମାନେ ରହିବା କଥା ସରକାର ଦୁଇହଜାର ଆରମ୍ଭ ହେବାର ସାତ /ଆଠ ବର୍ଷଯାକେ ଜାଣିନଥିଲେ । ଏମାନେ ସମସ୍ତେ ୪୩,୩୦୦ ହେକ୍ଟର ଜଙ୍ଗଲ କାଟି ୫୧୧୦ଟି ଗାଁ ତିଆରି କରିଛନ୍ତି । ଏ ଭିତରୁ ୩୬୦୮ଟି ଗାଁରେ ଆଦିବାସୀ ରହନ୍ତି ବୋଲି ସରକାର ଜାଣିଲେ । ଆହୁରି କେତେଜଣ ଜଣେଇ ଦେଲେ ଯେ ଆମେ ରିଜର୍ଭ ଜଙ୍ଗଲରେ ପୁରୁଷ ପୁରୁଷ ଧରି ରହୁଛୁ । ଆମର ପୂର୍ବପୁରୁଷ ନାଁରେ ୪୦ବର୍ଷ ତଳେ କେଶ୍ ହୋଇଛି । ଏ'ଭିତରୁ ୧୨୭୫ ହେକ୍ଟର ବିଶିଷ୍ଟ ବଙ୍ଗୋମୁଣ୍ଡାର ଚକାଗୋଳିଆ ରିଜର୍ଭ ଜଙ୍ଗଲ ଗୋଟିଏ । ଯେଉଁଠି ଦୁଇବର୍ଷ ହେଲା ଲୋକେ ରହନ୍ତି ନିଜ ଗାଁ ଛାଡ଼ି । ଏହାପରେ ଜଙ୍ଗଲ ଗାଁର ସଂଖ୍ୟା ବଢ଼ିଯାଏ ପାଞ୍ଚହଜାର ଏକଶହ ଏଗାର, ବାର, ତେର ଇତ୍ୟାଦି ।

Digitized by srujanika@gmail.com

ବାଉଁଶ କୁଲା ତିଆରିରେ ନିମଗ୍ନ ପହରିଆ ମହିଳା

ଏ ଭିତରୁ ଗୋଟିଏ ଗାଁ ନଙ୍ଗଲଘାଟ । ଯାହାକୁ ସରକାର ଜାଣନ୍ତି ନାହିଁ ଯେ ଏ ଗାଁଟି ଆଦିବାସୀ ଗାଁ । ଏ ଗାଁରେ ପହରିଆ ସମ୍ପ୍ରଦାୟର ଲୋକେ ରହନ୍ତି । ଛତିଶଗଡ଼ ସରକାର ଏମାନଙ୍କୁ ଆଦିବାସୀ କହେ । ଓଡ଼ିଶା ସରକାର କହେ ଏମାନେ ଓବିସି । ଦୁଇଟି ରାଜ୍ୟରେ ଯା'ର ଦୂରତା ରାସ୍ତାରେ ଆଠ କି ଦଶ କିଲୋମିଟର, ଆଉ ସମ୍ବିଧାନରେ ଶୂନ କିଲୋମିଟର । ଏହି ରାସ୍ତାକୁ ଅତିକ୍ରମି ଜଣେ କୁମାରୀରୁ ଶ୍ରୀମତୀ ହୋଇଗଲେ ତାର ଜାତି ହରେଇଦିଏ ।

କିଏ ଜାତି ହରେଇଦେଲେ କି କାହାର ଜାତି ନେଇଗଲେ କେତେ କଥା ରାଜ୍ୟରେ । ମନ୍ଦିର ଭାଙ୍ଗେ, ମସ୍‌ଜିଦ ଭାଙ୍ଗେ, ଗିରିଜାଘର ଭାଙ୍ଗେ । ଗାଁ ଜଳେ, ଲୋକ ଜଳେ, ମୁଣ୍ଡ ଗଡ଼େ । କିନ୍ତୁ ନଙ୍ଗଲଘାଟ ନଙ୍ଗଳଘାଟ ହୋଇରହେ । ବର୍ଷା ଚାରିମାସ ଉଦନ୍ତୀ ନଦୀ ନଙ୍ଗଲଘାଟକୁ ଅଲଗା କରିଦିଏ । ସରକାର ଦେଉଥିବା ଚାଉଳ କି କିରାସିନି ଏମାନେ ପାଆନ୍ତି ନାହିଁ । ସର୍ବଶିକ୍ଷା ଅଭିଯାନର ରଥ ନଈ ଡେଇଁପାରେନି । କ୍ଲୋରୋକୁଇନ ବଟିକା ସୁଦ୍ଧା ପାଣିରେ ମିଳେଇଯାଏ । ଚାଉଳ କିଣିବାକୁ ପଡ଼େ ସେଥିଲାଗି ସେମାନେ ଜଙ୍ଗଲରୁ କନ୍ଦା ଖାଆନ୍ତି । ଲାଜ ଢାଙ୍କିବା ପାଇଁ କପଡ଼ା ଖଣ୍ଡେ ଯଥେଷ୍ଟ । ଏ କପଡ଼ାକୁ ଏମାନେ ଏଇଥିପାଇଁ କିଣିପାରନ୍ତି ଯେ ସେମାନେ ବାଉଁଶରେ କୁଲା, ଟୁପା, ଡ଼ଲା, ଛେଟନା,ଟୁପଲି ଇତ୍ୟାଦି ତିଆରି କରି ଜାଣନ୍ତି । ବୋଧହୁଏ ଏଇଥିପାଇଁ ତିଆରି କରିଜାଣନ୍ତି ଯେ କୃଷି ଓ ଜଙ୍ଗଲ ଆଧାରିତ ସଂସ୍କୃତିରେ ଜନ୍ମ ହେଲାଠାରୁ ମରିବା ପର୍ଯ୍ୟନ୍ତଏହାକୁ ବ୍ୟବହାର କରାଯାଏ ।

ଏମାନେ ଜାଣନ୍ତିନି ଅନ୍ୟ ବେଉଷା । ବାଉଁଶ ଏମାନଙ୍କ ପ୍ରଭୁ, ବାଉଁଶ ଏମାନଙ୍କ ଆଧାର । ଏଥିଲାଗି ଜଙ୍ଗଲ ଭିତରେ ବାଉଁଶରାଣୀ ପଛେ ପଛେ ଏମାନେ ଯା'ନ୍ତି । ବାଉଁଶରାଣୀ ହାତଠାରି

Digitized by srujanika@gmail.com

ଡାକିନିଏ ଏମାନଙ୍କୁ, ସୀମା ସରହଦ ଡେଇଁ ଜଙ୍ଗଲ ଭିତରକୁ । ଗଭୀରରୁ ଗଭୀରକୁ । ଚିରସ୍ଥାୟୀ ବନ୍ଦୋବସ୍ତ କି ଗତ ଅଧିବେଶନର ଜଙ୍ଗଲ ନିୟମ ଏମାନେ ଜାଣନ୍ତିନି । ଏମାନେ ରାଜ୍ୟସୀମାକୁ ଚିହ୍ନିପାରନ୍ତି ନାହିଁ, ହାତୀ ପରି । ହାତୀ ସୀମା ଡେଇଁଲେ ଦୁଇଟି ସରକାର ଝଗଡ଼ା କରନ୍ତି । ଏମାନେ ବାଉଁଶରାଣୀ ପଛେ ପଛେ ସୀମା ଡେଇଁଲେ କେହି ଜାଣନ୍ତିନି । ବଜାରରେ ପହରିଆ ଯୁବତୀଟି ଡାଲା, ଟୁପା ବିକୁଥିଲେ ତାର ଦେହପରି ଆକର୍ଷଣ ରଖେ ଡାଲାଟୁପା । ଆଉ ତଦ୍ଦୁଲ୍ୟ ଶସ୍ତା ବି । ଖାଲି ଏତିକି ବାଉଁଶରାଣୀ ବଦଳେନି । ଏମାନେ ବଞ୍ଚିପାରନ୍ତି । ଏଇଥିପାଇଁ ବଞ୍ଚନ୍ତି ଯେ ବିଜାତିର ରୋଗ ଶରୀରରେ ହୁଏନି । ମନର ରୋଗ ପ୍ରିୟତମ ଅଙ୍ଗ ହୋଇସାରିଥାଏ ।

ସରକାର ଆଗରୁ ଏନ୍‌ଜିଓ ପହଞ୍ଚିଲା ପହରିଆ ପାଖକୁ । କହିଲା ତୁମକୁ ଆଦିବାସୀ କରିଦେବି । ପହରିଆ ଭାବିଲା ଆଦିବାସୀ ହେଲେ କଣ ହେବ? ଏନ୍‌ଜିଓ କହିଲା ପାଠ ପଢ଼ିବ, କାଳିଆ ଘୋଡ଼ାରେ ଚଢ଼ିବ । ପହରିଆ ହଁ କଲା । ଗାଁ ଛୁଆଟି ମୁଢ଼ି ଖାଇବାର ଟୁପଲିଠାରୁ କବାଟ କରିବା ପର୍ଯ୍ୟନ୍ତ ସମସ୍ତପ୍ରକାର ଆବଶ୍ୟକୀୟ ଜିନିଷ ପହରିଆ ବାଉଁଶ କାଟି ତିଆରି କରେ । ଲୋକଙ୍କ ଚଳଣୀ, ସୁଖଦୁଃଖ, ଚାଷବାସରେ ବାଉଁଶ ତିଆରି ଜିନଷ ମୁଖ୍ୟ ହେଲା ଯାହାକୁ ଏମାନେ ତିଆରି କଲେ । ଗୋଟିଏ ମାସର ନିରନ୍ତର ପରିଶ୍ରମରେ ଏମାନେ ପାଇଲେ ସର୍ବାଧିକ ତିନିଶହ ଟଙ୍କା । ମହୁଲ ବିକିଲେ କିଲୋ ଦୁଇଟଙ୍କା, ଚାଁର ବିକିଲେ ପାଞ୍ଚଟଙ୍କା, ଡାଲା ଆଠଟଙ୍କା ।

ଦ୍ୱିତୀୟ ଏନ୍‌ଜିଓ ଆସିଲା । କହିଲା ତୁମକୁ ଧନୀ କରିଦେବି । ଏମାନେ ହଁ କଲେ । ଏମାନଙ୍କୁ କହିଲା ତୁମେ ଆଉ ଡାଲା ଟୁପା ତିଆରି କରନି, ତୁମେ ମାଛ ଧରୁଥିବା ବଗ ତିଆର, କଲମ ରଖିବା ଖୋଳ ତିଆର, ଟେବୁଲ ଲ୍ୟାମ୍ପ୍ ତିଆର, ବାଉଁଶରେ ମୃଗୟା ତିଆର, ରାମ ବନବାସ, ଗଣେଶ ଓ କଇଁଛ । ଏମାନେ ହଁ କଲେ ।

ଦୁଇଜଣ ପହରିଆ ସହ ଏନ୍‌ଜିଓ ରାଜଧାନୀ ଗଲା । ରାମ ବନବାସ, ଗଣେଶ ଓ କଇଁଛମାନଙ୍କୁ ବିକିଲା । ରାଜଧାନୀ ଲୋକଙ୍କୁ କହିଲା ଏମାନଙ୍କୁ ମୁଖ୍ୟସ୍ରୋତରେ ମିଶେଇବି ।

ପାରଶାଳୀରୁ ସିକ୍‌କା ଲାଡ଼ି ତାର ପରିବାର ସହ ଓଡ଼ିଶା ଆଦିବାସୀମାନଙ୍କ ପ୍ରତିନିଧିତ୍ୱ କରି ଦିଲ୍ଲୀ ଗଲା । ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି, ଜୁଏଲ ଓରାମ ସ୍ୱହ ଫଟୋ ହେଲା । କୋଶି ଇଣ୍ଟରନ୍ୟାସନାଲ ଓ ହୋଟେଲ ତାଜ୍‌ରେ ପ୍ରବାସ କଲା ପନ୍ଦର ଦିନ । ମୁଁ ତା' ଗାଁକୁ ଯାଇ ପଚାରିଲି କେମିତି ଲାଗିଲା ଦିଲ୍ଲୀ । ସେ କହିଲା ଆମର ଡଙ୍ଗର ନିକୋ (ଆମର ଡ଼ଙ୍ଗର ଭଲ) ହୋ ବାବୁ । ଡଙ୍ଗରିଆକୁ ନିଜର ଡଙ୍ଗର ଦିଲ୍ଲୀଠୁ ଅଧିକ ଶୋଭାମୟ ଆଉ ଆକର୍ଷଣୀୟ ଦିଶିଲା । ରାହୁଲ ଗାନ୍ଧୀଙ୍କୁ ଜଣେ ଡଙ୍ଗରିଆ ନିଜର ପାରମ୍ପରିକ ପୋଷାକରେ କାନ୍ଧରେ ଟାଙ୍ଗିଆ ଧରି ଇଂରାଜୀରେ କହିଲା ତାର ଡଙ୍ଗରର କଥା, ଡଙ୍ଗରିଆର କଥା ।

ପହରିଆମାନେ ମୁଖ୍ୟସ୍ରୋତକୁ ଅପେକ୍ଷା କଲେ । ନଗ୍ରଲୋଦ ପରିବାର କରନ୍ତି କୁଲା, ଟୁପା, ଭୁଗା, ଟୁପଲି ନିଅନ୍ତି । ଗାଁରେ ଛୁଆ ଜନ୍ମ ହୁଏ ପରଲା, ପଡିଆ ଲାଗେ; ଚାଷ ହୁଏ ଡ଼ାଲା, ଭୁଗା, ଟୁପା ଲାଗେ, ଘରେ କପଡ଼ା ରଖାହୁଏ ଝାଁପି ଲାଗେ । ଲୋକ ମରିଯାନ୍ତି ଟୁପଲିରେ ଖଇ କଉଡ଼ି ଝିଣ୍ଟା ହୁଏ, କୁଲାରେ ଧାନ ଛଡ଼ା ହୁଏ, ଦୁଇ ବଟିଆ ବାଟରେ । ରାଜଧାନୀରେ ଲ୍ୟାମ୍ପ୍ ଜାଳନ୍ତି, କଲମ ରଖନ୍ତି, କାନ୍ଥରେ ରାମ ବନବାସ ଟାଙ୍ଗନ୍ତି, ଟେବୁଲରେ କଇଁଛ ରଖନ୍ତି ।

Digitized by srujanika@gmail.com

ପହରିଆ ଯୁବକ-ଯୁବତୀ ଦେଖନ୍ତି ଏବୁଡ଼ିଶାଳରୁ ଖେତଖଳା ଡେଇଁ ମଶାଣି ଯାକେ ସେମାନେ ତିଆରିଥିବା ବାଉଁଶର ସେତୁ । ସେତୁ ଉପରେ ଚରାଚର ଚାଲିଯାଉଛି । ଅଧାପେଟରେ କି ଖାଲି ପେଟରେ ବି ଏ ଲୋକମାନଙ୍କ ମୁହଁରେ ମହୁଲିର ମାଦକତା । ରାଜଧାନୀରେ ଏ ବଜାର ନାହିଁ । ବଗ ଓ କଇଁଛର ବଜାର । ବଗ ଜନ୍ମ ହୁଏନି କି କଇଁଛ ମରେନି । ଥରେ ସରିଲେ ସରିଲା । ତାଙ୍କ ତିଆରି ବାଉଁଶର ବଗ ଉଡ଼ିପାରେନି ଏନ୍‌ଜିଓ ଦେଇଥିବା ସ୍ୱପ୍ନ ସହ । ଫେରି ଆସେ ଗାଁକୁ । ବାଉଁଶ ବଣର ଗୀତ ଆଉ ଉଦନ୍ତୀ ନଈ ପାରିର କନ୍ଦା ପାଖକୁ । ଏନ୍‌ଜିଓ କହେ ପହରିଆମାନେ ଏକବିଂଶ ଶତକର ବଜାର ପାଇଁ ଉପଯୁକ୍ତ ହୋଇନାହାନ୍ତି ।

ସୁମନୀ ଝୋଡ଼ିଆ କହିଲା ଆମେ ଜଙ୍ଗଲରେ ରହୁ, ଡଙ୍ଗର ଆମର ମା । ଆମେ ଡଙ୍ଗରରେ ଚାଷ କରୁ । ଆମର ଚାଷ ସାହୁକାର ଖାଏ । ଆମ ଅଣ୍ଡିରାକୁ ମଦ ଦିଏ । ତୁଇ ଆମକେ ଡଙ୍ଗର ଚାଷ କରବାର ଲାଗି ଦେ, ଆରୁ ସରକାର ତୋର ମଦ ତୁଇ ନେଇଯା । ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଖୁସି ହୁଅନ୍ତି । ମଦ ବନ୍ଦ କରନ୍ତି ରାଜ୍ୟରେ । ସୁମନୀ ଡଙ୍ଗର ଚାଷ କରେ । ସ୍ୱତନ୍ତ୍ର ପୋଲିସ ଅଧିକାରୀ ହୁଏ । ବିଜୁବାବୁ ତାକୁ ଏ କ୍ଷମତା ଦିଅନ୍ତି । ମଦଗନ୍ଧାକୁ ପ୍ରଶ୍ରୟ ଦେବା ଅପ୍ରାଧରେ ଜଣେ ଏସ୍.ଆଇ ଓ ଦୁଇଜଣ କନେଷ୍ଟବଲଙ୍କୁ ନିଲମ୍ବିତ କରେ । ଡଙ୍ଗରରେ ଚାଷ ହେଉଥିବା କାନ୍ଦୁଲକୁ ବିକେ । ଜିଲ୍ଲାପାଳ ବିଷ୍ଣୁପଦ ସେଠୀଙ୍କୁ କହେ ମୋର ଡାଲି ତୋର ଇସ୍କୁଲର ପିଲାମାନଙ୍କୁ ଦେ । ରାୟଗଡ଼ାର ପର୍ବତପୁଅମାନେ ବାହାର ଡାଲି ଖାଇବେ ନାହିଁ । ବିଷ୍ଣୁପଦ ସେଠୀ ମଧ୍ୟାହ୍ନଭୋଜନ ପାଇଁ ସୁମନୀ ଓ ତାର ସାଥିମାନେ ଅମଳ କରିଥିବା ଓ ପ୍ରକ୍ରିୟା କରିଥିବା କାନ୍ଦୁଲ ଡାଲି କିଣନ୍ତି । ବିଭିନ୍ନ କାମ ପାଇଁ ସୁମନୀର ପ୍ରେସ୍ ଖଲିଦନା ବି କିଣାହୁଏ ।

ଏନ୍‌ଜିଓ ଭାବେ ପହରିଆମାନଙ୍କୁ ଶିକ୍ଷା ଦରକାର । ଶିକ୍ଷା ପାଇଲେ ଏମାନଙ୍କ ବଗ ନଙ୍ଗଲଘାଟରେ ଜନ୍ମହେବ । ରାଜଧାନୀରେ ଉଡ଼ିବ । ପୃଥିବୀ ପରିକ୍ରମା କରି ମଟରବୋଟରେ ଉଦନ୍ତୀ ଡେଇଁବ । ବଗ ଜନ୍ମିଥିବା ଏବୁଡ଼ି ଆଉ ଚାଳ/ମାଟିର କୁଡ଼ିଆ ନୁହେଁ, କଂକ୍ରିଟ ମହଲ ହୋଇସାରିଥିବ । ତା' ଛାତରେ ବସି ବଗ କହିବ ମୁଁ ସ୍ୱପ୍ନରୁ ବେଶି ଉଡ଼ିପାରୁଛି । ପହରିଆ ! ମତେ ତୁ ଆହୁରି ଜନ୍ମକର ।

ସୁମନୀ ଝୋଡ଼ିଆ

Digitized by srujanika@gmail.com

ପହରିଆ ପଢ଼ିବ ଉଦନ୍ତୀ ସେ ପାରିର ଭାଷା । ବୁଲଲକୁ ବଲଦ କହିବ ଆଉ ଗଦୁକୁ କଳସ । ଜଣେ ପହରିଆ ଲଳନା ମାଟ୍ରିକ ଫେଲ୍ କରିବ । ଏନ୍‌ଜିଓ ପ୍ରଚାର ଯନ୍ତ୍ରମାନଙ୍କରେ ନଗ୍ରଲୋକଙ୍କୁ କହିବ ପହରିଆର ପ୍ରଥମ ପାଦ ଏକବିଂଶ ଜଗତ ପଟକୁ । ଏ ଝିଅକୁ ଚାକିରୀ ଦେବ । ପହରିଆ ଝିଅକୁ ବୁଝେଇବ । ଜମି, ଜଳ ଓ ଜଙ୍ଗଲ ଆମର । ଏଠାରେ ବଞ୍ଚିବାର, ଖାଇବାର ଅଧିକାର ଆମର ଅଛି । ସରକାର ଆମ ନାଁ ଠିକଣା ଜାଣିନି । ସେ ଜାଣିଛି ବିଶ୍ୱବ୍ୟାଙ୍କ୍‌ର ଠିକଣା, ବହୁରାଷ୍ଟ୍ରୀୟ କମ୍ପାନୀର ଠିକଣା । ଚାଲ, ଆମେ ଆମର ଜଙ୍ଗଲ ମାଗିବା । ଜମି ମାଗିବା । ଜଳ ମାଗିବା । ଶୁଆଟି ଉଡ଼ିବୁଲେ ଗାଁ କୁ ଗାଁ । ତପ୍ରକୁରୁ ତପ୍ରକୁରୁ... । ପହରିଆ ଶୁଣେ । ଖୁସି ହୁଏ । ତାର ଶୁଆ ଗାଉଥିବା ଗୀତ ।

ସୁନାବେଡ଼ା ଅଭୟାରଣ୍ୟରେ ବି ଶୁଆ ଉଡ଼େ । ଭୁଞ୍ଜିଆ ଦେଖିଲା ଭଏ ଅରଣ୍ୟରେ ବୁଲିବା କଥା । କାନ୍ଧରେ ଟାଙ୍ଗିଆ ଆଉ ଅଣ୍ଟାରେ କଇରି ଖୋସି ସମୁଦ୍ରରୁ ବତିଶ ଶହ ଫୁଟ ଉଚ୍ଚରେ ଛଅଶହ ବର୍ଗ କିଲୋମିଟର ଅଭୟାରଣ୍ୟର ରଜା କହିବା କଥା । ଆଠ ହଜାର ଜୀବଜନ୍ତୁ ମେଳରେ ନିଜକୁ ବଞ୍ଚେଇ ଶିଖିବା କଥା । ଛ'ଶହ ଜାତିର ପକ୍ଷୀର ଡେଣାରେ ନିଜର ସପନକୁ ଉଡ଼େଇବାର କଥା । ଜଙ୍ଗଲରୁ ଶାଗୁଆନ କାଠ, ମହୁଲ, କେନ୍ଦୁ, ଡୁମେର, ଲାଖ, ଖଇରକୁ ଆଣି ବେପାରୀକୁ ଦେବାକଥା । ମହାଜନ କହିଥିବା ଗଞ୍ଜେଇ ବଗିଚା ଜଗିବା କଥା । ମୁନ୍‌ସୀ ଲାଗି କେନ୍ଦୁପତ୍ର ତୋଳିବା କଥା । ଏ ପିଲା ତଳକୁ ଗଲା । ଦେବତାସମାନ ଉଚ୍ଚ ବୋଲି ଉଚ୍ଚରେ ରଖିଛି । ବାକିମାନେ ନୀଚ ବୋଲି ନୀଚରେ ରଖିଛି । ସେମାନେ ଏତେ ନୀଚ ଯେ ତାଙ୍କର ରନ୍ଧାଘର ବା ଲାଳମହଲ ଛୁଇଁଲେ ନିଆଁରେ ଘରକୁ ଜାଳି ଶୁଦ୍ଧ କରାଯାଏ । ସେ ଘରେ ଯିଏ ରହେ, ସେ ସୀତା । ଘର ସାମ୍ନାରେ ଲକ୍ଷ୍ମଣରେଖା, ତାକୁ ଡେଇଁବା ଅପ୍ରାଧ, ଯା'ର କ୍ଷମାନାହିଁ । ଦଣ୍ଡ ମୃତ୍ୟୁ ପର୍ଯ୍ୟନ୍ତ, ତାର ନିଜ ଆଇନସମ୍ମତ । ସେ ସେହି ନୀଚ ଲୋକଙ୍କ ସହ ରହିଲା, ପାଠ ପଢ଼ିଲା, ବିଜାତି ହେଲା । ଏନ୍‌ଜିଓ ଚିନ୍ତା କଲା । ଏମାନେ ପାଠ ପଢ଼ି ନପାରିଲେ ଅସୁବିଧା । ବୁଝେଇଲା ନାନା ପ୍ରକାରେ । ପାଠ ପଢ଼ିବା କଥା । ଭୁଞ୍ଜିଆ ମାନିଲା । ତାର ପିଲାଛୁଆ ପାଠ ପଢ଼ିଲେ ।

କେଉଁ ଯୁଗରୁ ସରକାରର ନା ଧରି ନଥିବା ଭୁଞ୍ଜିଆ ବିଶ୍ୱବ୍ୟାଙ୍କ୍‌ର ନା ଶୁଣିଲା । ଶୁଣିଲା ଆଉ ହିସାବ କଲା ତାର ୩୦ଟି ଗାଁ ରାଜସ୍ୱ ଗାଁ, ସରକାର ଖାତାରେ ଲେଖିଛି । ୨୮ଟି ଗାଁ ଜବରଦଖଲ ଗାଁ ସରକାରର ଖାତାରେ ନାହିଁ । ସରକାର କାହିଁକି ଲେଖିଲା ଆଉ କାହିଁକି ଲେଖିଲା ନାହିଁ, ଭୁଞ୍ଜିଆ ଜାଣିପାରିଲା ନାହିଁ । କୁହାଗଲା ଆନ୍ଦୋଳନ କର, ସେ ଆନ୍ଦୋଳନ କଲା । ସରକାର କେନ୍ଦୁପତ୍ର ଫଡ଼ି ବନ୍ଦ କଲେ । ଚାଁର ମହୁଲ ଗୋଟେଇବା ବନ୍ଦକଲେ । ଭୁଞ୍ଜିଆ ଆଠଦିନର ପରିଶ୍ରମରେ ଯେଉଁ ଜିନିଷ ବିକି ବଜାର କରୁଥିଲା, ସେଥିରେ ସେ କଷ୍ଟେ ମଷ୍ଟେ ଚଳୁଥିଲା । ଭୁଞ୍ଜିଆ ଧାନ ଚାଷ କରେ । ହସ୍ତିନାରେ ମଗୁଡ଼ି ପଡ଼ିଲା । କୁନ୍ତିମାତା ଭୀମକୁ ପଠେଇଲେ ତାଙ୍କ ଭଉଣୀ ସୁନାଦେଇ ପାଖକୁ ଧାନ ଆଣିବାକୁ । ଭୀମ ଧାନ ନେଲା । ସୁନାଦେଇ ଭୁଞ୍ଜିଆର ମା । ଭୁଞ୍ଜିଆର ଭୂମି ଅକଣ୍ଟକ । ମଗୁଡ଼ି ଛୁଏଁନି ତା ଭୂମିକୁ । ଏହି ଭୂମିର ଧାନରେ ଔଷଧୀୟ ଗୁଣ ରହେ । ସେ ଧାନ ବିକେନି । ଚାଁର ଟୋଲ ବିକିବା ପାଇଁ କେଉମେଲି ଫାଟକ ଭାଙ୍ଗିଲା । ଆନ୍ଦୋଳନ କଲା । କଣ କହିଲା ସେ ଜାଣେନି । କେବଳ ଏତିକି ଜାଣେ ଯେ ତାକୁ ଯିଏ ସୁନାବେଡ଼ାରୁ ତଡ଼ିବ, ସେ ବଞ୍ଚିବନି । ସୁନାଦେଇ ମରିବ, ନହେଲେ ସେ ।

Digitized by srujanika@gmail.com

ପହରିଆ ବି ରଡ଼ିଲା । ମୋର ନଙ୍ଗଲଘାଟକୁ ମାନ୍ୟତା ଦିଅ । ପହରିଆ ଆହୁରି ରଡ଼ିଲା ମତେ ଆଦିବାସୀ କର । ସେ ଜାଣିଲା ତାକୁ ଆଦିବାସୀ କଲେ, ସ୍କୁଲରେ ତା' ପୁଅଝିଅ ପଢ଼ିଲେ ଟଙ୍କା ପାଇବେ । ପଢ଼ିସାରିଲେ କାଳିଆ ଘୋଡ଼ାରେ ଚଢ଼ିବେ । ତାର ମା/ ଝିଅ ସରପଞ୍ଚ କି ସମିତିସଭ୍ୟ ହେବେ । କିନ୍ତୁ ନଙ୍ଗଲଘାଟରେ ସ୍କୁଲ ନଥିଲା । ଉଦନ୍ତୀ ଡ଼େଇଁ ତା'ପାଖକୁ କ୍ଲୋରୋକୁଇନ ପହଞ୍ଚି ନ ପାରିଲା ପରି ତାର ପୁଅ ଝିଅ ନଈ ଡ଼େଇଁ ସ୍କୁଲ ପହଞ୍ଚି ପାରିଲେ ନାହିଁ ।

ସରକାର ବି ଭାବିଲେ ଡଙ୍ଗରିଆକୁ ଘରଦେବି । ଡଙ୍ଗରିଆକୁ ପଥର ଦରକାର ନ ଥିଲା । ତାର ଡଙ୍ଗର ତାକୁ ଦେଲା । ନାଗାବଳୀ କହିଲା ମୋ ଛାତିରୁ ବାଲି ନେ । କୋଡ଼ିଏ କିଲୋମିଟର । ହଳଗାଡ଼ି ବି ଯାଇ ପାରିବନି ପରଣାଛୀ । ବାଲି ଗଲା । ଗୋଟିଏ ହଳଗାଡ଼ି ପ୍ରମାଣେ ବାଲି ଆଣିବାକୁ ଡଙ୍ଗରିଆକୁ ଲାଗିଲା ଦିନଟିଏ । ଘର ତିଆରି ହେଲା । ଅତି କଷ୍ଟରେ । ଡଙ୍ଗରିଆ ଇନ୍ଦିରା ଘରକୁ ଯାଇ ରହିବାବେଳେ ଘର ଭାଙ୍ଗିଗଲା । ତା'ପାଇଁ ଜିଲ୍ଲାପାଳ ବିଚାର କଲା ଡଙ୍ଗରିଆକୁ ତା ପରି ଘର ଦେବି । ଆଠ ହଜାର ଟଙ୍କାରେ ।

ଏନ୍‌ଜିଓ ଭାବିଲା ପହରିଆକୁ ପାଣି ଦେବି, ଗଛର ଛାଇ ଦେବି । ପହରିଆ ହଁ କଲା । ସେ ବୁଝିପାରିଲାନି ଉଦନ୍ତୀ ନଈରେ ପାଣି ଆଉ ଜଙ୍ଗଲର ଛାଇ ପରେ କେଉଁ ପାଣି ଓ ଛାଇ ଦେବ । ରାଜଧାନୀକୁ ଉଡ଼ିଯାଉଥିବା ବଗ ତା'ର ସ୍ୱପ୍ନ ବୋହି ପାରିଲାନି । ଏନ୍‌ଜିଓ ପାଣି ଆଣିବ, ଛାଇ ଆଣିବ । ପହରିଆ ଏସ୍‌ଏଚ୍‌ଜି କଲା, ମା ଭଉଣୀକୁ ଡାକି ଭଲ କଥା ବୁଝେଇଲା । ବ୍ୟାଙ୍କ୍ ନେଲା । ଟଙ୍କା ଦେଲା । ପହରିଆ ଖୁସି ହେଲା । ଛୋଟ ଛୋଟ ଟିଣରେ ସୁନ୍ଦର କରି ଗାଁର ନାଁ ଲେଖିଲା । ଗଛ ଲଗେଇଲେ ଲେଖିଲା, ରାସ୍ତାର ଖାଲଟିଏ ପାଟିଦେଲେ ଲେଖିଲା । ପହରିଆ ଦେଖିଲା, ଖୁସି ହେଲା ।

ପାରମ୍ପରିକ ସାଜସଜ୍ଜାରେ ପହରିଆ ଯୁବତୀଗଣ

Digitized by srujanika@gmail.com

ଜୀବିକାର ରାହା :ଖଜୁରୀ ସପ ତିଆରିରେ ନିମଗ୍ନ ପହରିଆ ବୃଦ୍ଧା

ମୁରିବାହାଲ ତିଖାରୀ ଜଙ୍ଗଲ ଭିତରେ ଖରାଦିନେ ପାଣିର ଅଭାବ ହେଲା । ପେଗୁଆମାଲର ଲୋକେ ଏନ୍‌ଜିଓକୁ କହିଲେ ଆମକୁ ପୋଖରୀଟିଏ ଦିଅ । ରେଞ୍ଜର କହିଲା ମତେ ଦଶହଜାର ଟଙ୍କା ଦିଅ । ଲୋକେ ବୁଝି ପାରିଲେନି ଏନ୍‌ଜିଓ ବେଚାରା ପୋଖରୀ ଖୋଳିବ, ରେଞ୍ଜରର କଣ ଗଲା ଯେ ଟଙ୍କା ନେବ । ଚାଷ କଲେ, ଧାନ କାଟିଲେ ରେଞ୍ଜର ତ କୁକୁଡ଼ା ନିଏ, ଟଙ୍କା ନିଏ । ତା'ର ଜମିର ଦେବତା ଆଗରୁ ତାକୁ କୁକୁଡ଼ା ଦିଆଯାଏ । ମଲିଆ ଧରୁଆ କଥାକୁ ବୁଝି ପାରିଲାନି । ଝିଅବୋହୂ ଗାଧୋଇବେ, ବନ୍ଧ କାହିଁକି ହେବନି । ରେଞ୍ଜର ବୁଝେଇଲା ଲୋକ ବୁଝିପାରିଲେ ନାହିଁ । ଦଶଜଣଙ୍କୁ ଗିରଫ କଲା । ଏନ୍‌ଜିଓ ଲୋକଙ୍କୁ କହିଲା ତିଖାରୀରେ ରହୁଥିବା ୯ଟି ଗାଁର ୩୦୪ ପରିବାରର ଅଧିକାର କିଛି ନାହିଁ । ନା ଜଙ୍ଗଲ, ନା କବ୍‌ଜା କରିଥିବା ୪୫୩ ହେକ୍ଟର ଜମି । ୯ଟି ଗାଁରେ ଭାଳେଣି ପଡ଼ିଲା । ଲୋକେ ପଚାରିଲେ ଏନ୍‌ଜିଓକୁ କଣ କରିବା । ଏନ୍‌ଜିଓ କହିଲା- ଏସ୍‌ଏଚ୍‌ଜି କର, ପାଣ୍ଠି କର, କିଲଟରୀ ଘେରାଉ କର । ଲୋକେ ହଁ କଲେ । ଅଗଷ୍ଟ ପନ୍ଦର, ଜାନୁୟାରୀ ଛବିଶ ତାରିଖରେ ତ୍ରିରଙ୍ଗା ଉଡ଼ିଲା । ଲୋକେ କହିଲେ ଜଙ୍ଗଲ ଆମର ମା । ଆମେ ଏଠାକାର ଖୁଣ୍ଟକଟା ଲୋକ । ମଲିଆକୁ ମୁଖିଆ କରାଗଲା । ବେଚାରା ଦଶଦିନ ଜେଲ୍ ଗଲା । ଏନ୍‌ଜିଓ ପୁରସ୍କାର ପାଇଲା । ଏବେ ଏନ୍‌ଜିଓ ବି ଖୋଜି ପାଉନାହିଁ ମଳିଆର ସମାଧିକୁ । ପଟ୍ଟା ପାଇଲେ ଅନ୍ତତଃ ଲୋକେ ଯାହାକୁ ଦେଖି ଜୁହାରଟିଏ ହୁଅନ୍ତେ ।

ସରକାର କହିଲା ୧୯୮୦ ପୂର୍ବରୁ ଯେଉଁ ଗାଁ ଜଙ୍ଗଲ ଭିତରେ ଅଛି, କେବଳ ତାର ନାଁ ମୋର ଖାତାରେ ଲେଖିବି । ପହରିଆ ଖୋଜିଲା ନଙ୍ଗଲଘାଟ କେବେ ତିଆରି ହେଲା । ଭଦନ୍ତୀ କେବେ ବହିଲା, ବଣର କନ୍ଦା କେବେ ଜମିଲା । ସେମାନେ କେବେ ଚାଉଳ ଖାଇଲେ । ସେମାନେ

Digitized by srujanika@gmail.com

ହେଲେ ଝିଙ୍କରୀ ପଥର ଖାଇଲେ । ବାଲିଁଶରାଣୀ ସଙ୍ଗେ ଜଙ୍ଗଲରେ ଲୁଚକାଳି ଖେଳୁ ଖେଳୁ ପହରିଆ କେଉଁଠି ନଙ୍ଗଲଗାଟ ମାଟି ଛୁଇଁଲା ।

ସୁମନୀ ଝୋଡ଼ିଆ, ସିକ୍କା ଲାଡ଼ି, ମଲିଆ ଧରୁଆ, ଶକୁନ୍ତଳା ପହରିଆ ସମସ୍ତେ ଦିଲ୍ଲୀ ଗଲେ । ମୁଣ୍ଡରେ ପଟିଟିଏ ବାନ୍ଧିଥିଲେ । ପଟିରେ ଲେଖାଥିଲା ଜଙ୍ଗଲ ଜମି ଆମକୁ ଦିଅ । ଡୁରେକେଲା କଦଳୀପାଲିର ରତନ ମାଝୀ ରେଳଗାଡ଼ି ଚଢ଼ିଲା । ପିତୃପୁରୁଷଙ୍କୁ ଜୁହାର ହେଲା । ଗାଁ ମୁଣ୍ଡ ମାଉଳୀର ମହିମାକୁ ଧନ୍ୟ କଲା । ତା'ର କୃପା ନହେଲେ ସେ ରେଳଗାଡ଼ି ଚଢ଼ିବ ! ରେଳ ଚାଲିଲା । ଦିନ ରାତି । ରତନ ମାଝୀ ଦେଖିଲା ଏ କଣ ? ରାସ୍ତା ସରୁନି କି ସର୍କାରଙ୍କ ଘର ଆସୁନି ! ଦିନ ଗଲା, ରାତି ଗଲା ଆଉ ଗୋଟିଏ ରାତି ଆସୁଛି । ରେଳଗାଡ଼ି ରହିଲା । ରତନ ମାଝୀ ଓହ୍ଲାଇଲା । ସର୍କାରର ଘର ଏତେ ବଡ଼ ! ସେ ଲୋକଙ୍କୁ ବି ଭେଟିଲା ଯାହାକୁ ସେ ଭୋଟ ଦେଇ ନଥିଲା । ଏନ୍‌ଜିଓ ମନା କରିଥିଲା ତାକୁ ଭୋଟଦେବାକୁ । ଯିଏ ଜମି ଦେବ, ତାକୁ ଭୋଟ ଦେବୁ । ତାକୁ ଭୋଟ ଦେଲାନି କି ସେ ଜମି ଦେଲାନି । ନିଜେ ରହୁଛି କଦଳୀପାଲିରେ ଆଉ ସେ ସର୍କାର ଘରେ । ବୁଝି ପାରିଲାନି ରତନ ମାଝୀ । ଦୁଇଦିନ ରହିଲା ସର୍କାର ରହୁଥିବା ବଡ଼ ଗାଁରେ । ଏନ୍‌ଜିଓ କହିଲା ଫେରିବା । ରତନ ମାଝୀ ରେଳଗାଡ଼ିରେ ବସିଲା । ଦିନରାତି ଗୋଟିଏ ଜାଗାରେ ବସିବ । ଯିଏ ସକାଳୁ ସଞ୍ଜଯାଏ ଜଙ୍ଗଲଯାକର ଗଛ, ମୟୂର, କୁଟରା ଗଣିପାରେ ସେ ବସିବ ଖୁଣ୍ଟ ପରି । ନାଁ । ଓହ୍ଲାଇଗଲା ରେଳଗାଡ଼ିରୁ । ଗାଁ ଲୋକ ଏନ୍‌ଜିଓକୁ ପଚାରିଲେ ବୁଢ଼ା କୁଆଡ଼େ ଗଲା ? ପୋଲିସକୁ କୁହାଗଲା । କେତେଦିନ ପରେ ରତନ ମାଝୀ ଫେରିଲା ଗାଁକୁ । କହିଲା ଗୋଟିଏ ଥାନରେ ବସିହେଲାନି । ମୋ ଇଚ୍ଛାରେ ଓହ୍ଲେଇ ପଡ଼ିଲି । ମୋ ଇଚ୍ଛାର ଚଢ଼ୁଥାଏ, ଓହ୍ଲଉଥାଏ । ଦିନେ ପାହାଡ଼ ମତେ ଚିହ୍ନିଲା । ଜଙ୍ଗଲ ଚିହ୍ନିଲା । ମୋର ନାଁ ଧରି ଡାକିଲା । ମୁଁ ଓହ୍ଲେଇଲି, ଆକାଶକୁ ଦେଖିଲି । ଚିହ୍ନିଲି ଆକାଶକୁ । ଜାଣିଲି ଯେ ମୋର ଗାଁ ଆସିଗଲା ।

ଖୁଟୁରାମ ସୁନାନୀ ଦିନେ ଏନ୍‌ଜିଓର କଥା କହୁଥିଲା । ପନ୍ଦର ବର୍ଷ ଜଙ୍ଗଲରେ ବୁଲି ବୁଲି ଲୋକଙ୍କ କଥା କହିଲା । ପଚାରିଲା ତୁମେ କଣ ଖାଅ ? କିପରି ଖାଅ ? କାହିଁକି ଖାଅ ? କିଏ ଦିଏ ? କେଉଁଠୁ ଆଣ ? ସବୁ ଶୁଣିଲା । ଲେଖିଲା ଖବରକାଗଜରେ । ଗାଁଲୋକ ପଢ଼ିଲେ, କହିଲେ ସୁନାନୀ ଭଲ ଲେଖୁଛି । ନଗ୍ରଲୋକ ପଢ଼ିଲେ, କହିଲେ ଅତିରଞ୍ଜିତ । ନଗ୍ରଲୋକ ଭୟ କରି ଯାଇଥିଲେ । ନଗ୍ରଲୋକ ଜାଣି ନଥିଲେ ଜଙ୍ଗଲ କାଟୁ କାଟୁ ସେମାନେ ସେ ମଣିଷମାନଙ୍କୁ ବି କାଟି ଦେଉଛନ୍ତି, ଯେଉଁମାନେ ତାଙ୍କ ନିଜର । ଖୁଟୁରାମ ଲେଖିଲା ଜଙ୍ଗଲର ଫଳମୂଳ କାହିଁକି ସୁମନୀ, ସିକ୍କା, ମଲିଆ ଆଉ ଶକୁନ୍ତଳାର ଘର ଠିକଣା ଭୁଲିଗଲେ । ଏକଥାକୁ ଏନ୍.ଏଫ୍.ଆଇ ଶୁଣି ଖୁସିହେଲା । ଖୁଟୁରାମକୁ ସମ୍ମାନ କଲା । ନେସ୍‌ନାଲ ଫାଉଣ୍ଡେସନ୍ ଅଫ୍ ଇଣ୍ଡିଆ ପାଇଁ ଖୁଟୁରାମ ସୁନାନୀ ଲେଖିଲା ଶାଳବଣରେ ଶାଗୁଆନ ଗଛ କିପରି ବଢ଼େ । ମଲିଆ ଧରୁଆର ନାତି ଅଜା ମଲାପରେ କାହିଁକି ରାୟପୁର ଯାଏ । ରତନ

ଖୁଟୁରାମ ସୁନାନୀ

Digitized by srujanika@gmail.com

ମାଷ୍ଟର ସମ୍ପର୍କୀୟ ହାଇଦ୍ରାବାଦରେ କାହିଁକି ବନ୍ଧା ପଡ଼େ । ତାର ଜଙ୍ଗଲରୁ ସେ ଗଛ କାହିଁକି କାଟେ । ତାକୁ ଫରେଷ୍ଟର କାହିଁକି ଧରେ । ସେହି ଗଛର ପଲଙ୍କକୁ ବି.ଡ଼ି.ଓ କାହିଁକି ତିରିଶ ହଜାର ଟଙ୍କାରେ କିଣି ତା' ଝିଅକୁ ଯଉତୁକ ଦିଏ ।

ନଗ୍ରଲୋକ ପଢ଼ନ୍ତି । ସରକାର ପଢ଼େ । ଭୋଟ ହୁଏ । ଗଛକାଟି ଧରାପଡ଼ିଥିବା ରତନ କୋଡ଼ିଏ ଟଙ୍କା ନେଇ ଭୋଟ ଦିଏ । ବିଡ଼ିଓ ଗାଡ଼ିରେ ବୁଲେ । ଖୁଟୁରାମ ସୁନାନୀ ଜଙ୍ଗଲରେ ।

ଏନ୍‌ଜିଓ ଦେଖେ ସର୍କାର ଉଦାର ହୋଇଗଲେ । ନଗ୍ରଲୋକଙ୍କୁ ଖବର ଦିଏ । ଟକାଗୋଜିଆରେ ନଗ୍ରଲୋକ ଆସି ରହନ୍ତି । ଡିଖାରୀରେ ଆହୁରି ଅନେକ ରହନ୍ତି । ଏନ୍‌ଜିଓ କହେ ସମସ୍ତେ ଖୁଟକଟା । ମଲିଆ ଧରୁଆବି ନିଜେ ଖୁଟକାଟି ରହିଛି । ତାର କେଉଁ ଗାଁକୁ ପଛକରି । ଗାଁର ଘର ଆଉ ଜମିର ମୋହକୁ ପଛକରି । ଟକାଗୋଜିଆର ଦୁଇଜଣ ଚାଳିଶ ବର୍ଷତଳେ ଗଛ କାଟିବାର ଅପ୍ରାଧ କରିଥିଲେ । ତା'ର କାଗଜ ଅଛି । ସର୍କାର ମାନିବ । ତୁମକୁ ଜମିଦେବ ଜଙ୍ଗଲରେ । ମୁଁ ଖାଦ୍ୟ ପାଇଁ କାମ ଯୋଜନାରେ ଜଙ୍ଗଲର ଜଳପ୍ରବାହକୁ ତୁମର ଦଖଲ ଜମିପାଇଁ ଛୋଟ କୁଣ୍ଡ, ବଡ଼କୁଣ୍ଡ କରି ସାଇତି ଦେଇଛି । ଲୋକେ ଗଛକାଟନ୍ତି । ଜଙ୍ଗଲ ଜଳେଇ ଚାଷ କରନ୍ତି । ଚାଷଜମିରେ ଖୁଟ କାଟିଥିବାର ଚିହ୍ନ ଲିଭି ନଥାଏ । ଖୁଟରେ ପତ୍ର କଅଁଳୁ ଥାଏ । ନଗ୍ରଲୋକ ଦେଖନ୍ତି ତାଙ୍କ ମରିବା ବେଳକୁ ଦୁଇଗଜ ଜମି ପାଇଁ ସେମାନେ ଚିନ୍ତା କରନ୍ତି । ପୁଅଝିଅ ବଞ୍ଚିଲେ ମୁହଁରେ ପାଣି ଦେବେ ବୋଲି ସେମାନେ ଦେଶାନ୍ତରୀ । ହେଲେ ଏନ୍‌ଜିଓ ଏମାନଙ୍କୁ ଦଶ ଏକର ଜମି ଦେବ ! ତାହାବି ଜାଳେଣୀଠୁ ମଶାଣୀ ପରିଯନ୍ତେ, ଯେଉଁ ଟକାଗୋଜିଆ ଆମକୁ କାଠଦିଏ । ତା'ର ଛାତି ଚିରି ଏମାନେ ରହିବେ । ଏନ୍‌ଜିଓ କହେ ମୁଁ ଏମାନଙ୍କୁ ରହିବା ପାଇଁ କହିନାହିଁ । ସେମାନେ ସର୍କାରର ଉଦାରତା ଦେଖି ନିଜେ ନିଜେ ଆସିଛନ୍ତି । ନିଜେ ନିଜର ଘର କରି ରହୁଛନ୍ତି ।

ଜଙ୍ଗଲରେ ବୁଲୁ ବୁଲୁ ଦିନେ ଖୁଟୁରାମ ସୁନାନୀ ନଙ୍ଗଇଘାଟ ପହଞ୍ଚେ । ଦେଖେ ପହରିଆ ପଥର ଖାଉଛି । ଖଡ଼ିପରି ପଥର । ପାଣିଗେ ବତୁରାଇ ଖାଉଛି ଖିରି ପରି, ଜୁଖା ପରି । ପହରିଆକୁ ପଚାରେ

- *କାହିଁକି ରେ ପହରିଆ ତୁ ପଥର ଖାଉଛୁ ?*

- ମତେ ସର୍କାର ଚାଉଳ ଦେଲାନି !

- *କାହିଁକିରେ ପହରିଆ ତୁ ଚାଉଳ କଲୁନି ?*

- ନଗ୍ରଲୋକ ମତେ ବାଉଁଶ କାମ ଦେଲେ !

- *କାହିଁକିରେ ପହରିଆ ନଗ୍ରଲୋକଙ୍କୁ କହିଲୁନି ?*

- ମୁଁ ନଗ୍ରକୁ ଯାଏନି । ଜଣେ ଲୋକ ଆସି ମୋ ଜିନିଷ ନଗ୍ରକୁ ନିଏ । ମୁଁ ନଗ୍ର ବୁଲିଲେ ବାଉଁଶରାଣୀ ଏକଲା ହୋଇଯିବ । ମାନ କରିବ ।

- *କାହିଁକିରେ ପହରିଆ ତୁ ସର୍କାରକୁ କହିଲୁନି ?*

- ଉଦନ୍ତୀ ସେ ପାରିରେ ସର୍କାର, ଏ ପାରିରେ ମୁଁ । ସର୍କାର ତ ନଈ ଡ଼େଇଁ ପାରେନି ମୁଁ ବା କିଏ ଉଦନ୍ତୀ ଡ଼େଇଁବି !

ଖୁଟୁରାମ ସୁନାନୀ ଭିଡ଼ିଓ କଲା । କିପରି ପହରିଆ ଉଦନ୍ତୀର ଛାତି ଚିରି ପିଇବା ପାଣି ଆଣୁଛି । କନ୍ଦମୂଳ କୁଢ଼ୁଛି । ପିନ୍ଧୁଛି, ଶୋଉଛି । ଜଙ୍ଗଲରେ ବୁଲୁଛି, ଆଉ ଝିକିରି ପଥର ଖାଉଛି ।

Digitized by srujanika@gmail.com

ଡଙ୍ଗରିଆଙ୍କୁ ଭାଲେଣୀ ପଡ଼େ । ଯେତେବେଳେ ଶୁଣିଲା ନିୟମଗିରିକୁ କମ୍ପାନୀ କୋଡ଼ି ଖାଇଦେବ । ବଂଶଧାରା ନଈ ଶୁଖିଯିବ । ଲକ୍ଷେ ପ୍ରଳୟ ଡଙ୍ଗରିଆର ପିଠି ଦେଇଁଛି । ନିୟମଗିରି ପରି ତାର ପିଠି ଅଟଳ । ନିୟମଗିରିକୁ ଖାଇଦେଲେ ସେ ରହିବ କେଉଁଠି ? ଡଙ୍ଗରିଆର ଆତ୍ମାକାନ୍ଦେ । ତାର ଧାଙ୍ଗଡ଼ି ବସା ହଜିଯିବ । ରାତିରେ ଶୁଭିବନି ମାନ୍ଦଳର ସୂର । କମ୍ପାନୀ ପଥର ଖାଇବ ନିୟମଗିରିର ।

ନଗ୍ରର କିଛିଲୋକ କହିଲେ ଡଙ୍ଗରିଆ ଶିକ୍ଷିତ ହେବ । ସ୍କୁଲ ହେବ । ଡାକ୍ତରଖାନା ହେବ । କ୍ଲବ୍ ହେବ । ଡଙ୍ଗରିଆ ପାଠ ପଢ଼ିବ, ଚାକିରୀ କରିବ । ଯୁବକ-ଯୁବତୀ ଧାଙ୍ଗଡ଼ି ବସାରେ ରହିବେନି । ସେମାନେ କ୍ଲବ୍ ଯିବେ । ଧାଙ୍ଗଡ଼ି ବସାରେ ଚରିତ୍ର ଖରାପ ହୁଏ ।

ଡଙ୍ଗରିଆ କନ୍ଧ ଉନ୍ନୟନ ଏଜେନ୍ସିର ସ୍ୱତନ୍ତ୍ର ଅଧିକାରୀ ଶରତ ଦାସ କହେ, "ମୁଁ ମୋର କୋଡ଼ିଏ ବର୍ଷ ଡଙ୍ଗରିଆଙ୍କ ସହ ରହଣି କାଳରେ ଆନ୍ତ୍ରାକ୍ସ ରୋଗ ଦେଖିଛି, ମ୍ୟାଲେରିଆ ଦେଖିଛି, ମହାମାରି ଦେଖିଛି, ଅନେକ ରୋଗ ଦେଖିଛି, ରୋଗରେ ମରିବା ଦେଖିଛି । ହେଲେ ଜଣେବି ଯୌନରୋଗୀ ମୁଁ ଦେଖିନି ।

ନଗ୍ରଲୋକେ ଦେଖି ପାରନ୍ତିନି କ୍ଲବ୍ ଓ ଧାଙ୍ଗଡ଼ିବସାର ଦୂରତା ଓ ତତ୍ତ୍ୱକୁ । ନଗ୍ରଲୋକ ସଞ୍ଜମ କଥା କହେ, ହେଲେ ଡଙ୍ଗରିଆ ସେ କଥା କରେ ।

କମ୍ପାନୀ ପଥର ଖାଏ । ତା'ର ପଥର କାମୁଡ଼ା ଶବ୍ଦରେ ମାନ୍ଦଳର ତାଳ ହଜିଯାଏ, ନିୟମଗିରି ହଜିଯାଉଥିଲା ପରି । ତା'ର ସୂର ନିୟମଗିରିର ପବନରେ ଛନ୍ଦି ହୋଇ ବହିପାରେନି, ବଂଶଧାରା ମରିବାକୁ ଆରମ୍ଭ କରୁଥିଲା ପରି ।

ପହରିଆ ତିଆରିଥିବା ବଗ ଏନ୍‌ଜିଓକୁ ଖବର ଦେଲା । ଏନ୍‌ଜିଓ ରାଗିଲା ଖୁଟୁରାମ ସୁନାନୀ ଉପରେ । ଟିଭି ପରଦାରେ ପହରିଆ ପଥର ଖାଇଲା । ସର୍କାର ଡରିଗଲେ । ଡରିକରି ରାଗିଗଲେ । ମୋ ରାଜ୍ୟ ଖମାରରେ ଅସରନ୍ତି ଖାଦ୍ୟ । ମଣିଷ ଖାଏ, ମୂଷା ଖାଏ, ଡ଼ିଆଁ ଖାଏ, ରିସାଇକ୍ଲିଂ ହୁଏ, ପଚିଯାଏ, ସମୁଦ୍ରରେ ଫିଙ୍ଗାହୁଏ । ପହରିଆର ଏତେ ବହପ, ପଥର ଖାଇବ । ଖୁଟୁରାମର ଏତେ ବହପ, ଫଟୋ ଉଠେଇବ ।

ସର୍କାର ଦରବାରରେ ଘୋଷଣା କରନ୍ତି ଖୁଟୁରାମ ସୁନାନୀ ରାଜ୍ୟଦ୍ରୋହୀ ।

ଖୁଟୁରାମ ସୁନାନୀ ବଙ୍ଗୋମୁଣ୍ଡାରେ ଲୁଚେ ।

ଏନ୍‌ଜିଓ ପହରିଆ ପାଖକୁ ଯାଏ । ପହରିଆ ତୁ କହ ଯେ ତୁ ପଥର ଖାଇନୁ । ପହରିଆ କହେ ମୁଁ ପଥର ଖାଇଛି ।

ସର୍କାରର ଲୋକ ପହରିଆ ପାଖକୁ ଯାଏ । ପହରିଆ ଆଶ୍ଚର୍ଯ୍ୟ ହୁଏ । ସର୍କାରର ଲୋକେ ଉଦନ୍ତୀ ଡେଇଁଲା । ତା'ର କାହିଁକି କିଛି ହେଲାନି ? ଉଦନ୍ତୀକୁ ଡେଇଁହୁଏ ବୋଲି ସେଦିନ ପ୍ରଥମ କରି ଏନ୍‌ଜିଓକୁ ଦେଖିଥିଲା, ତା'ପରେ ଖୁଟୁରାମକୁ ଦେଖି ଜାଣିଲା । ତା'ପରେ ସର୍କାରର ଲୋକଙ୍କୁ ଦେଖି । ପହରିଆ ନିଜକୁ ଧନ୍ୟକଲା । ସୂରୁଜ ଦେଖୁନଥିବା ସର୍କାରର ଲୋକକୁ ଦେଖିଲି । ଉଦନ୍ତୀକୁ ଡେଇଁହୁଏ । ଖାଲି ଇଚ୍ଛା କରିବା କଥା ।

ସର୍କାରର ଲୋକ କହେ ପହରିଆ କହ ତୁ ପଥର ଖାଇନୁ ।

ପହରିଆ କହେ ଖାଇଛି ।

ଏନ୍‌ଜିଓ ନଙ୍ଗଲଘାଟରେ ଚହଲା ଖୋଲେ । କାମ କରାଏ । ଚାଉଳ ଦିଏ । କପଡ଼ା ଦିଏ । ବଗ

Digitized by srujanika@gmail.com

ନଙ୍ଗଲଘାଟର ଆକାଶରେ ଉଡ଼େ । ପହରିଆ ବଗକୁ ଦେଖେ, ଖୁସିହୁଏ ।

ସର୍କାର ସ୍କୁଲ ବନାଏ, ନଳକୂଅ ଖୋଳେ ଗୋଟିଏ ରାତିରେ । ସକାଳୁ ପହରିଆର ପିଲା ସ୍କୁଲରେ ପଢ଼ନ୍ତି । ସକାଳୁ ପହରିଆର ଝିଅ, ମାଇପ ନଳକୂଅରୁ ପାଣି ଆଣନ୍ତି । ପହରିଆ ଦାଦିବୁଢ଼ା ଠାରୁ ଶୁଣିଛି ବିଶ୍ୱକର୍ମା ଗୋଟିଏ ରାତିରେ ଡଙ୍ଗର ଗଢ଼ିଲେ, ଉଦନ୍ତୀ ବୁହେଇଲେ । ମାରାଗୁଡ଼ା ବସାଇଲେ, ପୃଥିବୀ ସର୍ଜିଲେ । ପହରିଆ ଶୁଣେ ହୋଇଥିବ ! ତାର ପିତୃପୁରୁଷକୁ ଧନ୍ୟ କରେ । ତୋ' ଲାଗି ବିଶ୍ୱକର୍ମା ନଙ୍ଗଲଘାଟ ମାଟି ଛୁଇଁଲା । ମୁଁ ସାକ୍ଷାତ ହେଲି । ଗୋଟିଏ ରାତିରେ ମାରାଗୁଡ଼ା ନହେଲେ ବି ବାଉଁଶର ଇସ୍କୁଲ ବନେଇଲେ, ନଳକୂଅ ଖୋଳିଲେ ।

*ଏନ୍‌ଜିଓ ପଚାରିଲା ପହରିଆ ତୁ ପଥର ଖାଉ ?*

ନା ।

*ସର୍କାରର ଲୋକ ପଚାରିଲା ପହରିଆ ତୁ ପଥର ଖାଉ ?*

ନା ।

*ଦୁଇଶହ ମଟରଗାଡ଼ିରେ ସର୍କାରର ଲୋକ ଆସି ପଚାରିଲେ ପହରିଆ ତୁ ପଥର ଖାଉ ?*

ନା ।

ଶୁଆଟି ଉଡ଼ି ଉଡ଼ି ଆସିଲା । ସର୍କାରର ଲୋକ ଆଗରେ କହିଲା ଟପ୍ପକୁରୁ ଟପ୍ପକୁରୁ....

ସର୍କାରର ଲୋକ ପଚାରିଲେ ଏହାର ଅର୍ଥ କଣ ?

ଏନ୍‌ଜିଓ କହିଲା- ଏ ଶୁଆ ଆମ ଏନ୍‌ଜିଓର ନୁହେଁ ।

ଶୁଆ କହିଲା ଟପ୍ପକୁରୁ ଟପ୍ପକୁରୁ....

ଦ୍ୱିତୀୟ ଏନ୍‌ଜିଓ କହିଲା ଏ ଶୁଆ ମୋ ଶୁଆ ପରି କହି ଜାଣେନି । ଆଜି ମୋର ଶୁଆକୁ ମନା କରାଯାଇଛି ଉଡ଼ିବାକୁ ।

ଶୁଆଟି ପୁଣି କହିଲା ଟପ୍ପକୁରୁ ଟପ୍ପକୁରୁ....

**ବାହୁନ୍ ତିଆରିରେ ନିମଗ୍ନ ଜଣେ ଆଦିବାସୀ ଯୁବତୀ**

Digitized by srujanika@gmail.com

ସର୍କାରର ଲୋକ ରାଗିଯାଇ ପଚାରିଲେ ଏହାର ଅର୍ଥ କଣ ?

ଭୋଟ ମାଗୁଥିବା ଜଣେ ଲୋକ କହିଲା ଆଜ୍ଞା ଶୁଆଟି ମିଛ କହୁଛି । ତାର ଅର୍ଥ ହେଲା ଆମେ ପଥର ଖାଉ ।

ସର୍କାରର ଲୋକ ଚୁପ୍ ରହିଲେ ।

ସର୍କାରର ଲୋକଦେଖିଲେ ନଙ୍ଗଲଘାଟର ଲଙ୍ଗଳା ପହରିଆ ପନ୍ଧିଛି ନୂଆଜାମା । ତାର ନୂଆସ୍କୁଲ ଅଛି, ନୂଆ ନଳକୂପ ଅଛି । ସେମାନେ ବୁଝିଲେ ଗୋଟିଏ ରାତିରେ ଏହାକୁ ବିଶ୍ୱକର୍ମା କାହିଁକି ତିଆରି କଲେ ।

ସର୍କାରର ଲୋକ ଫେରିଲେ ନଙ୍ଗଲଘାଟରୁ । ଉଦନ୍ତୀରେ ପାଣି ବହିଲା । ପହରିଆ ଓ ସର୍କାର ଦୁଇକୂଳରେ ରହିଗଲେ । ସର୍କାର ରାଜ୍ୟଭୋଗ କଲା । ଖୁଟୁରାମ ସୁନାନୀ ରାଜ୍ୟଦ୍ରୋହୀ ହେଲା । ଏନ୍‌ଜିଓ ପାଣି ଓ ଛାଇର ଖେଳ ଖେଳିଲା । ପହରିଆ ବାଉଁଶରାଣୀର ଗୀତ ଶୁଣିଗଲା । ବଗ ନଙ୍ଗଲଘାଟରେ ଉଡ଼ିଲା ନାହିଁ । ଶୁଆ ନଗ୍ରରେ ନଗ୍ରରେ ଗାଇ ବୁଲିଲା ତପ୍ତକୁରୁ ତପ୍ତକୁରୁ । ପହରିଆ ଜଙ୍ଗଲରୁ ଫେରିଲା । ସ୍କୁଲକୁ ମାଷ୍ଟର ଆଜିବି ଆସିନି । ପିଲାମାନେ ଚହଲାରେ ଡେଇଁଲେ । ତିନିଜଣ ମରିଗଲେ । ପହରିଆ କାନ୍ଦିଲା ।

*ଛୁଆମାନେ କାହିଁକି ମଲେ ?*

ଶିକ୍ଷକ କହିଲା ଦଶଟା ପୂର୍ବରୁ ମରି ସାରିଥିଲେ ।

*ଛୁଆମାନେ କାହିଁକି ମଲେ ?*

ଏନ୍‌ଜିଓ କହିଲା ରୋଗରେ ମଲେ ।

*କେଉଁ ରୋଗରେ ?*

ଡାକ୍ତର କହିଲା ମୁଁ ଓ ରୋଗ ସର୍ତ୍ତ ରଖିଛୁ । ଗୋଟିଏ ରାଜ୍ୟରେ ଦୁହେଁ ରହିବୁ ନାହିଁ ।

*କିପରି ମଲେ ?*

ଗୋଟିଏ ଏନ୍‌ଜିଓ କହିଲା ଅଖାଦ୍ୟ ଖାଇ ।

*କେଉଁ ଅଖାଦ୍ୟ ?*

ମୋ ପାଣିରେ ଅଖାଦ୍ୟ ଜନ୍ମେନି । ଅନ୍ୟ ଏନ୍‌ଜିଓ କହିଲା ।

ଖୁଟୁରାମ ସୁନାନୀ କହିଲା ମୁଁ ଚାହୁଁଥିଲି ପହରିଆକୁ ସମସ୍ତେ ଦେଖନ୍ତୁ । ପହରିଆ ପ୍ରତି କୁମ୍ଭୀର କାନ୍ଦଣା ସରୁ । ପହରିଆ ଆଦିବାସୀ ହେଉ । ତାର ବଗ ସ୍ୱପ୍ନରେ ନୁହେଁ, ଆକାଶରେ ଉଡୁ ।

ସର୍କାର କହିଲେ ପହରିଆକୁ ଆଦିବାସୀ କରିବା ।

ଶୁଆ କହିଲା ତପ୍ତକୁରୁ ତପ୍ତକୁରୁ....

ବୁଝିଲା ଲୋକ ମୁରୁକି ମୁରୁକି ହସିଲେ ।

*ଶୁଆ କଣ କହିଲା ?*

ଖୁଟୁରାମ ହସି କରି ବୁଝେଇଲା ହିନ୍ଦୁ କି ଖ୍ରୀଷ୍ଟିଆନ ହେବା ଅପେକ୍ଷା ଆଦିବାସୀ ହେବା କଷ୍ଟ ।

❑❑❑

Digitized by srujanika@gmail.com

# ୧୪

# ମୁଁ ଏବେ ବି ହାରି ନାହିଁ

ଘୁନୁ ସାହୁ ଜଣେ ଚାଷୀ । କେବଳ ଚାଷୀ ନୁହେଁ, ବଡ଼ ଚାଷୀ । ଏହି ପରିଚୟ ହିଁ ଘୁନୁ ସାହୁର ଇତିହାସ ଆଉ ପ୍ରତିଷ୍ଠା ମଧ୍ୟ । ଅଞ୍ଚଳର ମାନନୀୟ ବ୍ୟକ୍ତି ସେ । ବଲାଙ୍ଗିର-ପାଟଣାଗଡ଼ ରାସ୍ତାରେ ୧୮କିଲୋମିଟର ଯାଇ ଡାହାଣକୁ ସୁକତେଲ ଛାଡି ଡେଇଁଲେ ପଡ଼େ ଗଡ଼ଶଙ୍କରଡୁଙ୍ଗୁରିପାଲି, ଯେଉଁଟା ଘୁନୁ ସାହୁର ଗାଁ । ସୁକତେଲ ସେ ପାରିରେ ଜଳ, ଜମି ଓ ଜଙ୍ଗଲର ଭବ୍ୟ ସାମ୍ରାଜ୍ୟ । ଗାଁ ଗଣ୍ଡି ଡେଇଁ ସାମ୍ରାଜ୍ୟ ଆଲିଙ୍ଗନ କରିଛି ଗନ୍ଧମାର୍ଦ୍ଦନକୁ । ତା'ପରେ ବ୍ୟାପିଯାଇଛି ପୃଥିବୀ । ବ୍ୟାପିଯାଇଛି ଅଯୋଧ୍ୟାର ରାଜ ପରିବାର । ରାମଚନ୍ଦ୍ରଙ୍କ ମାର୍ଜ୍ଜାରକେଶରୀ ରୂପ, ପାଳନ ଓ ସଂହାରର ମିଳନ ହରିଶଙ୍କର । ଏଇ ରୂପର ବ୍ୟାପ୍ତି ସଚରାଚର । ଲକ୍ଷ୍ମଣଙ୍କୁ ଶକ୍ତିଭେଦରୁ ବଞ୍ଚାଇଥିବାର ମହନିୟତ ଧରିଥିବା ଗନ୍ଧମାର୍ଦ୍ଦନ ଘୁନୁ ସାହୁ ନିକଟରେ କାର୍ପଣ୍ୟ କରିନି । ଘୁନୁ ସାହୁର କିଏ ଗୋହତ୍ୟା ପାତକରେ ପଡ଼ିଲେ ନୃସିଂହନାଥଙ୍କ ଆଶୀର୍ବାଦ ହିଁ ତାକୁ ମୁକୁଳେଇବ । କିଏ ମରିଗଲେ ତାର ଅସ୍ଥି ବିସର୍ଜ୍ଜିତ ହେବ ହରିଶଙ୍କରରେ । ରୋଗରେ ପଡ଼ିଲେ ଗଡ଼ଶଙ୍କରଡୁଙ୍ଗୁରିପାଲିର ବୈଦ୍ୟ ଔଷଧ ଦେବ, ଯାହାକୁ ସେ ଗନ୍ଧମାର୍ଦ୍ଦନରୁ ଆଣିଥିବ ।

ଘୁନୁ ସାହୁ ଜଣେ ଚାଷୀ, ଏହା ତାର ପ୍ରତିଷ୍ଠା ଓ ଇତିହାସ । ଘୁନୁ ସାହୁ ଅଶୀଦଶକ ଆରମ୍ଭ ପରେ ପରେ ଶୁଣିଲା ବାଲ୍‌କୋ ଗନ୍ଧମାର୍ଦ୍ଦନକୁ ଖାଇବା ପାଇଁ ଆସିଛି । ଘୁନୁ ସାହୁ ସମେତ କ୍ଷୁବ୍ଧ ହେଲେ ସମସ୍ତେ । ଗନ୍ଧମାର୍ଦ୍ଦନ ନ ରହିଲେ ଛତିଶଗଡ଼ ଆଉ ପଶ୍ଚିମ ଓଡ଼ିଶାର ଆତ୍ମା ମରିଯିବ ।

ବାଲ୍‌କୋ କହିଲା ମୁଁ ଗନ୍ଧମାର୍ଦ୍ଦନରୁ ବାର୍ଷିକ ୬ଲକ୍ଷ ଟନ୍ ବକ୍ସାଇଟ ନେବି । ଶହେ ବର୍ଷ ପରେ ତୁମର ଗନ୍ଧମାର୍ଦ୍ଦନ ତୁମେ ପାଇବ । ତୁମର ମାର୍ଜ୍ଜାରକେଶରୀ, ତୁମର ହରିଶଙ୍କର, ତୁମର ଔଷଧ, ତୁମର ଧର୍ମ, ତୁମର ସମ୍ମାନ, ତୁମର ବିଶ୍ୱାସ ଠିକ୍ ସେପରି ତୁମ ନିକଟରେ ରହିବ, ଯେପରି ଆଜି ଅଛି । ମୁଁ ଏଠାରେ ଅଧିକ ବଗିଚା କରିବି, ସହର କରିବି, ସ୍କୁଲ୍ କରିବି, ଡାକ୍ତରଖାନା କରିବି । ତୁମେ ଯେତେ ଖୁସି ଅଛ, ତା'ଠାରୁ ଅଧିକ ଖୁସି ହେବ ।

Digitized by srujanika@gmail.com

ଘୁନୁ ସାହୁ

ଘୁନୁ ସାହୁମାନେ ବିଶ୍ୱାସ କଲେନି ଏକଥାକୁ । ଶହେବର୍ଷ ଗନ୍ଧମାର୍ଦ୍ଦନର ଗର୍ଭକୁ କୋଡ଼ିଖାଇଲେ ଆଉ ରହିବ କଣ ? ସେ ଘୁନୁ ସାହୁମାନେ ଡରିଗଲେ ଯେଉଁମାନେ ଶକ୍ତିଭେଦ ଯାଉଥିଲେ । ସେ ଘୁନୁ ସାହୁମାନେ ଡରିଗଲେ ଯେଉଁମାନେ ଗାଈ ସଙ୍ଗେ ରହୁଥିଲେ । ସେ ଘୁନୁ ସାହୁମାନେ ଡରିଗଲେ ଯେଉଁମାନେ ବୁଲି ଯାଉଥିଲେ । ସେ ଘୁନୁ ସାହୁମାନେ ଡରିଗଲେ ଯେଉଁମାନେ ବାହାରେ ଛୋଟ ବଡ଼ କାମ କରୁଥିଲେ । ସରକାରୀ ଅବା ବେସରକାରୀ ।

ଘୁନୁ ସାହୁମାନେ ଘୁନୁ ସାହୁମାନଙ୍କୁ ପଚାରିଲେ, ବୋଡ଼ା ସାପମାନଙ୍କୁ ପଚାରିଲେ, ମୟୂରକୁ ପଚାରିଲେ, ହରିଣକୁ ପଚାରିଲେ, ଭାଲୁକୁ ପଚାରିଲେ, ଚିତାକୁ ପଚାରିଲେ । ଆହୁରି ପଚାରିଲେ ବିଶଲ୍ୟକରଣୀ ଘାସକୁ, ଭ୍ରମରମାରୀ ଦୁମକୁ ଯେ ବାଲ୍‌କୋ ଶହେବର୍ଷ ଟି.ଓ୍ୱାଙ୍କର ନାମକରଣ କରିଥିବା କନ୍ଧଶିଳାକୁ ଖାଇବ । ତୁମେ ତୁମ ଥାନରେ ଥିବ, ଆଉ ଝରଣା ଝରଣା ଥାନରେ । ମନ୍ଦିର ସୁନ୍ଦର ଦିଶିବ- ହରି, ଶଙ୍କର ଓ ମାର୍ଜାରକେଶରୀ ହସିବେ ?

ସମସ୍ତେ ଘୁନୁ ସାହୁମାନଙ୍କୁ କହିଲେ ମୂଷିକ ଦୈତ୍ୟର କେଉଁ ସମ୍ପର୍କୀୟ ହୋଇଥିବ ବାଲ୍‌କୋ । ଗନ୍ଧମାର୍ଦ୍ଦନର ଗର୍ଭକୁ ବିଦାରି ମୂଷିକକୁ ନେଇଯିବ । ମୂଷିକ ଚାଲିଗଲେ ପ୍ରଭୁ କାହାର ପ୍ରତୀକ୍ଷା କରିବେ । ତାଙ୍କର ମହିମା ସରିଯିବ । ଯୁଗ ସରିବା ପୂର୍ବରୁ ପ୍ରଳୟ ହୋଇଯିବ । ଆଉ ଶୂନ୍ୟଗର୍ଭା ପର୍ବତ ଆମକୁ ଧରି ରଖିପାରିବ ? ଲକ୍ଷ୍ମଣମାନେ ମରିଯିବେ । ଇନ୍ଦ୍ରଜିତକୁ କେହି ମାରି ପାରିବେନି ।

ଘୁନୁ ସାହୁମାନେ କହିଲେ ନା । ୧୯୮୬ମସିହାରେ ଭାରତର ପରିବେଶ ବିଭାଗ ଘୁନୁ ସାହୁମାନଙ୍କୁ କହିଲା ଗନ୍ଧମାର୍ଦ୍ଦନରେ ଥିବା ସ୍ଥାବର ଅସ୍ଥାବର ସମ୍ପଦର ମୂଲ୍ୟ ୩୨୭ କୋଟି ଟଙ୍କା, ଯାହା ଚିରସ୍ଥାୟୀ । ଗଣିତ କହିଲା କମ୍ପାନୀ ଖର୍ଚ୍ଚ କରିବ ୧୭୭୫ ହଜାର କୋଟି ଟଙ୍କା, ପାଇବ ୬୨,୧୨୫ ହଜାର କୋଟି ଟଙ୍କା । ସରକାର ପାଇବ ୧୧୫୦ କୋଟି ଟଙ୍କା । ବର୍ଷକୁ ଏଗାରକୋଟି ପଚାଶ ଲକ୍ଷ । ଏହାକୁ ଭାଗ ଯଦି କରାଯାଏ, ଦିନକୁ ବଲାଙ୍ଗିର ଜିଲ୍ଲା ଜଣେ ଘୁନୁ ସାହୁ ପାଇବ କୋଡ଼ିଏ ପଇସା ଶହେବର୍ଷ ପାଇଁ ।

ଘୁନୁ ସାହୁମାନେ ଠିଆହୁଅଛି ଗନ୍ଧମାର୍ଦ୍ଦନ ତଳେ । ବାଲ୍‌କୋର କୋଡ଼ିଏ ପଇସା ଆଉ ଗନ୍ଧମାର୍ଦ୍ଦନକୁ

Digitized by srujanika@gmail.com

ତୁଳନା କରନ୍ତି । ଅନାବଶ୍ୟକ କୋଡ଼ିଏ ପଇସାକୁ ଫିଙ୍ଗି ଦିଅନ୍ତି ଝରଣାରେ । ଝରଣାରେ ହିଁ ହଜିଯାଏ ବାଲ୍‌କୋ । ଘୁନୁ ସାହୁମାନେ ଖୁସି ହୁଅନ୍ତି । ଚାଷ କରନ୍ତି । ସଂସାରର ପ୍ରିୟତମ ପାପପୁଣ୍ୟକୁ ନେଇ ଚଳନ୍ତି ।

ବକ୍ସାଇଟ୍ ସମ୍ପଦା ସଂସାରରେ ୨୩୨୦ କୋଟି ଟନ୍ । ଭାରତରେ ୨୯୧.୧ କୋଟି ଟନ୍ ଓ ଓଡ଼ିଶାରେ ୧୬୭ କୋଟି ଟନ୍ ଅଛି । ଗନ୍ଧମାର୍ଦ୍ଦନ ଗର୍ଭରେ ୨୧କୋଟି ୩୦ଲକ୍ଷ ଟନ ବକ୍ସାଇଟ ରହିଛି । ଯାହା ତାର ଗର୍ଭରେ ରହିଲା । ଘୁନୁ ସାହୁ ଚାଷ କଲା । ସୁକତେଲର ପାଣି ଯେପରି ବହୁଥିଲା, ବହିଲା ।

ଦିନେ ଘୁନୁ ସାହୁକୁ କୁହାଗଲା, ତୁମେମାନେ ଖୁବ୍ ଗରିବ । ତୁମର ଜିଲ୍ଲାରେ ଶହେରୁ ତିନିଭାଗ ଜମିକୁ ପାଣିମାଡ଼େ । ତୁମର ବର୍ଷାପାଣି ଗଡ଼ିଯାଏ ସୁକତେଲ ଦେଇ ସମୁଦ୍ରକୁ । ତେଣୁକରି ତୁମର ଲୋକ ରାୟପୁରରେ ରିକ୍ସା ଟାଣନ୍ତି, ହାଇଦ୍ରାବାଦରେ ଇଟା ଗଢ଼ନ୍ତି । ଅନାହାରରେ ମରନ୍ତି । ନିଜର ଛୁଆ ବିକନ୍ତି । ସମସ୍ତଙ୍କ ତାରଣ ପାଇଁ ସୁକତେଲର ପାଣିକୁ ଅଟକାଯିବ । ତୁମ ଗାଁର ଝରେଇପାହାଡ଼ ଓ ପଥରିଆପାଲିର ବୁଦାଲାଗେନ ପାହାଡ଼କୁ ଯୋଡ଼ି ୧୪୧୦ ମିଟରର ବନ୍ଧ ତିଆରି କରାହେବ । ୫୨୧୬ ହେକ୍ଟର ଜମିରେ ପାଣି ରହିବ । ଏହି ପାଣି ଜମା ହେବ ୧୨୩୦ ବର୍ଗ କି.ମି. ଅଞ୍ଚଳରୁ । ଏହି ଜଳଭଣ୍ଡାରରୁ ୪୧.୮ କି.ମି.ଲମ୍ବର କେନାଲ କରି ସୋନପୁର ଆଉ ବଲାଙ୍ଗିର ଜିଲ୍ଲାର ୫୮,୦୪୫ ଏକର ଜମିକୁ ପାଣି ମଡ଼ାଯିବ ।

ହାଁ କରେ ଘୁନୁ ସାହୁ । ଏତେ ଜାଗା ଆସିବ କୁଆଡୁ ? ଗଡ଼ଶଙ୍କରଡୁଙ୍ଗୁରିପାଲି ସହିତ ଦଶଟି ଗାଁ ପୁରା ବୁଡ଼ିବ ଆଉ ୧୬ଟି ଗାଁ ଅଧା । ୬୫୦ହେକ୍ଟର ସଂରକ୍ଷିତ ଜଙ୍ଗଲ ବି ବୁଡ଼ିବ । ଏ ଅଞ୍ଚଳର ୪୧୬୦ଟି ପରିବାର ଘର ଛାଡ଼ିବେ ।

ଏମାନେ ରହିବେ କେଉଁଠି ? ବଲାଙ୍ଗିର, ପାଟଣାଗଡ଼, ସୋନପୁର, ଟିଟିଲାଗଡ଼, ବିନିକା, ରାମପୁର ଓ କଣ୍ଟାବାଞ୍ଜି ତହସିଲ ଅଞ୍ଚଳରେ ୫୪ଟି କଲୋନୀ କରି ରଖାଯିବ ।

ଲାଭ କଣ ହେବ ? ବଲାଙ୍ଗିର ସହରର ଲୋକେ ନିରନ୍ତର ପିଇବା ପାଣି ପାଇବେ । ୫୫ କୋଟି ୩୨ ଲକ୍ଷ ଟଙ୍କାର ଅଧିକ ଖାଦ୍ୟଶସ୍ୟ ଉପୁଜିବ । ବଲାଙ୍ଗିରର ୩ ପ୍ରତିଶତ ଜମି ପାଣିପାଏ । ଆଠ ପ୍ରତିଶତ ଜମି ପାଣି ପାଇବ ।

ଅନାହାର, ଦାଦନ ଆଉ ଛୁଆବିକ୍ରିର କଥା ଯେଉଁ କୁହା ହେଉଛି ଏହାତ ସୁକତେଲ କୂଳରେ ହୁଏ ନାହିଁ । ଗଣିତ କଷେ ଘୁନୁ ସାହୁ । ଦାଦନ ଯିବେ, ରାୟପୁରରେ ରିକ୍ସା ଟାଣିବେ, ଅନାହାରରେ ବି ମରି ପାରନ୍ତି କିନ୍ତୁ ତାଙ୍କ ନାମରେ ଆମ ମୁଣ୍ଡରେ ଯେଉଁ ଲୋୟର ସୁକତେଲ ବନ୍ଧ ଲଦାଯିବ ତାର କାରଣ କଣ ? କାହିଁକି ଆମକୁ ୫୪ ଖଣ୍ଡ କରି ଫିଙ୍ଗି ଦିଆଯିବ ଇତସ୍ତତଃ । ବର୍ଷର ପାଣି ରହିବା ପାଇଁ ଯେତେ ଥାନ ଦରକାର, କେବଳ ତାର ପାଞ୍ଚଗୁଣ ଜମିକୁ ପାଣି ଯିବ । କିଏ ଜଣେ ଘୁନୁ ସାହୁ ବାଡ଼ି ଚାଷ କଲେ ଗୋଟିଏ କୂଅରେ ଅଧ ଏକର ଜମିକୁ ପାଣି ମଡ଼ାଏ । ଏହା କେଉଁ କୂଅ ଯାହା ନିଜ ଆୟତନର କେବଳ ପାଞ୍ଚଗୁଣ ଜମିକୁ ପାଣି ମଡ଼େଇବ ? ପାଗଳା ହୋଇ ଲୋକଟା ଏ କଥା କହୁଛି ।

ଘୁନୁ ସାହୁ ଚିନ୍ତାକରେ । କାହାକୁ କହିବ ଏକଥା । ଗାଁ ଲୋକଙ୍କୁ କହେ । ଗାଁରୁ ଗାଁକୁ ବ୍ୟାପିଯାଏ କଥା । ଦଶହଜାର ଚାଷୀ, ସମପରିମାଣ ଆଦିବାସୀ, ହରିଜନ ବାସ୍ତୁହରା ହେବେ । ତାଙ୍କର ଜମିରେ

Digitized by srujanika@gmail.com

ଙ୍କ ଚରିବ । ତାଙ୍କର ଶାଳପତ୍ର ବଜାରରୁ ହଜିଯିବ । କେନ୍ଦୁପତ୍ର ଶ୍ରୀଲଙ୍କା ଯିବନି । ଢୁଲିଆର ଢୋଲରେ ସୁକତେଲ ସ୍ରୋତ ନାଚିବନି, ଗୁନିଆଁ ବୁଢ଼ା କୁହାର ପାଇବନି, ବଇଦ ପରିଚୟ ହଜେଇ ଦେବ । ଜମି,ଜଙ୍ଗଲ, ପାହାଡ଼, ବନ୍ଧୁ, ବାନ୍ଧବ, ଭାଇ, ଭଗାରୀ ସମସ୍ତଙ୍କ ସମ୍ପର୍କ ଉପରେ ପାଣି ମାଡ଼ିଯିବ । ଆଉ ଗୋଟିଏ ବାଲ୍‌କୋ ଆସୁଛି ବନ୍ଧ ନାଁରେ । କଣ କରିବ ଘୁନୁ ସାହୁ ?

ଗାଁ ଲୋକଙ୍କୁ ଡାକେ । ଲୋକେ କଥା ହୁଅନ୍ତି । କେତେକ କହନ୍ତି ବିପଦକୁ କେମିତି ସହିବା । ଥୋକେ ଖୁସି ହୁଅନ୍ତି । ଥୋକେ ଦୁଃଖ କରନ୍ତି । ଥୋକେ ବିଧାତାକୁ ସଁପନ୍ତି । ଶ୍ରୀମତୀ ଗିରିଜା ପଣ୍ଡା କହେ ମୁଁ ହୀରାକୁଦ ବୁଡ଼ି ଅଞ୍ଚଳର ଝିଅ । ମୁଁ ଜାଣିଛି ବିସ୍ଥାପନର ଦୁଃଖ । ଏଠାରେ ତୁମେମାନେ କକା, ବବା, ଭାଇ, ବନ୍ଧୁ । ବାହାରେ କେହି କାହାର ନୁହେଁ । ଗଛରୁ ଡାଳ ଛିଣ୍ଡିଗଲେ ମରିଯାଏ । ତୁମେମାନେ ବି ଏ ମାଟିରୁ ଛିଣ୍ଡିଗଲେ ମରିଯିବ । ମୁଁ ଝିଅ ବେଳେ ଭୋଗିଛି ବିସ୍ଥାପନର ଯନ୍ତ୍ରଣା । ବୋହୂ ହୋଇ ଉଭର ବୟସରେ ମୁଁ ତାକୁ ଆଉ ଥରେ ଭୋଗିବାକୁ ଚାହୁଁନି ।

ସମସ୍ତେ କହିଲେ ତୁମକୁ ଦୁଃଖ ଭୋଗିବାକୁ ଦେବୁନି । ମାଟିକୁ ଛାଡ଼ିବୁନି । ଘୁନୁ ସାହୁ ସଙ୍ଗେ ସବୁବେଳେ ରହିବୁ । ରହିଲେ, କହିଲେ ଜମି ଦେବୁନୁ କେଉଁଠି ବନ୍ଧ ତିଆରି ହେବ ହେଉ । ଯୁବକମାନେ ଏକ ହଜାର ନାମର ତାଲିକା ଦେଲେ ଘୁନୁ ସାହୁକୁ, ଆମେ ମାଟି ଛାଡ଼ିଲେ ମରିବୁ ଏମିତି ବି ମରିବୁ । ମରଣସେନା ଗଢ଼ିଛୁ । ତୁମେ ଯେତେବେଳେ ଆମକୁ ଯେଉଁଠାକୁ ପଠେଇ ପାର । ଝିଅମାନେ କହିଲେ ଘୁନୁ ସାହୁ ତୁ ବନ୍ଧ ବନ୍ଦ କର । ତୁ ବନ୍ଧ ବନ୍ଦ କରିବା ପର୍ଯ୍ୟନ୍ତ ଆମେ କୁମାରୀ ରହିବୁ । ତୋର ସହଯୋଗୀ ହେବୁ । ବିପ୍ଳବ ସାହୁ ଧୂଳିଖେଳ ଛାଡ଼ି ତାର ସହପାଠୀଙ୍କୁ ଧରି ଆସିଲା କହିଲା ଘୁନୁ ସାହୁ ଆମେ ବନ୍ଧ ଭାଙ୍ଗିବୁ ତୋ' ସଙ୍ଗେ । ସାରା ସଂସାରର ଶକ୍ତି ଠୁଳ ହୋଇଗଲା ଘୁନୁ ସାହୁର ଶରୀରରେ । ଘୋଷଦେଲା ବନ୍ଧ ହେବନାହିଁ ।

ସୁକତେଲ ପାଣି ଚହଲି ଗଲା । ବୁଦାଲାଗେନରେ ପ୍ରତିଧ୍ୱନିତ ହୋଇ ସଦର ମହକୁମାଠୁ ରାଜଧାନୀ ଚହଲିଗଲା । ଏହାକୁ ଏନ୍‌ଜିଓ ଶୁଣିଲା । ଏନଜିଓ ଘୁନୁ ସାହୁ ପାଖକୁ ଆସିଲା କହିଲା ପାଣି କିପରି ତିଆରି ହୁଏ । ବନ୍ଧ କିପରି ତିଆରି ହୁଏ । ପାଣି ଓ ବନ୍ଧ ମିଶିଲେ କଣ ବୁଡ଼େ । ବୁଡ଼ି ଯାଇଥିବା ଜିନିଷ ଭିତରୁ କାହାକୁ କଢ଼ାଯାଇଥାଏ । କାଢ଼ିଥିବା ଜିନିଷ ଆଗରୁ କିପରି ଥିଲା, ଏବେ କିପରି ରହିବ । ଏକ ଗଣିତ କରେ । ଘୁନୁ ସାହୁ ଖୁସି ହୁଏ ଜାଣେ ହୀରାକୁଦ, ତେହେରୀର କଥା । ମେଧା ପାଟକରର କଥା । ଛୋଟ ଛୋଟ ବୀରମାନଙ୍କ କଥା ଯେଉଁମାନେ ନିଜ ନିଜ ଅଞ୍ଚଳରେ ଲଢୁଛନ୍ତି ଘୁନୁ ସାହୁ ପରି ।

ଏନ୍‌ଜିଓ ପାର୍ଣ୍ଣ କରେ, ଦଳ ଗଠନ କରେ । ଘୁନୁ ସାହୁ ଗାଁ ଗାଁ ବୁଲେ । ଦଶ ହଜାର ଲୋକଙ୍କୁ ନେଇ କିଲଟରୀ ଘେରାଏ । ଘୁନୁ ସାହୁର ବହପ ଅସହ୍ୟ ହୁଏ । ଘୁନୁ ସାହୁ କିଏ ବନ୍ଧକାମ ଅଟକେଇବ ? ଘୁନୁ ସାହୁର ନାଁରେ କେଶ୍ ହୁଏ, ତା'ପଛରେ ଥିବା ଲୋକଙ୍କୁ ଦମନ କରାହୁଏ ।

ଏତେକଥା ଖବର ହୋଇପାରେନି । ଲୋକେ ଜାଣନ୍ତିନି ଘୁନୁ ସାହୁର କଥା । ସେମାନେ ଜାଣନ୍ତି ଯେଉଁମାନେ ଘୁନୁ ସାହୁର କଷ୍ଟ ଭୋଗୁଛନ୍ତି । ହୀରାକୁଦ, କୋଲାବରୁ ବିସ୍ଥାପିତ, ବରଗଡ଼ର ନିଷ୍ପେଷିତ ଧାନଚାଷୀ, ରାୟଗଡ଼ାରୁ ବିସ୍ଥାପନ ବିରୋଧୀ, ଉମରକୋଟର ଆଦିବାସୀ ଭାଇ ଭଉଣୀ ଆସନ୍ତି । ଘୁନୁ ସାହୁକୁ କହନ୍ତି ଘୁନୁ ସାହୁ ତୋ' ପରି ଆମ ଘର ତାଡ଼ି ନିଆଯିବ । ଆମେ ଖଟିବୁ , ତ୍ୟାଗ

Digitized by srujanika@gmail.com

କରିବୁ, ଭୋଗ କରିବ ଆଉଜଣେ । ଦେଖ ତୋର ଲୁହ ଯେଉଁ ଆଖିରୁ ବାହାରୁଛି ସେଇଟା ମୋର ଆଖି । ଆମେ ସମସ୍ତେ ଗୋଟିଏ ଆଖିରେ କାନ୍ଦୁଛୁ । ଘୁନୁ ସାହୁର ତାକତ ବଢ଼ିଯାଏ ।

ଏ କଥା ବି ଖବର ହୋଇପାରେ ନାହିଁ । ଏନ୍‌ଜିଓ ତାର ଗୁପ୍ତ ଦଲିଲରେ ଲେଖେ ଘୁନୁ ସାହୁକୁ ସେ ପଢ଼େଇଲା । ଲୋକଙ୍କୁ ସେ ଆଣିଲା, ପାଣ୍ଠିକଲା, ଏସ୍‌ଏଚ୍‌ଜି କଲା । ଘୁନୁ ସାହୁ କିଛି କହିଲାନି । ଦିନେ ଘୁନୁ ସାହୁର କଥା ଖବର ହୋଇଗଲା । ଲକ୍ଷ୍ମୀଧର ନାୟକ ବୁଲୁ ବୁଲୁ ଘୁନୁ ସାହୁକୁ ଭେଟିଲା । ଘୁନୁ ସାହୁର ଘରକୁ ଗଲା । ନଦୀ ଦେଖିଲା, ଲୋକ ଦେଖିଲା । ଘୁନୁ ସାହୁକୁ ଦେଖିଲା । ଘୁନୁ ସାହୁର ଛାତିକୁ ଦେଖିଲା । ରବି ଦାସର କାଗଜ ପର୍ଯ୍ୟବେକ୍ଷକରେ ଲେଖିଲା । ଘୁନୁ ସାହୁ ଖୁସି ହେଲା ମୋର ଦୁଃଖ ଜାଣିଲେ ନଗ୍ରଲୋକ ।

ସତରେ ତାର ଦୁଃଖ ନଗ୍ରଲୋକ ଜାଣିଲେ । ତାକୁ ଆହା କଲେ, ନିନ୍ଦା କଲେ, ଖୁସି ହେଲେ, କାନ୍ଧରେ ହାତ ଦେଲେ, ହାତରେ ହାତ ଦେଲେ । ଘୁନୁ ସାହୁର ତାକତ ବଢ଼ିଗଲା । ୧୬ ଡ଼ିସେମ୍ବର ୨୦୦୧ ମାଇକେଞ୍ଚରେ ସହିଦ ଦିବସ ପାଳନ କରାଗଲା । ୧୯୯୩ ମସିହାରେ ଇଣ୍ଡାଲ, ଟାଟା, ନରୱେର ହାଇଡ୍ରୋ ଏବଂ ଆମେରିକାର ଆଲକାନ୍ କମ୍ପାନୀ ମିଳିତ ହୋଇ ଉତ୍କଳ ଆଲୁମିନା ଲିମିଟେଡ଼୍ ଗଠନ କଲେ । ଏହି ଉତ୍କଳ ଆଲୁମିନା ଲିମିଟେଡ଼୍ ରାୟଗଡ଼ା ଜିଲ୍ଲାର ବାଫଲିମାଳି ପାହାଡ଼ ଗର୍ଭରେ ଥିବା ୧୯କୋଟି ୬୦ ଲକ୍ଷଟନ ବକ୍ସାଇଟ୍‌କୁ ଆଣି କାଶିପୁର ବ୍ଲକ୍‌ର କୁଚେଇପଦର ଗ୍ରାମ ପଞ୍ଚାୟତର ଦୋରାଗୋଡ଼ାଠାରେ ଆଲୁମିନାଶୋଧନ ପ୍ରକଳ୍ପ ସ୍ଥାପନ କରିବ । ଘୁନୁ ସାହୁ ଦେଖେ ସେ ଆଗରୁ ଗନ୍ଧମାର୍ଦ୍ଦନ ପାଇଁ ଲଢୁଥିଲା । ଏଠାରେ ଲୋକ ନିଜପାଇଁ ଲଢୁଛନ୍ତି । ଘୁନୁ ସାହୁ ଜାଣିଲା ଗୋଟିଏ ଟନ୍ ଆଲୁମିନିୟମ ଉତ୍ପାଦନ ପାଇଁ ୬ ଟନ ବକ୍ସାଇଟ, ୮ ରୁ ୧୦ ଟନ ପାଣି, ୧.୫ ଟନ କୋଇଲା, ୦.୬ ଟନ ଏନୋଡ଼୍, ୦.୫ ଟନ ଜାଳେଣୀ ତେଲ, ୦.୨ ଟନ କଷ୍ଟିକ ସୋଡ଼ା, ୦.୧ ଟନ ଫ୍ଲୁରାଇଡ଼୍ ସଲ୍ଟ, ୦.୪ ଟନ କାଲସିନ ଓ ପେଟ୍ରୋଲିୟମ, ୦.୧୫ ଟନ ପିଚୁ ଓ ୧୫ରୁ ୧୬ ହଜାର କିଲୋୱାଟ ବିଜୁଳି ଦରକାର ।

ଏକ ଟନ୍ ଆଲୁମିନିୟମ ବାହାରିଲେ ଫିଙ୍ଗା ଯାଉଥିବା ଜିନିଷ ହେଲା ବିଷ ଖଦା ୮ ଟନ୍, ୮ ରୁ ୧୦ ଟନ୍ ବିଷାକ୍ତ ପାଣି, ୧.୫ରୁ ୨ଟନ୍ ନାଲି କାଦୁଅ, ସାଇନାଇଡ଼୍ ଯୁକ୍ତ ୫୦ କେଜି ତୀବ୍ର ବିଷ । ଯାହା ବୃକ୍ଷଲତା ନଷ୍ଟକରେ, ପାଣିରେ ଫ୍ଲୋରାଇଡ଼୍ ଭରିଦିଏ ଯାହା ଅକାଳ ବାର୍ଦ୍ଧକ୍ୟର କାରଣ, ଏସବୁ କ୍ୟାନସର ପରି ମହାମାରୀକାରକ । ୬ ଟନ୍ କନ୍ଧଶିଳା ବା ବକ୍ସାଇଟ୍‌ରୁ ୨ ଟନ ଆଲୁମିନା ଓ ଏଥିରୁ ଏକଟନ୍ ଆଲୁମିନିୟମ ବାହାରିଥାଏ । ୧୯୯୦ ମସିହାରେ ଆଲୁମିନିୟମ କାଢ଼ିବା ପାଇଁ ଯେତେ ବିଦ୍ୟୁତ ଶକ୍ତି ଖର୍ଚ୍ଚ କରାଯାଇଥିଲା, ସେତକ ଶକ୍ତି ଏ ବର୍ଷସାରା ଆଫ୍ରିକା ମହାଦେଶ ଖର୍ଚ୍ଚ କରିଥିଲା ।

ଏହାକୁ ବିରୋଧ କଲେ କାଶିପୁରର ଲୋକ, 'ପ୍ରାକୃତିକ ସମ୍ପଦ ସୁରକ୍ଷା ପରିଷଦ' ଗଠନ କରି । ୧୬ ଡିସେମ୍ବର ୨୦୦୦ ଦିନ ପୋଲିସ ଗୋଟିଏ ର୍‍ୟାଲିକୁ ଦମନ କରିବାକୁ ଗୁଳି ଚଳେଇଲା । ଗାଁ ମୁଣ୍ଡ ପାହାଡ଼ ଉପରକୁ ଲୁଚି ପଳଉଥିବା ନୀରିହ ଲୋକଙ୍କ ଉପରକୁ ଗୁଳି ମରାହେଲା । ଅଭିଳାଷ ଝୋଡ଼ିଆ, ଦାମୋଦର ଝୋଡ଼ିଆ ଓ ରଘୁନାଥ ଝୋଡ଼ିଆ ପୋଲିସ ଗୁଳିରେ ସହିଦ ହେଲେ । ତା' ପରଦିନ ଗୋଟିଏ ଏନ୍‌ଜିଓର ମୁଖ୍ୟ କାର୍ଯ୍ୟାଳୟକୁ କାଶିପୁରରେ ଭଙ୍ଗାରୁଜା କରାଗଲା । ଲୋକଙ୍କ ସଂଗ୍ରାମ ଜାରି ରହିଲା । ୧୬ ଡିସେମ୍ବର ସହିଦ ଦିବସ ହୋଇଗଲା ।

Digitized by srujanika@gmail.com

**ଉତ୍କଳ ଆଲୁମିନା ପ୍ରତିଷ୍ଠାକୁ ବିରୋଧ କରି ୧୬ ଡିସେମ୍ବର ୨୦୦୦ ମସିହାରେ ମାଇକଣ୍ଠଠାରେ ପୋଲିସ ଗୁଳିରେ ସହିଦ ହୋଇଥିବା ଅଭିଳାଷ ଝୋଡ଼ିଆ**

୧୬ ଡିସେମ୍ବର ୨୦୦୧ ଘୁନୁ ସାହୁ ମାଇକଣ୍ଠରେ ଶୁଣିଲା ସବୁ, ଦେଖିଲା ସବୁ । ତା'ପରି ହଜାର ହଜାର ଲୋକଙ୍କୁ ଦେଖିଲା । ଭିଡ଼ ଭିତରେ ଘୁନୁ ସାହୁ ଏକଲା ନୁହେଁ । ଆହୁରି ତାକତ ପାଇଲା । ମାଇକଣ୍ଠ ପାହାଡ଼ ଚଢ଼ିଲା । ତିନି ସହିଦଙ୍କ ସମାଧି ସାମ୍ନାରେ ଆଣ୍ଠୁମାଡ଼ି ବସିଲା । ସମାଧିକୁ ଛୁଇଁଲା । ଶିହରଣ ଖେଳିଗଲା ଶରୀରରେ । ଦେହରେ ଆନ୍ଦୋଳିତ ହେଉଛି କ'ଣ ଗୋଟାଏ । ସମାଧିସ୍ଥ ହୋଇଗଲା ସେଠାରେ । ସମ୍ବିତ ପାଇଲା । ଆଖିରୁ ଦୁଇଟୋପା ଲୁହ ଗଡ଼ିଗଲା । ଏହା ହିଁ ଘୁନୁ ସାହୁର ସବାଶେଷ ସମ୍ପତ୍ତି, ସେ ସହିଦମାନଙ୍କୁ କୃତଜ୍ଞତା ଦେବାପାଇଁ ।

ଓଡ଼ିଶାର ଘୁନୁ ସାହୁମାନେ ମିଶି ଗଠନ କଲେ ଲୋକ ସଂଗ୍ରାମ ମଞ୍ଚ । ଏନ୍‌ଜିଓ ଘୁନୁ ସାହୁକୁ ରାଗିଲା । ଉନ୍ନତି କାମରେ ବାଧା ଦେଉଥିବାରୁ ଘୁନୁ ସାହୁ ଏମିତି ହିଁ ଅପରାଧୀ । ରାଜନୀତି ବି ରାଗିଲା । ଘୁନୁ ସାହୁକୁ ଡରାଗଲା । ତା' ଲୋକଙ୍କୁ ଜେଲ୍ ପଠାଗଲା । ଜେଲ୍‌ରୁ ଫେରି ଗୁରୁବାରୁ ସାହୁ, ନରେନ୍ଦ୍ର ଗଡ଼ତ୍ୟା ଓ ରାମ ପଧାନ ମରିବା ପର୍ଯ୍ୟନ୍ତ ଜେଲ୍‌ର ମାଡ଼ ଭୁଲି ପାରିନଥିଲେ । ଜେଲ୍‌ରୁ ବାହାରି ଛଅମାସ ଭିତରେ ଏ ତିନି ଜଣ ମରିଯାଇଥିଲେ । ମାମୁଁ ଘରେ ରହି ପାଠ ପଢୁଥିବା ନବମ ଶ୍ରେଣୀ ଝିଅ କଞ୍ଚନା ପାତ୍ର ବି ଜେଲ୍ ଗଲା ।

ଘୁନୁ ସାହୁ ଶୁଣିଲା ମୁଖ୍ୟମନ୍ତ୍ରୀ ବନ୍ଧର ଭୂମିପୂଜା କରି ଆସିବେ । ଗଡ଼ଶଙ୍କରଡୁଙ୍ଗୁରିପାଲିରେ ହେଲିପ୍ୟାଡ଼ ତିଆରି ହେଲା । ଘୁନୁ ସାହୁର ଲୋକ ହେଲିପ୍ୟାଡ଼କୁ ହଳ କରି ସୋରିଷ ବୁଣିଦେଲେ । ପାଖରେ ନାମଯଜ୍ଞ କଲେ । ଏଠାରୁ ଆଠ କିଲୋମିଟର ଦୂର ମାଗୁରବେଡ଼ାଠାରେ ମୁଖ୍ୟମନ୍ତ୍ରୀ ବନ୍ଧର ଭୂମିପୂଜା କଲେ । ଘୁନୁ ସାହୁ କହିଲା ଚାଲ ମୁଖ୍ୟମନ୍ତ୍ରୀଙ୍କୁ କହିବା ବନ୍ଧ ନକରିବାକୁ । ହଜାର ହଜାର ସ୍ତ୍ରୀ ପୁରୁଷ ଛୁଆପିଲା ଧରି ରାତିରେ ଜଙ୍ଗଲରେ ରହିଲେ । ପୋଲିସ ସୁରକ୍ଷା ବଳୟ ଭାଙ୍ଗି ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଗଲେ । ଘୁନୁ ସାହୁ ଖୁସି ହେଲା । ଦୂରରୁ ମୁଖ୍ୟମନ୍ତ୍ରୀ ଏମାନଙ୍କୁ ଦେଖିଲେ, ତାଙ୍କୁ କୁହାଗଲା ଲୋକେ ଆପଣଙ୍କୁ ଅଭିନନ୍ଦନ କରୁଛନ୍ତି ।

ଘୁନୁ ସାହୁ ଚିନ୍ତା କଲା ବକ୍ସାଇଟ ଖୋଳି ଆଲୁମିନିୟମ କରିବାକୁ ଦୁଇ, ତିନି ଗୁଣ ପାଣି ଲାଗେ । ଏଥିଲାଗିତ କୂଅ ପୋଖରୀ ନୁହେଁ, ବନ୍ଧ ଦରକାର । ବାଲ୍‌କୋ ଆସୁନିତ ? ଲୋକଙ୍କୁ କହିଲା ଗନ୍ଧମାର୍ଦ୍ଦନକୁ ପୁଣିଥରେ ବିପଦ ଆସୁଛି । ତୁମେ ବନ୍ଧକାମ ବନ୍ଦ କର । ଗନ୍ଧମାର୍ଦ୍ଦନର ବିପଦ

Digitized by srujanika@gmail.com

ଚଳିଯିବ । ଘୁନୁ ସାହୁର ଲୋକ ସତ ଭାବିଲେ କଥାକୁ । ନଗ୍ରଲୋକ କହିଲେ ଘୁନୁ ସାହୁ ପାଗଳା ହୋଇଗଲା ।

ଲୋକ ସଂଗ୍ରାମ ମଞ୍ଚ କହିଲା ତ୍ରିସ୍ତରୀୟ ପଞ୍ଚାୟତ ଭୋଟରେ ଭାଗନେବ । ପଞ୍ଚାୟତ ଶାସନରେ ସେ ରହିଲେ ଅତିକମ୍‌ରେ ଲୋକଙ୍କୁ ବିସ୍ଥାପିତ ଯନ୍ତଣାରୁ ଦୂରରେ ରଖିବ । ଜଣେ ସରପଞ୍ଚ ପ୍ରାର୍ଥୀଙ୍କୁ ଚିହ୍ନଟ କରାଗଲା ଯେ ଘୁନୁ ସାହୁର ଲୋକ । ସେ ହାରିଗଲା । ଘୁନୁ ସାହୁ ପ୍ରତି ଇସାରା ଥିଲା- ତୋ' ଶକ୍ତି ସେତେ ନାହିଁ ଯେତେ ତୁ ଭାବୁଛୁ । ଏନ୍‌ଜିଓ କହିଲା ମୋର ହାତ ଛାଡ଼ିଲାରୁ ଏପରି ହେଲା । କିନ୍ତୁ ଘୁନୁ ସାହୁ ଅଟଳ । ବନ୍ଧ କରିବାକୁ ଦେବି ନାହିଁ ।

ମେଧା ପାଟକର ଗଡ଼ଶଙ୍କରଡ଼ୁଙ୍ଗୁରିପାଲି ଆସିଲେ । ହଜାର ହଜାର ନାରୀ ପୁରୁଷ ତାଙ୍କୁ ଦେଖି ଆସିଲେ କଥାରେ ଶୁଣିଥିବା ମେଧା କିପରି ଦିଶେ, କଣ କହେ ? ତା' ଦିହରେ କଣ ଅଛି ଯେ ସେ ଏତେ କାମ କରୁଛି । ମେଧା ପାଟକର କହିଲା ତୁମର ଦୁଃଖ ଆମର ଦୁଃଖ । ଯେଉଁଠିବି ବିକାଶ ନାମରେ ଜଣେ ଭାରତୀୟ ନିଜର ଜୀବନ ଜୀବିକା ହରେଇବ, ସେ ଆମ ପରିବାରର । ତା' ପାଇଁ ସମସ୍ତେ ଲଢ଼ିବୁ ।

ଘୁନୁ ସାହୁର ତାକତ ଫେରିଲା । ସେ ମନେ ପକେଇ ପାରିଲାନି କେଉଁଦିନ ସେ ଏକଲା ଥିଲା । କହିଲା ବନ୍ଧ କରେଇ ଦେବିନି ।

ବନ୍ଧକାମ ପାଇଁ ପ୍ରଥମ ଚରଣ କାମ ଆରମ୍ଭ ହେଲା । ଲୋକେ ପଇସା ନେଲେ, ଅନେକ ଗାଁ ଛାଡ଼ିବାକୁ ରାଜି ହେଲେ । ଗନ୍ଧମାର୍ଦ୍ଦନ ବକ୍ସାଇଟ ଖନନ ଆରମ୍ଭ ହେବ ବୋଲି କାମ ଚାଲିଲା । ଘୁନୁ ସାହୁର କଥା ସତ ହେଲା । ଗନ୍ଧମାର୍ଦ୍ଦନ ଖଣିକାମ ବିରୋଧରେ ଲୋକ ଏକଜୁଟ ହେଲେ । ସମସ୍ତେ ଭାବିଲେ ଘୁନୁ ସାହୁ ଏକଲା ହୋଇଗଲା ।

ଘୁନୁ ସାହୁ ଛାତି ଡେରି କହିଲା ବନ୍ଧକାମ ହେବ ନାହିଁ । ଗନ୍ଧମାର୍ଦ୍ଦନ ବଞ୍ଚିବ । ଆଉ ସୁକତେଲ ବନ୍ଧର ପାଣିରେ ବୁଡ଼ିବାକୁ ଲାଗିଥିବା ଗାଁ, ଜଙ୍ଗଲ, କ୍ଷେତ-ଖଳା ସବୁ ବଞ୍ଚିବ । ମୁଁ ଏବେ ବି ହାରିନାହିଁ ।

ଘଘଘ

**ଖାଦ୍ୟାଭାବ ସମୟରେ ଅଭାବ ପୂରଣ କରେ ବାଉଁଶ କରଡ଼ି**

Digitized by srujanika@gmail.com

# ୧୫

# ଛୋଟଗାଁର ବଡ଼ଲୋକ

ଅର୍ଜୁନ ମହାନନ୍ଦ, ହରିଜନ ଲୋକ । ଗାଁ ଡୁଡୁକାପଡ଼ା, ଗଁରେଇ ଗ୍ରାମ ପଞ୍ଚାୟତ, ମୁରିବାହାଲ ବ୍ଲକ୍ । ଏକଦା ବହୁକଷ୍ଟରେ ଚଳୁଥିଲା । ପୁରାଣ ଗାଇପାରିବା ପର୍ଯ୍ୟନ୍ତ ଶିକ୍ଷା । କାମ ମିଳୁଥିବା ପର୍ଯ୍ୟନ୍ତ ଖାଇବା ଚିନ୍ତାରୁ ମୁକ୍ତି । କେବେ ମାଛମାରି ଯାଏ, କେବେ କାଠ ସଂଗ୍ରହ କରିଯାଏ । ଭୋକରେ ବି ପରିବାର ସହ ଅନେକ ଦିନ କଟିଯାଏ । ହିସାବ ରଖିପାରେନି କେତେଦିନ କ୍ଷୁଧାରେ କାଟିଲା । ଅନ୍ନ ଓ କ୍ଷୁଧା ଲୁଚକାଳି ଖେଳନ୍ତି ତା'ଘରେ । କେହି ଜଣେ ହେଲେ ହାରିବାର ନଜିର ନଥାଏ ।

ସରକାରଙ୍କ ଇ.ଆର୍.ଆର୍.ପି ଯୋଜନାରେ ଅଧ ଏକର ଜାଗିରି ଜମି ପାଇଲା । ଚାଷକଲା କିଛିବର୍ଷ । ଅମଳ ଯାହାବି ହେଉ ଚାଷଖର୍ଚ୍ଚକୁ ପାରିଲାନି । ସେ ଏ ଜମିକୁ କର ଦେଇଦେଲା । ଦୁଇବସ୍ତା ଧାନ ପାଇଲେ ଯଥେଷ୍ଟ ।

ଡୁଡୁକାପଡ଼ା ଗାଁଟି ସେତେ ସମ୍ପନ୍ନ ନୁହେଁ । ଲୋକେ ଚାଷକରନ୍ତି, ଦାଦନ ଖଟି ଯା'ନ୍ତି । ରୋଜଗାରର ଅଧା ଟଙ୍କା ସାହୁକାରର ଋଣ ସୁଝନ୍ତି ।

ଧୋବା ବେହେରା ନିକଟସ୍ଥ ଗାଁ ଭୋଇପଡ଼ାରେ ଥିବା ଗୋଟିଏ ଲୋକ ସଙ୍ଗଠନର ପଞ୍ଚାୟତ କର୍ମଚାରୀ । ଦିନେ ଖରାବେଳେ ଅର୍ଜୁନକୁ ଡାକିଲା । ଅର୍ଜୁନ ଦେଖିଲା ଗାଁର ଅନ୍ୟ ଅନେକ ଲୋକ ବି ସେଠାରେ ଅଛନ୍ତି । ଧୋବା ବେହେରା ବୁଝେଇଲା ସ୍ୱୟଂ ସହାୟକ ଦଳର ଉପକାରିତା । ଗାଁର ଲୋକେ ନିଜ ନିଜର ସମସ୍ୟାକୁ ମାପକ କରି ସ୍ୱୟଂ ସହାୟକ ଦଳର ଉପକାରିତା ବିଷୟରେ ବିଚାର କଲେ । ସମସ୍ତେ ରାଜିହେଲେ । ଲୋକ ସଙ୍ଗଠନ ନାମରେ ଦଳର ନାଁ ରଖିଲେ 'ଜନମୁକ୍ତି ସ୍ୱୟଂ ସହାୟକ ଦଳ' ।

ଅର୍ଜୁନ ମହାନନ୍ଦ ଭଲ ମାଛମରା ଜାଲ ବୁଣିପାରେ । ଏହା ଅଞ୍ଚଳର ଅନେକ ଲୋକଙ୍କ ପାଇଁ ଜାଲବୁଣା କଳା ଶିଖିବା ଏକ ଆବଶ୍ୟକତା । ଏହା ଏଇଥିପାଇଁ ଯେ ଲୋକଙ୍କ ଖାଦ୍ୟ ଆବଶ୍ୟକତାକୁ ପୂରା କରିଥାଏ । ଅଞ୍ଚଳର ଭୂଗୋଳ ମଧ୍ୟ ଜାଲକୁ ଏକ ଅତ୍ୟାବଶ୍ୟକ ଜିନିଷର ମାନ୍ୟତା ଦେଇଥାଏ ।

Digitized by srujanika@gmail.com

ବେଢେଇ, ବାହାଲ ଏବଂ ଛୋଟ ଛୋଟ ଜଳାଶୟରେ ମାଛ ପ୍ରଚୁର ମିଳିଥାଏ, ଯାହାକୁ ଲୋକେ ସଂଗ୍ରହ କରିଥାନ୍ତି । ଏହି କାମ ଫଗୁଣ ମାସ ପର୍ଯ୍ୟନ୍ତ ଠିକ୍ ଚାଲିଥାଏ । ଦଳରୁ ଟଙ୍କା ଋଣ ଆଣି ଅର୍ଜୁନ ମହାନନ୍ଦ ଜାଲବୁଣା କାମକୁ ରୋଜଗାରର ଗୋଟିଏ ପନ୍ଥା କଲା । ନିଦ ନହେବା ପର୍ଯ୍ୟନ୍ତ ଗୋଟିଏ ଡିବିରି ଜାଳି ରାତିରେ ଜାଲ ବୁଣିଲା । ପନ୍ଦର ଦିନରେ ଗୋଟିଏ ଜାଲ ପ୍ରସ୍ତୁତ କଲା । ବିକିଲା ପାଞ୍ଚଶହ ଟଙ୍କାରେ । ବର୍ଷଟିଏ ପରେ ନିଜର ଜମି ନିଜେ ଚାଷ କରିପାରିଲା ଆଉ ମଇଁଷିଟିଏ କିଣିପାରିଲା । ପୁରାଣ ପଢ଼ିଜାଣେ, ଭଲମନ୍ଦ ନିଜେ ବିଚାର କରିପାରେ, ଲୋକଙ୍କ ଭାବ ଅଭାବକୁ ବୁଝିପାରେ ବୋଲି ଲୋକେ ତାକୁ ସମ୍ମାନ କରନ୍ତି ଗାଁରେ । ଗାଁ ଲୋକଙ୍କୁ ସମୟ ଦିଏ । ଲୋକଙ୍କର ଭାବ ଅଭାବ ବି ବୁଝୁଥାଏ, ଠିକ୍ ତା'ପରି ଉନ୍ନତି କରିଥିବା ଜଣେ ମହିଳା ଦୁଆମତୀ ମୁଣ୍ଡୀ ସହ ।

ଛୋଟବଡ଼ ଅନେକ କଥା ଗାଁରେ । ଅନେକ କାମ ଅର୍ଜୁନ ମହାନନ୍ଦ ଓ ଶ୍ରୀମତୀ ମୁଣ୍ଡାଙ୍କ । ଗୋଟିଏ କାମର କାହାଣୀ ଏହିପରି-

୨୦୦୫ ମସିହା ଅକ୍ଟୋବର ମାସର କଥା । ନୂଆଖାଇକୁ ବାକିଥାଏ ପନ୍ଦର ଦିନ । ଟିଟିଲାଗଡ଼ ବ୍ଲକ୍ ଅନ୍ତର୍ଗତ ଲେବଡ଼ା ଗାଁକୁ ଜଣେ ପାଗଳୀ ଆସିଲା । ସାଙ୍ଗରେ ଧରିଥାଏ ତାର କଙ୍କାଳସାର ଶିଶୁପୁତ୍ରକୁ । ଭୋକରେ କଥା କହିପାରୁ ନଥିବା ପାଗଳୀଟି ଗାଁ ଲୋକଙ୍କୁ ଖାଇବାକୁ ମାଗିଲା । ଖାଇସାରି ଦୁଇଘଣ୍ଟା ପରେ ପ୍ରକୃତିସ୍ଥ ହେଲା । ଲୋକେ ବୁଝିଲେ ଏ ସ୍ତ୍ରୀ ଲୋକଟି ପାଗଳୀ ନୁହେଁ; କ୍ଷୁଧା ଓ ବେଦନା ତାକୁ ଏପରି କରିଛି । ଗାଁ ସ୍କୁଲ ବାରଣ୍ଡାରେ ରହିଲା । ଛୁଆକୁ ଗେଲକଲା । ଭୋକହେଲେ କା'ଘରକୁ ଯାଇ ଖାଇବାକୁ ମାଗିଲା । କେହି କେହି ଦେଖନ୍ତି ଏକଲା ହେଲେ ସ୍ତ୍ରୀ ଲୋକଟି ଛୁଆକୁ ଗେଲ କରୁଥାଏ, ନ ହେଲେ କାନ୍ଦୁଥାଏ ।

ଗାଁଲୋକଙ୍କ ହୃଦୟରେ ସ୍ତ୍ରୀ ଲୋକଟି ଜାଗାଟିଏ କରିପାରିଲା । ଖାଇବା -ପିଇବାର ଅଭାବ ହେଲାନି ତାକୁ । ଆଠ ଦଶଦିନ ଲେବଡ଼ା ଗାଁରେ ରହି ଦିନେ ଉଭାନ ହୋଇଗଲା ।

ସକାଳୁ ଗାଁ ଲୋକ ଦେଖିଲେ ଛୁଆଟି ସ୍କୁଲ ବାରଣ୍ଡାରେ କାନ୍ଦୁଛି । ଗାଁ ଲୋକଙ୍କ ଦାୟିତ୍ୱରେ ଛୁଆକୁ ଛାଡ଼ି କୁଆଡ଼େ ଚାଲିଯାଇଛି ସ୍ତ୍ରୀ ଲୋକଟି । ଗାଁ ଲୋକ ଛୁଆକୁ କ୍ଷୀର ଦେଲେ । ଆଲୋଚନା କଲେ ଛୁଆକୁ କ'ଣ କରିବେ ।

**ନିଜ କୁଡ଼ିଆ ସମ୍ମୁଖରେ ସସ୍ତ୍ରୀକ ଅର୍ଜୁନ ମହାନନ୍ଦ**

Digitized by srujanika@gmail.com

ଏହି ଗାଁର ସତ୍‌ନାମୀ ସମ୍ପ୍ରଦାୟର ଜଣେ ଲୋକ ରାମ ସତନାମୀ ଗୋଟିଏ ପୁଅର କାମନାରେ ତିନି ଝିଅର ଜନକ ହୋଇସାରିଥାଏ । ଛୁଆକୁ ପୋଷ୍ୟ କରିବାପାଇଁ ସେ ଗୁହାରୀ କଲା ଗାଁ ଲୋକଙ୍କୁ । କାହାର କିଛି ପ୍ରତିବାଦ ନଥିଲା । ଛୁଆଟି ଯେଉଁ ସମ୍ପ୍ରଦାୟର ହେଉ, ଏଇଟା ମୂଲ୍ୟହୀନ କଥା । ବଡ଼କଥା ହେଲା ତାକୁ ପରିବାରର ଛାଇ ମିଳିବ ।

ରାମ ସତ୍‌ନାମୀର ପରିବାରକୁ ସ୍ୱପ୍ନର ଆଧାରଟିଏ ଆସିଗଲା । ଭଲ ଦିନବାର ଦେଖି ଛୁଆର ନାମକରଣ କରିବ, ପାଞ୍ଚ ଜାତିଭାଇଙ୍କୁ ଡାକି । ଗାଁ ଶିଶୁ ମନ୍ଦିରରେ ପଢ଼େଇବ । ମଜୁରୀ ଟଙ୍କାରେ ଯୋଗାଡ଼ କରିବ ଛୁଆପାଇଁ ସାଧମତେ ଐଶ୍ୱର୍ଯ୍ୟ ।

ଛୁଆପାଇଁ କିଣାଗଲା ଅମୂଲ, ବିସ୍କୁଟ, ଗ୍ଳୁକୋଜ ନାନାଁ କଥା । କଙ୍କାଇସାର ଛୁଆଟି ନୂଆ ଜାମାରେ ସୁନ୍ଦର ଦିଶିଲା । ଛୁଆ ଓ ରାମ ଦୁହିଁଙ୍କୁ ଦୁହିଁଙ୍କ ଆବଶ୍ୟକତା ଥିଲା । ଗାଁ ଲୋକ ଖୁସି ହେଲେ । ଅଦୃଷ୍ଟକୁ ଧନ୍ୟକଲେ ।

ଦୁଇଦିନ ପରେ ରାମ ଦେଖିଲା ଯାହା ଖାଇଲେ ବି ଛୁଆର ପେଟରେ ରହୁନି । ଝାଡ଼ା ହେଇଯାଉଛି । ସାଙ୍ଗେ ସାଙ୍ଗେ ଗଲା ଡାକ୍ତରଙ୍କ ପାଖକୁ । ଔଷଧ ଆଣିଲା । ଧାଁ ଦୌଡ଼କଲା । ଫଳ କିଛି ହେଲାନି । ନୂଆଖାଇ ଦିନ ଛୁଆଟି ମରିଗଲା । ରାମ ନୂଆ ଖାଇଲାନି । ତିନିଦିନ ପରେ ଶୁଦ୍ଧି ହେଲା ଗୋଟିଏ ବାଳଭୋଗ ଦେଇ ।

ଏପଟେ ଡୁଡୁକାପଡ଼ାରେ ସମସ୍ତେ ଆଶ୍ଚର୍ଯ୍ୟ ହେଉଥିଲେ । ରକ୍ମଣୀ ଏକା ଫେରିଲା । ଛୁଆକୁ କଉଠି ଛାଡ଼ିଲା ? ସବୁଠୁ ବେଶି ଚିନ୍ତା ଅର୍ଜ୍ଜୁନ ମହାନନ୍ଦ ଓ ଦୁଆମତୀ ମୁଗ୍ରୀଙ୍କ ।

ବାହାହେଲା ପରେ ରକ୍ମଣୀ ସମ୍ବଲପୁର ଯାଇ ରହିଲା ସ୍ୱାମୀ ତେଜ ସେଇମା ସହ । ତେଜ ନିକଟ ଗାଁର ପିଲା । ସମ୍ବଲପୁରରେ ହେମାଲ କାମ କରେ । ଦୁଇଟି ଝିଅ ଜନ୍ମହୋଇ ମରିଗଲା ପରେ ରକ୍ମଣୀ ଗାଁକୁ ଫେରିଲା ସ୍ୱାମୀ ସହ । ମାମୁଁଘର ଲୋକ ମାଟିଘର ଦି ବଖରା କରିଦେଲେ । ଡୁଡୁକାପଡ଼ାରେ ସ୍ୱାମୀ-ସ୍ତ୍ରୀ ରହିଲେ କାମଧାମ କରି ।

ଦୁଇବର୍ଷ ପରେ ଦେଢ଼ଶାଶୁର ପରାମର୍ଶ କ୍ରମେ ଅନ୍ତଃସତ୍ତ୍ୱା ରକ୍ମଣୀ ସ୍ୱାମୀସହ ନାଗପୁର ଗଲା । ସେଠାରେ ଜନ୍ମଦେଲା ପୁଅ ଗୁଣକୁ । ତେଜ ରକ୍ମଣୀସହ ପଟିଲାନି । କାମ ନକରି ବସି ଖାଉଛୁ ବୋଲି ବାଡ଼େଇଲା । ରକ୍ମଣୀ ଜାଣିଲା ସ୍ୱାମୀ ଦ୍ୱିତୀୟ ହେବ । ତେଜ ଦିନେ ନାଗପୁର ରେଳଷ୍ଟେସନକୁ ଆଣି ରକ୍ମଣୀ ଓ ତାର ଛୋଟ ଛୁଆ ଗୁଣକୁ ଛାଡ଼ିଦେଲା । ରକ୍ମଣୀ ଗାଁକୁ ଫେରିଲା । ମାମୁଁ ଘରେ କେତେ ଦେବେ । ଦୁଶ୍ଚିନ୍ତା ଓ ଭୋକରେ ରକ୍ମଣୀ ପାଗଳୀପ୍ରାୟ ହୋଇଗଲା । ଅର୍ଜ୍ଜୁନ ମହାନନ୍ଦ ଓ ଦୁଆ ମୁଗ୍ରୀ ସ୍ୱୟଂ ସହାୟକ ଦଳରୁ କିଛି ସହଯୋଗ କରିବା ସହ ମୁଠିଭିକ୍ଷା କରି ରକ୍ମଣୀକୁ ଟିଟିଲାଗଡ଼ ଡାକ୍ତରଖାନା ନେଲେ । ରକ୍ମଣୀର ଜୀବନ ରହିଲା । ତାର ଖାଇବା ବ୍ୟବସ୍ଥା କରାଗଲା । ପଞ୍ଚାୟତକୁ ଖବର ଦିଆଗଲା । ମୁରିବାହାଲ ବ୍ଲକ୍‌କୁ ମଧ୍ୟ । ଫଳ କିଛି ହେଲାନି ।

ଦିନେ ରକ୍ମଣୀ ଛୁଆକୁ ଧରି ଗାଁରୁ ଉଭାନ ହୋଇଗଲା । ମାସେ ପରେ ଫେରିଲା । ଅର୍ଜ୍ଜୁନ ମହାନନ୍ଦ ଓ ଦୁଆ ମୁଗ୍ରୀ ଖୋଜୁଥାନ୍ତି ।-ରକ୍ମଣୀ ଏକା ଫେରିବାର ଅନେକ ଦିନ ପରେ ଦୁଆମତୀ ମୁଗ୍ରୀ ଜାଣିଲେ ଯେ ଲେବଡ଼ାରେ ଛୁଆକୁ ଛାଡ଼ିଥିବା ପାଗଳୀଜଣକ ହେଉଛି ରକ୍ମଣୀ ।

ରକ୍ମଣୀର ଖାଦ୍ୟବ୍ୟବସ୍ଥା କରିବା ପାଇଁ ସରପଞ୍ଚ ଓ ବି.ଡ଼ି.ଓ ଉଭୟେ ଗୋଟିଏ କଥା କହୁଥାନ୍ତି - ଇନକ୍ୱାରୀ ହେବ । ଚାଉଳ ମଗାହେବ ଉପରୁ, ତା'ପରେ ତାକୁ ଅନ୍ତୋଦୟ ଯୋଜନାରେ ସାମିଲ କରାଯିବ ।

Digitized by srujanika@gmail.com

ବି.ଡ଼ି.ଓ ଉପରୁ ଚାଉଳ ମଗେଇବାରେ ବିଳମ୍ବ ହେଉଥାଏ । ଏ ଭିତରେ ଗୋଟିଏ ଚିରାଚରିତ ତଥା ଗୁପ୍ତ ଘଟଣା ପଦାରେ ପଡ଼ିଗଲା । ଗିସାଉଙ୍କୁ ପାଇଁ କଣ୍ଟାବାଞ୍ଜିର ଗୋଟିଏ ଧାନମିଲ୍‌କୁ ଯାଉଥିବା ୧୪ଶହ କ୍ବିଣ୍ଟାଲ ଚାଉଳ ଧରାପଡ଼ିଲା । ଜଣାପଡ଼ିଲା ଏହା ମୁରିବାହାଲ ବ୍ଲକ୍‌ର ଚାଉଳ । ମୁରିବାହାଲ ବି.ଡ଼ି.ଓ କହିଲେ ତାଙ୍କର ୨୦୦ କ୍ବିଣ୍ଟାଲ ଚାଉଳ ଥିଲା । ଆଉ ୧୨ଶହ କ୍ବିଣ୍ଟାଲ ଚାଉଳ କେଉଁ ରକ୍ଷଣାମାନଙ୍କର, କେହି ଜାଣିବାପାଇଁ ଉଚିତ ମନେ କଲେନି ।

ବି.ଡ଼ି.ଓ ବ୍ୟସ୍ତ ରହିଲେ । ରକ୍ଷଣୀ ବିଷୟରେ ଅର୍ଜ୍ଜୁନ ମହାନନ୍ଦ ଓ ଦୁଆମତୀ ମୁଣ୍ଡୀ ଥାଉ ଥାଉ ସେ ଭାବିବାର କୌଣସି କାରଣ ନଥିଲା ଯେପରି ।

ନବଜନ୍ମିତ ଶିଶୁପୁତ୍ରକୁ ନେଇ ଅର୍ଜ୍ଜୁନ ମହାନନ୍ଦର ପୁଅବୋହୂ ଦାଦନ ଖଟିଗଲେ ହାଇଦ୍ରାବାଦକୁ । ଅର୍ଜ୍ଜୁନ ମହାନନ୍ଦର ଭିତରେ କଣ ଗୋଟିଏ ହଜିଗଲା । ସେ ସଭାସମିତିରେ ମୁହଁଜୋର ଦେଇ କିଛି କହି ପାରିଲାନି । ସ୍ୱୟଂ ସହାୟକ ଦଳ ଗଢ଼ିଲେ ଲୋକର ଉନ୍ନତି କିପରି ହୁଏ, ସେ ବୁଝେଇ ପାରିଲାନି ।

ମତେ ଥରେ ଭେଟି ଆସିଲା । ଏକଲା ସମୟ ମାଗିଲା । ତାର ଉପକ୍ରମ ଥିଲା ବେଶ୍ ଦୀର୍ଘ । ଅର୍ଥ ଥିଲା ଅତି ସଂକ୍ଷିପ୍ତ ଓ ପ୍ରଶ୍ନଥିଲା ବେଶ୍ ଗୁରୁତର । ତା'କହିବା ଅନୁସାରେ ଗାନ୍ଧୀ ମହାତ୍ମାର ଦେଶରେ ଅନ୍ୟାୟ କାହିଁକି କରନ୍ତି । ତାଙ୍କପାଇଁ ପରିଶ୍ରମ କରି ନିୟମମାନି ଚଳୁଥିବା ଲୋକ କଷ୍ଟ ପା'ନ୍ତି ।

ଦୀର୍ଘ ସମୟଧରି ଶୁଣିଲି ତା'ର କଥା । କହିଲି, 'ମହାନନ୍ଦ ! ଗୋଟିଏ କାମ କର, ତୁମ ବିଷୟରେ ମୁଁ କିଛି ଲେଖିବିନି । ତୁମେ ଲୋକଙ୍କୁ ଯେମିତି ପରିଶ୍ରମ କରିବାକୁ, ନିୟମ ମାନିବାକୁ ବୁଝାଅ, ସେପରି କହିବାକୁ ତୁମକୁ କିଏ କହେ ନା ତୁମେ ନିଜ ଅନୁଭବରୁ କହ ?'

- ମୁଇଁ ନିଜର ଦିହେଁଗଲା କଥା କହେସିଁ ।

ତା'ହେଲେ ଏକଥାକୁ ନିଜେ ଲେଖ ।

ଅର୍ଜ୍ଜୁନ ମହାନନ୍ଦ ଗମ୍ଭୀର ହୋଇଗଲା । ଚୁପ୍ ହୋଇ କିଛି ସମୟ ବସିଲା । ଉଠି ପଳେଇଲା ତାର ସାଇକେଲ ଧରି ।

ତିନି/ଚାରି ଦିନ ପରେ ଆସିଲା । ମୋ ହାତକୁ ବଢ଼େଇ ଦେଲା ତା'ର ହାତଲେଖା କାଗଜ କେତେଖଣ୍ଡ. ସେ ତିନିଦିନର ପରିଶ୍ରମରେ ଏତକ ଲେଖିଥିଲା । ଏ ଦିନମାନଙ୍କରେ ଜାଲବୁଣା କାମ କମ କରିଥିଲା । ସେ ଲେଖିଥିଲା ତାର କାହାଣୀ । ତାର କିଛି ଅଂଶ ଏପରି, "... ସରକାର ବାହାଦୂର ମତେ ପ୍ରସନ୍ନ ହୋଇ ଇନ୍ଦିରାଆବାସ ଘରଟିଏ ଦେଲେ । ଏଥିପାଇଁ ନବୀନ ସରକାରଙ୍କୁ ଧନ୍ୟବାଦ । ଆଠହଜାର ପାଞ୍ଚଶହ ଟଙ୍କା ମହାଜନଠୁ ଋଣ ଆଣି ଘରକାମ ଆରମ୍ଭ କଲି । ବ୍ଲକ୍ ଅଫିସକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲାପରେ ଛଅହଜାର ପାଞ୍ଚଶହ ଟଙ୍କା ମିଳିଲା । ସାହୁକାରର ଋଣ ଭାର ବଢ଼ି ବଢ଼ି ଚାଲୁଥାଏ । ନୂଆ ଦେଇଥିବା ଇନ୍ଦିରା ଆବାସ ଘରେ ମୋ ପୁଅ ବୋହୂ ରହିବେ କଣ; ଋଣ ଓ କଳନ୍ତର ସୁଝିବା ପାଇଁ ନବଜନ୍ମିତ ମୋର ନାତିକୁ ଧରି ହାଇଦ୍ରାବାଦ ଦାଦନ ଖଟିଗଲେ । ଏଥିପାଇଁ ବି ନବୀନ ସରକାରଙ୍କୁ ଧନ୍ୟବାଦ ।...''(ମୋକ୍ତା ୧୬ - ୩୧ ଡିସେମ୍ବର ୨୦୦୫)

ଏ ଚିଠିକୁ ଅବିକଳ ମୋକ୍ତାରେ ପ୍ରକାଶ କଲି । ଚିଠିଟି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

Digitized by srujanika@gmail.com

ନଜରକୁ ଆସିଲା । ଏହାର ଅନୁସନ୍ଧାନ ପାଇଁ ବଲାଙ୍ଗିର ପି.ଡ଼ି. ଡ଼ି.ଆର.ଡ଼ି.ଏଙ୍କ ନିକଟକୁ ଆଦେଶ ଆସିଲା ।

ଏହାପରେ ମୁରିବାହାଲ ବ୍ଲକ୍‌ର ଦୃଶ୍ୟ ଥିଲା ଏହିପରି । ଦିନରାତି ଖଟି ସମସ୍ତ କାଗଜପତ୍ର ଠିକ୍ କରାଗଲା । ସେମାନେ ଜାଣିପାରିଲେ ନାହିଁ ଯେ ଅର୍ଜୁନ ମହାନନ୍ଦ ନିକଟରେ ସେମାନେ କି ଦୋଷ କରିଛନ୍ତି । ବହୁକଷ୍ଟରେ ଅର୍ଜୁନ ମହାନନ୍ଦ ନିକଟରୁ ମୋକ୍ତା ଖଣ୍ଡିଏ ସଂଗ୍ରହ କରି ନିକଟସ୍ଥ ଫଟାମୁଣ୍ଡା ଗାଁର ୧୭୬ ଜଣଙ୍କୁ 'ଜବ୍‌କାର୍ଡ଼' ଦେଲେ । ଏହି କାର୍ଡ଼ରେ କାମ ବିଷୟ ଉଲ୍ଲେଖ ରହିଲା , ଲୋକଙ୍କୁ ଟଙ୍କା ବି ଦିଆଗଲା । ଅର୍ଜୁନ ମହାନନ୍ଦକୁ ଇନ୍ଦିରା ଆବାସ ତିଆରି କରିବା ପାଇଁ ଟଙ୍କା ଦେବାର ପ୍ରତିଶ୍ରୁତି ।

୨ ମଇ ୨୦୦୬ ଦିନ ସକାଳୁ ମୁରିବାହାଲ ବି.ଡ଼ି.ଓ ଗାଁରେଇ ଗ୍ରାମପଞ୍ଚାୟତକୁ ଆସିଲେ । ଏହିଦିନ ରାତ୍ରିଯାପନ କଲେ । ଯାହା ଥିଲା ଅଞ୍ଚଳ ପାଇଁ ଅଭୂତପୂର୍ବ ଘଟଣା । ତା' ପରଦିନ ପି.ଡ଼ି ଆସି ତଦନ୍ତ କରି ଫେରିଲେ । ଅର୍ଜୁନ ମହାନନ୍ଦର ଅର୍ଦ୍ଧନିର୍ମିତ ଇନ୍ଦିରା ଆବାସ ବି ଦେଖିଲେ ।

ସପ୍ତାହେ ପରେ ଅର୍ଜୁନ ମହାନନ୍ଦ ପୁଣି ମୋ ପାଖକୁ ଆସିଲା । ବହୁତ ଖୁସିଥାଏ । ମୋ ହାତକୁ କାଗଜ ଖଣ୍ଡେ ବଢ଼େଇ ଦେଲା ଯାହାଥିଲା ଏକ ଧନ୍ୟବାଦ ପତ୍ର । "... ସରକାର ମତେ ଇନ୍ଦିରା ଆବାସ ଯୋଜନାରେ ଗୃହ ନିର୍ମାଣ ଆଦେଶ ଦେବା ଫଳରେ ଘରକାମ ଆରମ୍ଭ କଲି । ଘରକାମ ଅଧା ହୋଇ ପଡ଼ିଥିଲା । ଫଳରେ ବାରମ୍ବାର ବ୍ଲକ୍‌କୁ ଦୌଡ଼ି ନିରାଶ ହୋଇଥିଲି । ମୋର ପୁଅ ବୋହୂ ଓ ନାତି ଇନ୍ଦିରା ଆବାସ ତିଆରିରେ କରିଥିବା ଋଣ ପରିଶୋଧ ପାଇଁ ହାଇଦ୍ରାବାଦ ଦାଦନ ଖଟିଗଲେ । ଏ ବିଷୟ 'ମୋକ୍ତା' ପେପର ଜରିଆରେ ନବୀନବାବୁଙ୍କୁ ଜଣାଇବା କାରଣରୁ ଶ୍ରୀମାନ ନବୀନ ସରକାରଙ୍କ ଆଦେଶମତେ ବଲାଙ୍ଗିର ଡ଼ି.ଆର.ଡ଼ି.ଏ, ପି.ଡ଼ିସାହେବ ମୋର ଘର ଇନକୁଆରି କରି ଦେଖିଲେ ଓ ମତେ ଘର ତିଆରି ପାଇଁ ଆଦେଶ ଦେବା ଫଳରେ ମୁଁ ଜିନିଷପତ୍ର ସଂଗ୍ରହ କରି ଘର ତିଆରି କରିବାରେ ଲାଗିପଡ଼ିଅଛି ।

ମୋର ପୁଅ, ବୋହୂ ଓ ନାତି ହାଇଦ୍ରାବାଦରୁ ଫେରିବା ସମୟ ହେଲା । ଜାଲବୁଣା ଟଙ୍କାରୁ କିଛି ଓ ପୁଅ ବୋହୂ ଦାଦନ ଖଟିଯିବା ଅଗ୍ରୀମ ଟଙ୍କାରୁ ମହାଜନୀ ଋଣ ମୁକ୍ତ ହେଲି ।

ବର୍ତ୍ତମାନ ନବୀନବାବୁ ଓ ମୋକ୍ତା ଦୟାରୁ ଥଇଥାନ ହେବି ବୋଲି ମୋର ଦୃଢ଼ ଆଶା । ଏଥିପାଇଁ ନବୀନବାବୁ ଓ ମୋକ୍ତା ସମ୍ପାଦକଙ୍କୁ ଧନ୍ୟବାଦ ।"

ଚିଠିଟି ରଖିଲି । ପଚାରିଲି ମହାନନ୍ଦ ବାବୁ ରକ୍ମଣୀ କେମିତି ଅଛେ ?

- "ସେ ଠିକ୍ ହେଇଗଲା ଆଜ୍ଞା ! ତାର ଲୋକବାକ ସଙ୍ଗେ ସମ୍ବଲପୁର ଯାଇଛେ !" ବହୁତ ଉତ୍ସାହିତ ଥିଲା ମହାନନ୍ଦ ।

ବଲାଙ୍ଗିର ଡ଼ି.ଆର.ଡ଼ି.ଏ ରୁ ଗୋଟିଏ ପତ୍ର ପାଇଲି । ଯେଉଁଥିରେ ଲେଖାଥିଲା ଅର୍ଜୁନ ମହାନନ୍ଦ କାମ ନିହ ପର୍ଯ୍ୟନ୍ତ କରିଥିଲା । ବି.ଡ଼ି.ଓ, ଏ.ବି.ଡ଼ି.ଓ, ଜେଇ ଏବଂ ସରପଞ୍ଚ କୋହଳ ମନୋଭାବ ଗ୍ରହଣ କରି ତାକୁ ଇନ୍ଦିରା ଆବାସ ଗୃହ ପୁରା କରିବାକୁ କହିଲେ ।

ଅର୍ଜୁନ ମହାନନ୍ଦ, ଫଟାମୁଣ୍ଡା ଗାଁ ଲୋକ ଏବଂ ଡ଼ି.ଆର.ଡ଼ି.ଏର ପତ୍ରକୁ ଅବିକଳ ମୋକ୍ତା( ୧୬ - ୩୧ ଅଗଷ୍ଟ, ୨୦୦୭) ରେ ପ୍ରକାଶ କରିଥିଲି । ଯା'ର ଶୀର୍ଷକ ଥିଲା 'ଚରମ ସତ୍ୟ ଏକ ପରମ ମିଥ୍ୟା: ଦୃଷ୍ଟାନ୍ତଟିଏ' ।

❑❑❑

Digitized by srujanika@gmail.com

# ୧୬

# ଅହଲ୍ୟା ଉପାଖ୍ୟାନ ଓ ମହୁଲ ବଣର ଗୀତ

କନ୍ୟା ରଜୋବତୀ ହେବା ପୂର୍ବରୁ କେତେକ ଆଦିବାସୀ ଗୋଷ୍ଠିକୁ ଛାଡ଼ି ପଶ୍ଚିମଓଡ଼ିଶାର ପ୍ରାୟ ସମସ୍ତ ମୂଳ ଅଧିବାସୀ 'କୁଣାବରା' କରିଥାନ୍ତି । 'କୁଣାବରା' ଏକ ପ୍ରାଚୀନ ପରମ୍ପରା । ସଂକ୍ଷେପରେ ଏହା ବିବାହ । ଝିଅଟି 'ରଜୋବତୀ' ହେଲେ ଆଉ ମା', ବାପାର ହୋଇ ରହେନାହିଁ । ସେ ପର ଘରର ହୋଇଯାଏ । ମା ବାପାଙ୍କ ପରେ ଝିଅର ସର୍ବସ୍ୱ ହେଉଛି ସ୍ୱାମୀ । ପରର ହୋଇଗଲା ପରେ ଝିଅକୁ ତ' କା'ର ଦାୟିତ୍ୱରେ ଛାଡ଼ିବାକୁ ପଡ଼ିବ । ମା ବାପାଙ୍କୁ ତ' କନ୍ୟାଦାନ କରିବାକୁ ପଡ଼ିବ । ଝିଅ ନିଆଶ୍ରି ନହେଉ । ସେଥିଲାଗି ତା'ର ବିବାହ କରାଯାଏ ମହୁଲ ଡାଳ ସହ । ମହୁଲ ଡ଼ାଳ ଝିଅର ଭାବିସ୍ୱାମୀର ପ୍ରତିନିଧିତ୍ୱ କରେ । ମା' ବାପା ସାମାଜିକ ଦାୟିତ୍ୱରୁ ମୁକ୍ତ ହୁଅନ୍ତି । ମହୁଲ ଗଛକୁ ସମର୍ପି ଦିଅନ୍ତି ନିଜକୂଳର ମର୍ଯ୍ୟାଦା । କୁମାରୀ ବିବାହ ବା କୁଣାବରା କରି ।

ପ୍ରକୃତିକୁ ଏତେ ଗଭୀର ସମ୍ମାନ ଦେଉଥିବା ମଣିଷମାନଙ୍କୁ ମହୁଲ ଗଛ କେବେ ବି ହତାଦର କରେନି । ଚାରିରୁ ସାତମାସ ସହଯୋଗ କରେ । ମହୁଲଫୁଲ ଅଜାଡ଼ି ଦିଏ । ଟୋଲ ଦିଏ । ଚାରିମାସ ମହୁଲ ଫୁଲ ଗୋଟେଇ ଲୋକେ ବଞ୍ଚନ୍ତି । ଆଉ ଦୁଇମାସ ଟୋଇ । ଟୋଲ ଫଳକୁ ଖାଦ୍ୟ କରନ୍ତି । ତେଲ କରନ୍ତି । ଗୋଟିଏ ମହୁଲ ଗଛ ଦିଏ ଦୁଇରୁ ଦଶ କ୍ୱିଣ୍ଟାଲ ଫୁଲ, ତଦନୁରୂପ ଟୋଲ ।

ମହୁଲ ଫୁଲର ଗୁଡ଼, ସିଝା ଆଉ ଲଡୁ ଦିଶୁନି ଏବେ । ଏବେ ମହୁଲ ଫୁଲ କେବଳ ମହୁଲି ପାଇଁ । ମହୁଲ ଫୁଲ ଫୁଟେ ଆଉ ଝଡ଼େ । ତା'କୁ ଗୋଟାନ୍ତି ଛୋଟ ଛୁଆଠୁ ପରିବାରର ବୁଢ଼ାଲୋକ ପର୍ଯ୍ୟନ୍ତ । ଶୁଖାନ୍ତି ଆଉ ବିକ୍ରି କରନ୍ତି । ବାସ୍ ମହୁଲ ଫୁଲ ଆଉ ଲୋକଙ୍କ ସମ୍ପର୍କ ତୁଟିଯାଏ । ଆଗକୁ ଏହାର ବ୍ୟବସାୟ ହୁଏ । ଏହା ପରର ଅର୍ଥନୀତି ଅବକାରୀ ହିସାବ ଖାତାର ଗଣିତ ହୋଇଯାଏ ।

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ୍‌ର ଖାସବାହାଲ ଗାଁରେ ଅବକାରୀ ହିସାବ ଖାତାରୁ ଲୁଚେଇ କିଛି

Digitized by srujanika@gmail.com

ମହୁଇରୁ ମହୁଲି କରାହୁଏ । ଜଙ୍ଗଲରେ, ଜମିରେ, ରାୟପୁରରେ, ମୁମ୍ବାଇରେ କି ଆନ୍ଧ୍ରରେ ଖଟନ୍ତି ଲୋକେ । ସେଇ ଚୋରାରେ ତିଆରି ମହୁଲାକୁ ପିଅନ୍ତି । ନିଶାରେ ମସ୍‌ଗୁଲ ହୋଇ ହଜେଇ ଦିଅନ୍ତି ନିଜର ଭଲମନ୍ଦ, ଆଉ ଘରର ବାସନ । ଝିଅ, ବୋହୂର ଗହଣାବି ହଜିଯାଏ । ସେମାନେ ଜାଣି ପାରନ୍ତିନି କେବେ ସେମାନେ ବି ହଜିଯିବା କଥା ।

ସ୍ୱୟଂ ସହାୟକ ଦଳ ଗଠନ ପାଇଁ ଜୋର ଦିଅନ୍ତି ସରକାର । ଅହଲ୍ୟା ପୁଟେଲ ବି ଗୋଟିଏ ଦଳରେ ସାମିଲ ହୁଏ । ସ୍ୱାମୀ ଭାଗିରଥି କୌଳିକ ବୃତ୍ତି ପରିବା ଚାଷ କରେ । ଦୁଇ ଝିଅ ଆଉ ଗୋଟିଏ ପୁଅର ସଂସାରରେ ଭାବ ଅଭାବର ବୋଝ ହାଲ୍‌କା ହେବ । ସରକାର ପ୍ରତିଶ୍ରୁତି ଦେଇଛନ୍ତି ସ୍ୱୟଂ'ସହାୟକ୍ ଦଳ ଗଠନ କରି ସଞ୍ଚୟ କଲେ ଅଭାବ ଲାଘବ ହେବ । ଅହଲ୍ୟା ମାସକୁ କୋଡ଼ିଏ ଟଙ୍କା ଦିଏଁ । ନିଜ ଦଳରେ ନିଜ ନିଜ ଭିତରେ କଥା ହୋଇ ନିଜର ଟଙ୍କାକୁ ନିଜ କାମରେ ଲଗାନ୍ତି । ପରିବାରରେ କିଛି ଅପହଞ୍ଚ ଖୁସିକୁ ଆବିଷ୍କାର କରନ୍ତି । ଅହଲ୍ୟା ଟିକିଏ ଅଧିକ ଦାୟିତ୍ୱ ନିଏ । ଗାଁର ମହିଳାମାନଙ୍କୁ ଦଳ ଗଢ଼ିବା ପାଇଁ କହେ । କେବେ କେବେ ବି.ଡ଼ି.ଓ, ସି.ଡ଼ି.ପି.ଓ ଆସନ୍ତି, ଅହଲ୍ୟାକୁ ତାରିଫ କରନ୍ତି । ଅହଲ୍ୟା ଖୁସିହୁଏ । ଦଳ ଗଠନ କରିବାକୁ ମା'ମାନଙ୍କୁ ପ୍ରବର୍ତ୍ତାଏ ।

ମହୁଲଫୁଲ ଝରୁଥାଏ । ଗର୍ଭରେ ତାର ୭୦.୬ ଭାଗ ଶ୍ୱେତସାର, ୧୮.୬ ଭାଗ ଜଳ, ୫.୯ଭାଗ ପ୍ରୋଟିନ, ୨.୭ ଭାଗ ଲୁଣ, ୧.୭ ଭାଗ ତନ୍ତୁ, ୦.୫ ଭାଗ ଚର୍ବି ଓ କିଛି ଖାଦ୍ୟସାର ନେଇ । ଅହଲ୍ୟା ମହୁଲ ଗୋଟାଏ ଭୋରରୁ । ପାଛିଆରେ ମହୁଲଫୁଲ ଜମେ । ପ୍ରତି ୧୦୦ ଗ୍ରାମରେ ୮୭୮ ମି.ଗ୍ରା ରିବୋଫ୍ଲୋବିନ, ୩୨ ମି.ଗ୍ରା ମିଥାଇନ, ୭ ମି.ଗ୍ରା ଏସକର୍ବିକ ଅମ୍ଳ, ୫.୨ ମି.ଗ୍ରା ନିଆସିନ୍ ଓ ୩୯ ୟୁନିଟ କେରୋଟିନ ଜମାହୁଏ ।

ଅହଲ୍ୟା ମହୁଲ ଗୋଟାଏ । କୁଚିଆକୁ ଦେଇଦିଏ କେ.ଜି ପାଞ୍ଚଟଙ୍କାରେ । ଅହଲ୍ୟା ଶୁଣେ

ଅହଲ୍ୟା

Digitized by srujanika@gmail.com

ତା'ଠାରୁ ବି କମ୍ ଦାମ ପାଆନ୍ତି ମହୁଲ ବିକି କେତେକ । ଆଗେ ଟଙ୍କେ, ଦୁଇଟଙ୍କା ଯଥେଷ୍ଟ ଥିଲା । ଏବେ ମିଳୁଛି ପାଞ୍ଚଟଙ୍କା । ଏହାପରେ ମହୁଲ ଉପରେ ଅହଲ୍ୟାର ଅକ୍ତିଆର ସରିଯାଏ । ମହୁଲ ଗଛ ରହିଯାଏ ଅହଲ୍ୟାର ନିଜର ହୋଇ । ଝିଅକୁ କୁଣାବରା କରିବ, ପୁଅର ବାହାଘରେ ମହୁଲଡ଼ାଳକୁ ଅଗ୍ରପୂଜା ଦେବ । ମହୁଲ ପତ୍ରରେ ଦେବୀ ଦେବତା ପାଇଁ ଅନ୍ନ ବାଢ଼ିବ । ମହୁଲ କୁଟିକୁ ଦେବୀ ପାଖେ ଥୋଇବ । ଏସବୁ ଜିନିଷର ମୂଲ୍ୟ ଆଙ୍କିପାରେନି କୁଟିଆ । ଏହାର ଦର ଧାର୍ଯ୍ୟ କରି ପାରନ୍ତିନି ସରକାର । ମହୁଲ ପାଇଁ କୁଇଣ୍ଟାଲ ପିଛା ୨୨୫ ଟଙ୍କା ନିଅନ୍ତି । ଯାହା ବେପାରୀ କି କୁଟିଆ ଦିଏ, ଅହଲ୍ୟା ଖବର ରଖେନି ।

ଏହି ବେପାର କରିବାକୁ ସରକାର ୧୯୮୯ ମସିହାରେ 'ଉତ୍କଳ ଫରେଷ୍ଟ ପ୍ରଡ଼କ୍ଟ ଲିମିଟେଡ଼'କୁ ୧୦ ବର୍ଷ ପାଇଁ ଲିଜ୍‌ରେ ଦେଲେ । ୨୯ଟି ବନଜାତ ଭିତରୁ ମହୁଲ ଥିଲା ଅନ୍ୟତମ । ବନଜାତ ଦ୍ରବ୍ୟ ଗାଁ ଲୋକ ଆଉ ଜଙ୍ଗଲ ପାଖର ଲୋକଙ୍କଠାରୁ ଆସେ । ଏକଚାଟିଆ ଲିଜ୍ ଦ୍ୱାରା ଏହାର ମୂଲ୍ୟ ମନଇଚ୍ଛା କରିହୁଏ । ଅହଲ୍ୟା ପ୍ରକୃତ ଦାମ ପାଏନି ମହୁଲ ଫୁଲର । ତା'କଥା ଚିନ୍ତା କରୁଥିବା ଲୋକେ ଦେଖନ୍ତି ଅହଲ୍ୟା ପ୍ରତି ଅନ୍ୟାୟ ହେଉଛି । ଫେରାଦ ହୁଅନ୍ତି ଉଚ୍ଚ ନ୍ୟାୟାଳୟରେ । ମାନ୍ୟବର ନ୍ୟାୟାଳୟ ଅହଲ୍ୟାର କଥା ଚିନ୍ତାକରନ୍ତି । ସରକାରଙ୍କୁ କହନ୍ତି ଏକଚାଟିଆ ଲିଜ୍ ବ୍ୟବସ୍ଥା ଅନୁଚିତ । ସରକାର ୧୯୯୭ ମାର୍ଚ୍ଚ ୫ ତାରିଖରେ ଏକଚାଟିଆ ଲିଜ୍ ଉଠେଇ ଦିଅନ୍ତି । ସ୍ଥାନୀୟ ବେପାରୀଙ୍କୁ, ଆଉ ବ୍ୟବସାୟିକ ପ୍ରତିଷ୍ଠାନଙ୍କୁ ଲିଜ୍ ଦିଅନ୍ତି । ମଣ୍ଡି ନାହିଁକି ବଜାର ନାହିଁ । ଯେତେ ଯାହା ହେଲା ଅହଲ୍ୟାଠାରୁ ସେ ମହୁଲ କିଣିଲା, ଯିଏ ଆଗରୁ କିଣୁଥିଲା । ଅହଲ୍ୟାକୁ ସେତେ ଟଙ୍କା ଦେଲା, ଯେତେ ସେ ଦେବାକୁ ଚାହିଁଲା ।

୧୯୯୯ରେ ସରକାର ଚିନ୍ତାକଲେ, ଅହଲ୍ୟାକୁ ମହୁଲ କେଜି ପିଛା ଅଧିକ ତିନିଟଙ୍କା ଦେବି । ମହୁଲର ଜାତୀୟକରଣ କଲେ । ଅହଲ୍ୟା ଖୁସି ହେଲା । ସେ ଲୋକଙ୍କୁ ମହୁଲ ବିକିଲା ଯାହାକୁ

ମହୁଲ ଗଛ

Digitized by srujanika@gmail.com

ଆଗରୁ ବିକୁଥିଲା, ସେତେ ଟଙ୍କା ପାଇଲା ଯେତେ ସେ ଲୋକ ଦେବାକୁ ଚାହିଁଲା । ଅହଲ୍ୟାର ଲାଭ ହେଲାନି । ଆଉ ସରକାର ବି ୩୦ କୋଟି ଟଙ୍କା କ୍ଷତି ସହିଲେ ବୋଲି ଅହଲ୍ୟା ଶୁଣିଲା ।

ଦେଶର ଅନ୍ୟ ରାଜ୍ୟରେ ପଞ୍ଚାୟତ ପାଇଁ ରାଜ୍ୟ ଆଇନ ସଂଶୋଧନ ହେଲା । ଓଡ଼ିଶା ଏ କାମ ତିନିବର୍ଷ ବିଳମ୍ବରେ ୨୦୦୦ମାର୍ଚ୍ଚ ମାସରେ କଲା । ଅହଲ୍ୟାର ଗ୍ରାମ ପଞ୍ଚାୟତକୁ ୬୦ଟି ବନଜାତ ଦ୍ରବ୍ୟର ମାଲିକାନା ଦେଲା ଓ ସାତଟି ଶାଳ, ଟୋଲ, କୁସୁମ, କରଞ୍ଜ, ନିମ, ଚାକୁଣ୍ଡା, ଆଉ ବବୁଲକୁ ନିଜ ପାଖରେ ରଖିଲା । ସରକାରଙ୍କୁ ଲୋକେ ଚାହିଁଚାପରା କଲେ । ସରକାର ସବୁ ଲଘୁବନଜାତ ଦ୍ରବ୍ୟକୁ ଗ୍ରାମପଞ୍ଚାୟତକୁ ଦେଇଦେଲେ । ଅହଲ୍ୟା ସେ ଲୋକକୁ ମହୁଲ ବିକିଲା ଯାହାକୁ ଆଗରୁ ବିକୁଥିଲା । ସେତେ ଟଙ୍କା ପାଇଲା, ଯେତେ ସେ ଲୋକ ଦେବାକୁ ଚାହିଁଲା ।

ଅହଲ୍ୟା ଖାସବାହାଲ ଗ୍ରାମ ପଞ୍ଚାୟତ ସାରା ବୁଲିଲା । ସେ ସ୍ୱୟଂ ସହାୟକ ଦଳ କରିବାକୁ ପ୍ରବର୍ତ୍ତାଇଥିବା ମହିଳାମାନଙ୍କୁ ଏକଜୁଟ କଲା । ମହିଳା ମଣ୍ଡଳ ତିଆରି କଲା । ଗୋଟିଏ ପରେ ଗୋଟିଏ ଦଳ ଆସି ତା'ର ମହିଳା ମଣ୍ଡଳରେ ସାମିଲ ହେଲେ । ତା'ର ନିଜ ଗ୍ରାମ ପଞ୍ଚାୟତ ଖାସବାହାଲ ସମେତ ରାନୀମୁଣ୍ଡା ଆଉ ସରଧାପୁର ଗ୍ରାମପଞ୍ଚାୟତର ଦଳମାନ ଆସି ଯୋଗଦେଲେ । ମହିଳା ମଣ୍ଡଳରେ ୧୦୫ଟି ଦଳ ସାମିଲ ହେଲେ । ଗୋଟିଏ ଖାତାରେ ସମସ୍ତଙ୍କ ନାଁ, ଗାଁ, ବୟସ ଓ ବୃତ୍ତି ଲେଖାଗଲା । ଅହଲ୍ୟା ଆଶ୍ଚର୍ଯ୍ୟ ହୋଇଗଲା । ରହି ପାରିଲାନି ଶାନ୍ତିରେ । ଯେଉଁମାନଙ୍କ ମଙ୍ଗଳ ଚିନ୍ତାକରି ଗାଁ ଗାଁ ବୁଲି ସ୍ୱୟଂ ସହାୟକ ଦଳ ଗଠନ କରିବାକୁ କହୁଥିବା ଅହଲ୍ୟା; ଗାଁ ମାଇପଙ୍କୁ ସପନର ପଗୁଆ ଧରଉଥିବା ଅହଲ୍ୟା ଦେଖିଲା ସେ ମହିଳାମାନଙ୍କ ସପନ ତ ସରିଯାଇଛି କେଉଁକାଳୁ । ବୟସର ସ୍ୱାଦ ଚାଖିନଥିବା, ଖୁଦର ଖାପେ ଖାଇନଥିବା ଯୁବତୀମାନେ ବିଧବା । ଏମାନଙ୍କ ସଂଖ୍ୟା କାଁ ଭାଁ ଥିଲେ ଚିନ୍ତାର କାରଣ ନଥିଲା । ଏମାନଙ୍କ ସଂଖ୍ୟା ସବୁଠୁ ଅଧିକ ଆଉ ଅନୁପାତ ଅଙ୍କରେ ତା' ଗ୍ରାମ ପଞ୍ଚାୟତରେ ଅଧିକ ।

ଅସ୍ତବ୍ୟସ୍ତ ହୋଇଗଲା ଅହଲ୍ୟା । ଏମାନଙ୍କୁ କି ସପନ ଦେବ ? କଣ କହି ପ୍ରବୋଧିବ । କାହିଁକି ଗଢ଼ିବ ସ୍ୱୟଂ ସହାୟକ ଦଳ ? କାହିଁକି କରିବ ମହିଳା ମଣ୍ଡଳ ? କଣ ହେବ ଏ ସବୁରେ ? ସମସ୍ତେ ତାର ଝିଅ ବୟସର । ସମସ୍ତେ ବୟସ ଆଉ ସଂସାରର ବୋଝ ବୋହି ଚାଲୁଛନ୍ତି ଅନିଶ୍ଚିତ ଆଡ଼କୁ । ବିବ୍ରତ ଅହଲ୍ୟା ଦିନେ ସକାଳୁ ପହଞ୍ଚିଲା ସ୍ୱାମୀସହ ସାଇକେଲରେ ଦୋହଲପଡ଼ା ଗାଁର କେଶବ ବେହେରାଙ୍କ ଘରକୁ । ଜୁହାର ହେଲା । କହିଲା ଆଜ୍ଞା । ଆପଣ ତ ଆମର ବ୍ଲକ୍‌ର ଚେରମେନ୍ ଥିଲେ । ନୂଆପଡ଼ା ଜିଲ୍ଲାର ବଡ଼ ନେତାମାନଙ୍କ ଭିତରୁ ଆପଣ ଜଣେ । ଆପଣଙ୍କର ଘରକେ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖର ବି ଆସିଛନ୍ । ଆପଣଙ୍କର ପରି ବଡ଼ଲୋକ ମୋର କାମ ନେଇ କଲେ, କରିବା କିଏ ?

ଅହଲ୍ୟା ତଥ୍ୟମାଗେ ନୂଆପଡ଼ା ଜିଲ୍ଲାର ବିଧବା କେତେ ଅଛନ୍ତି ପଞ୍ଚାୟତଓ୍ୱାରୀ ।

ଏ ତଥ୍ୟ ମିଳିଯାଏ ତାକୁ । ଆହୁରି ଅନେକ ତଥ୍ୟ ସଂଗ୍ରହହୁଏ ତା'ପାଇଁ । ସେ ଆଶ୍ଚର୍ଯ୍ୟ ହୋଇଯାଏ । ଦୁଃଖକରେ, ତାର ଗ୍ରାମ ପଞ୍ଚାୟତରେ ହିଁ ସର୍ବାଧିକ ଯୁବା ବିଧବା । ଜିଲ୍ଲାର ଅନେକ ଜାଗା ବୁଲେ । ନିଜର ବୁଦ୍ଧିରେ କଳନା କରେ । ଧିରେ ଧିରେ ତାର ଶଙ୍କା କେନ୍ଦ୍ରିତ ହୁଏ ଗୋଟିଏ ବିନ୍ଦୁରେ । ଏଠାରେ ମଦକୋଠି ସଂଖ୍ୟା ଅଧିକ । ଲୁକାଚୋରାରେ ଅନେକ ଲୋକ ମଦ ରାନ୍ଧୁଛନ୍ତି ,

Digitized by srujanika@gmail.com

## ମହୁଲ ଫୁଲ

ବିକୁଛନ୍ତି । ଏହାକୁ ପିଉଛନ୍ତି, ଲୋକମାନେ ଜୁଆ ଖେଳୁଛନ୍ତି, କାମ କରୁନାହାନ୍ତି । ଏମାନଙ୍କ ରାଗରୋଷ ସବୁ ପଡୁଛି ଘରର ମାଇପ ଉପରେ ।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ କହେ ବିଶ୍ୱର ମଦୁଆ ଦେଶମାନଙ୍କ ହିସାବରେ ୧୮୪ଟି ଦେଶରୁ ଭାରତ ୧୫୦ସଂଖ୍ୟାରେ ଅଛି । ଓଡ଼ିଶାରେ ୪ କୋଟି ଲୋକ । ଏଠାରେ ଭାରତରେ ତିଆରି ବିଦେଶୀ ମଦ ଦେଢ଼କୋଟି ଲିଟର, ଦୁଇକୋଟି ଲିଟର ବିଅର, ୫୫ଲକ୍ଷ ଲିଟର ଦେଶୀମଦ ଓ ୨ କୋଟି ଲିଟର ମହୁଲି ମଦ ତିଆରି ହୁଏ । ତାଡ଼ି, ସଲପ କି ଖାସବାହାଲ ଗାଁରେ ରାନ୍ଧୁଥିବା ମଦ ମିଶିକରି ଆଠକୋଟି ଲିଟର । ଆଇନ ଓ ବେଆଇନରେ ତିଆରି ମଦକୁ ମିଶେଇଲେ ବର୍ଷକୁ ଚାରି କୋଟି ଲୋକ ଆଠକୋଟି ଲିଟର ମଦ ପିଅନ୍ତି । ଜଣେ ଲୋକ ଦୁଇ ଲିଟର । ଦିଲ୍ଲୀ, ଚଣ୍ଡିଗଡ଼ ଓ ପଣ୍ଡିଚେରୀରେ ଜଣେ ଲୋକ ୭ ଲିଟର ମଦପିଏ; ପଞ୍ଜାବ, ହରିଆଣା, ସିକିମ୍ ଓ କର୍ଣ୍ଣାଟକରେ ୬ ଲିଟର; ଆନ୍ଧ୍ର, ତାମିଲନାଡୁ ଓ କେରଳରେ ୫ ଲିଟର । ଓଡ଼ିଶାରେ ଦୁଇ ଲିଟର ଅତିକମ୍ । ଅହଲ୍ୟା ହିସାବକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପୁରୀ ବଡ଼ପଣ୍ଡା, କେଶବ ବେହେରା ଓ ତା' ସ୍ୱାମୀ ମଦ ପିଅନ୍ତି ନାହିଁ । ଏମାନଙ୍କ ଭାଗର ମଦ କିଏ ପିଉଛି ? ଛୁଆପିଲା ଓ ମାଇପମାନଙ୍କ ମଦ କିଏ ପିଉଛି ? ଏମାନଙ୍କ ଭାଗର ସବୁ ମଦକୁ ଖାସ୍‌ବାହାଲରେ ଅଜାଡ଼ି ଦେଉଛନ୍ତି ଯେପରି ।

ଗୋଆରେ ଲକ୍ଷେ ଲୋକରେ ୫୯୩, ଦିଲ୍ଲୀରେ ୨୯୯, ସିକିମରେ ୧୧୫, କର୍ଣ୍ଣାଟକରେ ୨୭, ମହାରାଷ୍ଟ୍ରରେ ୧୮, ପଞ୍ଜାବରେ ୧୭, କେରଳରେ ୧୪, ରାଜସ୍ଥାନରେ ୧୦, ଉତ୍ତରପ୍ରଦେଶ, ବିହାରରେ ୬; ପଶ୍ଚିମବଙ୍ଗ ଓ ଛତିଶଗଡ଼ରେ ପାଞ୍ଚଟି ମଦଦୋକାନ ସରକାରଙ୍କ ଅନୁମତିରେ ଥିବାବେଳେ ଓଡ଼ିଶାରେ ଚାରିଟି । କିନ୍ତୁ ଖାସବାହାଲରେ ଶହେ ଲୋକରେ ପାଞ୍ଚଟି ଦୋକାନ । ବ୍ୟତିବ୍ୟସ୍ତ କରେ ଅହଲ୍ୟାକୁ । ସଂଖ୍ୟାର ସବୁ ଗଣିତ ଫେଲ୍ ହୁଏ ଖାସବାହାଲରେ । ମଦ ହିଁ ମୃତ୍ୟୁର କାରଣ । ୧୯୯୨ ମଇ ୯ ତାରିଖ ଦିନ କଟକରେ ବିଷାକ୍ତ ମଦ ପିଇ ୨୦୦ ଲୋକ ପ୍ରାଣ ହରାନ୍ତି । ଅବକାରୀ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ଇସ୍ତଫା ଦିଅନ୍ତି । ବିଜୁବାବୁ ତାକୁ ଗ୍ରହଣ ସିନା କଲେ ନାହିଁ, ହେଲେ ସମୟାନ୍ତରରେ ସମସ୍ତ ମଦଭାଟି ବନ୍ଦ ରହିଲା । ଅହଲ୍ୟା ମହୁଲ ବିକିଲା ସେ ଲୋକଙ୍କୁ, ଯାହାକୁ ବିକି ଆସୁଥିଲା । ଖାସବାହାଲ ସବୁ ଗଣିତକୁ ପୂର୍ବପରି ଫେଲ୍ କରି

Digitized by srujanika@gmail.com

ମଦଦୋକାନ ଚାଲିଲା । ବହୁତ ଲାଭକଲା ଦୋକାନମାନ । ସରକାର ବଦଳିଲା- ନିୟମ ବଦଳିଲା । ମହୁଲୀ ଭାଟି ଚାଲିଲା । ଖାସବାହାଲରେ କିଛି ବଦଳିଲା ନାହିଁ । ଏଠାରେ ବିଧବା ସଂଖ୍ୟା ବଢ଼ିଲେ । ମଦ ଖାଇଗଲା ଖାସବାହାଲର ଅନେକ ଯୁବାପୁଅ । ବିଧବାମାନଙ୍କ ଲୁହରେ ଭାସିଲା ମଦମୃତ୍ୟୁର ମଡ଼ା । ଏତେ କଷ୍ଟ ସତ୍ତ୍ୱେ କେଉଁ ଅବକାରୀ ମନ୍ତ୍ରୀ ଇସ୍ତଫା ଦେବାର ତ ଦୂରର କଥା, ସମବେଦନା ବି ଦେଲେନି । ସେମାନେ ଜାଣିପାରିଲେନି ଖାସବାହାଲ କ୍ରମାଗତ ମଦମୃତ୍ୟୁର ଖବର ।

ଅହଲ୍ୟାକୁ ଅପରାଧୀ, ଅପରାଧୀ ଲାଗିଲା । ମଲାଲୋକ ତ ବଞ୍ଚିବେନି । ସେ ଯେଉଁ ସପନ ଦେଉଛି ମା'ମାନଙ୍କ ହାତରେ, ତାକୁ ପ୍ରଚାର କରିବ । ସେ ବୁଲିଲା ଘର ଘର । କହିଲା ତା'ର ସପନର କଥା । କହିଲା ତା'ର ସପନକୁ ଖାଇ ଯାଉଥିବା ମଦର କଥା । ମହୁଲ ଗୋଟେଇଲା । ସେ ଲୋକକୁ ଯାହାକୁ ବିକୁଥିଲା, ସେତେ ଟଙ୍କା ପାଇଲା ଯେତେ ସେ ଲୋକ ଦେବାକୁ ଚାହିଁଲା । ଟୋଳ ଆଣିଲା । ତେଲ କଲା । ତେଲରେ ପିଠାପଣା କଲା । ଶାଗ ରାନ୍ଧିଲା । ମହୁଲ ବଳକା ରଖିଲା, ଲଡୁ କଲା । ଆଉ କେଜିଏ ମହୁଲରେ ସାତଶହ ପଚାଶଗ୍ରାମ ଗୁଡ଼ ତିଆରିଲା । ଏ' କାମ ଥିଲା ପରମ୍ପରାଗତ । ଏହାର ହିସାବ ଅବକାରୀ ବିଭାଗର ଗଣିତ ଖାତାରେ ଲେଖାହୋଇ ପାରିଲାନି ।

ବଲାଙ୍ଗିର ପାଟଣା ଗୋଣ୍ଡ୍ ରାଜତ୍ୱରେ ପାଣି କିପରି ଲୋକଙ୍କ ଆଜ୍ଞାକାରୀ ଥିଲା । ଆକାଶ ମାନ ଗଲେ ବି କିପରି ପାଟଣାରାଜ୍ୟର ଚାଳିଶ ଭାଗ ଜମିର ଶୋଷ ମେଣ୍ଟଉଥିଲା । ଜଙ୍ଗଲ ଭିତରେ ପାଣି କିପରି ବ୍ୟବସ୍ଥିତ ହେଉଥିଲା । ଏକଥାକୁ ଟିକିନିଖି ଦେଖି ଲେଖୁଥାଏ ଜଣେ କଟକିଆ ସାମ୍ବାଦିକ ଲକ୍ଷ୍ମୀଧର ନାୟକ । ସେ ରାଜ୍ୟବାସୀଙ୍କୁ କହେ କାହିଁକି ବଲାଙ୍ଗିର-ନୂଆପଡ଼ା କି କଳାହାଣ୍ଡିର ଜଣେ ଲୋକ ସରପଞ୍ଚକୁ ଆରାଧନା କରି, ମହାଜନର ଋଣକରି ଇନ୍ଦିରା ଆବାସ ତିଆରେ । କାହିଁକି ଏ ପାଇଥିବା ଇନ୍ଦିରା ଆବାସରେ ତାଲା ପକେଇ ଆନ୍ଧ୍ରପ୍ରଦେଶ ପଳାଏ ଇଟାଗଡ଼ି ? କାହିଁକି ଓଡ଼ିଶାରେ ବନ୍ୟାହୁଏ ? କାହିଁକି ପଶ୍ଚିମ ଓଡ଼ିଶାର ଲୋକେ ନିଜ ପୂର୍ବଜଙ୍କ କଟା, ମୁଡ଼ା, ସରରେ ଚାଷ କରନ୍ତି ଆଉ ହୀରାକୁଦ, ଇନ୍ଦ୍ର ଆଉ ସୁକତେଲ ପାଇଁ ଜଗିବସନ୍ତି । କାଶିପୁରରେ କାହିଁକି ଲୋକେ କୋଇଲି ଓ ଗୁଚି ଖାଆନ୍ତି । ସମୁଦ୍ରରେ କେତେ ରତ୍ନ ଅଛି, ପାହାଡ଼ରେ କେତେ ଜୀବନ ଅଛି, ନଦୀରେ କେତେ ସଙ୍ଗୀତ ଅଛି । ମନରେ କେତେ ବିଷ ଅଛି ସବୁକୁ କହେ । ଜଗନ୍ନାଥଙ୍କୁ ଆଗତ ଅନାହାରରୁ ମୁକୁଳେଇବା ପାଇଁ ଇଷ୍ଟଭୃତି ଦାନ ଦିଏ । ଚଟାଣରେ ଶୁଏ ଆଉ ଚିନ୍ତାକରେ ମୋ ଓଡ଼ିଶାର ଲୋକ ଆନ୍ଧ୍ରରେ ଗୁଲଗୁଲା ହୋଇ ଇଟା ନ ତିଆରୁ । ସେ ଜାଣିନି ସେ କେତେ ସମ୍ପନ୍ନ । ଏ ଲୋକଟି ବୁଲୁ ବୁଲୁ ଖବର ପାଏ ଅହଲ୍ୟା ମହୁଲରେ ଗୁଡ଼ ତିଆରି ପାରେ । ମୟୂରଭଞ୍ଜର କେଉଁ ଅହଲ୍ୟାଠାରୁ ଗୁଡ଼ଟିକେ ମାଗିନିଏ । ତାର ଖାଦ୍ୟଗୁଣ ପରୀକ୍ଷା କରିବାକୁ । ଜାଣେ ଏଇଥିପାଇଁ ଚାରିଶହ ଟଙ୍କା ଦରକାର । ଟଙ୍କା ଖୋଜେ । ସଂସାରନାବ ଠେଲିବା ଖର୍ଚ୍ଚବାଦ ଚାରିଶହ ଟଙ୍କା ପାଇଁ ସପ୍ତାହେଲାଗେ ତାକୁ । ଏ ଭିତରେ ଅହଲ୍ୟାର ମହୁଲ ଗୁଡ଼କୁ ମୂଷା ଖାଇଦିଏ । ଚନ୍ଦକା ସୁନ୍ଦରୀକୁ କହେ, 'ଏକଇ ନାରୀ ତନୁ ଦୁଇ ଅମୃତ' ମହୁଲରେ ଦୁଇଟି ଜିନିଷ । ଗୋଟିଏ ଅମୃତ ଅନ୍ୟଟି ମୃତ । ମହୁଲର କବିତା ଲେଖିପାରେନି । ଚିନ୍ତାକରେ,ଦୁଃଖକରେ ଅହଲ୍ୟାର ଗୁଡ଼ କେବେ ଆଣିଯିବ ।

ଏଥିରେ ତା' ନିଜର କିଛି ଯାଏ କି ଆସେ, ଅହଲ୍ୟା ଜାଣିପାରେ ନାହିଁ । ସେ ମା'ମାନଙ୍କୁ କହେ କିପରି ମହୁଲ ଫୁଲ ବିଷ ବଜାରରେ ବୁଲି ବୁଲି ଖାସବାହାଲ ଲୋକଙ୍କୁ ଦଂଶୁଛି । ସମସ୍ତେ ବୁଝନ୍ତି । ସମସ୍ତଙ୍କୁ ବୁଝାନ୍ତି ମା'ମାନେ । ସେମାନେ ବି ବୁଝନ୍ତି ଯେଉଁମାନେ ମଦ ପିଅନ୍ତି ଆଉ

Digitized by srujanika@gmail.com

ସେମାନେ ବି ବୁଝନ୍ତି ଯେଉଁମାନେ ମଦ ରାନ୍ଧନ୍ତି । ପଶ୍ଚିମ ଓଡ଼ିଶାରେ ବର୍ଷର ଦ୍ୱିତୀୟ ଥର ମାତାଲ ହୁଅନ୍ତି ଲୋକେ ଖୋଲାଖୋଲି । ପ୍ରଥମଥର ପୁଷ୍ପୁନୀ ଓ ଦ୍ୱିତୀୟ ଥର ନୂଆଖାଇ ବାସିଦିନ । ୨୦୦୪ମସିହା ନୂଆଖାଇ ବାସିରେ ଖାସବାହାଲ ଗ୍ରାମ ପଞ୍ଚାୟତର ଲୋକେ ମଦ ପିଇଲେ ନାହିଁ । ଅହଲ୍ୟା ଖୁସି ହେଲା । ଲୋକେ ଆଶ୍ଚର୍ଯ୍ୟ ହେଲେ । ସମସ୍ତେ ଦେଖିଲେ ଖାସବାହାଲ ଗ୍ରାମ ପଞ୍ଚାୟତଆଡ଼କୁ । ଅହଲ୍ୟା ଖୁସିରେ ଶୋଇପାରିଲା ନାହିଁ । ତାର ପରିଶ୍ରମ ସଫଳ ହେଲା ।

ଅହଲ୍ୟା କିନ୍ତୁ ଜାଣି ପାରିଲା ନାହିଁ ଏଥିଲାଗି କେଉଁମାନଙ୍କ କ୍ଷତି ହେଲା । ମଦ ସହ ମିଶିଥିବା ଗୋଟିଏ ସୂତ୍ର ଛିଣ୍ଡିଗଲା ଖାସବାହାଲ ଅଞ୍ଚଳରୁ । ଖାସବାହାଲ ସଙ୍ଗେ ମିଶିଗଲା ରାନୀମୁଡ଼ା ଆଉ ସରଧାପୁର ଗ୍ରାମ ପଞ୍ଚାୟତ । ଅନେକ ସ୍ଥାନରେ ମଦଭାଟି ରହେ । ଏହି ଭାଟିମାନେ ଦୂର ଗାଁ ମାନଙ୍କରେ ଗୋଟିଏ ଗୋଟିଏ ଖୁଚୁରା ବିକ୍ରେତା ରଖନ୍ତି । ଭାଟିର ଅଜାଣତରେ କିଏ କେଉଁ ଗାଁରେ ଖୁଚୁରା ମଦ ବିକେ କି ନିଜେ ତିଆରି କରି ବିକେ, ତା'ହେଲେ ଭାଟିରୁ ଖବର ପାଇ ଅବକାରୀ ବିଭାଗ ଚଢ଼ଉ କରନ୍ତି । ସେମାନଙ୍କୁ ଧରନ୍ତି ଯେଉଁମାନେ ଭାଟିବାଲାର ବ୍ୟକ୍ତିଗତ ସ୍ୱୀକୃତି ନେଇ ନଥାନ୍ତି । ଏ ଖୁଚୁରା ବିକ୍ରୟ କେନ୍ଦ୍ର କୁଠି ନାମରେ ପରିଚିତ ହୁଏ । ଏହି କୁଠି ଭ୍ରଷ୍ଟ ପୋଲିସ ଅଧିକାରୀଙ୍କ ସୂଚନାକେନ୍ଦ୍ର ଭାବରେ କାମକରେ । ଲୋକେ ଏଠାରେ ମଦ ପିଅନ୍ତି । ଭଲମନ୍ଦ କଥା ହୁଅନ୍ତି । ଏ କୁଠିରେ ପୋଲିସର ଏଜେଣ୍ଟ ଖବର ସଂଗ୍ରହ କରେ । ଦରକାର ପଡ଼ିଲେ ସାମାନ୍ୟ ମନୋମାଳିନ୍ୟକୁ ଝଗଡ଼ାର ରୂପ ଦିଏ । ଥାନାରେ କେଶ୍ କରାଏ । ପୋଲିସକୁ ଖବର ଦିଏ ଆଉ ଆୟ ବି । ଭୋଟ ବେଳେ ଏପରି କୁଠିମାନଙ୍କ ଅବସ୍ଥିତି ହିଁ ପୋଲିସ ପେଟ୍ରୋଲିଂର ନକ୍ସା ହୁଏ । ଏହିପରି ପୋଲିସ୍ ଅପ୍ରୀତିକର ପରିସ୍ଥିତିର ନିୟନ୍ତ୍ରଣ ବି କରିପାରେ ।

ଏପରି ଅନେକ ବ୍ୟବସ୍ଥିତ ପରମ୍ପରାରୁ ବିଚ୍ଛିନ୍ନ ହୋଇଗଲା ଅହଲ୍ୟାର ତିନୋଟି ଗ୍ରାମ ପଞ୍ଚାୟତ । ଅଞ୍ଚଳରୁ ମଦବନ୍ଦ ହୋଇଗଲା ପରେ ମହୁଲ ବେଟୁଥିବା ଅହଲ୍ୟାମାନେ ଘରେ ଟଙ୍କା ରଖିଲେ । ମହୁଲର ଟଙ୍କା ରହିବା ସହ ସେ ଟଙ୍କା ବି ରହିଗଲା ଯାହା ଅନ୍ୟ ପନ୍ଥାରୁ ଆୟ ହୋଇଥିଲା । ଅହଲ୍ୟା କେଜିଏ ମହୁଲ ବିକି ପାଏ ପାଞ୍ଚଟଙ୍କା । ସେ ମହୁଲରେ ତିଆରି ମଦକୁ କିଣେ କୋଡ଼ିଏ ଟଙ୍କାରେ । ଏପରି କ୍ରମାଗତ ଅହଲ୍ୟାମାନେ ଘରୁ ପଇସା ଦିଅନ୍ତି । ଯେଉଁ ଅହଲ୍ୟାମାନେ ମହୁଲ ନ ଗୋଟେଇ ଶ୍ରମକରନ୍ତି, ସେମାନଙ୍କ ଅବସ୍ଥା କଣ ହେଉଥିବ । ମୁଣ୍ଡପିଛା ଆୟ ଓଡ଼ିଶାରେ ୧୬ ଟଙ୍କା । ଶହେରୁ ଅଶି ପରିବାର ଦିନକୁ ଖର୍ଚ୍ଚ କୋଡ଼ିଏ ଟଙ୍କାରୁ ବି କମ । ଏହି ପରିସ୍ଥିତିରେ ମଦ କଣ କରୁ ନଥିବ । ଓଡ଼ିଶାରେ ଦୁଇକୋଟି ଲିଟର ମଦ ପ୍ରସ୍ତୁତି ପଛରେ କେତେ ଅହଲ୍ୟାର ପରିବାର ମହୁଲ ଗୋଟେଇ, ଶୁଖେଇ କୁଟିଆକୁ ଦେଉଥିବେ । ଏ ଅର୍ଥନୀତି ଟିକିଏ ଭାବିଲେ ସ୍ପଷ୍ଟ ହୋଇଯିବ । ଏହା ହିଁ ନିୟତ ପ୍ରାୟ ହୋଇଯାଏ ଅହଲ୍ୟାମାନଙ୍କ ନିକଟରେ । ଲକ୍ଷ୍ମୀଧର ନାୟକ ରଖିଥିବା ଗୁଡ଼ ମୂଷା ଖାଇଗଲା । ମହୁଲର ଖାଦ୍ୟଗୁଣ ଅଛି । ମଣିଷ ପାଇଁ, ଗାଈପାଇଁ ; ଏକଥା ଲକ୍ଷ୍ମୀଧର ନାୟକ ଜାଣିଲା, ବଡ଼ ବଡ଼ ବିସ୍କୁଟ କମ୍ପାନିକୁ ଚିଠି ଲେଖିଲା । ଉତ୍ତର ଆସିଲାନି ।

ଉତ୍ତର ଆସିଲାନି ଅହଲ୍ୟା ପାଖକୁ । ନାୟକ ବାବୁ ଶୁଣେଇ ପାରିଲାନି ଅହଲ୍ୟାକୁ ତା' ସ୍ୱାମୀ କରୁଥିବା ପରିବା ଘରେ ଘରେ ଅନ୍ନ ହୁଏ । ତା' ଗୋଟାଉଥିବା ମହୁଲ ଦେଶ ବିଦେଶରେ ବିସ୍କୁଟ୍ ହେବ । ମଦର ତାଣ୍ଡବ ଖାସବାହାଲରେ ହେବନି, ଅନ୍ନପୂର୍ଣ୍ଣାର ଆଶୀର୍ବାଦ ହୋଇ ପେଟ ଭରିବ । ଲୋକେ ସବଳ ହେବେ । ତୋ'ଘରକୁ ସେ ସ୍ୱପ୍ନମାନ ଆସିବେ ଯାହାକୁ ତୁ ଖୋଜୁଛୁ, ତୋ ଛୋଟ

Digitized by srujanika@gmail.com

ଛୋଟ ଦଳମାନଙ୍କୁ ନେଇ । ବେପାରୀ ଦେଖିଲା ଗୋଟିଏ ବଡ଼ ଅଞ୍ଚଳରେ ମଦ ବେପାର ବନ୍ଦ ହୋଇଗଲା । କୁଠି ବନ୍ଦ ହେଲା । ମଦୁଆ ମଦ ପାଇଲେ ଅହଲ୍ୟାର ତାକତ ରହିବନି । ତାର ମାନ୍ୟତା ଗଡ଼ିବ ଖାସବାହାଲ ଦାଣ୍ଡରେ । ଖଡ଼ିଆଳ ଭାଟି ଅଧିନରେ ଗୋଟିଏ ବିକ୍ରୟକେନ୍ଦ୍ର ଚଟରାଭଟା ଗାଁରେ ଖୋଲାଯିବାର ଅନୁମତି ମିଳିଲା । ଅହଲ୍ୟାର ସଙ୍ଗଠନ ଏହାକୁ ବିରୋଧ କଲା । ସରପଞ୍ଚଙ୍କଠାରୁ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଚିଠି ଲେଖାହେଲା । ଫଳ କିଛି ହେଲାନି,ବିକ୍ରୟକେନ୍ଦ୍ର ଖୋଲିଲା । କାହାର କିଛି କରିବାର ନ ଥିଲା । ତିନୋଟି ପଞ୍ଚାୟତର ମହିଳାମାନେ ଏକତ୍ରିତ ହୋଇ ଚଟରାଭଟା ମଦ ବିକ୍ରୟ କେନ୍ଦ୍ରକୁ ଭାଙ୍ଗିଦେଲେ । ଏହା ପୂର୍ବରୁ ନୂଆପଡ଼ା ତରବୋଡ଼ ମଦଭାଟି ଭାଙ୍ଗିଥିଲେ ସେଠାକାର କ୍ରୁଦ୍ଧ ମହିଳାମାନେ । କାରଣ ଧରପଗଡ଼ ନାଁ ରେ ଅବକାରୀ ବିଭାଗ ଓ କୋମନା ପୋଲିସ ଜଣେ ଝିଅ ଓ ଜଣେ ମହିଳା ପ୍ରତି ଅସଦାଚରଣ କରିଥିଲେ । ୨୦୦୫ ମାର୍ଚ୍ଚ ୨୫ ତାରିଖ ଏହି ଘଟଣାର ପୁନରାବୃତ୍ତି ହେଲା ଚଟରାଭଟାରେ । ମାସେ ପରେ ଏପ୍ରିଲ ୧୩ ତାରିଖ ଭୋରରୁ ଅହଲ୍ୟାକୁ ଗିରଫ କରାଗଲା । ଏହାର ପ୍ରତିବାଦରେ ୧୪ ତାରିଖ ଦିନ ହଜାର ହଜାର ମହିଳା ଖଡ଼ିଆଳ-ଭବାନୀପାଟଣା ରାଜରାସ୍ତା ବନ୍ଦ କଲେ । ଏହିଦିନ ତହସିଲଦାର ନିଜେ ଚଟରାଭଟା ବିକ୍ରୟକେନ୍ଦ୍ର ବନ୍ଦ କରିବାର ପ୍ରତିଶ୍ରୁତି ଦେଲେ । ୨୪ତାରିଖ ଅହଲ୍ୟାକୁ ଜାମିନ ମିଳିଲା ।

ଗତ ରଥଯାତ୍ରା ଦିନ ଏହି ବ୍ରାଣ୍ଡ ପୁଣି ଚାଲିଲା । ୫ ମଇ ୨୦୦୮ ଦିନ ତିନୋଟି ଗ୍ରାମପଞ୍ଚାୟତର ମହିଳାମାନେ ଖଡ଼ିଆଳ-ଭବାନୀପାଟଣା ରାଜରାସ୍ତା ପୁଣି ଅବରୋଧ କଲେ । ଏଥର ଅବକାରୀ ବିଭାଗ ପ୍ରତିଶ୍ରୁତି ଦେଲେ ବିକ୍ରୟକେନ୍ଦ୍ର ବନ୍ଦ ରହିବ । ପରେ ଏହା ପୁଣି ଖୋଲିଲା ।

ଏହି ଖୋଲିବା, ବନ୍ଦ ହେବାର ପ୍ରକ୍ରିୟା ଅନବରତ ଚାଲିବ । ଅହଲ୍ୟାକୁ ଡରଉଥିବା ମଦ ଅସୁର ଯାହାକୁ ସକାଳୁ ଉଠିଲେ ଦେଖେ ଅହଲ୍ୟା ମହୁଲଗଛ ତଳେ, ଯୁବା ବିଧବାର ଆଖିରେ, ଖାସବାହାଲ ଗାଁର ଦ୍ୱାରେ ଦ୍ୱାରେ । ଅହଲ୍ୟା ନିଜର ସଂସାର ଚଳେଇବ, ମହୁଲ ଗୋଟେଇବ । ସେ ଲୋକଙ୍କୁ ବିକିବ, ଯାହାକୁ ବିକୁଥିଲା । ସେତିକି ପାଇବ, ଯେତେ ସେ ଲୋକଦେବାକୁ ଚାହିଁବ । ନିଆଁ ଜାଳିବା ପରି ନିତିଦିନିଆ କାମ ହୋଇଯିବ ଅହଲ୍ୟାର, ଅସୁରକୁ ତଡ଼ିବା । ଅସୁର ଯିବ, ଆସିବ । ନିଆଁ ନଜାଳିଲେ ପରିବାର ଭୋକରେ ମରିବ । ଲକ୍ଷ୍ମୀଧରର ସାତ ଦିନକୁ ମୂଷା ଖାଇଯିବ । ଅହଲ୍ୟାର ଯୁଗ ଯୁଗକୁ ମଦ । ଦୁହେଁ ଚିନ୍ତା କରିବେ । ଜଣେ ରାଜଧାନୀରେ ଅହଲ୍ୟାର କଥା ଚିନ୍ତାକରିବ । ଅହଲ୍ୟା ଚିନ୍ତା କରିବ, ଖାସବାହାଲରେ ଖାସବାହାଲର କଥା । ଲକ୍ଷ୍ମୀଧର ବିସ୍କୁଟବାଲାର ଚିଠିକୁ ଟାକିବ । ଅହଲ୍ୟାର ଗୁଡ଼କୁ ଟାକିବ । ଅହଲ୍ୟା କିନ୍ତୁ କାହାକୁ ଟାକିବନି । ନା ଲକ୍ଷ୍ମୀଧରକୁ ନା ସରକାରକୁ । ସେ ଘର ଘର ବୁଲି ମାଇପମାନଙ୍କୁ ବୁଝେଇବ ଭଲମନ୍ଦ କଥା । ଭାଟି ଭାଙ୍ଗିବ । ଅସୁରକୁ ତଡ଼ିବ ।

❑❑❑

Digitized by srujanika@gmail.com

# ୧୭

# ବଜାର

'ଶତାବ୍ଦୀ' ୧୫, ଡିସେମ୍ବର ୨୦୦୦ ସଂଖ୍ୟାରେ ଦାଦନ ଶ୍ରମିକ ସମସ୍ୟା ଉପରେ ମୋର ଏକ ରିପୋର୍ଟ ପ୍ରକାଶ ପାଇଥିଲା । ଏଥିରେ କଳାଟଙ୍କାର କିଛି ମାଧମ ଓ ତାର ଆନୁମାନିକ ତାଲିକା ଦିଆଯାଇଥିଲା । ତାହାହେଲା...

ଶ୍ରମିକ ଚାଲାଣ - ପ୍ରତି ଶ୍ରମିକ ୨ହଜାର ଟଙ୍କା ହିସାବରେ ହାରାହାରି ୩ ଲକ୍ଷ ଶ୍ରମିକମାନଙ୍କ ବାବଦରେ ୬୦କୋଟି ଟଙ୍କା ସର୍ଦ୍ଦାରମାନେ ଆଣନ୍ତି । ହାଇଦ୍ରାବାଦ ପହୁଞ୍ଚାଇବାପାଇଁ ଜଣେ ଶ୍ରମିକଙ୍କୁ ୬୦୦ ଟଙ୍କା ଖର୍ଚ୍ଚ ହୁଏ ଓ ପୋଲିସ, ଗାଁ କମିଟି, କ୍ଲବ୍ ଓ ଟାଉଟରଙ୍କ ପିଛା ୪୦୦ଟଙ୍କା ଖର୍ଚ୍ଚ ହୁଏ । ଲାଭ ପ୍ରତି ଶ୍ରମିକ ୧୦୦୦ଟଙ୍କା । ମୋଟ ୩୦କୋଟି ଟଙ୍କା ।

ସାଧାରଣ ବଣ୍ଟନ ବ୍ୟବସ୍ଥା - ମୋଟ ଲାଭ୍ ଚାଉଳରୁ - ୩କୋଟି, ଚିନିରୁ ୨୪ଲକ୍ଷ ଓ କିରାସିନିରୁ ୪୮ ଲକ୍ଷ । ମୋଟ ୩.୭୨ କୋଟି ଟଙ୍କା ।

ସୁଧ - ପାଖାପାଖି ୧୦ କୋଟି ଟଙ୍କାର ସୁଧ କାରବାର ହୁଏ । ପ୍ରତିମାସ ୧୦ ପ୍ରତିଶତ ହିସାବରେ ବର୍ଷକୁ ୧୨କୋଟି ଟଙ୍କା ।

ବଜାର - ଟିକସ ଫାଙ୍କି ଇତ୍ୟାଦିରୁ ୧୦୦ କୋଟି ଟଙ୍କାର ବ୍ୟବସାୟ ହୁଏ । ୧୦ ପ୍ରତିଶତ ଲାଭରେ ମୋଟ ୧୦କୋଟି ଟଙ୍କା ।

ସରକାରୀ କାମ - ୨୫ କୋଟି ଟଙ୍କାର କାମ ହୁଏ । ଫାଙ୍କା ଯାଏ ୧୨ ପ୍ରତିଶତ କମିସନ । ଲାଭ - ୩କୋଟି ଟଙ୍କା ।

ଜଙ୍ଗଲ - ୧୫କୋଟି ଟଙ୍କାର କାଠ, ଗଞ୍ଜେଇ, ବନ୍ୟଜନ୍ତୁ, ଲଘୁ ବନଜାତ ଦ୍ରବ୍ୟ ଇତ୍ୟାଦି ।

ମୂଲ୍ୟବାନ ପଥର - ୧୦୦କୋଟି ଟଙ୍କାର କାରବାରରୁ ଏ ଅଞ୍ଚଳକୁ ମିଳେ ୨୫କୋଟି ।

ମଦ - ବର୍ଷକୁ ୧କୋଟି ଟଙ୍କା ଲାଭ ।

ମୋଟ - ୧୦୦କୋଟି ଟଙ୍କା ।

ସରକାରୀ କର୍ମଚାରୀ ଏବଂ ଅସାଧୁ ବ୍ୟବସାୟୀଙ୍କ ଏକ ବ୍ୟବସ୍ଥିତ ସମ୍ପର୍କ ଏହି ଟଙ୍କାକୁ ନିଜ

Digitized by srujanika@gmail.com

ଅକ୍ତିଆରରେ ରଖନ୍ତି । ଏହି ଟଙ୍କା ସଂଗ୍ରହ ହୁଏ ସାଧାରଣ ଲୋକଙ୍କ ସମ୍ପଦାରୁ । ଏହି ସାରଣୀ ପାଖାପାଖି ଗୋଟିଏ ଦଶନ୍ଧି ପୁରୁଣା । ଏହା ଗୋଟିଏ ସୀମିତ ଅଞ୍ଚଳର ପରିସଂଖ୍ୟାନ ଅଟେ କେବଳ ।

ଏପରି କାହିଁକି ହୁଏ ? ଏ ପ୍ରଶ୍ନ ଉପରେ ଅନେକ ପ୍ରଶ୍ନ ଉଠିବ ସିନା; କିନ୍ତୁ ଏହା ହେଇ ଆସୁଅଛି, ଏଇଟା ହିଁ ସତ୍ୟ । ଏ ସତ୍ୟ ସେତେ ପୁରୁଣା ନୁହେଁ ।

ଯେଉଁ ଭୌଗଳିକ ଅଞ୍ଚଳର କଥା ମୁଁ କହୁଛି ସେଠାରେ ସମ୍ପତ୍ତି ରଖିବା ଅପରାଧ ନଥିଲା । ଏହା ବିପଦ ଥିଲା । ଚୋର ଡକାୟତ ନେଇ ଯିବାର ଭୟ ଅଥବା ରାଜା ନେଇ ଯିବାର ଭୟ । ତେଣୁ ଲୋକେ ନିଜର ତଥା ନିଜର ଉତ୍ତର ପୁରୁଷଙ୍କ ପାଇଁ ସୁନା, ରୁପା ଓ ମୁଦ୍ରାକୁ ମାଟି ଭିତରେ ପୋତି ରଖୁଥିଲେ । ପଶ୍ଚିମ ଓଡ଼ିଶାକୁ ବାହାରୁ ଆସି କୁର୍‌ମି ସମ୍ପ୍ରଦାୟର ଲୋକେ ଜଳାଶୟ ଖନନ କରୁଥିଲେ । ଜଳାଶୟର ପ୍ରକାର ଭେଦ ଜ୍ଞାନ ରଖିବା ଏମାନଙ୍କ ବଂଶ ପରମ୍ପରା । ଏମାନେ ନିଜର ପାରିଶ୍ରମିକ ସୁନା ଆକାରରେ ନେଉଥିଲେ । ଯାହାକୁ ଏକ ସ୍ୱତନ୍ତ୍ର କୌଶଳ ପ୍ରୟୋଗ କରି ଡୁଠ ପଥର ଭିତରେ ରଖୁଥିଲେ । ଯାହାକୁ ତାଙ୍କର ଉତ୍ତରପୁରୁଷ ଆସି ସଂଗ୍ରହ କରୁଥିଲେ ।

ଏ ମାଟି ଓ ପଥର ଭିତରର ଟଙ୍କା ପରିଶ୍ରମର ଟଙ୍କା । ଏହା ସେ ସମୟର ସଞ୍ଚୟର ଏକ ମାଧ୍ୟମ । ଏଇଟା ସେ ସମୟର କଥା ଯେତେବେଳେ ଜମି ଏବଂ ଗୋ-ସମ୍ପଦ ସମୃଦ୍ଧିର ମାପକ ଥିଲା ।

ସ୍ୱାଧୀନତାର କିଛି ସମୟ ପୂର୍ବରୁ ଅଣଓଡ଼ିଆମାନେ ବ୍ୟବସାୟ କରି ନିଜକୁ ପ୍ରତିପାଳିତ କରିବା ପାଇଁ ଆସିସାରିଥିଲେ । ଏମାନେ ଆସିଲା ପରେ ଅଞ୍ଚଳର ବ୍ୟବସାୟିକ ସୁଗମତା ଦେଖି ନିଜ ନିଜର ପରିଜନଙ୍କୁ ଆଣିଲେ । ଗୋଟିଏ ଗୋଟିଏ କ୍ଷେତ୍ରରେ ଏମାନେ ରହିଲେ । ଏମାନଙ୍କ ବ୍ୟବସାୟିକ ସାମ୍ରାଜ୍ୟ ଚଳେଇଲେ ।

ଅଣଓଡ଼ିଆମାନେ ଆସିବା ପୂର୍ବରୁ ମୁଖ୍ୟତଃ ଶସ୍ୟଉପରେ ନେଣଦେଣ ଓ ବ୍ୟବସାୟ ଭୁଲିଆ ସମ୍ପ୍ରଦାୟର ଲୋକ କରୁଥିଲେ । ଏହାସହ ଗ୍ରାମ୍ୟ ସାମନ୍ତମାନେ ମଧ୍ୟ ଏହି ନେଣଦେଣ କାରବାର କରୁଥିଲେ । ଏହା ମୁଖ୍ୟତଃ ଶସ୍ୟକ୍ଷେତ୍ରରେ ସୀମିତ ଥିଲା । ଯଦି ଏହା ସୁନା କ୍ଷେତ୍ରକୁ ଆସୁଥିଲା ତାହା ବି ଶସ୍ୟ ଆକାରରେ ହିସାବ ହେଉଥିଲା । ଅଣଓଡ଼ିଆମାନେ ଆସି ବ୍ୟବସାୟ କଳାବେଳକୁ ପ୍ରଥମେ ଭୁଲିଆ ସମ୍ପ୍ରଦାୟର ବ୍ୟବସାୟ ସହିତ ପ୍ରତିଯୋଗିତା ଚଳେଇଲେ । ଏମାନେ ମୁଖ୍ୟତଃ ମାରୱାଡ଼ି ଥିଲେ ।

କ୍ରମାଗତ ମରୁଡ଼ି ମହାଜନୀ କାରବାରକୁ ପୁଷ୍ଟ କଲା ଏବଂ ଉଭୟ ଭୁଲିଆ ଓ ମାରୱାଡ଼ି ସମ୍ପ୍ରଦାୟଙ୍କ ବ୍ୟବସାୟ ଠିକ୍ ଚାଲିଲା ।

୧୯୬୫ମସିହା ଥିଲା ମହାଜନୀ କାରବାରର ସ୍ୱର୍ଣ୍ଣିମ ସମୟ । କେବଳ ଏତିକି ତଫାତ୍ ରହିଲା- ଭୁଲିଆ ସମ୍ପ୍ରଦାୟ ଏବଂ ଗ୍ରାମ୍ୟ ସାମନ୍ତଙ୍କ ଭାଗ ମାରୱାଡ଼ି ସମ୍ପ୍ରଦାୟ ସହିତ ଭାଗ କରିବାକୁ ପଡ଼ିଲା । ଏ ସମୟକୁ ସାମ୍ନା କରିଥିବା ଲୋକେ କହନ୍ତି କେବଳ ସୁନାକୁ ହାତରେ ଧରି ମହାଜନମାନେ ତାର ଓଜନ ଓ ମୂଲ୍ୟ ଧାର୍ଯ୍ୟ କରୁଥିଲେ । ସଙ୍କଟରେ ପୀଡ଼ିତ ଲୋକଙ୍କପାଇଁ ତାହା ଥିଲା ଆଶୀର୍ବାଦତୁଲ୍ୟ । ବିଚରା ଭୋକିଲା ମଣିଷକୁ ଖାଦ୍ୟ ଦରକାର । ସୁନା ତା'ପାଇଁ ସର୍ବାଦୌ ଗୌଣ ହିଁ ଥିଲା ।

ଏ ମରୁଡ଼ି ସମୟରେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ନୂଆପଡ଼ା, ଖଡ଼ିଆଳ ଏବଂ ବଙ୍ଗୋମୁଣ୍ଡା ଗସ୍ତରେ ୧୩ ମଇ, ୧୯୬୬ ମସିହାରେ ଆସିଥିଲେ । ଅଞ୍ଚଳର ସବୁଠୁ ବେଶି ପୀଡ଼ିତ ସ୍ଥାନ

Digitized by srujanika@gmail.com

ବଙ୍ଗୋମୁଣ୍ଡା ହରିଜନପଡ଼ାର ପରିସ୍ଥିତି ଦେଖି ଏହାର ତତ୍କାଳ ସମାଧାନ ପାଇଁ ଜଙ୍ଗଲକୁ ରିଲିଫ ଆକାରରେ ଘୋଷଣା କଲେ ।

ଏହି ଘୋଷଣା ପରେ କିଛି ଚାଲବାଜ ଲୋକ ରାତାରାତି ଲକ୍ଷପତି ହୋଇଗଲେ । ଖାଦ୍ୟ ଓ ସାମାନ୍ୟ ଅର୍ଥ ବଦଳରେ ଜଙ୍ଗଲର ବଡ଼ ବଡ଼ ମୂଲ୍ୟବାନ ଗଛ କାଟି ରାୟପୁର, କଲିକତା ଓ ଆନ୍ଧ୍ରପ୍ରଦେଶକୁ ଚାଲାଣ କରାଗଲା ରେଲଗାଡ଼ିରେ । ଶାଳ, ହଳଦିଆ ଶାଗୁଆନ, ମୁନ୍ଦେ, କରଲା, ଶିଶୁ ପରି ମୂଲ୍ୟବାନ ଗଛମାନ ନଷ୍ଟ ହେବାକୁ ସମୟ ଲାଗିଲା ନାହିଁ । ହଜାର ହଜାର ହେକ୍ଟର ଜଙ୍ଗଲଶୂନ୍ୟ ହୋଇଗଲା । ଏଠାରେ ପୁନଃ ବୃକ୍ଷରୋପଣ ହୋଇପାରିଲା ନାହିଁ । ଲୋକେ ଚାଷଜମି କଲେ ।

ଏ ମୂଲ୍ୟବାନ ଗଛ ବାହାରଲୋକଙ୍କୁ ଆକୃଷ୍ଟ କଲା । ସେମାନେ ଅଞ୍ଚଳର କିଛି ମୁଷ୍ଟିମେୟ ଲୋକଙ୍କୁ ପ୍ରଶ୍ରୟ ଦେଇ ଜଙ୍ଗଲ ତସ୍କରୀ ଆରମ୍ଭ କଲେ । ଏହା ସହିତ ବନଜାତ ସାମଗ୍ରୀର ବଜାର ବାହାର ରାଜ୍ୟରେ ପ୍ରସ୍ତୁତ ହେଲା, ଯେଉଁଠାକୁ କ୍ରମାଗତ ଲଘୁ ଓ ଗୁରୁ ବନଜାତ ଦ୍ରବ୍ୟ ଚାଲାଣ ହେଲା । ହରବାଲ୍ ବା ଉଭିଦଜ ଔଷଧ ଓ ପ୍ରସାଧାନ ସାମଗ୍ରୀ ବଜାରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି, ଯାହାକୁ ଏ ଅଞ୍ଚଳର ଜଙ୍ଗଲ ତସ୍କରୀ ମାଧମରେ ପୁରା କରାଯାଇପାରୁଛି । ଯାହାର ମୂଲ୍ୟ ହଜାରେ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହୁଏ ।

ଏହାଥିଲା ବାହ୍ୟ ବେପାର । ଏହି ବାହାରର ବଜାର ସହ ଅନ୍ୟ ଏକ ବଜାର ଯୋଡ଼ିହେଲା, ସୁନାର ବେପାର । ୧୯୬୫ପରେ ପରେ ଅଞ୍ଚଳର ୬୦ଭାଗରୁ ଊର୍ଦ୍ଧ୍ୱ ସୁନା ସ୍ୱଳ୍ପଲୋକଙ୍କ ହାତରେ ରହିଲା । ସୁନାର ମୂଲ୍ୟ ଏବଂ ସାମାଜିକ ଗୁରୁତ୍ୱ ଏ ବେପାରକୁ ବହୁତ ସହଯୋଗ କଲା । ଲୋକେ ନିଜର ସମ୍ପତ୍ତିକୁ ଟଙ୍କା ଅପେକ୍ଷା ସୁନା ଆକାରରେ ସଞ୍ଚୟ କରିବାକୁ ପସନ୍ଦ କରିଥାନ୍ତି । ଯାହାକୁ ସୌନ୍ଦର୍ଯ୍ୟ ଏବଂ ସମ୍ପଦା ଉଭୟ ପାଇଁ ବ୍ୟବହାର କରାଯାଇଥାଏ । ଏ ବ୍ୟବସାୟରେ ଶୋଷଣ ପ୍ରକ୍ରିୟା ଅତି ସାଂଘାତିକ ସ୍ତରର । ସୁନା ବେପାରୀଠାରୁ କିଣିଲେ ଠିକ୍ ଚଳନ୍ତିମୂଲ୍ୟରେ କିଣା ଯାଇଥାଏ ଏବଂ ତାହାକୁ ବେପାରୀକୁ ଦେଲେ ପ୍ରକୃତ ମୂଲ୍ୟଠୁ ୧୫ରୁ ୨୦ ପ୍ରତିଶତ କମ୍ ଦେଇ ବେପାରୀ କିଣିଥାଏ । ଏପରିକି ଆଜିକାଲିର ଗହଣା ଦୋକାନମାନଙ୍କରେ ସେହି କିଣିଥିବା ଗହଣାକୁ ସେହି ଦୋକାନରେ ବଦଳକଲେ ୧୦ ପ୍ରତିଶତ ଦାମ କଟା ଯାଇଥାଏ ।

ଅନେକ ଉଦାହରଣ ପୁଷ୍ଟ କରିସାରିଛି ଯେ ବହୁମିଶ୍ରିତ ସୁନା ବେଳେବେଳେ ନକଲି ବି ଲୋକଙ୍କ ନିକଟକୁ ଛଡ଼ାଯାଇ ଏକାସଙ୍ଗେ ଲୋକଙ୍କ କୋଟି କୋଟି ଟଙ୍କା ମୂଲ୍ୟର ସୁନା ସଂଗ୍ରହ କରାଯାଇଥାଏ । ବନ୍ଧକ ରଖୁଥିବା ସୁନାକୁ ହିଁ ଏପରି କରାଯାଇଥାଏ । ଏଠାକାର ଗ୍ରାମାଞ୍ଚଳର ୮୦ ପ୍ରତିଶତ ସୁନା ଅତି କମ୍‌ଲୋକଙ୍କ ନିକଟରେ ବନ୍ଧକ ଆକାରରେ ରହିଥାଏ । ନୂଆଖାଇଠୁ ଦଶହରା ଏବଂ ମାଘରୁ ଜ୍ୟେଷ୍ଠମାସ ପର୍ଯ୍ୟନ୍ତ ସମୟକୁ ଛାଡ଼ି । ଦେଖାଯାଇଛି ଲୋକଙ୍କ ସମ୍ପଦାର ୩୦ ପ୍ରତିଶତ ଅଂଶ ହେଉଛି ସୁନା । ବନ୍ଧକ ରଖିଲେ ତିନି ପ୍ରତିଶତ ସୁଧ ଦେବାକୁ ପଡ଼େ । ଭଲଭାବି ବିଚାର କଲେ ଦେଖାଯାଏ ଯେ ଏ ଅଞ୍ଚଳର ଲୋକେ ଗହଣା ପିନ୍ଧିବାପାଇଁ ଧନୀକମାନଙ୍କୁ ପ୍ରତ୍ୟକ୍ଷ କର ଦେଇଥାନ୍ତି । ଏହା ଆଇନସମ୍ମତ ନୁହେଁ କିନ୍ତୁ 'ବଜାର ଆଇନ' ହୋଇସାରିଛି । ଯାହାକୁ ପ୍ରତିବାଦ କରିବା କି ଅଭିଯୋଗ କରିବା ଲୋକଙ୍କପାଇଁ ଅତୀବ କଠିନ ଓ ଅସମ୍ଭବ ।

ଜମି ହେଉଛି ଲୋକଙ୍କ ଆୟର ମୁଖ୍ୟ-ସ୍ରୋତ । ଜମି ଓ ସୁନା ପରସ୍ପରକୁ ବ୍ୟବହାର କରି

Digitized by srujanika@gmail.com

ଲୋକେ ନିଜର ଆଜୀବିକା ସଂଗ୍ରହ କରନ୍ତି । ରୋଗ, ବିବାହାଦି ଉପହାର ଏବଂ ଚାଷ ପାଇଁ ଲୋକେ ସୁନା ବନ୍ଧକ ରଖିଥାନ୍ତି । ଅନ୍ୟପଟେ ଜମିର ସ୍ଥିତି ସେତେ ସୁବ୍ୟବସ୍ଥିତ ନାହିଁ, ଯାହାକୁ ବୈଦ୍ୟନାଥ ମିଶ୍ର କମିଶନ ସ୍ପଷ୍ଟ କରି ଦେଇଛନ୍ତି । ଉଡ଼େନ, ବୁଡ଼େନ, ବନ୍ଧା ପରି ନିୟମ ଫଳରେ ଦେଖାଯାଇଛି ଗାଁର ୪୦ ପ୍ରତିଶତ ପର୍ଯ୍ୟନ୍ତ ଜମି ସାମାନ୍ୟ କେତେଜଣଙ୍କ ହାତରେ ରହିଯାଇଛି । ଏପରିକି ଉଦାହରଣ ବିରଳ ନୁହେଁ -କାଗଜ ପତ୍ରରେ ଗୋଟିଏ ଗାଁରେ ଯେତେ ଚାଷୀ ଅଛନ୍ତି, ପ୍ରକୃତରେ ସେ ଗାଁର ସମସ୍ତ ଜମି ହାତଗଣତି କିଛିଲୋକଙ୍କ ପାଖରେ ରହିଯାଇଛି । ଏହାର କୁପ୍ରଭାବ ଉନ୍ନତ କୃଷି ଏବଂ କୃଷିକ୍ଷେତ୍ରର ଉପଜ ଉପରେ ସିଧା ସିଧା ପଡୁଛି ।

ଏଠାରେ ଅନ୍ୟଏକ ସମସ୍ୟା ଦେଖାଯାଏ । ଲୋକେ ଜାଳେଣି ପାଇଁ ଘସି ବ୍ୟବହାର କରନ୍ତି । ଘସି ଆଞ୍ଚଳିକ ଭାଷାରେ ଛେନା । ଗୋମହିଷାଦି କମ୍ ହେବା ଫଳରେ ଲୋକେ ଚରିଯାଇଥିବା ଗାଈର ଗୋବର ଆଣି ପକାଉଛନ୍ତି । ଆଗରୁ ଏହା ଜମିରେ ଶୁଖି ସାରିଲେ ସଂଗ୍ରହ କରୁଥିଲେ । ମୁଖ୍ୟତଃ ଗୋମହିଷାଦି ଗୋଚର, ଆଁଟ ଓ ବେରନା ଜମିରେ ଚରନ୍ତି । ଆଁଟ ଓ ବେରନାରେ 'ଗୁର୍‌ଜି'ଚାଷ ହୁଏ । ଯାହା ବର୍ଷା ପରେ ପରେ ଧାନ ଅମଳ ହେବା ପର୍ଯ୍ୟନ୍ତ ଲୋକଙ୍କ ମୁଖ୍ୟ ଖାଦ୍ୟ ହୁଏ । ଏହାକୁ ବିଦେଶୀମଦ(ହ୍ୱିସ୍କି) ପ୍ରସ୍ତୁତିରେ ମଧ୍ୟ ଲଗାଯାଇଥାଏ । ଆଁଟ, ବେରନାରୁ କଞ୍ଚା ଗୋବର ସଂଗ୍ରହ କରିବା ଫଳରେ ଏହି ଚାଷ ଉପରେ ବିଶେଷ ପ୍ରଭାବ ପଡୁଛି । ଗୋବର ଶୁଖିବା ପର୍ଯ୍ୟନ୍ତ ମାଟିରେ ରହିଲେ ତାର ସାରଯୁକ୍ତ ପାଣିକୁ ମାଟି ଶୋଷି ନିଏ । ଯା'ଫଳରେ ମାଟିର ଉର୍ବରା ଶକ୍ତି ବଢ଼ିଥାଏ । ଚାଷ ଭଲହୁଏ । ଗୁର୍‌ଜି ଫସଲ ମଧ୍ୟ । ଏହା ହେବା ଦ୍ୱାରା ସିଧା ସିଧା ଲୋକଙ୍କ ଖାଦ୍ୟ ସୁରକ୍ଷା ଉପରେ ପଡୁଛି । କିନ୍ତୁ ସରକାରଙ୍କୁ ଧନ୍ୟବାଦ, ଏହା ଉପରେ ଅବକାରୀ ନିୟନ୍ତ୍ରଣ ରଖିନାହାନ୍ତି ।

ଏହି ଜମିର ଉପଜ, ବ୍ୟବସାୟ ହୁଏ ଅନ୍ୟମାନଙ୍କ ଦ୍ୱାରା । ଚାଷୀ ବିଭିନ୍ନ ଉପାୟରେ ଜମି ହରାଏ । ଯଦି ଚାଷ କଲା, ତା' ହେଲେ ଋଣ ଆଣିବାକୁ ବାଧ୍ୟହୁଏ । ତାର ଅମଳକୁ କମ୍‌ଦାମରେ ବିକ୍ରି କରିଥାଏ । ଏହାକୁ କିଣି ଯେଉଁମାନେ ବ୍ୟବସାୟ କରନ୍ତି, ସେମାନେ ଚାଷୀ ନୁହନ୍ତି । ତେଣୁ ଚାଷୀ କେବେ ବି ଉଚିତ ମୂଲ୍ୟ ପାଇନଥାଏ । ଜମିର ଏହିପରି ଅବସ୍ଥା ଏବଂ ଅମଳର ଏହି ଏକଚାଟିଆ ବ୍ୟବସାୟ ଲୋକଙ୍କ ଖାଦ୍ୟ ସୁରକ୍ଷା ଉପରେ ବେଶ୍ ପ୍ରଭାବ ପକାଏ ।

ଏହା ପଛକୁ ରହିଲା ଜଙ୍ଗଲଜାତ ଦ୍ରବ୍ୟ । ଜଙ୍ଗଲଜାତ ଦ୍ରବ୍ୟ ସେମାନେ ସଂଗ୍ରହ କରନ୍ତି ଯେଉଁମାନେ ପରମ୍ପରାଗତ ଭାବରେ ଆଗରୁ ସଂଗ୍ରହ କରୁଥିଲେ । ଜଙ୍ଗଲଜାତ ଦ୍ରବ୍ୟର ସଂଗ୍ରହ ଓ ବ୍ୟବସାୟ ଉପରେ ଯେତେ ବି ଆଇନ ବଦଳିଛି, ତାର କୌଣସି ପ୍ରଭାବ ମୂଳ ସଂଗ୍ରହକାରୀଙ୍କ ଉପରେ ପଡୁନି । ସେମାନେ ସେହି ଧାରାରେ ବ୍ୟବସାୟ କରନ୍ତି ଯେପରି ଆଗରୁ କରୁଥିଲେ । ଅର୍ଥାତ ବନଜାତ ଦ୍ରବ୍ୟର ଲାଭ ସବୁ ସେମାନେ ପାଇଥାନ୍ତି ଯେଉଁମାନେ ଦଲାଲ ଅଥବା ପ୍ରକୃତରେ ଏହାର ବ୍ୟବସାୟ କରନ୍ତି ।

ଦେଖାଯାଇଛି ଧାନକଟା ସମୟରେ ମଜୁରୀ ଏବଂ ସରକାରୀ କାମ କରିବାକୁ ଜଣେ ବି ଲୋକ ବାହାରି ନଥାନ୍ତି । କାରଣ ଧାନକଟା ବେଳେ ପାରିଶ୍ରମିକ ଶସ୍ୟ ଆକାରରେ ମିଳିଥାଏ । ଅର୍ଥାତ ଲୋକେ ନିଜର ଖାଦ୍ୟ ସୁରକ୍ଷାକୁ ଅଗ୍ରାଧିକାର ଦିଅନ୍ତି ।

ବର୍ତ୍ତମାନ ଦେଖାଯାଉଛି ପାରମ୍ପରିକ ବିହନ ଚାଷ ଆଉ ହେଉ ନାହିଁ । କେବିକେ ଜିଲ୍ଲା,

Digitized by srujanika@gmail.com

ବରଗଡ଼ର ପଦମ୍‌ପୁର ଅଞ୍ଚଳ, ବୌଦ୍ଧ ଓ ଫୁଲବାଣୀର ଅଣଜଳସେଚିତ ଅଞ୍ଚଳରେ ପାରମ୍ପରିକ ବିହନ ଅତି କମ୍‌ମାତ୍ରାରେ ଚାଷହେଉଛି । ଯାହା ପାଖାପାଖି ୨୦ପ୍ରତିଶତ । ସରକାରୀ ବିହନର ପ୍ରସାର ଫଳରେ ଉପଯୁକ୍ତ ସମୟରେ ପାଣି ଓ ସାରର ଆବଶ୍ୟକତା ପଡୁଛି । ଧାନଗଛର ଉଚ୍ଚତା ମଧ୍ୟ କମ୍ ରହୁଛି । ଫଳରେ ଗୋରୁଗାଈଙ୍କ ଖାଦ୍ୟସୁରକ୍ଷା ଉପରେ ପ୍ରଭାବ ପଡୁଛି । ଫଳରେ ବଳଦ ଏବଂ ଗାଈ ମଇଁଷୀ ଯେଉଁମାନେ ପାରମ୍ପରିକ ଚାଷରେ ଜମିପାଇଁ ମୁଖ୍ୟ ଅଙ୍ଗ ସେମାନଙ୍କ ଉପରେ ଚାଷୀର ନିର୍ଭରଶୀଳତା କମିଯାଉଛି । ଟ୍ରାକ୍ଟର ଉପରେ ଲୋକ ଆସ୍ଥା ରଖୁଛନ୍ତି । ଏ ଟ୍ରାକ୍ଟର ସେମାନଙ୍କ ପାଖରେ ଅଛି ସାଧାରଣତଃ ଯେଉଁମାନେ ଧନୀକବର୍ଗର ସାମନ୍ତ ଲୋକ । ତେଣୁ ଲୋକ ପୂର୍ବରୁ ବୁଢ଼ାବଳଦ ଓ ବୁଢ଼ୀଗାଈର ବି ଯତ୍ନ ନେଉଥିଲେ କିନ୍ତୁ ବର୍ତ୍ତମାନ ଏମାନଙ୍କୁ ବିକ୍ରି କରାଯିବା ଫଳରେ ଏ ବ୍ୟବସାୟ ଖୁବ ଜୋର୍‌ରେ ଚାଲୁଛି ।

'ଉତ୍ସବ' ଲୋକଙ୍କ ପ୍ରକୃତ ଆୟଉପରେ ୬୦ପ୍ରତିଶତ ପର୍ଯ୍ୟନ୍ତ ପ୍ରଭାବ ପକେଇଥାଏ । ନୂଆଖାଇ, ଦଶହରା, କୁଣାବରା, ବିବାହ, ଏକୋଇଶିଆ, ପୁଷ୍ପୁନୀ, ମାର୍ଗଶିର ଗୁରୁବାର ଇତ୍ୟାଦି ଉତ୍ସବମାନଙ୍କର ଆୟୋଜକ ହୁଅନ୍ତୁ ଅଥବା ଅତିଥି, ଏ ଉଭୟ କ୍ଷେତ୍ରରେ ସୁନା, ଶସ୍ୟ ଓ ଟଙ୍କା ଉପରେ ପ୍ରଭାବ ପଡ଼ିଥାଏ । ଫଳରେ ଲୋକେ ମହାଜନର ଦ୍ୱାରସ୍ଥ ହୋଇଥାନ୍ତି । ଏ ହେତୁରୁ ଟଙ୍କା ମହାଜନୀ କାରବାର ଖୁବ ଜୋରରେ ଚାଲେ । ମାସକୁ ୧୦ ପ୍ରତିଶତ ସୁଧ । ମହାଜନ ବାର୍ଷିକ ତା' ମୂଳଟଙ୍କାକୁ ୧୨୦ଗୁଣ ଅଧିକ ବଢ଼େଇପାରେ । ଟଙ୍କା ଦେଇ ଟଙ୍କା ଆୟ କରିବାର ବିକୃତ ବ୍ୟବସାୟ ସାମାଜିକ ଅର୍ଥତନ୍ତ୍ରକୁ ରୋଗିଣା କରିଦିଏ । ଯେଉଁ ଟଙ୍କା ଉତ୍ପାଦନ କ୍ଷେତ୍ରରେ ବ୍ୟବହାର ହୋଇପାରେ ନାହିଁ, ତାର ପ୍ରଭାବ ସର୍ବଦା ବିଯୁକ୍ତ ହିଁ ହୋଇଥାଏ ।

ଏହା ପଛକୁ ରହିଲା ଗଞ୍ଜେଇ, ମଦ ଏବଂ ମୂଲ୍ୟବାନ ପଥର କାରବାର । ଗଞ୍ଜେଇ ଏବଂ ମଦ ବାହାର ରାଜ୍ୟକୁ ଯାଏନାହିଁ । ଉତ୍ପାଦନର ମାତ୍ର ୫ପ୍ରତିଶତ ବାହାର ରାଜ୍ୟକୁ ଯାଉଥିବା ଅନୁମାନ କରାଯାଏ । ଭୌଗଳିକ ଦୃଷ୍ଟିକୋଣରୁ ଦୁଇ ରାଜ୍ୟର ସୀମାକ୍ଷେତ୍ରରେ ବ୍ୟବସାୟକୁ କଳା, ଅର୍ଥନୀତିରେ ଆନ୍ତଃରାଜ୍ୟ ଆଖ୍ୟା ଦିଆଯାଇ ପାରିବନାହିଁ । କାରଣ ଏହାର ଉପଭୋକ୍ତା ସ୍ଥାନୀୟ ଅଞ୍ଚଳର ହିଁ ହୋଇଥାନ୍ତି ।

ରହିଲା ରତ୍ନପଥର । ରତ୍ନପଥର ଇତିହାସ କହେ ପୃଥିବୀରେ ୮୪ ପ୍ରକାରର ରତ୍ନ ରହିଅଛି । ଯେଉଁଥିରୁ ଦୁଇଟି 'ପ୍ରବାଳ' ଓ 'ମୁକ୍ତା' ସାମୁଦ୍ରିକ । ବାକି ୮୨ ପ୍ରକାର ଭୂମିଜ । ଏହି ୮୨ ପ୍ରକାର ରତ୍ନ ଛତିଶଗଡ଼ ଏବଂ ଓଡ଼ିଶା ସୀମାର ଏକ ବିସ୍ତୀର୍ଣ୍ଣ ଅଞ୍ଚଳରେ ତଥା ପଶ୍ଚିମ ଓଡ଼ିଶାରେ ମିଳିଥାଏ । ଇବ୍ ଓ ମହାନଦୀ ହୀରାର ବାହକ । ହୀରା ସଂଗ୍ରହ ପାଇଁ ସାତକୋଣିଆ ଗଣ୍ଡକୁ କୃତ୍ରିମ ଆକାରରେ ବ୍ୟବସ୍ଥିତ କରାଯାଇଥିବା ଯୁକ୍ତି କରାଯାଇଥାଏ । କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମାଣିକେଶ୍ୱରୀ । ମହାନଦୀର କୁଦକୁ ହୀରାକୁଦ ନାମ ଦିଆଯାଇଛି । ଚଣ୍ଡାମରିଚ ତନ୍ତ୍ର ରତ୍ନାବଳୀରେ ସମ୍ବଲପୁର ସହରକୁ 'ବଜ୍ରସତ୍ୱ କେଳିପୁରୀ'ବୋଲି କୁହାଯାଇଛି । ଚାଣକ୍ୟ ଶାସକଙ୍କୁ ପରାମର୍ଶ ଦେଇଛନ୍ତି ଯେ ଶାସନ ପରିଚାଳନା ପାଇଁ ଧନର ଆବଶ୍ୟକତା ପଡ଼ିଲେ ଦକ୍ଷିଣ କୋଶଳରୁ ରତ୍ନ ସଂଗ୍ରହ କରିବ । ସେଇଟା ଅଜେୟ କନ୍ଧଭୂମି, ତେଣୁ ସେଠାକାର ରାଜାମାନଙ୍କ ସହ ମୈତ୍ରୀ ସ୍ଥାପନା କରିବ । ଆଜିବି ରତ୍ନପଥର କଟାଯାଉଥିବା ପ୍ରଚୀନ ଯନ୍ତ୍ରମାନ ମାରାଗୁଡ଼ା ଉପତ୍ୟକାରେ ପଡ଼ିଥିବାର ଦେଖିବାକୁ

Digitized by srujanika@gmail.com

ମିଳେ । ରତ୍ନପଥର ବୋଝେଇ ଲୌହରଥ ଯିବାପାଇଁ ଜୋଙ୍କନଦୀରେ ଲାକ୍ଷାସେତୁ ନିର୍ମାଣ ହୋଇଥିଲା । ଯା'ର ଧ୍ୱଂସାବଶେଷ ଆଜିବି ଅଛି ।

ଏହି ପ୍ରାଚୀନତା ଧରିଥିବା ରତ୍ନଭୂମିର ରତ୍ନ ଉପେକ୍ଷିତ ପଡ଼ି ରହିଲା । କିନ୍ତୁ ଏହାର ବ୍ୟବସାୟ ଉପରେ କେହି ବି ଅଙ୍କୁଶ ଲଗେଇପାରିଲେ ନାହିଁ । ବ୍ୟବସାୟ ଚାଲିଛି । ଶାସନ ବଦଳିଛି । କ୍ରମାନ୍ୱୟରେ ଶାସନଗାଦିରେ ବସୁଥିବା ଲୋକଙ୍କ ଅଜ୍ଞାନତାର ସୁଯୋଗ ନେଇ କିଛି ହୁସିଆର ଧନୀକ ଲୋକ ଏ ବ୍ୟବସାୟକୁ ଭୂମିଗତ କରି ଚଳେଇ ରଖିଛନ୍ତି । ୧୯୯୫ମସିହାରେ ଗୋଟିଏ ଘରୋଇ ଗଣମାଧ୍ୟମ ପ୍ରକାଶ କରିଥିଲା ଯେ ଏ ଅଞ୍ଚଳରୁ ବାର୍ଷିକ ହଜାରେ କୋଟି ଟଙ୍କାର ରତ୍ନପଥର ଚୋରା ହୁଏ । ଯାହା ବାହାର ରାଜ୍ୟ ତଥା ବିଦେଶକୁ ଯାଉଥିବାର ଉଦାହରଣ ବି ଲୋକେ ଦିଅନ୍ତି । ଏ ରତ୍ନପଥର ବ୍ୟବସାୟ ଲୋକଙ୍କ ସାଧାରଣ ଚଳଣୀ ଉପରେ ଆଦୌ ପ୍ରଭାବ ପକାଇ ନ ଥାଏ । ଯେପରି ମଦ ଓ ଗଞ୍ଜେଇ ପୁରା ପ୍ରଭାବ ପକେଇଥାଏ । ତେଣୁ ଅନ୍ୟାନ୍ୟ ଚୋରା ଅପେକ୍ଷା ରତ୍ନପଥର ଚୋରମାନେ ଅଞ୍ଚଳର ଲୋକଙ୍କଠୁ ସୁରକ୍ଷା ଓ ସମ୍ମାନ ପାଇଥାନ୍ତି ।

ଜଙ୍ଗଲ ଉପଜ ଏବଂ ଭୂମି ଉପଜ ବାହାରକୁ ଯାଇଥାଏ । ଲୋକଙ୍କ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ତେଲ, ସାବୁନ, ପ୍ରସାଧନ, ମସଲା, କପଡ଼ା ଇତ୍ୟାଦି ବାହାର ରାଜ୍ୟରେ ପ୍ରସ୍ତୁତ ହୁଏ । ଯା'ର ବ୍ୟବସାୟ ଓଡ଼ିଶାରେ ମଧ୍ୟ ହୁଏ । ତୈଳବୀଜ ଓ ଅନ୍ୟାନ୍ୟ ମସଲା ଉଦ୍ୟୋଗ ପାଇଁ ଏ ଅଞ୍ଚଳର କଞ୍ଚାମାଲ ଏକ ବଡ଼ ଆବଶ୍ୟକତାକୁ ପୁରା କରିଥାଏ । ଯାହା ଭୂମିଗତ ହୋଇ ବାହାରକୁ ଯାଇଥାଏ । ଓଡ଼ିଶାରେ ଏପରି ଏକ ଭଲ ସାବୁନ ପ୍ରସ୍ତୁତ ହୁଏନି ଯାହାକୁ ସାଧାରଣ ଲୋକ ବ୍ୟବହାର କରିବେ । ଅତି କମ ପ୍ରଡ଼କ୍ସ ଓ ପ୍ରୋସେସିଙ୍ଗ ୟୁନିଟ ଓଡ଼ିଶାର ପାଞ୍ଚ ପ୍ରତିଶତ ଲୋକଙ୍କ ଆବଶ୍ୟକତା ପୁରା କରିବାରେ ଅସମର୍ଥ । ଅନ୍ୟପକ୍ଷରେ ରହିଲା କପଡ଼ା । ଗଣାକପଟାକୁ ଲୁପ୍ତ କରାଗଲା, ଭୁଲିଆ କପଟାକୁ ସମୟ ସହ ଚଳାଗଲା ନାହିଁ । ସମ୍ବଲପୁରୀ କପଡ଼ାକୁ ଆଭିଜାତ୍ୟର ରଙ୍ଗ ଦିଆଗଲା କଳାର କ୍ଷେତ୍ରଭୁକ୍ତ କରି । ତେଣୁ ମିଲ୍ କପଡ଼ାର ବଜାର ଲୋକଙ୍କୁ ଆକୃଷ୍ଟ କଲା । ଓଡ଼ିଶାରେ ଏପରି ଗୋଟିଏ ବି କପଡ଼ା ମିଲ୍ ନାହିଁ ।

ଏ ସମସ୍ତ କାରଣ ସହ ଅନ୍ୟ ଅନେକ ଛୋଟ ଛୋଟ କାରଣମାନ ଲୋକଙ୍କୁ ପଳାୟନ ପାଇଁ ବାଧ୍ୟ କଲା । କୃଷିକ୍ଷେତ୍ରରେ ଶ୍ରମିକ କମିଗଲେ । ଲୋକେ ଟ୍ରାକ୍ଟର ଉପରେ ନିର୍ଭର କଲେ । ଲାଭହେଲା ଧନୀକ ଓ ସାମନ୍ତମାନଙ୍କ । ଆବଶ୍ୟକତା ଓ ଉନ୍ନତିପାଇଁ ଲୋକେ ବଡ଼ ବନ୍ଧ, ଆଲୁମିନିୟମ ଓ ଲୁହା କାରଖାନା ପାଇଁ ଆନ୍ଦୋଳନ କରନ୍ତି, ଆଇନ କରନ୍ତି କିନ୍ତୁ ଓଡ଼ିଶାର ଚାରିକୋଟି ଲୋକଙ୍କ ପାଇଁ ଏକ ସୁସ୍ଥ ବଜାର କି ସାଧାରଣ ଜୀବନମାନର କଥା ଚିନ୍ତା କରନ୍ତି ନାହିଁ । ଏମାନଙ୍କ ଆବଶ୍ୟକତା ଅନୁରୂପ ଉପଜ ଓ ସୁଯୋଗମାନଙ୍କ ସଦ୍‌ବ୍ୟବହାର କରାଯାଏ ନାହିଁ ।

ଆମର ବ୍ୟକ୍ତିଗତ ବିଶ୍ଳେଷଣ ପୁଷ୍ଟ କରିଛି କେବିକେ ସମେତ ଆଖପାଖ ଜିଲ୍ଲାର ଉପଜ ବାର୍ଷିକ ପାଞ୍ଚହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଗୋଟିଏ ଭୂମିଗତ ବଜାର ସୁନିୟନ୍ତ୍ରିତ ଢଙ୍ଗରେ ଚାଲି ଆସୁଅଛି । ଏହି ବଜାରର କ୍ଷେତ୍ର ଓ ଏହାର ପରିଚାଳନା ଢଙ୍ଗକୁ ଦେଖିଲେ ଏ ବଜାର କ୍ଷେତ୍ରରେ ଅନାହାର ଏବଂ ପଳାୟନ ଗୋଟିଏ ସାଧାରଣ କଥା । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ସରକାରୀ କଳ ଓ ବ୍ୟାଙ୍କ୍‌ମାନଙ୍କର ଅସାଧୁ କର୍ମଚାରୀ ଏ ବଜାରର ଗୋଟିଏ ପ୍ରମୁଖ ସହଯୋଗୀ । ଭ୍ରଷ୍ଟ ପୋଲିସ୍ ଓ ଜଙ୍ଗଲ ବିଭାଗ ଏହାର ରକ୍ଷାକର୍ତ୍ତା ।

Digitized by srujanika@gmail.com

ଏହି ବଜାରର ସ୍ୱତନ୍ତ୍ରତା ହେଲା ଯେ ଏ ବହୁଧା ବିଭକ୍ତ ତଥା ମାନସିକ ସ୍ତରରେ ସଂଘବଦ୍ଧ ପରିଚାଳକମାନଙ୍କ ବିନା ସମର୍ଥନରେ ପ୍ରବେଶ ଓ ପ୍ରସ୍ଥାନ କେବଳ ଆର୍ଥିକ ଦୃଷ୍ଟିକୋଣରୁ କ୍ଷତିରେ ପକେଇଥାଏ । ଯେପରି ସରକାର ମହୁଲ କେଜି ୩ ଟଙ୍କା ବଢ଼େଇ ୩୦ କୋଟି ଟଙ୍କା କ୍ଷତିରେ ପଡ଼ିଥିଲେ । ସେପରି ବ୍ୟକ୍ତିଗତ ଅନୁପ୍ରବେଶକୁ ମଧ୍ୟ ନିଆଯାଇପାରେ । ସବୁଠାରୁ ସାଂଘାତିକ କଥା ଏହା ଯେ ଏମାନେ ରାଜନୀତିକୁ ମଧ୍ୟ ନିୟନ୍ତ୍ରଣ କରିପାରନ୍ତି । ଯେପରି ୨୦୦୬ ମସିହାରେ ଦାଦନ ଚାଲାଣରେ ନିୟନ୍ତ୍ରଣ ଆଣିବାର ଚେଷ୍ଟାରେ ଜିଲ୍ଲାପାଳ ଏବଂ ଏସ୍.ପିଙ୍କ ଉପରେ ଚାପ ପଡ଼ିଥିବା କଥା ଗଣମାଧ୍ୟମମାନେ ପ୍ରମୁଖତାର ସହ ସ୍ଥାନ ଦେଇଥିଲେ । ପରେ ଦାଦନ ଆଇନରେ ପ୍ରଶାସନ ଏପରି ପରିବର୍ତ୍ତନ କଲା ଯେ ଯାହା କେବେ ଲୋକେ ଚିନ୍ତା ବି କରି ନଥିଲେ ଯେ ଶ୍ରମିକ ଚାଲାଣ ଏତେ ଖୋଲା ହୋଇପାରେ । ଆଇନକୁ ଏତେ ନିକୃଷ୍ଟ ସ୍ତର ପର୍ଯ୍ୟନ୍ତ ଖସାଯାଇ ପାରେ । ଅଧ୍ୟୟନ କହେ ଏହି ବଜାରକୁ ନିୟନ୍ତ୍ରଣ କରିବା ଅପେକ୍ଷା ବ୍ୟାଘାତ କରାଯାଇଛି । କିନ୍ତୁ ଏହା ଏତେ ଦୃଢ଼ ଯେ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଏହାର ଗତିରୋଧ ହୋଇନାହିଁ ।

ଏହି ବଜାରରେ ପ୍ରତ୍ୟେକ ବ୍ୟକ୍ତି ପଣ୍ୟ ହୋଇଯାଇଛନ୍ତି । ଦାଦନ ଚାଲାଣ ନାମରେ ମଣିଷ ବ୍ୟବସାୟ ଏହାର ଚଳନ୍ତା ଉଦାହରଣ ମାତ୍ର ।

ଏହି ବଜାରର ସିଧା ଲାଭ ନେଉଛି ଛତିଶଗଡ଼ । ଏଠାକାର ଚୋରା ବ୍ୟବସାୟ ସେଠାରେ ଧଳା ହୋଇଯାଉଛି ।

କିନ୍ତୁ ଏ ବଜାରର କିଛି ଅଂଶ ଅମାନୁଷିକ ପ୍ରକ୍ରିୟା ଦ୍ୱାରା କବଳିତ । ଖାଇବା ତେଲ, ମୋବିଲ, ଗ୍ରିଜ ପରି ଜିନିଷରେ ଭେଜାଲ ହେବା ଯାହା ସାମ୍ନାକୁ ଆସିଛି । ଏହାସହ ତାଲିକା କେତେ ଦୀର୍ଘ ହୋଇପାରେ, ତାହା ଅନୁମାନ କରାଯାଇପାରେ । ଏହାର ଏକ ସାଂଘାତିକ ଦିଗ ଉନ୍ମୋଚନ ହେଲା ଗତ ୨୧, ଜୁଲାଇ ୨୦୦୭ ଦିନ । ନକଲି ଔଷଧ ପ୍ରସ୍ତୁତ ଓ ବିକ୍ରି ପାଇଁ ଶଙ୍କରଲାଲ ଅଗ୍ରୱାଲ ନାମକ ଜଣେ ବ୍ୟକ୍ତିକୁ ଗିରଫ କରାଗଲା । ଏହାସହ ଅନ୍ୟ ଚାରିଜଣଙ୍କୁ । ବର୍ତ୍ତମାନ ମୁଖ୍ୟ ଅଭିଯୁକ୍ତ ଶଙ୍କରଲାଲ ବ୍ୟତୀତ ଅନ୍ୟମାନେ ଜାମିନ ପାଇସାରିଲେଣି ।

ଏ ଘଟଣା ଜଣାପଡ଼ିବା ପରେ ସାଧାରଣ ଲୋକ ଉତ୍ତ୍ୟକ୍ତ ହେଲେ । ଘଟଣାର ରାଜନୀତିକରଣ ହେଲା । ସମଗ୍ର ଜିଲ୍ଲାରେ ୧୪୪ଧାରା ଲାଗୁ ହେଲା । ପ୍ରଶାସନ ଅତି ବୁଦ୍ଧିମତାର ସହ ସମସ୍ତ

ନକଲି ଔଷଧର ସୌଦାଗର ଶଙ୍କର ଲାଲ୍ ଅଗ୍ରୱାଲ

Digitized by srujanika@gmail.com

ଅପ୍ରୀତିକର ସ୍ଥିତିକୁ ନିୟନ୍ତ୍ରଣ କଲା । ତିନି, ଚାରି ମାସ ପରେ ଘଟଣାଟି ଶଙ୍କରଲାଲର ପରିବାର ଭିତରେ ସୀମିତ ହୋଇଗଲା । ନକଲି ଔଷଧ ବଜାରର ରୂପ କଣ ହେଲା (!) ଲୋକେ ଜାଣି ପାରିଲେ ନାହିଁ ଅଥବା ଜାଣିବାକୁ ଚାହିଁଲେ ନାହିଁ ।

ଶଙ୍କରଲାଲ ନକଲି ଔଷଧ ପ୍ରସ୍ତୁତ ପରି ଅମାନବୀୟ ବ୍ୟାପାର କାହିଁକି କଲା । ଏହାର ତର୍ଜମା କେହି କଲେନି ।

ଅପ୍ରେଲ ୨୦୦୭ ଆଉଟଲୁକ୍ ପତ୍ରିକାର ଗୋଟିଏ ପରିସଂଖ୍ୟାନ ଅନୁସାରେ ବଲାଙ୍ଗିର ଜିଲ୍ଲାର ୧୮ରୁ ୨୦କି.ମି ମଧ୍ୟରେ ୧୦ପ୍ରତିଶତ, ୧୨ ରୁ ୧୩ କି.ମି ମଧ୍ୟରେ ୩୦ ପ୍ରତିଶତ, ୧୦ରୁ ୧୧ କି.ମି ମଧ୍ୟରେ ୧୦ ପ୍ରତିଶତ, ୬ ରୁ ୯ କି.ମି ମଧ୍ୟରେ ୨୫ ପ୍ରତିଶତ ଓ ୨ରୁ ୫ କି.ମି ମଧ୍ୟରେ ୨୫ପ୍ରତିଶତ ସ୍ୱାସ୍ଥ୍ୟକେନ୍ଦ୍ର ରହିଅଛି । ଏ ଅନୁପାତରେ ହିଁ ଓଡ଼ିଶାର ଅବସ୍ଥା ଅନୁମାନ କରାଯାଇପାରେ । ସ୍ୱାସ୍ଥ୍ୟସେବାର ଏ ଯେଉଁ ବିରାଟ ଶୂନ୍ୟସ୍ଥାନ ରହିଅଛି, ଏହାକୁ କ୍ୱାକ୍‌ମାନେ ପୁରା କରିଥାନ୍ତି । ଏହି କ୍ୱାକ୍‌ମାନେ ଶଙ୍କରଲାଲର ବଡ଼ ସହଯୋଗୀ, ତା'ପଛକୁ ଅନ୍ୟମାନେ ।

ପ୍ରତି ୧୦୦ଟି ଦୋକାନ ପାଇଁ ଜଣେ ଡ୍ରଗ୍ ଇନ୍‌ସପେକ୍ଟର ରହିବା କଥା । ଓଡ଼ିଶାରେ ୧୫ ହଜାର ଔଷଧ ଦୋକାନ ଓ ହଜାରେରୁ ଉର୍ଦ୍ଧ୍ୱ ହୋଲସେଲର୍ । ମାତ୍ର ଡ୍ରଗ ଇନ୍‌ସପେକ୍ଟରଙ୍କ ସଂଖ୍ୟା ୨୦ । ଏ କ୍ଷେତ୍ରରେ ନିୟନ୍ତ୍ରଣ କଥା ଚିନ୍ତା କରାଯାଇପାରେ ।

ଭାରତରେ ସିଡ୍ୟୁଲ ଓ ନନ୍‌ସିଡ୍ୟୁଲ ଦୁଇ ପ୍ରକାରର ଔଷଧ ତିଆରି ହୁଏ । ଦୁଇଟି ଔଷଧ ବୈଧ ଓ ନାମୀ କମ୍ପାନୀମାନଙ୍କ ଦ୍ୱାରା ପ୍ରସ୍ତୁତ । ସିଡ୍ୟୁଲ ମେଡ଼ିସିନ ୩୦ପ୍ରତିଶତ ବଜାର ଅକ୍ତିଆର କରିଥିବା ବେଳେ ନନ୍‌ସିଡ୍ୟୁଲ ବା ଜେନେରିକ ମେଡ଼ିସିନ ୭୦ପ୍ରତିଶତ ବଜାର ଅକ୍ତିଆର କରିଛି । ସିଡ୍ୟୁଲ ଔଷଧରେ ଅଧିକ ୧୦୦ପ୍ରତିଶତ ପୋଷ୍ଟ ପ୍ରଡ଼କ୍ସନ ମୂଲ୍ୟ ଯୋଡ଼ାଯାଏ । କିନ୍ତୁ ନନ୍‌ସିଡ୍ୟୁଲ ଔଷଧରେ ୫୦୦ରୁ ୧୦୦୦ ପ୍ରତିଶତ ପର୍ଯ୍ୟନ୍ତ ପୋଷ୍ଟ ପ୍ରଡ଼କ୍ସନ ମୂଲ୍ୟ ହେବାରେ ବାଧା ନଥାଏ । ଯାହା ବର୍ଷକୁ କୋଡ଼ିଏ ହଜାର କୋଟି ଟଙ୍କାର ବ୍ୟବସାୟ କରେ । ଏହି ବଜାର ଭିତରକୁ ଶଙ୍କରଲାଲ୍‌ମାନଙ୍କୁ ପ୍ରବେଶ କରିବାରକୁ ଅସୁବିଧା ହୁଏନାହିଁ । ଅତି ବେଶିରେ ଡ୍ରଗ ଇନ୍‌ସପେକ୍ଟରକୁ ବୁଝାଯାଇପାରିଲେ ଯଥେଷ୍ଟ, ଯାହା ଶଙ୍କରଲାଲ କରୁଥିବା ସ୍ୱୀକାର କରିଛି ।

କେବଳ ବଲାଙ୍ଗିର ଜିଲ୍ଲାକୁ ଦେଖାଯାଉ । ୫୦ଟି ହୋଲସେଲର ଏବଂ ୪୫୦ଟି ଔଷଧ ଦୋକାନରେ ଦୈନିକ ୩୦ ଲକ୍ଷ ଟଙ୍କାର ବ୍ୟବସାୟ ହୁଏ । ଗୋଟିଏ ଘରୋଇ ଗଣମାଧ୍ୟମ କହେ ଦେଶର ୩୫ ପ୍ରତିଶତ ବଜାର ନକଲି ଔଷଧ ଦଖଲ କରିଛି ।

ବଲାଙ୍ଗିରରେ ଧରପଗଡ଼ ହେଲାବେଳେ ସମସ୍ତ ଔଷଧ ଦୋକାନ ବନ୍ଦ ରହିଲା । ପରିସ୍ଥିତି ସ୍ପଷ୍ଟ କଲା ଯେ ଜିଲ୍ଲାର ଔଷଧ ବଜାରରେ ୧୮କୋଟି ଟଙ୍କା ବର୍ଷକୁ ନକଲି ଔଷଧ ବେପାରୀ ପାଖକୁ ଯାଏ । ଯାହା ବଲାଙ୍ଗିର ଜିଲ୍ଲା ଲୋକଙ୍କ ମୁଣ୍ଡପିଛା ଆୟର ୧୫ ଦିନ । କେବଳ ଔଷଧରେ ଜଣେ ଲୋକର ୧୫ଦିନ କଳାବଜାରକୁ ଚାଲିଯାଏ ।

ସରକାରୀ ଆଇନରେ ଫାଙ୍କ ଓ କର୍ମଚାରୀଙ୍କ ସମର୍ଥନ ଦ୍ୱାରା ଶଙ୍କରଲାଲମାନେ ଏପରି ବ୍ୟବସାୟ ପାଇଁ ସାହସ କରନ୍ତି । ଆଇନ ଆଖିରେ ଯାହାବି ହେଉ, କିନ୍ତୁ ଏମାନେ ବ୍ୟବସାୟୀ ।

ଏମାନେ ସେ ବଡ଼ବଜାରର ଜଣେ ଜଣେ ଖାଉନ୍ଦ । ଏମାନଙ୍କ ମାନସିକତା ଏତିକି ନିକୃଷ୍ଟ ଯେ ଔଷଧ, ଖାଇବାତେଲ ପରି ଜିନଷ ନକଲି କରାଯାଇ ବ୍ୟବସାୟ କରିପାରନ୍ତି ଯାହା ସିଧା ସିଧା

Digitized by srujanika@gmail.com

ଲୋକଙ୍କ ସ୍ୱାସ୍ଥ୍ୟ ଓ ଅର୍ଥନୀତି ସଙ୍ଗେ ଜଡ଼ିତ । ଏଇଟା ଏ ଯୁଗର ସାଧାରଣ ଉପଚାରର ପ୍ରାରମ୍ଭିକ ବ୍ୟାଖ୍ୟା । ଏହିପରି ଏକ ବଜାରରେ ମଣିଷନାମକ ପଶୁମାନେ ଅଭିଯୋଗ କରିବେ କି ପ୍ରତିକ୍ରିୟା କରିବେ। କିନ୍ତୁ ପ୍ରଶ୍ନ ହେଲା ଯେ କହିବେ କାହାକୁ ?

❑❑❑



ଗ୍ରାମ୍ୟ ରାସ୍ତାରେ ଆଦିବାସୀଙ୍କ ପଥର ଦେବତା

Digitized by srujanika@gmail.com

# ୧୮

# ପୃଥିବୀର ଶେଷ ବରତନିଆ

ବଙ୍ଗୋମୁଣ୍ଡା ଜମିଦାର ଦୁଇଜଣ ଲୋକଙ୍କ ଦଣ୍ଡବିଧାନ କଲେ । ଦଣ୍ଡ ଥିଲା ଲୋକ ଦୁହିଁଙ୍କୁ ଦୁଇ ଦୁଇ ଜୋତା ମାରିବା । ଦଣ୍ଡ ବିଧାନ ପରେ ଦୁହିଁଙ୍କୁ ଗୋଟିଏ ଲେଖାଏଁ ମେଲଛା ଦେଇ ଜାତି ହେବାକୁ ନିର୍ଦ୍ଦେଶ ଦେଲେ । ସେ ସମୟରେ କୌଳିକ ବୃତ୍ତି ବହିର୍ଭୂତ କାମ କଲେ ସ୍ୱଜାତିରୁ ବାସନ୍ଦ ହେବାକୁ ପଡୁଥିଲା । ଜାତିରେ ମିଶିବା ପାଇଁ ନିଜ ଜାତିଭାଇଙ୍କ ସମ୍ମୁଖରେ ଅପରାଧ ସ୍ୱୀକାର କରି ତାଙ୍କୁ ଭୋଜିଦେଇ ଆପ୍ୟାୟିତ କରିବାକୁ ପଡୁଥିଲା । ଏଠାରେ ସେ ଲୋକ ଦୁଇଜଣଙ୍କ ଅପରାଧ ଥିଲା ଯେ ସେମାନେ ନିଜ ଗାଈପାଇଁ ନିଜେ ଘାସ କାଟିଲେ । ଘାସକଟା କାମ ଘାସି ସମ୍ପ୍ରଦାୟର । ଲୋକ ଦୁଇଜଣ ଜଣେ ଘାସି ଲୋକର କର୍ମ ସୁଯୋଗକୁ ଅପହରଣ କରିବା ଅପରାଧରେ ଦଣ୍ଡିତ ହେଲେ । ଏଇ ଦୁଇଜଣ ଲୋକ ଗଉଡ଼ ସମ୍ପ୍ରଦାୟର ଥିଲେ ।

ଆଉ ଏକ ବିଚାରରେ ଅନ୍ୟଜଣେ ଲୋକ ଜମିଦାରଙ୍କ ଦରବାରରେ ଦଣ୍ଡ ପାଇଥିଲା । କାରଣ ତା' ସ୍ତ୍ରୀ ଘରର ଲୁଗାପଟା ନେଇ ପୋଖରୀରେ ସଫା କରିଥିଲା । ଲୁଗା ସଫାକାମ ଧୋବା ବ୍ୟତୀତ ଅନ୍ୟ କେହି କରିପାରିବ ନାହିଁ ।

ଚଳନ୍ତି ସମୟରେ ଏତାଦୃଶ କାମକୁ ଅପରାଧ ପରିସରଭୁକ୍ତ କରାଯାଇ ପାରିବନାହିଁ । କିନ୍ତୁ ସେ ସମୟରେ ସମାଜ ବ୍ୟବସ୍ଥାର କର୍ମ ଆବଣ୍ଟନ କୁଳ ଆଉ ଜାତି ଆଧାରରେ ବ୍ୟବସ୍ଥିତ କରି ରଖାଯାଇଥିଲା । ଗୋଟିଏ ପରିବାର ଗାଁର ଅନେକ ପରିବାରର ସହଯୋଗ ନେଉଥିଲା ।

ଗୋଟିଏ କୃଷକ ପରିବାରର କପଡ଼ା ଧୋବା ସଫା କରିବ, ବାରିକ ତାର ନଖ, ବାଳ କାଟିବ । ସ୍ତ୍ରୀ ଲୋକର ନଖ ବାରିକାଣୀ କାଟିବ । ଘାସି ଗୋରୁ ପାଇଁ ଘାସ ଆଣିଦେବ । ତେଲି ପରିବାରରେ ତେଲର ଆପୂର୍ତ୍ତି କରିବ । ଗଉଡ଼ ଘିଅ ଦେବ ଆଉ ଖାଇବା ପାଣି ଆଣିଦେବ । କୃଷି ଉପକରଣକୁ ଲୁହୁରା ତିଆରି କରିବ ଅଥବା ମରାମତି କରିବ । ଜଣେ ଗଣ୍ଡା ଲୋକ କପଡ଼ା ତିଆରି କରିବ, ପୂଜା ପାର୍ବଣ ଅଥବା ବିବାହାଦିରେ ବାଜା ବଜେଇବ । ଉତ୍ସବମାନଙ୍କରେ କେଉଟ ଲିଆ, ଭୁଜା ଭାଜିଦେବ । କୁମ୍ଭାର ମାଟିପାତ୍ରର ଆବଶ୍ୟକତା ପୂରା କରିବ । ସୁତରାଂ ଗୋଟିଏ ପରିବାରର ଆବଶ୍ୟକତାକୁ ଗାଁର

Digitized by srujanika@gmail.com

ସମସ୍ତେ ମିଶି ପୁରା କରିବେ । ପ୍ରତିଟି ପରିବାର ଏହି ଗ୍ରାମ୍ୟ ପରମ୍ପରାରେ ପ୍ରତ୍ୟେକ ପରିବାରର ଦେଖାରଖା କରୁଥିଲେ । ଗାଁରେ ପରସ୍ପରର ସମ୍ବନ୍ଧ ଠିକ ରହୁଥିଲା । ଧୋବାର ଯଦି କୌଣସି ଅନ୍ୟଜାତିର ଲୋକ ସହ ମନୋମାଳିନ୍ୟ ହୁଏ, ତା'ହେଲେ ଧୋବା ସେ ପରିବାରର କପଡ଼ା କାଚିବା ବନ୍ଦ କରୁ ନଥିଲା । ଯଦି ଏ କାମ ବନ୍ଦ କରେ, ତା'ହେଲେ ଗାଁରେ ଧୋବା ଦୋଷୀ ହେଉଥିଲା । କାମ ସାମୂହିକ, କିନ୍ତୁ ସମ୍ପର୍କ ବ୍ୟକ୍ତିଗତ । ଏହା ଥିଲା ଗ୍ରାମ୍ୟ ବ୍ୟବସ୍ଥାର ଏକ ବାହ୍ୟଚିତ୍ର । ଏହା ହିଁ ଗୋଟିଏ କାରଣ ଯେ ଗ୍ରାମ୍ୟ ବ୍ୟବସ୍ଥା ସଙ୍ଗଠିତ ଓ ଦୃଢ଼ ଥିଲା ।

ଏ ଗ୍ରାମ୍ୟ ବ୍ୟବସ୍ଥାରେ ତେଲି, ମାଳି, ଧୋବା ଓ ଗଣା ସମ୍ପ୍ରଦାୟର ଦାୟିତ୍ୱ ବେଶି ବଢ଼ି ଯାଉଥିଲା । କାରଣ ଏମାନେ ଗୋଟିଏ ଗାଁ କେବଳ ନୁହେଁ, ନିଜର କୌଳିକ ବୃତ୍ତି ପାଇଁ ଏମାନେ ପାଖ ଆଖ ଅନେକ ଗାଁ ସହ ସମ୍ବନ୍ଧ ରଖୁଥିଲେ । ଏମାନଙ୍କ ଦ୍ୱାରା ଗାଁ ଗାଁରେ ଅନ୍ତଃସମ୍ବନ୍ଧ ସ୍ଥାପିତ ହୋଇପାରୁଥିଲା । ଏଥିଯୋଗୁଁ ଏମାନଙ୍କ ସମ୍ମାନ ବି ସମାଜରେ ବେଶ୍ ଉଚ୍ଚରେ ଥିଲା । ଜାତିପ୍ରଥାରେ ବର୍ତ୍ତମାନ ଗଣା ସମ୍ପ୍ରଦାୟକୁ ଅଲଗା ହିସାବରେ ବିଚାର କରୁଛନ୍ତି କିନ୍ତୁ ସେ ସମୟରେ ଏ ସମ୍ପ୍ରଦାୟର ଜଣେ ହିଁ ବିବାହାଦି ସମ୍ବନ୍ଧ ପାଇଁ ନିଜର ଶେଷ ନିଷ୍ପତ୍ତି ଦେଉଥିଲେ ।

ଏହି କର୍ମ ବିଭାଜନ ପ୍ରତିବଦଳରେ ପାରିଶ୍ରମିକ ମଧ୍ୟ ସେହି ଅନୁପାତରେ ଧାର୍ଯ୍ୟ ହେଉଥିଲା । ଫସଲ ଅମଳପରେ ପରିବାରର କାମ ଅନୁସାରେ ପାରିଶ୍ରମିକ ମିଳୁଥିଲା । ଧାନ ଅମଳ ପରେ ଖଳାରୁ ହିଁ ନିଜ ନିଜର ପାରିଶ୍ରମିକ ଆଣୁଥିଲେ । ଏହାଦ୍ୱାରା ଫସଲ ଆବଣ୍ଟିତ ହେଉଥିଲା ଏବଂ ଜଣେ ବାରିକ ଧୋବାକୁ ମଧ୍ୟ ଫସଲ ଆକାରରେ ପାରିଶ୍ରମିକ ଦେଉଥିଲା ଏବଂ ଜଣେ ଧୋବା ବାରିକକୁ ଏହିପରି ଦେଇ ପାରୁଥିଲା । ଯଦି ସେ ବାରିକ ଓ ଧୋବା ପରିବାର ପରସ୍ପର ଉପରେ ନିର୍ଭର କରୁଥିଲେ, ତା'ହେଲେ ତାଙ୍କ ମଧ୍ୟରେ ବୁଝାମଣା ବି କାମ କରୁଥିଲା । ଏହି ବ୍ୟବସ୍ଥାକୁ କୁହାଯାଉଥିଲା 'ବରତନିଆ' ।

ଜାତି ଅନୁସାରେ କର୍ମବଣ୍ଟନ, କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି କରିବା ସହ ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ମଧ୍ୟ ସୁନ୍ଦର ଭାବରେ ପରିଚାଳିତ କରାଯାଇ ପାରୁଥିଲା । ଏପରିକି ବୈଦ୍ୟ, ଶିକ୍ଷକ, ନାଟକଗୁରୁ ମଧ୍ୟ ଏ ପରମ୍ପରା ଭିତରେ ସ୍ଥାନ ପାଉଥିଲେ । ସମସ୍ତଙ୍କ ପାଇଁ ଖାଦ୍ୟ ସୁରକ୍ଷା କରାଯାଇ ପାରୁଥିଲା । ଧନୀ-ଗରିବର ମହତ୍ତ୍ୱ ସରିଯାଉଥିଲା ।

ଏମାନଙ୍କ ସମୟ ହିସାବ ହେଉଥିଲା ପୌଷ ପୂର୍ଣ୍ଣିମାକୁ । ଏହି ଦିନକୁ ମୂଳକରି ଏମାନେ ନିଜର କାମର ହିସାବ କରନ୍ତି । ଏହି ଦିନ ତାଙ୍କର ସମସ୍ତ ପାଉଣା ପାଇ ସାରିଥାନ୍ତି; ତେଣୁ ଏହି ଦିନ ବର୍ଷର ଆରମ୍ଭ ଦିନ । ନୂଆବର୍ଷ, ଏହାକୁ ଲୋକେ ଅତି ଆନନ୍ଦର ସହ ପାଳନ କରନ୍ତି । ଯାହାକୁ ଦେଖିଲେ କହନ୍ତି. 'ଛେ ଛେରଛେରା !' ଆଜିବି ଏମାନେ କହୁଛନ୍ତି । ଏମାନଙ୍କ ସହ ଯେଉଁମାନେ ବରତନିଆ ନୁହଁନ୍ତି, ସେମାନେ ମଧ୍ୟ । ସମସ୍ତେ ପାଳନ କରନ୍ତି ଛେରଛେରା । ଏହି ଦିନ କୌଣସି ଦେବୀ ପୂଜା ହୁଏ ନାହିଁ । ଏ ଦିନ କେବଳ ସମସ୍ତେ ମଜା କରନ୍ତି । ଖୁସି ମନାନ୍ତି । ପିଠା ପଣା ଇତ୍ୟାଦିର ଅଭାବ ରହେନି ଘରେ ଘରେ ।

ସ୍ଥାନୀୟ କୃଷି ସଂସ୍କୃତିରେ ଏହି ଦିନ ଖଳା ଛଡ଼ାହୁଏ । ଏହିଦିନ ସମସ୍ତଙ୍କ ପାଉଣା ଦେଇ ଚାଷୀ ବର୍ଷକର ଦାୟିତ୍ୱରୁ ମୁକ୍ତ ହୁଏ ଓ ବରତନିଆ ନିଜର ପାଉଣା ନେଇ ବର୍ଷକର ଦାୟିତ୍ୱ ବନ୍ଧନ କରିପାରିଥିବାର ଖୁସି ମନାଏ । ଜ୍ୟୋତିଷ ମତରେ ରବି ପୁଷ୍ୟା ନକ୍ଷତ୍ରରେ ଥାଇ ଯେଉଁ ପୂର୍ଣ୍ଣିମା

Digitized by srujanika@gmail.com

ପଡ଼େ ତାହାକୁ ପୁଷ୍‌ପୁନୀ କହନ୍ତି । ଏହି ଦିନ ଜ୍ୟୋତିଷ ଗଣନା ଆରମ୍ଭ କରାଯାଇପାରେ ନାହିଁ । କିନ୍ତୁ କୃଷିକ୍ଷେତ୍ରରେ ଶାରଦୀୟ ଚାଷର ଶେଷଦିନ ଓ ରବିଚାଷର ଆରମ୍ଭ ଦିନ ହିସାବରେ ଜ୍ୟୋତିଷ ଶାସ୍ତ୍ର ନିଜର ମତ ଦିଏ । ଏହା ମୁଖ୍ୟତଃ ପଶ୍ଚିମ ଓଡ଼ିଶାର ପର୍ବ, ବିଜ୍ଞାନସମ୍ମତ ଲୋକପର୍ବ ।

ସମୟକ୍ରମେ ଏହି ସମାଜ ବ୍ୟବସ୍ଥା ବିଭିନ୍ନ କାରଣରୁ ଭାଙ୍ଗିଗଲା । କିନ୍ତୁ ଆଜିବି ବଙ୍ଗୋମୁଣ୍ଡା ଗାଁର ନାରାୟଣ ସେଠ୍ ଓ ବଡ଼ମୁଲା ଗାଁର ଗଣା ବାରିକଙ୍କୁ ଏ ପରମ୍ପରାର ଶେଷ ସ୍ରୋତ ହିସାବରେ ଦେଖାଯାଇପାରେ । ଏମାନେ ଆଜିବି ସେ ପରମ୍ପରାକୁ ପାଳି ଆସୁଛନ୍ତି । ଠିକ୍ ସେହିପରି ଓ ସେହି ନିୟମରେ ଯାହା ପୂର୍ବରୁ ଧାର୍ଯ୍ୟ ହୋଇସାରିଛି । ଫସଲ ପ୍ରତିବଦଳରେ କେତେକ ସ୍ଥାନରେ ଟଙ୍କାର ବ୍ୟବହାର ହେଉଛି ମାତ୍ର । ଏହି ପ୍ରାଚୀନ ପରମ୍ପରା ନାରାୟଣ ଓ ଗଣାର ସମ୍ପ୍ରଦାୟ ଭିତରେ ସୀମିତ ହୋଇ ରହିଯାଇଛି ।

ନାରାୟଣ ସେଠ୍ ଜାତିରେ ଧୋବା । ରହେ ବଲାଙ୍ଗିର ଜିଲ୍ଲାର ବଙ୍ଗୋମୁଣ୍ଡା ଗାଁରେ । ବଙ୍ଗୋମୁଣ୍ଡାର କିଛି ପରିବାର, ଜାନିପରା, ସାରସପଡ଼ା ଓ ସାହାଜପେନ ଗାଁର ସେ ବରତନିଆ । ଏକଦା ଲୋକପ୍ରବାଦ ଥିଲା- "ତୁଷରାର ଧାନଘରା ଆରୁ ବଙ୍ଗୋମୁଡ଼ାର ଟିଆଁ ଧୁବା ।" ତୁଷରାର ଧାନଘରା ଗଡ଼ଜାତ ରାଜ୍ୟମାନଙ୍କରେ ବଡ଼ ଥିଲା । ପୂର୍ବତନ ପାଟଣା ରାଜ୍ୟରେ ଏହା ଥିଲା ଗର୍ବ । ସେପରି ଟିଆଁ ସେଠ୍ । ସେ କପଡ଼ା ଇସ୍ତ୍ରୀକଲେ କପଡ଼ା ସିଧା ଓ ଟାଣ ରହୁଥିଲା । ଯାହା ବଙ୍ଗୋମୁଣ୍ଡା ଜମିଦାରଙ୍କ ମନପସନ୍ଦ ଥିଲା । ଏହି ଜଣକର ବଂଶଧର ନାରାୟଣ ସେଠ୍ । ଲୁଗା ସଫାକରେ ଓ ଗାଁରେ କପଡ଼ା ଇସ୍ତ୍ରୀ କରେ । ତା'ପରି ତା' ବଂଶର ଆହୁରି ପାଞ୍ଚ/ଛଅ ପରିବାର କୌଳିକ ବୃତ୍ତି କରନ୍ତି । ସେମାନେ ବି ବରତନିଆ । ବରତନିଆ କାମ କରୁଥିବା ପରିବାର ଅନେକ ମିଳିବେ ଓଡ଼ିଶାର ପଶ୍ଚିମାଞ୍ଚଳର ଗାଁମାନଙ୍କରେ ।

ସେହିପରି ଗଣା ବାରିକ । ନିଜ ପରିବାର ସହ ରହେ ବଡ଼ମୁଲା ଗାଁରେ । ବଡ଼ମୁଲା ନୂଆପଡ଼ା

**ଶେଷ ବର୍ତ୍ତନିଆ : ନାରାୟଣ ସେଠ୍ ଓ ଗଣା ବାରିକ**

Digitized by srujanika@gmail.com

ଜିଲ୍ଲାର ଖଡ଼ିଆଳ ବ୍ଲକ୍ ଅନ୍ତର୍ଗତ, କିନ୍ତୁ ସେ ବଲାଙ୍ଗିର ଜିଲ୍ଲାର ଭାଲୁମୁଣ୍ଡାରେ ଗୋଟିଏ ସେଲୁନ କରିଛି । ଗଣାର କହିବା ଅନୁସାରେ ତାର ପୂର୍ବପୁରୁଷ ପାଟଣା ରାଜ୍ୟର ଅନେକ ଗାଁର ବରଡନିଆ ଥିଲେ । ଯାହାକୁ ସେ ଆଜିବି ପାଳନ କରୁଛି ।

ଜୟପୁର ଓ ପାଟଣା ରାଜ୍ୟର କିଛି କିଛି ଅଂଶ ମିଶି ଖଡ଼ିଆଳ ଜମିଦାରୀ ଖଡ଼ିଆଳ ରାଜ୍ୟ ହେଲା । ଐତିହାସିକ ରମାଇ ଖଣ୍ଡା ଖଡ଼ିଆଳ ରାଜ ପରିବାରରେ ଅଛି । ପାଟଣା ଗଡ଼ଜାତ ଜମିଦାର ସଙ୍ଗେ ଖଡ଼ିଆଳର ସମ୍ପର୍କ ସେତେ ଉନ୍ନତ ଥିବା ଉଦାହରଣ ନାହିଁ । ଏ ସମ୍ପର୍କ ଗଣାର ପୂର୍ବପୁରୁଷଙ୍କୁ କୌଣସି ଅପଦସ୍ତରେ ପକେଇଥିବା କଥା ଗଣା କେବେ ବି ତାର ବାପା,ଅଜାଠୁ ଶୁଣିନାହିଁ । ସୁତରାଂ ବରଡନିଆ ପ୍ରଥାରେ ରାଜ୍ୟସୀମାର ମହତ୍ତ୍ୱ ସରିଯାଏ ।

ବଙ୍ଗୋମୁଣ୍ଡାର ଇଷ୍ଟଦେବୀ ଦ୍ୱାରସେନୀ । ଦେବୀ ଦ୍ୱାରସେନୀଙ୍କ ମହିମା ବଖାଣ ବେଳେ କେତେକ ପୁରୁଖା ଲୋକ କହନ୍ତି ଏକଦା ବଙ୍ଗୋମୁଣ୍ଡା ଜମିଦାରଙ୍କୁ ଖଡ଼ିଆଳ ରାଜପରିବାର ବନ୍ଦୀ କରିଥିଲେ । ଏକଥା ଗଣା ବାରିକ ଜାଣେ । କିନ୍ତୁ ଏ ସମୟରେ ତାଙ୍କର କୌଳିକ ବୃତ୍ତି କରିବାକୁ ଦୁଇ ରାଜ୍ୟରୁ କୌଣସି ବାଧା ଆସିଥିବା ଘଟଣା ସେ ଶୁଣିନାହିଁ । ଯଦିବା ସେ ସମୟରେ କୌଣସି ବାଧା ଆସିଥାନ୍ତା, ତା'ହେଲେ ଗଣା ପାଟଣାର ସାତ ଆଠଟି ଗାଁର ବରଡନିଆ ନଥାନ୍ତା । ସେ କହେ ଯଦିବା ଆସିଥିବ, ତା' ହେଲେ ସେଟା ଏତେ ପ୍ରଭାବୀ ନ ଥିବ । ଲୋକେ ଏହି ରାଜ ଆକ୍ରୋଶକୁ ଉପେକ୍ଷା କରିଥିବେ ଅଥବା ସମାଧାନ କରିଥିବେ ।

ସୁତରାଂ ବରଡନିଆ ପ୍ରଥା ରାଜ୍ୟସୀମା ଓ ରାଜତନ୍ତ୍ରରୁ ମୁକ୍ତ ଥିଲା । ଏହା ଥିଲା ଲୋକଙ୍କ ବ୍ୟବସ୍ଥା । ସାଧାରଣଙ୍କ ଅର୍ଥନୀତି । ରାଜତନ୍ତ୍ରର ନିୟନ୍ତ୍ରଣବିହୀନ ଏହି ସମାଜବାଦ ରାଜତନ୍ତ୍ର ପରେ

ଲୁହୁରା (କମାର)

Digitized by srujanika@gmail.com

ମଧ୍ୟ ଏହାର ଅସ୍ତିତ୍ୱ ହରେଇ ନାହିଁ । ବଙ୍ଗୋମୁଣ୍ଡା ଜମିଦାରଙ୍କ ଦଣ୍ଡବିଧାନ ଏ କଥାର ପ୍ରମାଣ ଦିଏ ଯେ ରାଜତନ୍ତ୍ର ଏହାକୁ ସୁରକ୍ଷା ଦେଉଥିଲା ।

ଏଠରେ ଗୋଟିଏ ପ୍ରଶ୍ନ ଉଠେ, ରାଜତନ୍ତ୍ରକୁ ଏ ବ୍ୟବସ୍ଥା କେତେ ସୁରକ୍ଷା ଦେଉଥିଲା ? କେତେ ସୁରକ୍ଷା ଏହାର ଆକଳନ କରିହେବ ନାହିଁ । କିନ୍ତୁ ସମାଜର ଗୋଟିଏ ମୁଖ୍ୟ ଅଙ୍ଗ ଯଦି ସ୍ୱଚାଳିତ ବ୍ୟବସ୍ଥିତ ହୋଇଗଲା, ତା'ହେଲେ ଶାସକ ଉପରେ ଚାପ ନିଶ୍ଚିତ ଭାବରେ କମ୍ ପଡ଼ିବ । ଏପରିକି କୌଣସି ଚାପ ପଡ଼ିବାର ସମ୍ଭାବନା ସେତିକି ନାହିଁ ।

କିନ୍ତୁ ଗଣା ବାରିକ ଗୋଟିଏ ଚିନ୍ତା କରିବାକୁ ସୁଯୋଗ ଦିଏ ଯେ ଶାସନର ପରିସୀମା ବାହାରେ ଲୋକ ଅର୍ଥନୀତି କେତେ ମୌଳିକ ରଖି ପାରୁଥିଲେ ।

ଗାଁର ଏହି ବ୍ୟବସ୍ଥା ଗୋଟିଏ ଗାଁକୁ ପରିବାର ଭଳି ରଖୁଥିଲା । ବରତନିଆ ପ୍ରଥାରେ ଗାଁ ଗାଁର ଅନ୍ତଃସମ୍ବନ୍ଧ ଠିକ୍ ରହୁଥିଲା । ଲୋକେ ନିଜ ଗାଁ, ନିଜ ଅଞ୍ଚଳ ଓ ନିଜ ରାଜ୍ୟକୁ ନିଜର ଗର୍ବ ମଣୁଥିଲେ । କିନ୍ତୁ ରାଜ୍ୟସୀମା ଡେଇଁଲା ପରେ ଗଣା ବାରିକର ଅସ୍ମିତା କଣ ଥିଲା ? ସେ ବଙ୍ଗୋମୁଣ୍ଡା ଜମିଦାରର ଗର୍ବ କରିବ କି ଖଡ଼ିଆଳ ରାଜାର ? ଏତେବେଳେ ଗଣା ବାରିକକୁ ସାର୍ବଜନିକ ହେବାକୁ ପଡୁଥିଲା । ଗଣା ବାରିକର ଅସ୍ମିତା ନିଜର କର୍ତ୍ତବ୍ୟ ଓ ଲୋକ, ରାଜା ନୁହେଁ । ଗଣା ବାରିକ ପୁରୁଷ ପୁରୁଷ ଧରି ରାଜ୍ୟସୀମା ଡେଇଁ କାମ କରୁଥିଲା । ତେଣୁ ରାଜତନ୍ତ୍ର ତା'ପାଇଁ ଗୌଣ ଥିଲା । ସର୍ବୋଦୟ ଲୋକତନ୍ତ୍ର ହିଁ ତାର ନମସ୍ୟ ଥିଲା ।

ଗଣା ବାରିକ ଅନ୍ୟ ରାଜ୍ୟର ଅରାଜକତାର ସୂତ୍ରଧର ବି ହୋଇପାରିବ । ଏଥିଲାଗି ଗଣା ବାରିକ ସର୍ବୋଦୟ ଉପଯୁକ୍ତ ଲୋକ । କିନ୍ତୁ ଗଣା ବାରିକ କହେ ଏପରି ଉଦାହରଣ ସେ ଜାଣେନି । ବହୁତ ଚେଷ୍ଟାକରି ସେ ମନେ ପକାଇ ପାରେନାହିଁ । ହୁଏତ ହୋଇ ନଥିବ ଅଥବା ରାଜତନ୍ତ୍ର ଗଣା ବାରିକକୁ ଏ କାମ ପାଇଁ ଉପଯୁକ୍ତ ଭାବି ନଥିବ । ସୁତରାଂ ରାଜତନ୍ତ୍ର ଗଣା ବାରିକ କି ନାରାୟଣ ସେଠ୍‌କୁ ଡରୁଥିବ ।

ଶାସନର ପ୍ରମୁଖ ଅଙ୍ଗ ରାଜା କି ଜମିଦାର, ଗଣା ବାରିକ ଅବା ନାରାୟଣ ସେଠ୍ ପାଇଁ । କିନ୍ତୁ ନାରାୟଣ ଓ ଗଣା ସମାଜର ପ୍ରମୁଖ ଅଙ୍ଗ । ଏମାନେ ଅଙ୍କୁଶ ଓ ଆକ୍ରୋଶର ପରିସୀମାରୁ ଖୁବ୍ ବାହାରେ । କିନ୍ତୁ ସମାଜର ଅତି ନିବିଡ଼ ଅଙ୍ଗ ଗଣା ଓ ନାରାୟଣ ଲୋକଶାସନ ଓ ରାଜଶାସନର ଏକ ବିରାଟ ବ୍ୟବଧାନ ରଖୁଥିଲେ । ଯାହାକୁ ରାଜତନ୍ତ୍ର ସମ୍ମାନ କରୁଥିଲା ଓ ସୁରକ୍ଷା ଦେଉଥିଲା ।

ରାଜତନ୍ତ୍ର ସରିଗଲା କିନ୍ତୁ ଗଣା ଓ ନାରାୟଣ ଏବେ ବି ଅଛନ୍ତି । ସେତେବେଳେ ଯେମିତି ଥିଲେ । କିନ୍ତୁ ଏମାନେ ଆଉ କେତେଦିନ ରହିବେ । ଏତେବଡ଼ ସମାଜବାଦୀ ବ୍ୟବସ୍ଥା ଏତେ ସଙ୍କୁଚିତ ହୋଇ ଯିବାର କାରଣ ଅନେକ । ସେ ମଧ୍ୟରୁ...

*ମରୁଡ଼ି* – କ୍ରମାଗତ ମରୁଡ଼ିର ପ୍ରଭାବ ଗ୍ରାମ୍ୟ ଜୀବନକୁ ବେଶ୍ ପ୍ରଭାବିତ କଲା । ଛୋଟ ଛୋଟ ଚାଷୀମାନେ ନିଜର ଜମି ହରାଇଲେ ଅଥବା ଅଭାବଜନିତ କାରଣରୁ ତାଙ୍କର ଜମି ଲୁଣ୍ଠିତ ହେଲା । ଧିରେ ଧିରେ ଅନେକ ଲୋକ କର୍ମଶୂନ୍ୟ ହୋଇଗଲେ । କୃଷକ ସଂଖ୍ୟା କମି କମି ଆସିଲା । କର୍ମସୁଯୋଗର ସଙ୍କୋଚନ ହେଲା । ଏତେବେଳକୁ ବରତନିଆର ପାରିଶ୍ରମିକ ପାଇଁ ଲୋକଙ୍କୁ ଅଭାବ ହେଲା । ଲୋକେ ଏ ପ୍ରଥାକୁ ମାନୁଥିଲେ ମଧ୍ୟ ଏହାର ସୁରକ୍ଷା କରି ପାରିଲେ ନାହିଁ । ଏହା ହେଉଛି ମୁଖ୍ୟ କାରଣ ବରତନିଆ ପ୍ରଥା ନଷ୍ଟ ହେବାର ।

Digitized by srujanika@gmail.com

*ସାମନ୍ତୀୟ ଅର୍ଥନୀତି* - ଏହା ଆରମ୍ଭ ହେଲା ମରୁଡ଼ି ପରେ ପରେ । ଜମି ବନ୍ଧକ ରଖିବା । ବିହନ, ସୁନା ଇତ୍ୟାଦିକୁ ଋଣ ଆକାରରେ ଦେବା ଫଳରେ ଗ୍ରାମ୍ୟ ଅର୍ଥନୀତିର ସରଳତା ଭାଙ୍ଗିଗଲା । ବ୍ୟକ୍ତି ନିକଟରେ ସମ୍ପତ୍ତି ଠୁଳ ହେଲା । ସ୍ୱାଧୀନତା ପରେ ସାମନ୍ତୀୟ ଅର୍ଥନୀତିର ପ୍ରାଦୁର୍ଭାବ ବଢ଼ିଲା । ଜମିମାଲିକ ସଂଖ୍ୟା କମିଯିବା ଫଳରେ ଲୁହୁରା ଓ କେଉଟ ଇତ୍ୟାଦି ସମ୍ପ୍ରଦାୟର କୌଳିକ ବୃତ୍ତି ଉପରେ ବେଶ୍ କୁପ୍ରଭାବ ପଡ଼ିଲା । ବାହାରୁ ଆସିଥିବା ବ୍ୟବସାୟୀମାନେ ଋଣ କାରବାର କରି ଗ୍ରାମ୍ୟ ସମ୍ପଦାର ଲୁଣ୍ଠନ କଲେ ।

*ଜାତିପ୍ରଥା* - ଜାତିପ୍ରଥାରେ ସବୁଠାରୁ କ୍ଷତିରେ ପଡ଼ିଲେ ଗଣା ସମ୍ପ୍ରଦାୟ । ଏମାନଙ୍କ ବୟନ ଶିଳ୍ପ ଅପହୃତ ହେଲା । ଏମାନେ କର୍ମଶୂନ୍ୟ ହେବାଫଳରେ ସେମାନଙ୍କର ସମାଜ ପ୍ରତି ଯେଉଁ ଗୁରୁ ଦାୟିତ୍ୱ ଥିଲା, ତାହା ଆସ୍ତେ ଆସ୍ତେ ଅବକ୍ଷୟ ହେଲା । କର୍ମଶୂନ୍ୟ ଗୋଟିଏ ଗୋଷ୍ଠୀ ସବୁବେଳେ ନିଜର ଦାୟିତ୍ୱ ତୁଲାଇବାରେ ଅସମର୍ଥ ରହିବ ।

*ପଳାୟନ* - କଳାହାଣ୍ଡିର ଗେଜେଟିୟରରେ ଉଲ୍ଲେଖ ଅଛି ମରୁଡ଼ି ହେଲେ ଲୋକେ ପାଟଣା ରାଜ୍ୟକୁ ସାମୟିକ ପଳାୟନ କରୁଥିଲେ । ଏମାନେ ଜଳାଶୟ ନିର୍ମାଣ କାମ କରୁଥିଲେ । କିନ୍ତୁ ୧୯୬୫ ପରବର୍ତ୍ତୀ ପଳାୟନ ଗୋଟିଏ ନୂତନ ତଥ୍ୟ ଦିଏ । ପୂର୍ବବର୍ତ୍ତୀ ପଳାୟନମାନ ସାମୟିକ ଥିଲା । ଏ ମଧ୍ୟରେ ସମାଜ ବ୍ୟବସ୍ଥା ଅବକ୍ଷୟ ହେବାକୁ ଲାଗିଲା । ୧୯୬୫ ପରେ ଗମନାଗମନର ସୁଗମତା ଓ ଆଧୁନିକତା ହେତୁ ଦୁର୍ଗ୍ ଓ ଭିଲାଇକୁ ଲୋକେ ପଳାୟନ କଲେ । ଏମାନଙ୍କ ମଧ୍ୟରେ ପ୍ରାୟ ସମସ୍ତେ ହରିଜନ ସମ୍ପ୍ରଦାୟର ଲୋକ । ସାମନ୍ତୀୟ ଅର୍ଥନୀତିରେ ଏମାନେ ଥିଲେ ସବୁଠୁ ବେଶି ନିଷ୍ପେଷିତ । ଏହି ବୟନ ଶିଳ୍ପକାରୀ ଗୋଷ୍ଠୀ କୃଷିକାମ କରୁ ନଥିଲେ । ଏମାନଙ୍କ ପରେ ଗଉଡ଼ ସମ୍ପ୍ରଦାୟ । ଏମାନଙ୍କ ବହୁଳତା ଏ ଅଞ୍ଚଳରେ । ଅଧିକାଂଶ ଜମି ଏମାନଙ୍କ ହାତରେ ଥିଲେ ବି ସଂଖ୍ୟାବହୁଳତା ଦୃଷ୍ଟିରୁ ଏମାନେ ଛୋଟ ଚାଷୀ ଓ ନଗିହା କାମରେ ନିଯୁକ୍ତ ଥିଲେ । ତେଣୁ ମରୁଡ଼ି ପ୍ରଭାବରେ ଏମାନଙ୍କୁ କର୍ମଶୂନ୍ୟ ହେବାକୁ ସାମାନ୍ୟ ଟିକିଏ ବିଳମ୍ବ ହେଲା । କମାରମାନେ ମଧ୍ୟ ପଳାୟନ କଲେ । ଜାତି ଅନୁସାରେ ପଳାୟନ ଗୋଟିଏ ସୁବ୍ୟବସ୍ଥିତ ସମାଜର କ୍ରମ ଅବକ୍ଷୟର ସୂଚନା ଦିଏ । ଏମାନଙ୍କ ପଛକୁ ଅନ୍ୟଜାତିର ଲୋକ ପଳାୟନ କଲେ । ଏହାର ସିଧା ପ୍ରଭାବ ଗ୍ରାମ୍ୟ ଜୀବନ ଓ ବରତନିଆ ପ୍ରଥା ଉପରେ ପଡ଼ିଲା । ଆହୁରି ମଧ୍ୟ ବିଭିନ୍ନ କାରଣରୁ ବରତନିଆ ପ୍ରଥା କ୍ରମାନ୍ୱୟରେ ଲୋପ ପାଇଆସିଲାବେଳକୁ ଲୋକେ କ୍ରମ ଅନୁସାରେ ପଳାୟନ କଲେ । ଗ୍ରାମ୍ୟ ନ୍ୟାୟ ବ୍ୟବସ୍ଥା ହଠାତ୍ ଭାଙ୍ଗିଗଲା ।

*ଶିଳ୍ପ ବିପ୍ଳବ* - ଶିଳ୍ପ ବିପ୍ଳବ ଦୁର୍ଗ୍, ରାଉରକେଲା, ଟାଟା ପରି ସହର ନିର୍ମାଣ କଲା । ହୀରାକୁଦ ବନ୍ଧ ହେବା ଫଳରେ କୃଷିକ୍ଷେତ୍ରରେ ମଧ୍ୟ ବିପ୍ଳବ ଆସିଲା । ଏ ଅଞ୍ଚଳମାନଙ୍କରେ କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି ହେଲା । ଲୋକେ ଜୀବନ ଜୀବିକା ପାଇଁ ଏ ଅଞ୍ଚଳମାନଙ୍କୁ ପଳାୟନ କଲେ । ଅନ୍ୟ ବିପ୍ଳବ ସଙ୍ଗଠିତ ହେଲା ଗ୍ରାମ୍ୟସ୍ତରରେ । କୃଷିରେ ଓ ଗମନାଗମନରେ ନୂଆ ନୂଆ ଜିନିଷର ପ୍ରୟୋଗ ହେଲା । ରାସାୟନିକ ସାର, ଉନ୍ନତ ବିହନ ନାମରେ ଶଙ୍କର ବିହନ ପାରମ୍ପରିକ କୃଷିକୁ ଓ ବିହନକୁ ନଷ୍ଟ କଲା । ଅର୍ଥକାରୀ ଫସଲ ଆଳରେ ଲୋକେ କୃଷିରେ କ୍ଷତି ସହିଲେ । ଟ୍ରାକ୍ଟର ଓ ବିଭିନ୍ନ ଗାଡ଼ିଆସିବା ଫଳରେ ହଳଗାଡ଼ି ଓ ଗୋ-ସମ୍ପଦାର ବ୍ୟବହାର କମିଗଲା । ଏ ଉପରେ ପର୍ଯ୍ୟବସିତ ପରମ୍ପରା ଭାଙ୍ଗିଗଲା । କୃଷି ଶ୍ରମିକ ଶିଳ୍ପ ଆଡ଼କୁ ମୁହାଁଇଲା ।

Digitized by srujanika@gmail.com

*ଉତ୍ସବ* - ଏ ଅଞ୍ଚଳରେ ଯାହା ବି ଉତ୍ସବ ହୁଏ, ତାହା କୃଷି ଓ ଜଙ୍ଗଲ ପର୍ଯ୍ୟବସିତ । ଗୋଟିଏ ଉତ୍ସବରେ ଯେତେ ଖର୍ଚ୍ଚହୁଏ, ତାହା ଜଣକର ଏକମାସରୁ ଏକ ବର୍ଷର ଖାଦ୍ୟ ଖର୍ଚ୍ଚ ସହ ସମାନ । ବିବାହ କୁଣାବରା ପରି ଉତ୍ସବରେ ଶତାଧିକ ଲୋକ ତିନି ଚାରି ଦିନ ଅତିଥି ହୋଇଥାନ୍ତି । ପୂର୍ବ ବରତନିଆ ପ୍ରଥାରେ ପରସ୍ପର ସମ୍ପୋଧିତ ଥିବାରୁ ଉପହାରରେ ଜଣେ ବିବାହ ପରି ବହୁଳ ଖର୍ଚ୍ଚର ଉତ୍ସବକୁ ଆରାମରେ କରିପାରୁଥିଲା । କାଳକ୍ରମେ ପରମ୍ପରାକୁ ସମ୍ମାନ ଦେବାଫଳରେ ଏ ଆୟୋଜନରେ ପରିବର୍ତ୍ତନ ହେଲାନାହିଁ । ଏଥିପାଇଁ ବି ଋଣ କରିବାକୁ ପଡ଼େ ଅତିଥି ଓ ଆୟୋଜକ ଉଭୟଙ୍କୁ ।

*ଅର୍ଥନୈତିକ ପରିବର୍ତ୍ତନ* - ବରତନିଆର ପାଉଣା ଶସ୍ୟ ଆକାରରେ ଦିଆଯାଉଥିଲା । ସେ ସମୟରେ ସାଧାରଣଙ୍କ ଆବଶ୍ୟକତା ଥିଲା ଅତି କମ୍ । ମନୋରଞ୍ଜନ ଓ ଜନସମ୍ପର୍କର ମାଧ୍ୟମ ଭାଗବତ ଟୁଙ୍ଗି, ନାଚ, ଗୀତ ଓ ଯାତ୍ରା ଉତ୍ସବ ଥିଲା । ଅନ୍ୟାନ୍ୟ ଆବଶ୍ୟକତା ଥିଲା ସାମାନ୍ୟ । ଶିଳ୍ପ ବିପ୍ଳବରେ ନୂଆ ନୂଆ ସାମଗ୍ରୀ ବଜାରକୁ ଆସିଲା । ଗ୍ରାମ୍ୟଜୀବନର ଅନେକ ଆବଶ୍ୟକତାକୁ ବଜାର ପୁରା କରିବାକୁ ଲାଗିଲା । ବିନିମୟର ମାଧ୍ୟମ ହିସାବରେ ଟଙ୍କାର ଗୁରୁତ୍ୱ ବଢ଼ିଲା । ଏହି ବଜାରକୁ ମୁଖ୍ୟତଃ ମାରୱାଡ଼ି ସମ୍ପ୍ରଦାୟ ନିଜେ ଆଣି ନିଜ ପରିଚାଳନାରେ ରଖିଲେ । ଲୋକଙ୍କ ଆବଶ୍ୟକତାମାନଙ୍କର ନିୟନ୍ତ୍ରଣ ନିଜ ହାତରେ ରଖିବା ଫଳରେ ସାଧାରଣଙ୍କ ଆଜୀବିକା ଉପରେ ତାଙ୍କର ନିୟନ୍ତ୍ରଣ ରହିଲା ।

ଆବଶ୍ୟକତା ବଢ଼ିଲା । ନାରାୟଣକୁ ମିଳୁଥିଲା ପରିବାର ପ୍ରତି ସର୍ବାଧିକ ଏକ ପୁଟି (୨୦ ମାନ) । ବର୍ତ୍ତମାନ ଲୋକଙ୍କର ନିଜ କାମ ନିଜେ କରିବାର ମାନସିକତା ନାରାୟଣର କାର୍ଯ୍ୟ ପରିସୀମାକୁ ସଙ୍କୁଚିତ କରିଦେଇଛି । ସେ ବଜାର ସଙ୍ଗେ ଦୌଡ଼ିବା ପାଇଁ ବସ୍ତି ଭିତରେ ଲଣ୍ଡ୍ରୀ ଦୋକାନ କରିଛି । ଗଣା ଭାଲୁମୁଣ୍ଡାରେ ସେଲୁନ୍ ଖୋଲିଛି । ଜଣେ ଲୋକ ଶସ୍ୟ ଆକାରରେ ପାଉଣାଦେଲେ ତାକୁ ଟଙ୍କା ଆକାରରେ ମାପିବ ନାହିଁ । ଗଣା ପୂର୍ବରୁ ପାଉଥିଲା ତିନିମାନ, ବର୍ତ୍ତମାନ ପାଉଛି ଜଣପ୍ରତି ପାଞ୍ଚମାଣ ଧାନ । ପାଞ୍ଚମାଣ ଧାନର ଦର ବର୍ତ୍ତମାନ ବଜାରରେ ୧୩୦ ଟଙ୍କା । କିନ୍ତୁ ବର୍ଷତମାମ ବାଳ ନିଜେ କାଟିବ ଗଣା ଜଣେ ଲୋକର । ଥରେ ବାଳକାଟିଲେ ଗଣା ପାଏ ସେଲୁନ୍‌ରେ ଦଶଟଙ୍କା । ତଦ୍ରୂପ ଅବସ୍ଥା ନାରାୟଣର ।

ଏମାନେ ଏ' କାମ ଛାଡ଼ି ଦେବେ କି ?

ମନା କରନ୍ତି ଉଭୟେ । ଦାୟିତ୍ୱ ଯାହାକୁ ବି ତ ନିଭାଇବାକୁ ପଡ଼ିବ ।

ଜମିର ଆକାର ବଢ଼ିନି କିମ୍ବା ପେଟର । କିନ୍ତୁ ଆକାର ଓ ପରିଭାଷା ବଦଳି ଯାଇଛି ଆବଶ୍ୟକତା ମାନଙ୍କର । ଏ ଆବଶ୍ୟକତାମାନଙ୍କୁ ଆଗେ ପୁରା କରିବାକୁ ଶସ୍ୟ ସମର୍ଥ ଥିଲା । କିନ୍ତୁ ଆଜି ଆଉ ନାହିଁ । ସେତେ ଟଙ୍କା ଗାଁର ପ୍ରତି ପରିବାର ନା ତ ନାରାୟଣକୁ ଦେଇ ପାରିବେ ନା ଗଣାକୁ । କିନ୍ତୁ ଉତ୍ତରଦାୟିତ୍ୱ ଏମାନଙ୍କୁ ଯୋଡ଼ି ରଖିଛି ସମାଜ ସଙ୍ଗେ ବ୍ୟବସ୍ଥା ସଙ୍ଗେ । ସମୟ ଅନେକ ବରତନିଆକୁ ହଜେଇ ଦେଇଛି । କିନ୍ତୁ ଗଣା ଓ ନାରାୟଣଙ୍କ ପାଖରେ ଏବେ ବି ହାରମାନୁନି । ଗଣା ଓ ନାରାୟଣ କିନ୍ତୁ ଦୁର୍ବଳ ହୋଇଯାଇଛନ୍ତି । ତଥାପି ଶସ୍ୟ ତାଙ୍କୁ ଖାଦ୍ୟସୁରକ୍ଷା ଦେଉଛି, ଆଜି ବି ।

ଆଜି ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଗଣା ଓ ନାରାୟଣ ନିଜ ନିଜର ବି.ପି.ଏଲ୍ କାର୍ଡ ଧରି ଚାଉଳ ପାଇଁ ପଂକ୍ତିରେ ଠିଆ ଉଠନ୍ତି । କିନ୍ତୁ ସେତେବେଳେ ଖଳାକୁ ଯାଉଥିଲେ ଦେଖୁଥିଲେ ତାଙ୍କର ଅଧିକାର ଶସ୍ୟ ଆକାରରେ ଗଦାହୋଇଛି ଖଳାର ଗୋଟିଏ ପାଖେ । ସେତେବେଳେ

Digitized by srujanika@gmail.com

ଦୈବାତ ବର୍ଷା ନହେଲେ ଏମାନେ ଚିନ୍ତା କରୁଥିଲେ । ଏମାନଙ୍କର ଜମି ନ ଥିଲା ତଥାପି ବି ଫସଲ ଭଲ ହେଉ ବୋଲି ନିଜ ନିଜର ଇଷ୍ଟଙ୍କୁ ପ୍ରାର୍ଥନା କରୁଥିଲେ । ଆଜି କାହାପାଇଁ ପ୍ରାର୍ଥନା କରିବାର ଆବଶ୍ୟକତା ନାହିଁ । ନିଜେ ଗଢ଼ିଥିବା ସରକାର ଏମାନଙ୍କୁ ରାଜାଠୁ ବି ପରଲାଗେ । ରାଜତନ୍ତ୍ରକୁ ଏମାନେ ସମ୍ମାନ କରୁଥିଲେ । ରାଜତନ୍ତ୍ର ଏମାନଙ୍କୁ ସମ୍ମାନ କରୁଥିଲା । ରାଜତନ୍ତ୍ର ଏମାନଙ୍କ ଅଧିକାରକୁ ସମ୍ଭ୍ରମତାର ସହିତ ସୁରକ୍ଷା ଓ ସମ୍ମାନ ଦେଉଥିଲା ।

ଗଣା ଓ ନାରାୟଣ କହିବି ପାରନ୍ତି ନାହିଁ ଯେ ସରକାର ଆମର । କିନ୍ତୁ ଏ ସରକାର ଗଣା ଓ ନାରାୟଣକୁ କହେ ତୁମର ଭାବ-ଅଭାବ, ସୁଖ-ଦୁଃଖ ମୋର । ମୁଁ ତୁମକୁ ଭତ୍ତା ଦେବି, ଦୁଇ ଟଙ୍କିଆ ଚାଉଳ ଦେବି, ଡାକ୍ତରଖାନାରେ ଔଷଧ ଦେବି, ବିଦ୍ୟାଳୟରେ ଶିକ୍ଷା ଦେବି, ବ୍ଲକ୍‌ରେ ଇନ୍ଦିରା ଆବାସ ଦେବି, ବିହନ ଦେବି, ନଙ୍ଗଳ ଦେବି । କିନ୍ତୁ ଏସବୁ ପାଇଁ ଲଢ଼ିବାକୁ ପଡ଼େ ଏମାନଙ୍କୁ ।

ନିଜେ ଗଢ଼ିଥିବା ସରକାର ପର ହୋଇଯାଏ । ଭୋଟବେଳେ ଏମାନଙ୍କୁ ଟଙ୍କା ଯାଚେ । ଆଜି ବି ରାଜପରିବାରର କିଏ ଜଣେ ଗାଁକୁ ଆସିଲେ ଏମାନେ କଞ୍ଚା ଗୋରସ ଧରି ଅପେକ୍ଷା କରନ୍ତି ଗୋଡ଼ ଧୋଇବାକୁ । ଏ ବିରୋଧାଭାଷ ଦ୍ୱନ୍ଦ୍ୱରେ ପକାଇବା ପାଇଁ ଯଥେଷ୍ଟ ଜଣେ ସମାଜଚିନ୍ତକକୁ ।

ଗ୍ରାମ୍ୟ ସଂସ୍କୃତିର ଦ୍ୱାହି ଦେଉଥିବା ମୂର୍ଦ୍ଧଣ୍ୟମାନେ ଗଣା ଓ ନାରାୟଣକୁ କେବେ ବି ବୁଝି ନାହାନ୍ତି । ଏମାନେ ଠିକ୍‌ରେ ଚାଲି ପାରିବେ ବୋଲି ଗାଁକୁ ପକ୍କା ସଡ଼କ ତିଆରି କରନ୍ତି । ସେ ସଡ଼କରେ ଗଣା ଓ ନାରାୟଣ ଚାଲନ୍ତି । କିନ୍ତୁ ଗ୍ରାମ୍ୟ ଓ ଜଙ୍ଗଲ ଉପଜ ଏ ରାସ୍ତାରେ ସହରକୁ ଯାଏ । ଯେଉଁଥିରୁ ବାରଅଣା ବିଭିନ୍ନ ଆଳରେ ଏମାନଙ୍କଠାରୁ ଲୁଟା ଯାଇଥାଏ ।

ତଥାପି ବି ଗଣା ଓ ନାରାୟଣ ସମସ୍ତଙ୍କ ସହ ପୁଷ୍‌ପୁନୀ ମାନନ୍ତି, ଛେ ଛେରଛେରା କହନ୍ତି ।

❑❑❑

## ବଞ୍ଚିବାର ରାହା

Digitized by srujanika@gmail.com

# ପଶ୍ଚିମ ଓଡ଼ିଶା ଶବ୍ଦାବଳୀ ସମୂହର ଟୀକା ଟିପ୍‌ପଣୀ

## *ବହି ଯାଉଥିବା ନଈ ଓ ସରିନ ଥିବା ଶୋଷ*

***ଡମଘିନା*** - ହରିଜନ ସମ୍ପ୍ରଦାୟର ଏକ ବିକଶିତ ଗୋଷ୍ଠୀକୁ ସ୍ଥାନୀୟ ଭାଷାରେ 'ଡ଼ମ' କୁହାଯାଏ । ଏହି ଗୋଷ୍ଠୀକୁ ବିଭିନ୍ନ କୌଶଳରେ କର୍ମଶୂନ୍ୟ କରାଗଲା । କର୍ମଶୂନ୍ୟ ହେବାପରେ ଏ ବିରାଟ ଗୋଷ୍ଠୀ ନିଃସ୍ୱ ହୋଇଗଲେ । ଏମାନଙ୍କ ମଧ୍ୟରେ ଅପରାଧପ୍ରବଣତା ବଢ଼ିଲା । ଏ ସୁଯୋଗରେ ଏହି ସମ୍ପ୍ରଦାୟର ଅନେକଙ୍କୁ ଶାରୀରିକ ନିର୍ଯାତନା ଦେଇ ଆୟତ୍ତ କରାଯାଉଥିଲା । ସାମନ୍ତମାନେ ଏ ସମ୍ପ୍ରଦାୟରୁ କ୍ରୀତଦାସ ରଖୁଥିଲେ । ଏ କ୍ରୀତଦାସ ମାନେ 'ଡମ' ସମ୍ପ୍ରଦାୟରୁ ମୁଖ୍ୟତଃ ଆସୁଥିଲେ । ତେଣୁ ଏମାନଙ୍କୁ କିଣିଥିବା ଡମ ବା ଆଞ୍ଚଳିକ ଭାଷାରେ 'ଘିନୁଆ ଡ଼ମ' କୁହାଯାଉଥିଲା । ଏହି ପ୍ରଥାକୁ 'ଡମଘିନା' କୁହାଯାଉଥିଲା ।

***ବାହାବନ୍ଧା*** - ହରିଜନ ଅଥବା ଯେ କୌଣସି ସମ୍ପ୍ରଦାୟର କ୍ରୀତଦାସ ଖାଇବା ଏବଂ ଗାଧୋଇବା ବ୍ୟତୀତ ଯାହାବି ଶ୍ରମ କରିବ, ସେ ସମସ୍ତ ଶ୍ରମ ସାହୁକାର ପାଇଁ କେବଳ । ବାହୁହେଉଛି ଶ୍ରମର ପ୍ରତୀକ, ତେଣୁ ଏହି ପ୍ରଥାରେ ନିଜର ବାହୁକୁ ମାଲିକ ନିକଟରେ ବନ୍ଧା ଦେଉଥିବାରୁ ଏହାକୁ 'ବାହାବନ୍ଧା' କୁହାଯାଏ ।

***ବଣତୁଳସୀ ମଞ୍ଜି*** - ବଣତୁଳସୀ ଗଛ ଯେକୌଣସି ଜମିରେ ଦୁଇରୁ ପାଞ୍ଚଫୁଟ ପର୍ଯ୍ୟନ୍ତ ବଢ଼ିଥାଏ । ଚାଷ ଜମିରେ ଏହି ଗଛକୁ ନଷ୍ଟ କରି ଚାଷ କରାଯାଏ । ଏହାର ମଞ୍ଜି ଧଳା, ଛୋଟ ଓ ଚିକ୍କଣ । ଏ ଗଛ ଶୁଖିଗଲେ ଜାଳେଣୀ କରି ବ୍ୟବହାର କରିଥାନ୍ତି । ଏହାର ମଞ୍ଜିକୁ ସଂଗ୍ରହ କରି ଚାଉଳ ପରି ବ୍ୟବହାର କରନ୍ତି । ଦୁଇଜଣ ତିନିଦିନ ପରିଶ୍ରମ କଲେ ସପ୍ତାହକ ପାଇଁ ଖାଦ୍ୟ ଓ ଜାଳେଣିର ଆବଶ୍ୟକତା ପୂରା ହୁଏ । ଏହାର ଖାଦ୍ୟ ଓ ଔଷଧୀୟ ଗୁଣ ଜଣା ନଥିଲେ ବି ଗରିବ ଲୋକେ କ୍ଷୁଧା ନିବାରଣ ପାଇଁ ବଣତୁଳସୀ ମଞ୍ଜିକୁ ଚାଉଳ ପରି ରାନ୍ଧି ଖାଇଥାନ୍ତି ।

## *ରିସିପିଟିର ସାମ୍ରାଜ୍ୟ ଓ ବନ୍ଧୁ ପାରିନଥିବା ବାଳମତୀ*

***ରିସିପିଟି*** - ନୂଆପଡ଼ା ଜିଲ୍ଲାର ଖଡ଼ିଆଳ ବ୍ଲକ୍ ଅନ୍ତର୍ଗତ ଦୁକଲା ଗାଁ ଯେଉଁଠାରେ ବଲାଙ୍ଗିର ଜିଲ୍ଲାକୁ ଛୁଇଁଛି, ସେଠାରେ ଗୋଟିଏ ପାହାଡ଼ ଅଛି । ଯାହାକୁ ଲୋକେ ରିସିପିଟି କହନ୍ତି । ରିସିପିଟିର ପୂର୍ବ ଦିଗକୁ ରସ୍‌ଗାଁ ଗୋଟିଏ ଛୋଟ ଜନବସତି । ଏହାର ଦକ୍ଷିଣକୁ ଯୋଗୀମଠ; ଯେଉଁଠାରେ ଖ୍ରୀ.ପୂ ୫ହଜାର ବର୍ଷ ପୂର୍ବର ଗୁମ୍ଫାଚିତ୍ର ରହିଅଛି ।

***ଦଳ*** - 'ଦଳ' ଏକ ଜନଜାତି । ଏହି ଜନଜାତିର ଲୋକ ରିସିପିଟିକୁ ଦେବତା ଭାବନ୍ତି । ତାଙ୍କର ପାରମ୍ପରିକ ଲୋକକଥା କହେ ଲୋକେ ରିସିପିଟିକୁ ଯାହାବି ମାଗୁଥିଲେ, ଦେଉଥିଲା । କିନ୍ତୁ ସର୍ତ୍ତ ଥିଲା ନେଇଥିବା ସମ୍ପତ୍ତି ଅବା ଅନ୍ନ ଲୋକଟି ସାମର୍ଥ୍ୟ ହେଲେ ଫେରେଇବ । ଏକଦା ଜଣେ ସୁନା ନେଇ ରିସିପିଟିକୁ ଫେରେଇ ନଥିଲା । ରିସିପିଟି ସେଦିନୁ ଲୋକଙ୍କୁ ସମ୍ପତ୍ତି କିମ୍ବା ଅନ୍ନ ସହଯୋଗ ବନ୍ଦ କରିଦେଲା । କିନ୍ତୁ ରିସିପିଟି ଦେବତାର ସମ୍ମାନ ଆଗପରି ପାଇଲା । ସେ ଆଜିବି ଡାକିଲେ ଜବାବ ଦିଏ(ପ୍ରତିଧ୍ୱନୀ)ବୋଲି ଲୋକେ ବିଶ୍ୱାସ କରନ୍ତି । ରାସ୍ତାଦେଇ ଗଲାବେଳେ ତା' ସମ୍ମାନରେ ପଥରଟିଏ ଥୋଇ ଦେଇ ମୁଣ୍ଡିଆ

Digitized by srujanika@gmail.com

ମାରନ୍ତି । ଏ ପଥର ଥୋଇବା ପରମ୍ପରା ଆଜିବି ଅନେକ ଦେବାଦେବୀ ନିକଟରେ ଅଛି । ଯେପରି ଡାକ୍ତଖାଇ ଦେବୀ ନିକଟରେ ଗଛରୁ ଛୋଟ ଡାଳଟିଏ ଭାଙ୍ଗି ଥୋଇଥାନ୍ତି ।

***ଯୋଗୀମଠ*** - ଏଠାରେ ଖ୍ରୀ.ପୂ ୫.୫ ହଜାର ବର୍ଷ ତଳର ଗୁମ୍ଫାଚିତ୍ର ଅଛି । ଏହାକୁ ଜିତାମିତ୍ର ପ୍ରସାଦ ସିଂଦେବ ଆବିଷ୍କାର କରି ଏ ବିଷୟରେ ଗବେଷଣା କରିଛନ୍ତି । ଏ ସମୟ ମଣିଷର ସଂସ୍କୃତି, ଧର୍ମ ବିଶ୍ୱାସ ଓ ପରମ୍ପରା ବିଷୟରେ ଆଲୋଚନା କରିଛନ୍ତି । ଯୋଗୀମଠର ଗୁମ୍ଫାଚିତ୍ର ବର୍ତ୍ତମାନ ନଷ୍ଟ ହୋଇଯାଉଛି । ଜଣେ ହିନ୍ଦୁ ସନ୍ନ୍ୟାସୀ ତା'ଉପରେ ଓଁ ଲେଖିଲେ । ଅନେକ ଛାତ୍ର ଙ୍ଗରାଜୀରେ କେସିକେ ଏବଂ ନିଜର ନାଁ ଲେଖିଛନ୍ତି । ଗାୟତ୍ରୀ ପରିବାର ବ୍ୟବହାର କରୁଥିବା ସତକ ମଶାଲର ଚିତ୍ର ଓ କେତେଜଣଙ୍କ ନାମ ଲେଖାଯାଉଛି । ଯୋଗୀମଠ ସାମ୍ନା ଓ ପଛରେଥିବା କେତେକ ଛୋଟ ପାହାଡ଼ରେ ଡ଼ିନାମାଇଟ ଲଗେଇ ପଥର ଫଟା ହେଉଛି । ଡିନାମାଇଟର ପ୍ରଚଣ୍ଡ ଶବ୍ଦଯୋଗୁଁ ଯୋଗୀମଠ, ଲିସିପିଟି ଓ ଅନ୍ୟ ପାହାଡ଼ରେ କମ୍ପନ ସୃଷ୍ଟି ହେଉଛି । ଆଇନ ଓ ବ୍ୟବସାୟ ଆଳରେ ଯୋଗୀମଠକୁ ନଷ୍ଟ କରାଯାଉଥିଲେ ହେଁ ସେହି ଆଇନର ବ୍ୟବହାର କରି ଯୋଗୀମଠର ସୁରକ୍ଷା କରାଯାଉ ନାହିଁ ।

***ଗୁଣିଆଁ*** - ଗୁଣିଆଁ ଆଞ୍ଚଳିକ ଭାଷାରେ ଗୁନିଆ । ତନ୍ତ୍ର ପରମ୍ପରାରେ ଏମାନେ ହେଉଛନ୍ତି ଅଞ୍ଚଳର ଶେଷ ସତକ । ତନ୍ତ୍ରର ଉଚ୍ଚତମ ବିଧି ସ୍ତମ୍ଭନ, ମୋହନ, ବଶ୍ୟ ଓ ଉଚ୍ଚାଟନ ବିଦ୍ୟା ପ୍ରୟୋଗ କରି ଏମାନେ ଗୁଣିଗାରେଡ଼ି କାମ କରିଥାନ୍ତି । ଦୁଷ୍ଟ ଆତ୍ମାକୁ ତଡ଼ିବା, ସ୍ତ୍ରୀକୁ କୌଣସି ପୁରୁଷପାଇଁ ବଶ କରିବା, ମନ୍ତ୍ରଦ୍ୱାରା ରୋଗମୁକ୍ତ କରିବା, କୌଣସି ବ୍ୟକ୍ତିର ସମ୍ପତ୍ତି ଓ ଜୀବନ ରକ୍ଷାକରିବା ଓ ନଷ୍ଟ କରିବା ପରି କାମ କରିଥାନ୍ତି । ମାରାଗୁଡ଼ା ଉପତ୍ୟକା, ରାଣୀପୁର ଝରିଆଲ, ଶ୍ରୀପୁର(ଛତିଶଗଡ଼), ସୋନପୁର, ବୌଦ୍ଧ ପରି ଅଞ୍ଚଳରେ ତନ୍ତ୍ରର ବହୁଳ ପ୍ରସାର ଥିଲା । ଏଥିମଧ୍ୟରୁ ବୁଦ୍ଧତନ୍ତ୍ର ପ୍ରମୁଖ ସ୍ଥାନ ଅଧିକାର କରିଛି । ଏହି ଅଞ୍ଚଳ ମାନଙ୍କରେ ବୁଦ୍ଧତନ୍ତ୍ର ସହ ଶୈବ, ଶାକ୍ତ, ଗାଣପତ୍ୟ, କାର୍ତ୍ତିକେୟ, ବୈଷ୍ଣବ ଧର୍ମରେ ମଧ୍ୟ ତନ୍ତ୍ରର ପ୍ରଭାବ ଓ ପ୍ରସାରକୁ ଡ଼ଃ. ରାମଚନ୍ଦ୍ର ମିଶ୍ର (ଡ଼ି.ଏ.ଭି ମହାବିଦ୍ୟାଳୟ ଟିଟିଲାଗଡ଼), ଡ଼ଃ. ଫଣିନ୍ଦ୍ରମ ସିଂଦେବ, ଡ଼ଃ.ପଦ୍ମାବତୀ ଦଣ୍ଡସେନା, ଡ଼ଃ. ଦଧିବାମନ ମିଶ୍ର, ଜିତାମିତ୍ର ପ୍ରସାଦ ସିଂଦେଓଙ୍କ ପରି ଅନେକ ଗବେଷକ ନିଜର ମତ ଦିଅନ୍ତି । ଏହି ତନ୍ତ୍ର ଉପରେ ଆଜିବି ଲୋକଙ୍କ ବିଶ୍ୱାସ ରହିଛି । କିନ୍ତୁ ତାନ୍ତ୍ରିକ ବା ଗୁଣିଆ ଆଜି ତନ୍ତ୍ରର ସେହି ଉଚ୍ଚତମ ସୋପାନ ପାଇଁ ନୁହେଁ ଗୁଣିଆ ନାମରେ ନିକୃଷ୍ଟ କର୍ମ କରୁଛନ୍ତି । ଏହା ଅନେକଙ୍କ ପାଇଁ ଜୀବନ ଜୀବିକାର ପନ୍ଥା ବି ଅଟେ ।

***ବାଇ*** - ନିଜର ବଡ଼ଭଉଣୀକୁ ବଲାଙ୍ଗିରର ଟିଟିଲାଗଡ଼ ଉପଖଣ୍ଡ, କଳାହାଣ୍ଡି ଓ ନୂଆପଡ଼ାର ମୂଳନିବାସୀ 'ବାଇ' କହିଥାନ୍ତି । ଛତିଶଗଡ଼ ଅଞ୍ଚଳରେ ମଧ୍ୟ ବାଇ ସମ୍ବୋଧନ କରାଯାଇଥାଏ । କୌଣସି ମହିଳାକୁ ସମ୍ମାନଜନକ ସମ୍ବୋଧନ ହେଲା ବାଇ । ଏ ଶବ୍ଦ ଉତ୍ତର ଭାରତରେ ବାରଙ୍ଗନାମାନଙ୍କ ପ୍ରତି ପ୍ରୟୋଗ ହୁଏ । ରାୟପୁରରେ ପ୍ରୟୋଗ ହେଉଥିବା ବାଇ ଶବ୍ଦ ସର୍ବଦୌ ବଡ଼ ଭଉଣୀର ମାନ୍ୟତା ରକ୍ଷାକରେ ।

Digitized by srujanika@gmail.com

### ଲଣ୍ଡରା ଟେମା

***ଟୁକେଲ*** - ଆଞ୍ଚଳିକ ଭାଷାରେ ଝିଅକୁ 'ଟୁକେଲ' ଡ଼ାକନ୍ତି । କିଶୋରୀକୁ 'ଟେଡ଼ି' ଓ କିଶୋରକୁ 'ଟେଡ଼ା' ମଧ୍ୟ କୁହାଯାଏ ।

***ଟଙ୍ଗା*** - ଟଙ୍କା; ଆଞ୍ଚଳିକ ଭାଷାରେ ଟଙ୍ଗା ।

### ଗୋଟିଏ ଶବ୍ଦ...

***ନୁରିଗୁଆ ନୁକୁରାର ନୁଟେ ଘା'*** - ନୁରି - ଖୋଜୁଥିବା । ସ୍ୱର୍ଗୀୟ ପ୍ରୟାଗଦତ୍ତ ଯୋଷୀ ନିଜର ଗବେଷଣାତ୍ମକ ପ୍ରବନ୍ଧମାନଙ୍କରେ କୋଶଲୀ ଭାଷାର ଶବ୍ଦ ବିକାଶରେ କହନ୍ତି ନୟନରୁ 'ନୁରା' ଶବ୍ଦର ସୃଷ୍ଟି । ଏହାର ଅର୍ଥ ଅନ୍ୱେଷଣ ।

***ନୁକରା*** - କୁକୁଡ଼ା

***ନୁଟେ*** - ପାଟିରେ

### ଟିଙ୍ଗା ହୋଇ ନ ଥିବା...

ବିଧର୍ବା - ସାଧାରଣତଃ ଏହା ମଣିଷର ଛେଉଣ୍ଡ ବା ଅସହାୟ ସ୍ଥିତିକୁ ବୁଝାଏ । ଏହି ଶବ୍ଦରେ ଲିଙ୍ଗର ସୀମା ନଥାଏ । ବିଧବା ପ୍ରତି ମଧ୍ୟ ଏହା ପ୍ରୟୋଗ ହୋଇଥାଏ ।

***ହରଜା*** - ବାହାଘର ବେଳେ ବରପକ୍ଷରୁ କନ୍ୟା ପକ୍ଷକୁ ଦିଆ ଯାଉଥିବା ଟଙ୍କାକୁ 'ହରଜା' କୁହାଯାଏ । ଯିଏ କନ୍ୟାକୁ ପ୍ରତି ପାଳିତ କରିଥାଏ ଏହି ହରଜା ଟଙ୍କା ଉପରେ ତାର ଏକାନ୍ତ ଅଧିକାର ରହେ । ଏହି ଟଙ୍କା ଦୁଇରୁ ସାତଟଙ୍କା ମଧ୍ୟରେ ସୀମିତ ଥିବାର ଦେଖାଯାଏ । ଏ ଟଙ୍କାରେ ଝିଅର ଅଭିଭାବକ ଚାଉଳ କିଣି ଖାଇବାର ପ୍ରଥା ବି ରହେ । ତେଣୁ ବାହା କରେଇଲି ପ୍ରତିବଦଳରେ 'ଦେଇ ଖାଏଲି' ; ବାହା ଦେବି ବଦଳରେ 'ଦେଇ ଖାଏବି' ବୋଲି ଲୋକେ କହିଥାନ୍ତି । ମୋ ଝିଅକୁ ବାହା ଦେଇ ସାରିଲିଣି ପ୍ରତିବଦଳରେ 'ମୋର ଟୁକେଲକେ ଦେଇ ଖାଏଲି ବା' ବୋଲି କହିଥାନ୍ତି ।

***ଗନସନ*** - ବିବାହ ବେଳେ ପୁଅ ବା ଝିଅକୁ ତେଲ ଓ ହଳଦୀରେ ଅଭିଷେକ କରିବା ।

***ମଡ଼୍‌ୱାଗଡ଼୍*** - ମହୁଲ ଡ଼ାଳ ଦୁଇଟିକୁ ସାକ୍ଷୀ ଭାବରେ ବେଦୀରେ ରଖାଯାଏ । ଏହାକୁ ଛାଉଣୀ କରାଯାଏ କେନ୍ଦୁଡ଼ାଳରେ । ଖରାବେଳେ ପ୍ରାୟ ଅଧିକାଂଶ ବିବାହ ହୁଏ । କେନ୍ଦୁଡ଼ାଳର ଛାଉଣୀ ତଳେ ଖାଇବା କାମ ହୁଏ । କେନ୍ଦୁଡ଼ାଳର ଛାଇରେ ଝାଉ ମାରେନି ଅର୍ଥାତ୍ ଅଶୁଘାତ ହୁଏନାହିଁ ।

***ଦେ' ଗନସା*** - ଦେ ଅର୍ଥାତ ଦେବତା । ତେଲ ହଳଦୀରେ ବିବାହ ବେଳେ ପ୍ରଥମେ ଘରର ଅବା ଗାଁର ଅଧିଷ୍ଠାତ୍ରୀ ଦେବୀଙ୍କୁ ଅଭିଷେକ କରାଯାଏ ।

***ପଏନ ପରନୀ*** - ପାଏନ୍ ଅର୍ଥାତ ପାଣି । ପୋଖରୀରୁ ପାଣି ଆଣି ତାକୁ ସାତଟି ଘରେ ବଦଳ କରାଯାଏ । ଏ' ପାଣିକୁ କଳସରେ ରଖାଯାଏ । ଏହାକୁ ବାଦୁଅ ପାଣି ବେଳେ ବ୍ୟବହାର କରାଯାଏ । ଯାହାକୁ 'ହଲଦୀ ପାଏନ୍' କୁହାଯାଏ ।

***ନୁଙ୍ଗା*** - ଅରୁଆ ଚାଉଳରେ ବର ଅବା କନ୍ୟାକୁ ଅଭିଷେକ ।

Digitized by srujanika@gmail.com

***ଚଉକୀ*** - ଉପହାର ଧରି ବାହାଘର ଅତିଥିଙ୍କୁ ସ୍ୱାଗତ କରିବା ।

***ଜୋର*** - ନାଲା । ଏହା ଜଳସ୍ରୋତ କିନ୍ତୁ ଅଣ ଓସାରିଆ ଓ ଅଙ୍କାବଙ୍କା । ଜୋର ନଦୀପରି ସରଳ ନୁହେଁ, ଏହାର ଗତିପଥ ଜଟିଳ ଭାବରେ ଅଙ୍କାବଙ୍କା ।

***ପ୍ରଥା ଅନୁସାରେ ବାହା*** - ଏହା ସାଧାରଣ ବିବାହ । ପୂର୍ବକାଳରେ ପ୍ରେମ ବିବାହ କଲେ ସମାଜ ସେମାନଙ୍କୁ ଗ୍ରହଣ କରେ । କିନ୍ତୁ ସର୍ତ୍ତ ଥିଲା ସେମାନେ ଗୋଟିଏ ଜାତିର ହୋଇଥିବେ । ଯଦି ଏମାନେ ଗୋଟିଏ ଜାତିର ନୁହନ୍ତି, ତା'ହେଲେ ପୁରୁଷର ଜାତି ଅନୁସାରେ ତାର ସନ୍ତାନସନ୍ତତି ନିଜକୁ ପରିଚିତ କରିପାରିବେ । ଏମାନଙ୍କୁ ସମସ୍ତ ସାମାଜିକ କର୍ମରେ ଭାଗ ନେବାକୁ ସୁଯୋଗ ମିଳିଥାଏ, ଯଦି ଏମାନେ ଗୋଟିଏ ଜାତିର । ଏହି ବିବାହ କରିଥିବା ମହିଳାମାନେ ସଧବା କରିବା ସାମାଜିକ କାମ କରି ପାରନ୍ତି ନାହିଁ ଯେ ପର୍ଯ୍ୟନ୍ତ ପ୍ରକୃତ ବିବାହ ଏମାନେ ହୋଇ ନଥାନ୍ତି । ଏହି ବିବାହର ସମୟ ସୀମା ନିଜର ପୁଅ ଅଥବା ଝିଅର ବିବାହ ପୂର୍ବଦିନ ପର୍ଯ୍ୟନ୍ତ ହୋଇଥାଏ । ସମୟ କ୍ରମେ ଦାରିଦ୍ର୍ୟ ଯୋଗୁଁ ଦୁଇ ପକ୍ଷର ବୁଝାମଣାରେ ବିବାହ ହୋଇଥାଏ । ଏହି ବିବାହରେ ଜାତିଭାଇଙ୍କ ସ୍ୱୀକୃତି ରହିଥାଏ । ମୃତ୍ୟୁପରେ ମଧ୍ୟ ଦଶାହ କର୍ମକୁ ଦାରିଦ୍ର୍ୟ ଯୋଗୁଁ ଲୋକେ ବର୍ଷ ବର୍ଷ ଧରି ସ୍ଥଗିତ ରଖିପାରନ୍ତି । ଏ କ୍ଷେତ୍ରରେ ଜାତିରୁ ବାସନ୍ଦ ହେବା ସାମାଜିକ ଆଇନରେ ନାହିଁ ।

## ସୁଖବାସୀ

***କୁଁଚି*** - ମହୁଲ, ଚାଁର ଗଛରେ ଫୁଲ ଆସିବାର ପୂର୍ବବର୍ତ୍ତୀ ଅବସ୍ଥାକୁ କୁଁଚି କହନ୍ତି । ଅର୍ଥାତ୍ କଢ଼ ଅବସ୍ଥା ।

***କୁଚିଆ*** - ନିଜର ସାମାଜିକ କର୍ମ ତୁଲେଇବା ପାଇଁ ସାହୁକାର ନିକଟରୁ ନେଇଥିବା ଶସ୍ୟ, ଟଙ୍କା ଓ ସୁନାକୁ ମୋଟ ହିସାବ କରି ତାକୁ ଶସ୍ୟ ଆକାରରେ ହିସାବ କରାଯାଏ । ମୋଟ ଶସ୍ୟର ବାର୍ଷିକ ଦେଢ଼ଗୁଣ ସୁଧ ଯୋଡ଼ାଯାଏ । ଶ୍ରମ କରି ସମସ୍ତ ଟଙ୍କା ପରିଶୋଧ କରିବାକୁ ପଡ଼େ । ଅନେକ ଉଦାହରଣରୁ ଜଣାପଡ଼େ ଗୋଟିଏ ବାହାଘର ପାଇଁ ନେଇଥିବା ଋଣର କେବଳ ସୁଧ ଜୀବନକାଳ ଭିତରେ ଜଣେ ପରିଶୋଧ କରିପାରେନି । ଯାହାକୁ ତାର ପୁଅ ଶ୍ରମ ପ୍ରତିବଦଳରେ ପରିଶୋଧ କରେ । ଏହି ପ୍ରଥାକୁ କୁଚିଆ କହନ୍ତି ।

## ମୁଁ ବି କହି ଜାଣେ .....

***ଲେର*** - ପରିବା ବଗିଚା । ଏଠାରେ କିଛି ଆବଶ୍ୟକୀୟ ଫଳଗଛ ବି ରହେ । ଘର ଓ ଗୁହାଳ ବି ଥାଏ । ଜମିରେ କାମ କରିବା ବେଳେ ଲେରରେ ଖାଦ୍ୟ ପ୍ରସ୍ତୁତ କରାଯାଏ । ଜମି ପାଖ ବଗିଚାକୁ 'ଲେର' କୁହାଯାଏ । ଦିନବେଳେ ଲେର ଓ ରାତିରେ ଘରେ ରହେ ଚାଷୀ । ବର୍ତ୍ତମାନ ଲେର ସବୁ ଅର୍ଥନୀତିର ଅବକ୍ଷୟ ସାଙ୍ଗକୁ ଧ୍ୱଂସ ହେଲାଣି ।

***ବେଉସା*** - ବ୍ୟବସାୟ

***କନକୀ*** - ଖୁଦକୁ ଛୋଟ ଚାଉଳ । 'ଖୁଦ କନକୀ ଖାଇ ଜୀଉଛେଁ' ଅର୍ଥାତ୍ ଦରିଦ୍ର ।

***ଚେର ମକାର*** - ଧାନଗଛର ଚେର ବି ଶୁଖିଯିବା ସମୟର ମରୁଡ଼ିକୁ ଚେରମକାର କହନ୍ତି ।

Digitized by srujanika@gmail.com

***ମହାଲ*** - ମହୁଲି ।

***ଟେଣ୍ଟା*** - ଟେଣ୍ଟା

***ମଧୁ - ମହି***

***ଅଢ଼ା*** - ଶସ୍ୟମାପକରେ ଏହା ଏକକ

***୪ ଚୁଟି*** - ୧ ଗିଧା

***୪ ଗିଧା*** - ୧ ଅଢ଼ା

***୪ ଅଢ଼ା*** - ୧ ମାନ

***୨୦ ମାନ*** - ୧ ପୁଟି

୧ ଲିଟର ଶସ୍ୟ ଅଢ଼ା ସହ ପ୍ରାୟ ସମାନ ହୁଏ । ତେଣୁ ଲୋକେ ଲିଟରରେ ମଧ ଶସ୍ୟମାପି ବିକ୍ରି କରିଥାନ୍ତି ।

***ଡେଲା*** - ଢୁଆ । ଏହା ବାଉଁଶରେ ତିଆରି ହୋଇଥାଏ ।

***ଗିନି, ଗଳବନ, ଢୁଆମାଳି, କଟରିଆ, ବନ୍ଧରିଆ, ଘୁଙ୍ଗଟି, ପଇଁରା, ଚାଇଁରାମୁଣ୍ଡି*** - ଏସବୁ ସ୍ତ୍ରୀ ଲୋକଙ୍କ ଅଳଙ୍କାର ।

***ବଲା, ବାହାଁପଟ*** - ପୁରୁଷ ଲୋକଙ୍କ ଅଳଙ୍କାର

***ଗୁଡ଼ସି*** - ଛୋଟ ଅସ୍ଥାୟୀ କୁଡ଼ିଆ ।

***ପଥରିଆ*** - ଇଟା ଗଢ଼ିବା ପାଇଁ ଗୋଟିଏ ଦଳ । ଏମାନେ ତିନିଜଣ । ଜଣେ ମାଟି ମାଡ଼ି ଗୋଲ କରିବ । ଜଣେ ସେ ଗୋଲ ମାଟିକୁ ଛାଞ୍ଚରେ ପକେଇ ଇଟା ତିଆରି କରିବ । ଜଣେ ଇଟା ଶୁଖେଇବ ।

***ମୁଁ ବି ଏବେ...***

***ରାମଚନ୍ଦ୍ରଙ୍କ ମାର୍ଚ୍ଚାର କେଶରୀ ରୂପ*** - ନୃସିଂହ ପୁରାଣ ଅନୁସାରେ ଭଗବାନ ରାମଚନ୍ଦ୍ର ନୃସିଂହ ଅବତାର ନେଇଥିଲେ ।

***ଟୁଣାବେରା*** - Pre Maturity Marriage with Mohua tree

***ଏକଶିଆ*** - ଏକୋଇଶିଆ

***ମାଏଲା*** - ଗ୍ରାମ୍ୟଦେବୀ

***ବୋଏଲ*** - ଘର ଘର ଯାଇ ପୂଜାକରିବା ଖାଇବା ।

***ପଥରିଆ*** - ଇଟା ବନାଇବା ଲାଗି ଏକ ଦଳ ।

***ଗୁଡ଼ସୀ*** - ଖଳାର ଅସ୍ଥାୟୀ ଘର / ଇଟାଭାଟିରେ ଅସ୍ଥାୟୀ ଘର ।

❑❑❑

Digitized by srujanika@gmail.com

## ରାଜୀବ ସଗରିଆ

ବଙ୍ଗୋମୁଣ୍ଡା, ବଲାଙ୍ଗିର

ହିନ୍ଦୀ ସାହିତ୍ୟରେ ସ୍ନାତକୋତ୍ତର ସହ ପ୍ରବନ୍ଧ ଓ କବିତା ରଚନାରେ ଥିବା ରୁଚିରୁ ନିଶାରେ ସାମ୍ବାଦିକତାକୁ ପରଖୁଥିବା ବେଳେ ତାହା ପେଶାରେ ପରିଣତ ହୋଇଯାଇଛି ସମୟକ୍ରମରେ। ଦୈନିକ 'ସମ୍ବାଦ'ର ସ୍ଥାନୀୟ ପ୍ରତିନିଧି ଓ ପରେ ପରେ 'ପର୍ଯ୍ୟବେକ୍ଷକ' ଏବଂ ପାକ୍ଷିକ 'ଶତାବ୍ଦୀ'ର ଜିଲ୍ଲା ପ୍ରତିନିଧିଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ପରେ ପରେ 'ମୋକ୍ତା' ଏକ ପାକ୍ଷିକ ପତ୍ରିକାର ସମ୍ପାଦନା ସହ ବର୍ତ୍ତମାନ ଦ୍ୱିଭାଷିକ 'ସ୍ୱାଧୀନ'ର ନିର୍ବାହୀ ସମ୍ପାଦକ ରହିଛନ୍ତି। ନିଜର କର୍ମକୁଶଳତା ଓ ରିପୋର୍ଟିଂ କରିବାର ଉଚ୍ଚକୋଟୀର ଶୈଳୀ ଯୋଗୁଁ ସେ ଲାଭ କରିଛନ୍ତି ଶତାବ୍ଦୀ ସମ୍ମାନ, ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘର କେଜରୀୱାଲ ସମ୍ମାନ । 'ମୁଖାପିନ୍ଧା ମଣିଷ' ଲେଖକଙ୍କର ପ୍ରଥମ ସଙ୍କଳନ।

Digitized by srujanika@gmail.com